
ଜୁଲାଇ ୨୦୨୦



Painting by
Shri Debashis Raut,
Advisor, ROSA,
Riyadh

ISSN NO – 2582-208X

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ସକାଳୁ ସକାଳୁ ପକ୍ଷୀମାନଙ୍କର ଚକରି ମିକରି ଶବ୍ଦରେ ନିଦ ଭାଙ୍ଗିଗଲା । ଝରକାପଟେ ଦେଖିଲି, ଅନ୍ଧାର ଅଛି । ଘଡିକି ଦେଖିଲାବେଳକୁ ସମୟ ଭୋର ୪.୪୫ ମିନଟ । ଏତେ ଜଲଦି ଉଠିବାର ଅଭ୍ୟାସ ନାହିଁ, ଯେବେଠାରୁ ଚାକିରି କଲାଣି । ଉଠିବାକୁ ଇଚ୍ଛା ହେଉନଥିଲା । ଚାଲିଗଲି ଅନେକ ବର୍ଷ ପୂର୍ବକୁ, ମୋର ସେଇ ପୁରୁଣା ଦିନକୁ ଆଉ ଶୋଇ ଶୋଇ ପୁରୁଣା କଥାସବୁ ଭାବିବାକୁ ଲାଗିଲି ।

ସେତେବେଳେ ସ୍କୁଲର ଛୁଟି ହେଲେ ମାମୁଁ ଘରକୁ ଯିବାର ମଜା ଅନେକ ଥାଏ । ଅନେକ ଦିନରୁ ଅପେକ୍ଷା କରିଥାଉ ସେହି ଦିନରୁ । ମାମୁଘରେ ଯାଇ ପୋଖରୀରେ ଖେଳିବା, ନାଲିଆ ଖୋର୍ଦ୍ଧା ଗାମୁଛାରେ ଗଡିଆରୁ ଛୋଟ ଛୋଟ ମାଛ ଓ ଚିଙ୍ଗୁଡି ଧରିବା, ଗଛରେ ଚଢି ଆମ୍ବ, ପିଜୁଳି, ଆଉ ଅନେକ ପ୍ରକାରର କୋଳି ଖାଇବା, ମାଛକୁ ପୋଡି ସେଥିରେ ସୋରିଷ ତେଲ ଆଉ ଲୁଣ ପକାଇ ଖାଇବା, ଇତ୍ୟାଦି ଇତ୍ୟାଦି । ଘରେ ରହିବାକୁ ମନ ଲାଗୁ ନଥିଲା, ଆଉ ଦିନସାରା ଏତେ ଥକଯାଉଥିଲୁ ଯେ ରାତି ପ୍ରାୟ ୭ଟା ବେଳେ କଣ ଟିକିଏ ଖାଇଦେଇ ଶେଯରେ ପଡୁ ପଡୁ ନିଦ ଲାଗିଯାଉଥିଲା । ସେତେବେଳେ ଟେଲିଭିଜନ ନଥିଲା ଆଉ ରେଡିଓ ହିଁ ଥିଲା ମନୋରଞ୍ଜନର ଏକମାତ୍ର ସାଧନ । ଦିନେ ଦିନେ ଗାଁରେ ପାଲା, ଘୋଡା ନାଚ ଇତ୍ୟାଦିର ମଜା ନେବା, ଅନେକ ପ୍ରକାର ପର୍ବପର୍ବାଣୀକୁ ଆନନ୍ଦରେ ଉପଭୋଗ କରିବା, ଭାଗବତ ଟୁଙ୍ଗୀରେ ବସି ଭାଗବତ କଥା ଶୁଣିବା, ସନ୍ଧ୍ୟାବେଳେ ମନ୍ଦିରର ଆରତୀ ଦେଖି ପ୍ରସାଦ ସେବନ କରିବା ଲୋଭରେ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବା, ଦୋଳ ପୂର୍ଣ୍ଣିମାରେ ଠାକୁରଙ୍କ ପଛେ ପଛେ ଚାଲି ଘର ଘର ବୁଲିବା, ମନ୍ଦିରରେ ଘଣ୍ଟି ବାଡେଇବା, ଗାଁ ରେ ଯାଇ ମେଳା ବୁଲିବା, ବାହାଘର ଆଉ ବ୍ରତଘର ହେଲେ ଗାଁ ଦାଣ୍ଡରେ ବସି ସମସ୍ତଙ୍କ ସାଙ୍ଗରେ ଭୋଜି ଖାଇବା ଇତ୍ୟାଦି ଇତ୍ୟାଦି । ସକାଳୁ ଉଠି ନିଜ ନିଜର

ନିତ୍ୟକର୍ମ ସାରି ସମସ୍ତଙ୍କ ସାଙ୍ଗରେ ମିଶି ନଦୀକୁ ଯାଇ ଗାଧୋଇବାର ମଜା ଅନେକେ ନିଶ୍ଚୟ ଆଜି ବି ଭାବୁଥିବେ । ରାତିରେ ଦାଣ୍ଡ ପିଣ୍ଡାରେ ବସି ଆକାଶକୁ ଚାହିଁ ତାରା ଗଣିବା ଆଉ ଗୁରୁଜନଙ୍କର ପ୍ରତିଟି ତାରା ର ନାମ ଏବଂ ତାର ବିଶେଷତ୍ୱ ବିଷୟରେ କହିବା ଏବେ ବି ମନେଅଛି ।

କିନ୍ତୁ ସେ ଦିନ କଣ ଆଉ ଅଛି । ଯେବେଠାରୁ ମଣିଷ ସହରାଭିମୁଖୀ ହେଲାଣି, ପାଠ ଆଉ ଚାକିରୀର ପ୍ରତିଯୋଗୀତାର ଭିତରେ ଫସିଗଲାଣି, ସେବଠାରୁ ଗାଁ, ପରିବାର, ବନ୍ଧୁ-ବାନ୍ଧବ, ପ୍ରକୃତି ଆଉ ନିଜପ୍ରତି କିଛି ସମୟ ଦେବା ସେ ପୁରାପୁରି ଭୁଲିଗଲାଣି । ଅବଶ୍ୟ ଏଥିରେ ତାର କିଛି ଦୋଷ ନାହିଁ, କାରଣ ଆଜିର ଦୁନିଆରେ ପ୍ରଗତିର ପଥରୁ ଯିଏ ପଥଭ୍ରଷ୍ଟ ହେଲା, ତାର ମୂଲ୍ୟ ଆମର ସମାଜରେ ବହୁତ କମ ।  ମନୁଷ୍ୟ ଜାତି ଏବେ ପ୍ରଗତି ପରେ ପ୍ରଗତି କରି ଚାଲିଛି କିନ୍ତୁ ଜଳାଞ୍ଜଳି ଦେଇଚାଲିଛି ପ୍ରକୃତିକୁ । ଗଛ ପରେ ଗଛ କାଟି ଜଙ୍ଗଲ ସଫା ହୋଇଗଲାଣି କେତେବେଳେ ପ୍ରଗତୀ ନାମରେ, ନଦୀ ପ୍ରଦୂଷିତ ହୋଇ ସାରିଲାଣି, ନଦୀ ନାଳ ପୋତି ହୋଇ ଆସିଲାଣି, ଜଙ୍ଗଲ ଭରା ପାହାଡ ଆଜି ଆଉ ସବୁଜ ଦିଶୁନି, ସହରର ପାଣି ଓ ପବନ ମଣିଷ ବ୍ୟବହାର କାରିବା ପରି ଆଉ ନାହିଁ ।  କିନ୍ତୁ ଏଥିପ୍ରତି କାହାରି ନଜର ନାହିଁ ।

ବହୁତ ବର୍ଷ ପରେ ମନୁଷ୍ୟର କାର୍ଯ୍ୟରେ ଆକ୍ରାନ୍ତ ହୋଇ ପ୍ରକୃତି ଧିରେ ଧିରେ ତାର କରାଳ ରୂପ ଦେଖେଇବାରେ ଲାଗିଛି । କେତେବେଳେ ଭୂମିକମ୍ପ ତ କେତେବେଳେ ସୁନାମି ଏବଂ ବିଭିନ୍ନ ପ୍ରକାରର ମହାମାରୀ ଦେଖାଯାଉଛି । ତାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଏବେର "କରୋନା" । ପୃଥିବୀର କୌଣସି ଦେଶ ଏଥିରୁ ବାଦ ଯାଇନାହାନ୍ତି କରୋନାର ସଂକ୍ରମଣରୁ ଏବଂ ମୃତ୍ୟୁ ସଂଖ୍ୟା ୪ ଲକ୍ଷ ଟପିଲାଣି । ବିଜ୍ଞାନ ବଳରେ ନିଜକୁ ଭଗବାନଙ୍କଠାରୁ ଉଚ୍ଚ ଭାବୁଥିବା ମନୁଷ୍ୟର ବୁଦ୍ଧି ଏବେ କାର୍ଯ୍ୟ କରିବା ବନ୍ଦ କରିଦେଇଛି ଆଉ ସମସ୍ତଙ୍କୁ ଡରିମରି ଘର ଭିତରେ ଲୁଚି ବସିବା ପାଇଁ କୁହାଯାଇଛି । କାରଣ ଏହି କରୋନାକୁ ରୋକିବା ପାଇଁ କୌଣସି ଟୀକା କିମ୍ବା ଔଷଧ ଆଜି ପର୍ଯ୍ୟନ୍ତ ବାହାରିନାହିଁ ।

ଆଜିକାଲି ଦେଖିବାକୁ ମିଳୁଛି ଯେ ଯେଉଁ ଗାଁ ରୁ ଗୋଡ କାଢି ସହରରେ ଗୁଲାମୀ କରିବା ଏକ ଆଭିଯ୍ୟାତର କାର୍ଯ୍ୟ ଥିଲା, ଏବେ ସେହି ଆଭିଯ୍ୟାତକୁ ତ୍ୟାଗ କରି ଲୋକେ ଗାଁକୁ ଶାନ୍ତିରେ ରହିବା  ପାଇଁ ଧାଇଁଛନ୍ତି । ପ୍ରକୃତି ଆଜି ଦେଖେଇ ଦେଇଛି ଯେ କେବଳ ମନୁଷ୍ୟ ହିଁ ପୃଥିବୀ ଏବଂ ପ୍ରକୃତିକୁ ଧ୍ୱଂସ କରିଥାଏ । ସାଂପ୍ରତିକ ଲକ୍ ଡାଉନରେ ଅନେକ ନଦୀ

ଆଜି ନିର୍ମଳ ହୋଇପାରିଛି ଏବଂ ପାଣି ପିଇବା ଉପଯୋଗ ହୋଇପାରିଛି ଯାହାକି ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ କରିହେଉ ନଥିଲା । ପୃଥିବୀରୁ ପ୍ରଦୂଷଣର ପରିମାଣ ହ୍ରାସ ପାଇଗ୍ଲାଲିଛି । ଜଙ୍ଗଲରେ ପଶୁପକ୍ଷୀମାନେ ଆରାମରେ ଆଉ ନିଶ୍ଚିନ୍ତରେ ବିଚରଣ କରିପାରୁଛନ୍ତି । ମନୁଷ୍ୟର ଆବଶ୍ୟକତା ଅନେକ ପରିମାଣରେ କମିଯାଇଛି । ପରିବାର ପ୍ରତି ଅନେକ ସମୟ ଦେଇପାରୁଛନ୍ତି । ମନୁଷ୍ୟ ନିରାମିଷ ହେବା ଶିଖୁଛି । ନିଜର ଚଳନ ଶୈଳୀ ଅନେକେ ବଦଳାଇ ସାରିଲେଣି । ଦାମିକା ସୁଟ ବୁଟ୍ ର ଆବଶ୍ୟକ ପଡୁନି । ଅଫିସକୁ ନଯାଇ ଘରେ ବସି ଅନେକ ପ୍ରକାର କାର୍ଯ୍ୟ କରାଯାଇପାରୁଛି । ସପିଙ୍ଗ୍ ମଲ୍ ର ଆବଶ୍ୟକତା ପଡୁନି କିମ୍ବା ରେଷ୍ଟୁରାଣ୍ଟର । ଏବେ ଘରୋଇ ଖାଦ୍ୟ ଭଲଲାଗୁଛି ଆଉ ଅଭ୍ୟାସରେ ପଡିଗଲାଣି ମଧ୍ୟ ।

କୌଣସି ମହାମାରୀ ଅଧିକା ଦିନ ରହିପାରେନି । କାଳକ୍ରମେ ମନୁଷ୍ୟ ତାର ଟୀକା କିମ୍ବା ଔଷଧ ବାହାର କରିପାରେ ଏବଂ କରୋନା ଠାରୁ ମୁକ୍ତ ହେବା ପାଇଁ ସାରା ବିଶ୍ୱ ଏବେ ଏକ ହୋଇଯାଇଛି । ଆଶା ପୃଥିବୀ ବାସୀ ଖୁବ୍ ଶିଘ୍ର ଏଥିରୁ ମୁକ୍ତ ହୋଇପାରିବ । କିନ୍ତୁ କରୋନା ଯେଉଁ ଶିକ୍ଷା ଦେଇଛି ମନୁଷ୍ୟ ଜାତିକୁ ତାହା ଆମକୁ ମନରେ ରଖି ପ୍ରକୃତିକୁ ସାଙ୍ଗରେ ରଖି ଉନ୍ନତି କରିବାକୁ ପଡିବ ଏବଂ ଭାରସାମ୍ୟ ରକ୍ଷା କରିବାକୁ ପଡିବ । ଆଉ ଏହା ହିଁ ହେବ ମନୁଷ୍ୟର ଭବିଷ୍ୟତ ପାଇଁ ଏକ ଅମୂଲ୍ୟ ଉପହାର ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ଅବଶୋଷ | ସୁଲୋଚନା ପଟ୍ଟନାୟକ | ୧୧ |
| କବର | ବିକାଶ କୁମାର ମଲ୍ଲୀକ | ୧୬ |
| କରୋନା ସୁନ୍ଦରୀ | ଶଶଧର ମହାପାତ୍ର | ୧୮ |
| କେମିତି ମନେଇବୁ ତୁମକୁ | ଶାନ୍ତିଲତା ମିଶ୍ର | ୨୦ |
| ଅଭିମାନିନୀ | କାର୍ତ୍ତିକ ପାଣିଗ୍ରାହି | ୨୧ |
| ନିର୍ବାଣ | ବିନୟ ମହାପାତ୍ର | ୨୩ |
| ଦୁଇ ପଟ ରୋଟିର ଭୋକ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୨ |
| ତୋ ପଣତ କାନରେ | ସସ୍ମିତା ପଟ୍ଟନାୟକ | ୩୩ |
| ଅନ୍ଧ ରାତିର କଳାଛାଇ | ବ୍ରଜ ନାରାୟଣ ପାଣିଗ୍ରାହୀ | ୩୫ |
| ନାରୀ | ସାବିତ୍ରୀ ମହାପାତ୍ର | ୩୬ |
| କରୋନା ରଜ | ଡକ୍ଟର ବିଜ୍ଞାନୀ ଦାସ | ୩୮ |
| ରଥ ଯାତ୍ରା | ଡ. ପ୍ରସନ୍ନ କୁମାର ବଳ | ୪୦ |
| ପ୍ରେମ ଶରଧାବାଲି | ଆଶୁତୋଷ ମେହେର | ୪୩ |
| ସବୁରି ପରାଣ ବତୀ | ରାଜକିଶୋର ସାଇଁ | ୪୪ |
| କେହିଜଣେ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୪୫ |
| ଜ୍ଞାନରୁ ହିଁ ସୁଖ ଏବଂ ଅଜ୍ଞାନରୁ ହିଁ ଦୁଃଖ | ବରଦା ପ୍ରସନ୍ନ ଦାସ | ୪୬ |
| ବୋଉ | ଓଜସ୍ୱିନୀ ଶତପଥୀ | ୬୧ |
| ବର୍ଷାର ପ୍ରଥମ ସ୍ପର୍ଶ | ଡ଼ଃ ରଞ୍ଜିତ କୁମାର ସାହୁ | ୬୩ |
| ଚକ୍ରବ୍ୟୁହ | ପ୍ରଦୀପ୍ତ କୁମାର ସାହୁ | ୬୪ |
| କନ୍ୟା-ରତ୍ନ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୬୫ |
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୬୬ |
| କଛି ସାଉଁଟା ବେଳ | ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ | ୭୩ |
| ସେଦିନର ସିଲଟ | ହାସ୍ୟମୟୀ ରାଜ୍ | ୭୪ |
| ମୁଁ ଦାଦନ ଶ୍ରମିକ କହୁଛି | ରଶ୍ମିତା ବେହେରା | ୭୬ |
| ବିକ୍ଷିପ୍ତ ଭାବନା | ଡଃ ପ୍ରତିମା ଉପାଧ୍ୟାୟ | ୭୭ |
| ଅବମାନନା | ସତ୍ୟନାରାୟଣ ମିଶ୍ର | ୭୮ |
| ସାଇକେଲ | ସନାତନ ମହାକୁଡ | ୮୧ |
| ପୃଥ୍ୱୀ ସମ୍ଭାଳ | ଶମ୍ଭୁନାଥ ଦାସ | ୮୨ |

| | | |
|---|---|---|
| ସଂପର୍କ | ପ୍ରତିଭା ଦେବୀ | ୮୩ |
| ଡାଇରୀ ର ପୃଷ୍ଠାରୁ ଚଠି ଟିଏ | ଅମ୍ବିକା ସ୍ୱାଇଁ | ୮୫ |
| ସଲାମ ସୈନିକ | ନନ୍ଦିନୀ ରାଉତ | ୯୫ |
| ପ୍ରକୃତି ରାଣୀ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୯୬ |
| ଅବ୍ୟକ୍ତ ଆବେଗ | ଡ. ମନୋରଞ୍ଜନ ବିଷୋୟୀ | ୯୭ |
| ସୁଖର ସନ୍ଧାନେ | ପ୍ରଶାନ୍ତ କୁମାର ମହାନ୍ତି | ୯୮ |
| ବାଳ ଅପରାଧ ଓ ଆଇନ୍ | ଆପ୍ତକାମ ମିଶ୍ର | ୯୯ |
| କାଠ ଠାକୁର | ନରେନ୍ଦ୍ର ପ୍ରସାଦ ବେହେରା | ୧୦୪ |
| ଜୀବନ ଯୋଉଠି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୦୫ |
| ସଂକୀର୍ଣ୍ଣତା | ଶ୍ରୀକ୍ଷେତ୍ର ସୁନ୍ଦର | ୧୦୬ |
| ବର୍ଷା | ତ୍ରିପତି ପ୍ରଧାନ | ୧୦୭ |
| ରାମଗଡ : ଡାଳମ୍ବ ଫୁଲର ଉପତ୍ୟକା | ପ୍ରିୟବ୍ରତ ପାତ୍ର | ୧୦୮ |
| ଜୀବନ କେତେ ସୁନ୍ଦର | ରବି ଶତପଥୀ | ୧୧୩ |
| ଏକାକାର | ସୁଧାଂଶୁ ଶେଖର ପଟ୍ଟନାୟକ | ୧୧୪ |
| ବାପା | ଡକ୍ଟର ସୁଧାଂଶୁବାଳା ସାହୁ | ୧୧୬ |
| ଗଣେଶ ବନ୍ଦନା | ଫାଲଗୁନ ରଣା | ୧୧୮ |
| ବେଦ ଓ ବେଦ ଯଜ୍ଞ ବିଷୟରେ ସମ୍ୟକ୍ ଧାରଣା | ଇଂ ନଳିନୀକାନ୍ତ ପଟ୍ଟନାୟକ | ୧୧୯ |
| ଆଗାମୀ କାଲି | ପରମାନନ୍ଦ ରାଜହଂସ | ୧୨୨ |
| ରଙ୍ଗୀନ୍ ଆଲୁଅ | ପ୍ରୀୟଙ୍କା ମାଝି | ୧୨୩ |
| କରୋନା | ଅହଲ୍ୟା ଦାସ | ୧୨୪ |
| ଅକୁହା କଥା | ଝିଲମିଲ ସାହୁ | ୧୨୫ |
| ବନ୍ଧୁ ମିଳନ | ସୁବଳ ମହାପାତ୍ର | ୧୨୬ |
| ବାପା | ଭଜରାମ ସେଠୀ | ୧୩୧ |
| ଲୋଡ଼ା ଯାହା ଜୀବନରେ | ନବ କୁମାର ଦାସ | ୧୩୨ |
| ମୋର | ସୁବାସ ଚନ୍ଦ୍ର ମୁଦୁଲି | ୧୩୩ |
| ନୀରବ ଈଶ୍ୱର | ସୁଷମା ପରିଜା | ୧୩୪ |
| ପ୍ରତୀକ୍ଷା | କୁମୁଦିନୀ ବେହେ | ୧୩୯ |
| ବର୍ଷାକୁ | ସତ୍ୟବ୍ରତ ସାହୁ | ୧୪୦ |
| ଆମ ଗାଁ | ବାସନ୍ତୀ ଲତା ଜେନା | ୧୪୧ |

| | | |
|---|---|---|
| ସ୍ମୃତି ଚହ୍ନ | ଆରତୀ ସାହୁ (ଆଶା) | ୧୪୩ |
| ଗାଆଁ ଆରପାଖ ଫିକା ପଡ଼ିଗଲା ରଜ ମଉଜ | ପୂର୍ଣ୍ଣଚନ୍ଦ୍ର ରଣା | ୧୫୨ |
| ଆଶା | ସଂଯୁକ୍ତା ମହାପାତ୍ର | ୧୫୩ |
| ପୁନରପି | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୫୪ |
| ପାଠୁଆ ଗୃଷୀପୁଅ | କାଳକଙ୍କର ଦାସ | ୧୫୫ |
| ପୁଣ୍ୟ ଅରଜିଛି କେତେ | ତପନ କୁମାର ସ୍ୱାଇଁ | ୧୬୨ |
| ଗାନ୍ଧୀଙ୍କର ଏଇ ଦେଶରେ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୬୩ |
| ଜୀବନଶୈଳୀର ମାର୍ଗ | ବେଣୁଧର ସୁରୁଜାଲ | ୧୬୪ |
| ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା | କୀର୍ତ୍ତି ଦେବୀ | ୧୬୬ |
| ଜୀବନ ଏମିତି | କମଳ ଲୋଚନ ମଲ୍ଲିକ | ୧୬୯ |
| ମୃତ୍ୟୁର କୋଳେ ଗରିବ | ମୋନାଲିସା ପାଣି | ୧୭୦ |
| ବର୍ଷା | ନବୀନ କୁମାର ପଧାନ | ୧୭୧ |
| ଅନମାର ପ୍ରଥମ ସାବିତ୍ରୀ ବ୍ରତ | ଅନ୍ନପୂର୍ଣ୍ଣା ଦାସ | ୧୭୨ |
| ସ୍ୱପ୍ନ ବନାମ ବାସ୍ତବତା | ଗଜେନ୍ଦ୍ର କୁମାର ସାହୁ | ୧୭୪ |
| ଭିନ୍ନକ୍ଷମ | ଗମ ଚନ୍ଦ୍ର ପ୍ରଧାନ | ୧୭୫ |
| ଜୀବନର ପଥେ ସ୍ୱପ୍ନର ସାଥେ | ନନ୍ଦିନୀ | ୧୭୬ |
| ମୋ ବିକଳ୍ପ ତ ମହାସଙ୍କଟ | ପଙ୍କଜିନ ଭୋଇ | ୧୭୮ |
| ନୀରବ ଯନ୍ତ୍ରଣା | ପ୍ରଦୀପ୍ତ କୁମାର ସାହୁ | ୧୭୯ |
| ଦାଦନ ର ଦୁଃଖ | ପ୍ରଣତି ପାଣଗ୍ରାହୀ | ୧୮୦ |
| ସବୁଜ ସୁନା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୧ |
| ହୋଲି ତୁ ରଙ୍ଗେଇଦେ ଥରେ | ନବକିଶୋର ଦୀପ | ୧୮୬ |
| ବିପ୍ଲବର ସ୍ୱର | ଅଶ୍ୱିନୀ କୁମାର | ୧୮୮ |
| ସମ୍ପର୍କ | ସଙ୍ଗୀତା ମହାନ୍ତି | ୧୯୦ |
| ବୃହନ୍ନଳାର ଅଭିସାର | ଡ. ସଂଘମିତ୍ରା ଭଞ୍ଜ | ୧୯୧ |
| ଏମିତି ନଜର କଲ | ବୈଦ୍ୟନାଥ ପଣ୍ଡା | ୨୦୦ |
| ମହାଜନ | ଅଲେଖ ମେହେର | ୨୦୧ |
| ମୁକସାକ୍ଷୀ | ନରଞ୍ଜନ ସାହୁ | ୨୦୨ |
| ଅଶୁଭ ଘର | ସୌଭାଗ୍ୟ ଗିରି | ୨୦୩ |

| | | |
|---|---|---|
| ଜୀବନ | ଭାରତୀ ସାହୁ | ୨୦୭ |
| ନଶୀଥେ ନଳନୀ | ଲକ୍ଷ୍ମଣ ମହାନ୍ତି | ୨୦୮ |
| କରି କରାଉ ଥାଉ ତୁହି | ପୁଷ୍ପଲତା ବେହେରା | ୨୦୯ |
| ଆମେ କେଉଁ ମାର୍ଗରେ ଯିବା? | ବାଲ୍ମୀକ ନାୟକ | ୨୧୧ |
| କେମିତି ବଞ୍ଚିବୁ | ମହେଶ୍ୱର ସାହୁ | ୨୧୫ |
| ହୁଅ ନାହିଁ ତୁମେ ପୁସ୍ତକ କୀଟ | ଦିନବଂଧୁ ବେଜ | ୨୧୬ |
| ମମତା | ସୌମ୍ୟ ରଞ୍ଜନ ପାଲ | ୨୧୭ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୨୧୮ |
| ବିଜେ ନନ୍ଦିଘୋଷ ରଥେ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | 228 |
| ପ୍ରବାସୀ | ଅନଙ୍ଗ ମଞ୍ଜରୀ | ୨୨୯ |
| ସ୍ୱାର୍ଥପର ମଣିଷ | ନିବେଦିତା ମହାପାତ୍ର | ୨୩୦ |
| କାଳିଆ ଠାକୁର | କେଶରୀ ପ୍ରସାଦ ମହାନ୍ତି | ୨୩୧ |
| ନର୍ସ ଲୋପାମୁଦ୍ରା | ମନୋଜ କୁମାର ବେହେରା | ୨୩୨ |
| ଅଧୁରା ପ୍ରେମ | ଶିବରାମ ଦଳେଇ | ୨୩୫ |
| ଭିନ୍ନ ଏକ ସାବିତ୍ରୀ | ଯଜ୍ଞେଜୟ ପଣ୍ଡା | ୨୩୬ |
| ଲୁହ ଆଞ୍ଜୁଳାରେ ଦେଇଦିଅ ମତେ | ତାରାପ୍ରସାଦ ଜେନା | ୨୩୭ |
| କରୋନା ଓ ମାଂସାହାର | ଦୋଳଗୋବିନ୍ଦ ପଣ୍ଡା | ୨୩୮ |
| ଆହେ ସର୍ବନାମ | ଡ. ଗୋବିନ୍ଦ ଚନ୍ଦ୍ର ଦାଶ | ୨୪୧ |
| ଗଣପତି | ଅମରନାଥ ବାରିକ | ୨୪୨ |
| ବାପା | ସତ୍ୟବ୍ରତ ନାୟକ | ୨୪୩ |
| ଅକାମୀ ବାଡି | ଅଶୋକ କୁମାର ପ୍ରଧାନ | ୨୪୨ |
| ଏଇତ ଦୁନିଆଁ | ଆଶୁତୋଷ ଠାକୁର | ୨୪୭ |
| ଯନ୍ତ୍ର ଦାନବ | ଆୟୁଷ୍ମାନ ତ୍ରିପାଠୀ | ୨୪୮ |
| ଘୋଷ ଯାତ୍ରା | ଭବାନୀ ଶଙ୍କର ଗିରି | ୨୫୦ |
| ଛୁଆଟିଏ ଅନ୍ଧବିଶ୍ୱାସୀ କେମିତି ହୁଏ ? | ଶୁଭ୍ରାଂଶୁ ମହାନ୍ତି | ୨୫୨ |
| କଳା କାହ୍ନୁ | ପ୍ରଜ୍ଞାଲୀନ ସାହୁ | ୨୫୬ |
| ଭଉଣୀ | ଚନ୍ଦ୍ରନୟ ସାହୁ | ୨୫୭ |
| ପ୍ରବାସୀ ଶ୍ରମିକର ଦୁଃଖ | ଶ୍ରୀ ଡମ୍ବରୁଧର ବାଗ | ୨୫୯ |

| | | |
|---|---|---|
| ଆସିଛି ରଜ | ଦୀନବନ୍ଧୁ ପୋଇ | ୨୬୦ |
| ହରବର | ସାଇପ୍ରସାଦ ସାହୁ | ୨୬୧ |
| ମନର ମାନଷି ବୋଲି | ଦିଗମ୍ବର ମହାନନ୍ଦ | ୨୬୩ |
| ଉତ୍କଳ ପ୍ରଦେଶ | ଲଲାଟେନ୍ଦୁ ବାରିକ | ୨୬୪ |
| ମା ତାରିଣୀ | ପ୍ରଭାତ ନଳିନୀ ସାହୁ | ୨୬୫ |
| ଦୀନ ବାନ୍ଧବ ହେ | ଅଜୟ କୁମାର ବେହେରା | ୨୬୬ |
| ମା ପାଇଁ ପଦେ | କୃଷ୍ଣଚନ୍ଦ୍ର ମହାପାତ୍ର | ୨୬୭ |
| ମିଳନ | ସିଦ୍ଧେଶ୍ୱର ତ୍ରିପାଠୀ | ୨୬୯ |
| କୁତ୍ସିତ ହେଲାଣି ସମାଜ ସ୍ଥିତି | ସନ୍ତୋଷ ପଟ୍ଟନାୟକ | ୨୭୦ |
| ନିଶବ୍ଦ | ଡିସମ୍ବର ମେହେର | ୨୭୧ |
| ମା | ନେପାଳ କୁମାର ବେହେରା | ୨୭୩ |
| ହେଲୁକ ପଥର | ସୁନନ୍ଦ ତ୍ରିପାଠୀ | ୨୭୪ |
| ଅପେକ୍ଷା | ସମ୍ୟଜିତ ପାତ୍ର | ୨୭୫ |
| ଏ କେମିତିକା ସମ୍ପର୍କ | ରାଜୁ କୁମାର ପାତ୍ର | ୨୭୬ |
| ଚନ୍ଦ୍ରାଲୋକ ର ସାଥୀ | ବିଶ୍ୱଜିତ ଆର୍ଯ୍ୟ | ୨୭୮ |
| ମାଲକାନଗିରି | ବିଶ୍ୱନାଥ ଭୁଏ | ୨୮୦ |
| ହେ ପୁସ୍ତକ | ଗୀତା ରୋହିଦାସ | ୨୮୧ |
| ସଂପର୍କ | ଦୁଷ୍ମନ୍ତ ବେହେରା | ୨୮୨ |
| କରୋନାଠୁ ମୁକ୍ତିଦିଅ | ଗୀତାଞ୍ଜଳି ମହାରଣା | ୨୮୫ |
| ମନେପଡେ ପିଲାଦିନ | ପ୍ରିୟବ୍ରତ କର | ୨୮୬ |
| ନାରୀ | ମମିତା ଦେହୁରୀ | ୨୮୭ |
| ଅଜଣା ମଣିଷ | ରାଜେଶ କୁମାର ବାରିକ | ୨୮୮ |
| ସାଜିଲ ଗୋ କଳଙ୍କିନୀ | ପ୍ରଶାନ୍ତ କୁମାର ପଧାନ | ୨୯୦ |
| ପ୍ରୀତିର ସୌଦାଗର | ପ୍ରମୋଦ କୁମାର ସାହୁ | ୨୯୧ |
| ସେ ଦିନ୍ ଆସତା କେଁ ଫିରି | ଜ୍ୟୋତିରାଦିତ୍ୟ ପୁଝାରୀ | ୨୯୨ |
| ନିର୍ଲଜ | ଗୁପ୍ତେଶ୍ୱର ନନ୍ଦ | ୨୯୩ |
| ନାରୀ ଏକ ପ୍ରଶ୍ନ | ଅଜିତ କୁମାର ଭୋଇ | ୨୯୪ |
| ଶ୍ରୀମଦ୍ ଭଗବତ୍ ଗୀତାର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୯୫ |

| | | |
|---|---|---|
| ଲାଗୁଥିବୁ ତୁଇ ନୁରା | ଯୁବରାଜ କୁଦେଇ | ୨୯୭ |
| ଅଗଲା ଚଟୁ | ଶ୍ରୀ ସହଦେବ ଧରୁଆ | ୨୯୮ |
| ବର୍ଷା ରାନୀ | ହେମକାନ୍ତ ସାହୁ | ୨୯୯ |
| ଆସାଢ୍ | ଭରତ ଧରୁଆ | ୩୦୦ |
| ଜୀବନ ରା ଚଲା ବାଟ | ରମଣ ଦୁରିଆ | ୩୦୧ |
| ମାଁ କେ ଦାଦନ ର ଚଠି | ହିମାଂଶୁ ଶେଖର କୁମ୍ଭାର | ୩୦୨ |


## ଶିଶୁ ବିଭାଗ


| | | |
|---|---|---|
| ବେଙ୍ଗର ଛତା ବେଙ୍ଗୁଲିର ଛତା | ଡ଼ଃ ରଞ୍ଜିତ କୁମାର ସାହୁ | ୩୦୪ |
| ଭାରି ଲୋଭି | ଅଙ୍କିତା ପାଢ଼ୀ | ୩୦୯ |
| କୁନ ମହୁମାଛିର କାହାଣୀ | ନୀଳମାଧବ ସାହୁ | ୩୧୫ |
| ଗଛ ଲଗାଇବା ଆସରେ | ଶରତ ଚନ୍ଦ୍ର ଜାଲି | ୩୧୯ |
| ପରଜାପତି | ସରୋଜ ସାହୁ | ୩୨୦ |
| ଚଳନ୍ତି ପ୍ରତିମା | ନୂତନ କୁମାର ବେହେରା | ୩୨୧ |
| ଅଭ୍ୟାସ ଓ ବିଶ୍ୱାସ | ତପନ କୁମାର ଦାଶ | ୩୨୨ |
| ଶିଶୁ ସଙ୍ଗୀତ | ଅମରନାଥ ବାରିକ | ୩୨୬ |
| ଉଡ଼ିବ ବିଜୟବାନା | ରାମ ଚନ୍ଦ୍ର ପ୍ରଧାନ | ୩୨୭ |
| ବାଲ୍ୟକାଳ | ଗୁପ୍ତେଶ୍ୱର ନନ୍ଦ | ୩୨୮ |
| କରୋନାକୁ କର-ନା | ପୁଷ୍ପଲତା ବେହେରା | ୩୨୯ |
| ବରଷା କଥା | ସତ୍ୟବ୍ରତ ସାହୁ | ୩୩୧ |
| ଚନ୍ଦ | ରିୟାନ୍ସ ପଣ୍ଡା | ୩୨୬ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୩୩୨ |
| ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୩୫ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୩୩୬ |

# ଅବଶୋଷ



ସୁଲୋଚନା ପଟ୍ଟନାୟକ

ଫଗୁଣର ରଙ୍ଗ ନେଇ ବସନ୍ତ ଆସିଛି । ବାସନ୍ତି ଆକାଶର ନୀଳ ଦେଖି ପକ୍ଷୀମାନେ ବୋଧେ ଖୁସି ଅଛନ୍ତି । ଛୋଟ ଡେଣା ମେଲି ସେମାନେ ଉଡିବାରେ ଲାଗିଛନ୍ତି । ଛୋଟ ଡେଣାରେ ଉଡି ଉଡି ଆକାଶ ପରିକ୍ରମା କରୁଛନ୍ତି । ଏତେ ଛୋଟ ପକ୍ଷୀଟିଏ ଏତେ ଉଚ୍ଚରୁ କରେଖି ଦେଖୁଛି ଧରାକୁ । ଦୂରରୁ ଧରା ମନେ ହେଉଛି ଛୋଟିଆ ଗୋଲାକାର ବସ୍ତୁଟିଏ ପରି । କେଉଁଠି ଗୁଣ୍ଡୁଚ ମୂଷାଟିଏ ଦୌଡିବାରେ ଲାଗିଛି । ଗଛରେ ଚଢି ବାର ବାର ଉପର ତଳ ହେଉଛି । ସତେ ଯେମିତି ତାର ଗଛ ଉପରେ କାମ ଅଛି । ଛୋଟ ହେଉ ବା ବଡ ହେଉ ଗଛ ଉପରେ ଚଢିଲା ପରେ ମନେ ହେଉଛି ସବୁ କିଛି ସିଏ କରି ପାରିବ । ଗଛରୁ ତଳକୁ ଅନାଇ ତା'ର ଖାଇବା ଦେଖିବ, ଗଛର ଉପର ଡାଳରେ ବସି ମନେ ମନେ ଭାବି ଗର୍ବ କରି କହିବ, "ଏତିକ ଟିକଏ ମୂଷା ମୁଁ, କେତେ ଉପରକୁ ଚଢି ପାରୁଛି ! " ।

ନୀଳକଣ୍ଠ ମିଶ୍ର ଘର ବାରଠାରେ ପଡିଥିବା ପ୍ଲାଷ୍ଟିକ୍ ଚଉକରେ ବସି ଗୁଣ୍ଡୁଚ ମୂଷାକୁ ଲକ୍ଷ୍ୟ କରୁଛନ୍ତି । ବାହାରେ ଉଡୁଥିବା ପକ୍ଷୀମାନେ ଏପଟ ସେପଟ ହେବା ଦେଖୁଛନ୍ତି । ଲୁଗା ଶୁଖିବାକୁ ଟଙ୍ଗା ହୋଇଥିବା ତାରରେ ମଝିରେ ମଝିରେ ବସି ପକ୍ଷୀମାନେ ପୁଣି ତଳକୁ ଯାଇ କ'ଣ ଖାଉଛନ୍ତି ସେକଥା ଭାବୁଛନ୍ତି । ସତେ ଯେମିତି ସେଠି କିଏ ତାଙ୍କର ଖାଇବା ବୁଣି ଦେଇଛି । ଟିକଏ ଟିକଏ କରି ସେମାନେ ତଳୁ କ'ଣ ଖାଉଛନ୍ତି କେଜାଣି ? ଏ ସବୁ ଭିତରେ ଆଗାମି ଅବସର ଜୀବନ କଥା ତାଙ୍କ ମନକୁ ବେଶୀ ଆସି ଯାଉଛି, କଅଣ କରିବେ ଭାବୁଛନ୍ତି ନୀଳକଣ୍ଠ । ବେଳେ ବେଳେ କରୋନା ଭୂତାଣୁର ନୂଆ ପରିସ୍ଥିତି ନେଇ ମନ ଚନ୍ତାଗ୍ରସ୍ତ ହୋଇଯାଉଛି । କେତେବେଳେ ସରକାର ଏ ଗୃହବନ୍ଦୀ ପରିସ୍ଥିତିରୁ ସମସ୍ତଙ୍କୁ ଉଦ୍ଧାର କରିବେ ସେଇ ସରକାର ହିଁ ଜାଣନ୍ତି । ଆଛା ଏ ଭୂତାଣୁ ଆସିଲା ସମସ୍ତଙ୍କୁ ମହା ଅଡୁଆରେ ପକାଇଦେଲା । କେହି କାହାକୁ ସାହାଯ୍ୟ କରିବାକୁ ଚାହିଁଲେ ବି କରି ପାରୁ ନାହାନ୍ତି । ନୀଳକଣ୍ଠ ପାଖ ଘରେ ରହୁଥିବା ପଡୋଶୀଙ୍କୁ ଛଅ ସପ୍ତାହ ହେଲା ଦେଖି ନାହାନ୍ତି । ଇଚ୍ଛା ହେଉଛି ତାଙ୍କୁ ଯାଇ ଦେଖି ଆସିବେ, କିନ୍ତୁ ଡର ଲାଗୁଛି । କାହାର

କେଉଁ ଅବସ୍ଥା କଏ କହିବ ? ତେଣୁ ବରଂ ଫୋନରେ ଦୁଇ ପଦ କଥା ହୋଇଗଲେ ଭଲ । ଘର ସାମନାରେ ରହୁଥିବା କେଶବ ବାବୁ କହୁଥିଲେ, ତାଙ୍କୁ ଏ ଗୃହବନ୍ଦୀ ଅବସ୍ଥା ଭଲ ଲାଗୁ ନାହିଁ, ଯଦିଓ ସିଏ ପ୍ରାୟତଃ ବିଶେଷ କାହା ସହ ଦରକାର ନ ପଡିଲେ କଥା କୁହନ୍ତି ନାହିଁ । କେଶବ ବାବୁ କହୁଥିଲେ କେତେ ବା ଘରେ ବସି ଟିଭି ଦେଖିବେ ? ସେମାନେ ତ ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ, ତାଙ୍କର ପିଲାମାନେ ବାଙ୍ଗାଲୋରରେ ରୁହନ୍ତି । ପୁଅ ବୋହୁ ଆଉ ଝିଅ ସମସ୍ତେ ଆଇ.ଟି ରେ କାମ କରନ୍ତି । ଅନ୍ୟ ବେଳ ହୋଇଥିଲେ, ସିଏ ଯାଇ ପିଲା ପାଖେ ବୁଲି ଆସନ୍ତେ । ତା' ବି ହୋଇପାରିବନି । ବସ୍, ଟ୍ରେନ୍, ଉଡାଜାହଜ ସବୁ ବାତିଲ୍ ଅଛି ବର୍ତ୍ତମାନ । ଆତଯାତର ସମସ୍ତ ବ୍ୟବସ୍ଥା ବନ୍ଦ । ତେଣୁ ଟିଭି ଦେଖିବା ଛଡା ଆଉ କଛି ଉପାୟ ନାହିଁ । ସେଦିନ ନଉଜ୍ କହୁଥିଲା, ନଉ ଜର୍ସିର ଜଣେ ଓଡିଆ ମହିଳାଙ୍କର ଏଇ ଭୂତାଣୁ ଜନତ ରୋଗରେ ଦେହାନ୍ତ ହୋଇଛି । ବିଶେଷ ବୟ ହୋଇ ନଥିଲା ସେ ଭଦ୍ର ମହିଳାଙ୍କର । କୁଆଡେ ତାଙ୍କ ସ୍ୱାମୀ ମଧ ଆସିପାରି ନ ଥିଲେ ତାଙ୍କ ଶେଷ ଦେଖା କରିବାକୁ । ଡାକ୍ତରଖାନାରୁ ସିଧା ଶେଷକୃତ୍ୟ ହୋଇଯାଇଥିଲା । କ ଅବସ୍ଥା ହେଲା ଏ ଦେଶର ! କଏ ଭାବିଥିଲା, ଏ ଭଳ ଦିନ ଆସିବ, ପୂରା ଦେଶ ବନ୍ଦ ହୋଇଯିବ ! କଏ କୁଆଡେ ଯିବା ଆସିବା କରି ପାରିବେ ନାହିଁ ! ନୀଳକଣ୍ଠ ଏସବୁ ଅଚନ୍ତା କଥା ଚନ୍ତା କରି ଲାଭ ନାହିଁ ଭାବି ବାହାରେ ଟିକଏ ବୁଲି ଆସିବାକୁ ବାହାରିଲେ । ଅନେକ ଦିନ ପରେ ସାଇକେଲରେ ଦୁଇ ଘେରା ବୁଲି ଆସିଲେ ଭାଲ ଲାଗିବ ହୁଏତ ! ସାଇକେଲ୍ ଧରି ବାହାରିଲା ବେଳକୁ ମନ କହିଲା, ନୀଳକଣ୍ଠ ସଚେତନ ରୁହ । ଏ ନୂଆ ରୋଗ, ନୂଆ ଭୂତାଣୁ ବିଷୟରେ ଜଣା ନାହିଁ ତୁମକୁ । ଜଗିରଖି ଚଳ । ଯଦି ବାହାରକୁ ଯିବାର ବିଶେଷ ଆବଶ୍ୟକତା ନାହିଁ, ଯିବାର ପ୍ରୟୋଜନ ମଧ ନ ହେବା ଉଚତ ।

ନୀଳକଣ୍ଠ ମିଶ୍ର ଶୁଣିବା ଲୋକ ନୁହନ୍ତି । ଯାହା ଇଛା ହୋଇଥିବ ତାହାହିଁ କରିବେ । କଏ କ'ଣ କହିଲା, କଏ କ'ଣ ଭାବିଲା, ସେଥିରେ ତାଙ୍କର ଯାଏ ଆସେ ନ ଥାଏ । ତେଣୁ ଅଧଘଣ୍ଟା ଯାଇ ସିଏ ବୁଲି ଆସି ବସିଗଲେ ସେଇ ବାରଣ୍ଡାରେ ପଡିଥିବା ଚଉକ ଉପରେ । ଟିକଏ ହାଲିଆ ଲାଗୁଥିଲା । ହାଲିଆ ମାରିବେ କ'ଣ, ମନ କହିଲା ପୁଅ ବୋହୁଙ୍କ ସଙ୍ଗେ ଦୁଇ ପଦ କଥା ହେବେ । ଆଜିକାଲି ଏ ଟେକ୍ନୋଲୋଜି ଯୁଗରେ ତା' ମଧ ସହଜ । ଏବେ ସହଜରେ ଭିଡିଓ ଗ୍ଲଟ୍ କରି ହେଉଛି । ଭଲ କଥା ହେଲା, ସେଥିପାଇଁ ପଇସା ମଧ ପଡୁନ । ପୃଥିବୀଟା ସଙ୍କୁଚତ ହୋଇଯାଇଛି । ସେଇ ସୁବିଧାର ପ୍ରୟୋଗ କରିବେ କହି ବସି ରହିଲେ ଗ୍ଲରି ପାଞ୍ଚ ମିନଟ୍ । ଫୋନ୍‌ଟା ବାଜି ବାଜି ବନ୍ଦ ହୋଇଗଲା । ବୋଧହୁଏ

ପୁଅର କଥା କହିବାକୁ ଇଛା ନାହିଁ । ବିଳବିଳ ହୋଇ ମନକୁ ମନ କହିଲେ, "ଭଗବାନ୍ ତାଙ୍କର ମଙ୍ଗଳ କରନ୍ତୁ, କଥା ନ କହିଲେ ନାହିଁ, ଭଲରେ ଥାଆନ୍ତୁ ସମସ୍ତେ" । ମନର ଦୁଃଖ ମନରେ ରଖି ବସି ରହିଲେ କିଛି ସମୟ । ସ୍ତ୍ରୀ ମନୋରମା କେତେବେଳେ ଆସି ପାଖରେ ଛିଡା ହେବାର ସିଏ ଜାଣି ପାରି ନାହାନ୍ତି । ସିଏ କିଛି କହିବା ପୂର୍ବରୁ ନୀଳକଣ୍ଠ କହିଲେ, "ମନୋରମା, ଚାହା କପେ ଦେବ" ? ମନୋରମା ଉଚ୍ଚ ଗଳାରେ କହିଲେ, "ଧନ୍ୟ ତୁମକୁ, ଏ ଖରାବେଳେ କିଏ ଚାହା ପିଏ ? ନୀଳକଣ୍ଠ ନରମ ସ୍ୱରରେ କହିଲେ, "ହୁଏତ କେହି ଏତେବେଳେ ଚାହା ପିଅନ୍ତି ନାହିଁ, ମୋର କିନ୍ତୁ ମନ କହୁଛି ଅଧା କପେ ଚାହା ଦରକାର" । ମନୋରମା ବିରକ୍ତିରେ ଗୁଣୁ ଗୁଣୁ ହୋଇ ଚାଲିଗଲେ । ନୀଳକଣ୍ଠ ଚିନ୍ତା କଲେ, ଚାହା କପେ କରିବା ପାଇଁ କେତେ ବା ସମୟ ଲାଗିବ ? କେତେ ବା କଷ୍ଟ ହେବ ? ବଡ ପାଟିରେ ଡାକ ମନୋରମାଙ୍କୁ ଦୁଇ କପ୍ ଚାହା ଆଣିବାକୁ କହିଲେ । ରାଗରେ କିଛି କହିଲେନ ମନୋରମା । ଭାବିଲେ, ଦୁଇ କପ୍ ଚାହା କାହାପାଇଁ ? ରାସ୍ତାରୁ ବୋଧେ କାହାକୁ ଡାକ ଆଣିଛନ୍ତି ନୀଳକଣ୍ଠ ! ସେଇଟା ତାଙ୍କର ଅଭ୍ୟାସ । କଅଣ କାହିଁକର କଇଫୟତ ଦେବାକୁ ତାଙ୍କର ଆବଶ୍ୟକତା ପଡିବନ । ଅନ୍ତତଃ ସେକଥା ସିଏ ଭାବନ୍ତି, ଭାବି ଆସିଛନ୍ତି। ତେବେ ଦୁଇ କପ୍ ଚାହା ଦରକାର ବୋଲି ଡାକଛନ୍ତି ଯେତେବେଳେ, ନରହରିକୁ କହି ଦୁଇ କପ୍ ଚାହା ଆଣିବାକୁ ବରାଦ ଦେଲେ । ପାଞ୍ଚ ମିନଟ୍ ଭିତରେ ଚାହା ଧରି ଗଲା ବେଳକୁ ଦେଖିଲେ, ନୀଳକଣ୍ଠ ଏକୁଟିଆ ବସିଛନ୍ତି । ତାଙ୍କୁ ଦେଖି ମନେ ହେଲା ସିଏ ଯେମିତି ଖୁବ ଚିନ୍ତାଗ୍ରସ୍ତ । ମନୋରମା ଚାହା ଦୁଇ କପ୍‌କୁ ପାଖ ଟେବୁଲ ଉପରେ ରଖିଦେଲେ ଓ ପଚାରିଲେ, "କାହା ପାଇଁ ଆଉ କପେ ଚାହା ମାଗିଲ ?' ନୀଳକଣ୍ଠ ତାଙ୍କ ମୁହଁକୁ ନ ଚାହିଁ କହିଲେ, "ବସ, ତୁମ ସହ ପଦେ କଥା ହେବା ପାଇଁ ଡାକଲି' । ମନୋରମା ସାମାନ୍ୟ ହସିଲେ । କହିଲେ, "କ'ଣ ହେଲା, କ'ଣ ପାଇଁ ଡାକଲ ?' ମୋର କ'ଣ ସମୟ ଅଛି ଖାଲିରେ ତୁମ ପାଖେ ବସିବା ପାଇଁ " ? ନୀଳକଣ୍ଠ ମନୋରମାଙ୍କ ହାତ ଟାଣି ଆଣି ବସାଇଲେ । ମନୋରମା ସ୍ୱାମୀ କ'ଣ କହିବେ ଅପେକ୍ଷାରେ ବସି ରହିଲେ । ବିରକ୍ତି ପ୍ରକାଶ କରିବାକୁ ଇଛା ଥିଲେ ମଧ୍ୟ ଚୁପ ହୋଇ ରହିଲେ । କ'ଣ ବା କହିବେ ? କହିଲେ ବା କ'ଣ ହେବ ? କିନ୍ତୁ ବସିଗଲେ କିଛି ସମୟ ପାଇଁ । ଚାରି ପାଖକୁ ଅନାଇଲେ। ଦେଖିଲେ ତାଙ୍କର ଛୋଟ ବଗିଚାକୁ । ଗୋଟିଏ ପାଖକୁ ସିଏ ବିଭିନ୍ନ ଫୁଲ ଗଛ ଲଗାଇଛନ୍ତି । ଠାକୁରଙ୍କୁ ଦେବା ଲାଗି ଫୁଲ କିଛି ମିଳଯାଏ ବଗିଚାରୁ । ସାମନା ପାଚେରୀର ବାଁ କଡରେ ରହିଛି ଟଗର ଗଛଟିଏ । ଡାହାଣ କଡକୁ ତରାଟ ଗଛଟି । ଟଗର ପାଖକୁ

ରହିଛି ହଳଦିଆ କନିଅର ଗଛ । ଝିଅ କଲେଜରେ ପଢିଲା ବେଳେ କେଉଁଠୁ କେଜାଣି ଦୁଇଟି ହଳଦିଆ ଓ ଧଳା କନିଅର ଗଛ ଆଣି ଲଗାଇଥିଲା । ଧଳା କନିଅର କଛି ଦିନ ଫୁଲ ଫୁଟିଲା ପରେ କାହିଁକି କେଜାଣି ମରିଗଲା । ବୋଉ ଅନେକ ମନ ଖରାପ କରିଥିଲା । ଝିଅର କିନ୍ତୁ କେଉଁଥିରେ କଛି ଯାଏ ଆସେ ନ ଥିଲା । ଏବେ ମଣିଷ ଉଚ୍ଚ ହୋଇଗଲାଣି କନିଅର ଗଛ । ପାଚେରୀ ପାଖରେ ଥିବାରୁ ଲୋକ ବଡି ସକାଳୁ ନଗି ଲଗାଇ ଫୁଲ ତୋଳି ନିଅନ୍ତି । ପର୍ବ ପର୍ବାଣୀ ବେଳେ ଗଛକୁ ଲଣ୍ଡା କରି ଦିଅନ୍ତି । ଫୁଲ ଚୋରୀ କରିବାକୁ କେହି କଛି ଖରାପ ମନେ କରନ୍ତି ନାହିଁ । ନୀଳକଣ୍ଠ ବେଳେ ବେଳେ ଦେଖନ୍ତି, କାହାକୁ କଛି କହନ୍ତି ନାହିଁ । ଠାକୁରଙ୍କ ପାଇଁ ଫୁଲ ନେବାଟା ଚୋରୀରେ ଗଣନ୍ତି ନାହିଁ । ଗଛର କେଉଁ ଅଗରେ ଦିଇଟା ଫୁଲ ସିଏ ଛାଡି ଦିଅନ୍ତି । ସେଇ ଟଗର ତରାଟରେ କାମ ଚଳାଇ ନିଅନ୍ତି। କେତେବେଳେ ଗୋଲାପ ଫୁଲ ଫୁଟିଥିଲେ ମନ ଖୁସିରେ ଦୁଇଟା ନେଇ ଯାଆନ୍ତି ଖୁସିରେ ।

କାମ ଚଳାଇବା କଥାରୁ ଆଜି ମନେ ପଡିଗଲା ପିଲାଦିନ କଥା । ନୀଳକଣ୍ଠ ଆଉ ସୀତକଣ୍ଠ ଦୁଇ ଭାଇ । ବିଧବା ମାଆ ତାଙ୍କୁ ଶାଗ ପଖାଳ ଖୁଆଇ ମଣିଷ କରିଛି । ବର୍ତ୍ତମାନ ସୀତକଣ୍ଠ ଗାଁ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଉ ନୀଳକଣ୍ଠ ସରକାରୀ ଡାକ୍ତରଖାନାରେ କରାଣୀ କାମ କରନ୍ତି । ଅଳ୍ପ ଦରମାରେ ଚଳବା ମୁସ୍କିଲ । ସେଇଥିରେ କାମ ଚଳାଇବା କଥା । ଭାଇକୁ ପିଲାଦିନୁ ସାହାଯ୍ୟ କରି, ମାଆ କଥା ବୁଝି ସିଏ ଏଯାଏ ଟାଣିଟୁଣି ଜୀବନ ଚଳେଇଛନ୍ତି । ଏବେ ଏ ପ୍ରାପ୍ତ ବୟସରେ, ମାଆ ଚାଲିଯିବା ପରେ ଆଉ ଅଧା କାମ କରିବାକୁ ପଡୁନାହିଁ । ବର୍ତ୍ତମାନ କେବଳ ପୁଅ କଥା ଚିନ୍ତା । ଭଗବାନଙ୍କ ଦୟାରୁ, ପୁଅ ଭଲ ଚାକରୀ କରେ, ଭଲ ଦରମା ପାଏ । ହେଲେ ବାପା ମାଆଙ୍କୁ ପଚାରେ ନାହିଁ । ମନୋରମା ଛଟପଟ ହୁଅନ୍ତି । ପୁଅଠାରୁ କଛି ଖବର ନ ପାଇବାର କଛିଦିନ ହୋଇଗଲେ ମନୋରମା ଭାରି ଚନ୍ତିତ ହୋଇଯାଆନ୍ତି । ନୀଳକଣ୍ଠ କିନ୍ତୁ ଏ କଥାକୁ ଆଦେରି ନେଲେଣି । ପୁଅ ବିକାଶ ତାଙ୍କୁ ଡାକେନା ବା ଡାକବାର ଆବଶ୍ୟକତା ମଣେ ନାହିଁ । ପଡୋଶୀ କେଶବ ବାବୁ ସେଦିନ ଭାରି ଗର୍ବରେ କହୁଥିଲେ, ତାଙ୍କ ପୁଅ କିନ୍ତୁ ତାଙ୍କୁ ସବୁଦିନ ଡାକେ । ପଦୁଟିଏ ହେଲେ ବି ମାଆ ସହ କଥା ନହେଲେ ସତେ ଯେମିତି ତାର ଭାତ ହଜମ ହୁଏ ନାହିଁ । ସେଦିନ କଥାରେ କଥାରେ ବିକାଶ କଥା ପଚାରିଲେ କେଶବବାବୁ। ନୀଳକଣ୍ଠଙ୍କ ସତ କହିବାକୁ ପାଟି ରୁଦ୍ଧ ହୋଇଗଲା ପରି ମନେ ହେଲା । କହିଲେ, "ହଁ ପୁଅ ସ୍କାଇପ୍ ରେ ଡାକେ" । ସେଇଥିରେ ସିଏ ତାଙ୍କ ନାତିନାତୁଣୀଙ୍କୁ ଦେଖିଥାନ୍ତି । ଆଜିକାଲି ଯୁଗରେ ଏ ସବୁ କଂପ୍ୟୁଟର ଯୋଗୁ ସମ୍ଭବ ହୋଇ ପାରୁଛି ।

ଫୋନ ପରି ଖାଲି କଥା ହେବା ସାଙ୍ଗକୁ ବିନା ପଇସାରେ ମଣିଷକୁ ଦେଖି ବି ହୋଇପାରୁଛି। ପୁଅ ସହ ଯୋଗାଯୋଗ ପାଇଁ ସିଏ କଂପ୍ୟୁଟରଟିଏ କଣିବାର ଆବଶ୍ୟକତା ବିଶେଷ ଜରୁରୀ ମନେ କରିଥିଲେ । ଖର୍ଚ୍ଚ ଟିକଏ ହେଲା ସିନା, ଅନେକ ସୁବିଧା ହୋଇଗଲା । ବେଳେ ବେଳେ ଦିନସାରା କଂପ୍ୟୁଟର ଅନ୍ ରଖିଥାଆନ୍ତି କାଳେ ପୁଅ ଡାକିବ ବୋଲି ! କିନ୍ତୁ ଦିନ ଯାଇ ରାତି ହୁଏ ହେଲେ ଡାକ ଆସେନା । ତଥାପି ମାଆ ବାପା ମନ ନେଇ ଭାବନ୍ତି, ଏ ବୁଢା ବୟସରେ ଯିବା ଆସିବା ନ ହୋଇପାରିଲେ, ଏ ପରି ଦେଖା ଚାହାଁର ନୂଆ ପଦ୍ଧତି ଭାରି ଭଲ । କେଶବ ଦାସ "ହଉ ତମ ନୂଆ ଜୀବନକୁ ଉପଭୋଗ କର" କହି ବାହାରି ଯାଇଥିଲେ ସେଦିନ । ନୀଳକଣ୍ଠ ଆଖିର ଲୁହକୁ ଗଡିବାକୁ ଦେଲେ ନାହିଁ । ମନକୁ ଭାବିଲେ ପୁଅକୁ ଆଉ କେମିତି ବଢାଇଥିଲେ ପରସ୍ପର ଭିତରେ ସଂପର୍କ ମଜଭୁତ ହୋଇଥାନ୍ତା ସିଏ ଏଯାଏଁ ଜାଣି ପାରିଲେ ନାହିଁ । ଭୋକ ଉପାସରେ ରହି, ନିଜଥିରୁ କଟା କଟି କରି ପୁଅକୁ ପାଠ ପଢାଇଥିଲେ, ଯେତେବେଳେ ଯାହା ଦରକାର ସବୁ ତା' ହାତ ପାହାନ୍ତାରେ ଅଜାଡି ଦେଇଥିଲେ । ନିଜେ ପାଇଥିବା କଷ୍ଟରୁ ପୁଅକୁ ବଞ୍ଚିତ କରିବା ଥିଲା ତାଙ୍କର ମୁଳ ଉଦ୍ଦେଶ୍ୟ । ଉଦ୍ଦେଶ୍ୟ ପୂରଣ ହେଲା ସତ, କିନ୍ତୁ ଲାଭ କିଛି ମିଳିଲା ନାହିଁ ।

ଏମିତି ଅନେକ କଥା ମନକୁ ଆସେ ନୀଳକଣ୍ଠଙ୍କର । ମନ ଆନମନା ରୁହେ ସଦାବେଳେ। ସେଭଳି ଅସ୍ଥିର ମନ କାହିଁକି ପଶୁରିଲେ ସିଏ ଜାଣି ନାହାନ୍ତି କହିବେ । ମନୋରମା କିନ୍ତୁ ତାଙ୍କ ମନ କଥା ବୁଝନ୍ତି । କିଛି କୁହନ୍ତି ନାହିଁ । ଜାଣନ୍ତି ନିଜର ଆଶା ବିଶ୍ୱାସ ନେଇ ଜୀବନକୁ ଆଗେଇ ନେବାର ସ୍ୱପ୍ନ କେବେଠାରୁ ଭାଙ୍ଗି ଯାଇଛି ନୀଳକଣ୍ଠଙ୍କର । ଆଶା ତ ଆଉ କାହାକୁ ନେଇ ସିଏ କରି ନଥିଲେ, ଆଶା କରିଥିଲେ ପୁଅକୁ ନେଇ । ବିଶ୍ୱାସ ଥିଲା ଆଜି ନହେଲେ କାଲି ପୁଅ ବୁଝିବ, ସମୟ ଗଡି ଯାଇଥିବ, ଅବଶୋଷର ବେଳ ଦୂରରେ ରହିଯିବ, ଭବିଷ୍ୟତ ସେମିତି ମଧୁର ମନେ ହେଉଥିବ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# କବର!



ବିକାଶ କୁମାର ମଲ୍ଲୀକ

ଗୋଡ ହାତ ବାନ୍ଧି, ମାଟି ସହ  ଯୋଡି ଦେଇ,
କୁଟା କାଠିରେ, ଛ ଖଣ୍ଡ ବାଉଁଶରେ
ମାଟି ପକେଇ, ଶୋଇ ପଡ ସବୁଦିନ ପାଇଁ,
କବର କଥା କହେ, କଡ ନେଉଟେ, ଡାକେ,
ଭଲ ମନ୍ଦ ପଗୁରି ବୁଝେ, ଝରଣା ହୋଇ ବୋହି ଯାଏ,
କଥା ସବୁ ଘାସ ହୋଇ ଗଜୁରି ଉଠେ,
ଠିକ ଘର ଆଗେ,
ପବନରେ ଖେଳ ବୁଲେ, ଜାଣି ହୁଏନ
ବାସ୍ନା ହୋଇ ଆଘ୍ରାଣ ରେ ଆସେ,
କଏ ବୁଝି ପରେ, କଏ ପାସୋରି ଯାଏ,
ମାଟି ସହ ମାଟି ମିଶିଯାଏ!

ବୁଝି ପାରିବକ ସେବେ,
କଥା ଯେବେ ଚନ୍ଦ୍ର କରଣରେ,
ଧ୍ୱନ ହୋଇ ଛୁଇଁ ଯାଉଥିବ?
ପାଉଁଶରେ ଶବ୍ଦ ସବୁ ପାଦ ତଳେ ଚୁପି ଯାଉଥିବ?
ବରଂ ଶିଖି ନଅ ଜୀବନ ବଂଚବା, କବର ର ମାଟିରେ,
ଗୁପି ହେଇ ଗଲେ, ନଅଁ ପାଣି ର ମିଶିଗଲେ,
ଶୂନ୍ୟତାରେ ଢେଉ ସଂଗେ ମିଶିଗଲେ, ଫେରିବକ ନ ଫେରିବ?
ବୁଝି ଯାଅ ଶବ୍ଦ ସବୁ, ଅନୁଭବକୁ, ଅକୁହା ଭଷାକୁ,

ସମ୍ପର୍କ ସବୁକୁ, କାନ ମୁଣ୍ଡ ଧରି ପୋତି ପକାଓ ବିରଶ ଭ୍ରବକୁ,
ଅଜଣା ଆଶଂକା କୁ, ପର ଆପଣା, ଛୋଟ ବଡକୁ, ସକଳ, ବାଦ ବିବାଦକୁ
ହାତରେ ହାତରେ ରଖି ସ୍ୱିକାରୀ ଯାଅ ପାପ ସବୁକୁ,
ଶବ୍ଦ ସବୁ ଚମକବେ, ପାଣି କ ମାଟିରେ କବରରୁ ହାତ ହଲାଇବେ,
ଦେଖିନଅ ଆଉ ମାତ୍ର କଛି ଦିନ ବାକ ଅଛି ଯେ ...
ନହେଲେ କବରରୁ କଥା କହିବା ବଡ କଷ୍ଟ,
ଦେହକୁ ଜିତି ନଥିଲେ କଥା ଫୁଟିବନ ମାଟି ବାହାରକୁ,
ଉଇ ପିମ୍ପୁଡି ଖାଇଯିବେ ଶବ୍ଦ ସବୁକୁ, ବୁଝି ନଅ ଜୀବନକୁ,
କବର ର ଯିବା ଆଗରୁ, ହିସାବ କରିନଅ ପୁଣ୍ୟ ଆଉ ପାପକୁ!

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ,
ଭାରତ ସରକାର, ନୂଆ ଦିଲ୍ଲୀ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କରୋନା ସୁନ୍ଦରୀ

## (ତୃତୀୟ ଭାଗ)



ଶଶଧର ମହାପାତ୍ର

କରୋନା ଭାଇରସ୍ କମିଙ୍ଗ୍ କମିଙ୍ଗ୍
ଦେଖାଇବ ତା'ର ତୋଡ
ବଣ ନିଆଁ ଭଳି ମାଡେ ଘୁରିଆଡେ
ଛାତି ହୁଏ ଧଡ ଧଡ
ତୁମେ ଲକ୍ ଡାଉନ୍ କଲ ଭଲ
ନହେଲେ ଭାଇନା ଦେଖନ୍ତ ଆଖିରେ
କୁଢକୁଢ ଖାଲି ମଢ
ତୁମେ ମାନ କି ନମାନ
ନେତାଙ୍କ ଭିତରେ ଆମ ମୋଦି ଓ ନବୀନ ବଡ

---------------------

ଏକୋଇଶ ଦିନ ଲକ୍ ଡାଉନ୍
ଘୋଷଣା କରିଲେ ମୋଦି
ଏକୋଇଶ ବର୍ଷ ଫେରିବା ପଛକୁ
ନମାନିବା ଆମେ ଯଦି
ଭୋଗ, ବିଳାସର କଥା ଛାଡିଦେଇ
ତ୍ୟାଗ, ଆଦର୍ଶକୁ ତୁମେ ଆପଣେଇ
ନିଜ ଘରେ ହୁଅ ନିଜେ ବନ୍ଦୀ
ନିଜ ବିବେକ ସହ କର ସନ୍ଧି

---------------------

ଯିଏ ବୁଲୁଅଛ ସିଂହଛୁଆ ପରି
ନିଶରେ ତେଲ ମାରି
ତମେକି ଭାବୁଛ କରୋନା ଭୂତାଣୁ
ଯିବ ତୁମକୁ ଡରି
ସେ' ଯେ ଚାଇନା ସୁନ୍ଦରୀ
ରଖ ତୁମ ବାହାଦୂରୀ
ବୁଦ୍ଧି ବଣା କରିଦେବ
ଛୁଇଁଦେଲେ ମାରିଦେବ
ନିଜେ ମରିବ, ତୁମ ସାଙ୍ଗେ ନେବ
ବୁଢା, ବୁଢୀଙ୍କୁ ଘୋସାରି ଘୋସାରି
ଠେଲିଦେବ ତାଙ୍କୁ ଆରପାରି

---------------------

ବାହାରକୁ ଗଲେ ଲାଠିମାଡ ଖାଉଅଛ
ଛୁଆଠାରୁ ବୁଢାଯାଏ ବାଦ ନପଡୁଛ
କିଏ ହୁଏ ଉଠ୍ ବସ୍, କିଏ ମାରେ ଦଉ
ରାସ୍ତା ଘାଟ ଜଗିଛନ୍ତି ପୋଲିସ୍ ଓ ଷଣ୍ଢ
ଧନୀ କି ଗରିବ, ଯେତେ ପାପୀ, ସାଧୁଜନ
ସମସ୍ତଙ୍କ ସମଦଶା ଜାଣ ସୁଧୀଜନ
କଥା ଶୁଣ ଭାଇମାନେ !
ପେଟରେ, ପିଠିରେ ଖାଇଲେ ପାହାର
ବୋଉ ପଡିଯିବ ମନେ

---------------------

ଆମେରିକା ଭଳ ଧନୀ ରାଷ୍ଟ୍ରରେ
ପଜେଟିଭ୍ ସଂଖ୍ୟା ଲକ୍ଷେ
ଭାରତରେ ଆଜି ଚଉଦ ଶହ
ଟିଭି, ମିଡିଆରୁ ଦେଖେ
କାୟା ବିସ୍ତାର କରୋନା କଲାଣି
ଆମେରିକା ଏବେ ନମ୍ବର ଓ୍ୱାନ ହେଲାଣି
ପ୍ରତିଦିନ ବଢେ କେତେ
ନାହିଁ ପ୍ରତିକାର ଶୁଣହେ ଭାଇନା
ଜୀବନ ହେଲାଣି କରୋନା ଖେଳନା
ଅସହାୟ ଲାଗେ ମୋତେ
---------------------
ଜଗତର ନାଥ ବୋଲି ଜାଣିଅଛୁ
ବସିଅଛ ପୂରୀ ଧାମେ
ସୂର୍ଯ୍ୟ, ଚନ୍ଦ୍ର, ତାରା, ଚଉଦ ବ୍ରହ୍ମାଣ୍ଡ
ସୃଷ୍ଟିକର୍ତ୍ତା କାଳେ ତୁମେ
ନୀତି, ନୟମକୁ ଭୁଲିଯାଇ ସବୁ
ପାପ କଲେ ଏ' ମଣିଷ
କରୋନା ଭୂତାଣୁ ତା' ସୁଯୋଗ ନେଇ
କରୁଅଛି ସର୍ବନାଶ
ଯେତେ ପାପ କଲେ ତା' ଫଳ ଭୋଗିଲେ
ଦୋଷ ଏବେ କ୍ଷମା କର
କରୋନା ସଂହାର କରି ମହାପ୍ରଭୁ
ସଙ୍କଟୁ ମୋଚନ କର ॥

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# କେମିତି ମନେଇବୁ ତୁମକୁ



ଶାନ୍ତିଲତା ମିଶ୍ର

ତୁମ ବ୍ୟବହାର ଆଉ ତୁମରି ବ୍ୟବସ୍ଥା
ଆଚମ୍ବିତ କରି ଦିଏ, ହେ ବିଶ୍ୱର ପିତା !
"କରୋନା' ରାଜତ୍ୱେ ଆମର ଏ ଅସହାୟତା
ଏତେ ଡାକ କହିବା ପରେ ବି ନିରବତା !
ପୁରାଣ ଠାରୁ ଇତିହାସ କିମ୍ବଦନ୍ତି ଯାଏ
ତୁମରି ସାହାସ, ଦୟା, କ୍ଷମାର ବର୍ଣ୍ଣନା,
ସେ ବଳିଷ୍ଠ ହସ୍ତେ ଶକ୍ତି ଏବେ ବି ତ ଥିବ
ପୂର୍ବ ତେଜ ବୀର୍ଯ୍ୟ ସରି ତ ନଥିବ !
ଆଗ ଭଳି ନିର୍ମଳ ଆକାଶେ, ନିର୍ବିକାରେ
ଉଇଁ ଉଠୁ ସୂର୍ଯ୍ୟ, ହସି ଉଠୁ ସବୁଜ ଧରଣୀ !
ତୁମରି ସେଇ ଚମତ୍କାରୀ ସ୍ପର୍ଶ ଦେଇ
ଦେଖାଇ ଦିଅ ତୁମ ଅଦ୍ଭୁତ କରଣୀ ।
ଦୂରେ ବହୁଦୂରକୁ ନିଶ୍ୱ ହୋଇ
ଫେରି ଯାଉ ମହାମାରୀ କରୋନା
ଏପରି କର କିଛି, ଦ୍ୱିତୀୟ ଥର ପଛକୁ
ଚାହିଁବାକୁ ସାହାସ ଯେପରି କରେନା ।

ଭୟଭୀତ ଧରାବାସୀ ଆଜି
ସମ୍ମୁଖୀନ ହୋଇ ଏପରି ମହାବିପତ୍ତିର,
ଆଜି ଯଦି ନ ଆସିବ ପୁଣି କେବେ ଆସିବ
ସୃଷ୍ଟି ସରିବା ଯାଏ ଅପେକ୍ଷା କି କରିବ !
ପ୍ରଣିପାତ କରି ନିବେଦନ କରୁଛନ୍ତି,
ତୁମ ସୃଷ୍ଟିର ସମସ୍ତ ଭୟଭୀତ ମାନବ ସମାଜ ଆଜି,
ଆସି ଯାଅ ଧରା ଧାମକୁ ଥରେ
ରାଗ ଅଭିମାନ ସବୁ ଅଚରେ ଦେଇ ତେଜି ।
କଳେ ବଳେ କୌଶଳେ ଅବା ଚକ୍ରର ସାହାଯ୍ୟେ
ହରାଇ ଦିଅ କରୋନା ରାକ୍ଷାସକୁ,
ପୂଜା ଅର୍ଚ୍ଚନାରେ ମନାଇବୁ ପରେ ତୁମକୁ,
ଏବେ ସ୍ୱାଭାବିକ କରି ଦିଅ ଜୀବନ ଯାତ୍ରାକୁ ।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# ଅଭିମାନିନୀ



କାର୍ତ୍ତିକ ପାଣିଗ୍ରାହି

ତୁମେ କୃଷ୍ଣ
ମୁଁ କୃଷ୍ଣା
ତୁମେ ପୂଣ୍ୟର ଜଳଧି
ମୁଁ କନ୍ତୁ ତୃଷ୍ଣା
ତୁମେ ସର୍ବ ଯଜ୍ଞର ପୂର୍ଣାହୁତି
ମୁଁ ଯାଜ୍ଞସେନୀ
ଏ ସୃଷ୍ଟି ତୁମ ସୃଷ୍ଟି ସତ
ତମେ କନ୍ତୁ ମୋ ପାଖରେ ଋଣୀ
ମୁଁ ଆଜି ଯାଏ ଜାଣି ପାରିନି
ତୁମେ ଅବିବେକୀ, ନା ମୁଁ ବୋକୀ...?
ବାରମ୍ବାର ମୁଁ ଲଜ୍ଜିତ ଲାଂଛିତ ଅପମାନିତ
ହେଲେ ବି
କାହିଁକି ହରାଇ ପାରୁନି ତୁମଠାରୁ ଆସ୍ଥା
ଯଦିଓ ମୁଁ ଜାଣିଛି
ତୁମ ଇଛା ବିରୁଦ୍ଧରେ ପତ୍ର ବି ହଲେନା

ହେ କେଶବ ....!
କେହି ନ ଜାଣିଲେ ବି ତୁମେ ତ ଜାଣ
କାହାର ଯୋଗ୍ୟା ମୁଁ ଥିଲି
କାହାର ଭୋଗ୍ୟା ମୁଁ ହେଲି...?

ବାଲୁତ ପଣରେ ମାଗି ଦେଇଥିଲି
ସର୍ବଗୁଣ ସଂପର୍ଣ୍ଣ ସାଥୀଟିଏ ବୋଲି
ଆଶାକୁ ମୋ ବାଣ୍ଟିଦେଲ ଭାଗ ଭାଗ କରି

ହେ ମାଧବ ...
ଅର୍ଜୁନଙ୍କୁ ଯଦି କରିବାର ଥିଲା
ମୋ ଠାରୁ ଅନ୍ତର
କାହିଁକି ଅସୁଥିଲ ତୁମେ
ଧନଞ୍ଜୟ ରୂପେ ସାମ୍ନାକୁ ମୋହର...?
ସତ କୁହ କ ଲାଭ ପାଉଥିଲ
ଏତେ ଦହଗଞ୍ଜ କରି ...?

ହେ କୃଷ୍ଣ
ତମେ ପରା ଆସିଥିଲ ଧର୍ମ ସଂସ୍ଥାପନେ
ସେଥିପାଇଁ ମୋତେ ଅସ୍ତ୍ର କରିବା
କଣ ନହାତି ଜରୁରୀ ଥିଲା...
ମହାଭାରତର ନାୟିକା ସଜାଇବା
କଣ ସମୀଚନ ଥିଲା...

ଅନ୍ତରଦାହର ନିଆଁର ଅହରହ ଜଳୁଥିବା
ମହାଦାନୀ କର୍ଣ୍ଣଙ୍କ ପ୍ରତି
ମୋର ସହାନୁଭୂତି ଜଣ ଅନୁଚତ ଥିଲା..?

ହେ କେଶବ...
ଏବେ ତ ମାନିଯାଅ
ତୁମ ମହତ୍ୱାକାଂକ୍ଷାର
ଆମେ ସବୁ କ୍ରୀଡ଼ନକ ବୋଲି....
ମୁଁ ଜାଣେ ତୁମେ ନିହାତି ସ୍ୱାର୍ଥପର
ଯାହା ବି କରୁଥିଲା
ତୁମ ପାଇଁ କରୁଥିଲ
ଯାହା ବି ଦେଇଥିଲ
ସେଥିରେ ବି ତୁମ ସ୍ୱାର୍ଥ ହିଁ ଥିଲା...
ତୁମେ କୃଷ୍ଣ ହୋଇପାର
କିନ୍ତୁ କେବେ କୃଷ୍ଣା ହୋଇନପାର
ହେ ସଖା
ତୁମକୁ ମୁଁ ସ୍ନେହ ତ କରେ
ପ୍ରେମ ତ କରେ
ଏବଂ ପୂଜା ବି କରେ ...
କିନ୍ତୁ ଅଭିମାନରେ

ଭୁବନେଶ୍ୱର

# ନିର୍ବାଣ



ବିନୟ ମହାପାତ୍ର

ସକାଳ ସାଢେ ପାଞ୍ଚଟା ବେଳକୁ ସବୁଦିନ ସୁମିତ୍ରାଙ୍କର ନିଦ ଭାଙ୍ଗିଯାଏ । ଖୁବ୍ ବେଶି ଧର୍ମପରାୟଣା ନାରୀ ନହେଲେ ମଧ୍ୟ ସକାଳେ ଉଠିଲେ ପ୍ରଥମେ ଦୁଇହାତ ଯୋଡି ଭଗବାନଙ୍କୁ ନମସ୍କାର କରନ୍ତି, ଦୁଇହାତ ପାପୁଲିକୁ ଘଷି ତାର ଉଷ୍ମତାରେ ଆଖିକୁ ଟିକେଏ ସେକଦିଅନ୍ତି, ତାପରେ ଦୁଇହାତକୁ ଆଖି ସାମ୍ନାରେ ରଖି 'କରାଗ୍ରେ ବସତି ଲକ୍ଷ୍ମୀ, କରମଧ୍ୟେ ସରସ୍ୱତୀ, କରମୂଳେ ତୁ ଗୋବିନ୍ଦ, ପ୍ରଭାତେ କର ଦର୍ଶନଂ' ମନ୍ତ୍ରଟି ବୋଲିଦିଅନ୍ତି। ଏଇ ଅଭ୍ୟାସଟି ତାଙ୍କର ପିଲାଟିଦିନରୁ ରହି ଆସିଛି, ପିଲାବେଳେ ଜେଜେ ଶିଖାଇ ଦେଇଥିଲେ, ସେବେଠାରୁ ଆଜି ପର୍ଯ୍ୟନ୍ତ ସେମିତି କରିଆସୁଛନ୍ତି । ନିଜେ ଶେଜ ଛାଡିବା ପୂର୍ବରୁ ଜୀବନବାବୁଙ୍କୁ ମଧ୍ୟ ଉଠାଇଦେଇ ଯାଆନ୍ତି । ସବୁଦିନ ସକାଳେ ଉଭୟେ ଏଇ ସମୟରେ ଉଠିଯାଆନ୍ତି । ମୁହଁ ହାତ ଧୋଇ ଅଧଘଣ୍ଟାଏ/ପଇଁଚାଳିଶ ମିନିଟ ଯୋଗ ପ୍ରାଣାୟମ କରନ୍ତି । ବୟସ ପଚାଶ ପାଖାପାଖି ହୋଇଗଲାଣି ତେଣୁ ଯୋଗ କରିବା ପ୍ରାୟ ଦୁଇବର୍ଷ ହେଲା ଆରମ୍ଭ କରିଛନ୍ତି । ଯୋଗ ପ୍ରାଣାୟାମ ପରେ ସୁମିତ୍ରା ଚାହା ତିଆରି କରିବା ପାଇଁ ରୋଷେଇଘରକୁ ଚାଲିଯାଆନ୍ତି ଏବଂ ଜୀବନବାବୁ ବାହାର କବାଟଖୋଲି ଖୋଲା ପବନ ଖାଇବା ସହିତ ଖବରକାଗଜ ପଢିବା ପାଇଁ ବାରଣ୍ଡାକୁ ଚାଲି ଆସନ୍ତି ।

ଉଭୟେ ଗୋଟିକ କଲେଜରେ ଅଧ୍ୟାପନା କରନ୍ତି । ସହର ତଳ ଅଞ୍ଚଳରେ ଏଇଠି ଜାଗା କିଣି ନିଜର ଘରଖଣ୍ଡିଏ କରିଦେଇଛନ୍ତି । ଦୁଇଝିଅ ଏବଂ ପୁଅଟିଏକୁ ମିଶାଇ ପାଞ୍ଚ ଜଣର ଛୋଟିଆ ପରିବାରଟିଏ । ଜୀବନରେ ବହୁତ ଗୁଡାଏ ସ୍ୱପ୍ନ ନଥିଲା ଜୀବନବାବୁଙ୍କର । ସ୍ୱାମୀ ସ୍ତ୍ରୀ ଉଭୟେ ମାନବପ୍ରେମୀ, ମଣିଷ ଭିତରେ ଭଗବାନଙ୍କୁ ଦେଖନ୍ତି । ଚତା ଚଇତନ କରିବା ଏବଂ ଧାର୍ମିକତା ଦେଖେଇ ହେବାରେ ବିଶ୍ୱାସ କରନ୍ତିନି । ସାଧାସିଧା ଜୀବନ ଏବଂ ଜୀବନରେ ଖୁସି ଭରପୁର । ଦୁନିଆର ଯେତେ ସୁଖ ସବୁକିଛି ପଇସାଦେଇ କିଣିହୁଏ । ସମସ୍ତେ ସେଇଥିପାଇଁ ଟଙ୍କା ପଛରେ ଗୋଡେଇ ଚାଲିଛନ୍ତି, ଟିକିଏ ସୁଖକିଣିବା ପାଇଁ,
ଖୁସି ? ଖୁସି ଯେ ବହୁତ ସହଜରେ ମାଗଣାରେ ମିଳିଯାଏ, ଏକଥା କିନ୍ତୁ କେହି ବୁଝି

ପାରନ୍ତିନ, ଏଇ ସରଳ କଥାଟି ସମସ୍ତଙ୍କୁ ବହୁତ ଜଟିଳ ଲାଗେ । ସୁଖ ଏବଂ ଖୁସି ଭିତରେ ଥିବା ସାମାନ୍ୟ ପ୍ରଭେଦଟିକୁ ଠିକ୍ ଭାବେ ବୁଝି ପାରନ୍ତିନ ସମସ୍ତେ । ସମସ୍ତେ କେବଳ ଭାବନ୍ତି ସୁଖ ମିଳଗଲେ ଖୁସି ମଧ୍ୟ ମିଳଯିବ, କିନ୍ତୁ ଏତିକି ବୁଝି ପାରନ୍ତି ନାହିଁ ଯେ ସୁଖ ସହିତ ଖୁସିର କିଛିବି ସମ୍ପର୍କ ନାହିଁ । ସୁଖ ବାହାରୁ ମିଳେ, ଖୁସି କିନ୍ତୁ ମଣିଷ ନିଜଭିତରୁ ନିଜ ହୃଦୟରୁ ପାଏ, ସେଇଠି ଅନୁଭବ କରେ ସେଇ ଅଦଭୂତ, ଅପୂର୍ବ ଅନୁଭୂତିକୁ ।

ବାରଣ୍ଡାକୁ ଆସିଲା ପରେ ଜୀବନବାବୁଙ୍କ ନଜର ଖବରକାଗଜ ବଣ୍ଡଲଟା ଉପରେ ପଡିଲା । ଖବର କାଗଜବାଲା ତା ସାଇକେଲରେ ବସି ରାସ୍ତାଉପରୁ ପ୍ରତିଦିନ ଏମିତି ବଣ୍ଡଲକରି ଫୋପାଡି ଦେଇ ଚାଲିଯାଏ । ଯୁଦ୍ଧ ବିରାମ ସତ୍ତ୍ୱେ ପାକସ୍ତାନ ଯେପରି ମୋର୍ଟାରରୁ ଗୁଳି ଗୋଳା ଛାଡେ, ଛାଡିବାଟା ତା କାମ, ସେଲଟା କେଉଁଠି ପଡିବ କିଏ ମରିବ ସେଥିରେ ତାର କିଛି ଯାଏ ଆସେ ନାହିଁ, ସେପରି ଏଇ ଖବରକାଗଜ ବାଲାଏ । ତୁମ ସୀମା ଭିତରକୁ ଖବରକାଗଜ ଫୋପାଡିବା ତାଙ୍କ କାମ କିନ୍ତୁ କାଗଜ କୋଉଠି ପଡିବ ତାର କିଛି ଗ୍ୟାରେଣ୍ଟି ନାହିଁ । କାଗଜ କୋଉଦିନ ବାରଣ୍ଡାରେ ମିଳେ ତ କେଉଁଦିନ ଲନ୍ ରେ ଥିବା ପିଜୁଳିଗଛରେ ଲଟକୁଥାଏ । କେବେ କେବେ ଲନ୍ ରେ କେଉଁ ଫୁଲଗଛ ତଳେ ମିଳିଯାଏ । ଖବରକାଗଜଟା କେଉଁଦିନ କେଉଁଠି ମିଳବ ତାର କିଛି ଠିକଣା ନଥାଏ । ଆଜି ବୋଧେ ଲକ-ଡେ, କାଗଜଟା ବାରଣ୍ଡାରେ ଠିକ୍ ଜାଗାରେ ମିଳଗଲା ।

ଖବରକାଗଜ ବଣ୍ଡଲଟା ହାତରେ ଉଠାଇ ସୁମିତ୍ରାଙ୍କୁ କହିଲେ ଆରେ ଚା ନେଇ ବାରଣ୍ଡାକୁ ଚାଲିଆସ, ଏଇଠି ଭଲ ସୁଲୁସୁଲିଆ ଥଣ୍ଡାପବନ ବୋହୁଛି । ଚା' ସାଙ୍ଗରେ କିଛି ଫ୍ରେସ ପବନ ବି ପିଇବାକୁ ମିଳବ ଆଜି, କହି ନିଜେ ଆରାମ ଚୌକିଟାରେ ବସିପଡିଲେ । ଖବରକାଗଜଟା ଖୋଲି ପ୍ରଥମେ 'ଆଜିର ଅନୁଚିନ୍ତା' ପଢିବାକୁ ଆରମ୍ଭ କଲେ । ଏଇଟା ତାଙ୍କର ନିତିଦିନିଆ ଅଭ୍ୟାସ, ପ୍ରଥମେ ନୀତିବାକ୍ୟଟା ହିଁ ପଢନ୍ତି । ତାଙ୍କୁ ଭଲ ଲାଗେ, ପ୍ରତିଦିନ କିଛି ନୂଆ ଜ୍ଞାନ ମିଳଯାଏ ସଂସାର ବିଷୟରେ । "କାମନାର ବିନାଶରେ ଦୁଃଖର ବିନାଶ" । ସେଇଠି ଅଟକି ଗଲେ ଜୀବନବାବୁ । ଏଇ ବାକ୍ୟଟି କିଛି ନୂଆ ନୁହେଁ ତାଙ୍କ ପାଇଁ । ପିଲାଟି ଦିନରୁ ପଢି ଶୁଣି ଆସୁଛନ୍ତି ଗୌତମବୁଦ୍ଧଙ୍କର ଏଇ ପବିତ୍ର ବାଣୀଟି । ଆଜି କିନ୍ତୁ ନୂଆ ନୂଆ ଲାଗୁଛି । ଖବରକାଗଜଟା ଖୋଲାହୋଇ ପଡିଛି କୋଳଉପରେ ଆଉ ଜୀବନବାବୁଙ୍କ ଆଖିଦୁଇଟି ଶୂନ୍ୟରେ କେଉଁ ଅନ୍ତରୀକ୍ଷରେ ଅଟକିଯାଇଛି ଯେପରି । ହଠାତ୍ ଗୋଟିଏ ବାକ୍ୟ, ଆଜି ତାଙ୍କୁ ଦାର୍ଶନୀକ କରିଦେଇଛି ସତେ । କଥାଟାକୁ ବାରମ୍ବାର

ମନଭିତରେ ଦୋହରାଇ ଚାଲିଛନ୍ତି । ସେଇ ଗୋଟିଏ ପ୍ରଶ୍ନ ମନକୁ ବାରମ୍ବାର ଆସୁଛି । କାମନାର ବିନାଶ କପରି ହୁଏ ? ସତରେ କଣ କାମନାର ବିନାଶ ହୁଏ ? କାମନାର ବିନାଶ ହୋଇଗଲେ କଣ ସତରେ ସବୁ ଦୁଃଖ ଚାଲିଯାଏ ଏବଂ ମୋକ୍ଷ ପ୍ରାପ୍ତି ହୋଇଯାଏ ? ପାଞ୍ଚ ବର୍ଷ ପୂର୍ବର କଥା, କଲେଜ ଗଲାବେଳେ ଟ୍ରାଫିକ ଛକରେ ଗ୍ରୀନ ଲାଇଟକୁ ଅପେକ୍ଷା କରିଥିବା ସମୟରେ ରାସ୍ତାରେ ଛିଣ୍ଡା ଫ୍ରକ ଖଣ୍ଡିଏ ପିନ୍ଧି, ଶୀତରେ ଥୁରୁ ଥୁରୁ ହୋଇ ଛୋଟ ଝିଅଟିଏ ଭୋକରେ କଛି ଖାଇବାକୁ ମାଗୁଥିଲା । ବିଚାରୀ, ଆଖିରୁ ତାର ଲୁହ ଗଡି ପଡିଲା, ଯେତେବେଳେ ସେ କହିଲା 'ବାବୁ କାଲିଠୁ କଛି ଖାଇନ, ଭୋକଲାଗୁଛି, କଛି ପଇସା ଦିଅ ଖାଇବାକୁ' । ଜୀବନବାବୁ ବି ତରଳ ଯାଇଥିଲେ ତାକୁ ଦେଖି, ତାଙ୍କର ଆଖିବି ଜକେଇ ଆସିଥିଲା । ସେଇ ଛୋଟ ଝିଅଟିର ମୁହଁରେ ତାଙ୍କୁ ନଜ କୁନ ଝିଅର ମୁହଁ ଦିଶିଯାଇଗଲା । ସଙ୍ଗେ ସଙ୍ଗେ ତାକୁ ସାଥିରେ ନେଇ ପାଖ ହୋଟେଲରେ ବସେଇ ପେଟଭରି ଖାଇବାକୁ କହିଥିଲେ । ଝିଅଟିର ସାମ୍ନାରେ ବସି ତାକୁ ଏକ ଲୟରେ ଦେଖୁଥାନ୍ତି । ଝିଅଟି ଭୋକ ବିକଳରେ କପରି ଜଲଦି ଜଲଦି ଖାଇ ଯାଉଥାଏ, ତାର ସମସ୍ତ ଧ୍ୟାନ କେବଳ ସେଇ ଭାତଥାଳ ଉପରେ ହିଁ ସ୍ଥିର ରହିଥିଲା, ଯେପରି କେଉଁ ଅନାଦି କାଳରୁ ତାର ଏ କ୍ଷୁଧାର୍ତ୍ତ ଜଠର ଭୋକରେ ଜଳୁଛି । ନର୍ବିକାର ଭାବରେ ତାର ହାତ ଭାତଥାଳରୁ ପାଟି ଆଉ ପାଟିରୁ ଭାତଥାଳ ପର୍ଯ୍ୟନ୍ତ ଯାଉଛି ଆସୁଛି ଠିକ୍ ଗୋଟିଏ ଯନ୍ତ୍ର ପରି ! ପାଖରେ କଏ ଅଛି, କଏ ତାକୁ ଦେଖୁଛି, ଚାରିପାଖରେ କଣ ହେଉଛି, କୌଣସି ଦିଗକୁ ତାର ଧ୍ୟାନ ନାହିଁ, ସମ୍ପୂର୍ଣ୍ଣ ନର୍ଲିପ୍ତ ନର୍ବିକାର । ଖାଇ ସାରିଲା ପରେ ତା ଆଖିରେ ଯେଉଁ ତୃପ୍ତି ଓ ଆନନ୍ଦ ଦେଖାଦେଇଥିଲା, ସେ ଦୃଶ୍ୟ କଛି ଦିଅଁ ଦର୍ଶନ ଠାରୁ କମ୍ ନଥିଲା ତାଙ୍କପାଇଁ । ତା ଆଖିର ଚମକ ତା ଓଠର ସେଇ ଟିକଏ ତୃପ୍ତିଭରା ହସ ସତେ ଯେମିତି ଜୀବନବାବୁଙ୍କୁ ଜୀବନର ସମସ୍ତ ଉପଲବ୍ଧିର ଅନୁଭବ ଦେଇ ଦେଇଥିଲା । ଛପନଭୋଗ ଖାଇ ସାରିଲା ପରେ ପ୍ରଭୁ ଜଗନ୍ନାଥଙ୍କ ମୁହଁରେ ହୁଏତ ଏ ତୃପ୍ତିର ଭାବ ଦେଖିବାକୁ ମିଳବ କ ନାହିଁ ଜଣାନାହିଁ ।

ତାପରେ ଜୀବନବାବୁ ଝିଅଟିକୁ ନେଇ ଗୋଟିଏ ଶିଶୁ ଆଶ୍ରମରେ ଛାଡିଦେଇ ଆସିଥିଲେ । ମଝିରେ ମଝିରେ ନଜେ ଯାଆନ୍ତି ସେଇ ଆଶ୍ରମକୁ, ଝିଅଟିକୁ ଥରେ ଦେଖିଆସିବାକୁ । ଯେପରି ଗୋଟାଏ ମାୟାର ବନ୍ଧନ ଯୋଡି ହୋଇଯାଇଥିଲା ସେଇ ଝିଅଟି ସାଥିରେ । ଥରେ ସୁମିତ୍ରାଙ୍କୁ ସାଥିରେ ନେଇ ଯାଇଥିଲେ ଆଶ୍ରମକୁ । ଝିଅଟିକୁ ଦେଖି ସୁମିତ୍ରାଙ୍କର ମାତୃତ୍ୱ ଜାଗି ଉଠିଥିଲା । ହାତବଢାଇ କୋଳେଇ ନେଇଥିଲେ ତାକୁ, ଜାବୁଡି ଧରିଥିଲେ ଛାତିରେ । ଆଖିରୁ ଲୁହ ଗଡି ଆସିଥିଲା ତାଙ୍କର । ବଡ କରୁଣଭାବେ ପଚାରିଥିଲେ, କ ପାପ କରିଥିଲା

ବିଗ୍ରରୀ ଏ ନଷ୍ପାପ ଶିଶୁଟି ? ଏଇଟା କଣ ତାର ଅପରାଧ, ସେ ଝିଅଟିଏ ହୋଇ ଜନ୍ମ ହେଇଗଲା ବୋଲି ! ସୁମିତ୍ରା ତା ମୁହଁକୁ ସେମିତି ଅପଲକ ନୟନରେ ଅନେଇ ରହିଗଲେ, କହିଲେ ଏଇ ଝିଅଟିର ନାଆଁ ଆଜିଠାରୁ ମୁଁ ଯାଜ୍ଞସେନୀ ଦେଲି । ସେ କହନ୍ତି, ଏଇ ଝିଅଟି ଦ୍ରୌପଦୀ ପରି ଦ୍ରୁପଦ ରାଜାଙ୍କ ହୋମାଗ୍ନିରୁ ନୁହେଁ ସିନା କନ୍ତୁ କ୍ରୁର ସଂସାରର ଘୃଣାର ଅଗ୍ନିରୁ ଜନ୍ମିଛି, ଦ୍ରୌପଦୀ ପରି ସେ କୌରବ କୂଳର ନାଶ କରି ପାରିବ କ ନାହିଁ ଜଣାନାହିଁ, କନ୍ତୁ ତା ମୁହଁର ଜ୍ୟୋତିକୁ ଦେଖ, ସତେ ଯେପରି ଐଶ୍ୱରୀୟ ଆଭା ଝଟକୁଛି ତା ମୁହଁରୁ । ସେ ଯାଜ୍ଞସେନୀ ସେ କୃଷ୍ଣା, ସୁମିତ୍ରା ଦେବି ଝିଅଟି ଆଡୁ ମୁହଁ ଫେରାଇ ଥରେ ଜୀବନବାବୁଙ୍କ ଆଡକୁ ଅନାଇ କହିଲେ ତୁମେ ତାର ସଖା ହୋଇପାରିବ ? ତା ପାଇଁ କୃଷ୍ଣ ହୋଇ ତାକୁ ଆଗକୁ ବଢିବାରେ ସହାୟତା କରିପାରିବ ? ମୁଁ ଅଛି ତୁମ ସାଥିରେ, ସେ ପଢିବ, ବଢିବ, ବହୁତ ବଡ ମଣିଷଟିଏ ହେବ । ଆମର ଦୁଇଟି ନୁହେଁ ଆଜିଠାରୁ ତିନୋଟି ସନ୍ତାନ । ଶିଶୁ ଆଶ୍ରମର ମ୍ୟାନେଜରଙ୍କୁ ବଡ ବିନତି କରି ସେଇଦିନ ତାକୁ ସାଥିରେ ନେଇ ଆସିଥିଲେ ।

ସପ୍ତାହକ ପରେ ସରକାରୀ କାଗଜପତ୍ର ଫରମାଲିଟି ପୁରା ହୋଇଗଲା ପରେ ଆଇନତଃ ସେ ତାଙ୍କର ତୃତୀୟ ସନ୍ତାନ ହୋଇ ଯାଇଥିଲା । ଗେଟିଏ ପୁଅ, ଗୋଟିଏ ଝିଅ ପରେ କୃଷ୍ଣା ସେମାନଙ୍କର ଆଉ ଗୋଟିଏ ଝିଅ । ସେତେବେଳକୁ ଜାଜ୍ଞସେନୀ ଚ୍ରରିବର୍ଷର ଥିଲା, ଆଜି ସିଏ ନଅବର୍ଷର ହୋଇଗଲାଣି । ସ୍କୁଲ ଯାଉଛି, କ୍ଲାସରେ ସବୁବେଳେ ଫାଷ୍ଟ ହେଉଛି, ଖେଳକୁଦ ହେଉ କ ନାଚଗୀତ ସବୁଥିରେ ସେ ପାରଙ୍ଗମ । ତାପାଇଁ ଜୀବନବାବୁ ସୁମିତ୍ରା ଉଭୟଙ୍କ ମନରେ ଗର୍ବ ଆସେ, ଭଗବାନଙ୍କୁ ଧନ୍ୟବାଦ କହିବାକୁ ମଥା ନଇଁ ଆସେ । ପ୍ରଭୁଙ୍କର କ ବିଚତ୍ର ଲୀଳା, କାହା ପାଇଁ କାହାକୁ ଗଢିଛନ୍ତି । କୃଷ୍ଣଙ୍କ ପରି ଏଇ କୃଷ୍ଣା କେଉଁଠି କାହା କୋଳରେ ଜନ୍ମ ହେଲା ଆଉ ଝିଅଟିଏ ବୋଲି ତାକୁ ଏମିତ ଅନାଥ କରି ଛାଡି ଦିଆଗଲା । କେତେ ହତଭାଗା ସେ ମାଆ ବାପା । ହୀରାକୁ ସାମାନ୍ୟ କାଚର ଟୁକୁଡାଟିଏ ଭାବି ଫୋପାଡିଦେଲେ !

ଜୀବନ ବାବୁ ଭାବୁଥିଲେ ପାଞ୍ଚବର୍ଷ ତଳର ସେଇ ଅନାଥ ଭୋକଲା ଜାଜ୍ଞସେନୀର କଥା । ସେତେବେଳେ ତାର ଭୋକ, ମୁଠାଏ ଅନ୍ନପାଇଁ ତାର ବ୍ୟାକୁଳ କ୍ରନ୍ଦନ କଣ ତାର କାମନା ? ତାର ଭୋକ ଯଦି ତାର କାମନା ଥିଲା, ତେବେ ସେଇ କାମନାର ବିନାଶ କପରି କରି ପାରିଥାଆନ୍ତା ସେ ?? ସେଇ ଭୋକ, ତାର ଖାଇବାର ଇଚ୍ଛା, ତାର କାମନା, ସେଇ

କାମନାର ବିନାଶ ହୋଇଥିଲେ ତାର ଢଳର ବି ବିନାଶ ହୋଇଯାଇ ଥାଆନ୍ତା । ତେବେ ତାର ସେଇ ଖାଇବା କାମନାର ବିନାଶ ନାଆଁ କଣ ନିର୍ବାଣ (ମୋକ୍ଷପ୍ରାପ୍ତି) ହୋଇ ଥାଆନ୍ତା ??? ବୁଦ୍ଧ କେବେଠାରୁ ନିର୍ବାଣ ପ୍ରାପ୍ତି କରି ଚାଲିଗଲେଣି । ଆଜି ଜୀବନ ବାବୁଙ୍କୁ ଏ ପ୍ରଶ୍ନର ଉତ୍ତର କିଏ ଦେବ ? ହଁ ସୁମିତ୍ରା, ହୁଏତ ସେ କିଛି କହିପାରିବେ ଏ ବିଷୟରେ । ଜୀବନବାବୁ ସିନା କେମିଷ୍ଟ୍ରି ଅଧ୍ୟାପକ ହେଲେ ସୁମିତ୍ରା ତ ଫିଲୋସଫି ପଢାନ୍ତି, ସେ ନିଶ୍ଚୟ ଜାଣିଥିବ ।

ସୁମିତ୍ରାଦେବୀ ଚା ଦୁଇକପ୍ ନେଇ ଆସିଲେ, ସାମ୍ନା ଟି'ପୟ ଉପରେ ଗୋଟିଏ କପ୍ ରଖି କହିଲେ, ହେଇଟି ଚା' ନେଇଆସିଛି ପିଇନିଅ । ଥଣ୍ଡା ହୋଇଗଲେ ଆଉ ଥରେ ଗରମ କରିବାକୁ କହିବନି, ଆଗୁଆ କହିଦେଉଛି । ହଠାତ୍ ଜୀବନ ବାବୁ ପ୍ରକୃତିସ୍ଥ ହେଲେ ଯେପରି । କହିଲେ ହଁ ହଁ ପିଉଛି କହି ଚା' କପଟିକୁ ଉଠାଇନେଇ ଢୋକେ ପିଇ ଗୋଟିଏ ଦୀର୍ଘନିଶ୍ୱାସ ଛାଡି କହିଲେ, ଜାଣିଛ ସୁମିତ୍ରା, ଗୌତମବୁଦ୍ଧ ଠିକ୍ କହିଥିଲେ, 'କାମନାର ବିନାଶରେ ଦୁଃଖର ବିନାଶ' ଆମ ମଣିଷ ଜୀବନରେ ସବୁ ଦୁଃଖ ଏଇ କାମନାରୁ ତ ଆସେ। କାମନା ନାହିଁ ତ ଦୁଃଖବି ନାହିଁ, କାମନା ନଥିଲେ, ସବୁ ସୁଖ ମିଳିଯିବ, ନିର୍ବାଣ ବି । ହେଲେ ଏ କାମନାର ବିନାଶ କିପରି ହୁଏ ? ସୁମିତ୍ରା ଦେବୀ ହୁଁଟିଏ କହି ରହିଗଲେ। ଚା' କପରେ ମୁହଁ ଲଗାଇ ଚା' ଢୋକାଏ ପିଇ କହିଲେ, ଆଉ ଥରେ କୁହ, କଣ କହୁଥିଲ । ଜୀବନବାବୁ କହିବା ଆରମ୍ଭ କଲେ, କାମନାର.... ସୁମତି ଦେବୀ ତାଙ୍କୁ ଅଟକେଇ ଦେଇ କହିଲେ, ନାଇ ନାଇ, ଲାଷ୍ଟ ଲାଇନଟା ଆଉଥରେ କୁହ, ଜୀବନରେ କାମନା ନଥିଲେ.... ଜୀବନବାବୁ କହିଲେ ହଁ, ହଁ ଜୀବନରେ କାମନା ନାହିଁତ ଦୁଃଖବି ନାହିଁ, ସବୁ ସୁଖ ମିଳିଯିବ, ନିର୍ବାଣ ବି । ସୁମତି ଦେବୀ କହିଲେ ଏଇ ବାକ୍ୟଟା ଆଉଥରେ କୁହ, ଜୀବନବାବୁ ପୁଣିଥରେ କହିଲେ, ଏମିତି ଆଉ ଥରେ, ଆଉ ଥରେ କହି କହି ସୁମିତ୍ରା ଦେବି ଜୀବନବାବୁଙ୍କ ମୁହଁରୁ ସେଇ ବାକ୍ୟଟିକୁ ଦଶଥର ରିପିଟ କରେଇଦେଲେ । ଶେଷରେ ଜୀବନବାବୁ ବିରକ୍ତ ହୋଇ କହିଲେ, ଆରେ, ତୁମେ କହିବାକୁ କଣ ଚାହୁଁଚ ? ବାକ୍ୟଟାକୁ ବାରମ୍ବାର କହିଲେ କଥାଟା କଣ ବଦଳିଯିବ? ସୁମିତ୍ରା ଦେବି ବଡ ଶାନ୍ତ ସ୍ୱରରେ କହିଲେ ନାହିଁ, କଥାଟା ବଦଳିବ ନାହିଁ, କିନ୍ତୁ ଅର୍ଥ ବଦଳି ଯିବ । ଜୀବନବାବୁ ଜିଜ୍ଞାସୁ ଆଖିରେ ସୁମିତ୍ରାଙ୍କ ମୁହଁକୁ ଚାହିଁ ରହିଲେ ।

ସୁମିତ୍ରା ଦେବି କହିଲେ, ଦେଖ, କଥାଟା ବହୁତ ସିମ୍ପଲ, ତୁମେ କହିଲ ଜୀବନରେ କାମନା ନଥିଲେ ସବୁ ସୁଖ ମିଳଯିବ, ମୋକ୍ଷ ବି । ଏଇଆ ନା'? ଏତିକ କହି ଜୀବନବାବୁଙ୍କ ମୁହଁକୁ ଗ୍ଣହିଁଲେ । ଜୀବନବାକୁ ଟିକଏ ଭ୍ଵବି, କହିଲେ ହଁ ସେଇକଥା । ତାପରେ ସୁମିତ୍ରା ଦେବି ବାକ୍ୟଟିର ପୋଷ୍ଟମଟମ କରିବା ଆରମ୍ଭ କରିଦେଲେ । କହିଲେ ବାକ୍ୟଟିକୁ ଓଲଟେଇ ଦେଖ, 'ଜୀବନର ସବୁସୁଖ ଏବଂ ମୋକ୍ଷପ୍ରାପ୍ତି ପାଇଁ କାମନାର ବିନାଶ କର' ଏମିତି ହେବନା ବାକ୍ୟଟି । ଜୀବନ ବାବୁ ଯେପରି କଛି ହିସାବ କରିବାକୁ ଲଗିଲେ, ମନେମନେ ବାକ୍ୟଟିକୁ ଦୋହରାଇ ପରଖିନେଲେ ପୁଣି ଭ୍ଵବି କହିଲେ ଏକଜାକଟଲି ସେଇକଥା । ସୁମିତ୍ରା ଦେବି କହିଲେ, ବାକ୍ୟଟିକୁ ଟିକେ ସରଳ କରିଦେବା । ଜୀବନର ଅସଲ ସୁଖ ଏବଂ ନର୍ବାଣ ପାଇଁ କାମନାର ବିନାଶ କରିବା । ମାନେ ସୁଖ ଏବଂ ମୋକ୍ଷପ୍ରାପ୍ତି ପାଇଁ, କାମନାର ବିନାଶ କରିବା । ତେବେ 'କାମନାର ବିନାଶ କରିବା' କାର୍ଯ୍ୟଟି କଣ ଏକ କାମନା ନୁହେଁ ? କଛି ପାଇବା ପାଇଁ ଆଶା କରିବା ଏବଂ ସେଥିପାଇଁ କଛି କରିବା ତ କାମନା, ନା' କଣ କହୁଛ ?? ଜୀବନବାବୁ ବାଧ ଶିଷ୍ୟଟିଏ ପରି ମୁଣ୍ଡ ହଲାଇ ହଁ କହିଲେ । ସୁମିତ୍ରା ଦେବି ପଗ୍ଣରିଲେ, ପୁଣି ଏଇ ନୂତନ କାମନାର ବିନାଶ ପାଇଁ ଆଉ କଣ କରିବ ? ଯେମିତି ଯାହା କଲେବି, ଶେଷରେ ଏମିତି ଏକ ନୂଆ କାମନା ପୁଣି ମୁଣ୍ଡ ଟେକବ । ଠିକ୍ ପିଆଜର ପାଖୁଡା ଛଡେଇଲା ଭଳ । କାମନାଠାରୁ ମଣିଷର ମୁକ୍ତି କେବେବି ସମ୍ଭବ ନୁହେଁ, ମଣିଷ କାମନା ଠାରୁ ଯେତେ ଦୂରକୁ ଯିବାପାଇଁ ଚେଷ୍ଟା କରିବ କାମନା ସେତେ ତୀବ୍ର ଗତିରେ ତାର ପିଛା କରିବ, ଠିକ୍ ଯେପରି ନୀରିହ ମୃଗ ଶାବକ ପଛରେ କ୍ଷୁଧାର୍ତ୍ତ ସାର୍ଦ୍ଦୁଳ ତାର ପିଛାକରେ, କାମନା ଯେପର୍ଯ୍ୟନ୍ତ ସେ ମଣିଷକୁ ନଜର ବଶିଭୂତ କରି ନନେଇଛି ସେ ପର୍ଯ୍ୟନ୍ତ ତୁମର ପିଛା ଛାଡିବନ । ଆହୁରି ଅଧିକ ପାଇବାର ଇଚ୍ଛା ମଣିଷର ସହଜାତ ପ୍ରବୃତ୍ତି ଏବଂ ଏହି ପ୍ରବୃତ୍ତି ସମସ୍ତ କାମନାର ଜନନୀ । ମଣିଷ ଯଦି କାମନାର ବଶବର୍ତ୍ତୀ ନହୋଇ କାମନାକୁ ନଜର ବଶିଭୂତ କରିପାରିବ ତେବେ ମୋକ୍ଷ ପ୍ରାପ୍ତି ହେବକ ନାହିଁ ଜାଣେନ କନ୍ତୁ ଜୀବନରେ ଶାନ୍ତି ଏବଂ ଖୁସି ନଶ୍ଚିନ୍ତଭ୍ଵବେ ପ୍ରାପ୍ତ କରିପାରିବ ।

ନର୍ବାଣର କାମନା କରି ବୁଦ୍ଧ ସମସ୍ତ କାମନାର ବିନାଶ କରିପାରିଥିଲେ କ ନାହିଁ ଜଣାନାହିଁ। ନର୍ବାଣର କାମନାକରି ସେ ନର୍ବାଣ ପାଇଥିଲେ କ ନାହିଁ କଏ ଜାଣେ ? କନ୍ତୁ ମୁଁ ଯାହା ଭ୍ଵବେ, ସେଇଟା ହେଉଛି, "କାମନାର ବିନାଶରେ ଦୁଃଖର ନୁହେଁ, ଜୀବନର ବିନାଶ ହୋଇଥାଏ" କମ୍ବା କଥାଟାକୁ ତୁମେ ଏମିତି ବି କହିପାର, 'ଜୀବନର ବିନାଶ ପରେ

କାମନାର ବିନାଶ' । ମଣିଷ ମଲାପରେ କାମନା ବି ମରିଯାଏ । ମଲା ମଣିଷର ଆଉ କଣ କଛି କାମନା ଥାଏ ? ଅସଲ କଥା ହେଲା, ଏଇ କାମନା ହିଁ ମଣିଷକୁ ଜୀବିତ ରଖିଛି । ଜୀଇଁବାର ଇଚ୍ଛା ଏକ କାମନା । ଭୋକ ଲାଗିଲେ ଖାଇବାର ଇଚ୍ଛା ତ କାମନା, ଶୀତ ଲାଗିଲେ ଘୋଡେଇ ହେବାର ଇଚ୍ଛା ବିତ କାମନା ! ଭଗବାନଙ୍କର ଆଶିର୍ବାଦ, କରୁଣା ପ୍ରାପ୍ତ କରିବାର ଇଚ୍ଛା ବି କାମନା । ଜୀବନରେ ସୁଖ ଭୋଗିବା, କଷ୍ଟ ନପାଇବା ବି କାମନା । ପରିବାରକୁ ସୁଖି ରଖିବା, ସନ୍ତାନଙ୍କୁ ଯୋଗ୍ୟ କରିବା ଏସବୁତ କାମନା ? କେଉଁ କାମନାର ବିନାଶ କରିବ ମଣିଷ ? ଆଉ ରହିଲା କାମନାର ବିନାଶରେ ନର୍ବାଣ ବା ମୋକ୍ଷ ପ୍ରାପ୍ତି ହେବା କଥା । ତୁମକୁ ଗ୍ଵର୍ବାକଙ୍କର ଥିଓରୀ ବିଷୟରେ କହିଦେଉଛି, ଗ୍ଵର୍ବାକ କହନ୍ତି ; "ନ ସ୍ଵର୍ଗେ ନାପବର୍ଗେ ବା ନୈବାତ୍ମା ପରଲୌକିକଃ । ନୈବ ବର୍ଣ୍ଣାଶ୍ରମାଦୀନାଂ କ୍ରୀୟାଶ୍ଚ ଫଳଦାୟିକାଃ ।" ଅର୍ଥାତ୍ ସ୍ଵର୍ଗ ଅବା ନର୍କ ଏପରି କଛି ସ୍ଥାନ ନାହିଁ, ନା ମୋକ୍ଷ ବୋଲି କଛି ଥାଏ, ନା ପରଲୋକ ଯିବା ପାଇଁ କଛି ଆତ୍ମା ଥାଏ । ନା ବ୍ରାହ୍ମଣ ଆଦି ଗ୍ଵରିବର୍ଗ ମାନସିକତା ଏବଂ ବ୍ରହ୍ମଚର୍ଯ୍ୟ, ଗର୍ହସ୍ଥ୍ୟ ଆଦି ଗ୍ଵରି ଆଶ୍ରମରେ ପାଳନ କରାଯାଇଥିବା କର୍ମର କୌଣସି ଫଳ ପରଲୋକରେ ମିଳଥାଏ । ଏ ସବୁ କେବଳ ଶୁଣାକଥା ଏହାର କେହି ପ୍ରତକ୍ଷଦର୍ଶୀ ନାହିଁ । ଗ୍ଵର୍ବାକ ଠିକ ତ କହିଛନ୍ତି । ଏ ସବୁ ତଥ୍ୟର କେହି ପ୍ରତ୍ୟକ୍ଷଦର୍ଶୀ ଅଛି ?

ଅସଲ କଥା କଣ ଜାଣିଛ ? ମଣିଷର ଅନେକ କାମନା, ଏବଂ ସେଇ ସବୁ କାମନାକୁ ପୂର୍ଣ୍ଣ କରିବାପାଇଁ ମଣିଷ କର୍ମବି କରେ, ଏବଂ କର୍ମଫଳ କାମନା ବି କରେ । ଇପ୍ସିତ ଫଳ ନମିଳଲେ ଭାଙ୍ଗିପଡେ, ଦୁଃଖି ହୋଇଯାଏ, ଗୀତାରେ ଭଗବାନ କୃଷ୍ଣଙ୍କ ବାଣୀକୁ ଦୋହରାଏ। 'କର୍ମଣ୍ୟେବାଧିକାସ୍ତେ ମା ଫଳେଷୁ କଦାଚନ' । ଆମେ ଗୀତାର ଏଇ ବାଣୀଟିର ସବୁବେଳେ ମିସ-ଇଣ୍ଟରପ୍ରେଟେସନ କରିଆସିଛୁ । 'କାମ କରିଯାଅ ଫଳର ଆଶାକରନା' । କହିଲ ଦେଖି, ଫଳର ଆଶା ନଥିଲେ କଏ କାହିଁକ କର୍ମ କରିବ ? ଦରମା ମିଳବାର ଆଶା ନଥିଲେ କଏ କାହିଁକ କାମ କରିବାକୁ ଯିବ ? ପାଶ୍ କରିବାକୁ କ ପରୀକ୍ଷାରେ ପୋଜିସନ ରଖିବାର ଆଶା ବା କାମନା ନଥିଲେ କଏ କାହିଁକ ପାଠପଢାରେ ଅଧିକ ପରିଶ୍ରମ କରିବ ? ଆମେ ଯେଉଁଟାକୁ କାମ କହୁ, ଅସଲରେ ସେଇଟା କାମନାଦ୍ଵାରା ହିଁ ପ୍ରେରିତ ହୋଇଥାଏ । କର୍ମ ସର୍ବଦା ସକାମ । ବାକ ରହିଲା କର୍ମଫଳର ଆଶା କରିବା । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି 'କର୍ମଣ୍ୟେବାଧିକାରସ୍ତେ' ଅର୍ଥାତ୍ ତୁମର ଅଧିକାର କେବଳ ତୁମର କର୍ମ କରିବା ପର୍ଯ୍ୟନ୍ତ ସୀମିତ । କର୍ମ ମଣିଷର ଅଧୀନ,

ସେପରି ଫଳ ପ୍ରଦାନ କରିବା ଅନ୍ୟ ବ୍ୟକ୍ତିର ଅଧୀନରେ ଥାଏ । ଯେପରି ତୁମେ ପରୀକ୍ଷା ଦେଲ । ସେଇଠି ତୁମର ଅଧିକାର ସୀମା ସମାପ୍ତ । ତାପରେ ଫଳଦେବା ଅଧିକାର ପରୀକ୍ଷକ ହାତରେ । କର୍ମ ଯଦି ଠିକ୍ ଭାବେ କରାଯାଇଛି ଫଳ ମଧ୍ୟ ଉତ୍ତମ ମିଳିବ, ଏଥିରେ ଆଶା ନିରାଶାର ପ୍ରଶ୍ନ ହିଁ ନାହିଁ । କିନ୍ତୁ ଆମେ ସବୁ ଓଲଟାକରୁ, ଆମେ କର୍ମ କରୁ ଏବଂ ସଙ୍ଗେ ସଙ୍ଗେ ଫଳବି ଆମ ଅଧିକାରରେ ଥିଲାଭଳି ମନେକରୁ । ସେଇଠି ଆମେ ଦୁଃଖକୁ ଆମନ୍ତ୍ରଣ ଦେଇଦେଉ । ଆତ୍ମ ସମୀକ୍ଷା କରୁନା, ହୁଏତ ଆମର କର୍ମରେ କୌଣସି ତ୍ରୁଟି ରହିଯାଇଛି, ତାହା ଖୋଜିବାକୁ ଚେଷ୍ଟା କରୁନା । ପୂନଃପ୍ରଚେଷ୍ଟା କରୁନା । ନିରାଶ ହୋଇଯାଉ ଭାଗ୍ୟ ଆଉ ଭଗବାନଙ୍କୁ ଦୋଷ ଦେଇଦେଉ ।

କୌଣସି କାର୍ଯ୍ୟ, ବିନା କାମନାରେ ଆରମ୍ଭ ହୁଏନା । କିଛି ପାଇବାର ଇଚ୍ଛା ରଖିତ ମଣିଷ କର୍ମ କରେ । ସବୁ କର୍ମ ପଛରେ ଏକ ଉଦ୍ଦେଶ୍ୟ ଥାଏ, ତେଣୁ ନିଷ୍କାମ କିଛିବି ନଥାଏ । ଭିକାରୀକୁ ଭିକ୍ଷା ଦେବା ପଛରେ ଆମ ମନରେ ଧର୍ମ ଅର୍ଜନର କାମନା ଥାଏ । ମନ୍ଦିରକୁ ଦିଅଁ ଦର୍ଶନ କରିବାକୁ ଗଲେ, ଆମ ମନରେ ଭଗବାନଙ୍କ ପାଇଁ ଭକ୍ତି ଅପେକ୍ଷା କିଛି ପ୍ରାପ୍ତିର କାମନା ଅଧିକ ଥାଏ । ସନ୍ତାନକୁ ଭଲ ସ୍କୁଲରେ ପଢାଇବାରେ ବି ଆମର ସ୍ୱାର୍ଥ ଏବଂ କାମନା ଜଡିତ ଥାଏ । ବନ୍ଧୁମାନଙ୍କ ଆଗରେ ବାହାଦୂରୀ ଦେଖେଇ ହେବା ମୋ ପିଲା ଅମୂକ ସ୍କୁଲରେ ପଢେ ଏଥିରେ ନିଜକୁ ଦେଖେଇ ହେବାର କାମନାଥାଏ । ମଣିଷ ଯେ ପର୍ଯ୍ୟନ୍ତ ଜୀବିତ ଅଛି ତାର କାମନା ତା ସହିତ ରହିବଇ ରହିବ । କାମନାର ବିନାଶ ସିନା ହୋଇପାରିବନି କିନ୍ତୁ ସେଥିରେ ଅଂକୁଶ ନିଶ୍ଚୟ ଲଗାଇ ହେବ ।

ବୁଝିଲ, ଆଜି ମଣିଷ ନିଜର ମୌଳିକ ଆବଶ୍ୟକତାକୁ ଭୁଲିଯାଇଛି । ମଣିଷର କିଛିବି ଅସୁବିଧା ନାହିଁ, ଖାଲି ତା ପାଇଁ ଆବଶ୍ୟକତାର ପରିଭାଷା ବଦଳି ଯାଇଛି । ମଣିଷର ଆବଶ୍ୟକତା କେବଳ ତାର ମୌଳିକ ଆବଶ୍ୟକତା ମଧ୍ୟରେ ସୀମିତ ରହିଯାଇନି । ମନେକର ଯେମିତି ମଣିଷକୁ ଭୋକଲାଗେ, ଖାଇବା ଅର୍ଥ କେବଳ କ୍ଷୁଧା ଶାନ୍ତ କରିବା । କିଛିବି ସ୍ୱାସ୍ଥ୍ୟକର ଖାଦ୍ୟଖାଇ ପେଟ ଭରାଯାଇ ପାରିବ । ମୁଠାଏ ଭାତ, କି ଦୁଇ ପଟ ରୁଟିରେ ମଣିଷର ପେଟ ଭରିଯାଏ, ଭୋକ ବି ଶାନ୍ତ ହୋଇଯାଏ । କିନ୍ତୁ କେବଳ ଭୋକ ମାରିବା କିଏ ଚାହୁଁଛି ? ଜିଭକୁ ସୁଆଦ ବି ଦରକାର, ମନକୁ ବିରିଆନିର ବାସ୍ନା ପାଗଳ କରିଦିଏ, ମଣିଷକୁ ପେଟ ପାଇଁ ଆହାର ନୁହେଁ ପାଟିପାଇଁ ସ୍ୱାଦିଷ୍ଟ ବ୍ୟଞ୍ଜନ ଦରକାର । ଆମେ କେବଳ କ୍ଷୁଧାକଥା ଭାବୁନା, ଆମେ ଭାବୁ ସ୍ୱାଦିଷ୍ଟ, ରୁଚିକର ଆଉ ମହାର୍ଘ୍ୟ ଭୋଜନ।

ସ୍ୱାସ୍ଥ୍ୟର କଥା, ସ୍ୱାସ୍ଥ୍ୟ ବର୍ଦ୍ଧକ ପୁଷ୍ଟିକର ଖାଦ୍ୟ କଥା, ମନରେ ଆସେନା । ସେମିତି ଆମର ବ୍ୟସନ, ଆମକୁ ଶରୀର ଘୋଡେଇ ହେବାକୁ କେବଳ ଲୁଗା ନୁହେଁ ବରଂ ଫେସନ କରିବାକୁ ମହଙ୍ଗା ରଙ୍ଗ ବେରଙ୍ଗର ପୋଷାକ ଦରକାର । ଶରୀର ଆବୃତ ହେଉ ବା ନହେଉ, କଛି ଯାଏ ଆସେନା । ଶରୀର ଢାଙ୍କିବାକୁ ଯାଇ ଆମେ ନଗ୍ନତା ଆଡକୁ ଗତିକରୁ। କେତେ ଅଧିକ ଢାଙ୍କିବୁ ନଭାବି କେତେ ଅନାବୃତ ରଖିପାରିବୁ ସେକଥା ଫେସନ ଡିଜାଇନ୍ କଲାବେଳେ ଧ୍ୟାନରେ ରଖୁ । ମଣିଷ ନଜର ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ଲୋଡେ, ସେଇଟା ଛାଳ ଛପର କ ଲୁହା ସିମେଣ୍ଟର କଛି ଫରକ ନଥାଏ, କନ୍ତୁ ମଣିଷ ଗ୍ଧହେଁ ଗ୍ଜାଉଆସ ପରି ମହଲ । ଆଜି ମଣିଷ ମୌଳିକ ଆବଶ୍ୟକତାର ଅଭାବରୁ କମ ଦୁଃଖି ଏବଂ ବିଳାଶ ପୂର୍ଣ୍ଣ ଜୀବନର ଲାଳସା କାରଣରୁ ବେଶି ଦୁଃଖି । ନେସେସିଟି ଏବଂ ଲକଜୁରୀ ଭିତରେ ଥିବା ଫରକ ଆମକୁ ଜାଣିବାକୁ ହେବ । ଯାହା ଅଛି ସେଥିରେ ଖୁସିରହିବା ଏବଂ ସୁଖିହେବା ଶିଖିବାକୁ ହେବ । ଯାହା ନାହିଁ ତାପାଇଁ ଚେଷ୍ଟା ଅବଶ୍ୟ କରବା, କନ୍ତୁ ତା ପାଇଁ ଦୁଃଖି ନହେବା ହିଁ ସୁଖର ମାର୍ଗକୁ ସୁଗମ କରିଦିଏ । ସବୁଠାରୁ ବଡକଥା ଜୀବନରେ ସନ୍ତୁଷ୍ଟ ରହି ଜାଣିଲେ ଦୁଃଖ କେବେ ବି ପାଖ ମାଡିବନ ।

ଜୀବନବାବୁ ମନ୍ତ୍ରମୁଗ୍ଧ ହୋଇ କେଉଁ ସାଧୁଙ୍କର ପ୍ରବଚନ ଶୁଣିଲା ପରି ଚୁପ୍ ହୋଇ ସବୁ ଶୁଣୁ ଥାଆନ୍ତି । ଶେଷରେ କହିଲେ, ସୁମିତ୍ରା ତୁମେ ଏଇ ଅଧ୍ୟାପିକା ଗ୍ଧକରୀ ଛାଡିଦିଅ । ସୁମିତ୍ରା ଦେବି ଆଶ୍ଚର୍ଯ୍ୟହୋଇ ଜୀବନବାବୁଙ୍କ ମୁହଁକୁ ଏକ ପ୍ରଶ୍ନିଳ ଆଖିରେ ଗ୍ଧହିଁ ରହିଲେ, ପଗ୍ଧରିଲେ କାହିଁକ ? ଜୀବନବାବୁ ଟିକଏ ହସିଦେଇ କହିଲେ, ତୁମେ ଏତେ ସୁନ୍ଦର ଭାବେ କଥାଟିକୁ ବୁଝେଇଦେଲ, ହୁଏତ ଆଉ କେହି ଏପରି ବୁଝେଇ ପାରି ନଥାନ୍ତା । ଆଜିକାଲି କେତେ ଭଣ୍ଡବାବା ଓଲଟା ସିଧା ପ୍ରବଚନଦେଇ ଲୋକଙ୍କୁ ଭୁଆ ବୁଲାଉଛନ୍ତି । ତୁମେ ପ୍ରବଚନ ଦେଲେ ଲୋକେ କଛି ଭଲକଥା ତ ଶିଖିପାରିବେ, ତାପରେ ସୁମିତ୍ରା ମାତାଙ୍କର ଜୟବାନାବି ଉଡିବ । କେତେ ଭକ୍ତ ଜମା ହେବେ, ଜୟ ଜୟକାର ହେବ । ସୁମିତ୍ରା ମାତାଙ୍କର ଆଶ୍ରମ, ମନ୍ଦିର, ୟୁନଭରସିଟି, ମେଡିସିନ, ଧୂପକାଠୀ ଠାରୁ ଦନ୍ତମଞ୍ଜନ ପର୍ଯ୍ୟନ୍ତ ସବୁ ବନଯିବ । ତୁମେ ଷ୍ଟାର ସେଲେବ୍ରିଟି ହୋଇଯିବ । ସୁମିତ୍ରା ଦେବି ଟିକେ ହସିଦେଇ କହିଲେ, ଥାଉ ବାବା, ମୋର କଛି ବାବା, ମାତା ହେବା ଦରକାର ନାହିଁ । ଏମିତିରେ ମୁଁ ଠିକ୍ ଅଛି । ବହୁତ ଖୁସି ଅଛି ।

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ଦୁଇ ପଟ ରୋଟିର ଭୋକ



ଭାସ୍କର ଚନ୍ଦ୍ର ଖଣ୍ଡା

ନେଇ ଜନ୍ମ କାନ୍ଦେ ଶିଶୁ
ଖୋଜେ ମାଆକୁ
ତା ଭୋକ ମେଣ୍ଟାଇବାକୁ ।୧।

ଯେବେ ହୁଏ ବଡ
କରିଥାଏ କେତେ ସେ ସଂଘର୍ଷ
ଦୁଇ ପଟ ରୋଟି ପାଇଁ
ରୋଟିର ସେ ଭୋକ ସାଥିରେ
ଚାଲେ ବଢି ଭୋକର କେତେ ବ୍ୟାଖ୍ୟା
ପ୍ରାସାଦ, ଅର୍ଥ, ଗାଡି ଏପରି ଅନେକ
ଚାଲିଥାଏ କରି ତା କାୟା ବିସ୍ତାର ।୨।

କରିଥାଏ ଅନୁସରଣ
କେତେବେଳେ ଧର୍ମ ଆଉ
କେତେବେଳେ ଅଧର୍ମର ପଥ
ବାନ୍ଧି ଦେଇ ଅନ୍ଧର ପୁଟୁଳ
ମାନବିକତାର ଆଖିରେ ।୩।

ହାୟରେ ଭୋକ
କରନ୍ତୁନ ସଂକୀର୍ଣ୍ଣ ତୋର ପରିସୀମାକୁ
ତୋର ସେଇ ନିର୍ଦ୍ଦିଷ୍ଟ ପରିଧି ଭିତରେ
କରିଥାନ୍ତେ ଅନୁଭବ ସଭିଏଁ ସୁଖକୁ ।୪।

ହୁଅନ୍ତା ଯଦି ଏପରି ସମ୍ଭବ
ବୋହିଥାନ୍ତା ଶୁଦ୍ଧତାର ବାତାବରଣ
ତା'ର ଶୀତଳ ପରଶରେ
ହୋଇଥାନ୍ତେ ସଭିଏଁ ସୁଖୀ
ନଥାନ୍ତା ଭେଦ ଭାବ ଦ୍ୱେଷ ଆଉ ଗ୍ଲାନି ।୫।

ହୋଇଥାନ୍ତା କେତେ ସୁନ୍ଦର
ସେଇ ଦୁନିଆଟା
ଶୁଣା ଯାଇଥାନ୍ତା ସବୁଠି
ଶାନ୍ତି ଆଉ ମୈତ୍ରୀର ବାରତା ।୬।

ସପନର ସେ ଦୁନିଆରେ
ହୁଅନ୍ତାନି ଆଉ ଭୋକର ପରିସୀମା ବୃଦ୍ଧି
ରହିଥାନ୍ତା ଏକ ଆବଦ୍ଧ ପରିଧି ଭିତରେ
ଏକ ନିର୍ଦ୍ଦିଷ୍ଟ ସୀମାରେଖା ରେ
ଶଙ୍କୁଚିତ ହୋଇ ରୁହନ୍ତା ସବୁ ତୃଷ୍ଣା
ଦୁଇ ପଟ ରୋଟିର "ଭୋକ" ।୭।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ତୋ ପଣତ କାନରେ



ସସ୍ମିତା ପଟ୍ଟନାୟକ

ଆଜି ପୁଣି ଇଛା ହଉଚ ତୋ ପଣତ କାନରେ ଲୁଚ ଯିବାକୁ,
ମନ ଭରି ତୋ ହାତରୁ ଭାତ ଡାଲି ଖାଇବାକୁ,
ଆଉ ତୋ କୋଳରେ କିଛି କ୍ଷଣ ଶୋଇ ଯିବାକୁ !!!

ପୁଣି ଇଛା ହଉଚ,
ହାଲିଆ ଦେହକୁ ତୋ ସ୍ନେହର ପବନ ଦେବାକୁ,
ସବୁ ବ୍ୟସ୍ତତାକୁ ତୋ ପାଖରେ ପୂର୍ଣ୍ଣଛେଦ ଦେବାକୁ,
ତୋ କୋଳରେ କଛି କ୍ଷଣ ଶୋଇ ଯିବାକୁ !!!

ପୁଣି ଇଛା ହଉଚ,
ତୋର ସେଇ ମିଛି ମିଛିକା ଆକଟ ଶୁଣିବାକୁ,
ତୋ ଭରଷାରେ ଦୁନିଆ ସହ ଲଢ଼ି ଯିବାକୁ,
ତୋ କୋଳରେ କଛି କ୍ଷଣ ଶୋଇ ଯିବାକୁ !!!

ପୁଣି ଇଛା ହଉଚ,
ତୋର କାନରେ ମୋ କ୍ଲାନ୍ତକୁ ପୋଛି ଦେବାକୁ,
ତୋ ମନର ବ୍ୟଥାକୁ ନୀରବରେ ବୁଝିବାକୁ,
ତୋ କୋଳରେ କଛି କ୍ଷଣ ଶୋଇ ଯିବାକୁ !!!

ପୁଣି ଇଛା ହଉଚ,
ପାଶୋରି ଯାଇଥିବା କ୍ଷଣକୁ ଫେରି ଯିବାକୁ,
ସବୁ ମାନ ଅଭିମାନକୁ ପଛରେ ପକାଇଦେବାକୁ,
ଆଜି ପୁଣି ଇଛା ହଉଚ ତୋ ପଣତ କାନରେ ଲୁଚ ଯିବାକୁ !!

ପୁଣି ଇଛା ହଉଚ,
ବର୍ଷରେ ତିନଟା ନୂଆ ପୋଷକର ସଭ୍ୟତାକୁ ଫେରିବାକୁ,
ଆଜିର ମିଥ୍ୟା ପରିଚୟ ଆଉ କୃତ୍ରିମ ହସରୁ ବାହାରିବାକୁ,
ଛୋଟ ଛୋଟ ଖୁସିରେ ପୁଣି ଖୁସି ହେବାକୁ,
ଏସି ଛାଡି ତାଳପତ୍ର ପଙ୍ଖାର ପବନର ଆନନ୍ଦ ନେବାକୁ,
ଫ୍ରିଜ୍ ଛାଡି ମାଟି କଳସର ପାଣିରେ ତୃଷା ମେଣ୍ଟାଇବାକୁ,
ତୋଠୁ ସେଇ ରାଜକୁମାରୀ ଆଉ ଭୂତ କାହାଣୀ ଶୁଣିବାକୁ,
ଆଜି ପୁଣି ଇଛା ହଉଚ ତୋ ପଣତ କାନରେ ଲୁଚ ଯିବାକୁ !!

ଇଛା ହଉଚ,
ତୋର ଆଡେଇଦେଇଥିବା କଥାକୁ ପୁଣି ଥରେ ମାନବାକୁ,
ଛୋଟ ଛୋଟ ଭୁଲକୁ ପୁଣି ଥରେ ଠିକ୍ କରିବାକୁ,
ଶରୀର ନିସ୍ତେଜ ହେବା ଆଗରୁ ତୋ କୋଳର କୋମଳତାକୁ ସ୍ପର୍ଶ କରିବାକୁ,
ସବୁ ଭୁଲର ପ୍ରାୟଶ୍ଚିତ କରିବାକୁ,
ଆଜି ପୁଣି ଇଛା ହଉଚ ତୋ ପଣତ କାନରେ ଲୁଚ ଯିବାକୁ !!

ଭୁବନେଶ୍ୱର

# ଅନ୍ଧ ରାତିର କଳାଛାଇ



ବ୍ରଜ ନାରାୟଣ ପାଣିଗ୍ରାହୀ

ରଙ୍ଗୀନ ଦୁନିଆଟାର ଚିତ୍ର ପଟ ବଦଳିଲା,
ବଦଳିଲା ଅତୀତର ଜୀବନର ଧାରା,
କୋଳାହଳ ମୁଖରିତ ନଗର ସହର,
ରାଜପଥ, ନଈତୁଠ, ମନ୍ଦିର, ମସଜିଦ ଅବା ଗୀର୍ଜା-ଗୁରୁଦ୍ୱାର ।
ସବୁଠାରେ ଖାଁ ଖାଁ ସବୁ ସ୍ତବ୍ଧ ନୀରବ - ନିଜର
ବନ୍ଧୁତାରେ ମାପଚୁପ ଖାପଛଡା ଭାବ,
ସମ୍ପର୍କ ଓ ସୌହାର୍ଦ୍ଦ୍ୟର ସ୍ୱରୂପ ଓ ସଂଜ୍ଞା ବଦଳିଛି,
ଅନାଗତ ଆଶଙ୍କା ଓ ଆତଙ୍କରେ ସଭିଏଁ ଅସ୍ଥିର ।।
ବ୍ୟର୍ଥତା ଓ ନୈରାଶ୍ୟ ର ତୀବ୍ର କଳା ଛାଇ,
ଏ କୋଣରୁ ସେ କୋଣକୁ ଲମ୍ବିଯାଏ ;
ସାରା ବିଶ୍ୱ କଲବଲ କରୋନାର ତୀବ୍ର ହଳାହଳ ।।

କାରଖାନା, ଖଣି, ଖାଦାନରେ
କର୍ମ ବ୍ୟସ୍ତ ଶ୍ରମ କ୍ଲାନ୍ତ ଶ୍ରମିକ ନାହାନ୍ତି;
ଚିମିନିରୁ ଧୂଆଁ ଉଠୁନାହିଁ,
ଶୁଭୁନାହିଁ ଇଞ୍ଜିନର କାନଫଟା ବିକଟ ଗର୍ଜନ
ନାହିଁ କାହିଁ କର୍ମ ବ୍ୟସ୍ତ ଧାଁ ଦଉଡର ପାଦଛନ୍ଦ,
ଚା’, ପାନ ଦୋକାନରେ ତାଲାବନ୍ଦ,
ବ୍ୟଗ୍ର ଗରାଖ ଗହଳ ପାଟି ଖଟି କିଛି ନାହିଁ,
ସବୁଆଡେ କିଛି ନାହିଁ ସବୁ କିଛି ଥାଇ।

ଶୂନଶାନ ରାଜପଥେ କାଁ ଭାଁ ଲରୀ,
ତା’ ଭିତରେ ନୀଡ଼ଫେରା ଅସହାୟ ନିଃସହାୟ
ସକରୁଣ ଲମ୍ବା ପଟୁଆର - ନୀରବ ସଭିଏଁ,
ପେଟ ଗୃଖଣ୍ଡକ ପାଇଁ ଯାଇଥିଲେ
ବାହୁଡନ୍ତି କ୍ଲାନ୍ତ-ଶ୍ରାନ୍ତ ଭୋକ-ଉପାସରେ ।

ପ୍ରବାସର ମୃତ୍ୟୁ ଠେଲି ଭିଟାମାଟି ଛୁଇଁବାର ଆଶା
ଆଖି ନାହିଁ କାନ ନାହିଁ କହି ତା'ର ପ୍ରତିକାର ନାହିଁ
ଦୁର୍ଦ୍ଦିନରେ ଅବେଳରେ ବୁଢ଼ା ବାପ -ବୁଢ଼ୀମା' ବୋଝ ବୋହି
ଚାଲିଛନ୍ତି ଘୋଷାରି ଘୋଷାରି ପାଦ,
କେତେ କେତେ ଶ୍ରବଣ କୁମାର ।
କଏ ପୁଣି ଝୁଣ୍ଟି ପଡି ଅସମୟେ,
ଚାଲିପଥ ଶେଷ ଆଗୁ ସାରିଦିଏ ଜୀବନର ପଥ ।
କାହିଁ କେଉଁ ଜନ୍ମଦାତ୍ରୀ କୁନ୍ତୀ ପରି ଆଖି ଲୁହ ପିଇ
ନବଜାତ ଶିଶୁଟିକୁ ପଥରେ ପକାଇ,
ଚାଲିଯାଏ ପଛକୁ ଚାହେଁନା,
ମମତାର ଶକ୍ତ ଶିକୁଳଟା ଛିଡିଯାଏ ଧୀରେ ।।

ଏଠି ପୁଣି ଗାଁ ଦାଣ୍ଡ ଚୁପଚାପ
ଅସମୟେ ଢୁଳାଇ ଢୁଳାଇ ହାଇ ମାରୁଥାଏ,
ନାହିଁ ଏବେ କୋଳାହଳ- ପାଟିତୁଣ୍ଡ,
ବାଲିଘର ଭଙ୍ଗା ଗଢା ଖେଳର ଆସର ।
କୁନ କୁନ ଆଖି କେତେ ଡହଳ ବିକଳ,
ଦାଣ୍ଡ କୁ ନ ଯିବା ପାଇଁ ସଭିଙ୍କର ନିଷ୍ଠୁର ନିଷେଧ,
କେବେ ଏଠୁ ନିଷେଧ ହଟିବ;
କୁନା-ମୁନା-ସନା-ମୀନା ମିଶିଯାଇ ଦାଣ୍ଡ କମ୍ପାଇବେ !!!

ହେଲେ ନିଷେଧ ହଟୁଛି କାହିଁ ??
ସମ୍ବାଦ ପତ୍ରରେ ଅବା ଟିଭି ପରଦାରେ ନିତି,
କରୋନାର ସଂକ୍ରମଣ ଅଗ୍ରଗତି କେତେ ତଥ୍ୟ ନେଇଆସେ
ଦୁକୁ ଦୁକୁ ସବୁ ଛାତି ତଥାପି ତ ଆଶାର ଝଲକ;
ଏ ଅନ୍ଧ ରାତିର ନିଶ୍ଚେ ସକାଳ ଆସିବ;
ସୁନାଝରି ଆଲୁଅରେ ଜୀବନର ରାହା ମିଳିଯିବ ।।

ମଧୁବନ-କଟୁଆପଡା,
ବାଲିଆପାଳ, ବାଲେଶ୍ୱର

# ନାରୀ



ସାବିତ୍ରୀ ମହାପାତ୍ର

ସୃଷ୍ଟି କାହେ ଦେଖି ସ୍ରଷ୍ଟାର ବିଚାର
ନାରୀ ଜାତି ପ୍ରତି ଏକ ଅବିଚାର
ପରାଧିନତାର ବେଡିରେ ବନ୍ଧାସେ
ଏକଥା କରିବ କିଏ ଅସ୍ୱୀକାର...... (୧)

କାହା ଆଗମନେ ହସେ ଏଇ ଧରା
ସରିଯାଏ ବାଣ୍ଟି ମିଠାର ପସରା
କିଏ ଆସେ ଦେଇ ଲୋତ୍କର ଧାରା
ମା 'ର ପଣତ ଭିଜିଯାଏ ପରା..... (୨)

ଝିଅ ପରା ସେହି ଜଗତ ହସନ୍ତି
ଟାହି ଟାପରା ବି ପଡୋଶୀ କରନ୍ତି
ହରାଇ ବସେ ସେ ଯେତେ ନିଜ ସ୍ଥିତି
ମାନେ ଆଜନ୍ମ ସେ ପୁରୁଷର ନୀତି..... (୩)

କାନ୍ଦିବାକୁ ନିଏ ତାଙ୍କରି ଆଦେଶ
ହସିବାକୁ ହେଲେ ଲୋଡେ ତାଙ୍କ ମତ
ନିଶାଗ୍ରସ୍ତ ସ୍ୱାମୀ ମାତାଲ ହୋଇଲେ
ପ୍ରହାରରେ ଭାଙ୍ଗିଯାଏ କେତେ ବେତ...(୪)

ନାହିଁ ତାର ମନ, ମାନ ଅଭିମାନ
ନାହିଁ ଭଲମନ୍ଦ ଜ୍ଞାନ ପୁଣି ତାର
ମନକଥା ତାର ବୁଝନ୍ତି ନାହିଁ ସେ
ଅର୍ଦ୍ଧାଙ୍ଗିନୀ ଯାହା ନାମକୁ ମାତର..... (୫)

ଧଳାକଳା ଭିନ୍ନ ବୁଝିସେ ନପାରେ
ସମ୍ମତି ଦିଏ ସେ ବିନା ଅବିଚାରେ
ତୁଣ୍ଡ ଟିକିଏ ଖୋଲି ବସିଲେ ସେ
କହନ୍ତି ସଭିଏଁ କଳହୁଡୀ ଟାରେ..... (୬)

ସବୁ ଅପଥ୍ୟକୁ ପାନ ସେ କରନ୍ତି
ସବୁ କୁସଙ୍ଗକୁ ସଙ୍ଗତ ଲଭନ୍ତି
ହେଲେ ଘରକଣେ ରହି ଲୁହ ସେ ଢାଳନ୍ତି
ଅର୍ଦ୍ଧାଙ୍ଗିନୀ ସାଜି ଜୁଲମ ସହନ୍ତି.... (୭)

ବଧୂ ହୋଇ ସହେ ଶାଶୁର ଧିକ୍-କାର
ସ୍ତ୍ରୀ ହୋଇ ସହେ ସ୍ୱାମୀ ଅତ୍ୟାଚାର
ଜନନୀ ପରା ସେ ସର୍ବଂସହା ସେ ଯେ
ଦୁଃଖ, ଗ୍ଲାନ ସେ ଯେ ସହେ ନିରନ୍ତର.... (୮)

# କରୋନା ରଜ



ଡକ୍ଟର ବିଜ୍ଞାନୀ ଦାସ

ଦେଖୁଦେଖୁ ରଜ ଆସିଗଲ୍ । ସବିତା ବଡ ଝିଅକୁ ମେସେଜ୍ କରିଥିଲ୍, "ତୁ ଜୁନ୍ ୧୩ ତାରିଖରେ ଆସେ, ଆମେ ରଜ ପାଳନ କରିବା ।" ଯଦିଓ ଜୁନ୍ ୧୩ ତାରିଖଟା ସଜବାଜ ଓ ପ୍ରକୃତରେ ଜୁନ୍ ଚଉଦ ତାରିଖ ରବିବାର ଦିନ ହିଁ ସବିତା ରଜ ପାଳନ କରିବାକୁ ପ୍ରଥମେ ମନସ୍ଥ କରିଥିଲ୍, ହେଲେ ସୁବ୍ରତଙ୍କର ରବିବାର ମନ୍ଦିର କାର୍ଯ୍ୟକ୍ରମ ପାଇଁ ସେ ଆଉ ସେ ଦିନର କାର୍ଯ୍ୟଗ୍ରୂପ ବଢାଇବାକୁ ଗ୍ହିଁଲ୍ନ । ତେଣୁ ସ୍ଥିର କର୍ଗଲ୍ ଯେ ଜୁନ୍ ୧୩ ତାରିଖ ଶନିବାର ଦିନ ହିଁ ରଜ ପାଳନ କର୍ଯିବ । ସାମାଜିକ ଦୂରତାର ନିୟମ ରକ୍ଷା କରିବାପାଇଁ ସମସ୍ତ ଖାଇବାପିଇବା ଓ କଥାବାର୍ତ୍ତା ବାହାରେ ଡେକ୍ ରେ ହେବ । ଡେକ୍‌ର ଗୋଟିଏ ପାର୍ଶ୍ୱରେ ବଡଝିଅ ବନି ଓ ତାର ସ୍ୱାମୀ ବସିବେ ଅନ୍ୟ ପାର୍ଶ୍ୱରେ ବସିବେ ସବିତା, ସୁବ୍ରତ ଓ ଅନ୍ୟ ଦୁଜଜଣ ଝିଅ ମନି ଓ ସୋନି । ଯେହେତୁ ମନି ଓ ସୋନି ବାପା, ମା' ସହିତ ରହୁଥିଲେ, ତେଣୁ ସେମାନେ ସମସ୍ତେ ଏକତ୍ରିତ ରହିବେ । ବଡଝିଅ ଓ୍ୱାସିଂଟନ୍ ଡିସି ସହରରେ ତା' ସ୍ୱାମୀ ସହିତ ରହୁଥିଲ୍ । ତେଣୁ ସେମାନଙ୍କର ସଙ୍ଗରୋଧରେ ରହିବା ଆବଶ୍ୟକ ।

ଶୁକ୍ରବାର ର୍ତିରେ ଦୁଇ ରକମର ବିରି ପୋଡପିଠା ତିଆରି କଲ୍ ସବିତା । ଗୋଟିଏ ପୁର ଓ ମିଠା ଦେଇ, ଅନ୍ୟଟି ଲୁଣି । କାହାକୁ କଣ ପସନ୍ଦ ହେବ, କିଏ କଣ ଖାଇବ ଜଣା ନାହିଁ । ଆଜିକାଲି ସମସ୍ତଙ୍କର ସ୍ୱାସ୍ଥ୍ୟ ସଚେତନତା ଆସିଯାଇଛି । ସମସ୍ତେ କେବଳ ଗ୍ହିଁଲ୍ ଭଲ ଖାଦ୍ୟ ଖାଉଛନ୍ତି । କାଳେ ମେଦ ବଢିଯିବ, କାଳେ ଶରୀର ଅସୁନ୍ଦର ଦେଖାହେବ । ବିଶେଷତଃ ପିଲ୍ମାନେ ସେ ଦିଗରେ ବହୁତ ସଚେତନ । ପିଠା କରିସାରି ଶୋଇଲ୍ ବେଳକୁ ର୍ତି ତିନିଟା, ମାନେ ଅନ୍ୟଦିନର ତିନିଟା ।

ଶନିବାର । ଜୁନ୍ ୧୩ ତାରିଖ । ସକାଳର ଖାଇବା ପାଇଁ ଉପମା ତିଆରି କରିସାରି ଶ୍ରେଷେଇରେ ଲାଗିଗଲା ସବିତା । ରଜମିଳନ ଅପରାହ୍ନ ଗ୍ରରିଟାରୁ ଆରମ୍ଭ ହେବାର ଥିଲା । ସେ ସମୟ ରଖିବାର କାରଣ ହେଲା ଯେ ସେତେବେଳକୁ ଡେକ୍‌ରୁ ଖରା ଗ୍ରଲିଯାଇଥିବ । ଗ୍ରରିଟା ବେଳକୁ ପ୍ରାୟ ସମସ୍ତ ଆୟୋଜନ ସରିଯାଇଥିଲା । ଡେକ୍ ରେ ଚେୟାର ଟେବୁଲ୍ ପଡିଯାଇଥିଲା । ତରଭୁଜ କଟା ହୋଇ ରଖା ଯାଇଥିଲା ଏବଂ ଗ୍ରଟ୍ ପାଇଁ ସମସ୍ତ କିଛି ସଜା ହୋଇ ରଖା ଯାଇଥିଲା । ଭିତରେ ଦୁଇ ରକମର ଲସି ପ୍ରସ୍ତୁତ କରି ଟେବୁଲ୍ ଉପରେ ରଖିଦେଇଥିଲା ସବିତା । ଆମ୍ବ ଲସି ଓ ଲୁଣି ଲସି ।

ସୋନ ଗୀତ ବଜେଇବାର ଦାୟିତ୍ୱ ନେଇଥିଲା । ତେଣୁ ଗୀତ ବି ବାଜୁଥିଲା । ସେ ଗୀତ ସବୁ ଅତି ପ୍ରିୟ ବଲିଉଡ୍ ଡ୍ୟାନ୍ସ ନମ୍ବର ଗୀତ । ଯଦିଓ ପ୍ରଥମରେ "ବନସ୍ତେ ଡାକଲା ଗଜ" ଗୀତଟି ଲଗେଇଥିଲା ସବିତା, ତା' ପରଠାରୁ ସୋନ ତା ନିଜର ପ୍ରିୟ ଗୀତ ସବୁ ବଜେଇଲା। ବନ ଓ ତା ସ୍ୱାମୀ ବବ୍ ଆସି ୪ଟା ୧୫ରେ ପହଞ୍ଚିଲେ । ଖିଆପିଆ ଆରମ୍ଭ ହେଲା ।

ସୋନ ପଗ୍ରରିଲା, "ଏବେ କୁହ ମାମା, ତମର ଏ ରଜ ପାଳନ କରିବା ପାଇଁ କାହିଁକି ଇଚ୍ଛା ହେଲା ? ଆମର ଯେତେଦୂର ମନେ ଅଛି, ତମେତ ଆଗରୁ କେବେ ଏମିତି ଘରେ ରଜ ପାଳନ କରିବା ପାଇଁ ଏତେଟା ଆଗ୍ରହ ଦେଖେଇନ ।"

ସବିତା କହିଲା, "ଏବର୍ଷ ଏମିତି ଯୋଗ ପଡିଛି । ସବୁବର୍ଷ ତ ରଜ ଏମିତି ଶନିବାର, ରବିବାରରେ ପଡେନି । ଦ୍ୱିତୀୟରେ ପ୍ରତିବର୍ଷ ଆମ ଓଡିଆ ସମାଜ ଏଠି ରଜ ପାଇଁ ପିକ୍‌ନିକ୍‌ର ଆୟୋଜନ କରନ୍ତି । ଏବର୍ଷ କରୋନା ଭାଇରସ୍ ପାଇଁ ପିକ୍‌ନିକ୍ ବନ୍ଦ । ତାପରେ ଏ ସମୟ ବେଳକୁ ବେଳେବେଳେ ତମମାନଙ୍କର ସ୍କୁଲ୍ ସରିନଥାଏ । ସମସ୍ତେ କଲେଜ୍ ଯିବାଦିନରୁ, ତମେମାନେ ଏ ସମୟରେ ଘରେ ହିଁ ନଥାଅ । ଆଜି ଆଠବର୍ଷ ପରେ ଏମିତି ଏକ ଯୋଗ ପଡିଛି । ତମେ ଦୁଇ ଭଉଣୀ ଘରେ ଅଛ । କରୋନା ପାଇଁ ଏସବୁ ସମ୍ଭବ ହୋଇଛି । ବନ ବି ଗୋଟିଏ ଘଣ୍ଟା ଦୂରରେ ରହୁଛି । ଏଣୁ ମୋ ମନରେ ଏମିତି ଏକ ଖିଆଲ ଆସିଲା । ଏବର୍ଷର ରଜ କରୋନା ନାମରେ ହିଁ ହୋଇଯାଉ ।"

ବନ କହିଲା, "ବାଃ, ବଢ଼ିଆ ନାଁ ଟିଏ ତ । କରୋନା-ରଜ । ଯାହା ହେଉ ପଛେ, କରୋନା ନାମଟି ଅତି ସୁନ୍ଦର । ସେ ନାମଟି ଭୂତାଣୁକୁ କେମିତି ଦିଆଗଲା କେଜାଣି ?"

ମନ ପଚାରିଲା, "ତେବେ କୁହ, ତୁମ ଯୋଜନା ଅନୁଯାୟୀ, ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ କଣ । ଆମର ଓ ଜଳଖିଆ ପର୍ବ ସରିଲା ।"

ସୁବ୍ରତ କହିଲେ, "ଚାଲ ବ୍ୟାଡ୍‌ମିଣ୍ଟନ୍ ଖେଳିବା । କବାଡି ତ ଖେଳହେବନି ଲକଡାଉନରେ। ନହେଲେ ରଜରେ ବାଗୁଡି ଖେଳ ଓ କବାଡି ଖେଳ ହୁଏ ।"

ସମସ୍ତେ ମିଶି ତାପରେ ବ୍ୟାଡ୍‌ମିଣ୍ଟନ୍ ଖେଳିଲେ । ସବିତା ଡେକ୍ ଉପରେ ଠିଆହୋଇ ସେମାନଙ୍କୁ ଦେଖୁଥିଲା ଓ ଉପଭୋଗ କରୁଥିଲା । ରକ୍ଷା । ଏ ରଜ ପାଳିବାର ଧାରଣା ତା' ମନରେ ଆସିଗଲା । ନହେଲେ ଗତ ଦୁଇ-ତିନି ସପ୍ତାହ ହେଲାଣି ଘର ଭିତରେ ଯେମିତି ଟେନ୍‌ସନ୍ ଚାଲିଛି, ସେଥିଲେ ମଣିଷ ପାଗଳ ହୋଇଯିବାକୁ ଡେରିହେବନି । ମିନିଆପଲିସ୍ ସହରର ସେ ଧଳା ପୋଲିସ୍ ଅଫିସର୍ ଡେରେକ୍ ଚଉଭିନ୍ ମୁଣ୍ଡରେ ଏମିତି ପାଗଳାମୀ କାହିଁକି ପଶିଲା କେଜାଣି, କଳା ବ୍ୟକ୍ତି ଜର୍ଜ ଫ୍ଲଏଡ୍‌ର ଗଳା ଉପରେ ବସି ତାକୁ ମାରିଦେଲା। ନ ମିନିଟ୍ କାଳ ତା' ଗଳା ଉପରେ ବସିଲା । ସିଏ କହୁଛି, "ମୁଁ ନିଃଶ୍ୱାସ ନେଇପାରୁନି ।" ହେଲେ ସେ ନିଷ୍ଠୁର ଚଉଭିନ୍ ମୁଣ୍ଡରେ ଟିକେ ବି ବୁଦ୍ଧି ପଶିଲାନି । ଦିନଟାରେ, ସମସ୍ତଙ୍କ ଉପସ୍ଥିତିରେ ଏକରକମର ଖୁନ୍ କରିଦେଲା । ମେ ୨୫ ତାରିଖରେ ସିଏ ଏମିତି କରିଥିଲା । ହେଲେ ସେଇଦିନଠାରୁ ଏମିତି ବିରୋଧ ଏ ଦେଶରେ ଚାଲିଛି ଯେ, ସେସବୁ ଦେଖିଲେ କି ଶୁଣିଲେ ମୁ   ଗୋଳମାଳ ହୋଇଯାଉଛି ।

"କାହିଁକି ସବୁ ଏମିତି ହେଉଛି ?" - ମନକୁ ମନ ପ୍ରଶ୍ନ କରୁଥିଲା ସବିତା ।

ଆଉ ଦେଖି ହେଉନଥିଲା ଏମିତି ସବୁ ଛବି । ଉତ୍ୟକ୍ତ ବିରୋଧୀ ମାନଙ୍କର ଓ୍ୱାସିଂଟନ୍ ଡିସିର ହ୍ୱାଇଟ୍ ହାଉସ୍ ପାର୍ଶ୍ୱସ୍ଥିତ ଚର୍ଚ୍ଚରେ ନିଆଁ ଲଗେଇଦେବା, ଟ୍ରାସ୍ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ପୋଷ୍ଟ ମାନଙ୍କରେ ନିଆଁ ଲଗେଇଦେବା, ଦିନରୁ ରାତି ଅଧ ପର୍ଯ୍ୟନ୍ତ ବି ଉଚ୍ଚ କଣ୍ଠରେ ସ୍ଲୋଗାନ ଦେଇ ହ୍ୱାଇଟ୍ ହାଉସ୍ ଆଡକୁ ମାଡି ଚାଲିବା କାହିଁକି କେଜାଣି ଭୟ ବିସ୍ତାର

କରୁଥିଲା । ବିରୋଧୀମାନଙ୍କ ସହିତ ମିଶିଯାଇଥିଲେ କେତେକ ଅସାମାଜିକ ବ୍ୟକ୍ତି । ସେମାନେ ସବୁ ବ୍ୟାଙ୍କ୍ ଭାଙ୍ଗି ସେଥିରୁ ଲୁଟ୍ କରୁଥିଲେ, ଆଉ କେତେଜଣ କେତେକ ଦୋକାନ ଭାଙ୍ଗି ଲୁଟ୍ କରୁଥିଲେ ।

"ଏସବୁ କଣ ସତ, ନା ଗୋଟିଏ ଅଶୁଭ ସ୍ୱପ୍ନ ?" ଯୁକ୍ତରାଷ୍ଟ୍ର ଆମେରିକା ଭଳି ଏତେ ଶକ୍ତିଶାଳୀ ରାଷ୍ଟ୍ରର ରାଜଧାନୀରେ ଏମିତି କେମିତି ସମ୍ଭବ ? କଣ ହେବ ତେବେ ? କରୋନା ଭାଇରସ୍ ପାଇଁ ଏବେ ଘରୁ ବାହାରିବା ମନା । ପ୍ରତିଦିନ ରାଜ୍ୟରେ ହଜାରେ ଲେଖାଏଁ ନୂଆ କେସ୍ । ପ୍ରତିଦିନ ସାରାଦେଶରେ ହଜାର ହଜାର ମୃତ୍ୟୁ । ଏମିତି ହୋଇ ଏ ମେରୀଲାଣ୍ଡ ରାଜ୍ୟରେ ପଚାଶ ହଜାରକୁ ଟପିଲାଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଏମିତି ସମୟରେ "ବେଡି ଉପରେ କୋରଡା' ଭଳି ପୁଣି ଏ ଉତ୍ତ୍ୟକ୍ତ ବିରୋଧୀ ମାନଙ୍କର ଉନ୍ମତ୍ତ କାଣ୍ଡ । ସେମାନେ ସବୁ ଯେମିତି ପାଖାପାଖି ହୋଇ ବିରୋଧ କରୁଛନ୍ତି, ଉଚ୍ଚ ସ୍ୱରରେ କଥାବାର୍ତ୍ତା କରୁଛନ୍ତି, ସେଥିରେ ତ ଏ ଭୂତାଣୁ ଆହୁରି ସଂକ୍ରମଣ କରିବ ।

ସବିତାର ମନ ଆତଙ୍କିତ ହୋଇପଡୁଥିଲା । "ହେ ଭଗବାନ, ଏ ବିରୋଧୀମାନଙ୍କୁ ଶାନ୍ତ କର ।" - ଏମିତି ପ୍ରାର୍ଥନା କରିବା ଛଡା ଆଉ ବା କଣ କରିହେବ ?

ଘରେ ମନ ଓ ସୋନ ରହୁଥିଲେ । ସେମାନେ ବି ଉତ୍ତ୍ୟକ୍ତ ଥିଲେ । ଶ୍ୱେତକାୟଙ୍କର କୃଷ୍ଣକାୟଙ୍କ ପ୍ରତି ବର୍ଷବର୍ଷର ଅତ୍ୟାଚାର, ଅବିଚାର ଚର୍ଚ୍ଚା କରି ସେମାନେ ଉତ୍ତ୍ୟକ୍ତ ହେଉଥିଲେ । ନିଜ ସାଙ୍ଗସାଥୀମାନଙ୍କ ସହିତ ବେଳେବେଳେ ଫୋନରେ କଥାବାର୍ତ୍ତା କରି ନିଜର ମନୋଭାବ ବାଣ୍ଟୁଥିଲେ । ଆଉ ଅଧା ସମୟ ସୁମନ୍ତ ଓ ସବିତାଙ୍କ ସାମନାରେ ନିଜର ମନ୍ତବ୍ୟ ଦୃଢ କରି ରଖୁଥିଲେ ।

କାରଣ ଯାହା ଥାଉ ନା' କାହିଁକି ସ୍ଲୋଗାନ କେବଳ ଗୋଟିଏ । ଧଳା ଲୋକମାନଙ୍କର କଳା ଲୋକମାନଙ୍କ ପ୍ରତି ଅବିଚାର ଓ ଅତ୍ୟାଚାର । ସେ ଘଟଣାର ଭିଡିଓ ପ୍ରତି ସମୟରେ ଟିଭିରେ ଦେଖାଉଥିଲା, ଇଣ୍ଟରନେଟରେ ଦେଖାଉଥିଲା ଓ ସାରା ଦେଶରେ ଚହଳ ପକାଇଥିଲା । କଳା ଲୋକମାନଙ୍କ ଉପରେ ହୋଇଥିବା ଅତୀତର ଯାବତୀୟ ଅବିଚାରର କାହାଣୀ ଦୋହରାଇ ବିରୋଧୀ ମାନେ ଅଧିକ ଉତ୍ତ୍ୟକ୍ତ ହେଉଥିଲେ ଏବଂ କେବଳ

ୱାସିଂଟନ୍ ଡିସି ନୁହେଁ, ସାରା ଦେଶରେ ହିଁ ବିଦ୍ରୋହର ବହ୍ନି ଜଳଉଠୁଥିଲା । ସେଥିରେ ପ୍ରଧାନ ଭୂମିକା ନେଉଥିଲେ ଯୁବା ବୟସର ପିଲାମାନେ । ସେ ବହ୍ନି ଜଳଲା ନ୍ୟୁର୍କ ସହରରେ । ବିରୋଧ କରିବାପାଇଁ ଜମା ହୋଇଥିବା ଦଳରୁ କେତେକ ମେସିସ୍ ଷ୍ଟୋର୍‌ର କବାଟ ଭଙ୍ଗାରୁଜା କରି ଭିତରେ ପଶି ଲୁଟ୍ କରୁଥିଲେ । ମିନଆପଲିସ୍ ସହରରେ, ଯେଉଁ ସହରରେ ସେ କୃଷ୍ଣକାୟ ବ୍ୟକ୍ତି ଜର୍ଜ ଫ୍ଲ ଏଡ୍‌ର ମୃତ୍ୟୁ ହୋଇଥିଲା, ସେ ସହରରେ ତ ଆହୁରି ଅନେକ ରକମର ଉନ୍ମତ୍ତ କାଣ୍ଡ ଘଟୁଥିଲା ।

ସବିତାର ଝିଅମାନେ ମଧ୍ୟ ସେ ପ୍ରତିବାଦର ତାଳରେ ତାତି ଯାଉଥିଲେ । କରୋନା ସଂକ୍ରମଣ ପାଇଁ ଆଉ କାହା ସହିତ ମିଶି, ହୃଦୟ ଭିତରର ଭାବନା ବାହାର କରିପାରୁନଥିଲେ । ତେଣୁ ବାପା, ମାଙ୍କୁ ହିଁ ଲେକ୍‌ଚର୍ ଶୁଣାଉଥିଲେ । ବଡଝିଅ ବନ ପ୍ରାୟତଃ ପ୍ରତିଦିନ ଫେସ୍-ଟାଇମ୍ କଲ୍ କରୁଥିଲା ଓ ସେ ତିନ ଭଉଣୀ ସବୁ ସେଇ ବିଷୟରେ ଆଲୋଚନା କରୁଥଲେ ।

ଯେଉଁଦିନ ଜର୍ଜ ଫ୍ଲଏଡ୍‌ର ଘଟଣା ଘଟିଥିଲା, ସେଇଦିନ ସକାଳେ ଏମି କୁପର୍ ନାମ୍ନୀ ଜଣେ ଶ୍ୱେତବର୍ଣ୍ଣା ମହିଳା ନ୍ୟୁର୍କ ସହରର ସେଣ୍ଟ୍ରାଲ୍ ପାର୍କରେ ପ୍ରାତଃଭ୍ରମଣ ସମୟରେ ଜଣେ କଳାବ୍ୟକ୍ତିକୁ ଦେଖି ପୋଲିସ୍‌କୁ ଡାକଥିଲା । ସେ ଘଟଣାର ଭିଡିଓ କରି ସେ କଳା ବ୍ୟକ୍ତି କ୍ରିଷ୍ଟିଆନ୍ କୁପର୍ ଫେସ୍‌ବୁକରେ ଛାଡିଦେଲା । ସେଇଥିରୁ ଜଣାପଡିଲା ଯେ, ସତରେ କଳା ରଙ୍ଗର ପୁରୁଷମାନଙ୍କ ପାଇଁ ଏ ଧଳା ସମାଜର କେତେ ଘୃଣା । ଯିଏ ନାହିଁ ସିଏ ପୋଲିସ୍ ଡାକି ସେମାନଙ୍କୁ ଡରେଇପାରିବ । ଆଉ କଳା ରଙ୍ଗର ପୁରୁଷମାନଙ୍କର ଆତତାୟୀ ଭାବେ ପ୍ରସିଦ୍ଧି ରହିଥିବାରୁ ସେମାନଙ୍କୁ କେହି ବି ବିଶ୍ୱାସ କରିବେନ । ସେମାନେ ସହଜରେ ପୋଲିସ୍‌ର ଓ ଆଇନ୍‌ର ଅବିଗ୍ରରର ଶୀକାର ହୋଇଯିବେ ।

ସେସବୁକୁ ନେଇ ପ୍ରତି ସମୟରେ ସବିତାର ଘରେ ଟେନ୍‌ସନ୍ ଲାଗି ରହୁଥିଲା । ଥରେ ସବିତା ସହିତ ଯାବତୀୟ ଯୁକ୍ତିତର୍କ କରିସାରି, ମଝିଆଁ ଝିଅ ସବିତାକୁ କହିଲା, "ଏବେତ କୁହ ତମେ ବ୍ଲାକ୍ ଲାଇଫ୍ ମ୍ୟାଟର୍‌ସ୍‌କୁ ସପୋର୍ଟ କର ବୋଲି ।"

ସବିତା କହିଲା, "ଅଲ୍ ଲାଇଫ୍ ମ୍ୟାଟର୍ସ୍ । ସବୁ ଜୀବନ ଗୁରୁତ୍ୱପୂର୍ଣ୍ଣ । କେବଳ ବ୍ଲାକ୍ ଲାଇଫ୍ କାହିଁକି ?"

"କାହିଁକି ନା ବ୍ଲାକ୍ ଲୋକମାନେ ବର୍ଷବର୍ଷ ଧରି ନିର୍ଯ୍ୟାତିତ ହୋଇ ଆସିଛନ୍ତି । ସେଇମାନେ ହିଁ ପୋଲିସ୍‌ର ଅତ୍ୟାଚାରର ଶୀକାର ହେଉଛନ୍ତି । ସେସବୁର ପ୍ରତିବାଦ କରିବା ପାଇଁ ଏମିତି ସବୁ ବିଦ୍ରୋହର ଅନେକ ଭୂମିକା ରହିଛି ।"

ସତରେ ବୁଝିପାରୁନଥିଲା ସବିତା । ତା' ଅଭିଜ୍ଞତାରେ ସିଏ ଅନେକ ପ୍ରଭାବଶାଳୀ କୃଷ୍ଣକାୟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛି । ସେମାନେ ରହୁଥିବା କାଉଣ୍ଟିର କାର୍ଯ୍ୟନିର୍ବାହୀ ହେଲା ଜଣେ କୃଷ୍ଣକାୟ । ୱାସିଂଟନ୍ ଡିସି ସହରର ମେୟର୍ ମଧ୍ୟ ଜଣେ କୃଷ୍ଣକାୟ ମହିଳା । ଆମେରିକାର ପୂର୍ବତନ ରାଷ୍ଟ୍ରପତି ମଧ୍ୟ କୃଷ୍ଣକାୟ । ତା' କାର୍ଯ୍ୟକ୍ଷେତ୍ରରେ ବି ଅନେକ ପ୍ରଭାବଶାଳୀ କୃଷ୍ଣକାୟ କାମ କରନ୍ତି । ଏମିତି କି ପୋଲିସରେ, ମିଲିଟାରୀରେ ଅନେକ କୃଷ୍ଣକାୟ ବ୍ୟକ୍ତି ରହିଛନ୍ତି । ତାହେଲେ ସେମାନଙ୍କ ପ୍ରତି ଅବିଚାର ହେଉଛି କେମିତି ? ହଁ, ପ୍ରଥମେ ସେମାନେ କ୍ରୀତଦାସ ହୋଇ ଆସିଥିଲେ । କିନ୍ତୁ ଏବେ ତ ସେମାନେ ପ୍ରତିକ୍ଷେତ୍ରରେ, କ୍ରୀଡା, କଳା, ସଂଗୀତ, ସବୁ କ୍ଷେତ୍ରରେ ଦକ୍ଷ ହୋଇଛନ୍ତି । ପୁଣି ଅସୁବିଧା ରହିଲା କେଉଁଠି ?

ଆମେରିକା ଦେଶର ଇତିହାସରେ ଏତେଟା ଜ୍ଞାନ ନାହିଁ ସବିତାର । ହେଲେ ମନ୍ଦର ସେସବୁରେ ଅନେକ ଜ୍ଞାନ । କେଉଁକେଉଁ ମସିହାରେ, କେଉଁକେଉଁ ପରିସ୍ଥିତିରେ କଳା ଲୋକମାନଙ୍କ ପ୍ରତି ଅତ୍ୟାଚାର ହୋଇଛି ଓ ଅନ୍ୟାୟ ହୋଇଛି ତାର ଗୋଟିଏ ତାଲିକା ସିଏ ଅନର୍ଗଳ ଭାବେ କହିଗଲା । ଉଦାହରଣ ପାଇଁ ପଛକୁ ଫେରିଯିବାର ବି ଆବଶ୍ୟକତା ନାହିଁ। ଏଇତ, ୨୦୨୦ ଫେବୃୟାରୀ ୨୩ ତାରିଖରେ ପୋଲିସ୍ ଅବିଚାରରେ ଜର୍ଜିଆର ଆମାଉଡ୍ ଆରବେରିକୁ ଗୁଳି କରି ମାରିଦେଇଥିଲା । ମାର୍ଚ୍ଚ ୧୩, ୨୦୨୦ ତାରିଖରେ ସେମିତି କେଣ୍ଟୁକି ରାଜ୍ୟର ବ୍ରେଓନା ଟେଲର୍‌କୁ ମାରିଦେଇଥିଲା । ମେ ୬ ତାରିଖରେ ଇଣ୍ଡିଆନା ପୋଲିସ୍‌ର ସିନ୍ ରିଡ୍‌କୁ ମାରିଦେଇଥିଲା । ଏମିତି ପରିସ୍ଥିତିରେ କଳା ଲୋକମାନେ ଉତ୍କ୍ଷିପ୍ତ ହେବେନି କାହିଁକି ?

ସୋନ ଯୋଗ କଲା, "ଏ ବିରୋଧୀମାନେ କେବଳ ଦୋକାନ, ବଜାର, ପାର୍ଥିବ ପଦାର୍ଥର କ୍ଷୟ କ୍ଷତି କରୁଛନ୍ତି, ଯେଉଁଟାକୁ ପ୍ରତିସ୍ଥାପନ କରିହେବ । ହେଲେ, ଯେଉଁମାନଙ୍କର ଜୀବନ ଗଲିଗଲା, ସେମାନଙ୍କୁ ତ ଆଉ ଫେରେଇ ହେବନ ।"

ସବିତା ପଚାରିଲା, "ଆମେରିକାରେ ଧଳା ଓ କଳା ଲୋକମାନଙ୍କର ପ୍ରତିଶତ କେତେ କହିଲୁ। ସେଇ ତୁଳନାରେ କଳା ଲୋକମାନଙ୍କର ଧନ, କ୍ଷମତା, ସୁବିଧା ସୁଯୋଗ, ସେସବୁ ବିଷୟରେ କହ ।"

ଫ୍ୟାମିଲି ରୁମ୍ ରେ ଥିବା ଗୁଗୁଲ୍ ଆସିଷ୍ଟାଣ୍ଟକୁ ପଚାରିଲା ମନ । ଗୁଗୁଲ୍ ଉତ୍ତର ଅନୁଯାୟୀ ଶତକଡା ୭୭ ଭାଗ ଧଳା ଓ ଶତକଡା ୧୩ ଭାଗ କଳା । ତେଣୁ ସବିତାର ହିସାବରେ କଳା ଲୋକମାନଙ୍କ ପରିମାଣ ତୁଳନାରେ ସେମାନେ ଅନେକ କ୍ଷେତ୍ରରେ ନଜର ପ୍ରଭାବ ବିସ୍ତାର କରିସାରିଛନ୍ତି । ସେମାନେ କଣ ଅନ୍ୟ କଳାଲୋକମାନଙ୍କୁ ସାହାଯ୍ୟ କରି ସେମାନଙ୍କର ଜୀବନକୁ ସୁଧାରିବାରେ ସାହାଯ୍ୟ କରିପାରନ୍ତେନ ?

ଏମିତି ଯୁକ୍ତିତର୍କ ହେଲା ଯେ ସେଥିରୁ ମନେହେଲା ଯେମିତି ମନ ଓ ସୋନ ଏକଦମ ପୃଥିବୀଟାକୁ ଓଲଟେଇ ଦେବେ । ସୁବ୍ରତ ତାଙ୍କର କାମ ଆଳ କରି ଗଳିଯାଉଥିଲେ । ପିଲାମାନେ ଧରୁଥିଲେ ସବିତାଙ୍କୁ । ତାଙ୍କୁ ବୁଝେଇବାକୁ ଚେଷ୍ଟା କରୁଥିଲେ । ଶେଷରେ ଯେଉଁକଥାକୁ ଡରୁଥିଲା ସବିତା, ସେମିତି କଥା କହିଲେ ସେମାନେ । "ଆମେ ଜୁନ୍ ୬ ବିରୋଧରେ ଭାଗନେବାକୁ ଡିସି ଯିବୁ ।" ଜୁନ୍ ୬ ତାରିଖରେ ମେରୀଲାଣ୍ଡର ବିଭିନ୍ନ ସହରରେ ମଧ୍ୟ ବିଦ୍ରୋହ ହେବାର ଯୋଜନା ଘୋଷଣା ହୋଇଥିଲା । ସବିତାକୁ ଡରମାଡିଲା। ଏ କଳାଧଳାଙ୍କ ବିବାଦରେ ଏ ଦେଶରେ ବିଶୃଙ୍ଖଳା ସୃଷ୍ଟି ନହେଉ । ଥରେ ଅବିଶ୍ୱାସ, ଘୃଣା ମନରେ ଆସିଗଲେ, ସେ ଘୃଣାକୁ ମନରୁ ପୋଛିବାକୁ ବହୁତ କଷ୍ଟକର ହେବ । କିଏ ଜାଣେ, କିଶୋର ବୟସର ପିଲାମାନେ ଏ ସବୁ ଟିଭିରେ ଦେଖି କଣ ବିଚାର କରୁଛନ୍ତି ?

ସବିତା ହଠାତ୍ କିଛି କହିଲାନ । ସେମାନଙ୍କର ମାନସିକ ସ୍ଥିତି ଯେମିତି ଅଛି, ଏବେ କହିଲେ, ପିଲାମାନେ ଆହୁରି ତାତିଯିବେ ଓ ହୁଏତ ଭୁଲ୍ କରି ବସିବେ । କିଛି ସମୟ

ବିତିଗଲା । ସମସ୍ତେ ନିଜନିଜର ବ୍ୟବସାୟିକ କାମ କରିବାକୁ ନିଜନିଜର କୋଠରିରେ ପଶିଲେ । ସନ୍ଧ୍ୟା ପାଞ୍ଚଟାବେଳେ ସେମାନେ ଟିଭି ଦେଖୁଥିଲେ । ଏହି ସମୟରେ କେତୋଟି ରାଜ୍ୟରେ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାର ଖବର ଦେଖାଉଥିଲା । ଏ ବିଦ୍ରୋହ ତାର ଏକ ବଡ କାରଣ ହୋଇପାରେ ବୋଲି ମନ୍ତବ୍ୟ ମଧ୍ୟ ଜଣେଇ ଦିଆଗଲା । ପିଲାମାନେ ସେଇ ସମୟରେ ପଚାରିଲେ, "ଆମେ ବିଦ୍ରୋହରେ ଭାଗନେବାକୁ ଯିବାରେ ତମର ମତାମତ କଣ?"

ସବିତା କହିଲା, "ମୋ ମତାମତ । ମୋ ମତାମତ କଣ ଦରକାର ? ତମେମାନେ ତ ପଚଶ ବର୍ଷରୁ ଅଧିକ ବୟସର ହେଲଣି । ନିଜେ ଭଲମନ୍ଦର ବିଚାର କରିପାରିବ । ଆବେଗରେ ଭାସିଯାଇ କିଛି ପଦକ୍ଷେପ ନେବା ପୂର୍ବରୁ ସେ ପଦକ୍ଷେପର ଫଳାଫଳ ବିଷୟରେ ବିଚାରିବ । ହେଲେ ଯଦି ବିଦ୍ରୋହରେ ଭାଗ ନେବାକୁ ଭାବୁଛ, ତେବେ ଆସିକରି ପୁଣି ୧୪ ଦିନ ସଙ୍ଗରୋଧରେ ରହିବ । ତା' ସାଙ୍ଗକୁ ତମମାନଙ୍କର ତ ନିଜ ରକ୍ଷଣ ଅସମ୍ଭାଳ । ବାହାରେ ବେଶି ସମୟ ରହିଲେ ଆଲର୍ଜି ବାହାରୁଛି । ନିଜ ରକ୍ଷଣ ଯେତେବେଳେ ଅସମ୍ଭାଳ, ସେତେବେଳେ ତମେମାନେ ଏମିତି ଯେଉଁସବୁ ପଦକ୍ଷେପ ନେବାକୁ ଭାବିଛ, ସେ ବିଷୟରେ ନିଜେ ବିଚାର କର ।"

ତାପରେ ସବିତା କହିଲା, "ମୁଁ ଭାବୁଛି, ଜୁନ୍ ୧୪ ତାରିଖରେ ରଜ ପାଳିବା ।" ବିନ ସେତେବେଳେ ଫୋନରେ ଥିଲା । ତାକୁ ଜଣେଇ ଦିଆଗଲା । ସୁବ୍ରତ କହିଲେ, "ଜୁନ୍ ୧୪ ତ ରବିବାରରେ ପଡିବ । ଅପରାହ୍ନରେ ମନ୍ଦିର କାର୍ଯ୍ୟକ୍ରମ ରହିବ । ୧୩ ତାରିଖରେ ପାଳିଲେ କେମିତି ହୁଅନ୍ତା ?"

"ଠିକ୍ ଅଛି ତେବେ । ୧୩ ତାରିଖରେ ହିଁ ପାଳିବା ।"

ଏହାପରେ ପିଲାମାନେ ଆଉ ନିଜ ତରଫରୁ ବିଦ୍ରୋହରେ ଭାଗ ନେବାକୁ ଜିଦ୍ କରିଲେନି । ହୁଏତ କରୋନା ଭୂତାଣୁକୁ ବିସ୍ତାର ନକରିବା ପାଇଁ ଯେ ସେମାନଙ୍କର ଦାୟିତ୍ୱ ରହିଛି, ସେ କାରଣ ନେଇ ହେଉ, କମ୍ପାନି ନିଜନିଜର ଚାକରିର ଦାୟିତ୍ୱ ଓ ନିଯୁକ୍ତି ସଂସ୍ଥାନର ନିୟମକୁ ମନେ ପକେଇ ହେଉ, ସେମାନେ ସେମାନଙ୍କର ଦାୟିତ୍ୱକୁ ଅନ୍ୟ ଉପାୟରେ ନିର୍ବାହ

କରିବାକୁ ମନସ୍ଥ କଲେ । ସାମାଜିକ ସୁଧାର ଆଣିବା ପାଇଁ କାମ କରିବାକୁ ରହିଥିବା କେତେକ ସଂସ୍ଥାକୁ ଦାନ ଦେଲେ ଓ ଆଲୋଚନା, ସମାଲୋଚନାରେ ଅଂଶଗ୍ରହଣ କଲେ ।

"ହେ ଭଗବାନ, ଗୋଟିଏ ବଡ ଚନ୍ତା ଗଲା । ନହେଲେ ଏ ପିଲାମାନଙ୍କୁ ବୁଝେଇବା ଯେ କେତେ କଠିନ, ସେକଥା ଅନୁଭବୀ ହିଁ ଜାଣିବ ।"

ଥରେ ସେମିତି ସେମାନେ ପକ୍ଷପାତିତା ବିଷୟରେ ଆଲୋଚନା କରିବସିଲେ । "ଭାରତୀୟମାନେ କଳା ଲୋକଙ୍କୁ ଘୃଣାକରନ୍ତି । ତମେ ବି ତ କର । ସେମାନଙ୍କୁ ଅସୁନ୍ଦର ଭାବ ।"

"ମୁଁ ସେମାନଙ୍କୁ ଘୃଣା କାହିଁକି କରିବି ? ମଣିଷ ମଣିଷକୁ ଯେମିତି ସମ୍ମାନ ଦେବା କଥା, ସେମିତି ସମ୍ମାନ ମୁଁ ସବୁ ମଣିଷଙ୍କୁ ଦିଏ । ଯିଏ ଖରାପ କାମ କଲା, ସେମାନଙ୍କୁ ମୁଁ ଘୃଣାକରେ । ସିଏ କଳା ହେଉ କି ଧଳା ହେଉ, ଭାରତୀୟ ହେଉ କି ଓଡିଆ ହେଉ । ଭଲ କାମଯିଏ କଲା ସିଏ ଭଲ । ଖରାପ କାମ ଯିଏ କଲା ସିଏ ଖରାପ । ଅବଶ୍ୟ କେତେକ ବ୍ୟକ୍ତିଙ୍କର ବେଶପୋଷାକରୁ ସେମାନଙ୍କ ହୃଦୟରେ ଅପରାଧ ଭାବନା ଥିବାର ମନେହୁଏ ଓ ସେମାନଙ୍କୁ ଦେଖିଲେ ଡରଲାଗେ ।" - ସବିତା କହିଲା ।

"ତମେ ସତ କହୁଛ, ତମେ କଳା ରଙ୍ଗର ବ୍ୟକ୍ତିକୁ ଅସୁନ୍ଦର ଭାବନ ?" - ମନ ପଚାରିଲା।

"ହଁ, କଳା ରଙ୍ଗ ଅସୁନ୍ଦର ଦେଖାହୁଏ । ସେଇଟା ମୁଁ ଅସ୍ୱୀକାର କରିପାରିବି ନାହିଁ । କାରଣ ସେମିତି ଭାବନା ମୋ ଜନ୍ମ ଓ ପ୍ରତିପାଳନର ପରିବେଶରୁ ହିଁ ମୋ ମନରେ ରହିଯାଇଛି । ରଙ୍ଗ ଗୋରା କରିବା ପାଇଁ ଭାରତରେ ଖବରକାଗଜରେ ଆଉ ଟିଭିରେ ହଜାରହଜାର କ୍ରିମ୍‌ର ବିଜ୍ଞାପନ । ସେଥିପାଇଁ ମୁଁ ଚାହେଁନ ଯେ ତମେମାନେ ଖରାଦିନେ ସମୁଦ୍ରକୂଳରେ ବୁଲି ନିଜ ରଙ୍ଗ କଳା କରିଆସ । ହେଲେ ତାର ଅର୍ଥ ନୁହେଁ ଯେ କଳାରଙ୍ଗର ଲୋକଙ୍କୁ ମୁଁ ଘୃଣା କରେ । ତାପରେ ସୁନ୍ଦର, ଅସୁନ୍ଦର ମଣିଷର ଦୃଷ୍ଟିରେ ଥାଏ। ସେଇଟା ବ୍ୟକ୍ତିଗତ । ବେଳେବେଳେ ମଣିଷ ମନର, ଭାବନାର ସୌନ୍ଦର୍ଯ୍ୟ ଅନ୍ୟଜଣକୁ ଏତେ ପ୍ରଭାବିତ କରେ ଯେ, ସେତେବେଳେ ବାହ୍ୟ ସୌନ୍ଦର୍ଯ୍ୟ ପଛରେ ରହିଯାଏ ।"

ଏମିତି ଯୁକ୍ତି ପରେ ଯୁକ୍ତି । ସବିତାକୁ ଅତିଷ୍ଠ ଲାଗୁଥିଲା । ସନ୍ଧ୍ୟାବେଳେ ପ୍ରାର୍ଥନା କରିବା ସମୟରେ ସେ ଭଗବାନଙ୍କୁ ଜଣେଇଲା, "ପ୍ରଭୁ, ମୋ ପିଲାମାନଙ୍କ ମନରେ ଭଲ ବୁଦ୍ଧି ଦିଅ ପ୍ରଭୁ । ଅନେକ ସମୟରେ କେଉଁଟା ଭୁଲ୍, କେଉଁଟା ଠିକ୍ ମୁଁ ମଧ ବିଚ୍ଛର କରିପାରେନ । ଏ ଦେଶରେ ସ୍ଥିରତା ଆଣି ଦିଅ ।"

କରୋନା ଭୁତାଣୁର ସଂକ୍ରମଣ ସାଙ୍ଗକୁ ସାମାଜିକ ପକ୍ଷପାତିତାର ସଂକ୍ରମଣ ବେଡି ଉପରେ କୋରଡା ଭଳ ମନକୁ ବାରମ୍ବାର ଆଘାତ ଦେଉଛି । ପିଲା, ବଡ ସମସ୍ତେ ଶଙ୍କିତ । କଣ ହେବ, କେମିତି ଏ ବିଦ୍ରୋହର ଶେଷ ହେବ ଓ ଦେଶରେ ଶାନ୍ତି ଆସିବ କେଜାଣି **?**

ଏମିତି ସବୁ କଠିନ ଦିନ ମାନ ଅତିବାହିତ ହୋଇ ରଜ ଆସିଗଲା । ଟିକେ ତ ପରିବର୍ତ୍ତନ।

ସବିତାର ଭାବନାରେ ପୂର୍ଣ୍ଣଚ୍ଛେଦ ପକେଇ ସାନଝିଅ ଆସି ଚମକେଇ ଦେଲା । "ତମେ ତ ଖେଳଲନ । ଏମେ କଣ କରିବ କୁହ **?**"

"ଆରେ, ଏତେ ଶୀଘ୍ର ତମ ଖେଳ ସରିଗଲା । ହଉ ତେବେ, ତମେମାନେ କୁହ କଣ କଲେ ତମେ ସବୁ ଉପଭୋଗ କରିବ । କାରଣ ରଜଟା ବିଶେଷ ଭାବେ ଝିଅମାନଙ୍କ ପାଇଁ ।"

ମନ କହିଲା, "ତାହେଲେ ଆମେ ନୃତ୍ୟ ପରିକଳ୍ପନାର ଗୋଟିଏ ଖେଳ ଖେଳବା । ସେ ନୟମରେ, ପ୍ରଥମ ବ୍ୟକ୍ତି ଗୋଟିଏ ପ୍ରକାରର ନୃତ୍ୟ ରଚନା କରିବବ । ତା' ପର ବ୍ୟକ୍ତି ପ୍ରଥମ ବ୍ୟକ୍ତିର ନୃତ୍ୟ ସହିତ ନଜର ନୃତ୍ୟ ଯୋଡିବ । ତୃତୀୟ ବ୍ୟକ୍ତି, ପ୍ରଥମ ଓ ଦ୍ୱିତୀୟଙ୍କର ନୃତ୍ୟ ସହିତ ନଜର ନୃତ୍ୟ ଯୋଡିବ । ଏମିତି କରି ଖେଳ ବୃତ୍ତାକାର ପ୍ରକ୍ରିୟାରେ ଚ୍ଛଲିବ । ଯଦି କିଏ ମନେ ନରଖି ପାରିଲା, ତେବେ ସିଏ ହାରିବ ।"

ସେମିତି ଖେଳ ଚ୍ଛଲିଲା । ହିନ୍ଦୀ ଗୀତ ତ ବାଜୁଥିଲା । ପିଲାମାନଙ୍କର ଏ ନୂଆ ଧରଣର ନୃତ୍ୟ ପରିକଳ୍ପନା ସହିତ ସବିତା ସାମିଲ୍ ହୋଇଗଲା । ବହୁତ ଭଲ ଲାଗୁଥିଲା ।

ଏମିତି ହୋଇ କେତେବେଳେ ଘଣ୍ଟାଏ ବିତିଗଲା ଜଣା ପଡିଲାନ ।

ଘଣ୍ଟାରେ ସେତେବେଳକୁ ସମୟ ସାତଟା । ବନ କହିଲା, "ମୁଁ ଗ୍ୱହା ପିଇବି ।"

ସୁବ୍ରତ କହିଲେ, "ମୁଁ ଏବେ ଡିନର୍ ଖାଇବି । ଗ୍ୱହା ପିଇବିନ ।"

ସବିତା ବନ ପାଇଁ ଗ୍ୱହା କଲା ଓ ସୁବ୍ରତଙ୍କ ପାଇଁ ରୁଟି । ସେ ଦିନଟା ସାରା ସେମାନେ ଟିଭି ଦେଖିନଥିଲେ । ବିରୋଧ ତ ସବୁଦିନ ଗ୍ୱଲିଥିଲା । ସହରରୁ ସହର ବ୍ୟାପୁଥିଲା । ଏମିତିକି ଯୁକ୍ତରାଷ୍ଟ୍ରର ଏ ବିଦ୍ରୋହ ଅନ୍ୟ ଦେଶକୁ ବି ବ୍ୟାପିଗଲା । ଆଗରୁ ସବୁ ସମୟରେ କରୋନା ଭୂତାଣୁ ବିଷୟରେ ଖବର ପ୍ରସାରିତ ହେଉଥିଲା । ଏବେ ସବୁ ସମୟରେ ଏ ବିରୋଧ ବିଷୟରେ । ସେସବୁ ଶୁଣିଶୁଣି ବିରକ୍ତ ଓ ଆତଙ୍କିତ ରହିଥିବା ମନ ପାଇଁ ଆଜିର ଏ ରଜପାଳନ ମଲମ ଭଳ କାମ କ    ।

ରାତି ଆଠଟା ବେଳକୁ ଅନ୍ଧାର ହୋଇଆସିଲା । ବାହାରେ ଟିକେ ଥଣ୍ଡା ମଧ୍ୟ ଅନୁଭୂତ ହେଲା। ତେଣୁ ସମସ୍ତେ ଭିତରକୁ ଆସିଲେ । ହେଲେ ବାହାରେ ମୁଖା ନ ପିନ୍ଧିଲେ ଚଳୁଥିଲା। ଏବେ ଭିତରେ ଆବଦ୍ଧ ହେଲେ, ବନ ଓ ବବ୍‌କୁ ମୁଖା ପିନ୍ଧି ରହିବାକୁ ପଡିବ ।

ସେମାନେ ସେଇଆ କଲେ । କିଛି ସମୟ ପରେ ସମସ୍ତେ ଡିନର୍ ଖାଇଲେ । ବନ ଓ ବବ୍ ଖାଇଲା ବେଳେ ମୁହଁରୁ ମୁଖା ଖୋଲି ଦେଉଥାଆନ୍ତି ଓ ଖାଉଥାଆନ୍ତି । ସେ ଦୃଶ୍ୟ ଦେଖି ମନଟା ବିକଳ ହେଉଥାଏ । ବରଂ ଦିନ ଥାଉଥାଉ ବାହାରେ ଖାଇ ଦେଇଥିଲେ ଏମିତି ହନ୍ତସନ୍ତ ହୋଇ ଖାଇବାକୁ ପଡିନଥାନ୍ତା । ତାପରେ ସେମାନେ ଆଠଟା ବେଳକୁ ପଳେଇଥାଆନ୍ତେ । ଘର ଭିତରକୁ ଆସିଲେ ହିଁ ଏ ମୁଖା ପିନ୍ଧିବାର ଆବଶ୍ୟକତା । ଏମିତି ତ ମନରେ ବିଶ୍ୱାସ ହେଉନଥାଏ କ କା ଦେହରେ ଜୀବାଣୁ ଅଛି ଓ ସେ ଜୀବାଣୁ ସଂକ୍ରମିତ ହେବ । ହେଲେ ବି ଏସବୁ ମାନିବାକୁ ପଡୁଥାଏ ।

ସୋନ କହିଲା, "ଆମେ ସାଜସଜା ଖେଳ କେବେ ଖେଳିବା ?"

"ସେ ଖେଳ ତ ତମେମାନେ ଅପା ସହିତ ଖେଳ ପାରିବନ । କାରଣ ସିଏ ସାମାଜିକ ଦୂରତା ରଖିବ । ତେଣୁ ନଜନଜ ଭିତରେ ଖେଳ।"

ମନ ମନ୍ତବ୍ୟ ଦେଲା, "ସାଜସଜା ଏ ରାତିରେ ?"

ସୋନ ସବିତାଙ୍କୁ କହିଲା, "ତାହେଲେ ମୁଁ ତମର ମେକ୍ଅପ୍ କରିବି ।"

ସବିତାର ସ୍ୱୀକୃତି ପାଇ ସୋନ ମେକ୍ଅପ୍ ଆରମ୍ଭ କଲା । ସେତେବେଳକୁ ରାତି ନଅଟା ହେଲାଣି । ବନ ଓ ତା ସ୍ୱାମୀ ବବ୍ ଛ ଫୁଟ୍ ଦୂରରେ ମୁଖା ପିନ୍ଧି ଫ୍ୟାମିଲି ରୁମ୍‌ର ଗୋଟିଏ ପାର୍ଶ୍ୱରେ ବସି ଦେଖିଲେ ।

ସମସ୍ତଙ୍କୁ ଆମୋଦିତ କରି ହସେଇବାକୁ ସବିତା ସୁବ୍ରତଙ୍କୁ କହିଲା, "ତମେ ତାହେଲେ ଟିକେ ଫଟୋ ଉଠାଉନ ।"

କିଏ ଜାଣେ କେତେବେଳେ କଣ ହେବ ? ତେବେ ବର୍ତ୍ତମାନର ଏ ପାରିବାରିକ ମିଳନୀ ବଡ ଆନନ୍ଦମୟ ଥିଲା । ହୁଏତ କରୋନା ଭୂତାଣୁକୁ ଧନ୍ୟବାଦ କହିବାର ଇଏ ଗୋଟିଏ କାରଣ ହୋଇପାରେ ।

ସୋନ ସବିତାର ଗାଲରେ ଗୋଲାପି ରଙ୍ଗ ଲଗାଉଥିଲା । ସୁବ୍ରତ କ୍ୟାମେରାରେ ସେତିକିବେଳେ ଗୋଟିଏ କ୍ଲିକ୍ ମାରିଲେ ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ରଥ ଯାତ୍ରା



ଡ. ପ୍ରସନ୍ନ କୁମାର ବଳ

ରଥଯାତର୍‌ର ମହତ୍ତ୍ୱ ଅଲଗା ମାନବ ସମାଜ ପାଇଁ,
ରଥ ଟଣାଯାଏ ବିଭିନ୍ନ ଜାଗାରେ ବିର୍‌ାଜକରେ ଗୋସେଇଁ ।୧ ।
ଲକ୍ଷ ଲକ୍ଷ ଲୋ୍କ ସମାଗମ ହୁଏ ଏହି ପରବଟି ପାଇଁ,
ସମସ୍ତ ମନରେ ଗୋଟିଏ କାମନା ଛାମୁ ଦରଶନ ପାଇଁ ।୨ ।
ଦେଶ ଦେଶାନ୍ତରେ ଏହି ପର୍ବ ହୁଏ ଭିନ୍ନ ଭିନ୍ନ ରୂପ ଧରି,
କଏ କେଉଁପରି ପୂଜନ କରନ୍ତି ସର୍ବ କଣ୍ଠେ ନରହରୀ ।୩ ।
ଓଡିଶାରେ କନ୍ତୁ ରଥଯାତ୍ରା ଅର୍ଥ ସର୍ବ ଶ୍ରେଷ୍ଠ ପର୍ବ ଏହି,
ସଭିଏଁ ଭ୍ୱବନ୍ତି ଉପସ୍ଥିତ ରହି ଧର୍ମ ଗୋଟାଇବା ସହି ।୪ ।
ଓଡିଶାର ଯେଉଁ ରଥଯାତ୍ରା ହୁଏ ଏହା ହିଁ ବିଶ୍ୱ ପ୍ରସିଦ୍ଧ,
ପୂରୀର ନାମତ ବିଶ୍ୱରେ ବିଦୃତ ହୋଇଥାଏ ତ ନଷ୍ଟିତ ।୫ ।
ଆଷାଢ ମାସର ଶୁକ୍ଳପକ୍ଷ ଦ୍ୱିତୀୟାରେ ଆସେ ରଥଯାତ୍ରା,
ଏକ ବରଷର ଅପେକ୍ଷାର ଅନ୍ତ ହୁଅଇ ସତେ ବିଧାତା ।୬ ।
ଶ୍ରୀଗୁଣ୍ଡିଚ୍ଚ ଯାତ୍ରା ହୁଏ ତ ଏଠାରେ ଛାମୁ ଦରଶନ ପାଇଁ,
ପାଷାଣ ଠାକୁର ବାହାରନ୍ତି ପୁଣି ଭକ୍ତ ଦରଶନ ପାଇଁ ।୭ ।
ଭକତର ମନ ଜାଣ ଜନାର୍ଦ୍ଦନ ତୁମେ ତ ଜଗତନାଥ,
ଦୁର୍ଗତୀର ଗତି ଅସହାୟ ସାଥି ତୁମେ ପତିତପାବନ ।୮ ।
ସ୍ନାନ ଯାତ୍ରାଠାରୁ ଆରମ୍ଭ ତ ହୁଏ ରଥ ଯାତର୍‌ ପରବ,
ନୀଳାଦ୍ରୀ ବିଜେରେ ଶେଷ ହୋଇଥାଏ ସବୁ ଅପେକ୍ଷାରେ ଅନ୍ତ ।୯ ।
ପହଣ୍ଡି ଦର୍ଶନ କେତେ ପୂଣ୍ୟ ସତେ ଭ୍ୱାଗ୍ୟରେ ତ ଥିଲେ ମିଳେ,
ସୁଦର୍ଶନ ବଳଭଦ୍ର, ସୁଭଦ୍ରା ଓ ଜଗାର ଦର୍ଶନ ମିଳେ ।୧୦ ।

ହରିବୋଲ ହୁଳହୁଳରେ ଧରାତ କେତେ ପ୍ରକଂପିତ ହୁଏ,
ମଣିମା ମଣିମା ଡାକ ଶୁଭୁଥାଏ ପରଂ ବ୍ରହ୍ମ ପରା ସିଏ ।୧୧ ।
ଟହଲି ଟହଲି ମହାପ୍ରଭୁ ସବୁ ଆସନ୍ତି ଆସନ ଛାଡି,
ତାଙ୍କ ଦରଶନ ଲଭିବାକୁ ଭକ୍ତ କେତେ ବା ଦିଅନ୍ତି ରଡି ।୧୨ ।
ଚାରମାଳ ଦେଇ ଚଢନ୍ତି ରଥକୁ କ ଶୋଭା ଦିଶଇ ସତେ,
ଭକ୍ତ ଜୀବନ ତ ଧନ୍ୟ ସତେ ହୁଏ ଚକ୍ରପାଣି ଦୟା ମତେ ।୧୩ ।
ରଥର ଉପରେ ବସିଗଲା ପରେ କ ଶୋଭା ଦିଶଇ ସତେ,
ରଥେ ଦରଶନ କରିପାରିଲେ ତ ଜୀବନ ସାର୍ଥକ ହୁଏ ।୧୪ ।
ମହାରାଜା ଯାର ଦାସ ପରି ପୁଣି କରଇ ଛେରା ପହଁରା,
ସୁନାଝାଡୁ ଧରି ଚନ୍ଦନ ପାଣିରେ ବାଟ ସଫାକରେ ପରା ।୧୫ ।
ଏହି ପ୍ରଥା ପୁଣି କେବେଠୁ ଚାଲିଛି, ଏହାର ମହତ୍ତ୍ୱ କଣ,
ମହତ୍ତ୍ୱ ତାହାର ଯାହା ଥାଉ ପଛେ ରାଜାର ଜୀବନ ଧନ୍ୟ ।୧୬ ।
ମହାପ୍ରଭୁ ଆଗେ ସବୁ ତ ସମାନ ସାନ ବଡ କିଛି ନାହିଁ,
ରାଜା, ମହାରାଜା, ସାଧାରଣ ଲୋକ ସବୁ ଏକା ତାଙ୍କ ପାଇଁ ।୧୭ ।
ଜଗତର ନାଥ ଆହେ ଜଗନ୍ନାଥ ନନ୍ଦିଘୋଷେ ତୁମେ ଯାଅ,
ସାଥିରେ ତୁମର ମଦନମୋହନ ସବାରୀ କରାଇ ଥାଅ ।୧୮ ।
ଗରୁଡ ଯାହାକୁ ଜଗି ରହିଥାଏ ଦାରୁକ ଯାର ସାରଥି,
ତ୍ରୈଲୋକ୍ୟ ମୋହିନୀ ପତାକା ଯାହାର ଉଡୁଥାଏ ଦିବାରାତି ।୧୯ ।
ଶଙ୍ଖଚୂଡ ପୁଣି ଦଉଡି ଯାହାର ଆହା କ ପବିତ୍ର ସତେ,
ଭକ୍ତର ଜୀବନ ଧନ୍ୟ ହୋଇଥାଏ ପାର୍ଶ୍ୱ ଦେବତାଙ୍କୁ ଦେଖେ ।୨୦ ।
ନାଲି ଓ ହଳଦୀ ରଙ୍ଗର କପଡା ରଥେ ଘୋଡା ହୋଇଥାଏ,
ଶଂଖ, ଚକ୍ର ଭଳ ହତିଆର ଧରି ଭକତୁ ଦର୍ଶଏ ଦିଏ ।୨୧ ।
ତାଳଧ୍ୱଜ ରଥେ ବିରାଜମାନ ତ ଭାଇ ବଳଭଦ୍ର ଆହା,
ଲାଲ ଓ ସବୁଜ କପଡା ତ ପୁଣି ସର୍ବ ଚକ୍ଷୁର ସାହାରା ।୨୨ ।
ବାସୁଦେବ ଯାକୁ ଜଗି ରହିଥାଏ ମାତାଲୀ ହିଁ ତା ସାରଥି,
ଉନନୀ ପତାକା ମନ ଲୋଭିନଏ ସତେ ସିଏ ସର୍ବ ସାଥି ।୨୩ ।
ଘୋର ତୀବ୍ର ଦିର୍ଘ ଶର୍ମା ସ୍ୱର୍ଣ୍ଣନାଭ ଘୋଡା ଯାହାକୁ ତ ଟାଣେ,

ନବ ଦେବାଦେବୀ ଘୁରିପଟେ ରହି ଭକ୍ତ ମନକୁ ତ କଣେ ।୨୪।
ପାଖରେ ତୁମର ଥାନ୍ତି ରାମକୃଷ୍ଣ ତାଙ୍କୁ ହିଁ କୋଟି ଜୁହାର,
ପ୍ରଭୁ ବଳଭଦ୍ର ସମସ୍ତଙ୍କ ସାହା କୋଟି ବ୍ରହ୍ମାଣ୍ଡ ସାଗର ।୨୫।
ଦର୍ପଦଳନରେ ଦେବୀ ସୁଭଦ୍ରା ତ ଦିଅନ୍ତି ହିଁ ଦରଶନ,
ଦେବଦଳନ ଓ ପଦ୍ମଧ୍ୱଜ ନାମେ ଭକ୍ତ କରେ ନିବେଦନ ।୨୬।
ନାଲି ଓ କଳାର ଘୁଦରରେ ସତେ ରଥ କି ସୁନ୍ଦର ଦିଶେ,
ଜୟଦୁର୍ଗା ପୁଣି ଜଗିରହିଥାଏ ଅର୍ଜୁନ ସାରଥି ସତେ ।୨୭।
ନନ୍ଦମ୍ବିକା ପୁଣି ଫରଫର ହୋଇ ଉଡଇ ଆକାଶ ମାର୍ଗେ,
ରୋଚକା, ମୋଚକା, ଜିତା ଓ ଅପରାଜୀତା ହିଁ ରଥକୁ ଟାଣେ ।୨୮।
ସ୍ୱର୍ଣ୍ଣଚୂଡ ଦଉଡିକୁ ଟାଣି ପୁଣି ଭକତ ଜୀବନ ଧନ୍ୟ,
ନବ ଦେବୀ ମାଆ ତୁମ ଘୁରିପଟେ ପାର୍ଶ୍ୱଦେବୀ ରୂପେ ଗଣ୍ୟ ।୨୯।
ପାଖରେ ତୁମର ଥାନ୍ତି ସୁଦର୍ଶନ ମନ ଲୋଭିନିଏ ଏତେ,
ସାରା ପୃଥିବୀର ଦୁଷ୍ଟ ନିବାରଣେ ସପଥ ନେଉଛ ସତେ ।୩୦।
ଭକତ ତୋହର ଅତିପ୍ରୀୟ ପୁଣି ଏ କଥା କି ଜଣାନାହିଁ,
ଗୁଣ୍ଡିଚା ଯାତ୍ରାର ଅନ୍ତରାଳେ ପୁଣି ସାଲବେଗକୁ ଦେଖଇ ।୩୧।
ଗୁଣ୍ଡିଚା ମନ୍ଦିରେ ନଅ ଦିନ ରହି ଦିଅନ୍ତି ତ ଦରଶନ,
ବାହୁଡି ଆସନ୍ତି ନିଜର୍ ଜାଗାକୁ ବାହୁଡା ଯାତ୍ରାର ଦିନ ।୩୨।
ଛପନ ଭୋଗକୁ ଛାଡିକରି ପୁଣି କିପରି ତ ରହିପାର,
ପୋଡପିଠା ଲୋଭେ ମାଉସୀ ମାଆକୁ କେବେ ତ ନଛାଡି ପାର ।୩୩।
ସୁନାବେଶ ତୁମ ଯିଏ ନ ଦେଖିଛି ତା ଜୀବନ ମୂଲ୍ୟହୀନ,
ଅଧରପଣାକୁ ପାଇବାର ପାଇଁ ଭୂତପ୍ରେତ ଯତ୍ନବାନ ।୩୪।
ଗଙ୍ଗ ରାଜା ପୁଣି ଏହି ରଥଯାତ୍ରା ଶୁଭଦେଲେ ୧୧୫୦ ଖ୍ରୀଷ୍ଟାବ୍ଦରେ,
ଯୁଗ ଯୁଗ ଧରି ଚାଲିଥିବ ଏହା ଏହି ଧରାଧାମ ତଳେ ।୩୫।
ତିନି ଦେବାଦେବୀ ଏହି ରୂପେ ପୁଣି ଦିଅନ୍ତି ହିଁ ଦରଶନ,
ବାହାରକୁ ଆସି ରଥଯାତ୍ରା ଦିନ ଭକ୍ତ ଆଶା କରେ ପୂର୍ଣ୍ଣ ।୩୬।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ପ୍ରେମ ଶରଧାବାଲି



ଆଶୁତୋଷ ମେହେର

ପ୍ରେମ ଅଫୁରନ୍ତ ମନ ପାହାଡରୁ
ଝର ସ୍ରୋତସ୍ୱିନୀ ଧାର
କଳକଳ ବହେ ଅସରନ୍ତି ଭାବେ
ଜନମ ରୁ ଆରପାର ।
ସକାଳ ସୂରୁଯ ରକ୍ତବର୍ଣ୍ଣ ଆଭା
ଫୁଲରେ ବାସନା ଭରି
ଭସା ବାଦଲରେ ପ୍ରେମିକ ପକ୍ଷୀଟେ
ଉଡେ କଳରବ କରି ।
ଫୁଲର ମହକେ ପାଖୁଡାର ରଂଗେ
ପରଜାପତିର ଖେଳ
ପ୍ରେମ ରସରଂଗେ କ ସୁନ୍ଦର ସତେ
ମାଦକତା ଭରା ମେଳ ।
ତୁଳସୀର ପ୍ରେମ ପ୍ରଭୁ ପାଦ ଧୂଳ
ବାସ ଦେଉଥାଏ ବୁଣି
ଦାସିଆ ପ୍ରେମରେ ବାଇ ହେଲେ ନାଥ
ନାରିକେଳ ନେଲେ ଟାଣି ।
ସୁଦାମା ଗରିବ ଖୁଦ ଭଜା ପ୍ରେମେ
ବାଇ ନଟବର ରାୟ
ନମନ୍ତ୍ରଣ ଦେଲେ ରାଜ ଦରବାରେ
ପାଦ ଧୋଇବାକୁ ତାୟ ।

ମଣିଷ ର ଏଇ ଜୀବନ ଟା ପ୍ରେମ
ମରଣ ତା'ଠାରୁ ବଳ
ଦୁଃଖ ସୁଖ ଫେଣ୍ଟା ହସ କାନ୍ଦ ଭରା
ପ୍ରେମର ଶରଧା ବାଲି ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ସବୁରି ପରାଣ ବତୀ



ରାଜକିଶୋର ସାଇଁ

ଆହେ ବିଶ୍ୱପତି
ଘେନ ପ୍ରଣତି,
ତୁହି ଏ ଲୋକେ ସାର
ଗତି ମୁକତି ।୦।
ହେବାରୁ ଆଜି ମଣିଷ
କାମନା ବାସନା ବଶ
ମିଳେନ ଶାନ୍ତି ସନ୍ତୋଷ
ଖୋଜେ ଯା ମଣିଷ ନିତି ।୧।
ଅଳକ ସୁଖରେ ମାତି
ଭୁଲେ ସେ ମାନବ ପ୍ରୀତି
ଛାର ଧନ ପାଇଁ ନିତି
ଆନ ପ୍ରାଣେ ରଚେ ଭୀତି ।୨।
ବିଜ୍ଞାନର ଶେଷ ଯହିଁ
ତୋର ପରକାଶ ତହିଁ
ରଖିପାରୁ ଏକା ତୁହି
ସବୁ ଚେଷ୍ଟା ହେଲେ ଇତି ।୩।

ମାନିଲେ ଧରମ ନିତି
ଧରମ ହୁଅଇ ସାଥୀ
ମିଳଇ ଅପାର ଶାନ୍ତି
ବର୍ଣ୍ଣିବାକୁ ନାହିଁ ଉକ୍ତି ।୪।
ସବୁରି ପରାଣ ବତୀ
କରୁଥାଉ ତୋ ଆରତୀ
ଦୂର କର ଦୁରୁଗତି
ଶ୍ରୀପୟରେ ରହୁ ମତି ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# କେହିଜଣେ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଯଦି କେବେ ହୃଦୟ ବିଦିର୍ଣ୍ଣ ହୁଏ ବ୍ୟଥା ଓ ବେଦନା ର
ଆର୍ତ୍ତ ଚକ୍ରାର ରେ, ଆଖି ରୁ ଝରି ଯାଏ ଶ୍ରାବଣ ର ବାରିଧାର
ମନ ପକ୍ଷୀ ବିଲପୁ ଥାଏ ଗୁମୁରି ଗୁମୁରି,
ଆଶାର ଆକାଶ ରେ ଛାଇଯାଏ  ନିରାଶା ର କଳା ମେଘ,
ଜୀବନର ସବୁରଙ୍ଗ ଫିକା ପଡ଼ିଯାଏ,
ଚଳନ୍ତା ଶରୀର ଟା ବରଫ ପାଲଟେ,
ସେତେବେଳେ କେହିଜଣେ ଆଖିରୁ ଲୁହ ପୋଛି କୋଳକୁ ଟାଣିନଏ,
ଦିଏ ତାର ଉଷ୍ମ ସ୍ୱର୍ଶ, ପିଇ ଯାଇ ସବୁ ଦୁଃଖ ମୋର,
ଫୁଟାଏ ମୋ ଓଠରେ ହସର ଜୁଆର, ସିଏ ମୋ ମା ମୋ ଇଶ୍ୱର ।

ଭର  ନଈ ଉଜାଣି  ବହୁଛି,
କେବେ ଏ କୂଳ ଖାଉଛି କେବେ ସେ କୂଳ ଖାଉଛି,
ମୁଁ ନା ଆରେ ବସିଛି,ନା ଆ ମଝି ନଈରେ ଭାସୁଛି,
ଜୀବନ ମରଣର ଦୋଛକରେ ଆଟିତ୍ୱ ମୋ ନିଜକୁ ପରଖୁଛି,
ସେତେବେଳେ କେହିଜଣେ ମରଣକୁ ପଛକୁ ପେଲିଦେଇ
ଗଭୀର ଜଳରେ ଛାତି ପତାଉଛି, ନାଆ  କୂଳରେ ଲାଗୁଛି,
ମୁଁ ପୁଣିଥରେ ଜୀବନକୁ ଆଲିଙ୍ଗନ କରୁଛି,
ସିଏ  ନାଉରିଆ ସିଏ ମୋ ଇଶ୍ୱର ।

ବେଳେବେଳେ ବାଟ ଚାଲୁ ଚାଲୁ ଜୀବନ ପଥରେ ସଂଜ ନଇଁଯାଏ,
କୁହୁକନୀ ରାତି ଆସେ ମାଡ଼ି, କଳା ଅନ୍ଧାରର ଯାଦୁ ପେଡ଼ି ଧରି,

ହୃଦୟରେ ଜାଗେ ଭିତ୍ତି, ମୁଁ ଝୁଣ୍ଟି ପଡି ପଛକୁ ଅନାଏ,
ପଥ ବହୁଦୂର,ମୁଁ ଏକାକୀ ପଥିକ, ସେତେବେଳେ ହଠାତ୍ କେହି ଜଣେ
ମୋ ହାତ ଧରି ଗ୍ଭଳ ନଏ ମୋତେ ଧୀରେ ଧୀରେ,
ବାର ବାର ପ୍ରତିଧ୍ୱନ ସୃଷ୍ଟିକରେ ସେ ଗୋଟିଏ ସ୍ୱର ମୋ ଭିତରେ,
ଡର ନା ତୁ ଅନ୍ଧାର କୁ, ମୁଁ ସାଥିରେ ଅଛି,
ସିଏ ଅଦୃଷ୍ଟ, ସିଏ ମୋ ଈଶ୍ୱର। ।

ସିଏ ବେଢ଼ି ଅଛି ମୋ ଭିତରେ ମୋ ବାହାରେ,
ମୋ ସମ୍ପର୍କର ପ୍ରତିଟି ଶବ୍ଦରେ, ସିଏ ଆକାଶର ନଲୀମାରେ
ସିଏ ସାଗର ଢେଉରେ ସିଏ ଧରଣୀ ର ଶ୍ୟାମଳ ବୁକୁରେ,
ସିଏ କୋକିଳ ର କୁହୁରେ ସିଏ ସୁମନର ସୁଗନ୍ଧରେ,
ସିଏ ଆଦିତ୍ୟ ର ପ୍ରଚଣ୍ଡତାରେ, ଚନ୍ଦ୍ରମାର ଶୀତଳ ଜ୍ୟୋସ୍ନା ରେ,
ସିଏ ଅନୁର ପ୍ରତିଟି ଅଂଶରେ ସିଏ ସର୍ବତ୍ର ବିଦ୍ୟମାନ, ସିଏ ମୋ ଈଶ୍ୱର ॥

ଶିକ୍ଷକ, ମ୍ୟୁନସିପାଲ ହାଇସ୍କୁଲ, କେନ୍ଦ୍ରପଡା

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ
କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ଜ୍ଞାନରୁ ହିଁ ସୁଖ ଏବଂ ଅଜ୍ଞାନରୁ ହିଁ ଦୁଃଖ



ବରଦା ପ୍ରସନ୍ନ ଦାସ

ବେଦ ସମଗ୍ର ସଂସାରର ପ୍ରତ୍ୟେକ ମନୁଷ୍ୟଙ୍କ ପାଇଁ ଉଦ୍ଦିଷ୍ଟ । ବେଦ ସର୍ବୋମୋଟ ୨୦,୫୦୦ ମନ୍ତ୍ରରେ ସଂସ୍କୃତଭାଷାର ନିକଟବର୍ତ୍ତୀ ବୈଦିକ ଭାଷାରେ ପ୍ରକାଶ କରାଯାଇଛି । ବେଦ ଶବ୍ଦର ଅର୍ଥ ଜ୍ଞାନ । ଋକ୍, ଯଜୁ, ସାମ ଓ ଅଥର୍ବ ଏହିପରି ବେଦ ୪ ଭାଗରେ ବିଭକ୍ତ । ମନୁଷ୍ୟ କିପରି କାର୍ଯ୍ୟମାନ କରିବ, ଦେଶ, ସମାଜ ଓ ପରିବାର ପ୍ରତି ତାର କର୍ତ୍ତବ୍ୟ କଣ? ସଂସାରରେ ଶାନ୍ତି ପ୍ରତିଷ୍ଠା ପାଇଁ କି ପ୍ରକାର ପଦକ୍ଷେପ ନିଆଯିବ? ଈଶ୍ୱରଙ୍କ ଉପାସନା କରିବାକୁ ହେବ ? ଏପରି ସାରଗର୍ଭକ ଉପଦେଶମାନ ବେଦରେ ଶିକ୍ଷା ଦିଆଯାଇଛି । ସେସବୁକୁ ଜାଣିଲେ ନିଶ୍ଚିତଭାବେ ମନୁଷ୍ୟର ଉନ୍ନତି ସାଧିତ ହେବ । ମନୁଷ୍ୟ ସମାଜ ସୁଖ ଶାନ୍ତିରେ ଆନନ୍ଦ ଉପଭୋଗ କରି କିପରି ରହିବ, ତା' ପାଇଁ ଈଶ୍ୱର ବେଦଜ୍ଞାନ ଦେଇଛନ୍ତି । କାରଣ ସବୁବେଳେ ସେ ଆମ ସମସ୍ତଙ୍କର ମଙ୍ଗଳ କାମନା କରିଥା'ନ୍ତି । ଏହି ଜ୍ଞାନ ଈଶ୍ୱର ମନୁଷ୍ୟଙ୍କୁ ସୃଷ୍ଟିର ପ୍ରାରମ୍ଭରେ ଦେଇଛନ୍ତି । ସୃଷ୍ଟି ପରେ ଈଶ୍ୱର ଯଦି ଏହି ଜ୍ଞାନ ଦେଇନଥା'ନ୍ତେ, ତେବେ ପୂର୍ବରୁ ସୃଷ୍ଟି ହୋଇଥିବା ମନୁଷ୍ୟମାନେ ସେହି ଲାଭ ପାଇପାରିନଥା'ନ୍ତେ । ଈଶ୍ୱର ସୃଷ୍ଟିର ପ୍ରାରମ୍ଭରେ ଏହି ବେଦଜ୍ଞାନ ଋଷିମାନଙ୍କୁ ଦେଇଥିଲେ । ପ୍ରାରମ୍ଭରେ ଯଦି ସେ ଏପରି ଜ୍ଞାନ ଦେଇନ'ଥାନ୍ତେ, ତେବେ ମନୁଷ୍ୟ କିଛି ଶିଖି ପାରିନଥା'ନ୍ତା । କିମ୍ବା କେଉଁ କାମ କରିବାକୁ ହେବ, ତାହା ମଧ୍ୟ ଜଣେ ମନୁଷ୍ୟକୁ ନ ଶିଖାଇବା ପର୍ଯ୍ୟନ୍ତ ସେ କିଛି ଲେଖିପାରି ନ'ଥାନ୍ତା, କିମ୍ବା ପଢିପାରି ନଥା'ନ୍ତା । ସୃଷ୍ଟିର ପ୍ରାରମ୍ଭରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଏ ବା ମନୁଷ୍ୟକୁ ଉପଦେଶ ଦେଇଥା'ନ୍ତା ? ତେଣୁ ଈଶ୍ୱର ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରା ଏପରି ଚାରିଜଣ ଋଷିଙ୍କୁ ବେଦଜ୍ଞାନ ପ୍ରଦାନ କରିଥିଲେ । ଈଶ୍ୱର ସମସ୍ତଙ୍କ ହୃଦୟରେ ବ୍ୟାପୀ ରହିଛନ୍ତି । ସେହି ଚାରିଜଣ ଋଷିଙ୍କ ହୃଦୟ ଅତ୍ୟନ୍ତ ପବିତ୍ର ଥିଲା । ତେଣୁ ସେମାନଙ୍କ ହୃଦୟରେ କେବଳ ବେଦଜ୍ଞାନ ପ୍ରକଟ କରିଥିଲେ । ଈଶ୍ୱର ହେଉଛନ୍ତି ସର୍ବ ବ୍ୟାପକ ଓ ସର୍ବ ଶକ୍ତିମାନ । ତେଣୁ ଜ୍ଞାନ ଦେବା ପାଇଁ ସେ କାଗଜ କଲମ କିମ୍ବା କାଳି ଲୋଡିନଥିଲେ କିମ୍ବା ମୁହଁରେ ତାଙ୍କୁ କହିବାକୁ

ପଡିନଥିଲା । କେବଳ ହୃଦଦେଶରେ ପ୍ରେରଣା ପ୍ରଦାନ ହିଁ ତାଙ୍କ ପକ୍ଷରେ ଜ୍ଞାନ ଉଦ୍ରେକର ଯଥେଷ୍ଟ କାରଣ ଥିଲା ।

ପରମାତ୍ମାଙ୍କ ଶାସନର ସଂବିଧାନ ହେଉଛି ବେଦ । ଭୋଗବିଳାସ ବସ୍ତୁଗୁଡିକ ଶ୍ରେଷ୍ଠ ସଂପଦ ମଧ୍ୟରେ ବିବେଚନା କରାଯାଏ ନାହିଁ । ବାସ୍ତବିକ ମନୁଷ୍ୟର ଶ୍ରେଷ୍ଠ ସମ୍ପଦ ହେଉଛି – ସ୍ୱାସ୍ଥ୍ୟବାନ ଶରୀର ଓ ଉତମ ଚରିତ୍ର । ଭାଗବତରେ ଲେଖାଅଛି-"ବିଶ୍ୱାସ ମୂଳେ ଏ ଜଗତ, ପ୍ରାଣୀ ହୁଅନ୍ତି ଆତଯାତ" । ବିଶ୍ୱାସ ଆଧାରରେ ସବୁକାମ ଚାଲେ । କେତେକ ପୂର୍ବପୁରୁଷ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ । ଆଉ କେତେକ ପୂର୍ବପୁରୁଷ ଅନୁଯାୟୀ ପ୍ରଚଳିତ । ସମାଜ, ଜାତି, ସଂପ୍ରଦାୟ, ଦେଶ ଦେଶ ମଧ୍ୟରେ ଏହାର ଭିନ୍ନତା ପରିଲକ୍ଷିତ ହୋଇଥାଏ । ଏହାର କାରଣ ହେଲା, ଭିନ୍ନ ଭାଷା, ବିଭିନ୍ନ ପରମ୍ପରା, ଧର୍ମ ଓ ଧର୍ମ ନିରପେକ୍ଷତା । ଧର୍ମ ଧାରଣାର ସ୍ୱାଧୀନତା । ବିଭିନ୍ନ ସଂପ୍ରଦାୟର ଧର୍ମ ଶାସ୍ତ୍ର ଆଧାରରେ ମଣିଷର ବିଶ୍ୱାସ ଚଳନ୍ତିନ ପରଂପରା ଗତିକରେ । ଏ ସବୁରି ମଧ୍ୟରେ ଆମର ସର୍ବ ପୁରାତନ ଶାସ୍ତ୍ରକୁ ପରାଧୀନତାର ବନ୍ଧନ ଭିତରେ ରଖି ଆମେ କ୍ରମେ ବହୁ ମାତ୍ରାରେ ଭୁଲିଯିବାକୁ ବାଧ ହେଉଛୁ । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ହେଲା ଓ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ହାସଲ କଲା । ଏହା ପୂର୍ବରୁ ବିଦେଶୀ ଶାସନ ଚାଲିଥିଲା । ଆମ ଶାସ୍ତ୍ରକୁ ଘରକୁ ଘର ବୁଲି ନଷ୍ଟ ଭ୍ରଷ୍ଟ କରିଦିଆଯାଇଥିଲା । ତେଣୁ ସେଥିରୁ ଆମେ ଦୁରେଇ ଯିବାକୁ ବାଧ ହୋଇଛୁ । ମହାନ୍ ବ୍ୟକ୍ତି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ଆମ ସର୍ବପୁରାତନ ସନାତନ ଧର୍ମଶାସ୍ତ୍ର ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ହୋଇଛି । ଅତୀତରେ ପୁରାଣ, କୋରାନ ଓ ବାଇବେଲର ଅନ୍ଧବିଶ୍ୱାସଗୁଡିକୁ ଖଣ୍ଡନ କଲେ ବୋଲି ବୈଜ୍ଞାନିକ ଗାଲିଲିଓଙ୍କୁ ଦିଆଗଲା ଆମରଣ ଜେଲ ଯାତନା, ବୈଜ୍ଞାନିକ ବ୍ରୁନୋଙ୍କୁ କରୋସିନ ଢାଳି ମାରି ଦିଆଯାଇଥିଲା ଓ ମହର୍ଷି ଦୟାନନ୍ଦଙ୍କୁ ବିଷ ଦେଇ ହତ୍ୟା କରାଗଲା ଓ ମହାତ୍ମା ସକ୍ରେଟିସଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

ଏ ମାନବ ଜାତି ଏକ ଜାତି ଓ ଏକ ପରିବାର ହୋଇଥିଲେ ମଧ୍ୟ ଏ ଅନ୍ଧ ବିଶ୍ୱାସଗୁଡିକ ଯୋଗୁଁ ଏ ମାନବ ଜାତି ଭିତରେ ଭେଦଭାବ ବଢି ଚାଲିଛି । ଫଳରେ ଆମ୍ଭେମାନେ ଅସହ୍ୟ ଦୁଃଖ ଦୁର୍ଦ୍ଦଶା ଭୋଗକରି ଅଶାନ୍ତି ମଧ୍ୟରେ ଗତି କରିଚାଲିଛୁ । ଏସବୁଥିରୁ ଉଦ୍ଧାର ପାଇବାକୁ ହେଲେ ବେଦର ସାରକଥାକୁ ଆମକୁ ମାନିବାକୁ ହେବ ।

ପ୍ରଥମେ ଆସନ୍ତୁ; ପ୍ରଭୁ ପୂଜା କଥା ବିଚାର କରିବା । ବେଦର ମମାର୍ଥ ହେଲା, ଜୀବଗଣଙ୍କୁ ସାହାଯ୍ୟ କରିବା ଦ୍ୱାରା ପରମପିତା ପ୍ରସନ୍ନ ହୋଇଥା'ନ୍ତି । ଅର୍ଥାତ୍ ଦୁଃଖୀର ଦୁଃଖ ନିବାରଣ, ରୋଗୀକୁ ଔଷଧ ବଣ୍ଟନ, କ୍ଷୁଧାର୍ଥକୁ ଅନ୍ନଦାନ, ତୃଷାକୁ ଜଳଦାନ, ନିବସ୍ତ୍ରକୁ

ବସ୍ତ୍ର ଦାନ, ଅଜ୍ଞାନକୁ ଜ୍ଞାନଦାନ, ଅସହାୟତାକୁ ସହାୟତା ପ୍ରଦାନ, ବିପଦରେ ଥିବା ଲୋକଙ୍କୁ ଉଦ୍ଧାର କରିବା ଓ ପର ଉପକାର ଇତ୍ୟାଦି । ଏସବୁ କାର୍ଯ୍ୟ ହେଲା ପ୍ରଭୁ ପୂଜା । ଜୀବ ଜଗତର ସେବା ହିଁ ସର୍ବଶ୍ରେଷ୍ଠ ଧର୍ମ । ଅତଏବ ପରମେଶ୍ୱରଙ୍କୁ ପୂଜା କରିବାର ଏତେ ସୁନ୍ଦର ପ୍ରଣାଳୀକୁ ଛାଡି ଜୀବିତ ମୂର୍ତ୍ତିମାନଙ୍କର ସେବା ଛାଡି ଫଟୋ ଓ କାଠ ପଥରର ମୂର୍ତ୍ତିମାନଙ୍କର ପୂଜା କରିବା ଦ୍ୱାରା କିଛି ଲାଭ ହୋଇନ'ଥାଏ । ତେଣୁ ସନ୍ଥକବି ଭୀମ ଭୋଇ ଲେଖିଥିଲେ- "ମୂର୍ତ୍ତି ପାଷାଣ ଶୁଷ୍କ କାଷ୍ଠ, ସେ କେବେ ନେବକ ବୈକୁଣ୍ଠ । କାଷ୍ଠ ପାଷାଣ୍ଡ ଗୁରୁଲତା, ଏ ସବୁ ଅଜ୍ଞାନ ଦେବତା ।"

ସକାଳେ ସଂଧ୍ୟାରେ ଘଣ୍ଟାଏ ଲେଖାଏଁ ଈଶ୍ୱର ଚନ୍ତନ ଏକାଗ୍ର ମନରେ ଓ ନଷ୍ଠାପୂର୍ଣ୍ଣ ଅନ୍ତରରେ କରିବା ଉଚତ୍ । ଏହାକୁ ହିଁ ଧ୍ୟାନ କୁହାଯାଏ । ସେହି ଦୟାମୟ ପରମେଶ୍ୱରଙ୍କ ଗୁଣ ଚନ୍ତନ ହିଁ ପ୍ରଭୁପୂଜା । ଏହା ନକରି ଫଟୋ ବା କାଠ ପଥରର ମୂର୍ତ୍ତିକୁ ଭୋଗଦେଇ ପୂଜା କରିବା ବାସ୍ତବ ପ୍ରଭୁପୂଜା ନୁହେଁ । ବେଦ ହେଉଛି ବିଶ୍ୱ ପାଠାଗାରର ସର୍ବପ୍ରାଚୀନ ପ୍ରଥମ ପୁସ୍ତକ । ବେଦଠାରୁ ମଣିଷ ସମାଜ ଦୁରେଇ ଯିବାର କାରଣଗୁଡିକ ହେଲା ଏହାକୁ ନୟମିତ ପାଠ କରୁଥିବା ବ୍ରାହ୍ମଣମାନେ ଏଥିରୁ ନବୃତ ହୋଇ ବିଭିନ୍ନ ମେଳା ଭାଗବତ ଆଦି ପାଠ ଦିଗରେ ଆଗ୍ରହ ପ୍ରକାଶ କଲେ । ସଂସ୍କୃତ ଶୃଙ୍ଗାରଯୁକ୍ତ କାବ୍ୟ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ ପାଇଲା । ସାଂପ୍ରଦାୟିକ ଗୁରୁମାନେ ନଜ ନଜର କାୟା ବିସ୍ତାର କରି ସମାଜରେ ଆଧିପତ୍ୟ ଜାହିର କଲେ । ପ୍ରାଦେଶିକ ଭାଷା ପ୍ରଚଳନ ଫଳରେ ସଂସ୍କୃତ ଭାଷା ଅଧ୍ୟୟନ ପ୍ରତି ଆଗ୍ରହ କମିଲା । ଫଳରେ ସଂସ୍କୃତ ଭାଷାରେ ରଚତ ବେଦ ଅଧ୍ୟୟନ ଲୋକମାନଙ୍କଠାରୁ ଦୂରେଇଗଲା । ସଂପ୍ରତି କେତେକ ମହାନ ବ୍ୟକ୍ତିଗଣ ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଜାତିର ପିତା ମହାତ୍ମାଗାନ୍ଧୀଙ୍କଠାରୁ ଆରମ୍ଭ କରି ଭାରତ ରତ୍ନ ମଦର ଟେରେସା, ଓଡିଶାର ନବକୃଷ୍ଣ ଚୌଧୁରୀ, ଆଚାର୍ଯ୍ୟ ହରିହର, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ମା' ରମାଦେବୀ ଚୌଧୁରୀ, ପାର୍ବତୀ ଗିରି ଆଦି ନଷ୍କାମ ଭାବେ ଦୁଃଖୀର ଦୁଃଖ ନବାରଣ, ଗରିବ ଅବହେଳତ ଅସହାୟ ମଣିଷମାନଙ୍କୁ ସହାୟତା ପ୍ରଦାନ କରି ସ୍ମରଣୀୟ ହୋଇପାରିଛନ୍ତି । ଏବେ ପର୍ଯ୍ୟନ୍ତ ସମାଜରେ ବହୁ ନେତା ଜନତା ଜନାର୍ଦ୍ଦନଙ୍କ ସେବାରେ ନଜକୁ ନୟୋଜିତ କରିଚାଲିଛନ୍ତି । ସେମାନେ ଯେପରି ସେବା କରିଯାଇଛନ୍ତି, ତାହାହିଁ ବେଦର ପ୍ରଭୁପୂଜା ସଙ୍ଗେ କେତେକାଂଶରେ ସମାନତା ଆଣିଥିବା ମନେହୁଏ । ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ଆମ ଉପରେ ପ୍ରସନ୍ନ ହୋଇଥା'ନ୍ତି । ଏଣୁ ଏହାହିଁ ଅର୍ଦ୍ଧାଧିକ ସତ୍ୟ; କହିବାକୁ ଗଲେ ବାସ୍ତବ ପ୍ରଭୁ ପୂଜା ଅଟେ । ଏହାହିଁ ବେଦର ଆଦେଶ ଓ ମର୍ମାର୍ଥ ଅଟେ ।

ସେହିପରି ଭବେ ସେବା । ଲୋକମାନଙ୍କର ସେବା କରିବା ପାଇଁ ସମସ୍ତ ଯୋଜନା ପ୍ରଣୟନ କରାଯାଇଛି । ଲୋକମାନଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱର ବିଭିନ୍ନ ଦେଶରେ ସରକାର ଚେଷ୍ଟିତ । ଓଡିଶା ରାଜ୍ୟ ପ୍ରଶାସନର କେନ୍ଦ୍ରସ୍ଥଳୀ ସଚିବାଳୟଠାରେ ନିୟନ୍ତ୍ରଣ ଚାବିକାଠି ରହିଛି । ଲୋକମାନଙ୍କର ସେବା କରିବାକୁ ପ୍ରାଧାନ୍ୟ ଦିଆଯାଇ ପ୍ରଥମେ ରାଜ୍ୟ ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ "ଲୋକସେବା ଭବନ" ରଖାଯାଇଛି । ଯାହାକି ବେଦର ଆଦର୍ଶକୁ ଯଥାର୍ଥ ସମ୍ମାନ ମିଳିଛି । ପ୍ରତ୍ୟେକ୍ଷ ଓ ପରୋକ୍ଷରେ, ଜାଣତ ହେଉ ବା ଅଜାଣତରେ ପ୍ରଭୁପୂଜାର ଅର୍ଥ ଲୋକସେବାକୁ ହିଁ ବୁଝାଇଥାଏ । ଯେଉଁ ହିନ୍ଦୁ ଧର୍ମ ଶାସ୍ତ୍ର ବେଦ ଏପରି ସତ୍ୟ ଏବଂ ଯଥାର୍ଥ ବିଚାରରେ ପରିପୂର୍ଣ୍ଣ, ସେହି ହିନ୍ଦୁ ଆଜି ଅଜ୍ଞାନତାର ମହାରୋଗରେ ପୀଡିତ । ଅଜ୍ଞାନତାର ଘନ ଅନ୍ଧକାରରେ ଆଚ୍ଛନ୍ନ ଭ୍ରମ ଏବଂ ଅନ୍ଧ ବିଶ୍ୱାସର ଅନ୍ଧକୂପରେ ନିପୀଡିତ । ଏଣୁ ଆସନ୍ତୁ, ଆମ ପୁରାତନ ଉପାଦେୟ ଶାସ୍ତ୍ର ବେଦକୁ ଉଦ୍ଧାର ପାଇଁ ଉଦ୍ୟମ କରିବା ଓ ପ୍ରକୃତ ଜ୍ଞାନର ପରିଚୟ ପାଇଁ ଜାତି ଦଳମତ ନିର୍ବିଶେଷରେ ଏକାଠି କାର୍ଯ୍ୟକରିବା । ଏହାର ସରଳୀକରଣ ଏବଂ ଓଡିଆ ଅନୁବାଦ କରାଇ ସମସ୍ତ ଜିଲ୍ଲା ଏବଂ ଉପଖଣ୍ଡସ୍ତରରେ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବା । ଏ ଦିଗରେ ସର୍ବାଗ୍ରେ ସମସ୍ତଙ୍କର ଆଗ୍ରହ ପ୍ରକାଶ ପାଇବା ଆଜିର ସବୁଠୁ ବେଶୀ ଆବଶ୍ୟକତା । ଅତୀତରେ ଦେବଭୂମି ଭାରତରେ ଗୁରୁକୂଳ ଶିକ୍ଷା ଆଶ୍ରମମାନଙ୍କରେ ସଂସ୍କୃତ ଭାଷା ସହ ଅଧ୍ୟୟନ କରାଯାଉଥିଲା । କାଳକ୍ରମେ ସେଗୁଡିକ ଲୋପ ପାଇବା ପରେ ସଂସ୍କୃତ ଭାଷା ସହ ବେଦପାଠ ଲୋପ ପାଇଥିଲା । ସଂପ୍ରତି ପୁନର୍ବାର ଭାରତରେ ଏକଶହରୁ ଊର୍ଦ୍ଧ୍ୱ ଗୁରୁକୂଳ ଶିକ୍ଷା ଆଶ୍ରମ ଚାଲୁଅଛି । ଏହାର ସଂଖ୍ୟା ବୃଦ୍ଧି ପାଇଲେ ଏବଂ ସଂସ୍କୃତ ଭାଷାର ପ୍ରଚଳନ ବୃଦ୍ଧି ହେଲେ ବେଦପାଠର ଚାହିଦାବୃଦ୍ଧି ପାଇବ ।

ଈଶ୍ୱର କୌଣସି ଜାତି ବିଶେଷ କିମ୍ବା କୌଣସି ଦେଶର ପିତା ନୁହଁନ୍ତି । ସେ ହେଉଛନ୍ତି ସକଳ ସଂସାରର ପିତା । ତେଣୁ ଯେ କୌଣସି ଦେଶର ବ୍ୟକ୍ତି ଯଦି ଉତମ ହେବା ପାଇଁ ଇଚ୍ଛା କରେ, ତେବେ ତାର ବେଦ ପଢିବାର ସଂପୂର୍ଣ୍ଣ ଅଧିକାର ରହିଅଛି । ବେଦ କହେ, ସମସ୍ତ ସୁଖର କାରଣ ହେଲା ଜ୍ଞାନ ଏବଂ ସମସ୍ତ ଦୁଃଖର କାରଣ ହେଲା ଅଜ୍ଞାନ । ଜ୍ଞାନରୁ ହିଁ ସୁଖ ଏବଂ ଅଜ୍ଞାନରୁ ହିଁ ସମସ୍ତ ଦୁଃଖର ଉତ୍ପତି ।

କେଶରପୁର(ମହାନ୍ତି ଲେନ୍),କଟକ-୧
ମୋ-୯୮୬୧୧୪୫୬୮୭

# ବୋଉ



ଓଜସ୍ୱିନୀ ଶତପଥୀ

ଅନ୍ଧାର ରେ ଦୀପ ଭଳି ଜଳି
ନିରାଶା ରେ ଆଶାର ଗୀତ ଗାଇ
ଘୋର ବିପଦ ରେ ଅତୁଟ ବିଶ୍ୱାସ ଜନ୍ମାଇ
ଯିଏ ଅହର୍ନିଶି ପାଖେ ପାଖେ ରହେ, ସିଏ ବୋଉ।

ହଜିଗଲେ ଖୋଜି ଦେବି ମୁଁ
ଭାଙ୍ଗି ଗଲେ  ଯୋଡି ଦେବି ମୁଁ
ସରିଗଲେ ଭରି ଦେବି ମୁଁ
ଯିଏ କାନେ କାନେ ଆଶ୍ୱାସନା ଦିଏ, ସିଏ ବୋଉ।

ଅସମ୍ଭବ ଶବ୍ଦରୁ ଅ କୁ ହଟେଇ
ଅସୁବିଧା ଶବ୍ଦ ରୁ ଅ କୁ ଫେଡି ଦେଇ
ଅଭାବ ଶବ୍ଦରୁ ଅ କୁ ଏଡାଇ,
ଯିଏ ଜୀବନ କୁ ସହଜ ସୁନ୍ଦର କରିଦିଏ, ସିଏ ବୋଉ।

ସ୍ୱଚ୍ଛତା, ସଭ୍ୟତା, ମାନବିକତା
ଧୈର୍ଯ୍ୟ, ସାହସ, ପାରଙ୍ଗମତା
ଦୟା ଅନୁକମ୍ପା ଉଦାରତା
ଯିଏ ମନେ ପ୍ରାଣେ ଭରି ଦିଏ, ସିଏ ବୋଉ।

ତୁ ହାରିଲେ ବି ମୋ'ର
ତୁ ଜିତିଲେ ବି ମୋ'ର
ତୁ କାନ୍ଦିଲେ ବି ମୋ'ର
ତୁ ହସିଲେ ମୋ'ର
ତୁ ବଢ଼ିଲେ ବି ମୋ'ର
ତୁ ଛିଡିଲେ ବି ମୋ'ର
ଯିଏ ଏ ପ୍ରତିଶ୍ରୁତି ଦିଏ, ସିଏ ବୋଉ।

ମତେ ଗଣିତ ଶିଖେଇ ଯିଏ ହିସାବ ଭୁଲି ଯାଏ
ମତେ ସର୍ବସ୍ୱ ଦେଇ ଯିଏ ନସ୍ୱ ହେଇ ଯାଏ
ମତେ  ଜିତେଇବା ପାଇଁ ଯିଏ ସବୁ ନିୟମ ଭୁଲି ଯିଏ, ସିଏ ବୋଉ।

କେନ୍ଦ୍ର ବିନ୍ଦୁ ରୁ ପରିଧି ପର୍ଯ୍ୟନ୍ତ
ସୂର୍ଯ୍ୟୋଦୟ ରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ
ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ
ଯିଏ ମତେ ଖୋଜୁଥାଏ ମୁହୂର୍ତ୍ତ ମୁହୂର୍ତ୍ତ
ସିଏ ବୋଉ, ସିଏ  ବୋଉ, ସିଏ ବୋଉ।

ନୂଆଦିଲ୍ଲୀ

# ବର୍ଷାର ପ୍ରଥମ ସ୍ପର୍ଶ



ଡ଼ଃ ରଞ୍ଜିତ କୁମାର ସାହୁ

ପ୍ରଥମ ବର୍ଷାର ପ୍ରଥମ ସ୍ପର୍ଶ,
ଅନେକ କଛି ସାଥିରେ ଆଣେ,
ଆଜି ମଧ୍ୟ ନିଃସ୍ୱ ଆଖିରେ,
ସପନର କଜ୍ୱଳ ଗାର ଟାଣେ ।
ସ୍ମୃତିରେ ଚଢ଼ିଥିବା ଧୂଳ ପୋଛିଦିଏ,
ଅତୀତକୁ କ୍ଷଣକରେ ଧୋଇ,
ସତେଜ କରେ ପ୍ରେମର ଡାଳଟିକୁ,
ମହକେ ତୁମେ ରୂପ, ପ୍ରକଟ ହୋଇ ।
ମୁଁ ଆଜି ମଧ୍ୟ ଯେମିତି ଅପେକ୍ଷାରେ,
ମେଘର ଆଗମନକୁ, ଦୂର ପାହାଡ଼ରେ,
ଆଜି ମଧ୍ୟ ଋତୁଚକ୍ରକୁ ସମର୍ପିତ,
ଭାବନା ସବୁ ମୋର, କଲମ ଉହାଡରେ ।
ତୁମକୁ ବୁଝିବାକୁ ଆଉ ବାକ ନାହିଁ,
ମିଜକୁ ବୁଝି ପାରିଛି ଯେଉଁ ଦିନୁ ।

ଏଯାଏଁ ବୁଝିନାହିଁ କନ୍ତୁ, ତୁମକୁ ଭଲ ପାଏ,
ତେଣୁ  ଭଲ ଲାଗେ ଆକାଶରେ ମେଘ,
ଅଥବା ମେଘକୁ ଭଲ ପାଏ ବୋଲି,
ତହିଁରେ ଖୋଜେ, ତୁମର ପ୍ରତିଛବି !
ଆଜି ମଧ୍ୟ, ପ୍ରଥମ ବର୍ଷାର ପ୍ରଥମ ସ୍ପର୍ଶ,
ସାଥିରେ ଅନେକ ପ୍ରଶ୍ନ ଆଣେ ।
ମୋ ସହ କରିବ ସିଏ ତୁମର ଚର୍ଚ୍ଚା,
ତାହା ମଧ୍ୟ ସିଏ ଭଲ ଭାବେ ଜାଣେ !

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଲେନଆଲେନ? ଗ୍ଲରଲୋଟସଭିଲେ, ଭିର୍ଜିନଆ,
ଯୁକ୍ତରାଷ୍ଟ୍ର ଆମେରିକା

# ଚକ୍ରବ୍ୟୂହ



ପ୍ରଦୀପ୍ତ କୁମାର ସାହୁ

ହେ ପ୍ରଭୁ !
କରିବି କ ଅଭିଯୋଗ, ନା ଅଭିମାନ?
ତୁମେହିଁତ କହିଥିଲ
"ହେ କୌନ୍ତେୟ!
ମୋ ବିନା ଜୀବ ପରିତ୍ରାଣେ
ସଂସାରେ ନାହିଁ ଅନ୍ୟଜଣେ।"
କାହାଆଗେ ତେବେ ଗୁହାରିବି
ଏ ସଂସାର ଦୁଃଖର ନିଦାନ?
କରିବି କ ଅଭିଯୋଗ, ନା ଅଭିମାନ?

ତୁମେହିଁ ଗଢ଼ିଛ ଏ ସଂସାର,
ପବନ, ପାବକ, ନଭ, ଜଳ, ସ୍ଥଳ।
ତୁମେତ ଆରମ୍ଭ, ତୁମେହିଁ ଅନ୍ତିମ
ତୁମେ ସୀମାହୀନ, ପୁଣି ସସୀମ।
ତୁମେ ସୃଜନର ପ୍ରଥମ ସ୍ପନ୍ଦନ
ତୁମେ ପ୍ରଳୟର ଅନ୍ତିମ କ୍ଷଣ।
କେମିତି କହିବି ତୁମେ ଅସହାୟ ବୋଲି
ଯଦ୍ୟପି ଅଜ୍ଞାତ ତୁମ ନିଦ୍ରାର କାରଣ।
କରିବି କ ଅଭିଯୋଗ, ନା ଅଭିମାନ?

ତୁମେ ପୂରିଅଛ ସବୁରି ଭିତରେ
ସକାଳ ପୂଜାରେ, ସନ୍ଧ୍ୟା ଆଳତିରେ,
ଭକ୍ତର ଭକ୍ତିରେ, ପୁରାଣ ପୋଥିରେ
କେବେ ସ୍ମୃତିରେ, କେବେ ବିସ୍ମୃତିରେ
"ମାମେକଂ ଶରଣଂ ବ୍ରଜ"
ତୁମେହିଁତ ଦେଇଥିଲ ଆଶ୍ୱାସନା ବାଣୀ
ଆଜି କାହିଁ କୁଣ୍ଠିତ ଦେବାକୁ ଶରଣ?
କରିବି କ ଅଭିଯୋଗ, ନା ଅଭିମାନ?

ନୂଆ ଏକ କୁରୁକ୍ଷେତ୍ରେ ମୃତ୍ୟୁର ତାଣ୍ଡବ
ବିନା ଅସ୍ତ୍ରେ, ରକ୍ତପାତେ କୁଢ଼କୁଢ଼ ଶବ
କେମିତି ନିଶ୍ଚିତ କଲ ଏ ପ୍ରଳୟର ଘଡି
ଗଢ଼ିଥିଲ ହାତେ ଯାହା ଦେବକି ଉଜାଡି?
ଭାରତ ଯୁଦ୍ଧରେ, ଅର୍ଜୁନ ରଥରେ
ମନେପଡେ ତୁମର ସେ
ଅନ୍ତିମ ଚେତାବନି
"...ବିନାଶାୟ ଚ ଦୁଷ୍କୃତାମ୍..."

ଭି ଆଇ ପି ରୋଡ୍, ପୁରୀ

# କନ୍ୟା-ରତ୍ନ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ଓଡିଆ କବି ମୁଁ ବିଶ୍ୱବାସୀଙ୍କୁ
ଅନୁରୋଧ ଆଜି କରୁଅଛି,
କନ୍ୟା-ଭ୍ରୁଣ-ହତ୍ୟା କରନାହିଁ ତୁମେ,
ଉପଦେଶ ତୋତେ ଦେଉଅଛି ।
ବଧୂ-ନିର୍ଯ୍ୟାତନା ଦିଅନାହିଁ ବନ୍ଧୁ!
ଘରେ ତୋର ଝିଅ ଜନମିଛି,
ଆଜି ତୁମ ଝିଅ କାଲିକା ର ବୋହୂ
ବିଧିର ବିଧାନ କହୁଅଛି ।
ମାଆ ଯଦି ନାହିଁ, ପୁଅଟିଏ କାହୁଁ,
ଜନମିବ ଅବା ତୋର ଘରେ?
ବୁଝି ନବୁଝି ତୁ ଅବୁଝା ହୁଅନା
ଝିଅ ପର୍ ଲକ୍ଷ୍ମୀ ପରିବାରେ ।
ତୋ ଜାୟା, ଜନନୀ ଅନ୍ୟକା ନନ୍ଦିନୀ,
ଦେବାପାଇଁ ତୋତେ ସବୁ ସୁଖ,
ଦିନରାତି ସବୁ ଏକାକାର କରି
ପିଇ ଯାଇଥାନ୍ତି ସବୁ ଦୁଃଖ ।
ବାପର ହୃଦୟ ଚହ୍ନିଥାଏ ଝିଅ,
ମାଆର ଦୁଃଖ ସେ ବୁଝାଇଥାଏ,
ଯେତେ ଦୁଃଖ ଆସୁ ଭୁଲିଯାଇ ସବୁ,
ବାପ, ମାଆ କଥା ଭାବୁଥାଏ ।

ଝିଅଟିଏ ଧାର୍ ଛୁଇଁବା ଆଗରୁ
ତା ଜୀବନ ତୁମେ ନିଅ ନାହିଁ;
କନ୍ୟା-ଭ୍ରୁଣ-ହତ୍ୟା, କରନାହିଁ ଭାଇ!
ମହାପାପ ତୁମେ କରନାହିଁ ।
ପୁଅକୁ ସର୍ବସ୍ୱ ମଣି ତୁମେମାନେ,
ଝିଅପ୍ରତି ଧ୍ୟାନ ଦିଅନାହିଁ,
ବିଦେଶରେ ପୁଅ ଅୟସ କରୁଛି,
ପିତା, ମାତା କଥା ଭୁଲିଯାଏ ।
ଜଘନ୍ୟ ମଣିଷ ବର୍ବର-ସମାଜେ,
ନାବାଳିକା ହୁଏ ଧର୍ଷିତା,
ବଞ୍ଚିବା ଠିକଣା ହଜାଇ ସେ ଶେଷେ,
ବାଧହୋଇ କରେ ଆତ୍ମହତ୍ୟା ।
ନାରୀ ଜାତିକୁ ତୁ କରନାହିଁ ଘୃଣା,
ସର୍ବଦା ସମ୍ମାନ ଦେଉଥାଅ;
କନ୍ୟାକୁ ଜଗତେ ରତ୍ନକହନ୍ତି,
ଯତ୍ନ କରି ତାକୁ ପାଳୁଥାଅ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ସୁନ୍ଦରବନରେ ଯାତ୍ରା



ଅଶୋକ ବିଶ୍ୱାଳ

## ସୁନ୍ଦରବନରେ ଯାତ୍ରା-୧୦

"ଘରର ଅନ୍ୟମାନେ**?**"- ପାଓଲି ପଚାରିଲେ । ସାଧାରଣତଃ ମହିଳାମାନେ ଏକ ଲୋକ ବିଷୟରେ ବେଶି ଜାଣିବାକୁ ଚାହାନ୍ତି । ଗୌତମର ପରିଶ୍ରମ କରି ବଡହେବାର ଇଚ୍ଛା ତାଙ୍କୁ ଭଲ ଲାଗିଥିଲା । ସେ ଏକଥା ଦେବଶ୍ରୀଙ୍କୁ କହିବେ । ଦେବଶ୍ରୀ ଜାଣନ୍ତୁ ସାଧାରଣ ଜୀବନ ଭିତରେ କେତେ ଅସାଧାରଣ ଗୁଣମାନ ଛପି ରହିଛି । ଦେବଶ୍ରୀ କେବଳ ବହି, ଚାକଚକ୍ୟ, ୟୁନିଭରସିଟି, ଆଉ ବଡ ପ୍ରତିଷ୍ଠିତ ଲୋକମାନଙ୍କ କଥା ଜାଣିଛନ୍ତି । ସେ ତଳ ଜୀବନରେ ରହିଥିବା ଲୋକଙ୍କୁ କିଛି ଭାବନ୍ତିନି । ସେ ଭାବନ୍ତି ଏହି ଲୋକମାନେ ଖାଲି କାହାର ସେବା କରିବା ପାଇଁ ଜନ୍ମ ନେଇଛନ୍ତି । ସେମିତି କିଛି ଗୁଣ ନାହିଁ । ଏମାନଙ୍କ ମୁଣ୍ଡ ସବୁବେଳେ ଖାଲି ଥାଏ । ଖାଲି ଦୈହିକ ପରିଶ୍ରମ କରି ଜାଣନ୍ତି । ମାନସିକ ସ୍ତରର ବିକାଶ ହୋଇନି । ଗୌତମର ଏ ପରିଶ୍ରମ ଆଉ ବୁଦ୍ଧିମତାର କଥା ଦେବଶ୍ରୀଙ୍କୁ ନିଶ୍ଚିତ ଭାବେ ଚକିତ କରାଇଦେବ । ତାଙ୍କର ମତର କିଛି ପରିବର୍ତ୍ତନ ଘଟିବ । ପାଓଲିଙ୍କ ମୁହଁରେ ସାମାନ୍ୟ ଖୁସି ଫୁଟି ଉଠୁଥିଲା ।

"ଅନ୍ୟ ଭାଇମାନେ ଚାଷବାସ ବା ଚାକିରୀ କରୁଛନ୍ତି । କିନ୍ତୁ ମୁଁ ପାଣିକୁ ଆସିଗଲି । ପାଣିରେ ଅଧାରୁ ଅଧିକ ଜୀବନ ବିତିଗଲାଣି । ପାଣି ଭଲଲାଗେ । ତେଣୁ ବୋଟ କରିଛି ।"- ଗୌତମ ନିଜ ଜୀବନର ଦର୍ଶନ କହୁଥିଲା ।

"ଭଲକଥା ।"- ପାଓଲି କହିଲେ ।

"ତମେ କିନ୍ତୁ ପାଣିକୁ ଆସି ଭଲ କରିଛ । ଚାକିରି ବାକରୀ ଆଉ ଚାଷବାସରେ କିଏ ଏକ ବୋଟ କରିବା କଥା ଭାବି ନଥାନ୍ତା । କେତେ ନୂଆ ନୂଆ ଜିନିଷ ଦେଖୁଛ ।"- ପାଓଲି

କହିଲେ । ଗୌତମର କାମ ତାଙ୍କୁ ଭଲ ଲାଗୁଥିଲା । ସେ ଗୌତମର ପରିଶ୍ରମକୁ ପ୍ରଶଂସା କରୁଥିଲେ ।

"ବର୍ଷସାରା ବୋଟ ଚଲାଅ?"- କୌଶିକ ପଚାରିଲା । ଏକ ଲୋକ ବର୍ଷସାରା ବୋଟ କେମିତି ଚଲାଇ ପାରିବ?

"ବର୍ଷାଦିନେ ବୋଟ ଚଲାଇବାଟା ପ୍ରାୟ ବନ୍ଦ ହୋଇଯାଏ । ଯାତ୍ରୀ ବା ଟୁରିଷ୍ଟ ବେଶି ଆସନ୍ତିନି । ପାଣିରେ ଢେଉ ଆସେ । ମୁଁ କିନ୍ତୁ ବସିପାରେନା । ପାଣିକୁ ଛୁଟିଆସେ । ମାଛ ଧରିବାକୁ ବାହାରିଯାଏ ।"- ଗୌତମ କହିଲା ।

"ତାହେଲେ ତୁମର ମାଛଧରା ଡଙ୍ଗା ଅଛି?"- ନିଳୟ ପଚାରିଲା । ଗୌତମ ମୁଣ୍ଡ ଟୁଙ୍ଗାରିଲା ।

"ମାଛଧରା ପାଇଁ ଦଳେ କୁଶଳୀ ଲୋକ ଦରକାର । ତମର ଲୋକ ବି ଅଛନ୍ତି?"- କୌଶିକ ପଚାରିଲା ।

"ଅଛନ୍ତି ।"– ଗୌତମର ଉତ୍ତର ଖୁବ ଛୋଟ ଥିଲା । ଏ ଦଳ ତା'କୁ ତା' ବିଷୟରେ ଅନେକ କଥା ପଚାରିଲେଣି ।

"ତେବେ ହିସାବଟା କେମିତି ଛିଡାଅ?"- ନିଳୟ ପଚାରିଲା । ଏଠି ମାଛଧରାଟା ସବୁବେଳେ ଠିକ ଭାବରେ ହେବ ବୋଲି କିଛି ଠିକଣା ନାହିଁ । ତେଣୁ ଏମାନଙ୍କର ପଇସା ହିସାବରେ ନୁହେଁ, ଅଲଗା କିଛି ହିସାବରେ ଦର ଛିଡୁଥିବ ।

"ମାଛରୁ ମିଳୁଥିବା ଉପାର୍ଜ୍ଜନ ୭ ଭାଗ ହୁଏ । ୫ ଜଣ ଲୋକଙ୍କର ୫ ଭାଗ । ଏକ ଭାଗ ହେଉଛି ଡଙ୍ଗା ଆଉ ଏକ ଭାଗ ଜାଲପାଇଁ । ଏମିତି ସାତ ଭାଗ । ମାଛରୁ ଭଲ ପଇସା ମିଳେ । ଜାଲ ଆଉ ଡଙ୍ଗାରୁ ଦୁଇଭାଗ । ମୁଁ ଡଙ୍ଗାରେ କାମ କରୁଥିବା ହେତୁ ଆଉ ଏକ ଭାଗ । ନିଜେ ସମସ୍ତଙ୍କ ସହ ମିଶି କାମ କରେ ।"- ଗୌତମ କହିଲା ।

ପାଓଲି ଗୌତମକୁ ଭଲଭାବେ ଅନାଇଲେ । ଏ ପତଳା ଅତି ସାଧାରଣ ଆଉ ସାମାନ୍ୟ ମଳି ମଳିଛିଆ ଲୋକଟା ହିସାବରେ କେତେ ପକ୍କା । କେମିତି ଦୁଇ ପଇସା ଅଧିକ ଉପାର୍ଜ୍ଜନ କରିହେବ ସେଥିପାଇଁ ସେ କେତେ ତତ୍ପର । କେଉଁଠୁ ହେଲେ କିଛି ଉପାର୍ଜ୍ଜନ ହେଉ । ଡଙ୍ଗା ଜାଲ ତ ତା'ର । କିନ୍ତୁ ସମସ୍ତଙ୍କ ସହ ମିଶି କାମ କରୁଥିବା ହେତୁ ଆଉ ଏକ ଭାଗ ତା'ର । ଅନ୍ୟ ମାଲିକମାନେ କାମ କରୁଥିବା ଲୋକଙ୍କ ସହ ଏତେ ମିଶି

ପାରନ୍ତିନ । ସେ ନଜେ ଯିବା ହେତୁ ସବୁକଥାକୁ ଭଲ ଭାବେ ଲକ୍ଷ୍ୟ କରିବ । କେଉଁଠି କେହି ତା'କୁ ଠକ ପାରିବେନ । ଭଲ ଚଉଆଖିଆ ଲୋକଟା ତ ଗୌତମ । ଏମିତିଆ ସାଧାରଣ ଲୋକପାଖରେ ଅନେକ ଭଲ ଗୁଣ ଅଛି ।

"କଛି ଭଲ ମାଛ ଧରାଯାଇଛି?"- ତପନ ପଗ୍ଭରିଲା । ମାଛଧରାପାଇଁ ଗୌତମର ତତ୍ପରତା ତା'କୁ ମଜା ଲାଗୁଥିଲା । ଏ ପାଣିରେ କଛି ଭଲ ମାଛ ପଡନ୍ତି ବୋଧହୁଏ । ତା' ଛଡା ମାଛ ତ ତା'ର ସବୁଠାରୁ ପ୍ରିୟ ଖାଦ୍ୟ ।

"ଥରେ ତେଲାପିଆ ମାଛ ଧରାହେଲା । ପାଖାପାଖି ୩୦-୪୦ କଲୋ । ଦେଢଲକ୍ଷ ଟଙ୍କାରେ ବିକ୍ରିହେଲା ।" – ଗୌତମ କହିଲା । ତା'ର ମୁହଁଟା ଉଜ୍ଜ୍ୱଳ । ଏମାନେ କଛି ଭଲ କଥା ପଗ୍ଭରୁଛନ୍ତି । ତା'କୁ ଏମିତି ମାଛ ଧରିବାକୁ ଭଲ ଲାଗେ । ସେ ଚୁପ ହୋଇ ରହିପାରେନା । ତା'ର ଶରୀରଟା ଯେମିତି ସବୁବେଳେ କାମପାଇଁ ତିଆରି ହୋଇଛି ।

"ଥରକରେ ଦେଢ ଲକ୍ଷ! କଥାଟା ବିଶ୍ୱାସ ହେଉନ ।"- କୌଶିକ କହିଲା । ଗୌତମର କଥା ଅବିଶ୍ୱାସନୀୟ । ଏକାଥରକେ ଏକ ଦେଶୀ ଡଙ୍ଗାରେ ଦେଢଲକ୍ଷ ଟଙ୍କାର ମାଛଧରା ଅବିଶ୍ୱାସଯୋଗ୍ୟ । ନଳୟ ମଧ୍ୟ ମୁଣ୍ଡ ହଲାଉଥିଲା ।

"କ ମାଛ କ ଏତେ ଦାମ?"- ନଳୟ ପଗ୍ଭରିଲ ।

"ସେ ମାଛର ଚର୍ବିରୁ ଔଷଧର କ୍ୟାପସୁଲ ଖୋଳ ତିଆରି ହୁଏ ।"- ଗୌତମ କହୁଥିଲା ।

"ଭଲକଥା । ତୁମେ ଧରିଥିଲ?"- ନଳୟପଗ୍ଭରିଲା ।

"ନା । ସଜନାଖାଲିର ଏକ ଡଙ୍ଗା ଧରିଥିଲା ।"– ଗୌତମର ସାଧାରଣ ଉତ୍ତର ।

"ତୁମ ଭାଗ୍ୟରେ ନଥିଲା ।"- ନଳୟ କହିଲା ।

"ବାଘ ଯେମିତି ତୁମ ଭାଗ୍ୟରେ ନାହିଁ । କେତେଥର ଆସିଲଣି ମୋଟେ ଦେଖିପାରୁନ ।"– କୌଶିକ କହିଲା ।

"ତମର ସବୁଠାରୁ ଭଲ ମାଛଧରା କଣ?"- ତପନ ପଗ୍ଭରିଲା ।

"କାନା ମାଗୁର । ଏଇ ଆପଣମାନେ କାଲି ଖାଇଥିଲେ ।"– ଗୌତମ ଉତ୍ତର ଦେଲା ।

"ସେଇଟା କଣ ଏତେ ଦାମ ଥିଲା?"-ନଳୟ ପଗ୍ଚରିଲା । ଏ ସାଧାରଣ ଅଧକଲିଆ ମାଛ ଏତେ ଦାମ ହେବନ । ଏ ଲୋକଟା କଣ ଏମିତି କଛି କହୁଛି ନା ତା' ପଛରେ କଛି ସତ୍ୟ ଲୁଚ ରହିଛି ?

"ନା, ଆପଣ ଖାଇଥିବା ମାଛର ଓଜନ ୪୦୦-୫୦୦ ଗ୍ରାମ ହେବ । ଦାମ ୧୫୦ ଟଙ୍କା ପ୍ରତି କଲୋ । କନ୍ତୁ ଓଜନ ବଢିଲେ ମାଛର ଦାମ ବଢିଯାଏ । ମାଗୁରଟା ୩-୪ କଲୋ ହେଲେ ଦାମ ଆଶାତୀତ ଭ୍ବରେ ବଢିଯାଏ । କଲୋ ପିଛା ଗ୍ଚରି ହଜାର"- ହାଲଦାରବାବୁ କହିଲେ । ସେ ନଳୟର ପଗ୍ଚରିଥିବା ପ୍ରଶ୍ନ ଭିତରେ ଅବିଶ୍ୱାସ ଦେଖି ପାରିଥିଲେ । ନଜେ କଥାକୁ ଭଲଭ୍ବେ ବୁଝାଇ କହିବେ ବୋଲି ଭ୍ବିଥିଲେ ।

"କଣ କହୁଛ?"- ତପନ ପଗ୍ଚରିଲା ।

"କାନା ମାଗୁର ସହଜରେ ଧର୍ବା ପଡନ୍ତିନ । ଥରେ ମୋ ଡଙ୍ଗା ୮୦ କଲୋ କାନା ମାଗୁର ଧରିଥିଲା । ସବୁଗୁଡା ୩-୪ କଲୋ । ଭଲ ପଇସା ମିଳଲା ।"- ଗୌତମ କହିଲା । ନଜ ପତିଆର୍ବ ଦେଖାଇବାପାଇଁ ତା' ପାଖେ କଛି ଖୋର୍ବାକ ଥିଲା ।

ଏମିତି ସୁନ୍ଦରବନର ମାଛ, ସୁନ୍ଦରବନର ପାଣି ଉପରେ ଅନେକ କଥା ଅନେକ ଗ୍ଚଲିଲା । ବୋଟ ଏବେ ଅପେକ୍ଷାକୃତ ଶାନ୍ତ ପାଣିରେ ଗ୍ଚଲୁଥିଲା । ଖଲାସୀ ଟୋକାଟା ହୁଇଲକୁ ଝରକାରୁ ଅନାଇଥିଲା । ସେ ହୁଇଲ ଧରିବାକୁ ଗ୍ଚହୁଁଥିଲା । କନ୍ତୁ ଅନେକ ଯାତ୍ରୀ ଥିବାହେତୁ ତା'ର ସାହାସ ହେଉନଥିଲା । ସେମାନେ କଛି କହିବେ । ଅବଶ୍ୟ ଏବେ କଛି ଡର ନାହିଁ। ଅପେକ୍ଷାକୃତ କମ ଚଉଡା ନାଳରେ ଗ୍ଚଲିଛି । ଏମିତିଆ ନାଳରେ ଚଡା ମଧ୍ୟ ଦେଖାଯାଏନ। ଗୌତମ ମଧ୍ୟ ହୁଇଲ ଧରିବାକଥା କହୁନାହିଁ ।

"ତୁମ ପାଖରେ କଛି ବଡ ଦାଓ ଅଛିକ?"-କୌଶିକ ପଗ୍ଚରିଲା

ସୁନ୍ଦରବନର ପାଣି ଭିତରେ ହଠାତ୍ କୌଶିକର ଦା ବା କଟୁରୀର କଣ ଦରକାର ପଡିଲା ? ନଳୟର ଆଖିଟା ମେଲା ହୋଇଗଲା ।

"କୌଶିକ ଯେମିତି ସତକୁ ସତ କ୍ୟାପଟେନ ଜ୍ୟାକ ସ୍ପାରୋ ହେବାପାଇଁ ମନସ୍ଥ କରିଛି । କ୍ୟାପଟେନ ଜ୍ୟାକ ସ୍ପାରୋ ପାଖରେ କଛି ଅସ୍ତ୍ର ଦରକାର । ବୋଟରେ ସେ ଏକଦମ ନରସ୍ତ୍ର।"-ନଳୟର ମୁହଁ ଖୋଲିଗଲା ।

"ଖଣ୍ଡେ ହେନ୍ତାଳ ଡାଳ ନେବି ।"- କୌଶିକ କହିଲା । କଥାଟା ତାହେଲେ ଏଇଠି । କୌଶିକ ଭିତରେ ଏତେ ସାହାସ ନାହିଁ ବୋଲି ଜଳୟ ଭାବୁଥିଲା । କୌଶିକର ମୁହଁଟା ଖୋଲା, ଏକ ସାହାଣ ଦେଇ ପାଣିକୁ ବୋହିଯାଇଛି । ଏମିତିଆ ଲୋକେ କେବଳ କହି ପାରନ୍ତି, ଅନ୍ୟକୁ ଆମୋଦିତ କରନ୍ତି ।

"କଣ କରିବ?"- ତପନ ପଚାରିଲା ।

"ଘଣ୍ଟର ବେଣ୍ଟ କରିବି । ଘରର ଘଣ୍ଟପାଇଁ ଦରକାର ।"- କୌଶିକ କହିଲା । ତା'ର ଆଖି ଜଙ୍ଗଲ ଧାରରେ ବଢିଥିବା ହେନ୍ତାଳ ବୁଦା ଉପରେ ପଡିଥିଲା । ସୁନ୍ଦରବନକୁ ଆସିଛି, ଖଣ୍ଡେ କଛି ଘରପାଇଁ ନେବ । ମନେ ରହିବ ।

"ହେନ୍ତାଳର ଡାଳରେ ଭଲ ଘଣ୍ଟି ହୁଏ । ଶବ୍ଦଟା ବେଶ ଭଲ । କାଠର ଘଣ୍ଟି ରେ ବେଣ୍ଟ ଭଲ ହୁଏନ ।"- ସେ ସଫେଇ ଦେଉଥିଲା ।

"ଆରେ ହେନ୍ତାଳର ଏମିତି ବି ଉପେଯାଗ ଅଛି । ଏ କଥା ଆମେ ଜାଣି ନଥିଲୁ ।"- ତପନ କହିଲା

"ଜାଣିନ ? ମନସାମଙ୍ଗଳ ଜାଣିଛତ । ଚାନ୍ଦ ସଦାଗର ହାତରେ ସବୁବେଳେ ହେନ୍ତାଳର ଡାଳ ଥିଲା । ସେଇଟା ପରା ତାଙ୍କର ବଡ ଅସ୍ତ୍ର ।"- ଗୌତମ କହିଲା ।

ସମସ୍ତେ ହୁଇଲର ଚାରିପାଖରେ ଠିଆ ହୋଇଥିଲେ । ବୋଟରେ ତ ଏଇଟା ଠିଆହେବା ଆଉ କାମବେଳେ କଥାହେବା ଯାଗା।। ବେଳେବେଳେ ହୁଇଲ ଚାରିପାଖେ ନହେଲେ ଆଗରେ ପଡିଥିବା ଖଟର ଚାରିପାଖେ ସମସ୍ତେ ଏକାଠି ହୋଇ ଗପ କରନ୍ତି । ଯାତ୍ରୀମାନେ ବା ବୋଟର ଅନ୍ୟ କର୍ମଚାରୀମାନେ ହୁଇଲ ଚାରିପଟେ ଏକାଠି ହୋଇଯାଆନ୍ତି । ଏଇଟା ଏକ ଆଶ୍ଚର୍ଯ୍ୟର କଥା ନୁହେଁ । ସବୁ ଚୁପ ଚାପ ଥିଲାବେଳେ ବୋଟ ତ କ୍ରମାଗତ ଭାବେ ଚାଲୁଥାଏ । ବୋଟର ଚାଳକର କାମ ସବୁବେଳ ପାଇଁ ଥାଏ ।

"ଚାନ୍ଦ ସଦାଗର ଆଉ ମନସା ଦେବୀ ଜଣେ ଜଣଙ୍କୁ ପରା ଦେଖି ପାରୁ ନଥିଲେ ।"– ଗାୟନବାବୁ କହିଲେ ।

"କଥାଟା ବଡ ଆଶ୍ଚର୍ଯ୍ୟଜନକ ।"– ତପନ କହିଲା

"ଆଉ ନୁହେଁତ କଣ? ସେଇଥିପାଇଁ ପରା ଚାନ୍ଦ ସଦାଗରଙ୍କ ଏତେ ପୁଅଙ୍କୁ ମନସା ମାରିଲେ ।"– ଗାୟନବାବୁ କହିଲେ ।

"ଅସୁବିଧା କଣ ଥିଲା?"- ତପନ ପଚାରିଲା

"ମନସା ପରା ଦେବୀ । ତାଙ୍କୁ ପୂଜା କରିବାରେ ଅସୁବିଧା କଣ?"- ହାଲଦାରବାବୁ କହିଲେ ।

"ମନସା ପ୍ରଥମରୁ ଦେବୀ କେଉଁଠି ଥିଲେ? ନିଜକୁ ଦେବଲୋକରେ ପ୍ରତିଷ୍ଠିତ କରିବାକୁ ଚାହୁଁଥିଲେ ।"- ଗୌତମ କହିଲା

"ଦେବୀ ହେବାକୁ ହେଲେ ନିଜର କିଛି ପରାକାଷ୍ଠା ଦେଖାଇବା ଦରକାର । ଏଣେ ସ୍ୱାମୀ ପାଖରୁ ପ୍ରଭୂତ ସ୍ନେହ ମିଳୁନି, ଘର ସଂସାର ସୁଖରେ ହେଉନି । ଚଣ୍ଡିଙ୍କ କାରଣରୁ ସବୁ ବିଗାଡି ଯାଉଥିଲା । ତେଣୁ ନିଜକୁ ପ୍ରତିଷ୍ଠା କରାଇବା ଦରକାର । ସେଇଥିପାଇଁ ସେ ଅନ୍ୟକୁ ଡରାଇକରି ନିଜର ପ୍ରତଷ୍ଠା ଜାହିର କରିବାପାଇଁ ଚାହୁଁଥିଲେ ।"– ଗାୟନବାବୁ କହିଲେ ।

କଥାଟା ମନସା ମଙ୍ଗଳ କାବ୍ୟର ।

ଅନେକ କାବ୍ୟର ଚରିତ୍ର ଉପରେ ଆଲୋଚନା ହେଲା । ଚାନ୍ଦ ସଦାଗର ଶେଷରେ ମନସାଙ୍କୁ ପୂଜା କଲେ । ବେହୁଲାର ସ୍ୱାମୀନିଷ୍ଠା ସ୍ୱାମୀଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିଲା । କିଛି କମ କଥା ନୁହେଁ ।

ବୋଟ ସେମିତି ଆଗକୁ ଚାଲିଥିଲା । ଏ ଭିତରେ ଖାଇବା ସମୟ ହୋଇ ଯାଉଥିଲା ।

"କଙ୍କଡା କେମିତି ବନାଇବି?"- ଖଲାସୀ ଟୋକାଟା ଆସି ପଚାରିଲା ।

ଖଲାସୀ ଟୋକାଟା ଅବଶ୍ୟ ରୋଷାଇ କରେନା । ରୋଷେଇ ଗୌତମ କରେ । ମାଝି କାମରେ ଏତେ ସମୟ ଲାଗେନା । ସାରା ସୁନ୍ଦରବନଟା ତା'ର ନଖରେ । ତା'ଛଡା ଗାୟନବାବୁ ମଧ ସାଙ୍ଗରେ ଅଛନ୍ତି । ଗାୟନବାବୁ ଗୌତମ ତଳକୁ ଆସିବା ସମୟରେ ମଙ୍ଗ ସମ୍ଭାଳନ୍ତି । ତାଙ୍କ ହାତରେ ହୁଇଲ ଥିଲେ କିଛି ଭାବିବାର ନାହିଁ । ତାଙ୍କ ଭଳଆ ପାରିବାର ଲୋକ ସାରା ଖଣ୍ଡ ମଣ୍ଡଳରେ ନାହାନ୍ତି । ଗୌତମ ସେ ସମୟଟା ରୋଷେଇରେ ବ୍ୟସ୍ତ ରୁହେ । ତା'ର ହାତର ରାନ୍ଧଣାଟା ଚମତ୍କାର । କେହି କେବେ ବାରି ନାହାନ୍ତି । କି ମାଛ, କି କଙ୍କଡା ରାନ୍ଧଣାରେ ତା'କୁ ପାରିଯିବା ଲୋକ କେଉଁ ବୋଟରେ ନାହାନ୍ତି ।

"ଗୋଟା ବନାଇବି ନା ଖଣ୍ଡ ଖଣ୍ଡ କରି ବନାଇବି?"– ଖଲାସୀ ଟୋକାଟା ପଚାରୁଥିଲା ।

ନଳୟ, କ ତପନ କଙ୍କଡା ରୋଷେଇ ବିଷୟରେ କଛି ଜାଣି ନଥିଲେ । ଆଗରୁ ଅବଶ୍ୟ କଙ୍କଡା ଖାଇଛନ୍ତି । କନ୍ତୁ ସେଇଟା ଖଣ୍ଡ କ ଗୋଟା ମନେ ନଥିଲା । ବୋଧହୁଏ ଖଣ୍ଡ ଖଣ୍ଡ ହୋଇଥିବ । ଗୋଟା କଙ୍କଡାଟା ଖିଆଯାଉ । ପାଓଲି ମଧ କଛି ଉତ୍ତର ଦେଲେନ । ପାଓଲିଙ୍କୁ କଙ୍କଡା ଭଲ ଲାଗେ । ସେ ମଧ ଗୋଟା କଙ୍କଡା ରୋଷେଇ କଥା ଜାଣି ନଥିଲେ। କଥାଟା ଭଲଭାବେ ପଚାରାଯାଉ ।

"କେମିତି ବନାଅ?"- ତପନ ଓଲଟି ପଚାରିଲା ।

"ଗୋଟା କଙ୍କଡାକୁ ସିଝାଇବାପରେ ଭିତରର ସୂତାକୁ ବାହାର କରିଦିଆଯାଏ । ତାପରେ ମସଲା ମସଲି ଦେଇ ବନାଯାଏ । ଖଣ୍ଡ କଙ୍କଡାକୁ ଭାଙ୍ଗି ସୂତା ବାହାର କରାଯାଏ । ତାପରେ ରୋଷେଇ ହୁଏ ।"- ଖଲାସି ଟୋକା ଉତ୍ତର ଦେଲା ।

"କେଉଁଟ ଭଲ ଲାଗେ?"- କୌଶିକ ପଚାରିଲା ।

"ଦୁଇଟାଯାକ ସମାନ ।"- ସାମାନ୍ୟ ଉତ୍ତର ଥିଲା । କଙ୍କଡା ଖଣ୍ଡ ହେଉ ବା ଗୋଟା ହେଉ ତେଲ ମସାଲା ଦେଇ ରାନ୍ଧିଲେ ସମାନ ଲାଗିବ । ସେ ଗୋଟାଏ ଥାଳରେ ସବୁ ଢାଳ ଖାଏ । ସେଠି ସବୁ ସ୍ୱାଦ ମିଶି ଏକ ନୂଆ ସ୍ୱାଦ ତିଆରି କରନ୍ତି । ସେଇଠି ଗୋଟା ବା ଖଣ୍ଡ କଙ୍କଡାର ସ୍ୱାଦର ଭିନ୍ନତା ସେ କେମିତି କହିପାରିବ ?

"ତାହେଲେ । କଣ ବନାଇବି?"- ଖଲାସି ଟୋକା ପୁଣି ଆଉଥରେ ପଚାରିଲା ।

"ଗୋଟା ବନାଅ ।"-ନଳୟ କହିଲା । ସେ ତପନ ଆଡକୁ ଚାହିଁଲା । ତପନ ମୁଣ୍ଡ ଟୁଙ୍ଗାରୁଥିଲା । ତପନର ହଁ ବିନା ଖାଇବା ବନାଇବା ଅର୍ଥ ଅଯଥା ବୋଟରେ ଯୁକ୍ତି ଆଉ ଅଶାନ୍ତି ଆଣିବା । ତପନ ଖାଇବାରେ ହଜାରେ ଦୋଷ ବାଛିବ ।

"ଥାଳରେ ଗୋଟା କଙ୍କଡାଟା ଦେଖିବାକୁ ଭଲ ଲାଗିବ । ସତେ ଯେମିତି କଙ୍କଡାଟା ଖାଇବା ଥାଳରୁ ମୁଣ୍ଡ ଟୁଙ୍ଗାରୁଛି । ସବୁ ଗୋଡ ଥିବା ଖଣ୍ଡ କଙ୍କଡାରେ କଛି ଜଣା ପଡିବ ନାହିଁ।"– ତପନ ତା' ତରଫରୁ କହିଲା ।

"କଙ୍କଡାଗୁଡା ଦେଖିବ?"– ଗୌତମ ପଚାରିଲା । କଙ୍କଡାଗୁଡାକୁ ଜିଅନ୍ତା ଦେଖିଲେ ଏମାନଙ୍କୁ ଭଲ ଲାଗିବ । ଗୋଟା କଙ୍କଡା ସବୁ ଚକ୍ ଚକ୍ କରୁଥିବେ । ବଡ ବଡ ଆଖିଗୁଡିକ ନଡରି ଉପରକୁ ଉଠି ଯାଇଥିବ । କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

# କଛି ସାଉଁଟା ବେଳ

ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ନସ୍ତବ୍ଧ ରୁକ୍ଷିର ବହଳତା
"ମୁଁ" ନ ହେବାର ବିଫଳତା
ତାର୍ ଫୁଲ ସାଉଁଟା ବେଳ
ତବ ଆଗମ କାଳ ।
କଛି ସଂଯୋଗ
କଞ୍ଚିତ୍ ବିଯୋଗ
ନର୍ବାଣ ର ମୋହ
ଦୃଢ ସଂପର୍କ ସହ ।
ଋତୁ ବଦଳେ
ନୟନ ସଜଳେ
ପାରିଜାତ ସ୍ୱପ୍ନ
ରଖିଯାଏ ଚହ୍ନ ।
ପାଦ ବା ସେଇଠି
ସାଉଁଟା ତାରକା ସାକ୍ଷୀ
"ମୁଁ" ର ପ୍ରତିକ୍ଷା
"ଆମେ" ର ଅପେକ୍ଷା ॥

ଅଧ୍ୟାପିକା, ସରକାରୀ ଏସ୍ ଏସ୍ ଡି ଏଚ୍ ଏସ୍ ଏସ୍
ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କର୍, ସୁନ୍ଦରଗଡ

# ସେଦିନର ସିଲଟ

ହାସ୍ୟମୟୀ ରାଜ୍

ସେଦିନର
ସେଇ କଳା ମଚମଚ
ମାଟି ସିଲଟରେ ସିନା
ହାତ ଧରି ବାପା
ଆଙ୍କି ଦେଇଥିଲେ ଶୂନ୍ୟ,
ଆଜି କିନ୍ତୁ
ସେଇ ସିଲଟର ପ୍ରଥମ ଅକ୍ଷର
ସୃଷ୍ଟି କରିଛି ମୋ ଭିତରେ
ସହସ୍ର ଶବ୍ଦର ଜୁଆର
ଶୂନ୍ୟରୁ କରିଛି ପରିପୂର୍ଣ୍ଣ ॥

କେତେ ପବିତ୍ର ଥିଲା
ତାର କଳେବର
ଗୋଟେ ପଟେ ଲେଖୁଥିଲି
ହାତେଧରି ଫୁଲୁଖଡି
ମୋ ଛବି ବହି ପାଠର
ରଙ୍ଗୀନ ଅକ୍ଷର,
ଆରପଟେ ଗଣୁଥିଲି
ଏକ ଦୁଇ ତିନ ଚାରି
ତା ଦେହରେ ଖଞ୍ଜା ଥିବା
ନାଲି ନେଳି ହଳଦିଆ
ମାଳର ସମ୍ଭାର ॥

ତା ସାଥିରେ ରଖୁଥିଲି
ଛୋଟ ପାଣିର ବୋତଲ
ପୋଛୁଥିଲି ତାକୁ ବାରମ୍ବାର
ଓଦା କପଡାରେ,
ହେଲେ ସେଥିରେ
ଥରେ ଲେଖୁଥିବା ପାଠ
ଅଲିଭା ଗାର ଆଙ୍କି ଦେଉଥିଲା
ମନ ମସ୍ତିଷ୍କରେ,
ସେଇ ଶବ୍ଦ
ଆଜିବି ସଂଚିତ ହୋଇଛି
ମୋ ସହସ୍ରାର ତଳେ
ଚିର ଅଭୁଲା ସେ ମୋ
ମନ ସିଲଟରେ ॥

କେତେ ଭିଜା ଭିଜା ସ୍ମୃତି
କେତେ ଭାବ ପ୍ରବଣତା
ଯୋଡିହୋଇ ଅଛି
ସେଦିନର ମାଟି ସିଲଟରେ,
ସମୟର ସ୍ରୋତ
ଜୀବନର ଝଡ
ଲିଭେଇ ପାରିନି ତାକୁ ॥

ସେ ସେମିତି ଜୀବନ୍ତ ଅଛି
ମନର ଫର୍ଦ୍ଦରେ ॥

ସେଇ ସିଲଟର
କୁନ କୁନ ଅକ୍ଷର ଭିତରେ
ଭବିଷ୍ୟତ ଗଢିବାର ସ୍ୱପ୍ନ ସବୁ
ବୁଣି ହୋଇ ଯାଉଥିଲା
ଆଜି ଦଖେ ସାକାର ରୂପରେ,
ସେଥିରେ ସେଦିନ
ଆଙ୍କୁଥିବା ସ୍ନିଗ୍ଧ ଛବି
ଆଜି ଦେଖେ ଜୀବନର
ବାସ୍ତବତା ଭିତରେ ॥

ଆଜି ବି ସେଇ ସିଲଟ ଅଛି
ଶିଶୁ ତା ଉପରେ ଦେଉଛି
ଖଡି ଛୁଆଁର ପ୍ରଥମ ପବିତ୍ର ସ୍ପର୍ଶ
ଲେଖୁଛି ତା ଜୀବନର
ସେଇ ଅଦ୍ୟ ଅକ୍ଷର
ଶୂନ୍ୟ ଭିତରେ ସେ ଦେଖୁଛି
ବ୍ରାହ୍ମା ବିଷ୍ଣୁ ମହେଶ୍ୱରଙ୍କର
ଅଦୃଶ୍ୟ ରୂପ କଳ୍ପ,
ସେଇ ସିଲଟ ଭିତରେ ରହିଛି
ଆମ ସଂସ୍କୃତିର ପୁଣ୍ୟ ରୂପ
ତାକୁ କଣ କେବେ ସେ
ଭୁଲି ପାରିବ **??**

ଓଗ୍ରାଳ, ହାଟଡିହି, କେନ୍ଦୁଝର

# ମୁଁ ଦାଦନ ଶ୍ରମିକ କହୁଛି



ରଶ୍ମିତା ବେହେରା

ଭୋକଲା ପେଟରେ ଲଙ୍ଗଳା ପାଦରେ
ରାଜରାସ୍ତାରେ ମୁଁ ଚାଲିଛି
ଆଖିର ଲୁହକୁ ଓଠରେ ପିଇ ମୁଁ
ମୋ ଭୋକକୁ କବର ଦେଇଛି ।
ମୁଁ ଦାଦନ ଶ୍ରମିକ କହୁଛି(୧)
ଯୋଉ ଭୋକ ମତେ ଦାଦନ କରିଲା
ସେ ଭୋକ ଭିଟାମାଟିକୁ ଠେଲୁଛି
ଭୋକ ଭୁଗୋଳ ମୋ ବିସ୍ତାରୀ ବିସ୍ତାରୀ
ପେଟେ ପଇଁତରା ମାରୁଛି
ମୁଁ ଦାଦନ ଶ୍ରମିକ କହୁଛି ।(୨)
କରୋନା ଦୁର୍ଦ୍ଦିନ ଅସହାୟ କରି
ଜୀବିକା ଛଡାଇ ନେଇଛି
ନା ଦୁଃଖ କମୁଛି, ନା ବାଟ ସରୁଛି
ଆଖି ମୋ ବତୁରୀ କାନ୍ଦୁଛି ।
ମୁଁ ଦାଦନ ଶ୍ରମିକ କହୁଛି (୩)
ଆକାଶ କଇଁଆ ଚଲିକାର ମାଛ
ସରକାରୀ ଯୋଜନା ସାଜିଛି
ରେଳ ଗଡିଲେ କ ଉଡାଯାହାଜ ଉଡିଲେ
ମୋ କଥା ବା କଏ ଭାବୁଛି
ମୁଁ ପରା ଦାଦନ ଶ୍ରମିକ ସାଜିଛି ।(୪)
ଭୋକର ଭାରକୁ ଉଦରରେ ବୋହି
କଷ୍ଟରେ ଗଣ୍ଡିଲି ବୋହୁଛି
କାହାକୁ କହିବି କଏବା ଶୁଣିବ
ଆଜି ଆହାରେ ପାହାର ପଡିଛି
ମୁଁ ଦାଦନ ଶ୍ରମିକ କହୁଛି ।(୫)
ମୋ ଅସହାୟ ଚନ୍ଦ ଟିଭିରେ ଦେଖିକ
ଚୁଲି ମୁହେଁ ସ୍ତ୍ରୀ ମୋର କାନ୍ଦୁଛି
ପାଣିପାଇଁ ଅଭିଯୋଗ ବାଢିବାରୁ
ମୋ ଚଉଦପୁରୁଷ ଦାଦନ ବୋଲି ମୁଁ ଶୁଣିଛି
ମୁଁ ଦାଦନ ଶ୍ରମିକ କହୁଛି ।(୬)
ମୋ ପାଇଁ ଯୋଜନା ଯୋଜନ ଦୁରରେ
ପାଦ ମୋର ବୁଝି ସାରିଛି
ଦରପୋଡା ଓଠେ ଲୁଣଭର୍ତ୍ତି ଲୁହ
ତଥାପି ଆଗକୁ ଚାଲିଛି
ମୁଁ ଦାଦନ ଶ୍ରମିକ କହୁଛି ।(୭)
ଜୀବନ ଜଞ୍ଜାଳ ଜାଳଜାଳ ମତେ
ମନ ମୋ ନୀରବୀ ଯାଇଛି
ଖୋଲା ଆକାଶରେ ତାରକା ମେଳରେ
ଜହ୍ନ ବି ତାଚ୍ଛଲ୍ୟ କରୁଛି
ମୁଁ ଦାଦନ ଶ୍ରମିକ କହୁଛି ।(୮)
କେ ଦେଖିଛ କୁହ ସୁନାର ଭାରତ
ମୁଁ ରାଜରାସ୍ତାରେ ଭାରତ ଦେଖୁଛି
କରୋନା ଦୁର୍ଦ୍ଦିନ, ମୁଁ ଯେ ପ୍ରବାସୀ ଦାଦନ
ଏଠି ମୋ କଥା  ବା କଏ ଶୁଣୁଛି
ଆଜ୍ଞା, ମୁଁ ପରା ଦାଦନ ଶ୍ରମିକ କହୁଛି ।(୯)

ସାମ୍ବାଦିକା, ନହଲପ୍ରସାଦ, ଢେଙ୍କାନାଳ

# ବିକ୍ଷିପ୍ତ ଭାବନା

ଡଃ ପ୍ରତିମା ଉପାଧ୍ୟାୟ

ବିକ୍ଷିପ୍ତ ଭାବନା ସବୁକୁ ସାଉଁଟୁ ସାଉଁଟୁ,
ଦମକାଏ ପବନରେ
ଭାବନା ପୁଣି ବିକ୍ଷିପ୍ତ ହୋଇଯାଏ ।
ଭାବନାର ଖିଅକୁ ସଜାଡୁ ସଜାଡୁ
ଅଡୁଆ ଖିଅଟି
ବାରମ୍ବାର ବାଟବଣା ହୋଇଯାଏ,
ଠିକ୍ ଯେମିତି,
ଜୀବନର ତେଢାମେଢା ରାସ୍ତାରେ,
ଚାଲୁ ଚାଲୁ କେଉଁ ଠାରେ ଝୁଣ୍ଟିପଡେ
ପୁଣି କେଉଁ ଠାରେ ପଡୁ ପଡୁ
ଉଠି ପୁଣି ଠିଆ ହୋଇଯାଏ ।
ତଥାପି ଜୀବନର ସ୍ରୋତ,
ଅବିରାମ ଗତିରେ ମାଡ଼ି ଚାଲେ
ଜୀବନ ଯେମିତି ଅଙ୍କା ବଙ୍କା ନଈଟିଏ,
ଯାହାର ସ୍ରୋତ ସଦା ନିମ୍ନଗାମୀ,
ଲକ୍ଷ୍ୟ ତାର ବିଶାଳ ସମୁଦ୍ର,
ମିଳିବାକୁ ବିସ୍ତିର୍ଣ ଜଳଧି ବୁକୁରେ ।
ସେଠାରେ ସେ ନିଶ୍ଚିହ୍ନ ହେବା ଆଗରୁ
ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିର ପ୍ରୟାସରେ
......

ଜୀବନଟା କେତେବେଳେ ମଧୁମୟ
କେବେ ପୁଣି ଧୁ ଧୁ ଟାଙ୍ଗରା ଭୂଇଁ,
ତଥାପି ଜୀବନର ଅନ୍ୟ ବିକଳ୍ପ
ନାହିଁ.......... ।
ସ୍ୱପ୍ନର ବୁଢିଆଣୀ ଜାଲରେ,
ମନ ଓ ବିବେକ ପେଶି ହୋଇଗଲା ପରେ,
ସେଥିରୁ ନିଗିଡ଼ି ପଡୁଥିବା ଭାବନା ଗୁଡିକ,
ଜୀବନର ବଞ୍ଚିବାର ରାହା,
ପୁଣି କେଉଁଠାରେ ବିତସ୍ପୃହ ମନର
ଅଳନ୍ଧୁପରି ଅଲୋଡ଼ା ହୋଇ ଯାଏ,
ତେବେକି ଭାବନାକୁ
ସ୍ୱପ୍ନ ଠାରୁ ଅଲଗା କରିହୁଏ ?
ନା ସ୍ୱପ୍ନ ଠାରୁ ଜୀବନକୁ .......
କେଉଁଠାରେ ସବୁଗୁଡିକ ଫେଣ୍ଟା ଫେଣ୍ଟି
ହୋଇଛି,
ପୁଣି କେଉଁଠାରେ
ଅସଜଡା ଭାବନାକୁ ନେଇ
ଜୀବନର ପରିକଳ୍ପନା ..
ଯେଉଁଠାରେ ଆରମ୍ଭ ପୁଣି
ଶେଷ ସେହିଠାରେ ।

ମାରୁତି ଭିଲ୍ଲା, କଟ୍ ଛକ, ପଟିଆ,
ଭୁବନେଶ୍ୱର

# ଅବମାନନା

ସତ୍ୟନାରାୟଣ ମିଶ୍ର

ମହମାନୀ ଦୁର୍ଯ୍ୟୋଧନ ମହଗର୍ବୀ ଏବଂ ଅହଙ୍କାରୀ। ଅତି ନିଷ୍ଠୁର ଭାବରେ ପାଣ୍ଡବ ଙ୍କୁ ସୂଚ୍ୟଗ୍ର ସୁଦ୍ଧା ମେଦିନୀ ବିନା ଯୁଦ୍ଧରେ ଦେବି ନାହିଁ କହି ସୂତ୍ରପାତ କଲା ମହାଭାରତ ଯୁଦ୍ଧ, ଅବନୀ ପୃଷ୍ଠରେ ବୁହାଇ ଦେଲା ଉଷ୍ମ ଶୋଣିତର ଖରସ୍ରୋତ ତଟିନୀ । ଯାହାର ରକ୍ତ ରୂପକ ଜଳ ରାଶିରେ ଭାସି ଯାଉଥିଲେ ଜଳଚର ଜୀବ ରୂପକ ଶହ ଶହ ଛିନ୍ନ ମସ୍ତକ ଓ ଖଣ୍ଡ ବିଖଣ୍ଡିତ ଅଙ୍ଗ ପ୍ରତ୍ୟଙ୍ଗ । କୁଢ଼ କୁଢ଼ ଶବ ବହି ଚାଲିଛନ୍ତି ନାଉରୀ ବିହୀନ ନୌକା ସଦୃଶ । ଭାଇବନ୍ଧୁ ପୁତ୍ର ପ୍ରଜା ମାନଙ୍କୁ ହରାଇ ଦୁର୍ଯ୍ୟୋଧନ ଏବେ ଏକା । ନୌକା ଭାବି ପୁତ୍ର ଲକ୍ଷମନ କୁମାର ଶବ ଉପରେ ସେଦିନ ଯେତେବେଳେ ରକ୍ତ ନଦୀ ପାରି ହେଲା ଏବଂ ଜାଣିପାରିଲା ସେ ସନ୍ତାନବୋଲି ହୃଦୟ ରେ ତରବାରୀ ବିଦ୍ଧ ସମ ଅନୁଭବ କଲା । ଏବେ ସେ ଏକା, ସମ୍ପୂର୍ଣ୍ଣ ଏକା ।ଜୀବନ ଭୟରେ ଆତ୍ମ ଗୋପନ କରିଛି ବ୍ୟାସ ସରୋବର ମଧ୍ୟରେ । ସାରା ବିଶ୍ୱରେ ଯିଏ ଆଶ୍ରୟ ନପାଇ ଏଠାକୁ ଆସେ ସେ କେବେ ନିରାଶ ହୋଇନଥାଏ, ଉଦ୍ଧତ ଅଭିମାନ ତଥା ବିଶୃଙ୍ଖଳତ ଗର୍ବୀ ଲୋକ ଏଠାରୁ ସଶରୀରେ ଫେରି ଯାଇ ପାରେନା ।

ଲକ୍ଷ ରାଜାର ମଉଡ଼ ମଣି ମାନଗୋବିନ୍ଦ ଆଶ୍ରୟ ନେଇଛନ୍ତି ଏଠାରେ, ପଟପଟନ୍ତର ଉପାଧାନ, ପ୍ରକୋଷ୍ଠ ମଧ୍ୟରେ କେରି କେରି ହୋଇ ଝୁଲୁଛି ହୀରା ନୀଲା ମଣି ମାଣିକ୍ୟ । ଚଉଦିଗରେ ସାନ୍ଦ୍ର ନୀରବତା। କୁରୁକ୍ଷେତ୍ର ର ଅସ୍ତ୍ର ଝଙ୍କାର ନାହିଁ କି କୋଳାହଳ ନାହିଁ ଏଇଠି । ଅଛି କେବଳ ପ୍ରଶାନ୍ତି ର ଅଖଣ୍ଡ ନୀରବତା । ଅଠର ଦିନର ସର୍ବଗ୍ରାସୀ ସମର ପ୍ରାଙ୍ଗଣ ବ୍ୟସ୍ତତା ଆଜି ସମାପ୍ତ ହୋଇଯାଇଛି । ଦ୍ରୋଣ, ଶଲ୍ୟ, ସକୁନ କୃପ ସମସ୍ତେ ଲୀନ ହୋଇଯାଇଛନ୍ତି ସର୍ବଗ୍ରାସୀ ସମର ସ୍ଥାନ ଉପରେ। ଅଛନ୍ତି କେବଳ ମୁମୂର୍ଷୁ ଶର୍ଯ୍ୟାଶାୟି ପିତାମହ ଭୀଷ୍ମ ।ଜୀବନର ଉତ୍ଥାନ ପତନ ହସ କାନ୍ଦ, ଆଶା ନିରାଶା ଜୟ ପରାଜୟ ର

ଏକ ବିରାଟ କାହାଣୀ ର ସାକ୍ଷୀ ସିଏ। କ୍ଳାନ୍ତ ଅବସାଦ ଶରୀରରେ ବିଶ୍ରାମ ନେବାକୁ ଗ୍ରହିଁ ମଧ୍ଧ ଆଖିକୁ କୁରୁପତିଙ୍କ ଆଖିକୁ ନଦ ଆସୁନ । ଭାବନା ରାଜ୍ୟରେ ଭାସି ଆସନ୍ତି ଅସରୀର ସମୂହ । ବିମନ୍ଥନ କରି ଦେଉଛନ୍ତି ମାନସରୋବର ମଧ୍ୟସ୍ଥ ସ୍ଥିର ଜଳରାଶି କୁ । ଅନବରତ ପାର୍ଶ୍ୱ ପରିବର୍ତ୍ତନ କରୁଛନ୍ତି ପଲଙ୍କ ଉପରେ ।

ସହସା ଶୁଣି ପାରିଲେ କାହାରି ରୁଣୁଝୁଣୁ ଝୁଣ୍ଟିଆ ସ୍ୱର । ଦେଖିଲେ ପ୍ରକୋଷ୍ଠ ମଧ୍ୟରେ ଏକ ଶୁଭ୍ର ଜ୍ୟୋସ୍ନାର ଆଲୋକ ଅନୁଭବ କଲେ ସଦ୍ୟ ପ୍ରସ୍ଫୁଟିତ ମଲ୍ଲୀ ଫୁଲର ସୁଗନ୍ଧ । ସେ ଆଶ୍ଚର୍ଯ୍ୟ ହେଇ ଉଚ୍ଚ ସ୍ୱରରେ ପଗ୍ଚରିଲେ "କଏ, କଏ ତୁମେ? ଅବାଧରେ ମୋ ପ୍ରକୋଷ୍ଠ ଭିତରକୁ ପଶି ଆସିବାର ଦୁଃସାହସ କଏ କରୁଛ ? ତାଙ୍କ ଆଶଙ୍କା ଓ ଜିଜ୍ଞାସା ର ଅନ୍ତ ଘଟାଇ ତୁରନ୍ତ ପ୍ରକୋଷ୍ଠ କୁ ପ୍ରବେଶ କଲେ  ମାଆ ଜଗଜନନୀ ମା ପଦ୍ମାଳୟା। ଅଭୟ ଦାୟିନୀ ମା ଙ୍କୁ ଦେଖି କୁରୁପତି ତଟସ୍ଥ ହୋଇଗଲେ କ୍ଷଣିକ ପାଇଁ । ତାଙ୍କର ଏଇ ଅସହାୟ ନିଃସଙ୍ଗତ ସମୟରେ ଯେତେବେଳେ ମାଙ୍କ ଦର୍ଶନ ପାଇଛନ୍ତି ଅବିଳମ୍ବେ କହିଉଠିଲେ "ପ୍ରଣାମ ମାତେ! ଆଜିର ଏ ଅସମୟରେ ତମକୁ ସ୍ୱାଗତ କରିବା ପାଇଁ ମୋ ପାଖରେ ଅର୍ଘ୍ୟ ଧୂପ ଦୀପ କ ନୈବେଦ୍ୟ କଛି ନାହିଁ। ରାଜା ମାନଗୋବିନ୍ଦ ଆଜି କଂଗାଳ ଠୁ ବି ହୀନ । ତମେ ଏଠାରେ କାହିଁକି ମା" ?

"ପୁତ୍ର ତୁ ମୋର ଅତି ପ୍ରିୟ, ତୁ ଅଜେୟ ରାଜ ଚକ୍ରବର୍ତ୍ତୀ ଥିବା ସମୟରେ ତ ମୁଁ ତୋଠୁ ଦୁରେଇ ନଥିଲି, ଆଜି ଏ ଅସମୟ ଦୁର୍ଦ୍ଦିନରେ ତତେ ଛାଡି ରହିଥାନ୍ତି କେମିତି । କୁରୁବଂଶ ର ପତନ ମୂଳରେ ମୋ ସ୍ୱାମୀ ମାଧବ ଅଛନ୍ତି ସତ, କନ୍ତୁ ମୁଁ ମା, ମୁଁ ତତେ ଛାଡି ପାରିବି ନାହିଁ " । ଏତିକ କହି କୋହ ସମ୍ବରଣ ପାଇଁ ଚେଷ୍ଟା କରୁଥିଲେ କମଳା । ବ୍ୟସ୍ତ ବିବ୍ରତ ମହାମାନୀ ପ୍ରଶ୍ନ କରିଛନ୍ତି "ମା! ତମେ ଯଦି ମୋତେ ତ୍ୟାଗ କରିନ ତେବେ କାହିଁକି ମୋ ଅଧ ପତନ ?

"ତୁମେ ଯଦି ଜ୍ଞାତସର ବା ଅଜ୍ଞାତରେ ସେଦିନ ଶବ ଉପରେ ବସି ରକ୍ତ ନଦୀ ପାରି ହେଇ ନ ଥାନ୍ତ ତେବେ ମୁଁ ତମ କାନ୍ଧରୁ ଓହ୍ଲାଇ ଗ୍ଚଲିଯାଇନଥାନ୍ତି, କାରଣ ଏହା ମୋ ପାଇଁ

ଅସହ୍ୟ, ଅପବିତ୍ର । ମୁଁ ଗ୍ଲଲି ଆସିଲି ସତ, କନ୍ତୁ ତତେ ଛାଡି ଶାନ୍ତ ରହିପାରିଲିନ । ଆଜି ଆସିଛି ତତେ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ଦେବାକୁ ।" ଦୁର୍ଯ୍ୟୋଧନ ଚକତ ଭ୍ବର ସହିତ ପଗ୍ଲରିଲେ "କ ସମ୍ବାଦ ମା ? ଦେବୀ କହିଲେ "ବତ୍ସ, ମାଧ୍ୟମ ପାଣ୍ଡବ ଭୀମ ମହାଦେବଙ୍କୁ ସନ୍ତୁଷ୍ଟ କରି ସିଂହନାଦ ଲ୍ଭ କରିଛି । ଯାହା କ ତୋ ଜୀବନର ଧୂମକେତୁ । ତ୍ରିଭୁବନ ପ୍ରକମ୍ପିତ ସିଂହନାଦକୁ ଆଶ୍ରା କରି ଭୀମ ବ୍ୟାସ ସରବର କୂଳରେ ଉପସ୍ଥିତ । ତୁ ଯଦି ତାର ତିନଟି ରଡିକୁ ସହିଯାଇ ସମ୍ମୁଖକୁ ନ ଯିବୁ, ତେବେ ଆସନ୍ତାକାଲି ର ସୂର୍ଯ୍ୟୋଦୟ ତୋପାଇଁ ସୁଖ ର ଭ୍ଗ୍ୟ ଉଦୟ ହେବ ।" ତତ୍ପରେ କୁରୁପତି ଦେଇଛି ନର୍ଭର ପ୍ରତିଶୃତି ଏବଂ ତାକୁ ଆଶୀର୍ବାଦ ଦେଇ ମା ଗ୍ଲଲିଗଲେ ସ୍ୱସ୍ଥାନ କୁ । କଛି ସମୟ ପରେ ପ୍ରଥମ ସିଂହ ନାଦ ଶୁଣି ଚମକ ପଡିଲେ ଦୁର୍ଯ୍ୟୋଧନ । ଦ୍ୱିତୀୟ ବାର ନାଦ ଦ୍ୱାର୍ ତାଙ୍କ ଦେହର ଶିର୍ ପ୍ରଶିର୍ ରକ୍ତ ଫୁଟି ଉଠିଲ୍ । ଅସହ୍ୟ ବୋଧକରି ପ୍ରକୋଷ୍ଠରେ ଏପାଖ ସେପାଖ ଘୁରି ବୁଲିଲେ ବହାସ୍ଫୋଟ ମାରି । ଶେଷ ସିଂହନାଦ ବେଳେ ମହାଲକ୍ଷ୍ମୀ ଙ୍କ ବାରଣ କୁ ଅମାନ୍ୟ କରି ବାହାରି ଆସିଲେ ବ୍ୟାସ ସର୍‌ୱେବର ସାତ ତାଳ ଜଳମଧ୍ୟରୁ, ବାସ............

ସିନ୍ଧେକେଲା, ବଲାଙ୍ଗିର

# ସାଇକେଲ



ସନାତନ ମହାକୁଡ

ସାଇକେଲ
କଏ କହେ ଶୂନ ଗାଡି
ଲାଗେନା ପେଟ୍ରୋଲ
ଦି ଚକର ପବନ
ଜଙ୍ଘ ଆଉ ମନ ବଳ ଏକ ହେଲେ
ଧରା ଲାଗେ ସରଗ ସମ
ପେଡାଲରେ ପାଦ ଦେବା ମାତ୍ରେ
ବଢି ଯାଏ ବେଗ ।

ଆଗ ଚକ ମନ ପଛଟା ଶରୀର
କେହି ନୁହେଁ କାହାର
ତଥାପି ଏକାଠି ଗ୍ଭଲିବା ତାଙ୍କ ଧର୍ମ
କର୍ମେ ଆଣେ ପୂର୍ଣ୍ଣତା ଦୁହିଁଙ୍କର ଶରମ ।

ଉଡିବାକୁ ଇଚ୍ଛାକରେ ପକ୍ଷୀ ଭଳି
କିନ୍ତୁ ସେ ପାରେନା
ତଥାପି ଅତୀବ ଖୁସି
କାରଣ ସେ ପ୍ରକୃତିର ବନ୍ଧୁ
ବଳ ଦିଏ ତନୁମନେ
ବ୍ୟାୟାମ  ସାଧନ ରୂପରେ
ବାର୍ତାଦିଏ ପରିବେଶ ସୁରକ୍ଷାର
ଜୟ କରି
ଧୂଳ ଧୂଆଁ ଶବଦ ଉପର ।

ବେରୁଆଁବାରୀ, ନୟାଗଡ, ଓଡିଶା

# ପୃଥ୍ୱୀ ସମ୍ଭାଳ

(ରାଗ-ଗ୍ରେଖି-ବୃତ୍ତେ-ପ୍ରାର୍ଥନା)



ଶମ୍ଭୁନାଥ ଦାସ

ଜୟ ଶ୍ରୀରାମ ଶ୍ରୀକୃଷ୍ଣ          ଜୟ ଜୟ ଜଗନ୍ନାଥ
ବ୍ରହ୍ମା ବିଷ୍ଣୁ ମହେଶ୍ୱର ସୃଷ୍ଟିକାରକ,
ମଙ୍ଗଳମୟ ସୃଜନ          କରିଅଛ ତ ନିର୍ମାଣ
କେ ଦେବ ସୁରକ୍ଷା ଏହି ସୃଷ୍ଟି-ଭୂଲୋକ ।
କମ୍ପା ମହାମାରୀ ଉତ୍ପାତ,
ଅମୃତ ସନ୍ତାନ ତବ ହେଉଛି ମୃତ !
ବ୍ରହ୍ମା ବିଷ୍ଣୁ ମହେଶ୍ୱର          ତ୍ରିଦେବ ବ୍ରହ୍ମାଣ୍ଡେଶ୍ୱର
ପୂଜା-ଅର୍ଘ୍ୟେ ହରି-ହର ସଦା ଶୋଭନ,
ନାହିଁ ବ୍ରହ୍ମାଙ୍କ ମନ୍ଦିର          ବଳଷ୍ଠ ଯାହାଙ୍କ ବର
କରୋନା ଧ୍ୱଂସୁ ଉଦ୍ଧାର          ଆମ୍ଭ ଚନ୍ଦନ ।
ବ୍ରହ୍ମଦେବଙ୍କୁ ମୋ ଜଣାନ
କରୋନା ଧ୍ୱଂସେ ମନ୍ଦିର ହେବ ନିର୍ମାଣ ।
ଆହେ ପ୍ରଭୁ ଦିବାକର          ମର୍ତ୍ତ୍ୟେ ନାହିଁ ତୋ ମନ୍ଦିର
ଏକମାତ୍ର କୋଣାର୍କରେ ବାଲି ପଶିଛି,
ନାହିଁ ରକ୍ଷଣା-ବେକ୍ଷଣ          ହେବ କ ପୂଜାବିଧାନ
କରୋନା-ଭୂତାଣୁ ଏବେ ପ୍ରାଣ ନାଶୁଛି ।
କରେ ଅର୍ଘ୍ୟେ ଟେକୁଛି ଜଳ,
ମହାମାରୀ କୀଟ ପୋଡି ପୃଥ୍ୱୀ ସମ୍ଭାଳ !!

ମୁଖ୍ୟ ସଂପାଦକ, "ଅଭିଯାନ",
ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ, କୋଲକାତା

# ସଂପର୍କ



ପ୍ରତିଭା ଦେବୀ

ବାବା, ତୁମେ କୁହ ସଂପର୍କର ଅର୍ଥ କଣ?
ସୃଷ୍ଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ
ସଂପର୍କର ସେତୁ ବଡ କଠିନ
ଜଳ, ସ୍ଥଳ, ଆକାଶ, ନିଆଁ, ପବନ
ସମସ୍ତେ ସଂପର୍କର ଉପାଦାନ
ଏହି ଉପାଦାନରେ ଏ ବିଶ୍ୱ ଗଠିତ ।
ବାବା, ତୁମେ.......
ଜନ୍ମଠାରୁ ଶୈଶବ, କିଶୋର ଠାରୁ ଯୌବନ
ଯୌବନଠାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ
ସଂପର୍କ ଆସେ ଭିନ୍ନ ଭିନ୍ନ ସ୍ତର ନେଇ
କାହାର କାହା ସହିତ କି ସଂପର୍କ
ତାହା କେବଳ ତୁମେ ହିଁ ଜାଣିଛ ।
ବାବା, ତୁମେ....
ବାପା-ମାଆ, ଭାଇ-ଭଉଣୀ, ସ୍ୱାମୀ-ସ୍ତ୍ରୀ
ବନ୍ଧୁ-ପରିଜନ, ସାଙ୍ଗ-ସାଥି
ଏମାନଙ୍କର ସଂପର୍କର ମୂଳମନ୍ତ୍ର କଣ ହୋଇପାରେ?
ଟିକିଏ ଶ୍ରଦ୍ଧା ଓ ସବୁରୀ ଥିଲେ ତୁମର
ଏ ମୂଳମନ୍ତ୍ର କେବେ ଭାଙ୍ଗିରୁଜି ଯାଏ ନାହିଁ
ସାରା ଜୀବନ ସାଥି ହୋଇ ରହିଥାଆନ୍ତି ଆପେ ଆପେ
ବାବା ତୁମେ.....
ଭକ୍ତ ଓ ଭଗବାନ, ଗଛ ଓ ମାଟି
ପାଣି ଓ ପବନ, ବର୍ଷା ଓ ଖରା

ଜୀବ ଓ ଜଡ, ଦାନ ଓ ଧର୍ମ
ଭକ୍ତି ଓ କର୍ମ, ଦୀପ ଓ ସଳତା
ଏମାନେ ସମସ୍ତେ କ ସଂପର୍କରେ ଗଢା?
ବାବା, ତୁମେ କୁହ.....
ସମୟର ସ୍ରୋତରେ ସଂପର୍କ ଗଢି ଗ୍ଲଲେ
କେହି ବି ଜାଣିନ କାହାର କାହା ସହିତ ସଂପର୍କ
ତୁମେ ଏକା ସବୁ ସଂପର୍କର ମହାସ୍ରୋତ
ସେହି ମହାସ୍ରୋତରେ ଯିଏ ଥରେ ହଜାଇଛି ଇଜକୁ
ସଂପର୍କର ମହତ ଅବା ମହାନ୍ ଅର୍ଥକୁ ସିଏ ବୁଝିଛି
ବାବା, ତୁମେ....
ବାବା ତୁମକୁ ଏତିକ ପ୍ରାର୍ଥନା କରୁଛି
ଆଉଥରେ ମାନ୍ଧ ଆସ, ମନୁଷ୍ୟ ଦେହ ଧାରଣ କରି
ଆମ ସମସ୍ତଙ୍କୁ ସଂପର୍କର ଅର୍ଥ ବୁଝାଇ ଦିଅ ।
ତୁମ ସଂପର୍କର ମୂକ ସାକ୍ଷୀ ହୋଇ ରହିଛି
ଅମୂଲ୍ୟ ଗ୍ରନ୍ଥ "ଶ୍ରୀ ସାଇ ସତ୍ ଚରିତ",
ଯେତେ ପଢୁଥିବେ ଭକତ ପାଉଥିବେ ସଦା
ନୂଆ ନୂଆ ସଂପର୍କର  ଅର୍ଥ ।
ଏତିକ କଲ୍ୟାଣକରହେ ବାବା ସାଇ
ଅଳପ ବୁଝଇ ତୁମକୁ ପାଇ ସଂପର୍କର ଅର୍ଥ
ମଣିଷ ମଣିଷର ସଂପର୍କ ଯାହା
ତାହା ଅସୀମ ଓ ଅନନ୍ତ ପ୍ରେମ, ହେ ବାବା ସାଇ
ଭିନ୍ନ ଅର୍ଥରେ କହିଲେ
ସଂପର୍କର ଅନ୍ୟ ନାମ ବୁଝାଏ
ତୁମକୁ ସାଇ, ହେ ବାବା ସାଇ ।

ଦୋଳମଣ୍ଡପ ସାହି, ପୁରୀ

# ଡାଇରୀ ର ପୃଷ୍ଠାରୁ
# ଚଠି ଟିଏ....



ଅମ୍ବିକା ସ୍ୱାଇଁ

ଦିନେ ପ୍ରଶାନ୍ତି ଏକ୍ସପ୍ରେସ ରେ ବସି ଭୁବନେଶ୍ୱର ରୁ ବାଙ୍ଗାଲୋର ଯାଉଥିଲି, ସଫ୍ଟୱେର ଇଞ୍ଜିନିୟର ଥିବା ମୋ ଗେହ୍ଲୀ ଝିଅ ସୌମ୍ୟା ପାଖକୁ । ମୁଁ ବସିଥିବା ଝରକା ପାଖ ସିଟ୍ ର ସାମ୍ନା ସିଟ୍ ରେ ଜଣେ ଭଦ୍ର ମହିଳା ଆସି ବସିଲେ, ବୟସ ପାଖା ପାଖି ୪୦ରୁ / ୪୨ ପରି ଲାଗୁଥାନ୍ତି । ମୋ" ଆଡ଼କୁ ଟିକେ ଚାହିଁଲେ ଓ କ'ଣ ଭାବିଲେ କେଜାଣି, ହସ ହସ ବଦନ ରେ ମୋତେ ପଚାରିଲେ, ମ୍ୟାଡାମ କେଉଁଠି କୁ ଯାଉଛନ୍ତି ? ମୁଁ କହିଲି ବାଙ୍ଗାଲୋର ଯାଉଛି, ସେ କହିଲେ କଣ ଏକୁଟିଆ ? ମୁଁ ହସି ହସି କହିଲି, ହଁ ମାଡାମ ମୁଁ ଏକୁଟିଆ ପ୍ରାୟତଃ ଯାଏ ମୋ ଝିଅ ପାଖକୁ । ଏମିତି କଥାବାର୍ତ୍ତା ଭିତରେ ଚା" ବାଲା ଆସିଗଲା ଆମେ ଦୁହେଁ ଚା ପିଉ ପିଉ ଗପ ପେଡ଼ି ଖୋଲିଗଲା ଗପ ବେଶ୍ ଜମି ଲା ଦୁହିଁଙ୍କ ଭିତରେ । କଥାରେ କହନ୍ତି ଏକ ମିଜାଜ ର ଲୋକ ଏକାଠି ହେଲେ, ତାହା ହେଲେ ଗପ ତ ଜମିଯାଏ । ଆମ ଭିତରେ ବୋଧେ କିଛି ଏକତ୍ୱ ଥିଲା ସେଥିପାଇଁ ବିନା ଦ୍ୱିଧାରେ, ସେ ମୋ ବିଷୟରେ ଓ ମୋ ପରିବାର ବିଷୟରେ ସବୁ କିଛି ପଚାରି ବୁଝି ନେଲେ । ମୁଁ ମଧ୍ୟ ତାଙ୍କ ବିଷୟ ରେ ପଚାରି ବାକୁ ଭୁଲି ନଥିଲି । ସେ ବ୍ରହ୍ମପୁରର ଖଲିକୋଟ କଲେଜ ରେ ଅଧ୍ୟାପନା କରନ୍ତି, ପ୍ରତ୍ୟେକ ଶନିବାର ଭୁବନେଶ୍ୱର ଆସନ୍ତି ତାଙ୍କ ବାପା ମାଆ ଙ୍କ ପାଖରେ କିଛି ସମୟ କଟାଇ ପୁଣି ରବିବାର ରହି ସୋମବାର କଲେଜ ଯା"ନ୍ତି । ଏମିତି ରେ ଚାଲି ଥାଏ ତାଙ୍କ ରୁଟିନ ଲାଇଫ । ଆମ ଦୁହିଁଙ୍କ ଙ୍କ ର ପରସ୍ପର ପରିଚୟ ଆଦାନ ପ୍ରଦାନ ହେବା ଭିତରେ ତାଙ୍କର ଏକ ଫୋନ୍ କଲ୍ ଆସିଲା । ସେ କଥା ହେଉ ହେଉ, ମୁଁ ମୋ ବ୍ୟାଗ୍ ରୁ ମୋର ସଦ୍ୟ ପ୍ରକାଶିତ ଏକ କବିତା ବହି "ଅପରାହ୍ନର ସୂର୍ଯ୍ୟ" ବାହାର କରି ପଢ଼ିବା ଆରମ୍ଭ କଲି । ନିଜ ଲେଖା ହେଲେ ମଧ୍ୟ ବାର ବାର ପଢ଼ିବାକୁ ଇଛା ହୁଏ । ଯେତେ ପଢିଲେ ସେତେ ନୂଆ ଲାଗେ । ମୁଁ ଭୁଲିଯାଏ ଯେ, ସେ ମୋର ନିଜସ୍ୱ ସୃଷ୍ଟି ବୋଲି । ଲେଖକ ଠାରୁ ପାଠକ ହୋଇ ପଢ଼ିବା ମଜା ଏକ ନିଆରା ଅନୁଭୂତି । ପୁଣି ଟ୍ରେନ୍ ରେ ପଢିବା ଆହୁରି ମଜାଦାର...!!

ଏହାରି ଭିତରେ ସମୟ ଗଡ଼ି ଗ୍ଭଲିଛି । ଟ୍ରେନ ମଧ୍ୟ ଦ୍ରୁତ ଗତିରେ ଆଗକୁ ଆଗକୁ ମାଡ଼ି ଗ୍ଭଲିଛି । ମୁଁ ଆଖି ଉଠେଇ ଦେଖିଲା ବେଳକୁ ଅଧ୍ୟାପିକା ମାଡାମ ଜଣକ ଏକ ଡାଇରୀ ରେ କଣ ଲେଖି ଗ୍ଭଲିଛନ୍ତି ।

ଏହି ସମୟ ରେ ମୋ ଝିଅ ପାଖରୁ ଫୋନକଲ୍ ଆସିଲା । ତା"ସହିତ କଥା ହେଲା ଭିତରେ, ହଠାତ ଟ୍ରେନ ଅଟକ ଗଲା । ସେହି ମାଡ଼ାମ ଜଣକ ତର ତର ହୋଇ ଉଠି ପଡିଲେ ଓ ମୋତେ ଗ୍ଭହିଁ କହିଲେ- ମାଡାମ ମୋ ଷ୍ଟେସନ ଆସିଗଲା ମୁଁ ରହୁଛି । Happy journey, ଭଲ ରେ ଯାଇ ବାଙ୍ଗାଲୋର ରେ ପହଞ୍ଚି ଯାନ୍ତୁ । ମୁଁ କହିଲି ଓକେ ମାଡାମ ଧାନ୍ୟବାଦ, "ଜୟ ଜଗନ୍ନାଥ" । ସେ ବି ଜୟ ଜଗନ୍ନାଥ କହି ମୋ ଠାରୁ ବିଦାୟ ନେଲେ । ମୁଁ ଫୋନ୍ ରଖି ସାରି ଦେଖେ ତ ସେ ଭଦ୍ର ମହିଳା ବସିଥିବା ସିଟ୍ ରେ ଏକ ଡାଇରୀ ଥୁଆ ହୋଇଛି । ସେତେବଳକୁ ଅନ୍ୟ ଯାତ୍ରୀ ମାନେ ବଗି ଭିତରକୁ ଆସି ନଜ ନଜର ରିଜର୍ଭ ଭେସନ ସିଟ୍ ଖୋଜୁ ଥାନ୍ତି, ବସିବା ପାଇଁ । ଟ୍ରେନ ମଧ୍ୟ ଷ୍ଟେସନ ଛାଡ଼ି ସାରିଲାଣି । ସେତେବେଳକୁ ମୁଁ ସେ ଡାଇରୀ ଟିକୁ ଉଠାଇ ଆଣିଲି । ତନ୍ନ ତନ୍ କରିଦେଖିଲି । ହେଲେ ଖୋଲି ପଢିବି କ ନାହିଁ ଦ୍ୱନ୍ଦରେ ପଡ଼ିଲି । ବିବେକ ବାଧା ଦେଲା । ଅନ୍ୟ କାହାର ପର୍ସନାଲ୍ ଡାଇରୀ ଖୋଲି ପଢ଼ିବା କେତେ ସମିଚୀନ ? ମୋ ମନକୁ ପ୍ରଶ୍ନ ଆନ୍ଦୋଳତ କଲା । ତଥାପି ଏକ ଲେଖକୀୟ ମନୋବୃତ୍ତିର ପଢ଼ିବା ଓ ଜାଣିବାର ଅଭିଳାଷା କୁ ରୋକ ପାରିଲିନ । ବହୁତ ଭ୍ଭବିଲା ପରେ ଡାଇରୀ ଟିକୁ ଆଡେଇ ଦେଖିଲି, ସେହି ଡାଇରୀ ଭିତରେ ଏକ ଚଠି ଲେଖା ଥିବା ପୃଷ୍ଠା ଟିକୁ ଖୁବ୍ ଆଗ୍ରହ ରେ ପଢିବାରେ ଲାଗିଲି.....

ପ୍ରିୟ ଆଶୁ ତୋଷ, ଦୀର୍ଘ ପନ୍ଦର ବର୍ଷ ପରେ ଆଜି ତୁମକୁ ଦେଖିଲି । ତୁମ ସୁନ୍ଦରୀ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଭୁବନେଶ୍ୱର ରେଳ ଷ୍ଟେନରେ... ବେଶ୍ ଖୁସି ଜଣା ପଡୁଥିଲ । ଦୁଇ କୁନ ଛୁଆଙ୍କ ର ହାତ ଧରି ଦୁଇ ଜଣ ଗ୍ଭଲି ଥିଲ ଲଗେଜ୍ ବ୍ୟାଗ୍ ସହ । ଦୂରରୁ ମୁଁ ନରୀକ୍ଷଣକରୁ ଥିଲି । ବିଗତ ଦିନର ପୁରୁଣା ସ୍ମୃତି ସବୁ ହଠାତ୍ ହୃଦୟ ରେ ଉଜିବି ହେଲା । ମନ ଆକାଶରେ ଆଙ୍କି ଦେଲା ଗୋଟି ଗୋଟି ପ୍ରତିଛବି । ଆଖି ସାମ୍ନାରେ ନାଚ ଉଠିଲା ସାଗର ର ଗଭୀର ସୁଖ ଭିତରେ । ଜୁଆର ଭଟ୍ଟା ପରି ସେ ଦୁଃଖ ର ଅନୁଭୂତି....

କାଲି ପରି ଲାଗୁଛି, ତୁମର ମନେ ଅଛି କ ନା"ମୁଁ ଜାଣେନା । ଅପରିଚତର ଦୁଇ ଅଜଣା ମଣିଷ କପରି ବାନ୍ଧି ହୋଇ ଯାଇଥିଲେ ପରିଚତ ର ସମ୍ପର୍କ ଡୋରି

ରେ....ଯେଉଁ ଦିନ ପ୍ରଥମ ଦେଖା ହୋଇଥିଲା ତୁମ ସହ ରାଜରାସ୍ତାର ଏକ ଟ୍ରାଫିକ ଛକ ରେ...ରାସ୍ତାରେ ଚାଲି ଚାଲି ଯିବା ସମୟ ରେ ଟ୍ରାଫିକ ର ରେଡ୍ ସିଗ୍ନାଲ ଦେଖି ଗାଡି ମଟର ସବୁ ଅଟକ ଗଲା । ସମସ୍ତ ପଥଚାରୀ ମଧ୍ୟ ଅଟକ ଗଲେ ଟ୍ରାଫିକ ନିୟମ ଉଲଘଂନ ନ କରି । ସେହି ସମୟ ରେ ମୋ ଫୋନ ଟି ରିଙ୍ଗ ହେଲା ମୁଁ ଫୋନ ଟି ବ୍ୟାଗ୍ ରୁ କାଢି ଲା ବେଳେ ମୋ ଛୋଟ ମନିପର୍ସ ଟି ବ୍ୟାଗ୍ ରୁ ଖସି ତଳେ ପଡି ଗଲା । ତୁମେ ସଙ୍ଗେ ସଙ୍ଗେ ଉଠାଇ ମୋ ହାତକୁ ଧରାଇ ଦେଲ । ମୁଁ ଅଶେଷ ଧନ୍ୟବାଦ ଜଣାଇବା ସମୟ ରେ ଦେଖିଲି ତୁମେ ସ୍ମିତହାସ୍ୟ ବଦନରେ ଅକୁହା ଚାହାଣୀରେ ମୋ ମୁହଁକୁ ଚାହିଁ ରହିଛ । ମୁଁ ତୁମର ଏ ବେଢଙ୍ଗ ଚାହାଣୀ ଦେଖି ଲାଜେଇ ଗଲି । ସେତିକବେଳେ ଟ୍ରାଫିକ ଛାଡ଼ି ଦେଲା । ମୁଁ ଚାଲିଚାଲି ଏପଟକୁ ଆସିବା ଭିତରେ ଦେଖିଲି ତୁମେ ଟ୍ରାଫିକ ପାରି ହୋଇ ରାସ୍ତା ଏପଟେ ଗାଡି ଅଟକାଇ ମୋତେ ଅପେକ୍ଷା କରିଛ । ମୁଁ ବାଣୀବିହାର କ୍ୟାମ୍ପସ ଭିତର କୁ ଯିବା ପୂର୍ବରୁ ତୁମେ **excuse me** କହି ଅଟକାଇ ଦେଲ ମୋତେ । ମୋ ବିଷୟ ରେ ଜାଣିବାକୁ ଆଗ୍ରହ ପ୍ରକାଶ କରି ମୋ ପଢା ପଢି ବିଷୟ ରେ ବୁଝି ନେଲ । ମୁଁ ଓଡ଼ିଆ ବିଭାଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ରେ ପିଜି କରୁଛି ଜାଣି ଖୁବ୍ ଖୁସି ହେଲ ।ଏବଂ ମୋତେ ପ୍ରଶ୍ନ କରି ଥିଲ ଯେ ଲେଖାଲେଖି ରେ ରୁଚ ରଖି ଥିବ ନିଶ୍ଚୟ ନାଁ କଣ**?** ହଁ ସେମିତି କିଛି କିଛି ଗଳ୍ପ କବିତା ଲେଖା ଲେଖି କରେ । ଆମ କଲେଜ ମାଗାଜିନ୍ ରେ ମୋ ଲେଖା ମଧ୍ୟ ବାହାରେ.... ଆଚ୍ଛା ବହୁତ୍ ବଢିଆ କଥା । ମୁଁ ଲେଖା ଲେଖି କରେନି, ପଢ଼ିବାକୁ କିନ୍ତୁ ଖୁବ୍ ଭଲ ପାଏ । ତୁମେ ଲେଖିବ ମୁଁ ପାଠକ ହୋଇ ପଢିବି । ନା"କଣ କହୁଛ **?** ଆଚ୍ଛା ଏଯାଏ ତ ତୁମ ନାଁ ଜାଣି ପାରିଲିନି **?** ମୋ ନାଁ ମୁଁ କହିବିନି....ହଉ ନ କୁହ ହେଲେ ତୁମ ଫୋନ ନମ୍ବର ଦିଅ ତ **?** ମୁଁ ଫୋନ ନଂବରଟି କହିବା ସମୟ ରେ ହଠାତ୍ ମୋ ସାଙ୍ଗ ରୁପାଲି ଆସିଗଲା । ଟିକେ ଦୂରରୁ ଦେଖି ଡାକ ଛାଡ଼ିଲା ଆରେ ମିତାଲି...ତୁ ଏଠି, ହଉ ଚାଲ ଯିବା କ୍ଲାସ୍ ଟାଇମ ହୋଇ ଗଲାଣି । ମୁଁ ତୁମକୁ ବାଏ ବାଏ କହି ଚାଲିଲି । ରୁପାଲି ର ମୋର ମିଶି ବାଣୀବିହାର ଫାଟକ ଭିତରେ ପସିବା ପୂର୍ବରୁ ପଛକୁ ଫେରି ଚାହିଁ ଦେଖେ ତ ତୁମେ ଆମକୁ ଏକ ଲୟରେ ଚାହିଁ ରହିଛ....ଧୀରେ ଧୀରେ ଆଖି ଦୃଶ୍ୟ ରୁ ପରସ୍ପର ଅଦୃଶ୍ୟ ହୋଇ ଗଲେ..। ଚାରି ପାଞ୍ଚ ଦିନ ପରେ ଦିନେ ରାତି ୯ ଟା ରେ ଏକ ଅଜଣା ନଂବର ରୁ ଫୋନ ଆସିଲା । କିଏ ବୋଲି ଭାବି ଫୋନ ରିସିଭ କରି ହ୍ୟାଲୋ କହିବା ମାତ୍ରେ ସେ ପଟୁ ଏକ ପୁଅପିଲାର କଣ୍ଠ ସ୍ୱର । ହାଏ, ମିତୁ କେମିତି ଅଛ **?** କିଏ **?** **!!!** ଆଶ୍ଚର୍ଯ୍ୟ ଲାଗିଲା ପ୍ରଥମ ଥର ପାଇଁ ମୋତେ ମିତୁ ବୋଲି ସମ୍ବୋଧନ କିଏ ଆଉ ସେ

**!!!!** ଜାଣି ପାରୁନ ମିତୁ ଏତେ ଜଲଦି ଭୁଲିଗଲ **?** ମୁଁ ପରା ଆଶୁତୋଷ.. କେଉଁ ଆଶୁତୋଷ**?** ଆରେ କଣ ଏହି ଗଲା ସୋମବାର ଦେଖା ହୋଇଥିଲେ ବାଣୀବିହାର ଟ୍ରାଫିକ ଛକରେ **.....**ଓଃ ମାଇ ଗଡ୍ **...**ମୁଁ ତ ଡରି ଗଲିଣି କଏ ବୋଲି**....**ଆରେ ମୁଁ କ ବୋକ ତୁମେ ମୋ ନାଁ ପଚାରି ବୁଝିନେଲ । ହେଲେ ମୁଁ ତୁମ ନାଁ ପଚାରିବାକୁ ଭୁଲିଗଲି**...**ସେଦିନ**.....** ଆଚ୍ଛା ତେବେ ଏବେ ଜାଣିଲ ତ ମୋ ନାଁ ମୁଁ କଏ **?** ମୁଁ ବାଘ କ ସିଂହ ନୁହେଁ ମ ତୁମେ ଡରନ । ଓକେ ବାବା ଏବେ ଜାଣିଲି**...** ଜାଣି ପାରିବାରୁ ଅଶେଷ ଧନ୍ୟବାଦ । ଆଉ କେମିତି ଅଛ ମିତୁ **?**

ମିତାଲି ରୁ ମିତୁ ଡାକ ଶୁଣି ସତରେ ଆଶ୍ଚର୍ଯ୍ୟ ହେଲି ତୁମର ସେ ସ୍ନେହ ବୋଳା ଡାକ ଭିତରେ ଗୋଟେ ଆପଣାର ପଣ ଅନୁଭବ କଲି **.....**ସେଦିନ ପରସ୍ପର ଅନେକ କଥା ହେଲେ**...**ତୁମେ ଏହି ଭୁବନେଶ୍ୱର **ITR college** ରେ ଅଧ୍ୟାପନା କରୁଚ ଜାଣି ଖୁସି ହେଲି। ତୁମ ପରିବାର ଓ ବାପା ମାଆଙ୍କ ବିଷୟରେ ସବୁ ମୋତେ କହିଥିଲ**...**ମୋ ପରିବାର ବିଷୟ ରେ ମଧ୍ୟ ସବୁ ପଚାରି ବୁଝିଥିଲ ଦୁଇ ଅନ୍ତରଙ୍ଗ ସାଙ୍ଗ ପରି **।..** ତା" ପର ଠାରୁ ରେଗୁଲାର ଆମେ ଫୋନରେ କଥା ହେଉଥିଲେ। ଏହି କଥା ବାର୍ତ୍ତା ଆଳାପ ଆଲୋଚନା ର ବଳୟ ଭିତରେ ଧିରେ ଧିରେ ତିଆରି ହେଲା ସମ୍ପର୍କ ସେତୁର ମୂଳଦୂଆ ।

ରୀତିମତ ଆମ ଭିତରେ ଏକ ପାଗଳାମି ବଢିଲା। କେହି କାହା ସହିତ ଦିନେ କଥା ନ ହେଲେ ଯେମିତି ଚାରିଆଡ ଅନ୍ଧାର ଦିଶୁଥିଲା । ସେହି ଅନ୍ଧାର ଭିତରେ ଯେମିତି କଛି ମୂଲ୍ୟବାନ ଜିନଷ ହଜିଯାଇଛି, ତାହା ମିଳୁ ନାହିଁ। ସେମିତି ଅନୁଭବ ହେଉଥିଲା । ଦିନସାରା ପାଠ ପଢା ଓ କର୍ମ ଜଞ୍ଜାଳ ଭିତରେ ରହି ଯଦି କଥା ହୋଇପାରୁ ନଥିଲେ ତେବେ, ରାତିରେ ଶୋଇବା ପୂର୍ବ ରୁ ମୋତେ ନିଶ୍ଚୟ ଫୋନ କରୁଥିଲ। ଏତେ ଗପ ଗପୁଥିଲେ ଦୁହେଁ ଯେ ବେଳେ ବେଳେ ରାତି ପାହି ଯାଉଥିଲା, ତଥାପି ଗପ ସରୁ ନଥିଲା । ଆମର ବନ୍ଧୁତ୍ୱ ଏତେ ବଢି ଯାଇ ଥିଲା ଯେ ପ୍ରାୟ ପ୍ରତି ରବିବାର ଆମେ ଦୁହେଁ ମନ୍ଦିର ଠାରୁ ସପିଙ୍ଗ ମଲ ଓ ପାର୍କ ଯାଏ ନିସଙ୍କୋଚ ରେ ଯାଇ ବୁଲାବୁଲି କରୁଥିଲେ । ବହୁତ ଖୁସି ମଜାରେ ପ୍ରାୟ ରବିବାର ଟି ଆମର କଟୁଥିଲା । କେତେବେଳେ ରାସ୍ତା କଡ଼ରେ ଗୁପ୍ ଚୁପ୍ ଚାଟ ଖାଉଥିଲେ ତ କେଉଁ ଦିନ ଆଇସକ୍ରିମ ପାର୍ଲର ରେ ଆଇସକ୍ରିମ ଖାଉଥିଲେ। କେବେ କେବେ ଡିନର କରି ମଧ୍ୟ ମନ ଆନନ୍ଦରେ ଘରକୁ ଫେରୁଥିଲେ । ଧିରେ ଧିରେ ଆମ ଭିତରେ ଭଲ ପାଇବାର ମଞ୍ଜି ଟି ଗଜୁରି ଉଠିଥିଲା । ଯାହାକୁ କୁହନ୍ତି ବୋଧ ହୁଏ ପ୍ରେମ । ସେ ପ୍ରେମ ନାମକ ରୋଗ ଟି ଯାହାକୁ ଧରେ ସେ ସେଥିରୁ ମୁକୁଳିବା

ବହୁତ୍ କଷ୍ଟ । ଆମ ଭିତରେ ତାହା ହିଁ ହେଉଥିଲା । କଥାବାର୍ତ୍ତା କମ୍ବା ଦେଖା ସାକ୍ଷାତ ର ଦୂରତ୍ୱ କୁ ବିଲକୁଲ ସହି ହେଉ ନଥିଲା । କେହି କାହାକୁ ଛାଡ଼ି ଘଡ଼ିଏ ରହି ପାରୁ ନଥିଲେ ।

ମୁଁ ଯେହେତୁ ଗଳ୍ପ, କବିତା ଲେଖା ଲେଖି କରେ, ପ୍ରାୟତଃ ଅନେକ କବିତା ଆସର କୁ ଯାଏ, ତୁମେ ଯେବେ ଠୁ ମୋ ସହ ମିଶିଲ ମୋ ସହିତ ମିଶି ସାହିତ୍ୟ ସଭାକୁ ଯାଅ । ତୁମେ ଇଞ୍ଜିନିୟର ଛାତ୍ର ହୋଇ ମଧ୍ୟ ବଡ଼ ସାହିତ୍ୟ ପ୍ରେମୀଟିଏ ଥିଲ । ସାହିତ୍ୟ କୁ ଖୁବ୍ ଭଲ ପାଉଥିଲ । ତେଣୁ କଥା କଥାରେ ମୋତେ କହୁଥିଲ ସତରେ ମିତୁ ତୁମଠାରୁ ତୁମ କବିତା, ଗପ ଶୁଣିଶୁଣି ମୁଁ ତୁମ ପ୍ରେମରେ ପଡିଗଲି । ତୁମ କବିତା, ଗପ ମୋତେ ଖୁବ୍ ଭଲ ଲାଗେ.... ସେଥିପାଇଁ ବୋଧେ ଆଶୁ ପ୍ରତିଥର ତୁମେ ମୋ ସହିତ କବିତା ଆସରକୁ ଯାଅ । ସମସ୍ତଙ୍କ କବିତା ମନ ଦେଇ ଶୁଣ । ମୋ କବିତା କେତେବଳେ ଆସିବ ଚାତକ ପରି ଚାହିଁ ବସିଥାଅ ।

ହଁ ଦିନକର ଘଟଣା ତୁମର ମନେ ଅଛି କ ନା ମୁଁ ଜାଣେନା । ମୋର ଏକ ସାଙ୍ଗ ସୀପ୍ରାର ବହି ଉନ୍ମୋଚନ ଉତ୍ସବକୁ ଦୁଇଜଣଯାକ ଯାଇଥିଲେ । କାର୍ଯ୍ୟକ୍ରମ ର ଶେଷରେ ପୁଅ ଝିଅ ସାଙ୍ଗ ସମସ୍ତେ ମିଶି ଫଟୋ ଉଠାଇଥିଲେ । ମୋତେ ମଧ୍ୟ ଡାକଲେ । ମୁଁ ବା ସିପ୍ରା କଥାକୁ କପରି ଭାଙ୍ଗିଥାନ୍ତି । ସେମାନଙ୍କ ସହିତ ମିଶି ଫଟୋ ଉଠାଇଥିଲି । ତୁମେ କନ୍ତୁ ଦୂରରେ ଥାଇ ଦେଖୁଥିଲ ।କାର୍ଯ୍ୟକ୍ରମ ସରିଲା ପରେ, ତୁମ ସହିତ ଆସିଲି । ତୁମେ କନ୍ତୁ ମୋ" ସହିତ କଛି କଥା ହେଲ ନ । ମୁଁ ତୁମର ଏ ରୂପ୍ ଦେଖି - ଆରେ ଆଶୁ କଛି କହୁନ ଯେ !! ତୁମେ ହଠାତ୍ ରାଗିଗଲ । କହିଲ କଛି କୁହନ ମୋତେ । କଣ ହେଲା କ? କଛି ନ କହିଲେ ମୁଁ କେମିତି ଜାଣିବି । ତୁମର ଉତ୍ତର ଥିଲା ଫଟୋ ଉଠାଇଲା ବେଳେ ତୁମ ଡାହାଣ ପଟେ ଯେଉଁ ଟୋକା ଠିଆ ହୋଇଥିଲା, ତା ସହିତ କଣ କଥା ହେଉଥିଲ ? ମୋତେ ଏସବୁ ପସନ୍ଦ ନୁହେଁ । ସତରେ ଆଶୁତୋଷ ମୁଁ ତୁମର ଏ ପାଗଳାମି କଥାରେ ଆଚମ୍ବିତ ହୋଇଥିଲି ଏବଂ ତୁମ ପ୍ରଶ୍ନର ଉତ୍ତର ମୋର ଏତିକ ଥିଲା, ସେ ପିଲା କେବଳ ମୋତେ ପଚାରି ଥିଲା ଦିଦି ଆପଣ କଣ ଚାକରି କରୁଛନ୍ତି ନା ପାଠ ପଢୁଛନ୍ତି ? ତୁମେ ଏହା ଶୁଣି ମୋତେ କହିଥିଲ ତୁମ ସହିତ ଅନ୍ୟ କେଉଁ ପୁଅ ପିଲା କଥା ହେଉ ଏକଥା ମୁଁ ଚାହେଁନା । ଆରେ ଆଶୁ କଣ ଏମିତି କହୁଚ ଯେ? କାହା ସହିତ କଥା ହୋଇଗଲେ କଣ ମୁଁ ଆଉ କାହାର ହୋଇ ଯିବି ନା କଣ? ମୁଁ ତ ପୁରାପୁରି ତୁମର ହୋଇ ସାରିଛି । ତୁମ ମାଆ ପରା ମୋ ହାତରେ ମୁଦି ପିନ୍ଧାଇ ବୋହୂ ବୋଲି ଗ୍ରହଣ କରି ସାରିଛନ୍ତି । ତୁମକୁ

ସେଦିନ ତୁମ ମା କଣ କହିଥିଲେ ମନେଅଛି ଟି? କହିଥିଲେ ଯାହା ବି କହ ତୋ ପସନ୍ଦ କୁ ମୁଁ ମାନିନେଲି, ଆଶୁତୋଷ । ମିତାଲି ଖାଲି ମୋ ଘରର ବୋହୁ ହେବନି ତ ସତେ କ ଘରର ଲକ୍ଷ୍ମୀଟିଏ । ସବୁ ଦାୟିତ୍ୱ ତା" ଉପରେ ଛାଡ଼ି ମୁଁ ଟିକେ ଜଞ୍ଜାଳରୁ ମୁକ୍ତ ହେବି । କିନ୍ତୁ ତା" ବାପା ମା କେମିତି ରାଜି ହୋଇ ଯାଆନ୍ତୁ ଏତିକି ମୋର ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ଯେତେବଳେ ଦୁଇ ପରିବାର ସଦସ୍ୟ ଙ୍କ ଭିତରେ ବୁଝାମଣା ହୋଇଯିବ ମିତାଲି ବାପା ମା ରାଜି ହେବେ ମୁଁ ସେଦିନ ମା" ତାରେଣୀ ଙ୍କ ପାଖରେ ଯାଇ ନଡ଼ିଆ ଭାଙ୍ଗିବି ସେଦିନ ମାଉସୀଙ୍କର ଏହି କଥା ମୋ ମନରେ ଏକ ଅଫୁରନ୍ତ ଶିହରଣ ଖେଳାଇ ଦେଇଥିଲା । ମୋତେ ତାଙ୍କ ଘରକୁ ବୋହୂ କରି ନେବାପାଇଁ, ତାଙ୍କ ମନରେ କେତେ ଆକୁଳତା ବ୍ୟଗ୍ରତା ମୁଁ ସେତବେଳେ ଅନୁଭବ କରିଥିଲି । ପାଦ ଛୁଇଁ ମାଙ୍କୁ ପ୍ରଣାମ କରିଥିଲି। ମୋତେ ସେ ସ୍ନେହ ରେ କୋଳେଇ ନେଇଥିଲେ ତାଙ୍କ କୋଳକୁ । ମୁଁ ଖୁସିରେ ଆତ୍ମହରା ହୋଇ ପଡ଼ିଥିଲି। ଭାଗ୍ୟରେ ଥିଲେ ଏମିତି ମାଆ ପରି ଶାଶୁ ମିଳନ୍ତି ବୋଲି ମନେମନେ ଭଗବାନ ଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଥିଲି । ତୁମେ କରଣ ଘର ର ପୁଅ। ମୁଁ ବ୍ରାହ୍ମଣ ଘର ର ଝିଅ । ଯୁଗ ଯେତେ ଆଡମ୍ବର ହେଲେ ବି ଜାତିଭେଦ ର ତାରତମ୍ୟ ଏବେ ବି ୯୦ ପ୍ରତିଶତ ମଣିଷ ଭିତରେ ରହିଛି ।ତେଣୁ ମୋ ବାବା, ମାମା ମନରେ ବି ସେ ଉଚ୍ଚ ନୀଚ ର ଜାତି ଭାବ ର ଭାବନା ରହିଥିଲା । ମୋତେ ସେମାନଙ୍କୁ ବୁଝାଇବାକୁ ଏକ ବର୍ଷ ସମୟ ଲାଗିଥିଲା। ନାହିଁ ନାହିଁ ର ଦ୍ୱନ୍ଦ ଭିତରେ ବହୁତ ଚେଷ୍ଟା କରି ଶେଷରେ ସଫଳ ହୋଇଥିଲି । ସେମାନେ ତୁମକୁ ଦେଖି ତୁମ ପରିବାର ବିଷୟ ରେ ଜାଣିଲା ପରେ ବହୁତ କଷ୍ଟରେ ରାଜି ହୋଇଥିଲେ। ତୁମ ଘର ଲୋକ ଓ ଆମ ଘର ଲୋକେ ମିଶି ଆମ ବାହାଘର ର ତାରିଖ ନିର୍ଦ୍ଧାରିତ ହୋଇଥିଲା, ଯଦି ବା ନିର୍ବନ୍ଧ ହୋଇ ନଥିଲା । ତଥାପି ଏହି ଖୁସିରେ ତା"ପର ଦିନ ଆମେ ପୁରୀ ଯାଇଥିଲେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସାରି ସମୁଦ୍ର କୂଳକୁ ବୁଲିବା ପାଇଁ । ହଠାତ୍ ଦେଖା ହୋଇଗଲା ମୋ କଲେଜ ସାଙ୍ଗ ସିପ୍ରା ସହିତ। ସିପ୍ରା କୁ ମୁଁ ଦେଖିବା ପୂର୍ବରୁ ସେ ମୋତେ ଦେଖି କୁଣ୍ଢାଇ ପକାଇଲା।ମୁଁ ବୁଲି ପଡି ଆଶ୍ଚର୍ଯ୍ୟ ହେଲି। ଏକ ନୂତନ ଖୁସିର ଲହରୀ ମୋ ମନ ଭିତରେ ଖେଳିଗଲା, ଏତେ ଦିନ ପରେ ସିପ୍ରା କୁ ଦେଖି । ତା" ସହିତ ଥାନ୍ତି ତା"ର ହଜବ୍ୟାଣ୍ଡ, ଦେଖିବାକୁ ଖୁବ୍ ହ୍ୟାଣ୍ଡସମ୍ ଯୁବକ । ତାଙ୍କୁ ମୋ ସହିତ ପରିଚିତ କରାଇଦେଲା। ସିପ୍ରା କହିଲା ଯେ ମୋ ବର "ବିକାଶ" ଦୁବାଇ ରେ ଏକ ମଲ୍ଟି ନେଶନାଲ୍ କମ୍ପାନୀ ରେ ଆସିଷ୍ଟାଣ୍ଟ ମାନେଜର ଅଛନ୍ତି । ବିକାଶ ଡେରି

ନକରି ସଙ୍ଗେ ସଙ୍ଗେ ହାସ୍ୟ ବଦନରେ ମୋତେ ବିନମ୍ର ନମସ୍କାର ଟି ଜଣାଇଲା । ସିପ୍ରା ତା ବାହାଘର କୁ ମୋତେ ନିମନ୍ତ୍ରଣ କରିଥିଲା ।କିନ୍ତୁ ମୁଁ ମୋର ପି,ଏଚ୍, ଡି ପରୀକ୍ଷା ପାଇଁ ଯାଇପାରି ନଥିଲି । ସେ ଏ.ଏମ୍ ପରେ ପରେ ବାହା ହୋଇଗଲା । ଏହା ଭିତରେ ଦୁଇ ବର୍ଷ ବିତି ଯାଇଥିଲା । ତୁମେ ଏସବୁ ସାମାନ୍ୟ ଦୂରରେ ଥାଇ ଦେଖୁଥିଲ। ମୋତେ ସିପ୍ରା ପଚାରିଲା ତୁ କଣ ଏକୁଟିଆ? ମୁଁ ତୁମ ଆଡ଼କୁ ଇଙ୍ଗିତ ଦେଇଥିଲି । ସେ ଯେହେତୁ ତୁମ ମୋ ଭିତରେ ସମ୍ପର୍କ ବିଷୟରେ ଆଗରୁ ଜାଣିଥିଲା, କିଛି ପ୍ରଶ୍ନ ନ ପଚାରି, ଯେ ତା ହେଲେ ଆମ ଆଶୁତୋଷ ଭାଇ କହି ନମସ୍କାର ଟି ପକାଇଲା । କଣ ଭିଣୋଇ ଭାଇ, କେବେ ଭୋଜି ଦେଉଛନ୍ତି? ଆମେ ଦୁବାଇ ରେ ରହିଲେ ବି ତୁମ ଦୁହିଁଙ୍କ ବାହାଘର କୁ ଆମେ ନିଷ୍ଚୟ ଆସିବୁ । ନିମନ୍ତ୍ରଣ କରିବାକୁ ଯେମିତି ଭୁଲି ନ ଯାଉ ମିତାଲି । ନା" ରେ ସିପ୍ରା ବିଲକୁଲ ଭୁଲିବିନି, ନିଷ୍ଚୟ ତୋତେ ଡାକିବି । ତୁ ମୋର ଏତେ ପ୍ରିୟ ଅନ୍ତରଙ୍ଗ ସାଙ୍ଗ ଥିଲୁ। ତୁ ମୋ ବାହାଘର କୁ ନ ଆସିଲେ କଣ ମୋ ବାହାଘର ମାନିବ? ଏହି କଥାରେ ଖୁବ୍ ହସ ହୋଇ ଥିଲା । ଏହାରି ଭିତରେ ବିକାଶ ର ତୁମର ବି ପରସ୍ପର ଭଲ ଭାବରେ ପରିଚୟ ଆଦାନ ପ୍ରଦାନ ହୋଇ ସାରିଥିଲା । ଆମେ ଚାରିଜଣ ସମୁଦ୍ର କୂଳରେ ଖୁବ୍ ମଜାରେ ବୁଲା ବୁଲି କଲେ । ହସମଜା କରି ସମୁଦ୍ର କୂଳରେ ବସି ଚା ପିଇବା ଓ ବାଦାମ ଭଜା ଖାଇବା ସହ ସମୁଦ୍ର କୂଳର ସୁନ୍ଦର ପରିବେଶ କୁ ଉପଭୋଗ କରିଥିଲେ । ଧିରେ ସଂଧ୍ୟା ଅତିକ୍ରାନ୍ତ ହେଲା। ଭୁବନେଶ୍ୱର ଫେରିବାର ଅଛି । ପରସ୍ପର ଠାରୁ ବିଦାୟ ନେଲା ବେଳେ ବିକାଶ ତୁମକୁ ହ୍ୟାଣ୍ଡସେକ୍ କରି ସାରି ମୋ ହାତକୁ ହାତ ବଢାଇଲା । ମୁଁ କଣ ଆଉ ହାତ ଫେରାଇ ଆଣିଥାନ୍ତି। ମୁଁ ହାତ ବଢ଼ାଇଦେଲି ସେ ବି ମୋତେ ହ୍ୟାଣ୍ଡସେକ୍ କଲା । ତା"ପରେ ଆମେ ପରସ୍ପର ଠାରୁ ବିଦାୟ ନେଲେ । ମୁଁ ଲକ୍ଷ୍ୟ କଲି ତୁମ ମୁହଁର ଭାବ କେମିତି ଟିକେ ବଦଳି ଗଲା । ସେମାନେ ପୁରୀ ସମୁଦ୍ର କୂଳ ହୋଟେଲ୍ ରେ ରହିବାର ବ୍ୟବସ୍ଥା କରିଥିଲେ । ତେଣୁ ଆମେ ଦୁହେଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କଲେ ।

ତୁମେ ମୋ ସହିତ ଭଲ କଥା ବାର୍ତ୍ତା କଲନି ।ପଚାରିଲା ରୁ କହିଲ ସେ ଅଭଦ୍ର ବିକାଶ ତୁମ ସହିତ ହ୍ୟାଣ୍ଡସେକ୍ କରିବାକୁ ହାତ ବଢାଇଲା ଯେତେବେଳେ ତୁମେ ହାତ ନ ବଢ଼ାଇଥିଲେ ହୋଇ ନଥାନ୍ତା ? ତୁମେ ତାକୁ ହ୍ୟାଣ୍ଡସେକ୍ କଣ ପାଇଁ କଲ ? ବାର ବାର ବାଟସାରା ସେହି ଗୋଟିଏ କଥା । ମୁଁ ଶୁଣି ଶୁଣି ଅସହ୍ୟ ହୋଇପଡିଲି। ମନରେ ବହୁତ୍ କଷ୍ଟ ହେଲା । ମୁଁ କେବଳ ଗୋଟିଏ କଥା ମାତ୍ର କହିଥିଲି। ଏଥିରେ ରାଗିବାର କଣ ଅଛି । ହାତ ମିଳାଇ ଦେଲି ବୋଲି କଣ ଏତେବଡ଼ ଅପରାଧ କରିଦେଲି, ନା ପାପ କରି ଦେଲି ! ଏହି

ସାମାନ୍ୟ କଥା କୁ ଏତେ ଗୁରୁତ୍ୱ କାହିଁକ ଦେଉଚ ? ତୁମେ ମୋତେ କଛି ଉତ୍ତର ନ ଦେଇ ଚୁପଚାପ୍ ମୁହଁ ଫୁଲେଇ ତୁମ ଘରକୁ ଚାଲି ଯାଇଥିଲ । ସବୁଦିନ ପରି ତା"ପର ଦିନ ମୋତେ ଫୋନ ବି କଲନ । ମୁଁ ଦୁଇଦିନ ତୁମ ଫୋନ କଲ୍ କୁ ସବୁଦିନ ପରି ଅପେକ୍ଷା କରି କରି, ତୃତୀୟ ଦିନ କୁ ତୁମକୁ ଫୋନ କଲି। ତୁମେ ମୋ ଫୋନ ନ ଉଠେଇବାରୁ ମୁଁ ଆଉ ଫୋନ କଲିନ। କେତେବେଳେ ତୁମ ରାଗ ଶାନ୍ତ ହେବ ତୁମେ ମୋତେ ନଷ୍ଟୟ ଫୋନ କରିବ ଏହି ବିଶ୍ୱାସ ରେ ରହିଗଲି । ଏମିତି ରେ ଆଠ ଦିନ କଟିଗଲା । ହଠାତ୍ ଦିନେ ତୁମ ଫୋନ କଲ୍ ଆସିଲା ଠିକ୍ ରାତି ୧୧ ଟାରେ ଆଗପରି ନର୍ଦ୍ଧିଷ୍ଟ ସମୟରେ । ସେତିକ ବେଳେ ମୋ ସାଙ୍ଗ ସିପ୍ରା ର ଫୋନ ଆସିଥିଲା ଦୁବାଇ ରୁ । ମୁଁ ତା ସହିତ କଥା ହେଉଥିଲି। ଓ୍ୱେଟିଂ ରେ ତୁମ ନମ୍ବର୍ ଦେଖି ତା"ସହିତ କଥା ସାରି ତୁମକୁ ଫୋନ ଲଗାଇଲା ବେଳକୁ ତୁମେ ହଠାତ୍ ଫୋନ ରିସିଭ କରି, ପ୍ରଥମେ ମୋତେ ଗମ୍ଭୀର ଗଳାରେ ପ୍ରଶ୍ନ କରିଥିଲ – କାହା ସହିତ ଏତେ ରାତିରେ କଥା ହେଉ ଥିଲ ? ମୁଁ ତୁମ ପ୍ରଶ୍ନର ସ୍ୱରରେ ହତବାକ୍, ଚମକ ପଡ଼ିଲି । କଛି କଥା କହିବା ପୂର୍ବରୁ ତୁମେ ଫୋନ କାଟି ଦେଇଥିଲ । ଏମିତି ରେ ପୁଣି ଚାରି ଦିନ କଟିଗଲା । ଆଉ ଦିନେ ସେହି ସମୟରେ ତୁମେ ଫୋନ୍ କଲା ବେଳକୁ ଦୂର୍ଯୋଗ କୁ ମୋ ମାମୁଁ ଝିଅ ଭଉଣୀ ସେଦିନ ଫୋନ କରିଥିଲା ମୋ ଆଇ ଙ୍କ ର heart ଷ୍ଟ୍ରୋକ ରେ ହଠାତ୍ କପରି ଦେହାନ୍ତ ହୋଇ ଯାଇଛି । ମୁଁ ଏକଥା ଶୁଣି ଦୁଃଖରେ ଭାଙ୍ଗି ପଡ଼ିଲା ବେଳକୁ ତୁମ ଫୋନ କଲ୍ ପୁଣି ଥରେ ଆସିଲା। ମୁଁ ଫୋନ ରିସିଭ କରିବା ମାତ୍ରେ ରାଗରେ ପଞ୍ଚମ ହୋଇ କହି ପକାଇଲ- ଆଚ୍ଛା କେଉଁ ନୂଆ ପ୍ରେମିକ ସହିତ ଯୋଡ଼ି ହୋଇ ଗଲଣି କ ମିସ୍ ମିତାଲି । ତୁମର ଏ ବ୍ୟବହାର ରେ ବାକ୍ୟଶୂନ୍ୟ ହୋଇ ଯାଇଥିଲି। ମୋ ଆଇ ମା ର ମୃତ୍ୟୁ ର ଦୁଃଖ ଠାରୁ, ତୁମ ମର୍ମ ଭେଦି ଶବ୍ଦର ଶକ୍ତ ପ୍ରହାର ମୋତେ ଛିନ୍ ଭିନ୍ କରି ଦେଲା ସେହି ଶକ୍ତ ଆଘାତ ରେ ।ମୋ ଦେହରେ ଯେମିତି ଜଉ ଜଳଲା। ଫୋନ ରଖି କୋହ ସମ୍ଭାଳ ପାରିଲିନ। ଏତେ କାନ୍ଦିଲି ଯେ, ଯେମିତି ବର୍ଷା ରେ ଭିଜିଲା ପରି ତକିଆ ଭିଜି ଯାଇଥିଲା । ତା"ପରଦିନ ସକାଳୁ ଉଠି ଭାରାକ୍ରାନ୍ତ ମନ ନେଇ ଆମ ଗାଁ କୁ ଗଲି। ମୋ ଆଇ ର ଆରପାରି କୁ ଚାଲି ଯିବାର ଦୁଃଖ ଓ ତୁମର ଏପରି ବ୍ୟବହାର ରେ ମୁଁ ପୁରାପୁରି ଭାଙ୍ଗି ପଡିଥିଲି। ଖୁବ୍ କଷ୍ଟରେ ୧୦/୧୨ ଦିନ ଗାଁରେ କଟାଇ, ଭୁବନେଶ୍ୱର ରେ ପହଞ୍ଚି ତୁମକୁ ଯେତେବେଳେ ଫୋନ କଲି । ତୁମେ ପ୍ରଥମେ ଫୋନ୍ ରିସିଭ କଲନ। ମୁଁ ଭାବିଲି କଛି ବ୍ୟସ୍ତ ଥିବ । ମିସଡ୍ କଲ୍ ଦେଖି ମୋତେ ପରେ ଫୋନ କରିବ। ତାହା ବି କଲନ । ପୂର୍ବପରି ସବୁଦିନ ପରି ରାତି ୧୧ ଟାରେ ଫୋନ କଲି,

ତୁମ ଫୋନ୍ ୱେଟିଂ ରେ ଥିଲା । କିନ୍ତୁ ତୁମେ ଆଉ କଲବ୍ୟାକ କଲନି । ମୋତେ ନିଦ ହେଉ ନଥାଏ। ମୁଁ ରାତି ୧୨ ଟାରେ ଆଉ ଥରେ ଫୋନ କଲି ।ପୁଣି ଫୋନ ଏନଗେଜ୍ । ତାପରେ ମଧ୍ୟ ଫୋନ କଲାନି। ପୁଣି ତା" ପର ଫୋନ କଲାରୁ, ତୁମେ ବ୍ୟସ୍ତ ଅଛି କହି ଫୋନ୍ କାଟିଦେଲ । ମୁଁ କିଛି ବୁଝି ପାରିଲି ନି ତୁମ ମନରେ କଣ ଚାଲିଛି । ବିନା ଦୋଷରେ ମୋତେ ଦୋଷୀ କରି, ମୋତେ ଦୁରେଇବାକୁ ଚେଷ୍ଟା କରୁଚ । ତୁମ ଭିତରେ ଯେତେବେଳେ ଅବିଶ୍ୱାସ ର ବୀଜ ଟିଏ ଉତ୍ପନ୍ନ ହେଲା ସେହି ଦିନ ଠାରୁ ସବୁ କିଛି ବିଗିଡ଼ି ଗଲା ।

ସମୟ ଗଡ଼ି ଚାଲି ଥାଏ । ଏଣେ ଆମ ଦୁଇ ପରିବାର ଆମ ଦୁହିଁଙ୍କର ବିଭାଘର ପାଇଁ ପ୍ରସ୍ତୁତି ର ଯୋଜନା କରୁଥାନ୍ତି ! କିନ୍ତୁ ଏପଟେ ଆମ ଦୃଢ ଭଲ ପାଇବାର ଜହ୍ନ ଆକାଶରେ ଘୋଟି ଆସିଥିବା କଳା ବାଦଲ ଘୁଞ୍ଚିବା ପାଇଁ ନାଁ ଧରୁନି ଗୋଟିଏ ଜାଗାରେ ସ୍ଥିର ଅଛି| ତେଣୁ ଜହ୍ନର ସେ ଉଜ୍ଜ୍ୱଳ ଆଲୋକମୟ ଶିଖା ଦିଶୁନି | କେବଳ ଦିଶି ଯାଉଛି ଅବିଶ୍ୱାସ ର ସେ କାଳ ଅନ୍ଧାର । ସେ ଅନ୍ଧାରରେ ଭିତରେ ମୁଁ ଅଣ୍ଡାଳି ବୁଲୁଥାଏ, କେଉଁଠି ହଜିଗଲା ମୋ ପ୍ରେମର ଚାବିକାଠି, ସେ ଚାବିକାଠି କଣ ମୋତେ ଆଉ ମିଳିବନି ? ଚନ୍ଦ୍ରାର ଚୌହଦି ଭିତରେ ମନ ହୃଦୟ ମୋର ଆକ୍ତାମକ୍ତା । କଣ କରିବି? ଏ ବିଚ୍ଛିନ୍ନତାର ସେତୁ କ"ଣ ଆଉ ଯୋଡି ହେବନି? ଏପରି ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କରୁଥାଏ । ତୁମକୁ ନିଜର କରି ସୁଖର ଏକ ସୁନ୍ଦର ସଂସାର ଗଢିବି ବୋଲି ପରିବାରର ସହମତି ପାଇଁ କେତେ କଷ୍ଟ ମୋତେ କରିବାକୁ ନ ପଡ଼ିଛି !! ଶେଷରେ ମୋ ପରିବାର ବାବା ମା ରାଜି ହେଲା ପରେ ଆମେ ନିର୍ଭୟରେ ରହିଥିଲେ.....

ସବୁ କେତେ ସୁନ୍ଦର ଠିକଠାକ୍ ଚାଲି ଥିଲା । ଭବିଷ୍ୟତ ର ସ୍ୱପ୍ନ ରାଇଜରେ ଭାସି ବୁଲୁ ଥିଲେ ଆମେ ଦୁହେଁ | ରାତି ରାତି ଅନିଦ୍ରା ରହି ଗଢୁଥିଲେ ଭବିଷ୍ୟତର ସ୍ୱପ୍ନ ସୁଖର ତାଜମହଲ । କିନ୍ତୁ ହଠାତ ତୁମର ଏ ପରିବର୍ତ୍ତନ ର କାରଣ ସେହିଦିନ ଜାଣିଲି, ଯେଉଁଦିନ ତୁମେ ତୁମ ସନ୍ଦେହର ବିଷମଞ୍ଜି ବୁଣି ଥିଲ| ତୁମ ଆରୋପରେ ଶକ୍ତ ଧକ୍କା ଲାଗିଥିଲା ମୋ କୋମଳ ମନ ଉପରେ ...

ମାତ୍ର ଆଉ ଦୁଇ ମାସ ଥିଲା ଆମ ବାହାଘର| ନିର୍ବନ୍ଧ ହୋଇଥାନ୍ତା ଜାନୁଆରୀ ମାସରେ.. ବାହାଘର ତାରିଖ ମଧ୍ୟ ଫିକ୍ସ ହୋଇ ସାରିଥିଲା । ହେଲେ ସବୁ ଭାଙ୍ଗି ହେଲା ଚୁର୍ ମାର୍...ମୋ ବିଶ୍ୱାସ ଭରସା କାଚ ଖଣ୍ଡ ପରି ଭାଙ୍ଗି ହେଲା ଟୁକୁଡ଼ା, ଟୁକୁଡା । ଯାହା କି ମୁଁ ସ୍ୱପ୍ନରେ, କଳ୍ପନାରେ, ବାସ୍ତବ ରେ ଭାବି ନଥିଲି, ତାହା ହିଁ ଘଟି ଗଲା । ତୁମର

ଏପରି କଠୋର ବାକ୍ୟର, ବ୍ୟବହାରରେ ମର୍ମାହତ ହେଲି| ତୁମ ଛଡ଼ା ମୋ ଜୀବନରେ କେହି ନାହାନ୍ତି ବୋଲି ବାରବାର ସୂଚାଇ ଦେଲି | ତଥାପି ତୁମର କଠୋର ହୃଦୟ ଟିକେ ବି ତରଳଲା ନାହିଁ । ମୋ ଶେଷ ଫୋନ୍ କଲ୍ ରେ ତୁମ ଉତ୍ତର ମୋତେ ଆହୁରି ବିସ୍ମିତ କଲା | ମୋ ପ୍ରତି ଲୋମ କୂପରେ କମ୍ପନ ସୃଷ୍ଟିକଲା | ଥରାଇ ଦେଲା ମୋ ମନ ହୃଦୟ ଆତ୍ମା । ଜଳାଇଦେଲା ହୃଦୟ ରେ ନିଆଁ । ଚକ୍ଷୁ ରୁ ବହି ଲା ଅଶ୍ରୁର ବନ୍ୟା । ଜାଳ ପୋଡ଼ି ଛାରଖାର ହୋଇଗଲା ସୁଖ ସ୍ୱପ୍ନ ର ସୌଧ । ତିଳ ତିଳ ହୋଇ ମାଟିରେ ମିଶିଗଲା ସବୁ କିଛି । କଣପାଇଁ ଦେଲ ମୋତେ ଏମିତି ଗଭୀର ଆଘାତ | ଏହା କଣ ଥିଲା ତୁମର ନବିଡତା, ପ୍ରେମ, ନା"ଭଲ ପାଇବା? ମୋ ମନରେ ଅନେକ କଥା ଉଙ୍କି ମାରୁଥିଲା, ମନରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇ ଥିଲା| କଣ ପାଇଁ ମୋ ସହିତ ତୁମେ ଏମିତି କଲ ? ଆଜି ଯାଏ ଯାହାର କାରଣ ମନେ ମନେ ଖୋଜୁଥିଲି| ତାହାର ଉତ୍ତର ଆଜି ପାଇ ଗଲି.......ଯେତେବେଳେ ମୋ ସାଙ୍ଗ ରୂପାଲି କୁ ଷ୍ଟେସନ ରେ ଦେଖିଲି ତୁମ ସ୍ତ୍ରୀ ରୂପରେ ସବୁ ବୁଝିଗଲି, ସବୁ ଜାଣି ଗଲି....ଆଉ କହିବାର କିଛି ଆବଶ୍ୟକତା ନାହିଁ କି ମୋ ମନରେ ଆଉ ଅବଶୋଷ ନାହିଁ । କିନ୍ତୁ ମୋ ଭଲ ପାଇବା ତ୍ୟାଗର ପ୍ରତିଦାନ ରେ କଣ ତୁମେ ଦେଲ ମୋତେ ? କେବଳ, କଷ୍ଟ, ଯନ୍ତ୍ରଣା ଦେଇ, ଜଳାଇ ମାରିଲ । ମୋ ସହିତ ମାୟା କରି ମୋ ସାତ ଜନ୍ମ ର ସାଇତା ଅମୂଲ୍ୟ ରତ୍ନ କୁ ଛଳନା, କପଟ କରି ଭଲ ପାଇବାର ପ୍ରତିଶୃତିରେ ତୁମ ପାଖରେ ସମର୍ପି ଦେଇ ମୁଁ ଆଜି ସଂକଳ୍ପ ର ଦ୍ୱାହିରେ ସାରା ଜୀବନ ପାଇଁ ରହିଲି ଅବିବାହିତ । ଜୀବନର ଭୁଲ୍ ଠିକର ର ଗ୍ଲାନ ରେ ମୁଁ ଆଜି ତିଳ ତିଳ ଯନ୍ତ୍ରଣାର ଜଉରେ ଜଳୁଛି । ଶେଷରେ ଏତିକି କହିବି ଆଶୁତୋଷ ମୋ ପାଖରୁ ତୁମେ ନେଇ ଥିବା ମୋର ମୂଲ୍ୟବାନ ଅମୂଲ୍ୟ ରତ୍ନକୁ ପାରିବ ମୋତେ ଫେରାଇ ??????

ଇତି

ତୁମର ଅଭାଗିନୀ "ମିତୁ"

ଶ୍ୟାମପୁର, ଭୁବନେଶ୍ୱର

# ସଲାମ ସୈନିକ



ନନ୍ଦିନୀ ରାଉତ

ନୂତନ ସୂର୍ଯ୍ୟ ଆଗମନରେ
ଶୁଭୁଛି ତୁର୍ଯ୍ୟନାଦ
ଶତ୍ରୁ ସୈନ୍ୟକୁ ଶାସ୍ତି ଦେବାକୁ
ବାଜୁଛି ବୀର ବାଦ୍ୟ ।

କ୍ଳାନ୍ତ ନୁହଁ ସେ ଚିର ଜାଗ୍ରତ
ଭାରତ ମାତାର ସୂତ
ହାରିବା ଜାତକେ ଲେଖା ନାହିଁ ଆମ
ଗାହୁଁ ଶତ୍ରୁର ଶୋଣିତ ।

ଇଟାର ଜବାବ ପଥରରେ ଦେବୁ
ନେଇଛୁ ଆମେ ଶପଥ
ହସି ହସି ଆମେ ପ୍ରାଣ ବଳି ଦେବୁ
ନ କରିବୁ ମଥା ନତ ।

ବିଶ୍ୱ ଗାହିଁଛି ଚକିତ ହୋଇ
ସକଳ ଅଭିମାନ
ସରଗ ସୁଷମା ଖେଳଯାଏ ଏଠି
ଭାଇ ଭାଇ ସମ୍ମୋହନ ।

ହିମାଳୟର ହିମ ସ୍ରୋତରେ
ଆନନ୍ଦେ ଘୁରି ବୁଲେ
ଦେଶ ମାତାର ସୁରକ୍ଷା ପାଇଁ
ଜଗେ ଦିନରାତି ଭଲେ ।

ଶତ ସିଂହର ପରାକ୍ରମ ତାର
ଦେଖାଏ ଶତ୍ରୁ ପାଇଁ
ସେ ବୀର ସୈନିକ ପାଦରେ ପ୍ରଣତି
ବାଢ଼ି ନେବା ସବୁ ଭାଇ ।

ମାଆ ଠୁ ଭଲ ମାତୃଭୂମିକୁ
ପାଉଛି ଯିଏ ଭଲ
ତାଙ୍କରି ସେବା ଜନ୍ମଭୂମି ପାଇଁ
ଅଟେ ଅମୂଲ ମୂଲ ।

ବାଲିପଟା, ଅନୁଗୁଳ

# ପ୍ରକୃତି ରାଣୀ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଆଷାଢ଼ ର ପ୍ରଥମ ଦିବସେ
ରିମଝିମ ବରଷା ବରଷେ
ପ୍ରକୃତି ରାଣୀ କେତେ ଯେ ପୁଷ୍ପ ଭଣ୍ଡାର ନେଇ
ମୁରୁକ ମୁରୁକ ହସେ
କପରି କରିବି ପ୍ରକୃତି ର ବର୍ଣ୍ଣନା
ସେତ ଅଟେ ଅବର୍ଣ୍ଣନୀୟା
ଧନ୍ୟ କହିବ ବିଧାତାକୁ
ଗଢିଛି କପରି ପ୍ରକୃତିକୁ
ନୀଳ ଆକାଶେ ଧବଳ ର ମେଘମାଳା ଖଣ୍ଡ
ଭାସି ଭାସି ଯାଏ ବାଜି ପର୍ବତ ଶୀଖରେ
ବରଷା ବରଷି ଯାଏ ବସୁଧା ଉପରେ
ପର୍ବତ ସହ ମେଘ ମାଳାର ମିଳନ
ସତେ ହେଉଛି ଯେପରି ପ୍ରେମିକ ସହ ପ୍ରେମିକା ର ମିଳନ
ବରଷା ପାଣିରେ ବସୁଧା ଦିଶେ ସବୁଜ ସୁନ୍ଦର
ଏପରି ଦୃଶ୍ୟକୁ ଦେଖି ଆଖିରୁ ପଲକ ପଡେନ କାହାର
ଇନ୍ଦ୍ରଧନୁର ସପ୍ତରଙ୍ଗ ଭଳ ଭିନ୍ନ ରଙ୍ଗରେ ଭରା ଏ ପ୍ରକୃତି
ବିଧାତାର ତ ଅଟେ ଏହା ଏକ ଯେ ମୂରତି
ରୂପ ରଙ୍ଗ ସୌନ୍ଦର୍ଯ୍ୟରେ ଭରା ଯିଏ
ସୁନ୍ଦର ପ୍ରକୃତି ଅଟେ ଯେ ସିଏ ॥

ମଠସାହି, ତୁଳସିପୁର

# ଅବ୍ୟକ୍ତ ଆବେଗ



ଡ. ମନୋରଞ୍ଜନ ବିଷୋୟୀ

ବେଳେବେଳେ
ମନର ଆବେଗ
ଘାରି ଛଟପଟ ହୁଏ ।
ଅକ୍ଷର ହୋଇ
କାଗଜ ପୃଷ୍ଠାକୁ
ଓହ୍ଲାଇ ଆସିବାକୁ
ବାଟ ଖୋଜୁଥାଏ ।
ଓହ୍ଲାଇ ଆସିବା ପରେ
ଆଶ୍ୱସ୍ତି ଅନୁଭବ କରି
ଆଉ କଛି ଦିନ
ବଞ୍ଚିଯିବା ପାଇଁ
ବାଧ କରିଦିଏ ।
କନ୍ତୁ ଓହ୍ଲାଇ ଆସିଥିବା
ଅକ୍ଷରମନଙ୍କ
ଭିଡ ବଗିଚ୍ଛରୁ
ତୁମକୁ ହିଁ ଖୋଜୁଥାଏ ।

ତୁମକୁ ନେଇ
ନାନା ଅଭିସାର
ମନେ ମନେ ରଚଥାଏ ।
ତେଣୁ ତ ଲେଖୁଥାଏ
ଆଉ ଲେଖୁଛି ବୋଲି
ବଞ୍ଚିବାର
ବାହାନା ବି ପାଇଯାଏ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

# ସୁଖର ସନ୍ଧାନେ



ପ୍ରଶାନ୍ତ କୁମାର ମହାନ୍ତି

ଜୀବନ ର ଚଲାବାଟେ
କଛି ଦୁଃଖ ଆଉ କଛି ସୁଖ ର ପସରା
ତଥାପି ବଞ୍ଚିବାକୁ ହୁଏ
ଜୀବନ୍ତ ଅଭିନୟ ଦ୍ୱାରା..... @

ସ୍ୱପ୍ନ ର ସାଗରେ କେବେ ଭଟ୍ଟା
ଆସେ ପୁଣି କେବେ ଜୁଆର
ପାଲଟିବାକୁ ହୁଏ ପାଷାଣ ର ମୂର୍ତ୍ତି
ସହିଯିବାକୁ ହୁଏ ଦୁଃଖ ର ପ୍ରହାର... @

କେତେଦିନ ପାଲଟି ପାରିବ ପଥର
ପୂର୍ଣ୍ଣାହୂତି ପରେ ନଷ୍ଟେ ହେବ ବିସର୍ଜନ
ପ୍ରତାରଣା କରି ନିଜ ଭାଗ୍ୟ
ରଚିବ ଆଗ୍ନେୟ ଗିରି ଉଦଗୀରଣ... @

ଗଛ ଡାଳେ ତୋଳ ବସା
ପବନ କୁ କରୁ ଆଶ୍ରା
ଅଦିନଆ ପବନ ରେ
ଛିଡି ଯାଏ ବାୟା ବସା.... @

ସ୍ୱପ୍ନ ହୁଏ ଚୁନା ଚୁନା
ହେଲେ ମଣିଷ ହାର ମାନେନା
ଯୋଗାଡ଼ି ନଏ ହଜେଇ ଥିବା ଆଶା
ଗଢି ଗ୍ଭଲେ ଆଉ ଥରେ ତା ଆଶାର ବସା.... @

ଖୋଜି ବୁଲେ ସୁଖର ଠିକଣା
ହେଲେ ଭାଗ୍ୟ ଆଉ ଜୀବନ ର ଦୋ ଛକରେ
ହୋଇଯାଏ ବାଟବଣା
ଧାଇଁଯାଏ ଆତ୍ମସମିକ୍ଷା ର କତି
ବୁଝିନଏ ଯେତିକି ପାଇଛି ସେତିକି ରେ
ଶାନ୍ତି..... @

କାକଟପୁର, ପୁରୀ

# ବାଳ ଅପରାଧ ଓ ଆଇନ୍



ଆପ୍ତକାମ ମିଶ୍ର

ଆଜିର ପିଲା, ଆସନ୍ତା କାଲି ଦେଶର ଭବିଷ୍ୟତ । ସେମାନେ ହେଲେ ଦେଶର ସମ୍ପଦ । ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯିବା ଦରକାର । ତାଙ୍କୁ ଭଲଭାବେ ଗଢିତୋଳିବା ପ୍ରତ୍ୟେକ ରାଷ୍ଟ୍ରର ନୈତିକ କର୍ତ୍ତବ୍ୟ । ଭାରତୀୟ ସମ୍ବିଧାନ ଏକ ସୁନ୍ଦର ଭାରତର ସ୍ୱପ୍ନ ଦେଖିଛି ଯେଉଁଥିରେ ଦେଶର ଭବିଷ୍ୟତ ଅର୍ଥାତ ପିଲାମାନଙ୍କ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବାକୁ ସମସ୍ତ ଚେଷ୍ଟା କରାଯାଇଛି ଓ ସମୟ ଅନୁସାରେ ନ୍ୟାୟୋଚିତ ପରିବର୍ତ୍ତନ ମଧ୍ୟ କରାଯାଉଛି ।

ଭାଗ୍ୟର ବିଡମ୍ବନା ନା ଭାରତବର୍ଷର ଦୁର୍ଭାଗ୍ୟ, ଜନବହୁଳ ରାଷ୍ଟ୍ରହେତୁ ବର୍ତ୍ତମାନ ବହୁତ ପିଲା ଆମ ଦେଶରେ ନିଜ ଅଧିକାରରୁ ବଞ୍ଚିତ ଅଛନ୍ତି । ସେମାନଙ୍କ ଜୀବନର ଆରମ୍ଭ ରାସ୍ତା କଡ ଓ ଶେଷ ମଧ୍ୟ ସେହି ରାସ୍ତା କଡ । ଅଧିକାରରୁ ବଞ୍ଚିତ ରାସ୍ତା କଡର ସେହି ପିଲା ପ୍ରାପ୍ତ ବୟସ ହେଲାବେଳକୁ ଦୁର୍ଦ୍ଦାନ୍ତ ଅପରାଧିରେ ପରିଣତ ହୋଇଯାଉଛି । ଏଥିପାଇଁ ଉତ୍ତରଦାୟୀ କିଏ? ସମ୍ଭବତଃ ଏହାର ଉତ୍ତର ସମସ୍ତଙ୍କ ପାଖରେ ଅଛି, କିନ୍ତୁ ସମସ୍ତେ ନିରୁତ୍ତର ।

ଅପରାଧିକ ପୃଷ୍ଠଭୂମି ଥାଇ ବାଳ ଅପରାଧିରୁ ଦୁର୍ଦ୍ଦାନ୍ତ ଅପରାଧି ଓ ଅପରାଧିକ ପୃଷ୍ଠଭୂମି ନଥାଇ ମଧ୍ୟ ବାଳ ଅପରାଧିରୁ, ଦୁର୍ଦ୍ଦାନ୍ତ ଅପରାଧି, ଏହି ପ୍ରକ୍ରିୟାକୁ ଆୟତ କରିବା ନିମିତ୍ତ ଭାରତରେ ବହୁତ ନିୟମକାନୁନ ତିଆରି ହୋଇଛି । ଏହି ନିୟମକାନୁନ ଯେ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ତିଆରି କରାଯାଇଛି ତାହା ନୁହେଁ, ପରାଧିନ ଭାରତରେ ମଧ୍ୟ ଏଭଳି ଆଇନ୍ ଥିଲା । ପ୍ରଚଳିତ ଆଇନ୍ ପୂର୍ବ ସମସ୍ତ ଆଇନ୍ ର କ୍ରମ ବିକାଶ । ୧୮୯୭ ମସିହାରେ ପ୍ରଥମଥର ପାଇଁ ବାଳ ଅପରାଧ ରୋକିବା ନିମିତ୍ତ ରିଫରମେଟୋରୀ ସ୍କୁଲ ଆକ୍ଟ ପାରିତ ହୋଇଥିଲା । ତାପରେ ୧୯୨୦, ୧୯୨୨, ୧୯୨୪ ଓ ୧୯୬୦ ରେ ବାଳ ଅପରାଧ ରୋକିବା ନିମିତ୍ତ ଗୁରେଟି ପ୍ରଦେଶରେ ପୃଥକପୃଥକ ଆଇନ୍ ପାରିତ ହୋଇଥିଲା ।

ପ୍ରଥମଥର ପାଇଁ ୧୯୮୬ ମସିହାରେ ଆର୍ନ୍ତଜାତିକ ମାନଦଣ୍ଡକୁ ଭିତ୍ତିକରି ଭାରତରେ ଏକକ ବାଳ ଅପରାଧ ଆଇନ୍ ପ୍ରଣୀତ ହୋଇଥିଲା । କିନ୍ତୁ ୨୦୦୨ ମସିହାରେ ଉକ୍ତ ଆଇନ୍ ର ପରିସଂସ୍କରଣ ରୂପ ଆସିଲା ଯାହାକି ୨୦୦୧ ମସିହା ଅପ୍ରେଲ ମାସରୁ କାର୍ଯ୍ୟକାରୀ ହେଲା । ତାପରେ ୨୦୦୬ ଓ ୨୦୧୦ ମସିହାର ଆଇନ୍ ରେ ବ୍ୟାପକ ପରିବର୍ତ୍ତନ କରାଗଲା ।

୨୦୧୨ ମସିହା ଆଇନ୍ ରେ ଅପରାଧିର ବୟସ ଅପରାଧ ଘଟାଇବା ସମୟରେ ୧୮ ବର୍ଷ ହୋଇନଥିଲେ ଉକ୍ତ ଅପରାଧିକୁ ବାଳ ଅପରାଧି ବୋଲି ବିବେଚନା କରାଯିବାର ପ୍ରାବଧାନ ଥିଲା । କିନ୍ତୁ ୨୦୧୨ ମସିହାରେ ଘଟିଥିବା ନିର୍ଭୟା ଗଣ ବଳାତ୍କାର ଘଟଣାଟି ଅପରାଧିର ବୟସକୁ ୧୮ ବର୍ଷରୁ କମ କରାଇବା ପାଇଁ ସରକାରଙ୍କୁ ଏକ ପ୍ରକାର ବାଧ କରିଦେଇଥିଲା । ଫଳରେ ୨୦୧୫ ମସିହାରେ ପାରିତ ହୋଇଥିବା ବାଳ ଅପରାଧ ଆଇନ୍ ରେ ଅପରାଧିର ବୟସ ଅପରାଧ ଘଟାଇଥିବା ସମୟରେ ୧୬ ବର୍ଷରୁ ୧୮ ବର୍ଷ ମଧ୍ୟରେ ଉକ୍ତ ଅପରାଧିକୁ ସାଧାରଣ ଅପରାଧି ଭାବେ ବିବେଚନା କରାଯିବ ବୋଲି ପ୍ରାବଧାନ ରହିଲା । ୨୦୧୫ର ପରିବର୍ତ୍ତନ ପରେ ଉକ୍ତ ଆଇନ୍ ର ଏକ ପୂର୍ଣ୍ଣାଙ୍ଗ ବାଳ ଅପରାଧ ଆଇନ୍ ଭାବେ ପରିଗଣିତ କରାଗଲା ।

୨୦୧୨ ମସିହା ବାଳଅପରାଧ ଆଇନ୍ ରେ ଅପରାଧିର ବୟସ ନିର୍ଦ୍ଧାରଣ ସମ୍ବନ୍ଧରେ କିଛି ବ୍ୟାଖ୍ୟା ନଥିଲା; କିନ୍ତୁ ୨୦୧୫ ମସିହା ହୋଇଥିବା ପରିବର୍ତ୍ତନରେ ଧାରା ୯୪ ଅନୁଯାୟୀ ଅପରାଧ ନାବାଳକ କି ସାବାଳକ ତାହା ଏକ କମିଟି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ଦ୍ଧାରଣ କରିବେ । ଅପରାଧିର ସଠିକ୍ ବୟସ ନିର୍ଦ୍ଧାରଣ କରିବା ନିଶ୍ଚିତ ଭାବରେ ଏକ ସମ୍ବେଦନଶୀଳ ଘଟଣା । କମିଟିର ନିଷ୍ପତ୍ତି ଅପରାଧିର ଭାଗ୍ୟ ବଦଳେଇ ଦେବ । ତେଣୁ ଅତି ସତର୍କତାର ସହିତ କମିଟି ସଭ୍ୟମାନଙ୍କୁ ଏ କାର୍ଯ୍ୟ ସମ୍ପାଦନା କରିବାକୁ ପଡିଥାଏ । କମିଟି ସଭ୍ୟମାନଙ୍କ କାର୍ଯ୍ୟ କିପରି ଆଇନ୍ ଅନୁଯାୟୀ ଠିକ୍ ହେବ ସେଥିପାଇଁ ଧାରା ୯୪ ରେ ପ୍ରାବଧାନ ରହିଛି । ଉକ୍ତ ଧାରା କୁ ଆଧାର କରି କମିଟି ବୟସ ନିର୍ଦ୍ଧାରଣର ନିଷ୍ପତ୍ତି ନେବ । ଉକ୍ତ ଧାରା ଅନୁଯାୟୀ ଜନ୍ମ ସଠିକତା ଜାଣିବା ପାଇଁ:-

୧. ଅପରାଧି ଅପରାଧ କରିଥିବା ସମୟରେ ଯଦି ସ୍କୁଲରେ ପାଠ ପଢୁଥିବ ତେବେ ସ୍କୁଲ ଦ୍ୱାରା ପ୍ରଦାନ କରାଯାଇଥିବା ଜନ୍ମ ପ୍ରମାଣପତ୍ର, କିମ୍ବା ପରୀକ୍ଷା ନିୟନ୍ତ୍ରଣ କରୁଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ସମିତି ଦ୍ୱାରା ପ୍ରଦାନ କରାଯାଇଥିବା ଜନ୍ମତାରିଖ ପ୍ରମାଣପତ୍ର; ଯଦି ଏ ସବୁ ନାହିଁ, ତେବେ;

୨. ପଞ୍ଚାୟତ, ମ୍ୟୁନସିପାଲିଟ୍ କମ୍ବା କରପୋରେସନ୍ ଦ୍ୱାରା ପ୍ରଦାନ କରାଯାଇଥିବା ଜନ୍ମ ପ୍ରମାଣପତ୍ର । ଏ ଦୁଇଟା ମଧ୍ୟରୁ ଯଦି କିଛି ନଥିବ, ସେ କ୍ଷେତ୍ରରେ;

୩. କମିଟି ବୟସ ନିର୍ଦ୍ଧାରଣ ନିମିତ୍ତ ଅସିଫିକେସନ୍ ପରୀକ୍ଷା କମ୍ବା ଅନ୍ୟ କୌଣସି ଅତ୍ୟାଧୁନିକ ପରୀକ୍ଷା ପାଇଁ ଅନୁମତି ଦେବେ । ଉକ୍ତ ପରୀକ୍ଷା ଆଦେଶ ଦେବାର ୧୫ ଦିନ ମଧ୍ୟରେ ସରିବ । ପରୀକ୍ଷାକୁ ଆଧାର କରି ଅପରାଧିର ପ୍ରକୃତ ବୟସ ନିର୍ଣ୍ଣୟ ହେବ ।

୨୦୧୫ରେ ହୋଇଥିବା ପରିବର୍ତ୍ତିତ ଆଇନ୍ ରେ ଏକଥା ସ୍ପଷ୍ଟ ହୋଇଯାଇଛି ଯେ, ଉପରୋକ୍ତ ତିନୋଟି ଧାରା ମଧ୍ୟରେ ଯେ କୌଣସି ଗୋଟିଏ ଧାରାକୁ ଆଧାର କରି ଅପରାଧିର ବୟସ ନିଶ୍ଚୟ କରାଯାଇପାରିବ । କିନ୍ତୁ ଉପରୋକ୍ତ ପ୍ରଥମ ୨ଟି ଧାରା ଆଧାରରେ ବୟସ ନିର୍ଣ୍ଣୟ କରୁଥିବା ସମୟରେ କମିଟିକୁ ଅତ୍ୟଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ । କାରଣ ଅପରାଧି ବହୁ ସମୟରେ ଅସତ୍ ଉପାୟ ଅବଲମ୍ବନ କରିବାର ଉଦାହରଣମାନ ରହିଛି । ଯେଉଁ ନଥିପତ୍ର ଆଧାରରେ କମିଟି ଦୋଷୀର ଜନ୍ମ ତାରିଖ ନିର୍ଘଣ୍ଟ କରିବେ ଉକ୍ତ ନଥିପତ୍ର ସମ୍ପୂର୍ଣ୍ଣ ଠିକ୍ ବୋଲି କମିଟିର ବିଶ୍ୱାସ ହୋଇଥିବା ଦରକାର ।

ଏ ପରିପ୍ରେକ୍ଷିରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ୧୯୯୮ ମସିହାରେ ପ୍ରଦାନ କରିଥିବା ଏକ ଆଦେଶ ଉପରେ ଆଲୋକପାତ କରିବାର ଆବଶ୍ୟକତା ଅଛି । ମାମଲାଟି ଥିଲା ବିରାତମଲ ସିଙ୍ଘଭି ବନାମ ଆନନ୍ଦ ପୁରୋହିତ । ଉକ୍ତ ମାମଲାର ବିଚାର କରି ମାନ୍ୟବର ଅଦାଲତ ଏହି ଆଦେଶ ଦେଇଥିଲେ ଯେ, ସ୍କୁଲ ଆଡମିସନ୍ ରେଜିଷ୍ଟରରେ ଜନ୍ମ ତାରିଖ ଲେଖା ହୋଇଗଲେ ତାହାକୁ ସଠିକ୍ ଜନ୍ମ ତାରିଖ ବୋଲି କୁହାଯାଇପାରିବ ନାହିଁ । ଉକ୍ତ ତାରିଖକୁ ସଠିକ ଜନ୍ମ ତାରିଖ ବୋଲି ସେତେବେଳେ କୁହାଯିବ ଯେତେବେଳେ ପିଲାର ପିତାମାତା ମୌଖିକ ଭାବେ କହିବେ ଯେ, ସ୍କୁଲରେ ଲେଖାଥିବା ଜନ୍ମ ତାରିଖ ହିଁ ପିଲାର ପ୍ରକୃତ ଜନ୍ମ ତାରିଖ । ଏଭଳି ଏକ ଘଟଣା ନିର୍ଭୟା ମାମଲାର ଅଭିଯୁକ୍ତ ପଓ୍ୱନ ଗୁପ୍ତା କ୍ଷେତ୍ରରେ ଘଟିଥିଲା । ନିମ୍ନ ଅଦାଲତରେ ନିର୍ଭୟା ମାମଲାର ବିଚାର ଚାଲିଥିବା ସମୟରେ ପଓ୍ୱନର ପିତା ଅଦାଲତକୁ ସତ୍ୟପାଠ ମାଧ୍ୟମରେ ଜଣାଇଥିଲେ କି, ଅପରାଧ ଘଟାଇବା ସମୟରେ ପଓ୍ୱନର ବୟସ ୧୮ ବର୍ଷ ଥିଲା । କିନ୍ତୁ ସ୍କୁଲ ସାର୍ଟିଫିକେଟ ଅନୁସାରେ ପଓ୍ୱନର ବୟସ ୧୮ ବର୍ଷରୁ କମ ଥିଲା । ମାନ୍ୟବର ଅଦାଲତ ବୟସ ନିର୍ଣ୍ଣୟରେ ପିତାମାତାଙ୍କ କଥାକୁ ଗ୍ରହଣ କରିଥିଲେ ।

ବର୍ତ୍ତମାନ ଆମେ ଆଲୋଚନା କରିବା କମିତି ସମ୍ମୁଖରେ ବୟସ ନିର୍ଣ୍ଣୟରେ ଅସିଫିକେସନ୍ ପରୀକ୍ଷା । ଏ ଅସିଫିକେସନ୍ ପରୀକ୍ଷା କଣ**?**

ସମଗ୍ର ବିଶ୍ୱରେ ଅପରାଧିର ହାରାହାରି ବୟସ ନିର୍ଦ୍ଧାରଣ କରିବା ନିମିତ୍ତ ଭିନ୍ନ ଭିନ୍ନ ବୈଜ୍ଞାନିକ ପରୀକ୍ଷା ପଦ୍ଧତି ଅବଲମ୍ବନ କରାଯାଉଛି । ତନ୍ମଧ୍ୟରୁ ଭାରତରେ ପ୍ରଚଳିତ ପରୀକ୍ଷା ପଦ୍ଧତି ହେଉଛି ଅସିଫିକେସନ୍ ପରୀକ୍ଷା ପଦ୍ଧତି ।

କୋମଳାସ୍ଥି ଅସ୍ଥିକୁ ପରିବର୍ତ୍ତନ ହେବା ପ୍ରକ୍ରିୟାକୁ ଅସିଫିକେସ୍ କୁହାଯାଏ । ଏହି ପ୍ରକ୍ରିୟା ଆରମ୍ଭ ହୁଏ ଗର୍ଭଧାରଣର ୩ ମାସରୁ ସମ୍ପୂର୍ଣ୍ଣ ହୁଏ ୨୫ ବର୍ଷରେ । ବୟସ ଅନୁସାରେ ହେଉଥିବା ଏହି ପରିବର୍ତ୍ତନକୁ ଅନୁଶୀଳନ କରି ବୟସ ନିର୍ଣ୍ଣୟ କରାଯାଇଥିବା ପଦ୍ଧତିକୁ ଅସିଫିକେସନ୍ ପରୀକ୍ଷା କୁହାଯାଏ । ୧୮ ବର୍ଷରୁ କମ ପିଲାଙ୍କ ବୟସ ନିର୍ଦ୍ଧାରଣ ନିମିତ୍ତ ପରୀକ୍ଷା ପାଇଁ ହାତ ଓ ବଳାଗଣ୍ଠିର ଏକ୍ସରେ କରାଯାଏ । ଏହି ଏକ୍ସରେ କୁ ଅନୁଶୀଳନ କରି ଡାକ୍ତରମାନେ ବ୍ୟକ୍ତିର ହାରାହାରି ବୟସ ନିର୍ଦ୍ଧାରଣ କରିଥାନ୍ତି ।

ଏହି ପରୀକ୍ଷାର ମାନକୁ ନେଇ ମତପାର୍ଥକ୍ୟ ମଧ୍ୟ ରହିଛି । ପରୀକ୍ଷା ସମୟରେ ଯଦି ଏକାଧିକ ଗଣ୍ଠିର ଏକ୍ସରେ କରାଯାଇ ବୟସ ଆକଳନ କରାଯାଇଥିବ, ତେବେ ହାରାହାରି ବୟସ ନିର୍ଦ୍ଧାରଣରେ ୬ ମାସର ତାରତମ୍ୟ ରହିବ । ଉଦାହରଣ ସ୍ୱରୂପ ଯଦି ଜଣେ ଅଭିଯୁକ୍ତ କହୁଛି ତାର ବୟସ ୧୪ ବର୍ଷ, ପରୀକ୍ଷା ପରେ ତାର ବୟସ ୧୪ ବର୍ଷ ୬ ମାସ କିମ୍ବା ୧୩ ବର୍ଷ ୬ ମାସ ହୋଇପାରେ । କିନ୍ତୁ ଯଦି ଗୋଟିଏ ଗଣ୍ଠିର ଏକ୍ସରେ ନିଆଯାଇ ବୟସ ଆକଳନ କରାଯାଇଥିବ, ସେ କ୍ଷେତ୍ରରେ ହାରାହାରି ବୟସର ତାରତମ୍ୟ ୪ ବର୍ଷ ଫରକ ହୋଇପାରେ । ମାନ୍ୟବର ଅଦାଲତ ୨୦୧୧ ମସିହାରେ ଛୋଟେ ଲାଲ୍ ବନାମ୍ ୟୁପି ମଧ୍ୟରେ ହୋଇଥିବା ମାମଲାର ବିଚାର କରି ଏହି ଆଦେଶ ଦେଇଥିଲେ ଯେ, ହାରାହାରି ବୟସ ଆକଳନରେ ୨ ବର୍ଷ ଫରକ ଆଦୌ ଗ୍ରହଣୀୟ ନୁହେଁ । ୬ ମାସ ଫରକ ରହିବ ସେଭଳି ମଧ୍ୟ କୌଣସି ଆଇନ୍ ନାହିଁ । କିନ୍ତୁ ୬ ମାସ ଫରକ ଗ୍ରହଣଯୋଗ୍ୟ ଯୁକ୍ତି ।

ବର୍ତ୍ତମାନ ସମଗ୍ର ବିଶ୍ୱରେ ସଠିକ୍ ବୟସ ନିର୍ଦ୍ଧାରଣ ନିମିତ୍ତ ଭିନ୍ନ ଭିନ୍ନ ପରୀକ୍ଷା ପଦ୍ଧତିର ସାହାଯ୍ୟ ନିଆଯାଉଛି । କିନ୍ତୁ କେଉଁ ପଦ୍ଧତିଟି ଠିକ୍ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ । ଅର୍ଥାତ୍ ପ୍ରଚଳିତ ସମସ୍ତ ପରୀକ୍ଷା ପଦ୍ଧତିର କିଛି ନା କିଛି ଭୁଲ୍ ରହିଛି ।

ଭାରତରେ ଅସିଫିକେସନ୍ ପ୍ରଣାଳୀରେ ପରୀକ୍ଷା କରିବା ନିମିତ୍ତ ଆଇନ୍ ରେ ପ୍ରାବଧାନ ରହିଛି । ତେଣୁ ମାନ୍ୟବର ଅଦାଲତ ଜର୍ନାଲ ସିଂ ବନାମ ହରିଆନା ମାମଲାରେ ବିସ୍ତୃତ କରି ଆଦେଶ ଦେଇଛନ୍ତି ଯେ, ଅସିଫିକେସ୍ ପରୀକ୍ଷା ଆଧାରରେ ହିଁ ଉଭୟ ପୀଡିତା ଓ ଦୋଷୀର ବୟସ ନିର୍ଦ୍ଧାରିତ ହେବ, ଏଥିରେ କୌଣସି ଦ୍ଵିମତ ନାହିଁ । ଅର୍ଥାତ ଅସିଫିକେସନ୍ ପରୀକ୍ଷା ପ୍ରଣାଳୀ ବୟସ ନିର୍ଦ୍ଧାରଣରେ ଆଇନ୍ ସିଦ୍ଧ ଅଟେ ।

ଅସିଫିକେସନ୍ ପରୀକ୍ଷା ପ୍ରଣାଳୀ ରେ ଥିବା ତ୍ରୁଟିରେ ନିର୍ଦ୍ଦିଷ୍ଟ ଭାବେ ସୁଧାର କରାଯାଇପାରିଲେ ସୃଷ୍ଟି ହେଉଥିବା ଦ୍ଵନ୍ଦ ସବୁଦିନ ପାଇଁ ସମାଧାନ କରାଯାଇପାରନ୍ତା । ଏ ବିଷୟରେ ଭାବିବାର ସମୟ ଆସିଛି ।

ଆଇନଜୀବୀ
ଓଡିଶା ହାଇକୋର୍ଟ, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କାଠ ଠାକୁର



ନରେନ୍ଦ୍ର ପ୍ରସାଦ ବେହେରା

କାଠର ଠାକୁର ଆହେ ଜଗନ୍ନାଥ
କାହିଁକି କରିଲ ଊଣା
ଆଖିଲୁହ ମୋର ଆଖିରେ ମରୁଛି
ପାଉଛି ସବୁଠି ଘୃଣା ।୨।

ଦୁଃଖୀଟିଏ କରି ଜନମ ଦେଇଛ
କାନ୍ଦି କାନ୍ଦି ଯିବି ମରି
ଏ ଜୀବନ ମୋର ହେବନି ସାର୍ଥକ
ଯାଇପାରୁ ନାହିଁ ପୁରୀ ।୨।

ତୋ ସଙ୍ଗତେ ଦେଖି ଭାଇ ଭଉଣୀଙ୍କୁ
ହୃଦୟ ଯାଏ ମୋ ଫାଟି
ଆଜି ମୁଁ କାହିଁକି ବଞ୍ଚିତ ସେଥିରୁ
କହ ମୋତେ ଖୋଲି ପାଟି ।୩।

ଲୀଳା ମୟ ତୁହି ଲୀଳାର ଠାକୁର
ନାହିଁ ତୋର ପଟାନ୍ତର
କାହିଁକି କହିବି ତୁମକୁ ପ୍ରଭୁ ହେ
ଜଗତ ବଡ଼ ଠାକୁର ।୪।

କାଠରେ ନିର୍ମିତ କାଠ ଠାକୁର ହେ
କାହିଁକି ଏତେ ପାଷାଣ
କି ଦୋଷ କରିଲି ବାପାମାଆ ମୋର
ଦେଇଲେ ଝିଅଟେ ଜାଣ ।୫।

ଆଜି କାହିଁ ଯିବି ତୋ ବଡ଼ ଦେଉଳେ
ଦେଖିବାକୁ ସୁନା ବେଶ
ଦେଖି ତୋର ବେଶ ଲାଖିଯିବ ଆଖି
ହୋଇଯିବି ମୁଁ ବେହୋସ ।୬।

ସ୍ନେହ ଶରଧାରେ ଭଉଣୀ ସାଥିରେ
ରତନ ବେଦୀରେ ବସି
ମୋ ଦୁଃଖକୁ ଦେଖି ମଉନେ ତୁ ବସି
ଦେଉଛୁ ମୁରୁକି ହସି ।୭।

ଲୁଚକାଳି ଆଉ ଖେଳନି ଠାକୁର
ହୋଇଯିବ ବରବାଦ
କେଉଁଠି ରଖିଛ ଲୁଗାଇ ଭଉଣୀ
ଆଣିଦିଅ ତା ସମ୍ବାଦ ।୮।

ବର୍ଷେ କରେ ଥରେ ପଡୁନାହିଁ ପାଦ
ମୋଘର ଦୁଆରେ ତାର
କେତେ ଦୂରେ ଅଛି କେଉଁ ଜିଲ୍ଲା ଘର
ହୋଇଅଛି କି ମାଷ୍ଟର !୯!

ଖୋଜି ଖୋଜି ଆଜି ନୟାନ୍ତ ହେଲିଣି
ପାଉନି ତା ଘରଦ୍ୱାର
ଏତେ ନିରଦୟ କାଠର ଠାକୁର
ମୋ ପାଇଁ ହୋଇଲୁ ପର ।।୧୦।।

ଆଳନ୍ଦା, ଖଇରା, ବାଲେଶ୍ୱର

# ଜୀବନ ଯୋଉଠି



ପ୍ରକାଶ ଚନ୍ଦ୍ର ପଣ୍ଡା

ଜୀବନ ଆଉ ମରଣ ମଧ୍ୟରେ
ଯନ୍ତ୍ରଣା ର ଲୁଚକାଳ,
ସେଇ ଲୁଚକାଳ ମାନବ ଜୀବନେ
ସାଜିଛି ଆଜି ଶିକୁଳ ।
ଶିକୁଳ ର ବେଡି ପଡିଛି ତା ପାଦେ
ଆଶା ହୋଇଛି ନିରାଶା,
ସେଇ ନିରାଶାରେ ଭରିଛି ଜୀବନ
ହତାଶ ରୂପି ତମସା ।
ସେଇ ତମସାର ଘନ ଅନ୍ଧକାର
ନୁହେଁ ଆଉ ବେଶି ଦୂର,
ସେହି ଦୂର ଦିନେ ନିକଟ ହୋଇବ
ନୂଆ ଆଶାର ସଂଗ୍ରର ।

ସେଇ ଆଶାକୁ ହୃଦୟେ ସାଉଁଟି
ବିତିଯାଉ ପ୍ରଭୁ ଦିନ,
ଯନ୍ତ୍ରଣା ଯୋଉଠି ଜୀବନ ସେଇଠି
ସବୁତ ତୁମରି ଦାନ ।
ସୁଖରେ ତ ଖୁସି ହୋଇଛୁ ଅନେକ
ଦୁଃଖରେ ଭାଙ୍ଗିବୁ କିଆଁ,
ଜୀବନ ଯୋଉଠି ଯନ୍ତ୍ରଣା ସେଇଠି
ସବୁତ ତୁମ କମିଆଁ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ସଂକୀର୍ଣ୍ଣତା



ଶ୍ରୀକ୍ଷେତ୍ର ସୁନ୍ଦର

ସ୍ରଷ୍ଟାଙ୍କ ଏ ବିଶାଳ ସୃଷ୍ଟି
ବିସ୍ତୀର୍ଣ୍ଣ ଧରଣୀ, ଅମାପ ଆକାଶ
ବିଶାଳ ପର୍ବତ, ଗଭୀର ସାଗର
ଅବିଶ୍ରମ ଗତିରେ ବହି ଯାଉଥିବା ନଦୀ
ଯେଉଁଠି ସଂକୀର୍ଣ୍ଣତାର ଚିହ୍ନ - ବର୍ଣ୍ଣ ନାହିଁ
ହେଲେ,
ମଣିଷ ଏଠି ତା "ମୁଁ" ର ଅଦେଖା ଶିକୁଳରେ ବନ୍ଧା
ଖାଲି ଶରୀରତ ନୁହେଁ ଆତ୍ମାବି ତାର ବନ୍ଦୀ
ପ୍ରତିଥର ସେ ତା ଚେତନାର ଡେଣାକୁ
ଅତି ନିର୍ଦ୍ଦୟତାର ସହ କାଟିଛି
ଯିଏ ଦିନେ ସ୍ୱାଧୀନ ଭାବେ
ଉଚ୍ଚକୁ ଉଡିବାକୁ ପ୍ରୟାସ କରିଛି

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

# ବର୍ଷା



ତ୍ରିପତି ପ୍ରଧାନ

ଆଣିଦିଏ ବର୍ଷା ଭାବ ନୂଆ ନୂଆ
ଶିଶୁଠୁ କୃଷକ ଯାଏ
ଭାବ କରମରେ ମଜି ଆନନ୍ଦରେ
ଖୁସିକୁ ସାଉଁଟି ଥାଏ (୧)
ଶିଶୁର କାଗଜ ଡଙ୍ଗାଟି ସହଜ
ବର୍ଷା ସୁଅରେ ଭସାଇ
ପ୍ରଫୁଲ୍ଲିତ ମନେ କର ତାଳ ତାନେ
ନାଚୁଥାଏ ଥେଇ ଥେଇ (୨)
ପିଲାର ଆନନ୍ଦେ ବାପା ମାଆ ହୃଦେ
ପୁଲକତ ଭରିଯାଏ
ବାରଣ୍ଡାରେ ବସି କରି ମନ ଖୁସି
ଛୁଆ ପରେ ଆଖି ଥାଏ (୩)
କୃଷକର ସାଥୀ ବରଷା ରାଣୀଟି
ଦେଖି ମନ ଛନ ଛନ
ଚଷ୍ଠ ହସ ହସ କରିବାକୁ ଚାଷ
ସାଇତେ କୃଷି ସାମାନ (୪)
ପନପରିବାର କାର୍ଯ୍ୟ ଧୁରନ୍ଦର
ଭିନ୍ନଭିନ୍ନ ବୀଜ ରୋପି
ଖାଦ୍ୟ ଖାଇବାରେ ରୁଚକର କରେ
ଭୋଗୀ ରୋଗୀ ତ୍ୟାଗୀ ତପି (୫)

ପୃଥିବୀ ମାତାକୁ ସବୁଜ ପାଟକୁ
କୃଷକ ଦିଅଇ ଭେଟି
ବରଷା ଚନ୍ଦ୍ରୀଣୀ ଆଙ୍କିଦିଏ ପୁଣି
କୁସୁମେ ନାନା ରଙ୍ଗଟି (୬)
ବାଟରେ ବାଟୋଇ ସୂଚନାକୁ ପାଇ
ଗମେ ହୋଇ ତର ତର
ବେପାରୀ ତା ଚଜ କରେ ସଜବାଜ
ଫେରାଏ ଥାକ ଭିତର (୭)
ଜେଜେଜେଜୀ ପାଶେ ନାତିନାତୁଣୀଏ
ଘେରିଣ ଗପ ଶୁଣନ୍ତି
ପାକୁଆ ପାଟିରେ ସ୍ନେହ ମମତାରେ
କହିଣ ମନ ମୋହନ୍ତି (୮)

ସଂସ୍କୃ ତଶିକ୍ଷକ, ଚକଟି

# ରାମଗଡ : ଡାଳମ୍ବ ଫୁଲର ଉପତ୍ୟକା

ପ୍ରିୟବ୍ରତ ପାଣ୍ଡ

ତୁଳନାତ୍ମକ ଭାବେ କୁହାଯାଇପାରେ ନୈନୀତାଲ ଯଦି ଏକ ବୃହତ୍ ପଦ୍ମବନ ହୁଏ, ରାମଗଡ ହେଉଛି ପଦ୍ମବନ କୂଳରେ ଥିବା ଛନଛନଆ ଘାସଫୁଲର ବିସ୍ତୀର୍ଣ୍ଣ ପ୍ରାନ୍ତର, ନିଜ ରୂପରେ, ନିଜ ନିଛକ ପଣରେ ନିଜେ ବିଭୋର। ରବୀନ୍ଦ୍ର ନାଥ ଠାକୁର, ମହାଦେବୀ ବର୍ମା ଓ ମୋତିଲାଲ ନେହେରୁଙ୍କ ଭଳି ଲୋକ ଏଠାରେ ଅଟକି ଯାଆନ୍ତି, ନିଜ ରସିକ ପଣରେ ଲେଖନୀ ବା ତୁଳୀ ଧରି କଳ୍ପନାର କାନଭାସ୍ ରେ ଉତାରି ପକାନ୍ତି ଏହି ଅଳ୍ପଜଣା ହିମାଳୟୀ ଗାଁଟିର ରୂପରାଜିକୁ। କିନ୍ତୁ ସମସ୍ତେ ହାରିଯାଇ ଶେଷରେ ଲୀନ ହୋଇଯାଇଛନ୍ତି ସୌନ୍ଦର୍ଯ୍ୟର ଅସୀମ ଗଭୀରତା ଭିତରେ।

ଏହି ରାମଗଡ "ଶୋଲେ" ବର୍ଣ୍ଣିତ ରାମଗଡ ନୁହେଁ। ଉତ୍ତରାଞ୍ଚଳର କୁମାୟୁନ ଡିଭିଜନ୍ ରେ ନୈନୀତାଲ ସହରଠାରୁ ୨୬ କି.ମି. ଦୂରରେ ଏହି ରାମଗଡର ଅବସ୍ଥିତି। ଗୋଟିଏ ପାର୍ବତ୍ୟ ଝରଣାର ଦୁଇପାଖରେ ଥିବା ଉପତ୍ୟକା, ତନମଧ୍ୟସ୍ଥ ମାଇଲ୍ ମାଇଲ୍ ବ୍ୟାପି ଫଳ ବଗିଚା, ଫୁଲ ବଗିଚା ଓ ଠାଏଁ ଠାଏଁ ଗଢି ଉଠିଥିବା ରହିବା ଘରକୁ ନେଇ ରାମଗଡ ଗାଁ। ଗ୍ରୀଷ୍ମବାସ ପାଇଁ ସେହି ଝରଣାରୁ ପାଣି ମିଳିଯାଏ, ବାକି ପାଣି ମିଳିଥାଏ ବର୍ଷାରୁ, କାକର ଟୋପାରୁ ବା ବରଫ ପାତରୁ। ଧୂଷ୍ଟା ପର୍ବତ ଢାଲୁରେ ମଣିଷ ରୋପିତ ଫୁଲ ଫଳ ଗଛରେ ପର୍ବତ ପୁନଃ ପଲ୍ଲବୀତ। ଫଳ ଗଛକୁ ଘେରି ଅଜସ୍ର ପ୍ରକାରର ବଣୁଆ ପକ୍ଷୀ, ସହସ୍ର ରଙ୍ଗର ପ୍ରଜାପତି ଓ ମତୁଆଲ ମଧୁମକ୍ଷୀଗଣ। ସାଧାରଣତଃ ମସନ୍ତ ଆସିଗଲେ ଫଳଗଛ ସବୁରେ ଫୁଲ ଆସିଥାଏ। ଧଳା ଓ ଗୋଲାପୀ ରଙ୍ଗର ପିଚ୍, ପିଅର୍, ଡାଳମ୍ବ, ଆଲୁ, ଆପ୍ରିକଟ, ଖୁମାନୀ, ଆଦିଙ୍କ ଫୁଲରେ ପ୍ରକୃତି ଲାଗେ ସତେକି କନ୍ୟା ବେଶରେ ପ୍ରିୟତମକୁ ଭେଟିବାକୁ ବାହାରିଛି। ଫଳ ଆସିଗଲେ ଗଛ ସବୁ ଫଳରେ ଲଦି ହୋଇ ନଇଁ ପଡନ୍ତି। ସେହି

ଫଳଭର୍ତ୍ତି ଗଛ ପାଖରେ ଫଟୋ ନ ଉଠେଇ ରହି ହୁଏନ । ମାଟି ଉପରେ ଏମିତି ଅଳୋଡା ଭାବେ ପଡିଥିବା ଫଳସବୁକୁ ଦେଖୁଥିବା ପର୍ଯ୍ୟଟକମାନେ ଲାଗନ୍ତି ଯେମିତିକ ରାଜାଙ୍କ ସାହାଣ ମେଲା ଖନ୍ଦାଶାଳରେ ଖାଦ୍ୟ ସାମଗ୍ରୀ ସବୁକୁ ରଙ୍କି ମାନେ ଚାହୁଁଛନ୍ତି । ଏଠି ଉଭୟ ପାର୍ବତ୍ୟ ଓ ବୃକ୍ଷ ଉପଯୋଗୀ ଡାଳମ୍ବ ଗଛ ଭରପୁର । ନାଲି ରଙ୍ଗର ଡାଳମ୍ବ ଫୁଲରେ ସାରା ଉପତ୍ୟକା ଭର୍ତ୍ତି ହୋଇଗଲେ ଶୀତଳ ଅଗ୍ନିର ବନ୍ୟା ଆସିଗଲା ପରି ଲାଗେ । ତେଣୁ କବିମାନେ ଏହି ଜାଗାଟିକୁ ଡାଳମ୍ବ ଫୁଲର ଉପତ୍ୟକା ବୋଲି କହିଥାନ୍ତି । ଆଧାତ୍ମିକ ଭାଷାରେ ଏହି ଫୁଲର ନାମ ଦିବ୍ୟ ପ୍ରେମ, ଅତଏବ ଆମେ ଏହି ଜାଗାକୁ ଦିବ୍ୟ ପ୍ରେମର ଉପତ୍ୟକା ବୋଲି କହିପାରିବା । ଆଜିକାଲି ଏକ ବେସରକାରୀ ଫାର୍ମ ଗ୍ଲାଡିଓଲି ନାମକ ଫୁଲ ବିଦେଶକୁ ରପ୍ତାନ କରୁଛି । ଜଙ୍ଗଲରେ ପ୍ରକୃତି ବର୍ଦ୍ଧିତ ରୋଡଡେନଡ୍ରମ୍ ଓ ଆକାଶିଆ ବୃକ୍ଷମାନେ ଯଥାକ୍ରମେ ଲାଲ ଓ ହଳଦିଆ ରଙ୍ଗର ଫୁଲରେ ମଣ୍ଡେଇ ହୋଇଥାନ୍ତି ।

ରାମଗଡର ଉଚ୍ଚତମ ପର୍ବତ ଶିଖରଟି ଗର୍ଗ ଋଷିଙ୍କ ନାମାନୁସାରେ ନାମିତ । ଏକଦା ହିମାଳୟ ପରିଭ୍ରମଣ କାଳରେ ରବୀନ୍ଦ୍ରନାଥ ଠାକୁର ଏହି ଜାଗାଟିକୁ ଦେଖି ଅଭିଭୂତ ହୋଇ ପଡିଥିଲେ ଏବଂ ପାଖାପାଖି ଦେଢବର୍ଷ ଏଠାରେ ରହିଥିଲେ । ଅଧିକାଂଶ ସନ୍ଧ୍ୟାଗୀତ ଓ ଗୀତାଞ୍ଜଳୀର ଶେଷ ପର୍ଯ୍ୟାୟର ସଙ୍ଗୀତ ସବୁ ଏଠାରେ ସୃଷ୍ଟି ହୋଇଥିଲା – ଯାହାକି ପରବର୍ତ୍ତି କାଳରେ ବିଶ୍ୱଗୁରୁଙ୍କ ନାଇଟ୍ ପଦବୀରେ ଭୂଷିତ କରିଥିଲା ଏବଂ ଆଗକୁ ଯାଇ ନୋବେଲ୍ ପୁରସ୍କାରରେ ଭୂଷିତ କରାଇଥିଲା । କୁହାଯାଏ – କବିତାର ପଂକ୍ତିସବୁ ମେଘଖଣ୍ଡ ପରି ପର୍ବତ ଶିଖର ସବୁରୁ ବିଶ୍ୱଗୁରୁଙ୍କ ଅନ୍ତର ଭିତରକୁ ପ୍ରବେଶ କରୁଥିଲା । ଏକଦା ରବୀନ୍ଦ୍ରନାଥ ବିଶ୍ୱଭାରତୀକୁ ଏଠାରେ ସ୍ଥାପନ କରିବାପାଇଁ ମନସ୍ଥ କରିଥିଲେ । ତାଙ୍କ ରହିବା ଜାଗାଟି ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି ଏବଂ ଦୂରରୁ ଦେଖିଲେ ଲାଗେ ଯେମିତି ବିଶ୍ୱଗୁରୁଙ୍କ ପରିଣତ ବୟସର ଶରୀରଟି ଅପଲକ ନୟନରେ ହିମାଳୟକୁ ଚାହିଁ ରହିଛି ।

ଏକଦା ମୋତିଲାଲ୍ ନେହେରୁ ସେ କାଳରେ ଏହି ଅଖ୍ୟାତ ପଲ୍ଲିଟିକୁ ନିଜର ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ନିମନ୍ତେ ବିଶ୍ରାମ ନିବାସ ରୂପେ ବାଛିଥିଲେ । ୧୯୨୦ ରେ ପ୍ରସିଦ୍ଧ ଦାର୍ଶନିକ ଓ ପ୍ରକୃତି ପ୍ରେମୀ ନାରାୟଣ ସ୍ୱାମୀ ଝରଣାକୂଳରେ କୁଟୀର ନିର୍ମାଣ କରି ତପସ୍ୟା କରିଥିଲେ ।

ସେ ଆଖପାଖର ଗାଁ ଲୋକଙ୍କୁ ଯେତିକ ଭଲପାଉଥିଲେ, ସରଳ ଗ୍ରାମବାସୀମାନେ ତାଠୁ ଅଧିକ ତାଙ୍କୁ ଭଲ ପାଉଥିଲେ । ବିଶ୍ୱବିଖ୍ୟାତ କବୟତ୍ରୀ ମହାଦେବୀ ବର୍ମା ଏଠାରେ ତେର ବର୍ଷ କଟାଇଥିଲେ । ଆଜି ତାଙ୍କରି ସ୍ମୃ ତି ରେ ନିର୍ମିତ ଏକ ସୁନ୍ଦର ଆର୍ଟ ଗ୍ୟାଲେରୀ ଯେଉଁଠି କବୟତ୍ରୀଙ୍କ ବଛାବଛା ଚିତ୍ରପଟ୍ଟ ସହ ପ୍ରକାଶିତ ପୁସ୍ତକ ଓ ପାଣ୍ଡୁଲିପିର ଏକ ସଂଗ୍ରହାଳୟ ରହିଛି । ଆଚାର୍ଯ୍ୟ ନରେନ୍ଦ୍ର ଦେବ ବୌଦ୍ଧ ଦର୍ଶନର ଅନେକ ଗୁଢ ରହସ୍ୟର ବ୍ୟାଖ୍ୟା ଏଠାରେ ଲେଖିଥିଲେ । ଜୀବିତାବସ୍ଥାରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସୂକ୍ଷ୍ମ ଆଗମନ ଏହି ଗାଁଟିକୁ ଘଟିଥିଲା । ଆଶୀର୍ବାଦ ଓ ଅଭୀପସାକୁ ପାଥେୟ କରି ଏଠାରେ ଗଢି ଉଠିଥିଲା ଏକ ସାଧନା ମନ୍ଦିର ଯାହାର ନାମ ଥିଲା ତପୋଗିରି ।

ଆଧୁନିକ ଯୁଗରେ ରାମଗଡ ମୂଖ୍ୟତଃ ଏକ ଅବିମିଶ୍ରିତ ପର୍ଯ୍ୟଟନ ସ୍ଥଳୀ ରୂପେ ବିଖ୍ୟାତ । ରୋଡ କଡରେ ରହିଛି ଉପର ରାମଗଡ ଓ ତି .ମି. ତଳେ ରହିଛି ତଳ ରାମଗଡ । ମଧୁମକ୍ଷୀ ପାଳଣକାରୀଙ୍କ ସର୍ବଭାରତୀୟ ସ୍ତରରେ ମୁଖ୍ୟ କାର୍ଯ୍ୟାଳୟ ଏଠାରେ ରହିଛି । ପ୍ରତିଦିନ ଟ୍ରକ ଟ୍ରକ ଫଳ ଭାତତର ବିଭିନ୍ନ ପ୍ରାନ୍ତକୁ ଏଠାରୁ ଯାଇଥାଏ । ଆଧୁନିକ ରାମଗଡରେ ତପୋଗିରି ଏକମୁଖ୍ୟ ଆକର୍ଷଣ, ତେଣୁ ତା ବିଷୟରେ ଅବଗତ ହେବା ଜରୁରୀ ।

ସ୍ୱାଧୀନୋତ୍ତର ଭାରତରେ ଏହି ରାମଗଡ ଉପତ୍ୟକାରେ ଏକ ବିସ୍ତୀର୍ଣ୍ଣ ଭୂଖଣ୍ଡ, ପଣ୍ଡିଚେରୀ ସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ଅଧୀନକୁ ଆସିଗଲା । ଦାନ ସୂତ୍ରରେ ମିଳଥିବା ଏହି ଜାଗାଟିକୁ କଠିନ ଶ୍ରମ ଓ ନିଷ୍ଠା ମାଧ୍ୟମରେ ଇନ୍ଦ୍ରସେନ୍ ଓ ଅର୍ଜୁନ ଭାଇ ଏକ ଆଶ୍ରମରେ ପରିଣତ କରିଥିଲେ ଏବଂ ଏହାର ନାମ ଶ୍ରୀମା ଦେଇଥିଲେ ତପୋଗିରି । ଏହି ଜାଗାଟିକୁ କ୍ରୟ କରିବା ପାଇଁ ଜଣେ ଧନୀ ବ୍ୟକ୍ତି ଢେର ଅର୍ଥର ଲୋଭ ଦେଖାଇଥିଲେ । ଶ୍ରୀ ଅରବିନ୍ଦ ପତ୍ର ମାଧ୍ୟମରେ ଏହାର ଉତ୍ତରରେ ଲେଖିଥିଲେ: ଜାଗା ବିକ୍ରି ହେବ ନାହିଁ । ତପୋଗିରି ହେଉଛି ହିମାଳୟରେ ଆମର ପ୍ରଥମ ପାଦଥାପନର ଜାଗା । ତପୋଗିରି ନିକଟରେ ଥିବା ଫଳ ବଗିଚାର ନାମ ପର୍ବତ ସ୍ୱର୍ଗ ବୋଲି ଶ୍ରୀମା ନିଜେ ଦେଇଥିଲେ । ଏପରି ନାମକରଣର ଅର୍ଥ ହେଲା: ଛାର ପର୍ବତ ଟିଏ ନିଷ୍ଠା ଦ୍ୱାରା ଯେଉଁଠି ସ୍ୱର୍ଗରେ ପରିଣତ ହୋଇଥାଏ । କହିବା

ବାହୁଲ୍ୟ ସ୍ୱର୍ଗର ପର୍ବତ ଓ ପର୍ବତ-ସ୍ୱର୍ଗ ଭିତରେ ଢେର ଅର୍ଥଗତ ପାର୍ଥକ୍ୟ ରହିଛି । ୧୯୭୮ ଜୁନ୍ ୧୭ ତାରିଖ ରେ ତାରାଦିଦି, ଚମ୍ପକଲାଲ୍, କମଲା ବେନ୍, ଭିକ୍ଟର ଓ ଲେସଲୀଙ୍କ ଭଳି ମହାନ ସାଧକ/ସାଧିକା ମାନେ ଏହି ତପୋଗିରିରେ ଅକଠିତ ହୋଇଥିଲେ । ସେମାନଙ୍କ ଭୂରି ଭୂରି ପ୍ରଶଂସା ଓ ଦିବ୍ୟ ଅନୁଭୂତି ଦ୍ୱାରା ରାମଗଡ ପୁନର୍ବାର ବହୁ ଚର୍ଚ୍ଚିତ ହୋଇଥିଲା ।

ତପୋଗିରି ଠାରୁ ଦୁଇ କ.ମି. ଦୂରରେ ରହିଛି ଏକ ଅନନ୍ୟ ଅନୁଷ୍ଠାନ – ବିଶ୍ୱବନ୍ଧୁ । ଏହା ବିନା ଶୁଳକରେ ଏକ କନ୍ୟାଶ୍ରମ ଚଳାଇଥାଏ ଏବଂ ଫଳଗୃଷ ମଧ୍ୟ କରିଥାଏ । ଫଳ ବଗିଚ୍ଛର ନାମ ମଧୁବନ ଏବଂ ସେସବୁର ମାଲିକ ଜଣେ ଅମାୟିକ ମୁସଲମାନ ଡାକ୍ତର, ନାମ କୁର୍ବାନ ହୁସେନ୍ । ଚରତରୁଣ ଓ ଅବିବାହିତ ଡାକ୍ତର ହୁସେନ୍ ଅତିଥି ଚର୍ଚ୍ଚାରେ କୌଣସି କାର୍ପଣ୍ୟ କରନ୍ତି ନାହିଁ । କଭଳ ଓ କେଉଁ ପରିସ୍ଥିତିରେ ଡାକ୍ତର ଜଣେ ହିମାଳୟର ଏହି ପରିତ୍ୟକ୍ତ ଉପତ୍ୟକାରେ ଫଳଗୃଷ ଓ କନ୍ୟାଶ୍ରମ ଗଠନର ସ୍ୱପ୍ନ ଦେଖିଥିଲେ ତାହା ବାସ୍ତବରେ ରହସ୍ୟମୟ । କନ୍ୟାଶ୍ରମରେ ତାଲିମ ନେବା ପାଇଁ ଆଖପାଖରୁ, ଏପରିକି ଦଶ କ.ମି. ଦୂରରୁ ଝିଅମାନେ ଆସନ୍ତି । ହିମାଳୟର ଏହି ଅଞ୍ଚଳରେ, ପୁଅ ମାନଙ୍କର ଶିକ୍ଷା ପାଇଁ ଯାହା କିଛି ଖର୍ଚ୍ଚ କରାଯାଇଥାଏ । ପୁଅମାନେ ହାଲଦୱାନୀ, ନୈନୀତାଲ ବା ଆଲମୋଡାରେ ରହି ପଢନ୍ତି । କିନ୍ତୁ ଝିଅମାନଙ୍କୁ ସେ ସୁବିଧା ମିଳନଥାଏ । ବିଶ୍ୱବନ୍ଧୁ ଝିଅମାନଙ୍କୁ ସିଲେଇ, ଫେବ୍ରିକେସନ, କମ୍ପ୍ୟୁଟର, ଏମ୍ବ୍ରୋଡରୀ, ଜାମେ ଜେଲି ପ୍ରସ୍ତୁତି ଆଦିର ତାଲିମ ଦେଇଥାଏ । ଏହି ତାଲିମ ଦ୍ୱାରା ଝିଅମାନେ ନିଜେ ରୋଜଗାରକ୍ଷମ ହୋଇପାରନ୍ତି, ଶିକ୍ଷାର ଉପଯୋଗ କରିପାରନ୍ତି । ବିଶ୍ୱବନ୍ଧୁର ବାର୍ଷିକ ଉତ୍ସବ ଉପଲକ୍ଷେ ଏ ଲେଖକ ସେଠାରେ ଗୋଟିଏ ଦିନ ରହିବାର ସୁଯୋଗ ପାଇଥିଲା । ସିଦିନ କୁର୍ବାନ୍ ହୁସେନ୍ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପରିଚୟ ଦେଇଥିଲେ, ଡାକ୍ତରୀ ପାସ କରିଥିବା ଗାଁର ଏକମାତ୍ର ଝିଅଟିକୁ ସମସ୍ତଙ୍କୁ କେତେ ଖୁସିରେ ଦେଖାଇଥିଲେ । ଇନ୍ଦୁ ଦିଦି – ଯିଏକି ଆଖପାଖ ଗାଁ ସବୁ ବୁଲି, ଅଭିଭାବକ ମାନଙ୍କୁ ବୁଝାସୁଝା କରି ଝିଅମାନଙ୍କୁ ବିଶ୍ୱବନ୍ଧୁରେ ସାମିଲ କରାଇଥିଲେ, ସେ ମଧ୍ୟ ସେଠାରେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ସଂସ୍ଥା ତରଫରୁ ଆମ ଭଳି ଅତିଥି ମାନଙ୍କୁ ଫଳରସ ଓ ଭୂରି ଭୋଜନ ଦ୍ୱାରା ଯେଉଁ ଆତିଥ୍ୟ ପ୍ରଦର୍ଶନ

ହୋଇଥିଲା, ତାର ସମାନ୍ତରାଳ ଉଦାହରଣ ନାହିଁ । ମନୋରଞ୍ଜନ କାର୍ଯ୍ୟକ୍ରମରେ ଝିଅମାନେ ଆଞ୍ଚଳିକ ବେଶଭୂଷାରେ କୁମାୟୁନୀ ସଙ୍ଗୀତ ଗାନ କରିଥିଲେ । ଆଶ୍ଚର୍ଯ୍ୟ କଥା ସବୁଥିରେ ସେଇ ଗୋଟିଏ ସୂକ୍ଷ୍ମ ଭାବନା ଥିଲା । ପାହାଡୀ ଝିଅର କଳ୍ପନା, ସ୍ୱପ୍ନ, ସୁଖ, ଦୁଃଖ ଓ ଭବିଷ୍ୟତକୁ ନେଇ ସବୁତକ ପାହାଡୀ ଗୀତ ପ୍ରାଣବନ୍ତ ଥିଲା ।

ନୈନୀତାଲରୁ ଏଠାକୁ ଆସିବା ପାଇଁ ଦିନସାରା ଢେର ଗାଡି ମିଳଥାଏ । ଅଳ୍ପଦିନ ରହଣି ପାଇଁ ଜିଲ୍ଲା ପରିଷଦ ଦ୍ୱାରା ପରିଚାଳିତ ବଙ୍ଗଳା ଅଛି, ପି.ଡବ୍ଲ୍ୟୁଡି. ଦ୍ୱାରା ପରିଚାଳିତ ଏକ ଅତିଥି ଗୃହ ମଧ୍ୟ ରହିଛି । ଗାଁ ଭିତରେ ପୁରା ଘରଟିଏ ମାସକ ପାଇଁ ଭଡା ନେଲେ ବହୁତ ଶସ୍ତାରେ ମିଳଥାଏ । ତପୋଗିରି ଓ ବିଶ୍ୱବନ୍ଧୁରେ ମଧ୍ୟ ରହିବାକୁ କମରା ମିଳଥାଏ । ଗ୍ଲାସ କପେ ଧରି ଯେକୌଣସି କଟେଜ୍ ର ଝରକା ପାଖରେ ବସିଗଲେ, ସମ୍ମୁଖରେ ଦିଶିଯାଏ ବିଶାଳ ହିମାଳୟ, ତଳେ ଦିଶିଯାଏ ଫଳ ବଗିଚାର ସମ୍ଭାର, ଉପତ୍ୟକା ସାରା ଏଣେତେଣେ ବିଛାଡି ହୋଇ ପଡିଥିବା କେତେଖଣ୍ଡ ଘର, ତା ଭିତରେ ଅଙ୍କାବଙ୍କା ଶୁନଶାନ୍ ରାସ୍ତା, ଓ ନୀରବ ନୀଥର ଜନପଦ । ଏସବୁ ମିଶିକରି ହେଲା ରାମଗଡ, ଯାହାର ଦର୍ଶନରେ ମନର କ୍ଷୁଦ୍ର ଅହମିକା ମିଳେଇଯାଏ । ଏକ ଅଦଭୁତ ନୀରବତା, ଅବିମିଶ୍ରିତ ସୌନ୍ଦର୍ଯ୍ୟବୋଧରେ ରାମଗଡ ସାରାଜୀବନ ପାଇଁ ଅଭୁଲା ସ୍ମୃତି ହୋଇଯାଏ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଜୀବନ କେତେ ସୁନ୍ଦର



ରବି ଶତପଥୀ

ଜୀବନଟା ଗୋଟେ
ଗୋଲାପ ଫୁଲର ଶେଯ
ନ ହେଲା ନାହିଁରେ ଚକ୍ରଧର !
ଦେହଟେ ଅଛି ବୋଲି ତ
ଟିକେ ହସ ଲୁଚଛି ଓଠରେ ।
ମନଟା ଗୋଟେ
ମାଟି ମାଠିଆ ବୋଲି
କଏ କହିଦେଲେ କଣ ହେଲା
ମନକୁ କଏ ଜଣେ ବୁଝିଛି ବୋଲି
କେତେ ସୁନ୍ଦର ଏ ଜୀବନ ।

ଶିମିଳ ତୁଳା ପରି
ଗୋଟେ ଭୟ
କେତେଦିନ ଆଉ ଏମିତି
ଦିନ ବେଳର ଭୂତ ହୋଇ
ଡରାଇବ ହେ ଚକ୍ରଧର!
ଗୋଟେ ମଣିଷର ଆଖି ଫାଶରେ
ପଡିଗଲେ ସରିଲା ତା କଥା ।

ଘର ପରା ମନ୍ଦିରରେ ଚକ୍ରଧର!
ପରିବାର ସ୍ୱର୍ଗ,
ତା ଭିତରେ ବାନ୍ଧି ହୋଇଯିବାରେ
ଯେଉଁ ଅସରନ୍ତି ଆନନ୍ଦ
ତେବେ, ଆଉ ଡେରି କାହିଁକି
ଘରେ ଚକ୍ରଧର!
ଖୋଜିବା ନାହିଁ ତ ହଜିଯିବା
ସେ ମନଲୋଭା ପୃଥିବୀ କୋଳରେ
ଯେ ଏବେ ଚୁପ୍ କରି ଠିଆହୋଇଛି
ଅଭିମାନରେ ।
ଆ, ପୁଣି ଖେଳବା ସେ
ପିଲାଦିନର ଦୋଳଖେଳ
ପାଦ କେତେବେଳେ
ଛୁଇଁ ଦେଉଥିବ ମାଟି ତ,
କେତେବେଳେ ଗୁଡି ପରି ମନ
ବୁଲି ଆସୁଥିବ
ଗୋଟେ ଅଭୁଲା ଆକାଶ ॥

ଅଧ୍ୟାପକ, ଓଡିଆ ବିଭାଗ,
ନନ୍ଦପୁର କଲେଜ, କୋରାପୁଟ



# ଏକାକାର

ସୁଧାଂଶୁ ଶେଖର ପଟ୍ଟନାୟକ

କଛି ଇଞ୍ଚ ଜାଗା ଅକ୍ତିଆର
କରିନେଲା ଏ ବିଶାଳ ପୃଥିବୀରୁ
କେହି ଜଣେ ନୂଆ ଅତିଥି ।
କୁଆଁ କୁଆଁ ରାବରେ
ଭାଙ୍ଗି ଦେଲା ନୀରବତାକୁ
ନୂତନ କୋଳାହଳରେ ଭରିଗଲା
ଶୂନଶାନ ଥିବା ପରିବେଶଟି ॥
ଆଖି ଖୋଲି ନୂଆ ଦୁନିଆକୁ
ଦେଖିବା ଆଗରୁ
ଶିଶୁ ତାକୁ ନେଇ ଅଜସ୍ର ସ୍ୱପ୍ନରେ ବିଭୋର
ତା ଚତୁର୍ଦ୍ଦିଗରେ ଥିବା କଛି ବ୍ୟକ୍ତି
ଜେଜେ, ବାପା, ବୋଉ,.....
ଏମିତି ବହୁତ ଗୁଡିଏ ସମ୍ପର୍କ ॥
କନ୍ତୁ ସମୟ ତ ବଡ ବେଇମାନ,
ତା ସହ ଚାଲୁଚାଲୁ
ଝୁଣ୍ଟି ପଡେ, ଠେଲି ଦିଏ ପଛରୁ କେହି,
ନିଦ ସ୍ୱପ୍ନ ପାଇଁ ଭାଙ୍ଗିଦିଏ
ଅନ୍ୟ କାହାର ସ୍ୱପ୍ନ,
ସାଉଁଟି ବି ଆଣେ ନିଜପାଇଁ
ଅନ୍ୟର ଭାଙ୍ଗି ଯାଇଥିବା ସ୍ୱପ୍ନରୁ
ଗଢିବା ପାଇଁନିଜର ସ୍ୱପ୍ନ ॥
ଯୌବନ ଅଛି ବୋଲି ତ
ତାଳଦେଇ ଚାଲୁଛି ସମୟ ସହିତ,
ଚାଲୁଛି, ଝୁଣ୍ଟୁଛି
ସଂଘର୍ଷ ବି କରୁଛି,ସାଲିସ ବି
ତଥାପି ଚାଲୁଛି ନିଜପାଇଁ
ଜୀବନ ପଥର ପଥିକ ହୋଇ ॥
କନ୍ତୁ ସମୟ ତ ବେଇମାନ,
ଚାଲୁଚାଲୁ ଜୀବନ ପଥରେ
କାହିଁକି ଥକିଯିବାକୁ ଇଚ୍ଛାହୁଏ
ଅବଶ ଶରୀର, ଫିକାମନକୁ
କବଳିତ କରିନିଏ
ଏକ ଅବୁଝା ନୀରବତା ॥
ଜୀବନଟା ଥିଲା ବୋଲି ତ
ବଞ୍ଚିଗଲି........
ଭୁଲ ଥିଲା କି ଠିକ ଥିଲା,
ଭଲ ଥିଲା କି ଖରାପ ଥିଲା
ଏକ ଅସମାହିତ ପ୍ରଶ୍ନ ॥

ଜନ୍ମ ଅଛିତ
ମୃତ୍ୟୁ ଅବସମ୍ଭାବି
ଜୀବନର ଶେଷ ଓ ଅଜଣା ଠିକଣା
ଶୈଶବ ଯୌବନ ଓ ବୃଦ୍ଧାବସ୍ଥା
ସବୁକଛି ଏକାକାର ହେବ
ପଞ୍ଚଭୂତରେ ଲୀଣ ହୋଇ
ମିଶିଯିବ ଏ ଦେହ ମାଟିରେ
ଆସିଥିବା ଅତିଥି ପୁଣି
ଫେରିଯିବ ତା ବାଟରେ
ସାରିଦେଇ ଅଭିନୟ
ରହିଯିବ ସ୍ମୃତି ଏ ଧରାରେ ॥

ଅଧ୍ୟାପକ, ପଦାର୍ଥ ବିଜ୍ଞାନ,
ଭୈରବ ମହାବିଦ୍ୟାଳୟ

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ
କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ
ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ବାପା



ଡକ୍ଟର ସୁଧାଂଶୁବାଳା ସାହୁ

ଅଚହ୍ନା ଆକାଶର ବୁକୁ ଚରି ଯିଏ ମୋତେ ଚହ୍ନାଇଛନ୍ତି
ଗ୍ରହ ନକ୍ଷତ୍ର ଅନ୍ତରୀକ୍ଷ
ସେ ହେଉଛନ୍ତି ମୋ ବାପା ।
ଦୁନିଆର ସବୁ ବିଷ ପିଇ ଯିଏ ମୋତେ
ଅମୃତର ଆସ୍ୱାଦନ କରେଇଛନ୍ତି
ସେ ହେଉଛନ୍ତି ମୋ ବାପା ।
ମୋ ଅସମାହିତ ପ୍ରଶ୍ନକୁ ଯେ ସହଜରେ
ସୁଝେଇ ଦେଇ ପାରନ୍ତି
ସେ ହେଉଛନ୍ତି ମୋ ବାପା ।
ମୋ ଭଲ ମନ୍ଦ ସୁଖ ଦୁଃଖରେ ଯିଏ ସବୁବେଳେ
ଛାତି ପତେଇ ଦିଅନ୍ତି
ସେ ହେଉଛନ୍ତି ମୋ ବାପା ।
ହିମାଳୟ ପରି ଉତ୍ତୁଙ୍ଗ ଯହାର ବ୍ୟକ୍ତିତ୍ୱ ଓ
ସାଗର ପରି ଗଭୀର ଯାହାର ବାତ୍ସଲ୍ୟ
ସେ ହେଉଛନ୍ତି ମୋ ବାପା ।
ସଫଳତା ଭଳି ଜଳ ଜଳ ଯେ ମୋତେ
ଆଲୋକ ଦେଖାଉଛନ୍ତି
ସେ ହେଉଛନ୍ତି ମୋ ବାପା ।
ମତେ ମୁକ୍ତା କରିବା ଲୋଭରେ ଯିଏ
ଶିପ ହୋଇଯାଇଛନ୍ତି
ସେ ହେଉଛନ୍ତି ମୋ ବାପା ।

ଜୀବନସାର୍ ଅନ୍ୟକୁ ଦେବାରେ ଯିଏ
ଆନନ୍ଦ ପାଆନ୍ତି
ସେ ହେଉଛନ୍ତି ମୋ ବାପା
ମୋ ଚନ୍ତା ଚେତନାରେ କଳା ଓ କଳ୍ପନାରେ
ଯିଏ ବରଦ ମୁଦ୍ରାରେ ଉଭା ହୋଇଥାନ୍ତି
ସେ ହେଉଛନ୍ତି ମୋ ବାପା ॥

ଅଧ୍ୟାପିକା, ଅନ୍ଦକା ମହାବିଦ୍ୟାଳୟ, ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଗଣେଶ ବନ୍ଦନା



ଫାଲଗୁନ ରଣା

ଓଁ ଗଣେଶାୟ ନମଃ
କଳାକର ଚୂଡ ସୂତ ହେ ଜୟ ବିଘ୍ନ ନାଶନ ।
କମନୀୟ ତନୁ କଟୀରେ ତବ ପୀତ ବସନ ॥
କରୁଣାସ୍ରୋତରେ ଭିଜାଅ ମୋର ହୃଦ କେଦାର ।
କର୍ଣ୍ଣଦ୍ୱୟେ ତବ ଶୋଭଇ ନବ ରକ୍ତ ମନ୍ଦାର ॥
କରୀଟ କୁଣ୍ଡଳ ଦିଶଇ ଆହା କ ଶୋଭ୍‌ବନ ।
କୋଟି କାମକୁ ସରି ନୁହେଁ ତବ ନବ ଯୌବନ ॥
କରେ ବେକ ପାଶ ଅଙ୍କୁଶ ଧରିଅଛ କ ରଙ୍ଗେ ।
କୋଟି ତୀର୍ଥାମୃତ ଭରିଛି ତବ ଭକ୍ତି ତରଙ୍ଗେ ॥
କାରଣ ପାଇଲେ ଶରଣ ଯାନ୍ତି କୋବିଦ ଜନ ।
କପଟ ନ କରି ସୁପଥ ଦିଅ ଦୁଃଖ ବର୍ଜନ ॥
କାମନାକୁ ନ କରି ମନା ଦିଅ ଅଭୟ ବର ।
କଳନାକାରୀକୁ ଛଳ ନା କଲେ ନାମ ଡୁମ୍ବର ॥
କରୁଛି ବନ୍ଦନା ଧରୁଛି ତବ ପାଦପଦମ ।
କାରୁଣ୍ୟ ନାଶ ହେ ଦାରୁଣ ନୋହି କୃପା ସଦମ ॥
କୃପା କରମାଳୀ ଉଦୟ କର ହୃଦୟାଚଳେ ।
କର ସୁପ୍ରକାଶ ମୋ ବକ୍ଷ ବସୁଧାରେ ଚଂଚଳେ ॥
କଲ୍ମଷ ପଙ୍କରେ ବୁଡିଲା ମନ ପଦ୍ମ ଉଦ୍ଧାର ।
କୃପାକରଣ ପ୍ରକାଶିଣ ପଙ୍କ ଯେ ଶୁଷ୍କ କର ॥

ମହୁଆଭଟା, ନୂଆପଡା

# ବେଦ ଓ ବେଦ ଯଜ୍ଞ ବିଷୟରେ ସମ୍ୟକ୍ ଧାରଣା

ଇଂ ନଳିନୀକାନ୍ତ ପଟ୍ଟନାୟକ

ଶ୍ରୀମଦ୍ ଭଗବତ୍ ଗୀତାର ତୃତୀୟ ଅଧ୍ୟାୟର ୧୨୯ ନଂ ଶ୍ଳୋକରେ ଭଗବାନ୍ କହିଛନ୍ତି:-

"ସହ ଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ,
ଅନେନ ପ୍ରସବିଷ୍ୟ ଧ୍ୱମେଷ ବୋସ୍ତ୍ୱିଷ୍ଟ କାମଧୁକ୍"

ସୃଷ୍ଟିର ଆଦିମକାଳରେ ପ୍ରଜାପତି ସୃଷ୍ଟି କର୍ମକୁ ଯଜ୍ଞ ଭାବରେ ସମ୍ପାଦନ କରିଥିଲେ ଓ କହିଥିଲେ ତୁମେ ଏହିପରି କର୍ମଦ୍ୱାରା ସମୃଦ୍ଧ ହୁଅ । ଏହିପରି କରିପାରିଲେ ତୁମମାନଙ୍କର ଅଭିଷ୍ଟ ସିଦ୍ଧ ହେବ । ସୃଷ୍ଟିର କଲ୍ୟାଣ ପାଇଁ ଯେଉଁ କର୍ମ କରାଯାଏ, ତାହା ହେଉଛି ଯଜ୍ଞ । ଯଜ୍ଞ ହେଉଛି ମନୁଷ୍ୟର ଶ୍ରେଷ୍ଠତମ କର୍ମ ।

ଯଜ୍ଞ କର୍ମରୁ ସୃଷ୍ଟି । କର୍ମ ବେଦରୁ ଉତ୍ପନ୍ନ । ବେଦ ପରଂବ୍ରହ୍ମଙ୍କଠାରୁ ସୃଷ୍ଟି । ଏହି ଦୃଷ୍ଟିରୁ ଦେଖିଲେ ସର୍ବବ୍ୟାପୀ ବ୍ରହ୍ମ ସର୍ବଦା ଯଜ୍ଞରେ ପ୍ରତିଷ୍ଠିତ ଅଛନ୍ତି । ବେଦ ଓ ଯଜ୍ଞ ପରସ୍ପରର ପରିପୂରକ । କେହି କାହାଠାରୁ ଅଲଗା ନୁହଁନ୍ତି ।

ବେଦ କାଳକ୍ରମେ ଲୋପ ପାଇ ୧ ଲକ୍ଷ ମନ୍ତ୍ରରୁ ୨୦,୫୦୦ମନ୍ତ୍ରରେ ପହଞ୍ଚିଲାଣି । ପ୍ରଥମେ ବ୍ୟାସଦେବ ସତ୍ୟଯୁଗରେ ୧ ଲକ୍ଷ ମନ୍ତ୍ରର ସଂକଳନ କରିଥିଲେ । ସତ୍ୟ ଯୁଗରେ ୪ ପାଦ ଧର୍ମ ଥିଲା । ତ୍ରେତୟା ଯୁଗରେ ଧର୍ମ ତିନିପାଦକୁ ଖସି ଆସିଲା । ବେଦମନ୍ତ୍ର ରହିଲା ୭୫,୦୦୦ । ଦ୍ୱାପର ଯୁଗରେ ଦୁଇପାଦ ଧର୍ମ ରହିଲା ଏବଂ ବେଦମନ୍ତ୍ର ହେଲା ୫୦,୦୦୦ । କଳି ଯୁଗରେ ଧର୍ମ ରହିଲା ଏକପାଦ ଓ ବେଦ ମନ୍ତ୍ର ଖସି ଆସିଲା ୨୫୦୦୦ କୁ । କଳି ଯୁଗର ୫୦୦୦ ବର୍ଷ ପରେ ବେଦମନ୍ତ୍ର କମିଯାଇ ହେଲାଣି ୨୦୫୦୦ । ବେଦର ଉଦ୍ଧାର, ବେଦ ଜ୍ଞାନର ପ୍ରସାର ଯଜ୍ଞ କର୍ମ ମାଧ୍ୟମରେ କରାଯାଇ ପାରିବ । ବେଦଜ୍ଞାନର ପ୍ରଚାର ପ୍ରସାର ନହେବା ଦ୍ୱାରା ବେଦମନ୍ତ୍ର ଲୋପପାଇ ଏ ପରିସ୍ଥିତିରେ ପହଞ୍ଚିଛି । ବେଦର ଭାଷ୍ୟ କମ୍ବା ଅର୍ଥ ଜଣା ନଥିବାରୁ ସ୍ମୃତିରୁ ସବୁ ଲୋପ ପାଇଗଲା ଓ ଆଜିର ଅବସ୍ଥାରେ ପହଞ୍ଚିଲା । ପୁରାଣ କହେ, କଳିଯୁଗର ଶେଷରେ ଏପରି ପରିସ୍ଥିତି ରହିଲେ ବେଦ

ପୂର୍ଣ୍ଣଭାବରେ ଲୋପ ପାଇଯିବ । ଜଗନ୍ନାଥ ମହାପ୍ରଭୁଙ୍କର ସ୍ୱାପ୍ନାଦିଷ୍ଟ ହୋଇ ପରମପୂଜ୍ୟ ସଦଗୁରୁ ସ୍ୱାମୀ ଶ୍ରୀ ଆତ୍ମାନନ୍ଦଜୀ ମହାରାଜ ବର୍ତ୍ତମାନ ବେଦର ଭାଷ୍ୟ କରୁଛନ୍ତି । ସ୍ୱାମୀଜୀ ସତ୍ୟଚେତନା ଆନ୍ତର୍ଜାତିକ ଆଧ୍ୟାତ୍ମିକ ଆନ୍ଦୋଳନର ପ୍ରତିଷ୍ଠାତା । ବେଦର ଉଦ୍ଧାର, ବେଦ ଜ୍ଞାନର ପ୍ରସାର ଓ ଯଜ୍ଞର ସଂସ୍କାର, ସାଧୁ, ସନ୍ଥ ଓ ଗୋ ବ୍ରାହ୍ମଣଙ୍କର ରକ୍ଷା ତାଙ୍କର ଲକ୍ଷ୍ୟ । ବେଦର ଉଦ୍ଧାର ହେଉଛି ଭଗବାନଙ୍କର କର୍ମ । ଭଗବାନଙ୍କ ନିର୍ଦ୍ଦେଶରେ ସେ ଏ କର୍ମ କରୁଛନ୍ତି । ମାନବ ସମାଜ ବେଦାଭିମୁଖୀ ହେଲେ ଏ ସୃଷ୍ଟି ରହିବ । ବେଦରେ ଯାହା କୁହାଯାଇଛି ତାହା ସାର । ଯାହା ବେଦରେ ନାହିଁ, ତାହା ଅସାର । ଯେଉଁ ମନ୍ତ୍ର (କମ୍ପୋଜ) ହୋଇଛି, ତାହା ଫିଙ୍ଗି ଦେବାହିଁ ଯଜ୍ଞର ସଂସ୍କାର ।

ପରମପୂଜ୍ୟ ସ୍ୱାମୀଜୀ ବେଦର ଉଦ୍ଧାର, ବେଦଜ୍ଞାନର ପ୍ରସାର ଯଜ୍ଞ ମାଧ୍ୟମରେ କରାଉଛନ୍ତି । ବେଦ ଜ୍ଞାନର ପ୍ରସାର ହେଲେ ମାନବ ଚେତନାର ଉନ୍ନତି ହେବ । ବେଦମନ୍ତ୍ର ସସ୍ୱରରେ ପାଠକଲେ ମନ୍ତ୍ର ଜୀବନ୍ୟାସ ପାଏ । ସଚ୍ଛନ୍ଦରେ ପାଠକଲେ ମନ୍ତ୍ର ଗତିଶୀଳ ହୁଏ । ବେଦସୂକ୍ତ ସମୁହ କେବଳ ଦେବତା ଙ୍କ ମାଧ୍ୟମରେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସ୍ତୁତି । ପରମେଶ୍ୱର ଯେହେତୁ ନିଷ୍କର୍ମ୍ୟ, ସେ ଦେବତାଙ୍କ ମାଧ୍ୟମରେ ଯଜମାନର ମଙ୍ଗଳ ବିଧାନ କରିଥାନ୍ତି ମନ୍ତ୍ରାଧୀନ ଦେବତା । ସେମାନଙ୍କ ପାଇଁ ବେଦମନ୍ତ୍ର ସସ୍ୱର ଓ ସଚ୍ଛନ୍ଦରେ ପାଠକରି ହବନ କଲେ ସେମାନେ ଯଜମାନର ସକଳ ଇଚ୍ଛା ପୂରଣ କରିଥାନ୍ତି ।

ସଂପ୍ରତି ପଞ୍ଚମହାଭୂତରେ (କ୍ଷିତ, ଆପ୍ୟ, ତେଜ, ମରୁତ, ବ୍ୟୋମର ଅସନ୍ତୁଳନ (disequilibrium) ପାଇଁ ପୃଥିବୀ ଚେତନାରେ ଜଳ, ସ୍ଥଳ, ଆକାଶ ଓ ଅନ୍ତରୀକ୍ଷରେ ଥିବା ସଂହତି ନଷ୍ଟ ହୋଇ ପୃଥିବୀରେ ଅନେକ ସମସ୍ୟା ସୃଷ୍ଟି କରୁଛି । ଯଜ୍ଞ ମାଧ୍ୟମରେ ପଞ୍ଚମହାଭୂତ ସ୍ତରରେ ସନ୍ତୁଳନ ଆଣିବା ସମ୍ଭବ ହୋଇ ପାରିବ । ଏ ସବୁରେ ସନ୍ତୁଳନ ନରହିବାରୁ ପୃଥିବୀ ବକ୍ଷରେ ମହାରୋଗ, ଭୂମିକମ୍ପ, ସୁନାମୀ, ବନ୍ୟା, ଦୁର୍ଭିକ୍ଷ, ସନ୍ତ୍ରାସବାଦ, ଅର୍ଥଲୋଭ, ହିଂସା, ଭୟ, ଅସୂୟା, ଇର୍ଷା, ବାର୍ଦ୍ଧ୍ୟକ ଜନିତ ଯନ୍ତ୍ରଣା, ଅକାଳ ମୃତ୍ୟୁ ପ୍ରଭୃତି ମାନବସମାଜକୁ ଭୟଭୀତ କରାଇ ରଖିଛି । ଏହି ଅସ୍ଥିରତା କେବଳ ମନୁଷ୍ୟର କର୍ମଫଳ ନୁହେଁ । ଏହା ହେଉଛି ପଞ୍ଚ ମହାଭୂତର ଅସନ୍ତୁଳନ । ଏହି ସମସ୍ୟାର ସମାଧାନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା ସମ୍ଭବ ହେବନାହିଁ । ଯଜ୍ଞ ମାଧ୍ୟମରେ ପଞ୍ଚମହାଭୂତ ସ୍ତରରେ ସନ୍ତୁଳନ ଆଣିବା ସମ୍ଭବ ହୋଇପାରିବ । ବେଦ କହେ "ଏପରି କୌଣସି ସମସ୍ୟା ତୁମପାଇଁ ଆସିବ ନାହିଁ, ଯାହାର ସମାଧାନ ମୋ ପାଖରେ ନାହିଁ ।"

ବର୍ତ୍ତମାନ ମାନୁଷୀ ବୁଦ୍ଧିରେ ପରୀକ୍ଷା ନରୀକ୍ଷା କରିବାର ସମୟ ବିତିଗଲାଣି । ବର୍ତ୍ତମାନ ଯଜ୍ଞ ମାଧ୍ୟମରେ ପୃଥିବୀକୁ ନଜସ୍ୱ ଧାରାରେ ପକାଇବାକୁ ହେବ ।

ବେଦ ହେଉଛି **original vibration** ଯେଉଁଥିରୁ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଥିଲା । ଯେତେବେଳେ ବେଦମନ୍ତ୍ରର ଆବୃତ୍ତି ସମ୍ବର ଓ ସଛନ୍ଦରେ କରାଯାଏ, ଅନ୍ତରୀକ୍ଷ ରେ ସ୍ପନ୍ଦନ ସୃଷ୍ଟି ହୁଏ । ବୟୁମଣ୍ଡଳରେ ତାର ପ୍ରତିଫଳନ ଘଟେ । ଯେତେବେଳେ ବାୟୁ ଉପ୍ାଦାନରେ କମ୍ପନ ସୃଷ୍ଟିହୁଏ, ଅଗ୍ନି ଉପାଦାନରେ ଏହାର ପ୍ରତିଫଳନ ଘଟେ । ପୁଣି ଅଗ୍ନି ଉପାଦାନରେ ଯଦି ଯଥାଯଥ ଭାବରେ କଂପନ ସୃଷ୍ଟି ହେବ, ତେବେ ଏହାର ପ୍ରଭାବ ଜଳ ଉପାଦାନରେ ପଡିବ ଏବଂ ଜଳ ଉପାଦାନରେ କଂପନ ଯଥାଯଥ ଭାବରେ ଘଟିବ । ଏହିପରି ଭାବରେ ଯେତେବେଳେ ଚାରିଗୋଟି ମହାଭୂତର ଉପାଦାନ କ୍ରୀୟାଶୀଳ ହୋଇ ଉଠିବେ, ତେବେ ପୃଥିବୀ ଉପାଦାନର ଆଉ ସ୍ୱଳ୍ପତା ନରହି ସର୍ବନ୍ନ ପ୍ରାଚୁର୍ଯ୍ୟରେ ଭରି ଉଠିବ । ଏହା ଫଳରେ ଆମ ମଣିଷ ସମେତ ଏହି ପୃଥିବୀର ଅନ୍ୟାନ୍ୟ ପ୍ରାଣୀ ସମୂହ ଯଥା ପଶୁପକ୍ଷୀ, ବୃକ୍ଷଲତା, ନଦନଦୀ, ଉପତ୍ୟକା, ଝରଣା ଓ କୂପ ଆଦି ଶୃଙ୍ଖଳତ ଓ ସର୍ବନ୍ୟସ୍ତ ହୋଇଯିବେ ଏବଂ ସଂହତି ଫେରି ଆସିପାରିବ ।

ପୃଥିବୀ ଉପାଦାନକୁ କ୍ରୀୟାଶୀଳ କରିବାପାଇଁ ଅନ୍ତରୀକ୍ଷ ସ୍ତରରେ ସଠିକ୍ କଂପନ ସୃଷ୍ଟି କରିବାକୁ ପଡିବ । ଏଥିପାଇଁ ବେଦମନ୍ତ୍ରର ସ୍ୱର ଓ ଛନ୍ଦରେ ଆବୃତ୍ତି ନହାତି ଆବଶ୍ୟକ । ଯେତେବେଳେ ଯଜ୍ଞାନୁଷ୍ଠାନ କରାଯାଏ । ସେତେବେଳେ ବେଦମନ୍ତ୍ରକୁ ଯଥାବିଧି ବା ନିୟମରେ ଆବୃତ୍ତି ବା ଉଚ୍ଚାରଣ କରାଯାଏ । ପ୍ରତ୍ୟେକ ବ୍ୟକ୍ତି ବସ୍ତୁଗତ କଠିନ ସମସ୍ୟା ମାନଙ୍କରୁ ମୁକ୍ତ ହୋଇ ସୁସ୍ଥ ଜୀବନ ଯାପନ କରିବା ସହିତ ବାର୍ଦ୍ଧକ୍ୟ ଜନତ ସମସ୍ତ ପ୍ରକାର ଦୈହିକ ସମସ୍ୟା ବା ଯନ୍ତ୍ରଣାରୁ ରକ୍ଷା ପାଇଥାନ୍ତି । ଏଥି ସଙ୍ଗେ ସଙ୍ଗେ ମନୁଷ୍ୟ ସମାଜ ଓ ସମସ୍ତ ପ୍ରାଣୀ ଜଗତ ସୁନାମୀ, ଭୂମିକମ୍ପ, ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷ ଏବଂ ଦୂରାରୋଗ ଆଦିରୁ ସହଜରେ ବର୍ତ୍ତି ଯାଇଥାନ୍ତି ଓ ପ୍ରକୃତିର ଉତ୍ପାତରୁ ରକ୍ଷା ପାଇଥାନ୍ତି ।

ଏହି ଯଜ୍ଞ ଅନୁଷ୍ଠାନ କରିବା, ଏଥିରେ ଅଂଶ ଗ୍ରହଣ କରିବା ଓ ବେଦ ମନ୍ତ୍ରର ଆବୃତ୍ତି କରିବା ଏ କେବଳ ଭଗବାନଙ୍କ ପ୍ରତି ଏକ ସର୍ବୋତ୍ତମ ସେବା ନୁହେଁ ବରଂ ଏ ବିଶ୍ୱରେ ବାସ କରୁଥିବା ସମସ୍ତ ପ୍ରାଣୀ ଜଗତ ଓ ବୃକ୍ଷଲତା ଆଦି ଅତି ମହତ୍ତମ ସେବା ଭାବରେ ପରିଗଣିତ ।

**Z 1** ଆପାର୍ଟମେଣ୍ଟ, ଭୁବନେଶ୍ୱର

# ଆଗାମୀ କାଲି



ପରମାନନ୍ଦ ରାଜହଂସ

ହସି ଉଠିବ ମୋଭାରତ ଭୂମି
ହଜିଯିବ ସବୁ ଚନ୍ତା ।
ନବବାଲମୀକ ବ୍ୟାସଦେବ ଆସି
ରଚବେ ନୂତନ ଗାଥା ।୧ ।
ସେନେହ ର ଗଙ୍ଗା ବହିଯିବ ପୁଣି
ପ୍ରତିଟି ହୃଦୟ ପରେ ।
ତାପିତ ପରାଣ ଶୀତଳ ହୋଇବ
ସେଇ ଯେ ପ୍ରୀତି ର ଧାରେ ।୨ ।
ଅନ୍ୟାୟ ଅନୀତି ଲୋପ ହୋଇଯିବ
ଏଇ ଆମ ଧରା ଧାମେ ।
କଳାବଜାରୀ କଳାପୋତିଆ ମାନେ
ଉଭେଇ ଯିବେଟି କେଣେ ।୩ ।
ସଜ୍ଜିତ ହୋଇ ରହିଅଛି ଦେଖ
ନନ୍ଦିଘୋଷ ତୁମ ଆଗେ ।
ଛଳନାର ଅଶ୍ରୁ ବହିବନ ଆଉ
କପଟୀ ନାୟକ କେବେ ।
ଶଙ୍ଖ ବାଦନେ ଚକ୍ର ଛେଦିବ
ଯେତେ ପାପୀ ତାପି ଶିର ।

ଢଳଯିବେ ବେଗେ ମାନବ ସମାଜକୁ
ଯେତେ ଖଣ୍ଡ ତସକର ।୫ ।
ମାନୀ ଦୁର୍ଯୋଧନ ଲଭିବଟି ମୃତ୍ୟୁ
କପଟୀ ଶକୁନ ପୁଣି ।
ଶୁଣାଇବ ଖାଲି ପଞ୍ଚଜନ୍ୟ ଶବ୍ଦ
ଚର ଶାଶ୍ୱତ ର ବାଣୀ ।୬ ।
ଗଢି ଉଠିବ ସେ ଇନ୍ଦ୍ରପ୍ରସ୍ଥ ପୁଣି
ଏଇମୋ ଭାରତ ଦେଶେ ।
ଶୋଷିତ ଦଳତ ନର୍ଯ୍ୟାତିତ ମୁଖ
ଭରିଯିବ ପୁଣି ହସେ ।୭ ।
ସତ୍ୟ, ଶିବ ଓ ସୁନ୍ଦର ପୁଣି
ଫେରିବ ଧରଣୀ ପରେ ।
ମିଥ୍ୟା ଦୁର୍ନୀତି ଅନୀତି ସଭିଏଁ
ରହିଯିବେ କାରାଗାରେ ।୮ ।
ହସିବ ଏ ଧରା ଶାନ୍ତିର ସ୍ରୋତେ
ଏଣୁ ଯେ ଆଗାମୀ କାଲି ।
ତୋଷିବ ନରୀହ ଜନର ପରାଣ
ଶୁଣାଇବ ମଧୁ ବୋଲି ।୯ ।

ଜ୍ୟୋତିଷ ଆଚାର୍ଯ୍ୟ, ମହାବୀର ଧାମ

# ରଙ୍ଗୀନ୍ ଆଲୁଅ

ପ୍ରୀୟଙ୍କା ମାଝି

ମୁଁ ଦେଖେ, ଅନୁଭବ କରେ,
ଅନୁସରଣ କରିବାର ସତଚେଷ୍ଟା କରେ
କିନ୍ତୁ ବିଫଳ ହୁଏ ।
ଅପରିଚିତ-ଅଜଣା-ଅକୁହା ବେଦନା
ଭିତରେ ହୁଏ ମୋ ମସ୍ତିଷ୍କ
ଘାଣ୍ଟି ଚକଟି,
ଶତ ଶତ ଉଲକା ମୋ ମନକୁ
ଆଘାତ କରେ, ହତାଶ କରେ,
ମତେ ଅଣନଶ୍ୱାସୀ କରିପକାଏ
ସେହି ବତାସ ପବନ ।
ମତେ ଜୁଡୁବୁଡୁ କରେ ସେହି
ତତଲ୍ ବର୍ଷାରେ
ମୋ ମନ, ଶରୀର, ମସ୍ତିଷ୍କ
ସବୁକୁ ସ୍ଥାଣୁ କରିଦିଏ,
ସେଇ ଖାଲି ସେଇ "ରଙ୍ଗୀନ୍ ଆଲୁଅ" ।
ଧରିବାକୁ ସତଚେଷ୍ଟା କରେ,
ପାଇବାକୁ ଲାଳାୟିତ ହୁଏ,
କିନ୍ତୁ ମୋଠୁ ଦୁରେଇ ଯାଏ
ଅସ୍ପୃଷ୍ୟ ବ୍ୟକ୍ତି ଟିଏ ଭଳି!
ତଥାପି ଆଖିରେ ଝଲସେ ଖାଲି ସେଇ,
ଖାଲି ସେଇ "ଆଲୁଅ"
"ରଙ୍ଗୀନ ଆଲୁଅ" ।

ସିକ୍ରାପଲ୍ଲୀ, ସମ୍ବଲପୁର

# କରୋନା



ଅହଲ୍ୟା ଦାସ

କରୋନା, କରୋନା, କରୋନା
କରୋନା କୁ କେହି ଡର ନା
କରୋନା ଆସିଛି ଦେଶକୁ
ଡରାଉଛି ଦେଶବାସୀଙ୍କୁ
କରୋନା ଆସିଛି ଦେଶକୁ
ଲିଭାଇଛି ଆମ ହସକୁ
କରୋନା ଆସିଛି ଦେଶକୁ
କରିଛି ଅଛୁଆଁ ଆମକୁ
କେଉଁ ବା ଧାତୁ ରେ ଗଢ଼ା ସେ
ଜାଣି ନ ପାରିଲେ କେହି ଯେ
ଅଦୃଶ୍ୟ ରେ ରହି ଇଙ୍ଗିତ କରଇ
ପୃଥିବୀ ଡରଇ ତାହା କୁ ।
ସହର ବଜାର କଳ କାରଖାନା
ଗୃହୁଁ ଗୃହୁଁ ସ୍କୁ ବନ୍ଦ ହୋଇଗଲା
ଜନତା ପିଟିଲେ ମଥାକୁ ।
କଅଣ ଖାଇ ବେ କୁଆଡ଼ୁ ଆସିବ
ଗରୀବ ପଡ଼ିଲେ ଚନ୍ତା ରେ ।

କରୋନା ଆସିଛି ଦେଶକୁ
କନ୍ଦାଉଛି ଦେଶବାସୀ ଙ୍କୁ ।
ମା ଠାରୁ ପିଲା ସ୍ୱାମୀ ଠାରୁ ସ୍ତ୍ରୀ
ଅଲଗା ଅଲଗା କରିଲା,
ଯାନ ବାହାନର ଚଳାଚଳ ବନ୍ଦ
ଦୂର ରୁ ଆସିବେ କେମିତି ।
ଯୁଆଡ଼କୁ ଗୃହ କରୋନାର ଭୟ
ମନକୁ ଅଶାନ୍ତ କରିଛି ।
ହାତ ମୁହଁ ଧୋଇ ଘରେ ବସିଥାଅ
କରୋନା କୁ କେବେ ଡ଼ରନା ।
ହାତ ବାରମ୍ବାର ଧୋଇଲେ
କରୋନା ଡରିବ ଆମକୁ
ଛାଡି ପଳେଇବ ଦେଶକୁ ।
ଏ ଅକାଳେ ଆମେ ସଭିଏଁ ପଡ଼ିଛୁ
ବାଟ କଛି ଦିଶୁନାହିଁ
ରକ୍ଷାକର ପ୍ରଭୁ ଆକୁଳେ ଡାକୁଛୁ
ରକ୍ଷାକର ତୁମେ ସାଇଁ ।

# ଅକୁହା କଥା



ଝିଲମିଲ ସାହୁ

କଳୁଷିତ ପଙ୍କେ ଫୁଟେ ନୀଳକଇଁ
ଗୁନ୍ଦ କଳଙ୍କିତ ବିନା କଳଙ୍କେ
ଯେତେ ଲୋକ ସେତେ କଥା
ଅଦିନ ମେଘର ଘଡଘଡି ଶବ୍ଦ
ଅନ୍ତରେ ବଢାଏ ବ୍ୟଥା ।
କଏ ବୁଝେ ଏଠି ପାଞ୍ଚାଳୀ ହୃଦୟ ଜ୍ୱାଳା
ଅବା ଝର୍ ସେଫାଳୀର ଅସହ୍ୟ କୋହ
ନନ୍ଦିତ ଏଠି ପୂଣ୍ୟ ମହୋଦଧି
ଅଗ୍ନି ଧାସେ କୃଷ୍ଣବର୍ଣ୍ଣ ଧରିତ୍ରୀ ମୁହଁ ।
ସମୟର ସ୍ରୋତ ଆହା କ ବିଚନ୍ଦ
କେବେ ଖର୍ ପୁଣି କେବେ ଛାଇ
ପରିସ୍ଥିତି ନୁହେଁ ଖାଲି ବଦଳେ ଛବି
ଯାର ଇତିହାସ ମୂକ ସାକ୍ଷୀ ।
ସୁପ୍ତ ମାନବତା, ରୁଗ୍ନ ଚନ୍ତାଧାର୍
ଏ ତ ପୁରୁଷର ପୁରୁଷତ୍ୱ
ମରୁଭୂମିର ଶୁଷ୍କତା ସମ
ସମାଜେ ରଚେ ତାଣ୍ଡବ ॥
ଫୁଟିବା ପୂର୍ବରୁ ଝଡି ପଡୁଛନ୍ତି
କେତେ ଯେ କଅଁଳ କଢି
ଅନନ୍ତ ନଭେ ହାହାକାର ଶବ୍ଦେ
ଆତ୍ମା କାନ୍ଦୁଛି ଲଢୁ ନଗାଡି ॥
ହେଲେ କାଳ ତ ବଡ ସାହୁକାର
ଅଜଣା ଇଙ୍ଗିତେ ଚକ୍ରବ୍ୟୁହ ରଚେ
ସାଥେ ନେଇ ଭାବନା ସୁଅର ତିକ୍ତ ପ୍ରଖରତା
ନରବେ ଦାଉ ସାଧିଯାଏ ଅନେକ ଅକୁହା
କଥା ॥

ଶିକ୍ଷୟିତ୍ରୀ, ନୟାଗଡ

# ବନ୍ଧୁ ମିଳନ...



ସୁବଳ ମହାପାତ୍ର

ହେ..ହେ..ହେ..ହେ...ତୁ ଟା କେବେଠୁ ଗୋଟେ ଗାଳ୍ପିକ ହେଲୁଣି କରେ?? ପୁଣି ସମାଜ ସୁଧାରକ ଗଳ୍ପ ଲେଖୁଛୁ କୁଆଡେ?? ଦି ଚ୍ଚରିଟା ଲାଇନ କୁଆଡୁ ଗୋଟେ ଗାରେଇଦେଇ ଜଣେ ଗାଳ୍ପିକ ହେଇଯାଏ ନା କଣ? ଦେଖି, ଏଇଠି ବସି ବସି ଗୋଟେ ଗପ ଲେଖି ଶୁଣେଇଲୁ...ଚଉ କହିଲା। ପାଳଆ ଧରି ଆଉ ଦି ଚ୍ଚରିଜଣ ହଁ ଭରିଲେ। କେତେକଙ୍କୁ ଗୋଟେ ନୂଆ ଗପ ମିଳିଯିବାର ଲୋଭ ତ କେତେକଙ୍କୁ ବିଶ୍ୱାସ ଆସିବାର ବାଟ।

ସାଙ୍ଗମାନେ ଏକାଠି ହେଲେ ଗୋଡ ଟାଣିବା କଥା ନିଶ୍ଚିତ। ସାଙ୍ଗ ପୁଣି ସ୍କୁଲ ସାଙ୍ଗ, ଆହୁରି...

ନବୀନ କହି ଉଠିଲା,"ଆରେ ଆମେ ପରା ଜାଣିଛୁ ତୃତୀୟ ଶ୍ରେଣୀ ର ବୃତ୍ତି ପରୀକ୍ଷା ରେ ପଡିଥିବା ପ୍ରଶ୍ନ - ବଣ ଜଙ୍ଗଲ ବିଷୟରେ ପାଞ୍ଚ ଧାଡି ଲେଖ..ର ଉତ୍ତର ତୁ ଲେଖି ପାରି ନଥିଲୁ। ଆଉ ଏବେ ମନରୁ ଶବ୍ଦ ଖଞ୍ଜି ସଂସ୍କାର ଧର୍ମୀ ଗପ ଲେଖୁଛୁ? କାଇଁ ବିଶ୍ୱାସ ହେଉନି। ହଉ, ଦେଖାଯାଉ..ଏବେ ଗୋଟେ ଲେଖ...ସାଙ୍ଗେ ସାଙ୍ଗେ...ଲେଖିଦେଲୁ ଯଦି ତେବେ ଆଜି ସନ୍ଧ୍ୟା ର ପାର୍ଟି ଟା ମୋ ତରଫରୁ..

ଯା.. ବେ...ଗପ ଏତେ ଶୀଘ୍ର ଲେଖି ହୁଏନି। ତା ପାଇଁ ପ୍ଲଟ ଦରକାର, ବର୍ଣ୍ଣନା ଦରକାର, ଲେଖିବା ଶୈଳୀ ଦରକାର। ଏମିତି ବସି, ଉଠି, ଖଟି ମାରି, ଗପ ଲେଖି ହୁଏନି।

ଝିଅ ମାନେ ଫେଁ ଫେଁ ହୋଇ ହସି ଉଠିଲେ। ଗୋଟେ ପୁଅ କେବେବି ଝିଅଙ୍କ ତାଚ୍ଛଲ୍ୟଭରା

ହସ ଓ ସାଙ୍ଗର ବେଟ ଆଗରେ ମୁଣ୍ଡ ନୋଇଁବା ପ୍ରାୟ ଦେଖା ଯାଏନ। ସୁର ବି କେମିତି ସହିଥାନ୍ତା ଯେ**??**

"ହଉ, ହଉ...ତମେ ଯାଅ... ଘଣ୍ଟେ ପରେ ମୁଁ ଆସୁଛି" କହି ନଦୀ କୂଳ ଆଡକୁ ମୁହେଁଇଲା ସୁର।

ବାର ବର୍ଷ ପରେ ଦେଖା ସ୍କୁଲ ସାଙ୍ଗ ମାନଙ୍କ ସହ। ପାଖାପାଖି ଅଶୀ ଜଣ ସ୍କୁଲ ସାଙ୍ଗମାନେ ଆଜି ଗୋଟେ ଗେଟ ଟୁଗେଦର ଆରେଞ୍ଜ କରି ସମସ୍ତେ ଏକାଠି ହୋଇଛନ୍ତି। ଗତବର୍ଷ ବି ଏମିତି ଏକ ଭେଜି କରିଥିଲେ ସାଙ୍ଗମାନେ। କିନ୍ତୁ ସୁର ଆସି ପାରିନଥିଲା। କିଛି ଝିଅ ବାହା ହୋଇଗଲେଣି ଆଉ କିଛି ମା ହୋଇ ସାରିଛନ୍ତି, ଅଳ୍ପ କିଛି ଏବେ ଯାଏଁ ଏକା ଅଛନ୍ତି। କିଛି ପୁଅ ବାହାହୋଇ ଗୋଟେ ଦୁଇଟା ପିଲା ର ବାପା। ସୁର ଏବେ ଏବେ ଲେଖାଲେଖି ଆରମ୍ଭ କରିଛି। କିଛି ସଂସ୍କାର ଧର୍ମୀ ଗଳ୍ପ ଲେଖି ସମାଜ କୁ ସୁଧାରିବାର ସ୍ୱପ୍ନ ଦେଖୁଛି। ଏ ସମୟରେ ଏମିତି ଅବିଶ୍ୱାସ ଭରା କଥା ଓ ତାଚ୍ଛଲ୍ୟ ଭରା ହସ କେମିତି ଅଲଗା ଅଲଗା ଲାଗିଲା ତାକୁ...ହଉ, ଦେଖାଯାଉ...

.

.

.

ଘଣ୍ଟେ ପରେ ସେ ଫେରିଲା। ସବୁ ସାଙ୍ଗ ଏକଲୟରେ ଗ୍ରହୁଁଥିଲେ ତାକୁ। "ଲେଖିଦେଲୁ କରେ**?**" ର ଉତ୍ତର ଅପେକ୍ଷା ରେ ଥାଆନ୍ତି ସମସ୍ତେ। କାହାକୁ କିଛି ନକହି କାଗଜ ଖଣ୍ଡେ ବଢେଇଦେଲା ସେ ସୁନୟନା ର ହାତକୁ। ତୁ ମାଷ୍ଟରାଣୀ ପରା, ନେ ପଢି କ ଶୁଣା ଏବେ।

ସୁନୟନା ପଢିବାରେ ମନଦେଲା, ସମସ୍ତେ ଗ୍ରୃତକ ପରି ଗ୍ରହିଁଥାନ୍ତି, କଣ ଲେଖିଛି ବୋଲି ଜାଣିବାକୁ...

ରତନୀ... ଜଣେ ମା...ଗଳ୍ପ ର ଟାଇଟଲ..ଲେଖକ...ସୁର ସ୍ୱାଇଁ..

ମା..ମା.. ଆଜି ଆସିଲା ବେଳେ ଭୋଜି ନେଇକ ଆସିବୁ? ରତନୀ ର ପୁଅ ଝିଅ ଦୁଇଟି ଅଳ କରୁଥିଲେ ତା ପାଖେ...

ହେଃ...ତମେ ଯାଅ ଏଠୁ। ଆଜି ବାବୁଙ୍କ ସାଙ୍ଗମାନେ ସବୁ ଆସିଛନ୍ତି ବୋଲି ମକର୍ ଭାଇ କହିଛି ତାକୁ ରୋଷେଇରେ ସାହାଯ୍ୟ କରିବାକୁ। ଭୋଜି ସେମାନଙ୍କ ପାଇଁ ହେଉଛି ନା ଆମ ପରି ମଳ ମୁଣ୍ଡିଆଙ୍କ ପାଇଁ? ଆମ ପାଇଁ ଏଇ ଶାଗ ପଖାଳ ଟିକକ ଅମୃତ। ତମେ ଯାଅ, ବାହାରେ ଖେଳୁଥିବ। ଦୁଷ୍ଟ ହେବନ, ମୁଁ ସନ୍ଧ୍ୟା ସୁଦ୍ଧା ଆସିବିଭୁରି।

ରତନୀ ଏତକ କହି ସକାଳୁ ଆସିଛି ସିନା, ହେଲେ ବାବୁଙ୍କ ସାଙ୍ଗ ମାନଙ୍କ ପାଇଁ ହେଉଥିବା ରୋଷେଇ ରେ ମାଛ ଭଜା, କୁକୁଡ଼ା ଛଣା, ଫ୍ରାଇ ରାଇସ, ବୋଦା ମାଉଁସ ତରକାରୀ, ଆଉ ଆଉ ବହୁତ ପ୍ରକାର ଖାଦ୍ୟ ଦେଖି ଅଟକ ଯାଉଛି ତା ହାତ। ମନେ ପଡି ଯାଉଛି ପିଲା ଦିଟା ଙ୍କର ମୁହଁ। ଦିନେ ହେଲେ ଏମିତି ଖାଇବା ଦେଇ ପାରନ୍ତା ସେ ପିଲା ଦୁଇଟିଙ୍କୁ । ବାପ ମଲାପରେ ଛେଉଣ୍ଡ ଛୁଆ ଦୁଇଟିଙ୍କ ମୁହଁରେ ପେଜ ତୋରାଣି ଟୋପେ ଦେବାପାଇଁ ବାର ଦୁଆର ଶୁଣ୍ଢି ପିଣ୍ଡା ହେବାକୁ ପଡୁଛି ତାକୁ। କେତେବେଳେ କେମିତି ବରଯାତ୍ରୀ ପ୍ରୋସେସନ କମ୍ବା ଏମିତି ଭୋଜି ହେଲେ ତାକୁ ଖାଇବାକୁ ମିଳଯାଏ ସିନା, କନ୍ତୁ ଘରକୁ ଆଣିବାକୁ ଦିଅନ୍ତିନ ସେମାନେ। କେତେ ମନେ ପକାଏ ସେ, କନ୍ତୁ କଣ କରିବ? ଘରକୁ ଫେରିଲା ପରେ ପିଲା ଦୁଇଟି ହାତ ଶୁଙ୍ଘି ଜାଣି ଦିଅନ୍ତି ଆଉ ଅଭିମାନ କରନ୍ତି, ରାଗରେ ମୁହଁ ଫୁଲାନ୍ତି। କନ୍ତୁ କଣ ବା କରି ପାରିବ ସେ? କୁକୁର ପରି ପ୍ରଥମେ ଖାଇ, ପରେ ବାନ୍ତି କରି ଛୁଆ ମାନଙ୍କ ପେଟ ହେଲେ ଭରି ପାରୁଥାନ୍ତା। କନ୍ତୁ ସେ ତ ମଣିଷ...

ମକର୍ ଭାଇ ର ତାଗିଦ, "ଜୋର ଜୋର ହାତ ଚଲା, ଏମିତି ମଠ କଲେ ଖାଇବା ଡେରି ହେଇଯିବ" ଶୁଣି ବାସ୍ତବତା କୁ ଫେରିଲା ସେ। ହାଣ୍ଡି ଡେକଚ ଧୋଇ ପରିବା କାଟିବାକୁ ବସିଲା ସେ। ଆସ୍ତେ ଆସ୍ତେ କରି ସବୁ ଜିନଷ ରେଡି ହୋଇ ଆସୁଥିଲା ଆଉ ତା ସହ ବାବୁଙ୍କ ସାଙ୍ଗ ମାନଙ୍କ ଭୋକ ବଢି ଚାଲିଥିଲା। ଜଣେ ଜଣେ ଆସି ଥଲି ନେଇ ଖାଇବାରେ ଲାଗିଥିଲେ।

ଭେଜି ସରି ସରି ଆସୁଥିଲା। ପ୍ରାୟ ସମସ୍ତେ ଖାଇ ସାରିଥିଲେ। କେବଳ ବାବୁ ଓ ବାବୁଆଣି ଖାଇ ନଥିଲେ ଏବେ ଯାଏଁ। ଖାଇବା ଠୁ ଅଧିକ ଫୋପଡା ଯାଇଥିଲା। ଫୋପାଡ଼ି ଥିବା ଖାଦ୍ୟରୁ କିଛି ଗୋଟେଇ ନେବାକୁ ତା ମନ କହୁଥିଲା।

ତଥାପି ପ୍ରାୟ ଦଶ/ବାର ଜଣଙ୍କ ଖାଦ୍ୟ ବଳଥିଲା। ଅଳ୍ପ କିଛି ମିଳିବାର ଆଶା ଦେଖା ଯାଉଥିଲା ତାକୁ। କିନ୍ତୁ ବାବୁଙ୍କ ସାଙ୍ଗ ଝିଅ ମାନେ ଆସି ବାବୁଆଣୀଙ୍କୁ କହୁଥିବାର ସେ ଶୁଣିଲା," ରାତିରେ ମୋର ଆଉ କିଏ ରୋଷେଇ କରିବ? ଯାହା ବଳିଛି ଅଳ୍ପ ଅଳ୍ପ ପଲିଥିନ ରେ ଦେଲେ ମୁଁ ଘରକୁ ନେଇ ଯାଆନ୍ତି ଏମାନଙ୍କ ପାଇଁ" । ହଁ, ନିଶ୍ଚିତ ବୋଲି କହି ବାବୁଆଣୀ ପଲିଥିନ ରେ ସେମାନଙ୍କ ପାଇଁ ଖାଦ୍ୟ ବାନ୍ଧୁଥିଲେ। ଖାଦ୍ୟ ଆହୁରି ସରି ସରି ଆସୁଥିଲା ଆଉ ରତନୀ ର ସ୍ୱପ୍ନ ଟିକକ ବି...

ଗରିବ, ବିଧବା, ଦୁଇଟି ପିଲା ର ମା...ୟାଠୁ ଅଧିକ ଆଉ କଣ ସ୍ୱପ୍ନ ଦେଖି ପାରିଥାନ୍ତା???

--ସମାପ୍ତ--

ସୁର ସ୍ୱାଇଁ

ମୁଣ୍ଡଟେକ ସୁର ଗୁହିଁଲା ସମସ୍ତଙ୍କ ଆଡେ। ଗୁମସୁମ ମାହୋଲ...ଝିଅ ମାନଙ୍କ ଆଖି ରେ ଲୁହ, ପୁଅ ମାନଙ୍କ ଓହଳା ଚେହେରା ଦେଖି କିଛି କିଛି ବାରି ପାରୁଥିଲା ସେ....

ରୋଷେଇୟା ଆସି ଡାକକ ଗଲା ଖାଇବା ରେଡି, ଆସନ୍ତୁ ଖାଇବେ...

.

.

.

ଭେଜି ସରି ସାରିଥିଲା...

.

.

କେହି ଜଣେ ବି ଖାଦ୍ୟ ନଷ୍ଟ କରି ନଥିଲେ...

.

.

ଝିଅ ମାନେ ବିନା ପଲିଥିନ ରେ ଘରକୁ ଫେରିବାକୁ ବାହାରି ସାରିଥିଲେ...

.

.

ଭୋଜି ର ଦାୟିତ୍ୱ ନେଇଥିବା ପିଲା ଦୁଇଜଣ ବଳକା ଖାଦ୍ୟ କୁ ଗ୍ରେଷେଇୟା ଓ ହେଲ୍ପର ପାଇଁ ଅଲଗା ପୁଡ଼ିଆ ବାନ୍ଧି ସାରିଥିଲେ...

.

.

ଆହୁରି ବଳ ଯାଇଥିବା ଖାଦ୍ୟ କୁ ପାଖରେ ଥିବା ବସ୍ତି ରୁ ପିଲା ମାନଙ୍କୁ ଡାକ ଖାଇବାକୁ ଦେଉଥିଲେ...

ସମାଜ କେତେ ସଂସ୍କାର ପାଇଲା ଙ୍କ ସୁଧୁରିଲା ଜଣାନାହିଁ...କନ୍ତୁ ସୁର ମୁହଁରେ ଖେଳ ଯାଉଥିଲା ଧୀରେ ହସ....

-- ସମାପ୍ତ--

ଖଲାରୀ, ଅନୁଗୁଳ, ଓଡିଶା

# ବାପା



ଭଜରାମ ସେଠୀ

ବାପା ଏକ ଆନନ୍ଦ ଲହରୀର ଉତ୍ସ,
ବାପା ସତ୍ୟ, ଧର୍ମ ଓ କର୍ମ ଠାରୁ ଉଚ୍ଚ ।୧।
ବାପା ଦିଓଳ ଖାଦ୍ୟ ବସ୍ତ୍ରର ପ୍ରକୋଷ୍ଠ,
ବାପା ପର୍ବତଠାରୁ ଓଜନେ ବଳଷ୍ଠ ।୨।
ବାପା ତୀର୍ଥ ଆଶ୍ରମ ସନ୍ୟାସୀର ସ୍ରଷ୍ଟା,
ବାପା ହିଁ ଈଶ୍ୱର ଆଦ୍ୟ ବେଦର ପୃଷ୍ଠା ।୩।
ବାପା ସଂସାର ଝରର ଅମୃତ ଧାର,
ବାପା ଜୀବନ ଯୁଦ୍ଧର ବିଜୟ ବୀର ।୪।
ବାପା ପରିବାର ରାଜ୍ୟେ ଶ୍ରେଷ୍ଠ ନୃପତି,
ବାପା ପ୍ରଜାହିତେ ଖୋଜେ ଧର୍ମ ସମ୍ପତ୍ତି।୫।
ବାପା ପାଦ ଗ୍ଲି ଘୋଡ଼ାଠାରୁ ପ୍ରଖର,
ବାପା କଥା ଲାଗେ ମଧୁଠାରୁ ମଧୁର ।୬।
ବାପା ଏକ ଶବ୍ଦ ଇନ୍ଦ୍ର ନୁହେଁ ସମାନ,
ବାପା ପାଦ ଧୂଳ ବୈକୁଣ୍ଠୁ ମହାନ ।୭।
ବାପା ପାଦ ତ୍ରିପୁର ବିଜୟ ଆସନ,
ବାପା ବାକ୍ୟ କୁଳ ଧର୍ମ ବିଧି ବିଧାନ ।୮।
ବାପା ଏକ ସ୍ନେହ -ଶ୍ରଦ୍ଧା -ପ୍ରେମ ଜୀବନ,
ବାପା ଦୁଃଖ- କଷ୍ଟର ଅମୂଲ୍ୟ ରତନ ।୯
ବାପା ଏକ ଜୀବନ୍ତ ଜାଗ୍ରତ ପ୍ରହରୀ,
ବାପା ଧ୍ୟାନ ଦେଇ ଶୁଣେ ସନ୍ତାନ ଗୁହାରି।୧୦।

ବାପା ଏକ ଅକୁହା ନଈର ନାଉରୀ,
ବାପା ଦେଖିଛି କେତେ ଅଥଳ ଭଉଁରୀ ।୧୧।
ବାପା ହିଁ ଆକାଶ -ସୂର୍ଯ୍ୟ -ଚନ୍ଦ୍ର ଠାରୁ ସ୍ୱଚ୍ଛ,
ବାପା ହିଁ ବୀଜ ମହାତ୍ମା ଅଙ୍କୁରିତ ଗଛ।୧୨।
ବାପା ସତ୍ ପଥ'ର କୁସୁମ ସବାରୀ,
ବାପା ସନ୍ତାନ ସୁଖେ ଅବୁଝା ଲହରୀ।୧୩।
ବାପା ହିଁ ଜଟିଳ ତତ୍ତ୍ୱଜ୍ଞାନର ଅର୍ଥ ,
ବାପା ହିଁ ଭବିଷ୍ୟ ସତ୍ କାର୍ଯ୍ୟର ମାର୍ଗ ।୧୪।

ନରାଳ, ଆସିକା, ଗଂଞ୍ଜାମ

# ଲୋଡ଼ା ଯାହା ଜୀବନରେ



ନବ କୁମାର ଦାସ

ସାରୁ ପତରରେ ଜଳ
ଟଳମଳ ଟଳମଳ
କ୍ଷଣିକ ଏ ଜୀବନରେ
କାହିଁ ଏତେ ଗଣ୍ଡ ଗୋଳ

ଜୀବନ ତ ଲୋଡ଼ା କରେ
ପ୍ରେମର ବାରିଧି ତଟ
ଗୁଲିଯିବା ପୁରୁବରୁ
ଏ ପଗ୍ୱଣ ଆତ୍ମା ଘଟ

ଲୋଡ଼ା ପଗ୍ୱ ଜୀବନରେ
ଦୟା ସ୍ନେହ ସୁଖ କାର୍ଯ୍ୟ
ମଧୁ କଥା ପରଶରେ
ମୁକ୍ତ ହସ୍ତରେ ସାହାଯ୍ୟ

ଲୋଡ଼ା ପୁଣି ବନ୍ଧୁ ଭାବ
କ୍ଷମା ଗୁଣ ରତନଟି
ଏହି ଯାହା ମହା ମାର୍ଗ
ବଞ୍ଚିବାକୁ ଜୀବନଟି

ବାନ୍ଧି ଦିଅ ସମ୍ପର୍କକୁ
ଆନନ୍ଦ ର ସୁତାଖିଏ
ତେବେ ସିନା ଦୁଃଖ ଟିକୁ
ଭୁଲି ଯିବ ଜୀବନ ଏ ॥

ବାଲିଆପାଳ, ବାଲେଶ୍ୱର

# ମୋର



ସୁବାସ ଚନ୍ଦ୍ର ମୁଦୁଲି

ତୁ ଯିବା ପରେ

"ମୋର" ବୋଲି ସରିଗଲ୍ ଦୁନଆରୁ

ଏକା ହୋଇଗଲି ମୁଁ

ମୁଁ ଏବେ ବଞ୍ଚିଛି ଅନ୍ୟ ପାଇଁ

ସେଇ "ମୋର"କୁ ଖୋଜିବାକୁ

ହେଲେ ଠିକ ଭ୍ବେ ବୁଝିପାରୁନ

କନ୍ତୁ କଦବା ଏ ଅନୁଭବରେ ଆସେ

ଆଖ୍ ଓଦା ହୋଇଯାଏ

କେମିତିକା ସେଇ "ମୋର" ଟା

କାହିଁକ ଏମିତି ହୁଏ

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକିତ୍ସାଳୟ, ସମ୍ବଲପୁର

# ନୀରବ ଈଶ୍ୱର



ସୁଷମା ପରିଜା

ବିଜୟୱାଡା ର ସାଇ ମନ୍ଦିର ରେ ସନ୍ଧ୍ୟା ଆରତୀ ସମାପ୍ତ ହୋଇ ସାରିଛି ଅନେକ ବେଳୁ । ଭକ୍ତ ମାନେ ଦଳ ଦଳ ହୋଇ ଆରତୀ ପରେ ପ୍ରସାଦ ସେବନ କରି ଚାଲିଗଲେଣି । ମନ୍ଦିର ଟ୍ରଷ୍ଟ ର ମୁଖ୍ୟ ଆଉ କେତେଜଣ ମୁରବୀ ବସି ଆଲୋଚନା କରୁଥାନ୍ତି ଆଗାମୀ ଶିବରାତ୍ରୀ ରେ ହେବାକୁ ଥିବା ବାବାଙ୍କର "ଚଭଡି ଯାତ୍ରା" ବିଷୟରେ । ସେଇ ସମୟରେ ମନ୍ଦିର ର ଦ୍ୱାରଦେଶରେ କିଛି ହୋ ହାଲ୍ଲା ଶୁଣି ମନ୍ଦିର ପ୍ରାଙ୍ଗଣ ଛାଡି ସେହି ସ୍ଥାନ କୁ ଆଗେଇ ଆସିଲେ ମନ୍ଦିର ଟ୍ରଷ୍ଟ ର ମୁଖ୍ୟ ଶ୍ରୀ ବିନତ୍ ସିନ୍ଧେ । "କ'ଣ ହେଲା ! କ'ଣ ହେଲା" କହି ଭିଡ କାଟି ପହଞ୍ଚିଲେ ସେଠି। ଦେଖିଲା ବେଳକୁ ମଳଛିଆ ହୋଇ ବୟସ୍କ ଲୋକ ଟିଏ ମନ୍ଦିର ଭିତରକୁ ପଶିବାକୁ ଚେଷ୍ଟା କରୁଛି ଆଉ ମନ୍ଦିର ରେ ନୂତନ ନିଯୁକ୍ତ ହୋଇଥିବା ଜଗୁଆଳୀଟି ତା'କୁ ଅଟକାଇବା ଲାଗି ଚେଷ୍ଟା କରୁଛି। ସେଇ ହଁ ଆଉ ନାହିଁ ଭିତରେ ବିବାଦ ଦେଖିବାକୁ ଅଲଗା କିଛି ଲୋକଙ୍କ ଭିଡ ଜମିଛି ସେଠାରେ। ଭିକାରୀ ଭଳି ଦିଶୁଥିବା ମଣିଷଟିଏ ମନ୍ଦିର ଭିତରକୁ ଯାଉ ଟ୍ରଷ୍ଟ ର ମୁଖ୍ୟ ଙ୍କୁ ଭେଟିବାକୁ, ଏ କଥା ସହ୍ୟ ହେଉନାହିଁ କାହାର । ଧକାବେକା ଠେଲାପେଲା ଯାଏ କଥା ଗଲାଣି । ବିନତ ବାବୁଙ୍କୁ ଦେଖି ସ୍ୱେଚ୍ଛାସେବୀ ଜଣକ କହି ଉଠିଲା "କାକାଜୀ ! ଦେଖନ୍ତୁ ନା, ଯେ ଲୋକଟି ଏଇ ମନ୍ଦିର ସାମନାରେ ବସି ଲୋକଙ୍କୁ ଭିକ ମାଗୁଥିବାର ମୁଁ ଏଠିକି ଆସିବା ଦିନରୁ ଦେଖି ଆସୁଛି । ଆଜି ମଧ ଭକ୍ତ ମାନେ ସନ୍ଧ୍ୟା ଆରତୀ ପରେ ତା'କୁ ପ୍ରସାଦ ଆଉ ପଇସା ଦେଇ ଯାଇଛନ୍ତି। ହେଲେ ସେ ଏବେ ସେଠାରୁ ଉଠିଆସି ମନ୍ଦିର ଭିତରକୁ ଯିବ ବୋଲି ଜିଦ୍ କରୁଛି । କହୁଛି ତା'ର କୁଆଡେ ଆପଣଙ୍କ ପାଖରେ କ'ଣ ଜରୁରୀ କାମ ଅଛି । ଘରେ କିଛି ଅସୁବିଧା ଅଛି ବୋଧହୁଏ, ସେଥିପାଇଁ ଆପଣଙ୍କ ଠାରୁ ଟଙ୍କାପଇସା ମାଗିବାକୁ ଆସିଥିବ ନିଶ୍ଚୟ । ମୁଁ ତା'କୁ ଯେତେ କହିଲି ଯାହା ଦରକାର ମୋତେ କହ, ମୁଁ କହିଦେବି ସିନ୍ଧେ କାକା ଙ୍କୁ, ହେଲେ ସେ ନଛୋଡବନ୍ଧା । ଏକା ଜିଦ୍ କରି କହୁଛି ସେ

ମନ୍ଦିର ଭିତରକୁ ଯାଇ ଆପଣଙ୍କୁ ଦେଖା କରିବ ବୋଲି। ଭିଡ କାଟି ଆଗକୁ ଯାଇ ଭିକାରୀ ଭଳ ଦିଶୁଥିବା ଲୋକ ଟିକୁ ହଠାତ କୋଳେଇ ନେଲେ ବିନତ୍ ବାବୁ । ଜଗୁଆଳୀକୁ ଆଦେଶଭରା ସ୍ୱରରେ କହିଲେ "ତୁମେ ନୂଆ ଆସିଛ ପ୍ରମୋଦ, ତେଣୁ ବୋଧହୁଏ ଜାଣନାହିଁ ଯାଦି ରେଡ୍ଡୀ ଙ୍କୁ। ମୁଁ ତାଙ୍କୁ ଜାଣେ, ସେ ମୋ' ପାଖକୁ ଆସିବାକୁ ଚାହୁଁଛନ୍ତି, ତାଙ୍କୁ ଆସିବାକୁ ଦିଅ । ସେଠାରେ ସମବେତ ହୋଇଥିବା ଜନତାଙ୍କୁ କହିଲେ "କିଛି ଅସୁବିଧା ନାହିଁ ଭାଇ ମାନେ, ଆପଣମାନେ ଯିଏ ଯାହା କାମରେ ଯାଆନ୍ତୁ, ସେ ମୋ ପାଖକୁ ଆସିଛନ୍ତି, ମୁଁ ତାଙ୍କ କଥା ବୁଝିବି"। ସଂମ୍ଭ୍ରମ ରେ ଦି ପାଖକୁ ହଟିଗଲେ ସମସ୍ତେ। କାଖରେ ପୁଟୁଳଟି ଯାକ ଧରି ମଝିରେ ସେଇ ଭିକାରୀ ଟି ଚାଲିଲା ବିନତ୍ ବାବୁ ଙ୍କ ପଛେପଛେ ମନ୍ଦିର ଭିତରକୁ ।

ମନ୍ଦିର ଭିତରେ ଥିବା ଛୋଟ କୋଠରୀ ଟି ଭିତରେ ପଶିଲେ ଦୁହେଁ । ସେଠାରେ ପଡିଥିବା ଚେୟାର୍ ଉପରେ ଭିକାରୀ ଟିର ହାତ ଧରି ବସାଇ ଦେଲେ ବିନତ୍ ବାବୁ। ଦେହରୁ ଧୂଳ ଝାଡି ଦେଇ ଥଣ୍ଡା ପାଣି ଗ୍ଲାସ୍ ଟିଏ ଆଣି ପିଇବାକୁ ଦେଲେ ତାଙ୍କୁ। ଧୀର ସ୍ୱର ରେ ପଚାରିଲେ "ତୁମକୁ ବେଶି ବାଡିଆବାଡି କରି ନାହାଁନ୍ତି ତ ସେମାନେ?" ନାଇଁ ଆଜ୍ଞା, ସେମାନେ ମାଡ ଦେଇ ନାହାଁନ୍ତି , ଖାଲି ଠେଲାପେଲା କରିବାରେ ଯାହା ମୁଁ ତଳେ ପଡିଗଲି। ଆଜି ଦେହଟା କାହିଁକ ଟିକଏ ବେଶୀ ଖରାପ ଲାଗୁଥିଲା। ଦି'ଦିନ ହେଲାଣି ପ୍ରବଳ ଜ୍ୱର, କାଳେ କ'ଣ ହୋଇଯିବ ସେଇ ଆଶଙ୍କା କରି ଆପଣଙ୍କୁ ଟିକଏ ଶିଘ୍ର ଦେଖା କରିବାକୁ ଚାଲି ଆସିଲି । ନହେଲେ ତ ସବୁଥର ଭଳ ରାତି ଏଗାରଟା ପରେ ହିଁ ଆସିଥାନ୍ତି । ଟିକଏ ଏପଟ ସେପଟକୁ ଚାହିଁ ସେ ପରଖି ନେଲା ଏକାନ୍ତ କୁ । କାଖ ତଳେ ଜାକ ଧରିଥିବା ପୁଟୁଳ ଟି କାଢି ବଢେଇ ଦେଲା ବିନତ୍ ବାବୁଙ୍କ ହାତକୁ। ତା' ହାତରୁ ନେଇ ପୁଟୁଳଟିକୁ ସେଠାରେ ପଡିଥିବା ଟେବୁଲ୍ ଉପରେ ଖୋଲି ଦେଇ ଓଜାଡି ଦେଲେ ବିନତ୍ ବାବୁ । ଝଣଝାଣ ହୋଇ ଗଳପଡିଲା ପୁଳାଏ ଖୁଚୁରା ପଇସା ଏବଂ ନୋଟ୍ ସବୁ । ଧୀରେ ସୁସ୍ଥେ ସେସବୁ ଟଙ୍କା ପଇସାକୁ ସଜଡାସଜଡି କରି ଗଣି ବସିଲେ ବିନତ୍ ବାବୁ। ଗଣି ସାରି ଥାକ ଥାକ କରି ରଖିଲାପରେ ସେଇ ଘରେ ଥିବା ଆଲମାରୀ ରୁ ଡାଏରୀଟିଏ କାଢି ଆଣିଲେ, ଗୋଟିଏ ପୃଷ୍ଠା ବାହାର କରି କିଛି ଲେଖିଲେ ଏବଂ ହସ ହସ ମୁହଁରେ କହିଲେ "ବୁଝିଲ ଯାଦି ! ଆଜିର ଏଇ ଟଙ୍କା ପଇସାତକ ମିଶି ହେଉଛି ଅଶୀ ହଜାର ଆଠଶହ ଅଣତିରିଶି ଟଙ୍କା। ଆଉ ତୁମେ ଆଗରୁ ଦେଇଥିବା ଟଙ୍କାରେ ଏତିକ ମିଶିଲେ ସର୍ବମୋଟ୍ ହେବ ଆଠ

ଲକ୍ଷ ଏକ ହଜାର ସାତ ଶହ ବୟାଳିଶି ଟଙ୍କା । ତୁମେ ଏତେ ଗୁଡିଏ ଟଙ୍କା ଏଇ ତିରିଶି ବର୍ଷ ଭିତରେ ଏଇ ମନ୍ଦିର କୁ ଦାନ କରି ସାରିଲଣି । ସେଥିରେ ମନ୍ଦିର ର ଉନ୍ନତି ମୂଳକ କାର୍ଯ୍ୟ ତ ହେଉଛି, ଆହୁରି ଅନେକ ଜନମଙ୍ଗଳକର କାର୍ଯ୍ୟ ମଧ୍ୟ ହେଉଛି । ଏବେ ତ ତୁମେ ନିଜେ ବୃଦ୍ଧ ଏବଂ ବହୁତ ଅସୁସ୍ଥ ହୋଇ ପଡିଲଣି, ଏଇ ଟଙ୍କା କୁ ତୁମ ନିଜ ପାଇଁ ଖର୍ଚ୍ଚ କରି ପାରିଥାଆନ୍ତ । ହେଲେ ତାହା ନକରି ପୁଣି ଏଠିକି ଆଣି ଆସିଲ କ'ଣ ପାଇଁ "? ଦୁଇ ହାତ ଜୋଡି ଭିକାରୀ ଟି ନଇଁ ପଡି ବିନତ୍ ବାବୁଙ୍କର ପାଦ ଛୁଇଁଲା । କାନ୍ଦ କାନ୍ଦ ହୋଇ କହିଲା "ନାଇଁ ଆଜ୍ଞା ! ଆପଣ ସେମିତି କାହିଁକି କହୁଛନ୍ତି ? ମୋ ଜୀବନ ରେ ଆଉ କ'ଣ ଅଛି ଯେ ତା'କୁ ଲୋଭ କରିବି ? ମତେ ପନ୍ଦର କି ଷୋହଳ ବର୍ଷ ହୋଇଥିଲା ଏଇ ସହର କୁ ଆସିଥିଲି । ପେଟ ପୋଷିବାକୁ ରିକ୍ସା ଚଲେଇବା ଆରମ୍ଭ କରିଥିଲି। ଯୁବକ ହୋଇ ଘର ସଂସାର ମଧ୍ୟ କରିଥିଲି। ପୁଅଟିଏ ହେବା ପରେ ନିଜକୁ ସବୁଠାରୁ ସୁଖୀ ମଣିଷ ବୋଲି ଭାବିଥିଲି। ଦିନରାତି ଲାଗିପଡି ରିକ୍ସାଟାଣି ରୋଜଗାର କଲି ସେମାନଙ୍କ ପାଇଁ । ଖୁବ୍ ଭଲରେ ପାଳନ ପୋଷଣ କଲି ସେମାନଙ୍କୁ। ହେଲେ ଦଇବ ସହିଲାନି, ଦିନେ ମୋ ରିକ୍ସା କୁ ଧକ୍କା ଦେଲା ବଡ ଟ୍ରକ୍ ଟିଏ । ସେଇ ଦୁର୍ଘଟଣାରେ ମୋର ରିକ୍ସାଟି ତ ଚୂରମାର୍ ହେଲା, ମୋର ମେରୁଦଣ୍ଡ ହାଡ ଭାଙ୍ଗି ମୁଁ ମଧ୍ୟ ଅଚଳ ହୋଇ ପଡିଲି ସବୁଦିନ ଲାଗି । ଅନେକ ଦିନ ଧରି ମେଡିକାଲରେ ପଡି ଚିକିତ୍ସିତ ହେଲି, ସୁସ୍ଥ ହେଲା ପରେ ବାଡି ଧରି ଛୋଟେଇ ଛୋଟେଇ ଯେତେବେଳେ ଫେରି ଆସିଲି ମୋ ଘରକୁ, ସେତେବେଳକୁ ମୋ ସଂସାର ଉଜୁଡ଼ି ସାରିଥିଲା । ମୋ ସ୍ତ୍ରୀ, ମୋ ପୁଅକୁ ନେଇ ଆଉ କେଉଁ ସହରକୁ ପଳେଇ ଥିଲା। ଗୋଟାଏ ପଙ୍ଗୁ ସ୍ୱାମୀ ଉପରେ ଭରସା କରି ସିଏ ବି କାହିଁକି ପଡି ରହିଥାଆନ୍ତା ଯେ ? ତେଣୁ ସିଏ ତା' ବାଟ ଖୋଜିନେଲା । ବହୁତ ଖୋଜାଖୋଜି କରି ପାଇଲିନି ସେମାନଙ୍କୁ ମୁଁ । ସେମିତି କାନ୍ଦି ବୋବେଇ ଭୋକ ଉପାସରେ ପଡି ରହିଲି କିଛିଦିନ । ତା'ପରେ ଅନନ୍ୟୋପାୟ ହୋଇ ଆସି ଏଇ ମନ୍ଦିର ସାମନାରେ ବସି ଭିକ ମାଗିଲି । ଏଇଠି ଲୋକମାନେ ଦୟାପରବଶ ହୋଇ ଯାହା ଦେଲେ ଖାଇଲି । ଯାହା ଦେଲେ ପିନ୍ଧିଲି, ବାବାଙ୍କ ଶରଣ ପଶିଲି, ବାବାଙ୍କୁ ମୋ ଦୁଃଖ ଜଣାଇଲି । ଏଇଠି ପଡି ରହିଲି ଦିନରାତି ।

ଏଇଠି ରହିବା ଭିତରେ ପ୍ରତିଦିନ ଆପଣଙ୍କୁ ଦେଖିଲି। ଆପଣଙ୍କର ସୁନ୍ଦର ବ୍ୟବହାର, ଦରିଦ୍ରମାନଙ୍କ ପାଇଁ ଦୟାଭାବ, ସେବା ମନୋବୃତ୍ତି ଦେଖି ମୋ ଭିତରେ ଆପଣଙ୍କ ପ୍ରତି

ଶ୍ରଦ୍ଧା ଓ ସମ୍ମାନ ବଢିଲା । ଆପଣ ସାକ୍ଷାତ ଈଶ୍ୱର ଆଜ୍ଞା, ମୁଁ ଆପଣଙ୍କ ଭିତରେ ସାଇବାବାଙ୍କୁ ଦେଖୁଛି। ମୋର ତ ଆଗକୁ ପଛକୁ କେହି ନାହାଁନ୍ତି, କାହା ପାଇଁ ସଞ୍ଚିବି ? କାହା ପାଇଁ ଆଉ ଭାବିବି ? ବରଂ ମୋ'ରି ଭଳି କିଛି ଅସହାୟ, ଦୀନ ଦୁଃଖୀ ଲୋକଙ୍କ ପାଇଁ କିଛି କାମ କରିଗଲେ ଏ ଅଭିଶପ୍ତ ଜୀବନରେ କିଛି ପୁଣ୍ୟ ଅର୍ଜନ କରିଯିବି ବୋଲି ମୁଁ ଚିନ୍ତା କଲି। ଏଇ ଭିକ୍ଷାବୃତ୍ତି କରୁ କରୁ ଯେତେବେଳେ କିଛି ପଇସା ଠୁଳ ହେଲା ମୋ ପାଖରେ, ମୁଁ ସ୍ଥିର କଲି, ମୋ'ରି ଭଳି କିଛି ଅସହାୟ ଲୋକଙ୍କ ପାଇଁ କିଛି କାମ କରିବି। ଏଇ ସାଇବାବା ତାଙ୍କ ମନ୍ଦିରରେ ମୋତେ ଆଶ୍ରୟ ଦେଇ ମୋର ଜୀବନରକ୍ଷା କରିଛନ୍ତି, ମୁଁ ତାଙ୍କ ପାଇଁ ମଧ୍ୟ କିଛି କାମ କରିବି। ମୁଁ ତ ପଙ୍ଗୁ ଟିଏ, ମୁଁ ବା ଆଉ ଅଧିକ କ'ଣ କରି ପାରିବି? ସେଇଥିପାଇଁ ସେଦିନ ରାତିରେ ଆପଣ ଏଇ ବାଟ ଦେଇ ଯିବା ବେଳେ ମୁଁ ଆପଣଙ୍କୁ ଅଟକେଇ ନିଜର ମନକଥା କହି ମୋର ପ୍ରଥମ ସଞ୍ଚୟ ଏକ ଲକ୍ଷ ଟଙ୍କା ଆପଣଙ୍କ ହାତରେ ଦେଇଥିଲି ଆଉ ଅନୁରୋଧ କରିଥିଲି ମୋ ନାଆଁ କେଉଁଠି ପ୍ରକାଶ ନକରି ସେଇ ଟଙ୍କା କୁ କୌଣସି ସତ୍ କାର୍ଯ୍ୟ ରେ ଲଗାଇବା ପାଇଁ । ମୋ କଥା ଶୁଣି ଆପଣ ସେଦିନ ମୋତେ କୁଣ୍ଢେଇ ପକାଇଥିଲେ ଆଉ ଖୁବ୍ ଆଶୀର୍ବାଦ କରିଥିଲେ । ଆମ କଥା ଆମ ଭିତରେ ସୀମିତ ରହିବ ବୋଲି କଥା ଦେଇ ମୋତେ ଆଶ୍ୱାସନା ଦେଇଥିଲେ। ଆପଣ ମୋ କଥା ରଖିଥିଲେ । ସେଇ ଦିନୁ ଆଜି ଯାଏଁ ସେଇ ଧାରା ଅବ୍ୟାହତ ରହିଛି । ପ୍ରତ୍ୟେକ ଥର ମୁଁ ରାତିରେ ଲୁଚ ଲୁଚ ଆସି ଆପଣଙ୍କୁ ମୋର ସଞ୍ଚିତ ଅର୍ଥ ଦେଲାବେଳେ ଆପଣ ଏଇ ଡାଏରୀ ରେ ଟିପି ରଖିଛନ୍ତି ଏବଂ ସେଇ ସମୟ ମଧ୍ୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ର ବିବରଣୀ ଶୁଣାଇଛନ୍ତି ମୋତେ । ମୁଁ କୃତାର୍ଥ ହୋଇଛି ଆପଣଙ୍କ ସହୃଦୟତା ପାଇ। ମୋତେ ଲାଗୁଛି ମୁଁ ସାଇବାବାଙ୍କର କରୁଣାମୟ ରୂପ ଦେଖୁଛି ଆପଣଙ୍କ ଭିତରେ ।

ଆଜିର କଥା କହୁଛି, ଗତଥର ଆପଣ କହିଥିଲେ ମନ୍ଦିର ପାଇଁ ଗୋଶାଳାଟିଏ ତିଆରି ହେଉଛି । ଗୋମାତାଙ୍କର ସେବା ପରମ ଧର୍ମ । ଆଜି ସେଇ କାମ ପାଇଁ ଏଇ ଅର୍ଥ କୁ ଲଗାଇବା ପାଇଁ ଆପଣଙ୍କୁ ଅନୁରୋଧ କରୁଛି, ମୁଁ ଖୁବ୍ ଖୁସି ହେବି । ମତେ ତ ଆସି ଅଶି ବର୍ଷ ଛୁଇଁଲାଣି ହୁଏତ କାଲିକି ମୁଁ ନଥିବି କିନ୍ତୁ କାହାର କାମରେ ଆସିଛି ବୋଲି ମୋର ମନରେ ଯେଉଁ ସନ୍ତୋଷଭାବ ରହିଛି ତାହା ମୋ' ଆତ୍ମା କୁ ଶାନ୍ତି ଦେବ। ଏବେ ମତେ ବିଦାୟ ଦିଅନ୍ତୁ । ମୁଁ ଯାଏଁ, ଭାଗ୍ୟରେ ଥିଲେ ପୁଣି ଥରେ ଦେଖାହେବ । ଓମ୍ ସାଇ ରାମ୍

କହି କହି ଲମ୍ବା ଲମ୍ବା ପାଦ ପକାଇ ଘର ଭିତରୁ ବାହାରି ଗଲ୍ ଭିକାରୀ ଜଣକ। ବିନତ୍ ସିନ୍ଧେ ଆଖିରୁ ଲୁହ ପୋଛି ଗ୍ଚହିଁ ରହିଥିଲେ ତା'ର ଯିବା ପଥକୁ । ଆଉ ମନେମନେ ଭାବୁଥିଲେ ଏମିତି ନୀରବ ଈଶ୍ୱର ମଧ ଅଛନ୍ତି ଏଇ ସଂସାର ମଧରେ ।।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପ୍ରତୀକ୍ଷା

କୁମୁଦିନୀ ବେହେରା

ଶଙ୍ଖ ହୁଳହୁଳ ଶବଦ ତାଳରେ
ସ୍ୱାଗତ ସଙ୍ଗୀତ ଗାଇ
ପ୍ରତୀକ୍ଷାର ଅନ୍ତ କେବେ ହେବ ବୋଲି
ବାଟ ରହିଅଛି ଚାହିଁ ।୧।

ସେ ମାହେନ୍ଦ୍ର ବେଳା ହେଲେ ଉପନୀତ
ସୁମଧୁର ଗୁଞ୍ଜରଣେ
ବଧାଇ ଜଣାଇ ସ୍ୱାଗତ କରିବି
ମିଠା ମିଠା ସମ୍ଭାଷଣେ ।୨।

ଶୀତ ସବାରୀ ମୋ ସଜ୍ଜିତ କରିଛି
ରଙ୍ଗ ବେରଙ୍ଗ ଫୁଲରେ
କାକର ଗାଲିଚା ବିଛାଇ ରଖିଛି
ସଜ ଫୁଟା ଗୋଲାପରେ ।୩।

ଶବ୍ଦ ତରଙ୍ଗର ପ୍ରତିଧ୍ୱନି କହେ
ଆମନ୍ତ୍ରୀ ଆଣି ତୁମକୁ
ବାସେ ତୁମ ମହକତ କରିଦେବି
ମୋ ମନର ଅଗଣାକୁ ।୪।

ସମ୍ଭବ ଓ ସମ୍ଭାବନା ହସ୍ତେ ଧରି
ଏରୁଣ୍ଡି ବନ୍ଧକୁ ଡେଇଁ
ପରିବର୍ତ୍ତନର ନୂଆ ପ୍ରତିଦାନେ
ଆସିବ ମୋ ପାଶେ ଧାଇଁ ।୫।

ମୋ ସାରସ୍ୱତର ଟିକି ଅଗଣାକୁ
ତୁମ ଲେଖନୀ ତୂଳୀରେ
ନୂଆ ରୂପ, ରସ ଗନ୍ଧରେ ସଜାଇ
ଆଙ୍କି ଦେବ ମହଲରେ ।୬।

ହାତେ ହାତ ରଖି ଲେଖି ଚାଲୁଥିବା
ସାମାଜ ମଙ୍ଗଳ ହିତେ
କାବ୍ୟ ନିର୍ଝରିଣୀ ଝରାଇ ଚାଲିବା
ଏ ସୃଷ୍ଟିର ମରୁପ୍ରାନ୍ତେ ।୭।

ଚିନ୍ତା ଚେତନାର ଆବାହକ ହୋଇ
ପ୍ରତିନିଧିତ୍ୱ କରିବା
ପ୍ରାଜ୍ଞ, ବିଜ୍ଞ, ସୁସ୍ଥ ସମାଜ ଗଠନେ
ନିଷ୍ଟେ ସହାୟକ ହେବା ।୮।

ଏ ଧରାପୃଷ୍ଠରେ ବିପଥଗାମୀର
ବିନଷ୍ଟ ପଥ ରୋକିବା
ଇଶ୍ୱର ପ୍ରେରିତ ସାଜି ଦେବ ଦୂତ
ନୂତନତା ପ୍ରକାଶିବା ।୯।

ସୀମାହୀନ ପ୍ରତୀକ୍ଷାର ପରିଧିକୁ
ଛୁଇଁ ପାରିବି କି ନାହିଁ
ହତାଶ  ପଣରେ ଧୈର୍ଯ୍ୟ ପଣ ମୋର
ଗଗନେ ଯାଏ ମିଳେଇ ।୧୦।

ଶିକ୍ଷୟିତ୍ରୀ, ଅନୁଗୋଳ

# ବର୍ଷାକୁ....



ସତ୍ୟବ୍ରତ ସାହୁ

ବର୍ଷା.....
ଏଇ ଦେଖ ମୋ ପ୍ରିୟାର ହାତଲେଖା ଚିଠି,
ତମେ ଆସିଛ ବୋଲି ପ୍ରିୟା ମନେ ପଡିଛି
ଖୁଲେଣି
ଲେଖିଛି ସେ ବର୍ଷାରେ ଜମା ଭିଜିବନ ।
ବର୍ଷାରେ ବାହାରକୁ ମୋଟେ ଆସିବନ,
ଯଦି ଆସ ବର୍ଷାତି ପିନ୍ଧିବ ନଚେତ ହାତରେ
ଛତାଟେ ନେବାକୁ ଆଦୌ ଭୁଲିବନ ।
ଭିଜିଲେ ବର୍ଷାରେ ହୋଇପାରେ ଥଣ୍ଡା ଜର/ସର୍ଦ୍ଦି
ମୋ ମୁହଁ ଟିକେ ଶୁଖିଗଲେ
ତା ଛାତି ଜମା ସହି ପାରିବନ ।
ପାଶେ ଥିଲେ ପଣତରେ ପୋଛିଥାନ୍ତା
ଦେହ/ମୁଣ୍ଡ
ଅଥଚ... ଏବେ ସେ ବହୁ ଦୂରେ ଅଛି ।
ଲେଖିଛି ସେ ତା ପାଖକୁ ଚିଠି ଦେବାପାଇଁ
ଡାକଘର ଇତି ମୁଁ ଯିବିନ
ବେଶୀ ଗ୍ରତି ଯାଏ ବସି ଗପ କ କବିତା
ଲେଖିବିନ,
ଗ୍ରଣ ଦେଇ ଶେଷରେ ଲେଖିଛି
"ମୋ ସାନକଥା ମୋଟେ ଭୁଲିବନ"
ମୋ ପାଇଁ ତା ମନେ କେତେ ଦରଦ ଏବେ
ତମେ ଜାଣି ପାରିଥିବ ।
ତମେ କୁହ ବର୍ଷା....
ଯାହାପାଇଁ ପ୍ରେମିକ ସାଜିଲି,
ବନଗଲି କବି,
ତା କଥା କେମିତି ଯେ ପାରିବି ମୁଁ କାଟି?
ତେଣୁ ହେ ବର୍ଷା.... ବରଂ ଭଲ ହେବ
ତମେ ମୋତେ ମୋଟେ ଭିଜାଅନ.... ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ଆମ ଗାଁ



ବାସନ୍ତୀ ଲତା ଜେନା

ଗାଆଁଟି ମୋର ଭାରି ସୁନ୍ଦର
ଜନମ ମାଟି ମୋର
ଛୋଟିଆ ତାର ଆକୃତି ଅଟେ
ଶୋଭାର ଗନ୍ତାଘର (୧)

କଚରି ମିଚରି ପକ୍ଷୀ ହୁଅନ୍ତି
ପ୍ରଭାତ ହେବା ଜାଣି
ପୂର୍ବ ଆକାଶେ ଉଦୟ ସୂର୍ଯ୍ୟ
ମନ ନେଉଛି କିଣି (୨)

କୃଷି କ୍ଷେତ୍ର ଯେ ଭରି ଉଠଇ
କୃଷକ କରେ ଚାଷ
ସବୁଜ ଶାଢ଼ୀ ଧରଣୀ ପିନ୍ଧେ
ଦେଖି ମନ ସନ୍ତୋଷ (୩)

ବିଭିନ୍ନ ଜାତି ବିଭିନ୍ନ ଧର୍ମ
ଅଛନ୍ତି ଆମ ଗ୍ରାମେ
କେତେ ଲୋକ ଚାକରୀ କରନ୍ତି
କେତେକ ଅନ୍ୟ କାମେ (୪)

ଗାଆଁର ଲୋକ ସରଳ ଅଟେ
ବିନୟୀ ଭାବ ତାଙ୍କ
ଟାଉଟରଙ୍କ ସଂଖ୍ୟା ତ କମ
ନିନ୍ଦା କରନ୍ତି ଲୋକ (୫)

ଗାଆଁରେ ଅଛି ବିଦ୍ୟାଳୟ ତ
ପିଲେ ପାଠ ପଢ଼ନ୍ତି
ଗାଆଁ ମନ୍ଦିରେ ସକାଳ ସଂଜେ
ଭାଗବତ ବୋଲନ୍ତି (୬)

ଗାଆଁରେ ଅଛି ଡାକ ଘର ତ
ନାହିଁ ଡାକ୍ତର ଖାନା
ରୋଗରେ ପଡି ଯନ୍ତ୍ରଣା ଭୋଗେ
ଡାକ୍ତର ସେବା ବିନା (୭)

ଗାଆଁ ଟି ଆମ ସଫା ସୁତରା
ରାସ୍ତା ଯେ ଅଛି ପକ୍କା
ନଳ କୂଅରୁ ପାଣି ପିଅନ୍ତି
କାଦୁଅ ନାହିଁ ଦେଖା (୮)

ହରିହାଟ ଟୁଙ୍ଗି ଘର ତ ଅଛି
କଳସ ଆସି ଥାଏ
ବାର ମାସରେ ତେର ପରବ
ପାଳନ କରା ଯାଏ (୯)

ରଜରେ ହୁଏ କଳସ ବୁଡ଼ା
ହରି କୀର୍ତ୍ତନେ ଧାଁ ନ
କୁଆଁରୀ ଝିଅ ରଜ ପାଳନ୍ତି
ରଜ ଦୋଳରେ ମନ (୧୦)

ଖୁଦୁରୁକୁଣୀ କୁଆଁର ପୁନେଇ
ପଞ୍ଚୁକ କରି ଥାନ୍ତି
ଗଜ ଲକ୍ଷ୍ମୀ ପୂଜା ମହା ଆଡ଼ମ୍ବରେ
ପାଳନ କରି ଥାନ୍ତି (୧୧)
ସୋମ ବାର ଆଉ ଗୁରୁ ବାରରେ
ହାଟ ବସିଣ ଥାଏ
କଣା ବିକା ତ ଜିନଷ ହୁଏ
ଆବଶ୍ୟକ ଯାହା ଥାଏ (୧୨)
ଗାଆଁର୍ ସ୍ମୃତି ଅଛି ଅନେକ
ଭୁଲିବା ନୁହେଁ ଯାହା
ମୋ ପ୍ରିୟ ଭୂଇଁ ଜନମ ମାଟି
ଜନନୀ କୋଳ ତାହା (୧୩)

ସହକାରୀ ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସ୍ମୃତି ଚିହ୍ନ



ଆରତୀ ସାହୁ (ଆଶା)

ନିରୁପମା ଆଖିରେ ନିଦ ନାହିଁ । ଅତ୍ୟନ୍ତ ଆହ୍ଲାଦରେ, ପରମ ସ୍ନେହରେ ନିଜ ପାର୍ଶ୍ୱରେ ନିଦ୍ରାମଗ୍ନ ସ୍ୱାମୀଙ୍କୁ ଅନେଇଲା । ନିଦ୍ରିତାବସ୍ଥାରେ ତାଙ୍କର ସୌମ୍ୟ ମୁଖମଣ୍ଡଳ ଶିଶୁମୁଖ ତୁଲ୍ୟ ନିଷ୍ପାପ ଓ ନିଶ୍ଚିନ୍ତ ଲାଗୁଥିଲା । କେଉଁଏ ଚୁଟି ବାରମ୍ବାର ତାଙ୍କ ଆଖି ଉପରକୁ ଆସି ନିଦରେ ବ୍ୟାଘାତ ସୃଷ୍ଟି କରୁଥିଲା । ଅତି ସନ୍ତର୍ପଣରେ ନିରୁ ତାଙ୍କ ଚୁଟିକୁ ଆଉଁସି ପଛପାଖକୁ କଲା ବେଳକୁ ନରେନ୍ଦ୍ରଙ୍କ ନିଦ ଭାଙ୍ଗିଗଲା ।

- ଆଃ, ଶୋଇବାକୁ ଦିଅନା । କଡ଼ ଭାଙ୍ଗି ପୁଣି ଥରେ ସେ ଶୋଇପଡ଼ିଲେ । ନିରୁକୁ ହସ ମାଡ଼ିଲା । କି ନିଦରେ ବାବା ! ତାର ତ ଆଖି ଟିକେ ହେଲେ ବନ୍ଦ ହୋଇନାହିଁ । ହେବ ବି କେମିତି ଯେ ?

ଦୀର୍ଘଶ୍ୱାସ ନେଇ ସେ କାନ୍ଥ ଆଡ଼କୁ ମୁହଁ କରି ଶୋଇଲା ।

କେତେ ବଦଳି ଯାଇଛି ଅନୁପମା ! ନାକକାନ୍ଦୁରୀ, ତନୁପାତଳି ଅନୁକୁ ଯଦି ଲୋକଗହଳିରେ ଦେଖିଥାଆନ୍ତା ମୋଟେ ଚିହ୍ନି ପାରି ନଥାନ୍ତା । କାଲି ହିଁ ତ ସେ ମାଇଁଙ୍କ ଠାରୁ ଖବର ପାଇଥିଲା, ଅନୁ ରାଉରକେଲା ଦେଇ କଟକ ଯିବ ବୋଲି । ମୋବାଇଲର ମେସେଜ ଚେକ କଲା ବୋଲି ସିନା । ନହେଲେ ଏତେ କାଳରୁ ବିଚ୍ଛିନ୍ନ ତାର ସାନ ଭଉଣୀକୁ ସେ କଣ ଭେଟି ପାରି ଥାଆନ୍ତା । ଏମିତରେ ମୋବାଇଲ ଧରିବା ଅଭ୍ୟାସ ଟା ତାର ଜମା ପସନ୍ଦ ନୁହେଁ । ବାପା ମାଆ ଓ ଅନ୍ୟ ଭଉଣୀ ମାନେ ତ ତାକୁ ଶୁଦ୍ଧି ହେଲା ଭଳି ଭୂଲି ଯାଇଛନ୍ତି । ସେ ବଞ୍ଚିଛି ନା ମରିଛି ଖୋଜଖବର ସୁଦ୍ଧା ରଖି ନାହାନ୍ତି । ବଡ଼ ନାନୀ ତା ପୁଅ ବାହାଘର କଲା । କେଉଁ ଦୂର ଦୂରାନ୍ତରୁ ବନ୍ଧୁ ଖୋଜା ଲୋଡ଼ା ହେଲେ,

ରକ୍ତର ସାନ ଭଉଣୀକୁ ପୋଷ୍ଟକାର୍ଡ ରେ ଖଣ୍ଡେ ନିମନ୍ତ୍ରଣ ପତ୍ର ପଠାଇଲା ନାହିଁ । ମଝିଆଁ ନାନୀ ତ ତା ପୁଅ ବ୍ରତଘରେ ତାକୁ ଖୋଜି ପାରିଥାନ୍ତା । ତାର ତ ଦୁଇ ଦୁଇଟା ଦିଅର ଅନ୍ତର୍ଜାତୀୟ ବିବାହ କରିଛନ୍ତି । ସେମାନେ ସବୁ ଆମେରିକାରୁ ବୁଲି ଆସିଲେଣି, କିନ୍ତୁ ଏ ପର୍ଯ୍ୟନ୍ତ ନିଜ ଖଣ୍ଡାୟତ ସାଙ୍ଗର ଭାଇକୁ ବିବାହ କରିଥିବା ସାନ ଭଉଣୀକୁ କ୍ଷମା କରି ପାରିଲେ ନାହିଁ । ବାପଘର ଲୋକେ ଦକ୍ଷକନ୍ୟା ଭଳି ତାର ସ୍ମୃତି କୁ ମଧ୍ୟ ପୋଛି ଦେଇଛନ୍ତି। ଜଣେ କେବଳ ସ୍ନେହୀ ମାଇଁ ଙ୍କ ଦ୍ୱାରା ସେ ସମ୍ପର୍କ ସୂତ୍ରରେ ବନ୍ଧା ହୋଇଛି ବାପଘର ସହ । ମାଇଁ ମଧ୍ୟ ଜୀହ୍ୱା କର୍କଟ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି । ତେଣୁ ସେହି କ୍ଷୀଣ ସମ୍ପର୍କ ସୂତ୍ରର ଆୟୁଷ ମଧ୍ୟ ସରି ସରି ଆସିଲାଣି । କାଲି ସେହି ମାଇଁ ହିଁ ଅନୁ ଆସିବାର ଖବର ଦେଇଥିଲେ ।

ଅନୁ, ଅନୁପମା, ତାର ସବୁଠାରୁ ସାନ ଓ ଗେହ୍ଲା ଭଉଣୀ । ତା ବିବାହର ଖବର ମଧ୍ୟ ମାଇଁଙ୍କ ଠାରୁ ପାଇଥିଲା । ସ୍ୱର୍ଗର ଅପ୍ସରୀ ଭଳି ସୁନ୍ଦରୀ ଅନୁକୁ, ଗୋଟେ କୁରୂପ, ସର୍ବନିମ୍ନ ପାହ୍ୟାର ଏକ ରାଜ୍ୟ କର୍ମଚାରୀ ସହ ବିବାହ କରିଦେଲେ । ନରେନ୍ଦ୍ରଙ୍କ ଅଗୋଚରରେ ନିରୁ ଅନେକ କାନ୍ଦିଥିଲା ।

- ଅନୁ ବାହାଘରରେ ତୋତେ ନେଇବା ପାଇଁ ମୁଁ ତ ତୋ ମାଆଙ୍କୁ ରାଜୀ କରି ଦେଇଥିଲି । ହେଲେ ତୋର ଦୁର୍ବାସା ବାପା ମୋର କଲିଜା ଚିରିଲା ଭଳି କଥା କହିଲେ, ଖବରଦାର ସେ କଳଙ୍କିନୀର ନାଁ ମଧ୍ୟ କେହି ତୁଣ୍ଡରେ ଧରିବାର ଦୁଃସାହସ କରିବ ନାହିଁ । ନୈଷ୍ଠିକ ବ୍ରାହ୍ମଣ ଘରର ଝିଅ ଖଣ୍ଡାୟତର ହାତ ଧରିଲା । ସେ ଆମପାଇଁ ମରି ଯାଇଛି । ମାଇଁ କହିଥିଲେ। ସେ ଜାଣେ, ମାଆ ମଧ୍ୟ ବାପାଙ୍କୁ ଲୁଚେଇ ଢେର କାନ୍ଦିଥିବ ।

ଏକଥା ଠିକ ଯେ ସେ ପାରମ୍ପରିକ ଚଳଣି ଛାଡ଼ି, ନରେନ୍ଦ୍ର ମହାନ୍ତିଙ୍କୁ କୋର୍ଟ ମ୍ୟାରେଜ କରିଥିଲା । କିନ୍ତୁ କଣ, କିଛି ହେଲେ ଅଭାବ ଅଛି ତାର ? ଗାଡ଼ି ଗାଡ଼ିଟା ଗାଡ଼ି, ବିରାଟ ବଙ୍ଗଳା, ସରକାରୀ ଅର୍ଦ୍ଦଳି, ଚାକର ବାକର ସବୁରେ ପରିପୂର୍ଣ୍ଣ । ବାପା ନିଜ ପସନ୍ଦରେ କୌଣସି ଭଉଣୀକୁ ଏପରି ପାତ୍ରରେ ବିବାହ କରି ନାହାନ୍ତି । ଏପରି ସମ୍ମାନ ଓ ବୈଭବର ଜୀବନ ଥାଇ ସୁଦ୍ଧା କଣ ଗୋଟାଏ ଅଭାବର ଦଂଶନ ତାକୁ ବରାବର କଷ୍ଟ ଦିଏ । ସେ

ଦଂଶନ ସେ ଇଚ୍ଛା କରି ଏଡ଼ାଇ ଯାଇ ପାରିବ ନାହିଁ । ତାର ସ୍ମୃତିର ଦଂଶନ । ତାର ବିଗତ ସଂସ୍କୃତି ର ଦଂଶନ ଓ ସବୁଠାରୁ ବଳ ଏକ ଅପୂର୍ଣ୍ଣତାର ଦଂଶନ ।

ଅନୁର ବିବାହରେ କେତେ ବନ୍ଧୁ ବାନ୍ଧବ ଆସିଥିବେ । ଗହଳର ସମୂହ ହସ କୌତୁକରେ ଘର ଉଠୁଥିବ ପଡୁଥିବ । କନ୍ୟାଘର ସକାଶେ କେତେ ଖଇ ଉଖୁଡା, ଲଡୁ ଖଜା ତିଆରି ହେଉଥିବ । କେତେ କସମର ମିଷ୍ଟାନ୍ନ ଶିକାରେ ରଖା ହୋଇଥିବ । ମଝିଆଁ ନାନୀର ବାହାଘରେ ସେ ଅନୁକୁ ସ୍କୁରି ଖୁସ୍‌ରେ ଘୋଡ଼ା କରି ପୂର୍ ଗୋଟିଏ ହାଣ୍ଡି ରସଗୋଲା ଗ୍ରେସ୍ଇ ଆଣିଥିଲା । ଦୁଇ ଭଉଣୀ ପଛପାଖ ଅଗଣାର ବିଶାଳ ତେନ୍ତୁଳ ଗଛ ମୂଳରେ ଲୁଚ ସଙ୍ଗେ ସଙ୍ଗେ ରସଗୋଲା ହାଣ୍ଡି ଗୁଟିଚୁଟି ସଫା କରି ହାଣ୍ଡିକୁ କଳମ ଗଡ଼ିଆ ଭିତରକୁ ଫୋପାଡ଼ି ଦେଇଥିଲେ । ସେହି ତେନ୍ତୁଳ ଗଛର ଛାଇରେ କେତେ ଯେ ଅଖାଦ୍ୟ ମ୍ଳେଚ୍ଛ ସାମଗ୍ରୀର ଭୁଗ ବଣ୍ଟନ୍ ହୋଇଛି ତାର କଳନା ନାହିଁ । ପଛପାଖ ଘରଟିରେ ରହୁଥିବା ଶହନାଜ ଗୁଚ କେତେଥର ନିଜ ବିଲାତି କୁକୁଡ଼ାର ବଡ଼ ଅଣ୍ଡାଟିଏ ବଦଳରେ ମାଆକୁ ଲୁଚେଇ ତସଲା ତସଲା ଅଟା ଗୁଉଳ ମାଗି ନଅନ୍ତି । ତେନ୍ତୁଳ ଗଛ ମୂଳରେ କାଠି କୁଟା ଜଳେଇ, ପୁରୁଣା ରଫଲ ହାଣ୍ଡିରେ ଅଣ୍ଡା ସିଝେଇ ତାକୁ ଭଙ୍ଗା ବ୍ଲେଡରେ ସମାନ ବିଭକ୍ତ କରି ନରୁ ଯାଏ ଲଙ୍କା ଲୁଣ ଆଣିବାକୁ । ଆସି ଅଣ୍ଡାର କେସର ସନ୍ଦିଗ୍ଧ ଅବସ୍ଥାରେ କ୍ଷତାକ୍ତ ଦେଖେ । ସେ ସ୍ପଷ୍ଟ ଜାଣି ପାରେ ଅନୁ ଧୈର୍ଯ୍ୟର ଲକ୍ଷ୍ମଣରେଖା ଡେଇଁ ସାରିଛି ।

- ଆଜି ପୁଣି କେସର ଖାଇଛୁ ନା ଅନୁ । କହ ବିଦ୍ୟାସ୍ଣ ।

-ବିଦ୍ୟାସ୍ଣ ! ଅନୁ ସ୍ଣ ଖାଇଲା ବେଳେ ତାର ଗୋଲାପୀ ଜୀଭ ଅଗରେ ହଳଦିଆ ଅଂଶ ଦିଶିଯାଏ । ତାପରେ ତ ମାସ୍ମାରି, ଚୁଟି ଟଣାଟଣି ।

ଠିକ ଏହି ପ୍ରକାର ଘଟଣା ବାପା ଜିଲାପି ଆଣିଲେ ଘଟେ । ବାପା ଜିଲାପି ଦୋନାକୁ ଶିକାରେ ଥୋଇ ହାତ ଗୋଡ଼ ଧୋଇଲା ବେଳେ ଅନୁ ଏକ ରକ୍ତପିଶାଚ ସଦୃଶ୍ୟ କ୍ଷଣକରେ ସମ୍ପୂର୍ଣ୍ଣ ରସସମୁଦ୍ର ଶୋଷି ବଡ଼ ଭଉଣୀ ପାଇଁ ଜିଲାପିର ଅସ୍ଥି ପଞ୍ଜର୍ ମାତ୍ର ଛାଡ଼ି ଯାଏ । ନରୁ ତା ଭଳି ଲୋଭୀ ହୋଇ ପାରେନା । ସ୍ଉରକେଲା କାରମେଲ କନଭେଣ୍ଟରେ ପଢୁଥିବା ହେତୁରୁ, ତାର ସବୁଥିରେ ଏକ ସଣ୍ଣା ଓ ଶାଳୀନତା ଥାଏ । ମାମୁଁ ସେହି ସ୍କୁଲରେ ହେଡ

କ୍ଲର୍କ ଥିବାରୁ ଭାଣିଜୀ କୁ ନେଇ ଏଡ଼ମିଶନ କରି ଦେଇ ଥିଲେ । ଆଉ ତାଙ୍କରି କୃପାରୁ ସେ ଆଇ ସି ଏସ ଇ ରୁ ପାସ କରି ଯାଇଥିଲା । ବାପାଙ୍କର ଅଭିମାନ ଥିଲା ସିଏ । ଅନର୍ଗଳ ଇଂରାଜୀ କହୁଥିବା ଝିଅ ପାଇଁ ସେ ଗର୍ବ ଅନୁଭବ କରୁଥିଲେ । ସେ ଆସିଲେ କହୁଥିଲେ,

- ମାଆ ଲୋ, ତୋର ଏଇ ଗାଉଁଲି ଭଉଣୀକୁ ବି ଟିକେ ଇଂରାଜୀ ଭାଷା ଓ ଆଦବ କାଇଦା ଶିଖେଇ ଦେ । ଏକୁ ତ ସାଇ ପଡ଼ିଶାଙ୍କ ବାଡ଼ିରୁ ଆମ୍ବ କଇଥ ଗୋଟାଇବା ଛଡ଼ା ଆଉ କଛି କାମ ମାଲୁମ ନାହିଁ ।

- ମୋର ଦରକାର ନାହିଁ ଇଂରାଜୀ ଶିଖିବା । କରୁ ଦେଇ 'ଭୂ ' ର ଧାତୁରୂପ ଆଉ 'ଲତା' ର ଶବ୍ଦ ରୂପ କହୁ ତ ଦେଖିବା ।

କହି ଅନୁ ଝୁଲି ଝୁଲି ବଡ଼ ସୁଲଳିତ ସ୍ୱରରେ ରଟିବାକୁ ଲାଗେ ।

ଭବତି ଭବତ ଭବନ୍ତି
ଭବସି ଭବଥ ଭବଥ.......

ବଡ଼ ଗର୍ବରେ ଅନୁ ଲୟରେ ଝୁଲି ଝୁଲି ମୁଖସ୍ଥ ଧାତୁ ରୂପ ଶୁଣେଇ ବାକୁ ଲାଗେ ।

ଶାମ୍ବ ଦଶମୀ ଦିନ ମାଆ ସମସ୍ତଙ୍କ ନାଆଁରେ ସୂର୍ଯ୍ୟଙ୍କ ପାଖରେ ଅର୍ଘ୍ୟ ବାଢ଼ିବା ସକାଶେ ବିଭିନ୍ନ ପ୍ରକାର ପିଠା ତିଆରି କରେ । ଆରିସା, କାକରା, ମଣ୍ଡା, ଏଣ୍ଡୁରି, ମୁଆଁ ଇତ୍ୟାଦି ଇତ୍ୟାଦି । ତାର ଲୋଭନୀୟ ବାସ୍ନାରେ ଘର ସାରା ମହକ ଯାଏ । ଦୁଇ ଭଉଣୀ ମିଶି ସମସ୍ତଙ୍କ ନାଆଁରେ ଅର୍ଘ୍ୟ ଥାଳ ସଜାନ୍ତି । ବିବାହିତା ବଡ଼ ଭଉଣୀ ମାନଙ୍କ ପାଇଁ ମଧ୍ୟ । ବଡ଼ ନାନୀର, ତା ଛୁଆମାନଙ୍କର, ମଝିଆଁ ନାନୀର ଓ ତା ଛୁଆମାନଙ୍କର, ଶେଷରେ ନିଜ ନିଜର । ଏଠାରେ ମଧ୍ୟ ବଡ଼ ଗୁଲାକରେ ଅନୁ ସବୁଠାରୁ ବଡ଼ ବଡ଼ ମିଷ୍ଟାନ୍ନ ସବୁ ନିଜ ଥାଳରେ ସଜାଡି ପକାଏ ।

କୁମାର ପୂର୍ଣ୍ଣିମା ଦିନ ଚନ୍ଦ୍ରକୁ ଅର୍ଘ୍ୟ ଦେବା, ରଜ ପର୍ବରେ ଦୋଳି ଖେଳ । ଆଃ କ ସମୟ ଥିଲା ସିଏ ! କପରି ସୁନ୍ଦର ରୀତି ନୀତି ସବୁ ଥିଲା ସତରେ ! ଦଳ ଦଳ କୁମାରୀ ମାନେ ସଜବାଜ ହୋଇ ଅର୍ଘ୍ୟ ଦେଉଥିଲେ । ଯୁଗ ଯୁଗାନ୍ତରୁ ଗ୍ରାମ୍ୟ ବାତାବରଣ ଏମିତି କୁମାରୀ ମାନଙ୍କର ଫୁଲ ବଉଳ ବେଣୀ, ଓ ରଜ ଦୋଳି ଗୀତର ମଧୁର ଧ୍ୱନିରେ ମଧୁମୟ ହେଉଥିବ, ହୁଏତ ଏବେବି । କିନ୍ତୁ କୁଆଡ଼େ ହଜିଗଲା ସେ ସ୍ୱଚ୍ଛ ନୀଳ ଆକାଶ । ସେହି ଆକାଶରେ ବିଚରଣ କରୁଥିବା ହଂସ ବଳାକା ପଂକ୍ତି ରୁ ସେ ଛିଟିକି ଆସି ଏକୁଟିଆ ହୋଇ ରହି ଯାଇଛି । ବର୍ତ୍ତମାନ ତ ସେ ସ୍ୱର୍ଣ୍ଣ ପଞ୍ଜୁରୀର ଶାରିକା । ଶ୍ୱଶୁର ଆମେରିକାର ସ୍ଥାୟୀ ବାସିନ୍ଦା ଓ ଏକ ଗଣ୍ୟମାନ୍ୟ ବ୍ୟକ୍ତି । ଦୁଇ ଦିଅର ବିଦେଶିନୀ ଝିଅ ମାନଙ୍କୁ ବିବାହ କରି ସେହିଠାରେ କାର୍ଯ୍ୟରତ । ଏକା ନରେନ୍ଦ୍ର ନିଜ ଇଚ୍ଛାରେ ଭାରତକୁ ଆସି ସେଲ୍ ରାଉରକେଲାରେ ଚାକରୀ କଲେ । ଆଉ ହଁ, ନିରୁର ନଣନ୍ଦକୁ ମଧ ଓଡିଶାକୁ ପାଠ ପଢ଼ିବା ପାଇଁ ଓ ଓଡ଼ିଆ ସଂସ୍କୃତିସହ ପରିଚିତ ହେବା ପାଇଁ ପଠା ହୋଇଥିଲା । ଆଉ ସିଏ ଥିଲା ନିରୁର ସହପାଠିନୀ । ତାରି ଡୋରରେ ଟାଣି ହୋଇ ସେ ଏ ପରିବାରକୁ ଆସିଥିଲା । କେତେ ଥର ଆମେରିକା ଯାଇ ସେ ତାର ଶାଶୁ ଓ ସାନ ଯାଆ ମାନଙ୍କୁ ଗୋଟିଏ ଲେଖା ବିକିନିରେ ସ୍ୱିମିଂ ପୁଲର ଲନରେ ବଡ଼ି ପାମ୍ପଡ଼ ଭଳି ଶୁଖୁଥିବା ଅବସ୍ଥାରେ ଦେଖିଛି । ଶ୍ୱଶୁର ମଧ ତଦ୍ରୁପ । ଆମେରିକାରେ ଅନେକ କାଳରୁ ରହି ଥିବାରୁ ଶାଶୁଶଶୁର ମଧ ଫିରିଙ୍ଗି ମାନଙ୍କ ଭଳି ଦେଖା ଯାଉଥିଲେ । ନରେନ୍ଦ୍ର ମଧ ସମୁଦ୍ର ବା ସ୍ୱିମିଂ ପୁଲ ଦେଖିଲା ମାତ୍ରେ ସାର୍ଟ ପେଣ୍ଟ ଫୋପାଡ଼ି ଜଂଘିଆରେ ସନ୍ତରଣ କରିବା ପାଇଁ ଉଦଗ୍ରୀବ ହୋଇ ପଡୁଥିଲେ । କିନ୍ତୁ ଯେତେ କହିଲେ ସୁଦ୍ଧା, ସମ୍ଭ୍ରମତା ତ୍ୟାଗକରି ନିରୁପମା ଶ୍ୱଶୁର କୁଳର ସୂର୍ଯ୍ୟ ସ୍ନାନକୁ ଆଦରି ପାରିଲା ନାହିଁ । ତାର ଶାଶୁ କିନ୍ତୁ ଭାରି ଗର୍ବ ଅନୁଭବ କରୁଥିଲେ ନିରୁ ଭଳି ସୁନ୍ଦରୀ ଓ ଲଜ୍ଜାଶୀଳା ପୁତ୍ରବଧୂ ପାଇ । ଯେତେବେଳେ ତାର ନଣନ୍ଦ ଏ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ଟିକେ ହେଲେ ଶିଖିଲା ନାହିଁ । ନିରୁ ତା ଶାଶୁଙ୍କର ଅତି ଅଲ୍ୟାଣ୍ଥିଲା । ଶାଶୁଙ୍କ ଠାରୁ ଯଥେଷ୍ଟ ସ୍ନେହ ପାଇ ମଧ ସେ ବର୍ତ୍ତମାନ ଏକ ଭିନ୍ନ ଧରଣର ସ୍ନେହ ସକାଶେ ବ୍ୟାକୁଳ ଥିଲା । ବଡ଼ନାନୀ ଶାଶୁର ସ୍ନେହ ପରି । କ୍ଷଣେତୁଷ୍ଟା, କ୍ଷଣେରୁଷ୍ଟା । ମଝିଆଁ ନାନୀର ବାହାଘର ବେଳେ ସବୁ ଭଉଣୀ ମିଶି ଗୁପଚୁପ ଖାଉଥିଲା ବେଳେ ବଡ଼ନାନୀର ଶାଶୁ (ତା ଶାଶୂଘର ସେହି ଗାଁରେ) ଦେଖି ପକାଇ ତାର ସାତପୁରୁଷ ବଖାଣି ଗାଳି ଦେଇ ଥିଲେ । ଅଲଜ୍ଜ୍ୟା, ମୁହଁରେ ଲାଜ ନାହିଁ, ଦେହରୁ ମୁଣ୍ଡରୁ ଲୁଗା କାଢ଼ି ଛକ ମଝିଟାରେ ଗିଳୁଛୁ ? ବଡ଼ନାନୀ ଭୟରେ କଳାକାଠ ପଡ଼ି ଯାଇଥିଲା ।

କନ୍ତୁ ସେହି ଶାଶୁ ତା ପାଇଁ ସାତସରି କଣ୍ଠି ମଧ ଗଢ଼ାଇ ଦେଇ ଥିଲେ । ତା ଛୁଆମାନେ କାନ୍ଦିଲେ ମାରିବା ପାଇଁ ଧସି ଆସୁଥିଲେ କନ୍ତୁ ବଡ଼ନାନୀର ଦେହ ଖରାପ ହେଲେ ବାହୁନ ବାହୁନ ତାରି ମୁଣ୍ଡ ପାଖରେ ଦିନ ରାତି ବସି ତାକୁ ଆଉଁସୁଥିଲେ । ଏଠି ତ ଖାଲି ମୁହଁ ମୁଲାଜା, ଫର୍ମାଲିଟି ।

ବଡ଼ନାନୀର ସେହି ସୁନାକଣ୍ଠି ନାନୀ ଅନୁ, ସ୍କୁଲ ବାର୍ଷିକୋତ୍ସବରେ ସରସ୍ୱତୀ ବେଶ ହୋଇଥିଲା ଓ ପ୍ରଥମ ପୁରସ୍କାର ପାଇଥିଲା । ଧଳା ପାଟରେ ଅନୁ ଅବିକଳ ବାଗଦେବୀ ଦିଶୁଥିଲା । ସେହି ଅନୁ ସାଥିରେ ଆଜି ତାର ଭେଟ ହେବ । ଖରାବେଳୁ ସେ ଉପହାର ସବୁ ସଜାଡି ରଖିଥିଲା । ଦର୍ଜନେ ସିଝା ଅଣ୍ଡା, ମନଭରି କେସର ଖାଇବ ଅନୁ । ଜିଲାପି, ବହୁମୂଲ୍ୟ ଶାଢ଼ୀ, ଅନୁର ଶିଶୁପୁତ୍ର ପାଇଁ ଅନେକ ପୋଷାକ ଓ ଚକୋଲେଟ । ଅନଭିଜ୍ଞା ନରୁକୁ ଜଣା ନଥିଲା ଯେ ଏତେ ଛୋଟ ଛୁଆ ଏତିକ ଚକୋଲେଟ ଏକାଥରକେ ହଜମ କରି ପାରିବନ । କଞ୍ଚା ଆମ୍ବର ସିଜନ ନାହିଁ ନହେଲେ ତାକୁ ମଧ ଆଣିଥାନ୍ତା । କଞ୍ଚା ଆମ୍ବ ମିଳଲେ ଦୁଇ ଭଉଣୀ ଧାଆଁନ୍ତି ତେନ୍ତୁଳ ମୂଳକୁ । ତାକୁ ବ୍ଲେଡରେ ଗୁଞ୍ଛି ଲୁଣ ଲଙ୍କା ଲଗେଇ ଗ୍ରୁଟୁ ଗ୍ରୁଟୁ କେମିତି କେଜାଣି ଅନୁ ଜୀଭରେ ଦାନ୍ତ ଉଠିଆସେ । ନରୁ ଆମ୍ବରେ ଦନ୍ତକ୍ଷତ ଦେଖି ହସି ପକାଏ ।

ସ୍ୱାମୀଙ୍କ ସହ ଷ୍ଟେସନ ପହଞ୍ଚିଲା ବେଳକୁ ଅନୁର ଟ୍ରେନ ଆସି ସାରିଥିଲା । ବାତାନୁକୁଳତ ବଗିର ଅଭ୍ୟସ୍ତ ନରେନ୍ଦ୍ର ସିଆଡ଼କୁ ମୁହାଁଉ ଥିଲେ କନ୍ତୁ ନରୁ ଠିକ ଜାଣିଥିଲା ତାର ଭଉଣୀ କେଉଁଠାରେ ଥିବ । ଭିଡ଼ ଭିତରେ ଧସ୍ତାଧସ୍ତିର ସେ ଅଣନଶ୍ୱାସି ହୋଇ ଯାଉଥିଲା ପୁଣି ହାତରେ ଭାରି ବ୍ୟାଗ । ତା ପାଇଁ ତ ଅର୍ଦ୍ଧଳ ମାନେ ରିଜର୍ଵେସନ କରୁଥିଲେ, ତାର ଜିନଷପତ୍ର ବୋହୁଥିଲେ । ତାର ଏସବୁର ଅଭ୍ୟାସ ନଥିଲା ।

ହଠାତ କାନରେ ବାଜେ କୋକିଳକଣ୍ଠି ଅନୁର ଡାକ,

- ଅନୁନାନୀଇଇଇ, ଅନୁନାନୀଲୋ, ଏଇଠି ଅଛି ମୁଁ !! ଗୋଟିଏ ଡବାର ଝରକାରୁ କହୁଣି ପର୍ଯ୍ୟନ୍ତ ଲାଲ ପାଣିକାଚ ପିନ୍ଧା ହାତଟିଏ ସିଗ୍ନାଲ ଦେଲା ଯେମିତି । ଠିକ ସେମିତି ଉତ୍ତେଜିତ

ଡାକ, ଯେମିତି ଡାକ ବରଯାତ୍ରୀ କମ୍ବା ଶବଯାତ୍ରା ଦେଖିଲେ ତାକୁ ଛାତ ଉପରକୁ ଟାଣି ନେଉଥିଲା ।

ନରୁର ଆଖି ଛଳଛଳ ହୋଇଗଲା । ଝରକାରୁ ସେହି କମନୀୟ ଚେହେରାଟି ଦେଖାଗଲା । ଆହୁରି ସୁନ୍ଦର ହୋଇ ଯାଇଥିଲା ଅନୁ । ଖଣ୍ଡାଧାର ପରି ନାକ । ଦାଡ଼ିମ ବୀଜ ସଦୃଶ୍ୟ ଦନ୍ତପନ୍ତି । ପ୍ରାକୃତିକ ଗୋଲାପି ଅଧର ଦ୍ୱୟ ।

- କେତେ ସୁନ୍ଦର ଦେଖା ଯାଉଛୁ ତୁ ଅନୁ ?

ସହଯାତ୍ରୀ ମାନେ ଚକତ ହୋଇ ଦେଖୁଥିଲେ ଦୁଇ ଭଉଣୀଙ୍କ ଅପୂର୍ବ ମିଳନର ଦୃଶ୍ୟ । ଜଣେ ପତଳୀ, ସୁନ୍ଦର ଢଙ୍ଗରେ ପିନ୍ଧା ଯାଇଥିବା ଶାଢ଼ୀ, କାନରେ ହୀରା କାନଫୁଲ, ହାଇହିଲ ଯୋତା, ହାତରେ ଷ୍ଟାଇଲିଷ୍ଟ ପର୍ସ, ଚନ୍ଦ୍ର ତାରକା ସମ ଧ୍ୟୁତିମାନ । ଆଉ ଜଣେ ଗୋଲଗାଲ, ଚମ୍ପାଗୋରୀ, ଇଆଡୁ ବୋଇଲେ ସିଆଡୁ ଖସି ପଡୁଥିବା ଶାଢ଼ୀ, କାଖରେ ସୁସ୍ଥ ସବଳ ହୃଷ୍ଟ ପୁଷ୍ଟ ଶିଶୁ । କଥା ବାର୍ତ୍ତା, ଗ୍ଭଲି ଚଳନ ସବୁଥିରେ ଗାଉଁଲି ଛାପ ।

- ଇଏ ମୋର ନରୁନାନୀ । କହି, ଅନୁ ତାର ମୋଟୁ ସ୍ୱାମୀକୁ ଆଗକୁ ପେଲିଦଲା । ଖସି ପଡୁଥିବା ପେଣ୍ଟକୁ ଚର୍ବିଳ ପେଟ ଉପରକୁ ଟାଣି ଆଣି ସେ ହାତ ଯୋଡ଼ିଲା । ପତ୍ନୀଙ୍କୁ ଥାର୍ଡକ୍ଲାସ ପାଖରେ ଦେଖି ନରେନ୍ଦ୍ର ମଧ୍ୟ ଆସି ଯାଇଥିଲା ।

- ଆଉ ଇଏ ମୋର ଭାଇନା । ହସି ହସି ଅନୁ ପରିଚୟ ଦେଲା ।

- ଆପଣମାନେ ଆଜି ଦିନଟା ରହି ଯାଆନ୍ତୁ ନା । ନରୁକୁ ଭଲ ଲାଗିବ । ନରେନ୍ଦ୍ର କହୁଥିଲେ ।

- ଆରେ ନା, ମୋତେ କାଲି ହିଁ ଅଫିସରେ ଜଇନ୍ କରିବାକୁ ପଡ଼ିବ । କହି ଗଳା ଖଙ୍କାରି ପିଚ୍ କନା ପାନପିକ ଥୁକଦେଲା, ଟ୍ରେନ ଧାରରେ ଭଗ୍ନୀ ପତି ।

ନରୁର ମନ କଣ ହୋଇଗଲା ତାର ରୂପ ଢଙ୍ଗ ଆଉ ସବୁ 'ସ' କୁ 'ଶ' ଉଚ୍ଚାରଣ କରି ନିଜକୁ ଉଚ୍ଚ ଶିକ୍ଷିତ ଦେଖାଇବାର ବ୍ୟର୍ଥ ଚେଷ୍ଟା ଦେଖି । । କଣ ଦେଖିଲେ କେଜାଣି ବାପା ଇଆଡି, ଯେ ତାର ତଅପୋଇ ଭଳି ସୁନ୍ଦରୀ ଭଉଣୀକୁ ୟା ସହିତ ଯୋଡ଼ିଦେଲେ । ଛିଃ !

ସେମାନେ କଣ ସବୁ କଥା ହେଉଛନ୍ତି ଶୁଣିବାକୁ ଦୁଇ ଭଉଣୀଙ୍କ ପାଖରେ ଫୁରସତ କି ଧୈର୍ଯ୍ୟ କିଛି ନଥିଲା । ଝରକା କୁ ସେତୁ କରି ମୁଣ୍ଡକୁ ମୁଣ୍ଡ ଯୋଡ଼ି ଦୁଇଜଣ ଏତେ ଦିନର ଅକୁହା କାହାଣୀରେ ମଜ୍ଜିଗଲେ ।

- ଅନୁ, ବଡ଼ ଭାଇନାଙ୍କୁ କଣ ସତରେ ପକ୍ଷାଘାତ ରୋଗ ହୋଇ ଯାଇଛି ?

- ହଁ ନାନୀ, ବିଚରା ଚକଲଗା ଚଉକରେ ବସି ଦିନରାତି ଗଁ ଗଁ କରୁଥାଆନ୍ତି । ଆଉ ବଡ଼ନାନୀ ବେଳେ ବେଳେ ବହୁତ ବିରକ୍ତ ହୁଏ । କେବେ କେବେ ତ ମାଡ଼ ବି ମାରେ !

- ସତରେ?

- ସତରେ ନରୁନାନୀ ! ଅନୁ ଲୁହ ପୋଛିଲା ,

- ଦିନେ ତ ଚକଲଗା ଚଉକରେ ବଡ଼ନାନୀ ତାଙ୍କୁ ମାଆ ପାଖରେ ରୋଷେଇ ଘରେ ବସେଇ ଦେଇ ଥିଲା । ଯେତେ ଦୁଃଖ ଯନ୍ତ୍ରଣା ଥିଲେ ମଧ୍ଯ ବଡ଼ ଭାଇନା ବର୍ତ୍ତମାନ ମଧ୍ଯ ମାଆ ପାଖରେ ଖୁସି ହୋଇ ଯାଆନ୍ତି । ମାଆର ସର୍ବାଧିକ ପ୍ରିୟ ଜୋଇଁ ଯେ ସିଏ । ତଳ ପାଖ ଅଚଳ ହୋଇ ଯାଇ ଥିବାରୁ, ସେ ଅଟକେଇ ନପାରି ସେମିତି ବସି ବସି ପରିସ୍ରା କରିଦେଲେ ! କୋହ ଅଟକେଇ କହିଲା ଅନୁ ।

- କିନ୍ତୁ ମୁଁ ଶୁଣିଛି, ସେ ଗଁ ଗଁ ହେଇ ଇସାରା ଦେଇ ଥିଲେ କିନ୍ତୁ ବଡ଼ନାନୀ ବୁଝି ପାରିନଥିଲା । ଧାଇଁ ଆସି ଦୁମ୍ ଦୁମ୍ ଦି ବିଧା ଥୋଇଦେଲା । କାନ୍ଦି ପକେଇଲେ ବିଚରା ଭାଇନା ।

ବଡ଼ ନାନୀର ଶାସନପ୍ରିୟ କଠୋର ସ୍ୱଭାବ ଏମିତି ମଧ୍ୟ ବଡ଼ ଭାଇନାଙ୍କୁ ଆତଙ୍କିତ କରି ରଖିଥିଲା ବିବାହ ପରଠାରୁ । କିନ୍ତୁ ଅତି ଶାନ୍ତ ସୁଧାର ଭାଇନା ସବୁବେଳେ ହସହସ ।

କେତେ ସରଳ ଓ ଉଦାର ସ୍ୱଭାବ ଥିଲା ବଡ଼ ଭାଇନାଙ୍କର । ହୋଲିରେ ଶାଳୀ ମାନେ ଗୋଟେ ଗାଲରେ କାଦୁଅ ଆଲକାତରା ବୋଳଲା ବେଳକୁ ସେ ଆର ଗାଲ ବଢ଼ାଇ ଦେଉଥିଲେ ହସି ହସି । ବଡ଼ନାନୀ ରାଗରେ ଦାନ୍ତ କଡ଼ମଡ଼ କରୁଥିଲା,

- ଆଲୋ, ତାଙ୍କ ମୁହଁ ରେଳ ଇଞ୍ଜିନ ଭଳି କରିଦେଲଣି ଯେ । ଅଲାଜୁକ ମୁହଁରୁ ପୁଣି ହସ ବାହାରୁଛି । ଏବେ କୋଉଠୁ କିରାସିନ ପେଟ୍ରୋଲ ଆଣିଲେ ଯାଇ ତାଙ୍କ ମାଙ୍କଡ଼ ମୁହଁ ସୁଧାରିବି ।

ସତକୁ ସତ ତାଙ୍କ ମୁହଁକୁ ରଗଡ଼ି ନାନୀ ରକ୍ତ ବାହାର କରିଦିଏ । ସେ କଷ୍ଟକୁ ଭୁଲି ସନ୍ଧ୍ୟା ବେଳେ ପୁଣି ଭାଇନା ହାଜିର ହୋଇଯାଆନ୍ତି ମୁରୁକୁନ୍ଦିଆ ହସ ଧାରେ ସୁଦର୍ଶନ ଚେହେରାରେ ଥୋଇ, ଧଳା ପୋଷାକ ପିନ୍ଧି । କେଡ଼େ ଆକର୍ଷଣୀୟ ଚେହେରା ନଥିଲା ସତରେ ଭାଇନାଙ୍କର ।

- ମଝିଆଁ ନାନୀ ତାଙ୍କୁ ଚଡାଏ, ଏ ନରୁ, ଅନୁ, ଆଜି ତ ଭାଇନାଙ୍କର ମୁହଁରୁ ବସ୍ ଇଞ୍ଜିନ ଭଳି ଭକ୍ ଭକ୍ ଧୂଆଁ ବାହାରୁଛି, ଇହି !!!!

କ୍ରମଶଃ.....

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଗାଆଁ ଆରପାଖ ଫିକା
# ପଡ଼ିଗଲ୍ ରଜ ମଉଜ



ପୂର୍ଣ୍ଣଚନ୍ଦ୍ର ରଣା

ଆଜି ଦୁନଆଟା ଲ୍ଗୁଛି
ଭ୍ରି ଶୂନଶାନ
ନାହିଁ ଆଗଭଳି କୋଳାହଳ
କ୍ଷ ନାହିଁ ବାଳୁତଙ୍କ କାକଳି
ଶୁଭୁ ନାହିଁ କୁଆଡ଼େ କ୍ଷଛି ଶବଦ
ନର୍ବାକ ସାଜିଛି ଆଜି ଧରିତ୍ରୀ ମାତା
ସବୁ କ୍ଷଛି ନରବ
ଆଜି ସବୁ କ୍ଷଛି ନରବ,
ଆଜି ଫିକା ପଡିଛି ଏ ନଆର୍
ରଜ ପରବ
ଯୁବତୀଙ୍କର ନାହିଁ ଆଗଭଳି ସେ ସଜବାଜ
ହାତରେ ନାହିଁ ମେହେନ୍ଦୀ
କ୍ଷ ପାଦରେ ନାହିଁ ଅଳତା
ର୍ସ୍ତା ପାଖ ସେ ବରଗଛଟି
ମନ ମାରି ଏକା ବସିଛି
ଆଉ ଦାଉ ସାଜିଛି
ସେ 'କୋରନା' ର୍କ୍ଷସ ଉପରେ
ନାହିଁ ସେଇ ରଜ ଦୋଳି
କ୍ଷ ଶୁଭୁନାହିଁ ସେ ରଜ ଗୀତ
ବନସ୍ତେ ଡାକଲ୍ ଗଜ
ଗାଆଁ ପାଖ ପଡିଆଟା ଲ୍ଗୁଛି
ଭ୍ରି ଖାଲି ଖାଲି
ଶୁଭୁନାହିଁ ସେହି କବାଡି ଶବଦ
କ୍ଷ ଦିଶୁନାହିଁ
ଗାଆଁ ପାଖ ଗୃହିନୀରେ ତାସ୍ ଖେଳ
ବୁଢ଼ୀ ଆଈର ପାନ ଡାଲ୍ରେ
ନାହିଁ ରଜ ପାନ
କ୍ଷ ନାହିଁ ନାନା ପ୍ରକାରର ମସଲ୍,
ରଜ ପୋଡ଼ ପିଠା ଖାଇବାକୁ
ପାଟିଟି ଭ୍ରି ବିକଳ ହେଉଛି
ନା ଗୃଖି ପାରୁଛି ତା'ର ସୁଆଦ
ନା ଶୁଙ୍ଘି ପାରୁଛି ତା'ର ବାସନା,
ବରଷକେ ଥରେ ସିନା ଆସିଛି ରଜ
କନ୍ତୁ ଫିକା ପଡିଛି ରଜ ମଉଜ
ଏ କୋରନା ର୍କ୍ଷସଟା
କେଜାଣି କୋଉଠି ଥିଲ୍
ନଜ ବଂଶ ବିସ୍ତାର କରି
ଅନ୍ୟର ଜୀବିକାକୁ ଛାରଖାର କରିଦେଲ୍
ଆଉ ସବୁ ଫିକା ପଡିଗଲ୍ ।

ହାଟସିଂହାପୁର, ଯାଜପୁର

# ଆଶା



ସଂଯୁକ୍ତା ମହାପାତ୍ର

ବେଳେ ବେଳେ ଜୀବନରେ
କେଉଁ ଏକ ଦୋଛକରେ
ବଞ୍ଚିବାର ଇଚ୍ଛା ସବୁ ଯାଏ ସରି ସରି ।
କାହିଁକି ଆସନ୍ତି ଜୀବନରେ ଦୁଃଖ ଦିନ
ଅଦିନିଆ ଅମାନିଆ ଝଡ ପରି ?

ସୁଖ ସବୁ ରାସ୍ତା ଭୁଲି,
ହୋଇ ଯାନ୍ତି ବାଟ ବଣା
ଦୁଃଖର ଅନନ୍ତ ଦହନେ ।
ଦୁନିଆ ତ ବଦଳୁଛି,
ବଦଳିବ ପ୍ରତି ମୁହୂର୍ତ୍ତରେ,
ଦୁଃଖ ମଧ୍ୟ ଗଳିଯିବେ ଦିନେ ।
ଆଶାବାଦୀ ଦୁନିଆଁରେ
ଆଶା ହିଁ ସମ୍ବଳ,
ଦୁଃଖର ଦିନକୁ ହୃଦୟେ ଜାବୁଡି ଧରି,
କାନ୍ଦିବାକୁ ଆଉ ନାହିଁ ବେଳ ।

ଲୁହ ଆଉ ବଳନି ଜୀବନେ
ଅନାୟାସେ ଖର୍ଚ୍ଚ କରିବାକୁ
ଆସୁଥିବା ସୁଖର ଦିନର ଆଶାରେ,
ସ୍ୱାଗତର ପ୍ରସ୍ତୁତିରେ
ଅତି ବ୍ୟସ୍ତ ମୁଁ
ଅପେକ୍ଷା ମୋ ସୁଖ ସପନକୁ ।

ମାର୍ଫତ-ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

# ପୁନରପି



ଡ. ସୌମ୍ୟ ରଞ୍ଜନ ମିଶ୍ର

ଝିନ କୁଝ୍ଝଟିକା ବୁଝିବା ସେପଟେ ଏଇତ ଦିଶୁଛି
ପ୍ରଚଣ୍ଡ ସମ୍ଭାବନା କଛି
ଧେତ୍, ସବୁ ପୁଣି ଅନାବନା
ଯେମିତି କବିର କଳ୍ପନା

ଲୁଚକାଳ ଖେଳେ ଛାଇ ଆଉ ଖରା
ନଶବ୍ଦ ଫର୍ଦ୍ଦ ସବୁ ଉଡିଗଲା ପରେ
ବାକଥିବା ସ୍ମୃତି ସବୁ ଧୋଇନଏ
କଜ୍ୱଳ ବାଦଲର ଧାରା
କଞ୍ଚା ସପନର ଉତ୍ତାଳ ତରଙ୍ଗରେ
ପହଁରିବା ମୂହୂର୍ତ୍ତର ସୁଖ
ଆଖି ଖୋଲିଗଲେ ବୁଜି ହୋଇଯାଏ
ଲଭିବାକୁ ମୋକ୍ଷ

ଶୂନ୍ୟର ବି କେଡେ ଅଦ୍ଭୁତ ଜୀବନ
ହୋଇପାରେ ବଙ୍କା କ ଚେପଟା
ଗୋଲ୍ ହେଲେ ବି କୋଉ ଅଧିକଟା
ଯୋଉଠି ଆରମ୍ଭ ସେଇଠି ବିଲୀନ

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା

# ପାଠୁଆ ଚାଷୀପୁଅ



କାଳକଙ୍କର ଦାସ

ସର୍ବେଶ୍ୱର ସେଠୀ ଜଣେ ମଧ୍ୟମ ଚାଷି । ବାପ ଗୁସୁବାପ ଅମଳର ଜମିରେ ସେ ବାରମାସ ଯାକ କେତେ ପ୍ରକାରର ଚାଷ କରନ୍ତି । ଧାନ, ଗହମ, ମୁଗ, ବିରି, ସୋରିଷ, ପନପରିବା, ଫଳ ମୂଳ, ଶାଗ, ମାଛ ଆଦି ସେ ଚାଷ କରନ୍ତି । ଘର ବାଡିରେ ଆମ୍ବ, ପଣସ, କଦଳୀ, ନଡ଼ିଆ, ପିଜୁଳି, ଆତ ଆଦି ବହୁତ ଫଳ ସେ ବାରମାସ ଚାଷ କରନ୍ତି । ଏଣୁ ପରିଶ୍ରମ ବଳରେ ପରିବାର ଏହି ସୁଖରେ ଚଳି ଯାଆନ୍ତି ।

ସର୍ବେଶ୍ୱର ଥିଲେ ତାଙ୍କ ବାପା ଦିବାକରଙ୍କର ଜଣେ ପୁଅ । ଏଣୁ ଯେତିକି ଜମି ଥିଲା ସେ ଜମିରେ ବରଷକ ଯାକ ଚଳିବାରେ କିଛି ଅସୁବିଧା ହୋଇନାହିଁ । ଏବେ କିନ୍ତୁ ପରିବାର ବଢିଛି । ସର୍ବେଶ୍ୱରଙ୍କର ଚାରିପୁଅ ଓ ତିନି ଝିଅ । ମାଆଙ୍କୁ ମିଶାଇ ଦଶ ଜଣର ପରିବାର। ପିଙ୍କୁ, ରିଙ୍କୁ, ଚଙ୍କୁ ଓ ଟିଙ୍କୁ ଚାରିପୁଅ ବାପାଙ୍କୁ ଚାଷରେ ସାହାଯ୍ୟ କରନ୍ତି । ବର୍ଷାଦିନେ ଧାନ ରୋଇବା, ତଳ ମାରିବା, ଘାସ ବାଛିବା ଆଦି କାମରେ ବାପାଙ୍କୁ ଏମାନେ ସାହାଯ୍ୟ କରନ୍ତି ।

ସେମିତି ଧାନ ଅମଳ ସମୟ ଆସିଲେ ଚାରି ପୁଅ ବାପାଙ୍କୁ ଧାନ କାଟିବା, ବୋହିବା ଓ ତାପରେ ସେ ଧାନ କଲେଇରୁ ଧାନ ବାହାର କରିବାରେ ସାହାଯ୍ୟ କରନ୍ତି । ସେମିତି ପନପରିବା ଚାଷରେ ଏମାନେ କୋଦାଳ ଧରି ମାଟି ହାଣନ୍ତି, ଘାସ ବାଛନ୍ତି, ମଞ୍ଜି ରୋପନ୍ତି, ପାଣି ଦିଅନ୍ତି ଇତ୍ୟାଦି । ଏମିତି କି ପନପରିବା ବାଡ଼ିରୁ ତୋଳି ହାଟରେ ବିକ୍ରୟ କରନ୍ତି ।

ମୋଟ ଉପରେ ସର୍ବେଶ୍ୱରଙ୍କର ପୁଅମାନେ ବାପାଙ୍କୁ ତାଙ୍କର କାମରେ ସାହାଯ୍ୟ କଲାବେଳେ ଝିଅମାନେ ମାଆଙ୍କୁ ସାହାଯ୍ୟ କରନ୍ତି । ସେହି ଘର ଓ ଚାଷ କାମ ପାଇଁ ପାଠ ପଢ଼ା ଧୀରେ ଧୀରେ ବନ୍ଦ ହୁଏ । ଝିଅ ମାନେ ପାଠ ନ ପଢିଲେ ବିଶେଷ ଫରକ ସେ ସମୟରେ ବାପା

ମାଆଙ୍କୁ ପଡୁ ନ ଥିଲା । ବରଂ ଝିଅମାନେ ଯଦି ଗୋବରରେ ଘର ଲେପିବା, ଲୁଗା କାଚବା, ରୋଷେଇ କରିବା, ଧାନ ଉସୁମାଇବା, ମୁଢ଼ି ଭଜିବା, ପିଠାପଣା ତିଆରି କରିବା, ଗୁରୁଜନଙ୍କ ପାଦ ସେବା ଅର୍ଥାତ ମୋଡିବା ଆଦି ନ ଶିଖୁଥାଏ ତାହାଲେ ତାହା ଅଶିକ୍ଷା ଓ ଖରାପ ବୋଲି ଗ୍ରହଣ କରା ଯାଉଥାଏ ।

ତେବେ ପୁଅ ଗୁରିଜଣଙ୍କ ପାଇଁ ସେ କଣ ଚନ୍ତା କରୁଛନ୍ତି ସେ କଥା ଦିନେ ସମସ୍ତଙ୍କୁ ବସେଇ କହିଲେ । ବଡ଼ ପୁଅ ପିଙ୍କୁ ଜଣେ ଗୃଷି ଅର୍ଥାତ କୃଷକ ହେବ । ତେବେ ସେ ମୋ ପରି ଅପାଠୁଆ ହେବନାହିଁ । ସେ ହେବ ପାଠୁଆ ଗୃଷି । ପାଠ ପଢ଼ି ଓ ପ୍ରଶିକ୍ଷଣ ନେଇ ସେ ଗୃଷ କରିବ । କେଉଁ ଗୃଷ କଲେ ବେଶି ଲାଭ ହେବ, କେଉଁ ସମୟ ଭିତରେ କେଉଁ ଗୃଷ ଭଲ ଅମଳ ହେବ, କେଉଁ ଗୃଷକୁ କେତେ ପାଣି, ସାର ଓ ଔଷଧ ଲାଗିବ ଏ ସବୁ ସେ ବୁଝିବ । କମ ଗୃଷ ଜମିରେ ଉନ୍ନତ ଗୃଷ ହେବ ତାର ଲକ୍ଷ୍ୟ । ସେ ପାଠ ପଢ଼ିବ, ବହୁତ ପାଠ । ପାଠ ପଢ଼ି ସେ ଗାଁକୁ ଭୁଲିବ ନାହିଁ । ଗାଁ ଛାଡି ସହରରେ ରହିବ ନାହିଁ । ତାକୁ ଗୃକରୀ କରିବାର ଅଛି, ଗୃଷ ଗୃକରୀ । ପାଠୁଆ ପୁଅ ଗାଁର ଗୃଷି ହେବ । ସମସ୍ତେ କହିବେ ପାଠୁଆ ଗୃଷିପୁଅ ।

ପିଙ୍କୁ ମନେ ମନେ ଖୁସିହେଲା । ହଁ, ବାପା ଠିକ ଭାବିଛନ୍ତି । ଏ ଗାଁର ପାଠୁଆ ପୁଅମାନେ ଆଉ ଗାଁକୁ ଫେରି ଆସୁ ନାହାଁନ୍ତି । ସହରରେ ରହୁଛନ୍ତି । ସହରରେ ଘର ତୋଳୁଛନ୍ତି । ଗାଁରେ ଥିବା ବାପା ଗୁସୁବାପା ଅମଳର ଘରେ ଭୁତ ଖେଳୁଛନ୍ତି । ସାପ, ମୁଷା, ପୋକ, ଜୋକ ଆଦି ଅନାୟାସରେ ବିଚରଣ କରୁଛନ୍ତି ।

ଏମିତି ମଧ ଅନେକେ ଅଛନ୍ତି ଯିଏ ଗାଁ ସହ ସମସ୍ତ ସମ୍ପର୍କ ଛିନ୍ନ କରି ସହରକୁ ଗୃଲି ଯାଉଛନ୍ତି । ଗାଁର ଘର ବାଡ଼ି, ଜମି ଜମା ସବୁ ବିକ୍ରି କରି ଗୃଲି ଯାଉଛନ୍ତି ଆଉ କେବେ ଫେରୁ ନାହାଁନ୍ତି । ଲିଭି ଯାଉଛି ଗାଁର ଭିଟାମାଟିର ସ୍ୱାକ୍ଷର । ଏଣୁ ସେ ଇତିହାସକୁ ଆଉ ଥରେ ଲେଖିବ ।

ରିଙ୍କୁ ସମ୍ପର୍କରେ କହିଲେ ଯେ ସେ ଜଣେ ବଣିକ ହେବ । ଓଡ଼ିଆ ଜାତିର ପୁଅମାନେ ବଣିକ ସାଜି ଦୂର ଦେଶକୁ ଯାଉଥିଲେ ଓ ବୋହି ଆଣୁଥିଲେ ଧନ ସମ୍ପଦ । ସେମାନେ ଏ

ଜାତିର ସମୃଦ୍ଧିରେ ସାରଥୀ ଥିଲେ । ଆଜି ସେ ସମୟ ନାହିଁ । ତେବେ ଗୋଟିଏ ଜିନଷ କଣିବାପାଇଁ ଲୋକଙ୍କୁ ଦୂର ସ୍ଥାନକୁ ଯିବାକୁ ପଡୁଛି । ରିଙ୍କୁ ଏହି ଗାଁରେ ଗୋଟିଏ ବଡ଼ ଦୋକାନ କରିବ। ଭଲ ଜିନଷ ରଖିବ ଓ ସୁଲଭ ମୂଲ୍ୟରେ ଦେବ । କଳାବଜାରୀ, ଅପମିଶ୍ରଣ ଆଦୌ କରିବ ନାହିଁ । ସାମାନ୍ୟ ଲାଭରେ ଲୋକଙ୍କୁ ତାଙ୍କ ଆବଶ୍ୟକୀୟ ଜିନଷ ଯୋଗାଇ ଦେବ ।

ମାଆ ପଗ୍ଭରିଲେ, ଏ ସାନ ଟୋକା ଦୁଇଟି ଦୁଇ ବଡ଼ ଟୋକାଙ୍କର ବୁକୁଗ୍ଭ ବୋହିବା କାମରେ ଲଗେଇ ଦେ, ଏ ଶଳେ ବହୁତ ଠକ, ଖାଲି ଖାଇବେ ତାପରେ ଷଣ୍ଢଙ୍କ ଭଳ ବୁଲିବେ କମ୍ବା ଶୋଇବେ । ସର୍ବେଶ୍ୱର କହିଲେ ନା ମାଆ, ଚଙ୍କୁ ଆମର ଦେଶର ସୈନିକ ହେବ । ସୀମାକୁ ଜଗିବ । ଦେଶର ସବୁ ବିପଦବେଳେ ଛିଡା ହେବ, ସାହାଯ୍ୟ କରିବ । ଦେଖିବ ସେ ଆମର ଦେଶର ନାମ ରଖିବ । ଆଉ ସାନପୁଅ ଟିଙ୍କୁ ଶିକ୍ଷକ ହେବ । ଏଇ ଘର ପାଖରେ ସେ ବିଦ୍ୟାଳୟ ମାନଙ୍କରେ ଗ୍ଭକରୀ କରିବ । ଦେଶର ଭବିଷ୍ୟତ ନାଗରିକ ଗଢ଼ିବ । ବିଦ୍ୟାଦାନରେ କୌଣସି କାର୍ପଣ୍ୟ କରିବ ନାହିଁ । ଆଜିକାଲି ଭଳ ଟିଉସନ ଦୋକାନ ସେ ଖୋଲିବ ନାହିଁ । ଗ୍ଭକରୀରେ ଯାହା ଦରମା ମିଳବ ସେଥିରେ ସେ ଖୁସିରେ ଚଳଯିବ । ଆଜିକାଲି ଯେମିତି ଶିକ୍ଷାର ସ୍ତର ତଳକୁ ତଳକୁ ଯାଉଛି ଟିଙ୍କୁ ତାର ଉଦ୍ଧାର କରିବ । ସେ ଦ୍ରୋଣ ହୋଇ କେବଳ ଧନାଢ୍ୟ ପରିବାରର ପିଲାଙ୍କୁ ପାଠ ପଢ଼େଇବ ନାହିଁ କ ଗରିବ ଅସ୍ପୃଶ୍ୟ ଶବର ପିଲ୍ ଏକଲବ୍ୟର ବୁଢା ଆଙ୍ଗୁଠି କାଟିନେବ ନାହିଁ । ସେ ପର୍ଶୁଗ୍ଭମ ହେବନାହିଁ ଯେ କେବଳ ଗୋଟିଏ ଜାତିର ପିଲାଙ୍କୁ ବିଦ୍ୟା ଶିକ୍ଷା ଦେବ ଓ କର୍ଣ୍ଣ ଭଳ ଶିଷ୍ୟଙ୍କୁ ଅଭିଶାପ ଦେବ । ମୋର ଟିଙ୍କୁ ଜଣେ ଆଦର୍ଶ ଶିକ୍ଷକ ହେବ ।

ମାଆ ହସିଦେଇ କହିଲେ ରେ ସବା, ତୁ ଯାହାକୁ ଯେଉଁ ବିଭ୍ଗ ଦେଲୁ ସେଥିରେ ମୋର କଛି କହିବାର ନାହିଁ ତେବେ ଆମ ପିଙ୍କୁକୁ ଯେଉଁ ଅନ୍ନଦାତା ବିଭ୍ଗ ଦେଇଛୁ ମୁଁ ସେଥିରେ ବହୁତ ଖୁସି । ସେ ଟୋକାକୁ ଆଉ ପାଠ ପଢ଼େଇବା ଦରକାର ନାହିଁ, ତୁ ଏକା ହଇରାଣ ହେଉଛୁ ସେ ତୋତେ ସାହାଯ୍ୟ କରିବ । ପାଠ ପଢି ଲାଭ କଣ ? ପୁଣି ଗ୍ଭଷିର ପାଠ କଣ ହେବ ??

ନା ମାଆ, ମୋ ପୁଅ ବହୁତ ପାଠ ପଢିବ । ତାପରେ ସେ ଜଣେ ପାଠୁଆ ଗ୍ଭଷି ହେବ ।

ତେବେ ତୁ ସବୁ ସାରିଲୁରେ ସବା, କଲେଜ ଦେଖେଇଲେ ଏ ଶଳେଙ୍କର ଏତେ ମଗଜ ବଢିଯିବ ଯେ ଆଉ ଚାଷର ନାମ ଧରିବେ ନାହିଁ । ଶଳେ ସବୁ ସହରରେ ରହିବେ । ମୁଁ ଏ ସବୁ ଅଙ୍ଗେ ଲିଭେଇବାର କଥା ଦେଖି ଶୁଣି କହୁଛି । ଏ ଭୁଲ କରନା କହୁଛି । ବହୁତ ପସ୍ତେଇବୁ । ପାଠ ପଢିବାକୁ ଯାଇ ଟିକିଏ ଅଂଗ୍ରେଜୀ ପେରେମ ହୋଇଗଲେ ଗଲା, ଛାଡିବାର ନାହିଁ ରେ । ଏଣୁ ବୁଝି ବିଚାରି କାମ କଲେ ବିପଦ ନ ପଡ଼ଇ ଭଲେ ।

ପିଙ୍କୁକୁ ସେଦିନ ଜେଜେମାଙ୍କ କଥା ଓ କଟାକ୍ଷ କଷ୍ଟ ଦେଇ ନ ଥିଲା କାରଣ ତାର ଗାଁରେ ଏମିତି ଘଟଣାର ଉଦାହରଣ ବହୁତ । ପାଠ ପଢି ଚାକରୀ କଲାପରେ ଗାଁ କୁ ଫେରିବାର ସଂଖ୍ୟା ବହୁତ କମ । କିନ୍ତୁ ପିଙ୍କୁ ସେମିତି କରିନାହିଁ । କୃଷି ବିଶ୍ୱ ବିଦ୍ୟାଳୟରେ ସେ ସ୍ନାତକ ଇଂଜିନିୟରିଂ ପଢୁଥିଲା ବେଳେ ଗାଁକୁ ଆସିଛି । ଗାଁରେ ପଡି ରହିଥିବା ବଂଜର ଜମିକୁ କେମିତି ଉନ୍ନତ ଚାଷକାମରେ ଲଗାଇ ହେବ ସେ ବିଷୟରେ କୃଷି ବିଶେଷଜ୍ଞଙ୍କ ଠାରୁ ମତାମତ ନେଇଛି । ଗାଁର କେତେ ଜଣ ବେରୋଜଗାର ଶିକ୍ଷିତ ଯୁବକଙ୍କୁ ନେଇ ସେ କୃଷି ପ୍ରଶିକ୍ଷଣ ଦେଇଛି ।

ତେବେ ତାର ପାଠ ପଢାର ଶେଷବର୍ଷ ବିଶ୍ୱବିଦ୍ୟାଳୟକୁ ଏକ ଆନ୍ତର୍ଜାତୀୟ କମ୍ପାନୀ ଆସିଲା ଓ ମାସକୁ ପଚାଶ ହଜାର ଦରମାରେ ପିଙ୍କୁକୁ ନିଯୁକ୍ତି ଦେଲା । ନିଯୁକ୍ତି ପତ୍ର ନେଇ ସେ ଗାଁକୁ ଫେରିଲା ଓ ଭାଇମାନଙ୍କ ସହ ଆଲୋଚନା କଲା । ସେତେବେଳକୁ ବାପା ସର୍ବେଶ୍ୱର ସେଠୀ ଆରପାରିକୁ ଚାଲି ଗଲେଣି । ଭାଇମାନେ ବୁଝେଇ କହିଲେ ଯେ ଏତେ ଭଲ ଚାକରୀ ତୁମେ ଛାଡ଼ ନାହିଁ ଭାଇ । ଏ ଗାଁକୁ ଆସି ଚାଷ ବାସରେ କଣ ଲାଭ ?

କେତେବେଳେ ଚାଷରେ ଲାଭ ହୁଏ ତ କେତେବେଳେ କ୍ଷତି । ଗାଁର ସାଙ୍ଗ ସାଥି ମଧ୍ୟ ସେହି ଏକା କଥା କହିଲେ । ଗୁରୁ ଗୁରୁଜନ କହିଲେ ଏ ଗାଁ ରେ ଅଛି କଣ ଯେ ତୁ ଫେରିବୁ । ଏତେ ପାଠ ପଢିଛୁ ଓ ଭଲ ଚାକରୀ ମଧ୍ୟ ପାଇଛୁ ତେଣୁ ତୁ ଫେରିଯାଇ ଚାକରୀରେ ଯୋଗଦାନ କର ।

ପିଙ୍କୁ ସେଦିନ ଗାଁର ସେହି ବଂଜର ଭୂଇଁ ସବୁ ବୁଲିଲା, ଆପଣାର କିଛି ଚାଷ ଜମି ସେ ଦେଖିଲା । ଆପଣାର ଚାଷ ଜମି ପାଖରେ ବସିଥାଏ ସେ ସଞ୍ଜରେ । କାଲି ସହରକୁ

ଫେରିଯିବ। ଗାଁର ପାଠୁଆ ପୁଅ ସେ । କୃଷି ବିଜ୍ଞାନୀ । ସେଠାରେ ବଡ଼ ବଡ଼ କାର୍ଯ୍ୟାଳୟରେ ବସି କାମ କରିବ କାଗଜ କଲମରେ । କିନ୍ତୁ ଅବଶୋଷ ରହିଗଲା ଯେ ବାପା ଯେଉଁ ଗାଁର ପାଠୁଆ ଚାଷିପୁଅର ସ୍ୱପ୍ନ ଦେଖିଥିଲେ ତାହା ସଫଳ ହେଲାନାହିଁ । ବାପା ହାରିଗଲେ ଜେଜେମା ଜିତିଗଲେ ।

ଚାକରୀରେ ପିଙ୍କୁ ପ୍ରାୟ ମାସଟିଏ ହେଲାଣି ଯୋଗ ଦେଇଛି । ବାତାନୁକୂଳ ପ୍ରକୋଷ୍ଠ । ବହୁତ ଆରାମ । ଗାଁରେ ଯେଉଁ କୃଷିକ୍ଷେତ୍ର ରହିଛି ସେଠାରେ କେତେ ଖରା, କେତେ ବର୍ଷା ପୁଣି କେତେ ଶୀତ କାକର । ତେଣୁ ସେ ଠିକ କରିଛି ଯେ ଗାଁ ଛାଡି ପଳେଇ ଆସିଛି । ଗାଁର ସେହି ଗୁରୁଜନ ସତ କହିଥିଲେ ଯେ କଣ ଅଛି ଗାଁ ରେ ?

ଏମିତି ଭାବିଚାଲିଥିଲାବେଳେ ପଛରେ କାହାର ସ୍ୱର ଶୁଣାଗଲା । ଏକୁଟିଆ ବସିଛି ପିଙ୍କୁ । ତାକୁ ଲାଗିଲା ଯେ ତାର ଚାରିପାଖରେ ଘୋର ଅନ୍ଧକାର । ପିଲାଦିନରୁ ସେ ଅନ୍ଧାରକୁ ଦେଖି ଡରିଯାଏ । ପିଲାଦିନେ ସେ ପାଟିକରି କାନ୍ଦୁଥିଲେ  ମାଆ ଅନ୍ଧାରର ନାଁ କହି ତାକୁ ଚୁପ କରେଇ ଦେଉଥିଲେ । ସେହି ଡରଟି ତାର ଏଯାଏଁ ରହି ଆସିଛି ।

ପଛରୁ ସେ ଶୁଣୁଛି ଦୁଇ ଜଣଙ୍କର କଣ୍ଠସ୍ୱର । ଜଣେ ଗାନ୍ଧି, ଜାତିର ପିତା ମହାତ୍ମା ଗାନ୍ଧି ଯିଏ ଗାଁକୁ ନେଇ ଭାରତ ବିକାଶର ସ୍ୱପ୍ନ ଦେଖିଥିଲେ । ସେ କହିଲେ ହେ ଯୁବକ, ତୁମେ ଫେରିଯାଅ ଗାଁକୁ । ସେଇଠି ବିକଶିତ ଭାରତର ସ୍ୱପ୍ନକୁ ଗଢିତୋଳ । ତୁମେ ପାଠ ପଢିଛ, କୃଷି ବିଜ୍ଞାନୀ ହୋଇଛ । ଯା ଫେରିଯାଅ ଗାଁକୁ । ଗାଁରେ ରହିଛି ଅସୀମ ସମ୍ଭାବନା ।

କାହାର ହାତ ତାର ମୁଣ୍ଡରେ ଆସି ସ୍ପର୍ଶ କଲା । ଏଇଟା ତ ବାପାଙ୍କର ହାତ । ଯେମିତି ସେ ଆଶିର୍ବାଦ କରି କହୁଛନ୍ତି ମୋ ପୁଅ ପିଙ୍କୁ ପାଠୁଆ ଚାଷି ପୁଅ ହେବ । ଗାଁର ବିକାଶ କରିବ। ଗାଁକୁ ଫେରିଯିବ । ତାକୁ ମୁଁ ଏଇଥିପାଇଁ ତ ପାଠ ପଢେଇଥିଲି । ସେ ମୋର ଦେଖିଥିବା ସ୍ୱପ୍ନକୁ ସାକାର କରିବ ।

ଚାକରୀ ଛାଡି ଗାଁକୁ ଫେରି ଆସିଛି ପିଙ୍କୁ । ବ୍ୟାଙ୍କରୁ ଋଣ ଆଣି ଦଶ ଏକର ପରିତ୍ୟକ୍ତ ଗାଁ ଭୂମିରେ ଲଗାଇଛି କଦଳୀ, ଅମୃତଭଣ୍ଡା, ଅତ୍ୟାଧୁନିକ ମଞ୍ଜିରେ ବିଭିନ୍ନ ଫଳ ଓ ଫୁଲ ।

ମାତ୍ର ଛଅ ମାସରେ ଭରି ଉଠିଛି ସେହି ଦଶ ଏକରର ଉଦ୍ୟାନ । ଖୋଲିଛି ବିରାଟ ମାଛ ପୋଖରୀ । ଗାଁର ବେରୋଜଗାର ଯୁବକ ଓ ଅନେକ ଶ୍ରମିକଙ୍କୁ କାମ ଯୋଗାଇଛି ଏହି ପାଠୁଆ ଋଷିପୁଅ ।

ଗାଁ ମାଟିରେ ଭରତର ହୋଇଛି ନବ ଜନ୍ମ । ଗାଁ ମାଟି ହସି ଉଠିଛି ଗାଁର ପାଠୁଆ ଋଷିପୁଅର ଏହି କୃଷିକ୍ଷେତ୍ରକୁ ଦେଖି । ଏବେ ପିଙ୍କୁ ମଡେଲର ଚର୍ଚ୍ଚା ସବୁଆଡେ । ଅଧିକାଂଶ ଗାଁର ଶିକ୍ଷିତ ଯୁବକ ଯୁବତୀ ଆଉ ଚାକରୀ କରିବା ପରିବର୍ତ୍ତେ ନିଜେ ନିଜ ଗାଁରେ କୃଷି ଓ ଲଘୁ ଉଦ୍ୟୋଗ ସ୍ଥାପନରେ ଆଗ୍ରହୀ ହେଉଛନ୍ତି । ବିଭିନ୍ନ ବ୍ୟାଙ୍କର ଆର୍ଥିକ ସହାୟତାରେ ଭରତର ଗାଁ ସବୁ ବିକାଶର ରାସ୍ତାରେ ଧାଇଁବାରେ ଲାଗିଛି । ସର୍ବେଶ୍ୱର ସେଠୀଙ୍କର ପାଠୁଆ ଋଷିପୁଅକୁ ଏବେ ସରକାରୀ ଓ ବେସରକାରୀ ସ୍ତରରେ ସମ୍ମାନ ମିଳିଲାଣି । ଗଣ ମାଧ୍ୟମରେ ପିଙ୍କୁ ବାବୁଙ୍କୁ ନେଇ ଖୁବ ଚର୍ଚ୍ଚା । ଗାଁ ଗାଁ ରେ ପାଠୁଆ ଋଷିପୁଅ ଦଳ ଗଠନ ହୋଇଛି । ସାରା ଦେଶରେ ଏହି କୃଷି ଉଦ୍ୟାନ ବା କୃଷିକ୍ଷେତ୍ର ତିଆରି ହେଲାଣି ।

ପିଙ୍କୁ ଅଧିକାଂଶ ସମୟ ତାର ଏହି କୃଷି ଉଦ୍ୟାନରେ ରହେ । ସେହି ଉଦ୍ୟାନର ଏକ କୁଡ଼ିଆରେ ସେ ବିଶ୍ରାମ କରେ । ଘରକୁ କେବେ କେବେ ଯାଏ ଭାଇ ମାନଙ୍କୁ ଓ ମାଆଙ୍କୁ ଭେଟିବାକୁ । ଏଇ ଉଦ୍ୟାନରେ ଶ୍ରମିକ ଓ ସାଥୀଙ୍କ ସହ ମିଶି ସେ କାମ କରେ, ସେମାନଙ୍କୁ ପରାମର୍ଶ ଦିଏ, ସବୁ ଗଛ ଲତାର ଯତ୍ନ ନିଏ । ଯେମିତି ଏହି ଗଛଲତା ମାନେ ତାର ପରିବାରର ସଦସ୍ୟ । ତାର ଏକ ଗବେଷଣାଗାର ।

ସବୁଦିନ ଏହି ଉଦ୍ୟାନରୁ ଫଳ ଫୁଲ ଆଦି ତୋଳାହୋଇ ଦୂର ସହରକୁ ଯାଏ । ଗାଁରେ ଯାହାକୁ ଯାହା ଦରକାର ସେମାନେ ମଧ୍ୟ ଏଠାରୁ ନେଉଥିଲେ । କହିବାକୁ ଗଲେ ଗାଁ କୁ ଗାଁ ଏବେ ବିଭିନ୍ନ ବାଡ଼ି ବଗିଚାରେ ଫୁଲ ଫଳ ସେମାନଙ୍କର ଉପସ୍ଥିତି ଦେଲେଣି ବରଷକ ବାରମାସ ।

ସେଦିନ ଏକ ବିଶାଳ ଆମ୍ବ ଗଛର ମୂଳରେ ଆନନ୍ଦରେ ପିଙ୍କୁ ବସିଥିଲେ ଦୁଇ ପ୍ରହରର ଖରାବେଳେ । ଶ୍ରମିକମାନେ ମଧ୍ୟ ନିଜ ନିଜ ଘରେ ବା ଉଦ୍ୟାନର କେଉଁ କୋଣରେ

ବିଶ୍ରାମ ନେଉଥାଆନ୍ତି । ହଠାତ ଏକ ଭୟଙ୍କର କାଳ ବୈଶାଖୀର ଝଡ଼ ଆସି ପାଠୁଆ ଋଷି ପୁଅର ଉଦ୍ୟାନରେ ପହଞ୍ଚି ବହୁତ ଗଛ ଭାଙ୍ଗି ଉପାଡି ଦେଲା । ସବୁ ଆଡେ ଗଦା ଗଦା ଫୁଲ ଫଳ ଡାଳ ଓ ଗଛ । ପ୍ରାୟ ଅଧଘଣ୍ଟାଏ ଏ ପ୍ରଳୟଙ୍କରୀ ପବନ ବୋହିଲା ଓ ତାପରେ ଚାଲିଗଲା ।

ପବନ କମିଲା ପରେ  ଶ୍ରମିକ ଓ ଗାଁ ମାନଙ୍କରୁ ଲୋକ ଆସି ଉଦ୍ୟାନ ଭିତରେ ପହଞ୍ଚିଲେ । ସେତେବେଳକୁ ସେହି କାଳ ବୈଶାଖୀର ପ୍ରଭାବରେ ଏକ ହୃଦୟ ବିଦାରକ କରୁଣ ଦୃଶ୍ୟ ଘଟି ଯାଇଥିଲା । ଏକ ବିରାଟ ଗଛ ଉପୁଡି ନେଇ ଯାଇଥିଲା ପାଠୁଆ ଋଷି ପୁଅର ଜୀବନ। ସମ୍ପୂର୍ଣ ଗାଁ ଓ ସମସ୍ତ ଗଛଲତା ବିଳପି ଉଠିଲା । ତେବେ ସେହି ମହାନ ପାଠୁଆ ଋଷିପୁଅକୁ ଶ୍ରଦ୍ଧାଞ୍ଜଳି ଦେଇ ଗାଁର ଯୁବକ ମାନେ ଶପଥ ନେଲେ ଯେ ତାଙ୍କର ଗାଁରେ ଭାରତର ବିକାଶ ଯୋଜନାକୁ ଆଗକୁ ନେବେ ।

ସୌଭାଗିନୀ, ରଟିଲ, ରେଞ୍ଜ, ପୁରୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ



ତପନ କୁମାର ସ୍ୱାଇଁ

# ପୁଣ୍ୟ ଅରଜିଛି କେତେ

ହୃଦୟରୁ ମୋର ଝରିଗଲେ ଲହୁ
ବାଧେନ ଦେହକୁ ଯେତେ
ତୋ ପାଦରେ ଥରେ କଣ୍ଟା ଫୁଟିଗଲେ
ମୋ ଛାତିକୁ ବାଧେ ସେତେ ।

ତୁ ଗୋଟେ କଅଁଳ ନରିମାଖୀ ଫୁଲ
ମୁଁ ତୋଅର ବୁଢା ମାଳ
ତୋ ଆଖିରେ ଧାରେ ଲୁହ ଦେଖି ଦେଲେ
ଦିନ ରାତି ହୁଏ ଭାଳ
ତୋ ପାଇଁକି ମୋର ସାରା ଜୀବନଟା
ଭାବନା ରାଇଜେ ବିତେ ।(୧)
ତୋ ପାଦରେ..........

ତୁ ଚାଲିଯିବୁ ଶାଶୂଘର ଯେବେ
ଅଗଣା ପଡିବ ଖାଲି
ତୋ ସ୍ମୃତିକୁ ମନେ ଭାଳି ଭାଳି ଏକା
ଖୋଜୁଥିବି ବୁଲିବୁଲି
ତୋଭଳ ଝିଅଟେ ଜନମ ଦେଇ ମୁଁ
ପୂଣ୍ୟ ଅରଜିଛି କେତେ ।(୨)
ତୋ ପାଦରେ.........

ଅଇବିଲି, ଜଗତସିଂହପୁର

# ଗାନ୍ଧୀଙ୍କର ଏଇ ଦେଶରେ



ସୌଭାଗ୍ୟ ରଞ୍ଜନ ମହାପାତ୍ର

ଜଳଛତ୍ର ନୁହେଁ ମଦଛତ୍ର ଏଠି,
ଦିଶୁଥାଏ ପ୍ରତି ଛକରେ,
ଓଡ଼ିଆ ନ ଜାଣି ଓଡ଼ିଆ ପୁଅଟି,
ସଭାପତି ହୁଏ ସଭାରେ ।
ଗାନ୍ଧୀଙ୍କର ଏଇ ଦେଶରେ।
କାର୍ଯ୍ୟାଳୟ ଠାରୁ ନ୍ୟାୟାଳୟ ଯାଏ,
ସବୁ ବିକ୍ରି ଏଠି ଟଙ୍କାରେ
ଦୋଷ ଲୁଗ୍ୟଛପା ସାକ୍ଷୀ କଣାବିକା,
ନର୍ଦ୍ଧାରିତ ହୁଏ ଟଙ୍କାରେ ।
ଗାନ୍ଧୀଙ୍କର ଏଇ ଦେଶରେ।
ଗୃଷ ଜମି ଛାଡ଼ି ଏଇ ମାଟି ପୁଅ,
ଦାଦନ ସୁରଟ ବଙ୍ଗରେ
କୁଜି ନେତା ଏଠି ଜନତା ଟଙ୍କା ରେ,
ଗୁଆଘିଅ ମାରେ ନଶରେ ।
ଗାନ୍ଧୀଙ୍କର ଏଇ ଦେଶରେ
ପାପ ଭାର୍ ଦେଖ କେମିତି ବଢୁଛି,
ପବିତ୍ର ଭାରତ ବର୍ଷରେ
ଗ୍ଢେର, ବଳତ୍କାରୀ, ଦେଶଦ୍ରୋହୀ ଏଠି,
ବୁଲନ୍ତି ମହାତ୍ମା ବେଶରେ ।
ଗାନ୍ଧୀଙ୍କର ଏଇ ଦେଶରେ।
ନର୍ବାଚନ ବେଳେ ଜନମତ ଏଠି,
କଣାବିକା ହୁଏ ନୋଟରେ
ନାଲିପାଣି ସଙ୍ଗେ ମାଉଁସ ଫୁଟ ରେ,
ଭୋଟ ବିକ୍ରି ହୁଏ ଏଠିରେ ।
ଗାନ୍ଧୀଙ୍କର ଏଇ ଦେଶରେ
ଯୌତୁକ ସଂପତ୍ତି ପାଇଁ କ ଦୁହିତା,
ଦେହ ଜଳେ ଶଶୁର ଘରେ
ଝିଅଟିକୁ ପର ସଂପତ୍ତି ଭାବିକ,
ମର୍ଯାଏ ମା ପେଟରେ ।
ଗାନ୍ଧୀଙ୍କର ଏଇ ଦେଶରେ
ଜୟ କସାନ ର ଡାକର୍,
ହାଟରେ ବାଟରେ ଘାଟରେ
ଋଣ କଷଣ ରେ କଷାଘାତ ହୋଇ,
ଗୃଷୀ ଦିଏ ବିଷ ପିଇରେ ।
ଗାନ୍ଧୀଙ୍କର ଏଇ ଦେଶରେ
ଆଉ ଥରେ ତୁମେ ଜନ୍ମ ନଅ ବାପୁ,
ପବିତ୍ର ଭାରତ ବକ୍ଷରେ
ଜାତିପ୍ରେମ ବହ୍ନି ପ୍ରଜ୍ଜ୍ୱଳତ କର,
କୋଟି ଜନପ୍ରାଣ ମନରେ
ଗାନ୍ଧୀଙ୍କର ଏଇ ଦେଶରେ
ଗାନ୍ଧୀଙ୍କର ଏଇ ଦେଶରେ।।

ଅଧ୍ୟାପକ, ବୈଦିକ ମହାବିଦ୍ୟାଳୟ,
ସମ୍ବଲପୁର

# ଜୀବନଶୈଳୀର ମାର୍ଗ

ବେଣୁଧର ସୁରୁଜାଲ

ପ୍ରଜ୍ଞା, ଶୀଳ, କରୁଣାର ପ୍ରତୀକ
ବିଶ୍ୱ ଶାନ୍ତିଦୂତ, ଏସିଆ ଆଲୋକ ।
କ୍ଷଣଭଂଗୁର ଭ୍ରମପୂର୍ଣ୍ଣ ସମାଜରେ
ସତ୍ୟ ପଥର ହେ ! ମାର୍ଗଦର୍ଶକ ।। (୧)

ଗଣତାନ୍ତ୍ରିକ ସମତାପୂର୍ଣ୍ଣ ବ୍ୟବସ୍ଥାର ମୂଳପିଣ୍ଡ,
ଯୁକ୍ତିସିଦ୍ଧ ବିଜ୍ଞାନ ଭିତ୍ତିକ ଅଟଇ ବୁଦ୍ଧଦର୍ଶନ ।
ସମତା, ଭାତୃତ୍ୱ, ନ୍ୟାୟ, ସ୍ୱତନ୍ତ୍ରତା
ମୌଳିକ ଜୀବନଶୈଳୀ କଥାକହେ ବୁଦ୍ଧଧମ୍ମ ।।

ନଥାଇ ନିର୍ଯ୍ୟାସ ତଥ୍ୟ ଯୁକ୍ତିଯୁକ୍ତ
ପ୍ରଥାନାମେ ଶୁଣାକଥା କେବେ ବିଶ୍ୱାସ ନକର ।
ଉପଯୁକ୍ତ ବିଶ୍ଲେଷଣ କରି ହୃଦବୋଧ
ସତ୍ୟାସତ୍ୟ କାରଣ ସିଦ୍ଧ ନିର୍ଯ୍ୟାସକୁ  ମାନବ
ହେବ ଯା ସମାଜେ ମଂଗଳକର ।। (୩)

ସ୍ୱାଧୀନଚେତା, ଶୁଦ୍ଧମୟ ଜୀବନ ଯାପନ
ଉତ୍ତମ ମାନସିକତା, ବିଶ୍ୱାସ ଓ ଜ୍ଞାନ,
ଏ ପାଂଚଟି ସମ୍ପଦର ଅଧିକାରୀ ହେବା ପାଇଁ
ଶିକ୍ଷା ଦେଇଥାଏ ବୁଦ୍ଧଂକ ଧମ୍ମ ।। (୪)

ପରିପକ୍ୱ ମଣିଷର ଅନ୍ତିମ ଲକ୍ଷ୍ୟ
ଚରନ୍ତନ ଶାନ୍ତି, ନିର୍ବାଣ ପ୍ରାପ୍ତି
ଅଷ୍ଟାଙ୍ଗ ମାର୍ଗର ଅନୁଶୀଳନେ
ଜନ୍ମମୃତ୍ୟୁ ଅବଳଳା ଘଟଇ ପରିସମାପ୍ତି ।।(୫)

ସତ୍ ଚିନ୍ତା, ସତ୍ ଦୃଷ୍ଟି , ସତ୍ ଚେଷ୍ଟା, ସତ୍ ବୃତ୍ତି
ସତ୍ କର୍ମ, ସତ୍ ବାଣୀ, ସମାଧି ଓ ସତ୍ ସ୍ମୃତି ।
ଏ ମହାନ ଅଷ୍ଟାଙ୍ଗ ମାର୍ଗର ଅନୁଶୀଳନେ
ଦୂର ହୁଏ ଜୀବନୁ ଯାତନା ମିଳଇ ଶାନ୍ତିମୁକ୍ତି ।। ୬

ସତ୍ୟ, ପବିତ୍ରତା, ଦାନ, ଶକତି, ପ୍ରେମ
ନିଷ୍ପତ୍ତି, ସମ୍ପୂର୍ଣ୍ଣ ଆତ୍ମ ନିୟନ୍ତ୍ରଣ ,
ମାନସିକ ସ୍ଥିରତା, ଧୈର୍ଯ୍ୟ, ଆତ୍ମଜ୍ଞାନ
ନିର୍ବାଣ ପ୍ରାପ୍ତି ହୁଅଇ କଲେ ଏସବୁ ପରିପୂର୍ଣ୍ଣ ।।୭

ମୋହଗ୍ରସ୍ତ, ଇନ୍ଦ୍ରିୟାଶକ୍ତ, ଅଜ୍ଞତା,
ସତ୍ୟ ପ୍ରକାଶର ଭୟ,
ସତ୍ୟ-ଶାନ୍ତିର ପ୍ରତିଷ୍ଠା ନିମିତ୍ତ
ଏସବୁକୁ ପରିତ୍ୟାଗ କରିବ ନିଶ୍ଚୟ ।। (୮)

ଚରିତ୍ରବତା, ସତ୍ୟ,  ଦୃଢ଼ତା, ନ୍ୟାୟ
ଏ ଚତୁର୍ଗୁଣ ଅଧିକାରୀ ହୁଏନି କେବେ
ଦୁଃଖେ ମିୟମାଣ ।
ଗାର୍ହସ୍ଥ୍ୟ ମହତ୍ତ୍ୱପୂର୍ଣ୍ଣ ସର୍ବେନୁସନ୍ଧାନୀ ରୂପେ
ନିଜ ଜୀବନଶୈଳୀ କରନ୍ତି ସୁଖେ ଅତିକ୍ରମ ।। ୯

ସାମାଜିକ ବୋଧ, ମଧୁର ବଚନ ସଂଗେ
ଭଦ୍ରୋଚିତ ଆଚରଣ,
ଜୀବନ ପ୍ରତିଟି କ୍ଷେତ୍ରେ ଅଟେ ବହୁମୂଲ୍ୟବାନ |
ଆପଣେଇ ନେଲେ ଏସବୁ ସୁଗୁଣ
ସବୁଠି ମିଳେ ଆଦର ବଢ଼ଇ ବ୍ୟକ୍ତିର ମାନ |୧୦

ବିନା ଦ୍ଵିଧେ ବୀର ବାଦ୍ୟ ବାଦକର ଶବ୍ଦ
ଭେଦିଯାଏ ଚତୁର୍ଦିଗେ ଯେସନ ।
ବିପଦେ ଆପଦେ ଧିର ନିଶ୍ଚଳ ରହି
ମୁକ୍ତ-ଚିନ୍ତନକାମୀ ଜୀବନ ଗତି
ବିଶ୍ଵେ ପ୍ରେମବାର୍ତାବହ ହୋଇପାରେ ତେସନ ||

ଯେବେ ସାର୍ବ ବିଶ୍ଵେ ସମ୍ମାନବୋଧ ଓ
ଉତ୍ତମ ବୁଝାମଣାରେ ଝଲସି ଉଠିବ |
ଯୁଦ୍ଧ-ରକ୍ତପାତ ଅବସାନ ଘଟି
ବିଶ୍ଵେ ଭ୍ରାତୃତ୍ଵ ବନ୍ଧନ ପ୍ରତିଷ୍ଠିତ ହେବ || (୧୨)

ମାଦକଦ୍ରବ୍ୟ ସେବନ,ଜୁଆ, ଭ୍ରଷ୍ଟାଗ୍ଭର
ଜୀବହତ୍ୟା, ମିଥ୍ୟା
ଅଗ୍ଭର ଓ ଗ୍ଭେରିର ବୃତ୍ତି,
ଏସବୁ କୁକର୍ମୁ ନିବୃତ୍ତ ରହିବା ଶିକ୍ଷା ଦିଏ
ବୁଦ୍ଧଂକ ଧମ୍ମ ପଂଚଶୀଳ ନିତି || (୧୩)

ମୈତ୍ରୀପୂର୍ଣ୍ଣ କର୍ମ, ମୁକ୍ତହସ୍ତେ ଦାନ
ଶାନ୍ତି, ସରଳତା, ସନ୍ତୁଷ୍ଟିର କରି ପାଳନ,
ସ୍ମୃତି ସୁସ୍ପଷ୍ଟ, ପ୍ରଦୀପ୍ତ ରଖି ସତ୍ୟପୂର୍ଣ୍ଣ ଆଚରଣ
ଶୁଦ୍ଧ କର ତୁମ ବାଣୀ, ଶରୀର, ମନ || (୧୪)

ବୁଦ୍ଧଦର୍ଶନ କହେ ସତ୍ୟକୁ ସତ୍ୟରେ କର ଗ୍ରହଣ
ସୃଷ୍ଟିକର୍ତ୍ତା ବୋଲି ନାହିଁ ଶକ୍ତି, ସତ୍ତା କିଛି |
ଚିରନ୍ତନ ସତ୍ୟ ବିବର୍ତନବାଦ
ପ୍ରାକୃତିକ ନିୟମର କାରଣ ଓ ପରିଣତିରୁ
ଏ ଜୀବଜଗତର ସୃଷ୍ଟି ହୋଇଛି || (୧୫)

ଶାନ୍ତିପୂର୍ଣ୍ଣ, ସୁସ୍ଥ ଜୀବନ ନିମିତ୍ତ
ବୁଦ୍ଧ, ଧମ୍ମ, ସଂଘେ କର ଅନୁସରଣ |
ନିଜ ଜ୍ଞାନର ଆଲୋକ ନିଜେ ହେବା ପାଇଁ
ପ୍ରଦୀପ୍ତ କର ସ୍ଵ-ଚେତନା, ବିବେକ, ବୁଦ୍ଧିଜ୍ଞାନ|୧୬

ବ୍ୟକ୍ତି ଜୀବନଶୈଳୀର ପ୍ରଦର୍ଶିତ ମାର୍ଗ
ଅଟେ କ୍ରାନ୍ତିକାରୀ ବୁଦ୍ଧ ଧମ୍ମ ଦର୍ଶନ |
ଆଧୁନିକ ଯୁଗେ ଯୁଦ୍ଧ-ପିପାସୁ ଅଶାନ୍ତ ବିଶ୍ଵକୁ
ଶିଖାଏ ଶାନ୍ତି, ମୈତ୍ରୀ, ପ୍ରିତି ଭ୍ରାତୃତ୍ଵ ବନ୍ଧନ |୧୭

ବୁଦ୍ଧଂ ନମାମି !
ଧମ୍ମଂ ନମାମି !
ସଂଘଂ ନମାମି !

ଉଲୁଣ୍ଡା, ସୁବର୍ଣ୍ଣପୁର

# ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା



କୀର୍ତ୍ତି ଦେବୀ

ଶ୍ରୀ ଜଗନ୍ନାଥ ଜଗତର ନାଥ । ସେ ଯାହା କରନ୍ତି ଜଗତର ମଙ୍ଗଳ ପାଇଁ । ତାଙ୍କରି କରୁଣା, ଆଶିଷ ଓ ସାନ୍ନିଧ୍ୟକୁ ଯିଏ ଥରେ ଅନୁଭବ କରିଥିବ, ସେ କେବେହେଲେ ତାହା ଭୁଲି ପାରିବନାହିଁ । ଖାଲି ଶ୍ରୀକ୍ଷେତ୍ର ପୁରୀରେ ରହିଲେ ଯେ ତାଙ୍କର କରୁଣା ପ୍ରାପ୍ତ ହେବ, ତାହା ନୁହେଁ । ସାରା ପୃଥିବୀର ଯେକୌଣସି ସ୍ଥାନରେ ରହିଲେ ମଧ୍ୟ ତାହା ଅନୁଭବ ଓ ପ୍ରାପ୍ତ କରିପାରିବ । କେବଳ ସେଥିପାଇଁ ଦରକାର ଦୃଢନିଷ୍ଠା, ପୂର୍ଣ୍ଣ ଆତ୍ମବିଶ୍ୱାସ ଓ ସଂପୂର୍ଣ୍ଣ ସମର୍ପଣ ଭାବ । ପ୍ରତି କ୍ଷଣରେ ଯିଏ ସଚରାଚର ଜଡ-ଜୀବ ଜଗତକୁ ତାଙ୍କରି ରୂପ ବୋଲି ମନେକରି ତାଙ୍କୁ ଅନୁଭବ କରୁଥିବ, ସେ ଏହାକୁ ହୃଦୟଙ୍ଗମ କରିପାରିବ । ଏହି ପରିପ୍ରେକ୍ଷୀରେ ଅନେକ ଉଦାହରଣ ଓ ଅନୁଭୂତି ଥିଲେ ମଧ୍ୟ କିଛିଟା ଏଠାରେ ପ୍ରକାଶ କରିବାକୁ ଯାଉଛି ।

୨୦୧୬, "ମେ" ମାସ ୪ ତାରିଖ ବେଳକୁ ମୋର ବହୁତ ଇଚ୍ଛା ହେଉଥାଏ ମୁଁ ରାଉରକେଲାରୁ ପୁରୀ ଯିବି ଓ ଜଗନ୍ନାଥଙ୍କୁ ମନଭରି ଦେଖିବି । ମୁଁ ସେଦିନ ଏଠାରେ ଥିବା ଦୁଇଟି ମନ୍ଦିରକୁ ଯାଇଥିଲି, କିନ୍ତୁ ମୋର ପିଯୁସି ନାନୀଙ୍କୁ (ବେଣୀନାନୀ) ଫୋନ୍ କରି କହିଲି, "ତୁମ ଘରକୁ ପୁରୀ ଜଗନ୍ନାଥ ମନ୍ଦିର ବହୁତ ଭଲ ଦେଖାଯାଉଛି । ତେଣୁ ତୁମେ ମୋ ପାଇଁ ଟିକେ ମୁଣ୍ଡିଆ ମାରି ଡାକଦେବ । ସତକୁ ସତ ଏପରି ନିର୍ମଳ ମନରେ ସେ ମୁଣ୍ଡିଆ ମାରିଥିଲେ ଯେ, ମୁଁ ସେହିଦିନ ସ୍ୱପ୍ନରେ ଶ୍ରୀଜଗନ୍ନାଥଙ୍କ ରତ୍ନ ସିଂହାସନରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେକଲି । ପରଦିନ ମୋ ନାନୀଙ୍କୁ ଫୋନ୍ କରି କହିଲି, ତୁମେ ଜଣାଇଥିବା ପ୍ରାର୍ଥନାରେ ଖୁବ୍ ଖୁସି ହୋଇ ଜଗନ୍ନାଥ ମୋତେ କାଲି ରାତିରେ ସ୍ୱପ୍ନ ଦେଖାଇଥିଲେ । ଏହାଠାରୁ ମୋର ଆଉ ବଡ ସୌଭାଗ୍ୟ କଣ ହୋଇପାରେ!

ଶ୍ରୀକ୍ଷେତ୍ର ପୁରୀ ଯିବାକୁ ବହୁତ ଇଚ୍ଛା ହେଉଥାଏ । କିନ୍ତୁ କଣ କରିବି ସଂସାର ଭିତରେ ଘର କରିଥିଲେ କିଛି ଇଚ୍ଛାକୁ ତ୍ୟାଗ କରି ଚୁପ୍ ଚାପ୍ ରହିବାକୁ ହୁଏ । କାରଣ ଏଇଟା ହିଁ ଶ୍ରୀଜଗନ୍ନାଥଙ୍କର ଇଚ୍ଛା ଭାବି ରହିଯାଏ । ହଠାତ୍ ଜୁନ୍ ୪ ତାରିଖରେ ମୁଁ ରାଉରକେଲା ରୁ ପୁରୀ ଯିବାପାଇଁ ସ୍ଥିର କରିଥିଲି । କେବଳ ଟିକେଟ୍ ହୋଇନଥିଲା । ସେହିଦିନ ସକାଳେ ଅର୍ଥାତ ସାବିତ୍ରୀ ପୂଜା ଦିନ, ମୋର ଜଣେ ନାନୀ ଭୁବନେଶ୍ୱରରୁ ଫୋନ୍ କରି କହିଲେ ସକାଳ ୬.୧୫ ମିନଟ୍ ରେ ତୁ ପୁରୀ ଯିବୁ ଏଇ ବାଟରେ କିନ୍ତୁ ଭୁବନେଶ୍ୱର ଆସିବୁନାହିଁ । ଏହା କଣ ଭଲ ଲାଗିବ । ମୁଁ ପୁରା ମନା କଲି, ସୁବିଧା ହେବନି ଯିବି ନାହିଁ । ଦେଖିବା ପୁରୀ ଯାଏ, ତାପରେ ଯାହା ହେବ । ଫୋନ୍ ରେ କଥା ଶେଷ ହେବା ପରେ ଗୋଟିଏ ବାର୍ତ୍ତା ଆସିଛି ଦେଖିଲି । ବିଶିଷ୍ଟ ଜ୍ୟୋର୍ତିବିଦ୍ ଓ ସୁଲେଖକ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଠାରୁ । ସେ ଲେଖିଛନ୍ତି, "ଜୁନ୍ ୫ ତାରିଖ" ରବିବାର ଜୟଦେବ ଭବନ ଭୁବନେଶ୍ୱର ଠାରେ ସକାଳ ଦିନ ୧୦.୩୦ ମିନଟରେ ଏକ ଆଧାତ୍ମିକ ପୁସ୍ତକ "ଅନନ୍ତ ସାଇପ୍ରେମର ମହକ" ପୁସ୍ତକଟିର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । ଏଣୁ ଆପଣଙ୍କୁ ଯୋଗ ଦେବାପାଇଁ ନିମନ୍ତ୍ରଣ ରହିଲା" । ଏହି ବାର୍ତ୍ତା ପଢି ମୁଁ ଭାବିଲି ଆଉ ପୁରୀ କାହିଁକି ଯିବି । ମୁଁ ଭୁବନେଶ୍ୱରେ ରହି ସଭାରେ ଯୋଗ ଦେଇ ପୁରୀ ଯିବି । ଏହା ସବୁ ଶ୍ରୀଜଗନ୍ନାଥଙ୍କ କରୁଣା ଭାବି ସଭାରେ ଯୋଗ ଦେଲି । ଧ୍ୟାନରେ ସଭାରେ ଏକ ମନ ପ୍ରାଣରେ ସମସ୍ତେ ସେଇ ଈଶ୍ୱରଙ୍କଠାରେ ରହିଥାନ୍ତି । ବହୁ ବିଶିଷ୍ଟ ତଥା ଖ୍ୟାତନାମା ସୁଲେଖକ, ଲେଖିକା ତଥା ଓଡିଆ ସିନେମା ଜଗତର ବହୁ କଳାକାର ସେଠାରେ ଉପସ୍ଥିତ ଥିଲେ । ମତେ ଭାରି ଖୁସି ଲାଗୁଥାଏ । କାରଣ, ରାଉରକେଲାରୁ ଆସି ଏତେ ବଡ ସଭାରେ ଯୋଗ ଦେଇପାରିଛି । ଉପସ୍ଥିତ ଥିବା ସମସ୍ତ ବକ୍ତାମାନେ ଶ୍ରୀଜଗନ୍ନାଥ ଓ ଶ୍ରୀ ସାଇନାଥ ଏକ ଓ ଅଭିନ୍ନ ବୋଲି ପ୍ରକାଶ କଲେ । ସାର୍, ଡ. ଚୌଧୁରୀ ଶ୍ରୀ ଜଗନ୍ନାଥ ଓ ଶ୍ରୀ ସାଇନାଥଙ୍କ ଉପରେ ଯେଉଁ ତାତ୍ତ୍ୱିକ ସମୀକ୍ଷା ମାନ ପ୍ରଦାନ କଲେ, ତାହା ପ୍ରତ୍ୟେକ ଈଶ୍ୱର ବିଶ୍ୱାସୀ ଶୁଣିବା ଉଚତ୍ । ଉପସ୍ଥିତ ଥିବା ସମସ୍ତ ଶ୍ରୋତାମାନେ ଏପରି କରତାଳି ଦେଇ ଓ ଉତ୍ସାହର ସହିତ ଶୁଣୁଥାନ୍ତି ତାହା କେବଳ ଶ୍ରୀ ସାଇନାଥ ଓ ଶ୍ରୀ ଜଗନ୍ନାଥଙ୍କର ଅପାର କରୁଣା ବୋଲି ଭାବିବାକୁ ହେବ । ଏହି ସଭା ମଧ୍ୟରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଥାଏ । ଯେତେବେଳେ ସାର୍ କହିଲେ ଆମର ବଡ ସୌଭାଗ୍ୟ ଏଠାରେ ଏପରି ଏକ ବ୍ୟକ୍ତି ଉପସ୍ଥିତ ଅଛନ୍ତି, ଯାହାଙ୍କୁ ମୁଁ ଫୋନ୍ କରି ନପାରି ସମୟ ଅଭାବରୁ ଖାଲି ବାର୍ତ୍ତାଟିଏ ମୋବାଇଲ୍ ରେ ପଠାଇଥିଲି । ସେ ଏଠାରେ ଉପସ୍ଥିତ ଅଛନ୍ତି । ସେ ହେଉଛନ୍ତି ରାଉରକେଲାର ଶ୍ରୀମତୀ

କୀର୍ତ୍ତି ଦେବୀ । ସେତେବେଳେ ମୁଁ କଛି ଭାବିପାରିଲି ନାହିଁ । ମଞ୍ଚ ଉପରେ ଥିବା ଅତି ମାନେ ମୋତେ ସମ୍ମାନତ କଲେ । ତା ସହିତ ଶ୍ରୀଜଗନ୍ନାଥ ଓ ଶ୍ରୀ ସାଇନାଥଙ୍କ ଥିବା ଫୋଟୋ, ନାମାବଳୀ, ପୁଷ୍ପଗୁଚ୍ଛ, ପୁସ୍ତକ ଆଦି ପ୍ରଦାନ କଲେ । ସାରଙ୍କ ଠାରୁ ଏପରି କେଇପଦ କଥା ଶୁଣି ମତେ ଲାଗିଲା ଶ୍ରୀ ଜଗନ୍ନାଥ ଓ ଶ୍ରୀ ସାଇନାଥ ସାରଙ୍କ ଭିତରେ ରହି ଏପରି ସମ୍ମାନ ଜଣାଉଥିଲେ । ଶ୍ରୀଜଗନ୍ନାଥଙ୍କ କରୁଣାକୁ ମୁଁ ବା ଛାର ମଣିଷ କପରି ବୁଝିବି? ସେ କାହିଁକି ମୋର ପ୍ରବଳ ଇଚ୍ଛା ସତ୍ତ୍ୱେ ପୁରୀ ନନେଇ ଭୁବନେଶ୍ୱରରେ ରଖିଲେ ତାହା ସିଏ ହିଁ ଜାଣନ୍ତି । ଶ୍ରୀ ଜଗନ୍ନାଥ ଶ୍ରୀସାଇନାଥଙ୍କୁ ଜଣା । ଆଶା କରୁଛି ଆପଣମାନଙ୍କୁ ମଧ୍ୟ ଏପରି ଅନୁଭୂତି ପ୍ରାପ୍ତ ହେଉ ଏବଂ ଶ୍ରୀ ଜଗନ୍ନାଥ ତଥା ଶ୍ରୀ ସାଇନାଥ ସମସ୍ତଙ୍କ ଉପରେ କୃପା ବାରି ବର୍ଷା କରନ୍ତୁ । ଜୟ ଶ୍ରୀ ଜଗନ୍ନାଥ ଓ ଜୟ ଶ୍ରୀ ସାଇନାଥ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଜୀବନ ଏମିତି



କମଳ ଲୋଚନ ମଲ୍ଲିକ

ଜୀବନ ଏମିତି
ସୁନ୍ଦର ଯେତିକ ଅନ୍ଧାର ସେତିକ
କେବେ ଦୁଃଖର ଗହନ ବନ
କେବେ ସୁଖର ଉଜ୍ଜ୍ୱଳ ଜହ୍ନ ।।

ଜୀବନ ଏମିତି
ସପନ ଯେତିକ କପଟ ସେତିକ
କେବେ ଦୁଃଖର ଭଙ୍ଗା ସୁନା ସଂସାର
କେବେ ସୁଖରେ ତିଆରି ବାଲିଘର ।।

ଜୀବନ ଏମିତି
କ୍ଷମତା ଯେତିକ ଦାରିଦ୍ର୍ୟତା ସେତିକ
କେବେ ଦୁଃଖର ଆତଙ୍କ ମନ
କେବେ ସୁଖର ଅର୍ଜିତ ଧନ ।।

ଜୀବନ ଏମିତି
ରଙ୍ଗୀନ ଯେତିକ ଶୂନ୍ୟତା ସେତିକ
କେବେ ଦୁଃଖରେ ବାସ୍ନାହର୍ ବାସିଫୁଲ
କେବେ ସୁଖରେ ନାଚେ ହୋଇ ମସଗୁଲ ।।

ତାଳପଦା, ଦ୍ୱାରିକା, ବାଲେଶ୍ୱର

# ମୃତ୍ୟୁର କୋଳେ ଗରିବ!!!

ମୋନାଲିସା ପାଣି

ସବୁଆଡେ ଆଜି ମୃତ୍ୟୁର ବିଭୀଷିକା,
କୁଢ କୁଢ ଶବ, କେତେ ଅଲୋଡା
ଏ ଶରୀର, କେତେ ଅଦରକାରୀ ସତେ !!!
ଆଜି ସବୁଆଡେ ଶୂନ୍ୟ ଶବଦ : ମୃତ୍ୟୁର କରାମତ ହୋଇଛି ଆଜି ଗରିବ,
ଦୁର୍ଭିକ୍ଷର କରାଳ ରୂପ ସବୁକଛି ଅନ୍ଧାର କରିଦେଇଛି,
ତାରି ଭିତରେ ସେହି ଛୋଟ ଝୁମ୍ପୁଡି ଘରେ ଶୁଭୁଛି
ଛାତିଫଟା ଚତ୍କାର....
ଶୁଣିବାକୁ ଯେମିତି କେହିନାହିଁ ତା ପାଖେ....
ଆଖିର ଲୁହ ଆଜି ଲହୁ ହୋଇ ବୋହି ଯାଉଛି
ନିସ୍ୱାର୍ଥପର ଭାବେ,
ସତେକି ଏ ସେଇ ଗରିବ ର ଲୁହ !!!
ଜୀବନର ବାଟ ସେ ଯେତିକି ଗ୍ଭଲୁଛି,
ତା ଯେମିତି ସତେ ଲମ୍ବା ହୋଇଯାଉଛି,
ନିରୁପାୟ ହୋଇ ଲୋଟି ପଡୁଛି ସେ ଅଧା ବାଟେ,
ପେଟର କ୍ଷୁଧା, ଛାତିର ଜ୍ୱାଳାକୁ ସହ୍ୟ ଅକରି
ଶୋଇପଡେ ସେ ମୃତ୍ୟୁ ଶଯ୍ୟା ରେ,
ସତେକି ଏ ସେଇ ଗରିବର ଜୀବନ !!!!

ଢେଙ୍କାନାଳ

# ବର୍ଷା



ନବୀନ କୁମାର ପଧାନ

ବର୍ଷା ଗୋ ତୁମେ ଇର୍ଷା କରନାହିଁ
ଦିଅନା ଅଯଥା କଷ୍ଟ
ଗ୍ରୀଷ୍ମରୁପି ଏଇ ମହିଷାସୁରକୁ
ଦୁର୍ଗା ସାଜି କର ନଷ୍ଟ ॥
ଧରଣୀ ହସିବ କଦମ୍ବ ଫୁଟିବ
ମହକବ ଜୁଇ ମଲ୍ଲୀ
ଘନ ସବୁଜିମା ଶସ୍ୟଶ୍ୟାମଳାରେ
ପୁରିବ ମୋ ଦେଶ ପଲ୍ଲୀ ॥
ପୂର୍ଣ୍ଣଗର୍ଭା ହେବ ଶୁଖିଲ୍ ତଟିନୀ
ରୌଦ୍ର ତାପେ ଝରିମାଖି
କୃଷ୍ଣ ନଭ ଦେଖି ନର୍ତ୍ତନେ ମଜ୍ଜିବ
ଶିଖି ଶିଖରରେ କେକୀ ॥
ମନ ଗଗନରେ ଭସା ମେଘ ଦେଖି
ଭ୍ରସିବ ଆଶା ବାଦଲ
ଶସ୍ୟ ଉତ୍ପାଦନେ ଧରଣୀ ବୁକୁକୁ
ଚଷିବେ କୃଷକ କୁଳ ॥
ଆଶା ପାଇଁ ସିନା ନର ବଞ୍ଚିରହେ
ମୃତ୍ୟୁ ଅଟଇ ନିରାଶା
କଳାହାଣ୍ଡିଆ ମେଘର କଲେବରୁ
ଶୀଘ୍ର ଆସ ଗୋ ବରଷା ॥

ସାନଫାସଡ଼, ବଲାଙ୍ଗୀର

# ଅନମାର ପ୍ରଥମ ସାବିତ୍ରୀ ବ୍ରତ



ଅନ୍ନପୂର୍ଣ୍ଣା ଦାସ

ବାହାଘରକୁ ଦଶଦିନ ପୂରିବା ଆଗରୁ ସେମାନଙ୍କୁ ଅଲଗା ହେବାକୁ ପଡିଥିଲା। ଅତନୁ ଇଞ୍ଜିନିୟର ଆଉ ଅନମା ଅଧ୍ୟାପିକା । ପିଲାମାନଙ୍କ ପରୀକ୍ଷା ଦାୟିତ୍ୱ ଅନମାର ଥିବାରୁ ତାକୁ ଆସି କଲେଜରେ ଯୋଗ ଦେବାକୁ ହେଲା। ଅନମାକୁ କଲେଜରେ ଛାଡି ଦେଇ ଅତନୁ ଫେରିଯାଇଥିଲେ ତାଙ୍କ କର୍ମଭୂମି ମହାରାଷ୍ଟ୍ର କୁ। ଦୁହେଁ ଦୁହିଁଙ୍କୁ ଭଲ ଭାବରେ ଜାଣିବା ଆଗରୁ ସମୟ ଆଉ କର୍ମ ସୂତ୍ରରେ ଅଲଗା ହେବାକୁ ପଡ଼ିଥିଲା ସେମାନଙ୍କୁ। ବାହାଘର ପରେ ଅଲଗା ରହିବାର କଷ୍ଟ କେବଳ ଅନୁଭବି ମାନେ ହିଁ ବୁଝିପାରିବେ।

ଆଗକୁ ମଇ ମାସ କଲେଜରେ ଖରାଛୁଟି, ଅନମାର ପ୍ରଥମ ସାବିତ୍ରୀ ବ୍ରତ । ତେଣୁ ଶାଶୁଙ୍କ ଆଦେଶ ସାବିତ୍ରୀ ବ୍ରତ ପରେ ସେ ତାଙ୍କ ପୁଅ ପାଖକୁ ଯାଇପାରିବ।

ଯଥା ସମୟରେ ତା' ଭାଇ ଭାର ଆଣି ଶାଶୁଘରେ ପହଞ୍ଚିଲା। ଭାଇକୁ ଶାଶୁଘରେ ଦେଖି ଅନମା ଯେମିତି ଖୁସି ଥିଲା ତାହା ପ୍ରତ୍ୟେକ ଭଉଣୀ ମାନଙ୍କ ଅନୁଭବ। ଭାଇ କିନ୍ତୁ ଦେଖୁଥିଲା ତା ଭଉଣୀ ହାତର ଶଙ୍ଖା, ମଥାର ସିନ୍ଦୂର, ମୁଣ୍ଡର ଓଢ଼ଣା, ପାଦର ଅଳତା ଆଉ ଛମଛମ ପାଉଁଜିକୁ। ଅନମା ପାଦ ଛୁଇଁ ପ୍ରଣାମ କଲା ତା ଭାଇ ତାକୁ ତୋଳିଧରିଲା । ତା' ଦୁଷ୍ଟି ଭଉଣୀ ଟାକୁ ବୋହୂ ବେଶରେ ଦେଖି ଭାରି ଖୁସି ସେ। ମୁଣ୍ଡ ଆଉଁସି ଦେଇ କହିଲା-"ଅହି ସୁଲକ୍ଷଣି ହେଇଥା"। ତା' ଆଖିରେ ଥିଲା ଦି ଧାର ଛଳଛଳ ଲୁହ ଆଉ ଓଠରେ ଧାରେ ହସ।

ଆଜି ସାବିତ୍ରୀ, ଶାଶୁଙ୍କ ନିର୍ଦ୍ଦେଶରେ ସୁନା ଆଉ ନୂଆ ଶାଢ଼ୀରେ ଅନମା ସାଧବ ବୋହୂ ପରି ସଜେଇ ହେଇଛି। ଆଜି ସେ ଆଉ ଜଣେ ସାବିତ୍ରୀ। ସେ ଆଜି ଲୋଡିବ ତା' ସତ୍ୟବାନଙ୍କ ନିରାମୟ ଜୀବନ ଓ ଲମ୍ବା ଆୟୁଷ। ପୂଜା ସରିବା ପରେ ଶାଶୁ କହିଲେ ଯା'ତାକୁ ଟିକଏ

ଭିଡିଓ କଲ କରି ପ୍ରଣାମ କରିଦେ। ଅନମା ମନରେ ସ୍ୱାମୀପାଇଁ ଭକ୍ତି ଅପେକ୍ଷା ଲାଜ ଥିଲା ଅଧିକ । ସେ ହାତ ଯୋଡି ଆଶୀର୍ବାଦ କାମନା କଲା । ଟିକିଏ ହସିଦେଲେ ଅତନୁ ହେଲେ ସେ ହସରେ ମାଦକତା ନଥିଲା। ଲାଗୁଥିଲା ମଣିଷ ଟି ଯେମିତି କୋଉ ଏକ ଅକୁହା ଯନ୍ତ୍ରଣାରେ ଛଟପଟ ହେଉଛି।

କଣ ହେଇଛି ତୁମର?? ଅତନୁ କହିଲେ କଛି ନାହିଁ। ଅନମାର ମନ ମାନିଲାନ, କଛି ତ ଗୋଟେ ହେଇଛି। ଅନମା ବ୍ୟସ୍ତ ହେଇ ପଡୁଥିଲା ତାକୁ ସବୁ କେମିତି କେମିତି ଲାଗୁଥିଲା । ବହୁତ ସମୟ ପରେ ଅତନୁ କହିଲେ ବ୍ୟାଙ୍କରୁ ନୋଟିସ ଆସିଛି କାଲି ଭିତରେ ମତେ ସେଟେଲମେଣ୍ଟ ବିଲ୍ ଦୁଇଲକ୍ଷ ବ୍ୟାଙ୍କରେ ଡିପୋଜିଟ୍ କରିବାକୁ ହେବ। ଏତିକ କହି ସେ ଦିର୍ଘ ନଶ୍ୱାସ ଟିଏ ନେଲେ। ପୁଣି କହିଲେ ଯଦି ନହେଇ ପାରେ  କାଲି କଛି ବି ଘଟିଯାଇ ପାରେ, ଚାକରୀ ଯିବାର ଭୟ ମତେ........ଆଉ ଅଧିକ କଛି କହିପାରି ନଥିଲେ ଅତନୁ। ଅନମା  ନର୍ବାକ ହେଇଯାଇଥିଲା ।

ଶାଶୁ-ଶଶୁର ନରବ। ଶାଶୁ କହିଲେ ମୋରି କଡିନ୍ ଅପରେସନ ପାଇଁ ଲୋନ ନେଇ ମୋ ପୁଅ ହଇରାଣ ହଉଚ। ଅନମା ବି ନରୂପାୟ ଥିଲା କାରଣ ତା' ଚାକରୀକୁ  ମାସ ଚାରିଟା ପୂରି ଥିଲା। ଆଉ କଛି ଉପାୟ ନପାଇ ସେ ଖୋଲିଥିଲା ତା' ବେକର ହାର, କାନରୁ କାନଫୁଲ, ହାତରୁ ସୁନାଶଙ୍ଖା ଆଉ ମୁଦି। ସବୁ ଏକାଠି କରି ଦୌଡିଯାଇଥିଲା ବ୍ୟାଙ୍କକୁ। ସୁନାତକ ବନ୍ଧା ପକେଇ ଟଙ୍କା ଧରି ଫେରିବା ବେଳକୁ ମଇ ମାସର ଉହଉହ ଖରା ତା'ଛାଇକୁ ହଜେଇ ଦେଇ ଥିଲା।

ଆଉ ତାକୁ ଯେମିତି କେହିଜଣେ  କହୁଥିଲା ସାବିତ୍ରୀ ଟିଏ ହେବା ଏତେ ସହଜ ନୁହେଁ ଲୋ ଝିଅ। ସାବିତ୍ରୀ ଟିଏ ହେବାକୁ ହେଲେ ଯେତେକ ସଉକ ଅଛି ତାକୁ ବାନ୍ଧି ବୁନ୍ଧି ଗଣ୍ଠିଲି କରି କୋଉ କୋଣରେ ଫିଙ୍ଗି ଦେବାକୁ ହୁଏ। ସମାଜର ଆଡ଼ଆଖିକୁ ଦେହରେ ଚନ୍ଦନ ପରି ନେସି ଦେବାକୁ ହୁଏ। ଆଉ ଶେଷରେ ଇଶ୍ୱର ଆଉ ସମୟ ସହ ଯୁଝିବାକୁ ହୁଏ। ଏତିକ କରି ପାରିଲେ ତୁ ସିନା ପାଲଟିବୁ ସାବିତ୍ରୀ।

ଜଗନ୍ନାଥପୁର, କାମାକ୍ଷାନଗର, ଢେଙ୍କାନାଳ

# ସ୍ୱପ୍ନ ବନାମ ବାସ୍ତବତା

ରାଜେନ୍ଦ୍ର କୁମାର ସାହୁ

ଭାବନାର ଜୁଆର ଯେବେ
ଉଠିଆସେ ମନେ ମୋର
କେତେ ଆଶା ଆଶଙ୍କାର
ଛୋଟ ଛୋଟ ଢେଉ ମାନ ଭାସିଯାଏ
ଛୁଇଁଦେଇ ମନେ ।

ସ୍ୱପ୍ନପୁଣି ଦେଖୁଥାଏ
ସାଗରରେ ପର୍ବତର
ଦେଶ ଗ୍ରାମ ରାଜ୍ୟ ସଙ୍ଗେ
ଆତ୍ମୋନନତୀ ପାଇଁ
ପୁଣି ସାଗରର ନୀର ପରି ଦିନେ

ଖୋଜୁଥାଏ ଦିଗଟିଏ
ସ୍ୱପ୍ନପାଇଁ ନଦୀଟିର
କୃଷକର ଶସ୍ୟ ତଥା
ଜୀବନର ଜିବନକୁ
ସାଗାରର ନୀରପୁଣି
ଉନ୍ନତିର ଉପବନେ ।

ଆଶା ମୋର ଗୁହିଁଥାଏ
ପଦ୍ମପରି ଆଲୋକର
ପ୍ରାରମ୍ଭିକ ଚନ୍ତା ସବୁ
ହୃଦୟରେ ଠୁଳ କରି
ଫୁଟିବାକୁ ଫୁଲଟିଏ ଦିନେ ।

ପାଦେପାଦେ ଦିଶା ମିଳେ
ହୃଦୟରେ ହସ ଖେଳେ
ହେଲେପୁଣି ଭାବି
ଦେଖେ ଜନ ଚନ୍ତାଧାର
ଦ୍ୱାର ସମୟ କ ଥଟା ଖେଳେ ?

ମନମୋର ଫେରିଆସେ
ଖୋଜିବାକୁ ଅନ୍ୟଦିଶା
କ୍ଷୁବ୍ଧ ହୁଏ ନରାଶରେ
ଶୁଦ୍ଧ ଚନ୍ତା ପରିବର୍ତ୍ତେ
ସମାଜର ପାଣିମିଶା ।

ପକ୍ଷୀ ଟିଏ ଡେଣାଟିରେ
ଲକ୍ଷ ଲକ୍ଷ ପର ଅଛି
ସପନର ଆକାଶରେ
ବାସ୍ତବିକ ଉଡିବାକୁ
ହେଲେ ଲକ୍ଷେ ମଧ୍ୟୁ ଯଦି
ଗୋଟେ ଗୃହେଁ ଉଡିବାକୁ
ବାସ୍ତବିକ ଆକାଶଜେ
ଫେରିଆସେ ସପନକୁ ।

କଣ୍ଟାପାଟଣା, ବାରଙ୍ଗ
କଟକ, ଓଡିଶା

# ଭିନ୍ନକ୍ଷମ



ରାମ ଚନ୍ଦ୍ର ପ୍ରଧାନ

ଭିନ୍ନକ୍ଷମ ବୋଲି  ଜମା ଦୁଃଖ ନାହିଁ
ତୁମ ଏ ସୃଷ୍ଟିରେ ପ୍ରଭୁ
ସକ୍ଷମଙ୍କ ଭଳି  ସଂଘର୍ଷ କରୁଛୁ
କୃପା କର ଆହେ ବିଭୁ...
ଇତର ଦୃଷ୍ଟିରେ  ସଭିଏଁ ଦେଖନ୍ତି
ଆମେ ଭିନ୍ନକ୍ଷମ ବୋଲି
ଭିନ୍ନ ସିନା ଅଙ୍ଗ  କାମଟା ଅଭିନ୍ନ
ତୁଛାରେ ଘୃଣିତ ଖାଲି...
ଦେଇ ପ୍ରୋତ୍ସାହନ  କରିଲେ ଆଦର
ଲଙ୍ଘିବୁ ଦୁର୍ଗମ ପଥ
ଅଦ୍ୟମ ସାହସେ  ଆଗକୁ ମାଡ଼ିବୁ
ଗଡ଼ାଇ ବିଜୟ ରଥ...
ସଫଳ ହୋଇବୁ  ସବୁଥିରେ ଆମେ
ଦେଖାଇ ପାରିଲ୍ ପଣ
ନ' ମଣି ଅକ୍ଷମ  ଆମେ ଭିନ୍ନକ୍ଷମ
ସୁଝିବୁ ଦେଶର ଋଣ...
ଭିନ୍ନ ଇତିହାସ  ଲେଖା ହେବ ଏବେ
ଆମରି ବିସ୍ମୟ କାମେ
ସବୁରେ ସକ୍ଷମ  ଆମେ ଭିନ୍ନକ୍ଷମ
ବିକାଶ ବି ଆମ ନାମେ...

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ଜୀବନର ପଥେ ସ୍ୱପ୍ନର ସାଥେ -୨



ନନ୍ଦିନୀ

ତେଜସ୍ୱୀନ ର ଜେଜେମା ତାକୁ ଖୁବ୍ ଭଲ ପାଉଥିଲେ। ଏମିତି ରେ ବି ଜେଜେମା କୁନ ପିଲା ମାନଙ୍କ ସହ ଖେଳବାକୁ ବହୁତ ଭଲ ପାଉଥିଲେ । ତାକୁ ଗପ କହୁଥିଲେ। ସାଙ୍ଗରେ ବୁଲାଇ ନେଉଥିଲେ। ଯାତ୍ରା ତୀର୍ଥ ମେଳା ଆଦି ବୁଲାଉ ଥିଲେ । ମନ ପସନ୍ଦ ର ଖାଇବା ଦେଉଥିଲେ। ତାର ସମ୍ପର୍କ ଜେଜେମା ଙ୍କ ସହ ନିବିଡ଼ ରୁ ମଧ୍ୟ ଅଧିକ ନିବିଡ଼ ଥିଲା। ପରୀ ରାଇଜର କେତେ ଯେ କାହାଣୀ କହୁଥିଲେ। ଜହ୍ନ ରେ ଘର କରିବାର ସ୍ୱପ୍ନ ଦେଖାଇଥିଲେ। ଏମିତି କେତେ କଛି।

ତାର କକା ନିଜ କକା ନଥିଲେ। ହେଲେ ତାଙ୍କୁ ଘରର ସାନ ପୁଅ ର ମର୍ଯ୍ୟାଦା ଦେଇଥିଲେ ତେଜସ୍ୱୀ ନି ର ଘର ଲୋକ। ସେ ମଧ୍ୟ ବହୁତ ଭଲ ଲୋକ ଥିଲେ। ତାଙ୍କ ସହଯୋଗ ରେ ଘରଟି ସୁରୁଖୁରରେ ଚାଲେ। ସେ ଗୀତା ଭାଗବତ, ବେଦ ପୁରାଣ, ମହାଭାରତ ରାମାୟଣ ଆଦି ରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ତେଜସ୍ୱୀ ନି ତାଙ୍କରି ପାଖରେ ବସି ବିଦ୍ୟା ଅଧ୍ୟୟନ କରେ। ସେଥି ପାଇଁ ଦୈବୀ ଗୁଣରେ ସେ ପରିପୂର୍ଣ୍ଣ ଥିଲା। ଏହି ପରି ହସଖୁସି ର ଜୀବନ ଭିତରେ ଦିନ ସବୁ ଗଡ଼ି ଚାଲିଥିଲା।

ଯେତେବେଳେ ତାକୁ ପ୍ରାୟ ୭-୮ ବର୍ଷ ହୋଇଥିଲା ସେତେବେଳକୁ ତାର ଦୁଇଟି ଭଉଣୀ ଓ ଗୋଟିଏ ଭାଇ ଜନ୍ମ ହୋଇ ସାରିଥିଲେ। ହଠାତ୍ ସେ ଏକ ଅଜଣା ଜ୍ୱର ରେ ପୀଡ଼ିତ ହୋଇ ରୋଗଗ୍ରସ୍ତ ହେଲା। ଏତେ ପିଲାଙ୍କ ଭିତରେ ଅବହେଳିତ ଓ ପୁରାତନ ଯୁଗ ର ଅନଭିଜ୍ଞ ଚିକିତ୍ସା ମଧ୍ୟରେ ଚାପି ହୋଇ ସେ ଡାକ୍ତରଙ୍କ ପରାମର୍ଶ ଠାରୁ ବହୁ ଦୂରରେ ଥିଲା। ଜ୍ୱର ବଢ଼ି ବଢ଼ି ଚାଲିଥାଏ। ମାତ୍ର ସେଥି ଉପରେ କାହାରି ନଜର ନଥାଏ। କହିବାକୁ ଗଲେ ତେଜୁ ମୃତ ଅବସ୍ଥାକୁ ଆସି ସାରିଥିଲା । ତଥାପି ଭାଗ୍ୟ ବଳରେ ଜୀବନ ଥିଲା। ସେହି ଭିତରେ କେହି ଜଣେ ଘର ଲୋକଙ୍କୁ ଜଣାଇଥିଲେ ଯେ ତାହା ଏକ ସାଧାରଣ ଜ୍ୱର ନୁହେଁ। ଏପରି ହେଲେ ଡାକ୍ତରଙ୍କ ପରାମର୍ଶ ନିହାତି ଆବଶ୍ୟକ। ଏଣୁ ସେମାନେ ଝିଅ କୁ ଡାକ୍ତରଖାନା ନେଇଥିଲେ। ସେଠାରେ ବହୁ ଦିନର ଚିକିତ୍ସା ପରେ ତେଜସ୍ୱୀ ଭଲ ହୋଇ ଯାଇଥିଲା।

ସେହି ଭିତରେ ଘରର ଆର୍ଥିକ ସ୍ଥିତି କୁ ସୁଧାରିବା ପାଇଁ ଗ୍ଭକରି ଛାଡ଼ି ବ୍ୟବସାୟ କାର୍ଯ୍ୟ ରେ ମନୋନବେଶ କରିଥିଲେ। ଯାହା ବି ହେଉ ଏହା ପରେ ପାରିବାରିକ ସ୍ଥିତି ରେ ସାମାନ୍ୟ ଦୃଢ଼ତା ଆସିଥିଲା। ହେଲେ କଣ ହେବ। ସେ ପୂର୍ବ ଖୁସି ଆଉ ରହିନଥିଲା। ଝିଅ ସିନା ସୁସ୍ଥ ହୋଇ ଘରକୁ ଫେରିଲା ହେଲେ ମାନସିକ ଭାବେ ଦୁର୍ବଳ ହୋଇଯାଇଥିଲା। ମସ୍ତିଷ୍କ ଆଗପରି ଆଉ କ୍ଷୀପ୍ର ହୋଇ ପାରିଲା ନାହି । ସ୍ମୃତି ଶକ୍ତି ର ହ୍ରାସ ଘଟିଲା। ସେ ତାର ସବୁ ପ୍ରତିଭା ହରେଇ ବସିଲା। ସେହି ଅବସ୍ଥା ରେ ବଞ୍ଚି ଯାଇଛି ସେତିକ ହିଁ ଯଥେଷ୍ଟ ଥିଲା।

ଯେବେ ସେ ବିଦ୍ୟାଳୟ ଗଲା ତାକୁ ବହୁତ ପରିଶ୍ରମ କରିବାକୁ ପଡିଲା ତଥାପି କଛି ପାଠ ମନେ ରଖିପାରୁ ନଥିଲା। ଯେଉଁ ପାଠକୁ ଅନ୍ୟ ପିଲା ମାନେ ଗୋଟେ ଘଣ୍ଟାରେ ମନେ ରଖୁଥିଲେ ତାକୁ ସେ ପୁରା ଦିନ ରେ ବି ମନେ ରଖି ପାରୁ ନଥିଲା। ସ୍କୁଲ ରେ ସମସ୍ତେ ପରିହାସ କରୁଥିଲେ। ତାକୁ ପାଗେଳ କହି ଚଡାଉ ଥିଲେ। ତା ସହ ଅପ୍ରୀତିକର ଘଟଣା ମାନ ଘଟାଉ ଥିଲେ ଯାହା ତାକୁ ବହୁତ କଷ୍ଟ ଦେଉଥିଲା। ଶିକ୍ଷକ ମାନେ ବି ନାନା ମାଡ଼ ଗାଳ କରୁଥିଲେ। ତଥାପି ସେ ଚୁପ୍ ରହୁଥିଲା। ଭାଗ୍ୟକୁ ଆଦରି ସବୁ ସହି ଯାଏ। ମନ ମାରି ବସେ। ଲୁହ ପୋଛି ଦେଇ ପୁଣି ହସିଦିଏ। କେଜାଣି ସେ ହସ ସତ କ ଲୋକ ଦେଖଣିଆ। କେବେ କେବେ କଛି କାରଣ ନଥାଇ ବି ଭେ ଭେ କରି କାନ୍ଦି ଉଠେ। କାରଣ ନଥାଏ କହିଲେ କେମିତି ହବ। ସେ କଣ ଦୁଇ ଘଣ୍ଟା ପୂର୍ବର ଘଟଣା କୁ ସାରା ଜୀବନ ପାଇଁ ଭୁଲି ପାରିବ!! ପାଠ ମନେ ରହୁନ ସିନା ଜୀବନ କଣ ଭୁଲିହେବ। ତାହା ତ ଅସମ୍ଭବ ନା। ସେଇ ସବୁ ଭାବି ହୁଏତ ଅଶ୍ରୁ ଭରା ନୟନରେ ଚତ୍କାର କରି ଉଠେ । ହେଲେ କେହି ବୁଝନ୍ତିନ ତାର ଅନ୍ତରାତ୍ମା ର ସ୍ୱରକୁ। ପ୍ରତ୍ୟେକ ତ ପ୍ରତି ମୁହୂର୍ତ୍ତରେ ଦୁର୍ବ୍ୟବହାର କରନ୍ତି।

ଏମିତି ଦୁଃଖ କଷ୍ଟର ଜୀବନ ଭିତରେ ସେ ପ୍ରାଥମିକ ଶିକ୍ଷା ସମାପ୍ତ କରି ଉଚ୍ଚ ଶିକ୍ଷା ରେ ପାଦ ଦେଲା। ନମ୍ବର ଖରାପ ରହିଲେ ବି ପାସ୍ କରିଥିଲା। ସେତିକ କଣ ତା ପାଇଁ ବଡ଼ ନୁହଁ। ପାଠ ହୁଏନ ବୋଲି ଘରେ ବହୁତ କାମ କରନ୍ତି। ତାରି ଭିତରେ ଶିକ୍ଷିତ ହେବାର ତୃଷ୍ଣା। ନଜ ଗୋଡ଼ରେ ନଜେ ଛିଡ଼ା ହେବାର ଆଶା। ପରୋପକାର ର ସ୍ୱପ୍ନ। କଠିନ ରୁ କଠିନ ପରିଶ୍ରମ କରି ଗ୍ଭଲିଥାଏ। ସେଇ ଭିତରେ ସେ ଦଶମ ଶ୍ରେଣୀରେ ପାଦ ରଖିଲା। ଆଗକୁ ବୋର୍ଡ ପରୀକ୍ଷା। ଏଇଠି ଜଣା ପଡ଼ିବ ଭାଗ୍ୟରେ କଣ ଅଛି। ପାସ୍ କରି ଜୀବନରେ କଛି କରିବ ନା ତା ଜୀବନ ଚୁଲି ନଆଁ ରେ ସମାପ୍ତ........

........ ଅବସିଷ୍ଟାଂଶ ପରବର୍ତ୍ତୀ ଅଧ୍ୟାୟ ରେ ✍ •

# ମୋ ବିକଳ୍ପ ତ ମହାସଙ୍କଟ



ପଙ୍କଜିନ ଭୋଇ

କରୋନା କବଳରେ
ବିଶ୍ୱବାସୀ ଆଜି ହନ୍ତସନ୍ତ
ବ୍ୟସ୍ତ-ବିବ୍ରତ ଆଉ ବିଚଳତ,
ଆତଙ୍କର ପଶା ଖେଳ ଖେଳ
ବିଜୟ ପରାଜୟର
ତାଣ୍ଡବ ରଚୁଛି ଏ କରୋନା ।।
ପ୍ରବାସୀ କ୍ୱାରେନ୍ଟାଇନ୍ ରେ,
ଆଉ ଗ୍ରାମବାସୀ
ଷ୍ଟେ ହୋମ୍ ଷ୍ଟେ ସେଫ୍
କିନ୍ତୁ ମୁଁ...!! ମତେ ତ ଯିବାକୁ ହବ
ସେମାନଙ୍କ ପାଖକୁ, ଯେଉଁଠି
କେତେ ଆଖିର ଯେ ସ୍ୱପ୍ନ
କେତେ ହୃଦୟର ଆଶା
ରହିଁ ବସିଛନ୍ତି ମୋ ବାଟକୁ;
ମୋ ଆସିବାର ଆଶାରେ
ନିଶ୍ୱାସ ନେଉଛନ୍ତି ସେମାନେ,
ମୋ ଉପସ୍ଥିତିରେ
ଆଶ୍ୱସ୍ତି ଲଭୁଛନ୍ତି ସେମାନେ ।।
ସୁସ୍ଥ ହେବା ଆଶା ନେଇ
ମୋ ସେବାର ଯେ ଆଶାୟୀ
କେମିତି ଖୋଜିବି ବିକଳ୍ପ
ଏତେ ସ୍ୱାର୍ଥୀ ହୋଇ ମୁଁ,
ମୋ ବିକଳ୍ପ ଅର୍ଥ ମହାସଙ୍କଟ
କିନ୍ତୁ ଲଢ଼ିବି ମୁଁ ଡାକ୍ତରଖାନା ରୂପୀ
ଏହି ରଣକ୍ଷେତ୍ରରେ
ଡାକ୍ତର ରୂପେ ନୁହେଁ
କରୋନା ଯୋଦ୍ଧା ସାଜି ।।

ଲାଞ୍ଜି, କେଗାଁ, କଳାହାଣ୍ଡି

# ନୀରବ ଯନ୍ତ୍ରଣା

ପ୍ରଦୀପ୍ତ କୁମାର ସାହୁ

ଇଚ୍ଛାଥିଲା ଅନେକ ଦିନରୁ
ମିଳନ୍ତାକି ଫୁରୁସତ ଟିକେ,
ଏ ଜଞ୍ଜାଳରୁ ବ୍ୟସ୍ତତାରୁ ।
ମିଳିଲା ଏହି ସର୍ତ୍ତରେ କି
ଏକାନ୍ତରେ ରହିବାକୁ ହେବ
ଗୃହବନ୍ଦୀ ହୋଇ । ................(୧)

ସବୁଆଡେ ଖାଁ ଖାଁ ଲାଗେ
ଶୂନ ଶାନ ଲାଗେ ରାଜପଥ
ଆଉ ଚୁପଚାପ ସାରା ସହର
ସମୟ ସତେକି ପଡିଛି ଘୁମେଇ
ନାହିଁ ଗହଳି ନା ଅଛି କୋଳାହଳ
ଗାଁ ମୁହାଁ ହୋଇଛି କି ସହର? .....(୨)

ସମୟ ଯାଇଛି ବଦଳି ଏମିତି
ଦୂରତା ହୋଇଛି ଉପଚାର,
ଆଉ 'ଏକାନ୍ତ ରହିବା' ପଥ୍ୟ ।
ଜୀ' ବା ପାଇଁକି ଜୀବନ ଖୋଜୁଛି
ଚାରି କାନ୍ଥର ସୀମା ଓ
ଆବଦ୍ଧ ନିବାସ । ....................(୩)

ଏକ ଶୂନ୍ୟସ୍ଥାନ
ହୃଦୟ ଭିତରେ କରିଗଲା ଘର
ମନ୍ଦିର ଖାଲି, ମସଜିଦ୍ ଖାଲି
ଖାଲି ସବୁ ପୂଜାଘର ।
ଜୀବନଟା ଆଜି ମୂଲ୍ୟବାନ ଲାଗେ
ଆଉସବୁ ଲାଗେ ଛାର । ..............(୪)

# ଦାଦନ ର ଦୁଃଖ

ପ୍ରଣତି ପାଣଗ୍ରାହୀ

ପିଠିରେ ମୋହର ବୋଝ,
ପେଟରେ ଭୀଷଣ ଭୋକ,
କରୋନା ମୋତେ ଅଛୁଆଁ କରିଛି;
କଏ ବୁଝିବ ମୋ ଦୁଃଖ?
କୁହ କଏ ବା ବୁଝିବ
ମୋ ଭଳ ଦାଦନ ର ଦୁଃଖ!

କାନ୍ଧରେ ଛୁଆ ସାଥେ ଘରଣୀ,
ଗ୍ଚଲି ଗ୍ଚଲି ପାଦ ଥୋବର୍‌ ହେଲାଣି
ମୋ ପାଇଁ ଦୟା ନାହିଁ କାହା ମନେ;
ମୁଁ ପର୍‌ କରୋନା ବାହାକ!
କୁହ କଏ ବା ବୁଝିବ,
ମୋ ଭଳ ଦାଦନ ର ଦୁଃଖ?

ପେଟ ପୋଷିବା କୁ ଗଲି,
ଭୋକ ବିକଳେ ଫେରିଲି
ଜନମ ମାଟିକୁ ଆଶା କରିଥିଲି;
କଏ ମାଡିଲେକ ମୋ ପାଖ।
କୁହ କଏ ବା ବୁଝିବ
ମୋ ଭଳ ଦାଦନ ର ଦୁଃଖ?

ମୋର ଝାଳ ବୁହା ପରିଶ୍ରମ ନେଇ,
ଦେଶ, ଜାତି ଯାଏ ରେ ଆଗେଇ
ବିପତ୍ତି କାଳରେ ଦାଦନ କହିକ;
କାହିଁକ ମୋଡୁଛ ମୁଖ?
କୁହ କଏ ବା ବୁଝିବ,
ମୋ ଭଳ ଦାଦନ ର ଦୁଃଖ?

ଶିକ୍ଷା ସିନା ନାହିଁ ମାନବିକତା କୁ
ଧରିଛି ମୁଁ ଗଣ୍ଠିଲି ରେ,
ମରିଯିବି ସିନା ମାରିବି ନାହିଁ ରେ;
କାହିଁକ ହୁଅ ବିମୁଖ?
କୁହ କଏ ବା ବୁଝିବ,
ମୋ ଭଳ ଦାଦନ ର ଦୁଃଖ?

କରୋନା ସଭିଙ୍କୁ ଏକାକାର ଆଜି
କରି ଦେଇଛି ରେ ଭାଇ,
ସଂଗରୋଧ ଘର ସଭିଙ୍କ ଠିକଣା;
ଦାଦନ ହେଉ କ ମାଲିକ!
କୁହ କଏ ବା ବୁଝିବ,
ମୋ ଭଳ ଦାଦନ ର ଦୁଃଖ??

ବ୍ରହ୍ମପୁର, ଗଞ୍ଜାମ

# ସବୁଜ ସୁନା



ସୁଧାଂଶୁ ଶେଖର ଦ୍ୱିବେଦୀ

ପାତ୍ର ପରିଚୟ:
୧. ଇଞ୍ଜିନିଅର ୨. ସରପଞ୍ଚ; ୩. ଗୋପାଳ
୪. ବାପୁନୁ ୫. ଦୈତାରୀ; ୬. ଆକ୍ରମ; ୭. ବନମାଳ

(୧)

(ପର୍ଦା ଉଠିଲା । ମଞ୍ଚକୁ ନଜର ସହାୟକଙ୍କ ସହିତ ସଡକ ନିର୍ମାଣ ବିଭାଗର ଇଞ୍ଜିନିୟର ପ୍ରବେଶ କଲେ ।)

ଇଞ୍ଜିନିଅର – (ମଞ୍ଚର ଚାରିପଟେ ଭଲଭାବେ ଲକ୍ଷ୍ୟ କରି) ଆକ୍ରମ !

ଆକ୍ରମ – ଆଜ୍ଞା ସାର...

ଇଞ୍ଜିନିଅର – ଏଇ ଜାଗାରୁ ସଡକର ଚଉଡା ମାପ ତ...?

ଆକ୍ରମ – ଏଇ ସଙ୍ଗେ ସଙ୍ଗେ ମାପୁଛି ସାର । (ଆକ୍ରମ ଟେପ୍ ବାହାର କରି ନିଜ ସହଯୋଗୀ ସହ ସଡକର ଚଉଡା ମାପିଲା)

ଆକ୍ରମ – (ମାପି ସାରିବା ପରେ) ସାର! ୨୦ ମିଟର ହେଲା ।

ଇଞ୍ଜିନିଅର – (ଚିନ୍ତା କରି) ଓଃ, ବଡ ପ୍ରବଲେମ ହେଲା । ଏଇଠାରୁ ସଡକ ଚଉଡା କରିବା ବଡ ସମସ୍ୟା ।

ଆକ୍ରମ – କଣ ପାଇଁ ଆଜ୍ଞା?

ଇଞ୍ଜିନିଅର – ଏଇ ଜାଗାରେ ବହୁତ ଗୁଡିଏ ଗଛ ରହିଛି । ସଡକ ଚଉଡା କରିବାପାଇଁ ଗଛଗୁଡିକ କାଟିବାକୁ ହେବ ।

ଆକ୍ରମ – କିଛି ଟେନସନ୍ ନିଅନ୍ତୁନି ସାର । ସବୁ ଠିକ୍ ହୋଇଯିବ । ଆପଣ ଖାଲି ଅର୍ଡର କରନ୍ତୁ । ଦିନେ ଦୁଇଦିନ ଭିତରେ ସବୁ ଗଛ କଟା ହୋଇଯିବ ।

ଇଞ୍ଜିନଅର – ହଁ, ତାହାହିଁ ହେବ । ଗଛଗୁଡିକ ନକାଟିଲେ ସିଧା ସଳଖ ରାସ୍ତା କରିବା ବଡ ଅସହଜ ହୋଇପଡୁଛି । ଆଚ୍ଛା, ଠିକ ଅଛି । ମୁଁ ତ ଯାଞ୍ଚ କରିନେଲି । ଏବେ ମୋତେ ସହର ଅଫିସକୁ ଯିବାପାଇଁ ପଡିବ । ଚଫ୍ ଇଞ୍ଜିନଅର ଙ୍କ ସହ କଥା ପକ୍କା କରି କାଲିଠାରୁ କାମ ଆରମ୍ଭ କରିବା ।

(ମଞ୍ଚ ଅନ୍ଧାର)

(୨)

(ମଞ୍ଚକୁ ବାପୁନୁ ଓ ଗୋପାଳ କଥୋପକଥନ ହୋଇ ପ୍ରବେଶନ୍ତି)

ଗୋପାଳ – ବାପୁନୁ! ତୁ କହିଲୁ ଏ ସରକାରୀ ବାବୁ ଏଠି ସବୁ କଣ ମାପ ଚୁପ କରୁଥିଲେ?

ବପୁନୁ –ଆରେ ତୁ ଜାଣିନୁକ! ଏଇଠି ପର୍ ସରକାରୀ ରାସ୍ତା ତିଆରି ହେବ । ସେଥିପାଇଁ ଏଇ ମୋଡରେ ଯେଉଁସବୁ ଗଛ ଅଛି ତାକୁ କାଟିବା ପାଇଁ ପ୍ଲାନ ହେଉଛି ।

ଗୋପାଳ – ଖବରଦାର, ତାହା ହୋଇ ପାରିବନ । ଏସବୁ ଗଛଗୁଡିକ କାଟିଦେଲେ ଆମେମାନେ ଖରାଦିନେ କୋଉଠି ବସି ଶୀତଳ ପବନ ଅନୁଭବ କରିବୁ? କାହା ଛାଇରେ ଖେଳକୁଦ କରିବା? ନା ତାହା ହୋଇ ପାରିବନ । ମୁଁ ଏ ଗଛକୁ କାଟିବାକୁ ଦେବିନାହିଁ ।

ବାପୁନୁ – କେବଳ ତୁ ପ୍ରତିବାଦ କଲେ କଣ ହେବ? ଗାଁ ର ସରପଞ୍ଚ ଓ ମୁଖିଆ ଲୋକମାନେ ଯାହା ନିର୍ଣ୍ଣୟ ନେବେ ସେଇୟା ହେବ ।

ଗୋପାଳ – କାହିଁକ ତୁ କଣ ମୋ ସହିତ ନାହୁଁ କି? ତୁ କହିଲୁ ଏତେ ବଢିଆ ଆମ୍ବ, ଜାମୁକୋଳି, ପିଜୁଳି ଆମକୁ କଣ ଆଉ କେଉଁଠାରୁ ମିଳବ?

ବାପୁନୁ – ତୁ ଠିକ୍ କହିଛୁ ଗୋପାଳ । ଚାଲ ଏ ବିଷୟରେ ଆମେ ଗାଁ ସରପଞ୍ଚଙ୍କ ସହ ଆଲୋଚନା କରିବା ।

(ମଞ୍ଚ ଅନ୍ଧାର)

(୩)

(ଦୃଶ୍ୟ ପରିବର୍ତ୍ତନ । ମଞ୍ଚରେ ସରପଞ୍ଚ ଓ ଗ୍ରାମର ଅନ୍ୟ ୨-୩ ଜଣ ଲୋକ କଥାବାର୍ତ୍ତା ହେଉଥାନ୍ତି)

ସରପଞ୍ଚ – ଦେଖ ଦୈତାରୀ ସ୍ୱଚ୍ଛତା ଅଭିଯାନ ପାଇଁ ଯେଉଁସବୁ ଧନରାଶି ଗ୍ରାମ ପଞ୍ଚାୟତକୁ ଆସିଛି, ସେଥିରୁ ତୋତେ ବି ଶୌଚାଳୟ ନିର୍ମାଣ ଲାଗି ଦିଆଯିବ ।

ଦୈତାରୀ – ଏସବୁ ଆପଣଙ୍କ କୃପା ଆଜ୍ଞା ।

ସରପଞ୍ଚ- ହେଲେ ତୁ ଓ ତୋ ପରିବାର ଯେମିତି ଆଉ ବାହାରେ ଶୌଚ କରିବନି ।

ଦୈତାରୀ – ମାନିବି ଆଜ୍ଞା । ଆପଣଙ୍କ ଉପଦେଶ ଅକ୍ଷରେ ଅକ୍ଷରେ ମାନିବି ।

ସରପଞ୍ଚ – ବନମାଳି, ତୁମର ବାର୍ଦ୍ଧକ୍ୟ ଭତ୍ତା ପାଇଁ ସରକାରୀ ଅର୍ଡର ଆସିଯାଇଛି । ଏମାସରୁ ସ୍କୁଲ ହତାକୁ ଯାଇ ଭତ୍ତା ନେଇଆସିବ ।

ବନମାଳି – ସବୁ ଆପଣଙ୍କ ଦୟା ଆଜ୍ଞା । ଆପଣଙ୍କ ଭଳି ସରପଞ୍ଚ ଆମ ଗାଁ ର ଗୌରବ ।

ସରପଞ୍ଚ - ବୃଥା ମୋତେ ଉପରକୁ ଟେକନାହିଁ ବନମାଳି । ରାଜା ଯଦି ପ୍ରଜାଙ୍କ ଦୁଃଖ ନବୁଝିବ ତାହାହେଲେ ସେ ରାଜା ହୋଇ ଲାଭ କଣ ।

ଗୋପାଳ/ବାପୁନୁ (ପ୍ରବେଶି) ପ୍ରଣାମ କକା ।

ସରପଞ୍ଚ – କରେ ତୁମେ ଦୁହେଁ ଏଠି କେମିତି?

ଗୋପାଳ – କକା, ଏବେ ଏବେ ଆମେ ଦୁହେଁ ଆମ ଗାଁ ବଗିଚା ନିକଟରୁ ଆସିଲୁ । ସହରରୁ ଆସିଥିବା ଇଞ୍ଜିନିଅର ଓ ତାଙ୍କ ସହଯୋଗୀକୁ ଦେଖିଲୁ । ସେମାନେ ରାସ୍ତା ଚଉଡା କରିବା ଲାଗି ଆମ ବଗିଚାରୁ କିଛି ଗଛ କାଟିନେବା ପାଇଁ କହୁଥିଲେ ।

ସରପଞ୍ଚ – କଣ ହେଲା? ମୋତେ କିଛି ନଜଣାଇ ସରକାରୀ ବାବୁମାନେ ଆମ ଗାଁ ବଗିଚାରୁ ଗଛ କାଟିଦେବେ? ଆମ ବାପା, କକାମାନେ ସେଭଳି ବଗିଚାଟିଏ ସୃଷ୍ଟି କରିବାପାଇଁ କେତେ ଯେ ପରିଶ୍ରମ କରିଛନ୍ତି ତାର କଳନା ନାହିଁ । ଆଜି ସେସବୁ ଗଛଗୁଡିକ ବଡ ହୋଇବିବାପରେ ଛାଇ, ଅମ୍ଳଜାନ, ଫଳ ଇତ୍ୟାଦି ଦେଉଛନ୍ତି । ସେଭଳି ଗଛଗୁଡିକୁ ସେମାନେ କେମିତି କାଟିଦେବେ ବୋଲି କହୁଛନ୍ତି? ନା, ତାହା ମୁଁ କଦାପି କରିବାକୁ ଦେବିନି । ଚାଲ ସମସ୍ତେ ଏଇ ସଙ୍ଗେ ସଙ୍ଗେ ସେ ଇଞ୍ଜିନିଅର ସଙ୍ଗେ କଥାବାର୍ତ୍ତା କରିବା ।

ବାପୁନୁ - କକା, ସେମାନେ ଆଜି ମାପଜୁପ କରି ସହରକୁ ଚାଲିଗଲେଣି । ଆସନ୍ତା କାଲି କାମ ଆରମ୍ଭ କରିବେ ।

ସରପଞ୍ଚ -ଠିକଅଛି । ଗାଁର ସମସ୍ତ ଲୋକ ମିଶି ଆମେ କାଲି ତାଙ୍କ ସହ ଆଲୋଚନା କରିବା । ଗୋପାଳ, ବାପୁନୁ ତୁମେ ଦୁହେଁ ମୋତେ ଠିକ୍ ସମୟରେ ସୂଚନା ଦେଇ ଏକ ମହତ କାମ କରିଛ । ଆସନ୍ତା କାଲି ଆମେ ସମସ୍ତେ ତାଙ୍କୁ ବୁଝେଇବା । ଯଦି ନମାନନ୍ତି ତାହେଲେ ଗଛ କାଟିବା ବିରୋଧରେ ଆନ୍ଦୋଳନ କରିବା ।

ଗୋପାଳ -ଆପଣ ଠିକ୍ କହିଛନ୍ତି କକା । ଗାଁର ସବୁ ପିଲାମାନେ ଆପଣଙ୍କ ସହିତ ଏକମତ ଅଛନ୍ତି । ଆମେମାନେ ତାଙ୍କୁ ଗୋଟିଏ ବି ଗଛରେ ହାତ ଲଗେଇବାକୁ ଦେବୁନାହିଁ ।

(ମଞ୍ଚ ଅନ୍ଧାର)

(୪)

(ଗାଁ ବଗିଚା ନିକଟରେ ସମସ୍ତ ଗ୍ରାମବାସୀ ଏକତ୍ରିତ ଥାନ୍ତି)

ସରପଞ୍ଚ -ଭାଇମାନେ, ଏସବୁ ଗଛ ଆମମାନଙ୍କ ଜୀବନଠାରୁ ଅଧିକ ମହତ୍ୱପୂର୍ଣ୍ଣ । ଏଇ ଗଛଗୁଡିକରେ ଆମର ଓ ଆମ ପିଲାମାନଙ୍କର ଜୀବନ ଯୋଡିହୋଇ ରହିଛି । କୌଣସିମତେ ଆମକୁ ଏସବୁ ଗଛର ରକ୍ଷା କରିବାକୁ ହେବ ।

ଗ୍ରାମବାସୀ - ଆମେ ସମସ୍ତେ ଆପଣଙ୍କ ସହ ଏକମତ ଅଛୁ ।

(ସେଇବେଳେ ଇଞ୍ଜିନିଅର ତାଙ୍କ ସହଯୋଗୀମାନଙ୍କ ସହିତ ମଞ୍ଚକୁ ଆସନ୍ତି । କେତେକଙ୍କ ହାତରେ ଗଛ କାଟିବା ପାଇଁ କରତ, କୁରାଢୀ, କଟୁରୀ ଥାଏ)

ଇଞ୍ଜିନିଅର - ଦେଖନ୍ତୁ ଭାଇମାନେ, ଏଇଠାରୁ ସହରକୁ ଯାଇଥିବା ସଡକ ଚଉଡା କରିବାପାଇଁ ମୋତେ ଆଦେଶ ମିଳିଛି । ସଡକ ଚଉଡା ହେଲେ ଆପଣମାନଙ୍କର ଲାଭ । ଗାଁ ଓ ସହରର ରାସ୍ତା ଚଉଡା ହୋଇଯିବ, ଯାହାଦ୍ୱାରା ଯିବା ଆସିବା କରିବାରେ ଆପଣମାନଙ୍କୁ ବହୁତ ସୁବିଧା ହେବ । ସଡକ ଉପରେ ବସ, ଟ୍ରକ, ମଟରଗାଡି ସୁବିଧାରେ ଚାଲିପାରିବ । ଏଥିରେ ଆପଣମାନଙ୍କର ଓ ଆପଣଙ୍କ ଗାଁର ବିକାଶ ହେବ ।

ସରପଞ୍ଚ - କ୍ଷମା କରିବେ ଇଞ୍ଜିନିଅର ବାବୁ । ଆପଣଙ୍କ ସରକାରୀ ବିକାଶର ରାସ୍ତା ଆମ ଗାଁ ବଗିଚାର ଗଛଗୁଡିକୁ ବଳୀ ପକେଇ ହୋଇପାରିବନି । ଆପଣଙ୍କୁ ସଡକ ଚଉଡା କରିବାର ଅଛି ତ ରାସ୍ତାକୁ ଅନ୍ୟପଟେ ବୁଲେଇ ନିଅନ୍ତୁ ।

ଇଞ୍ଜିନିଅର – ତାହା କେବେ ବି ସମ୍ଭବ ହେବନି ଆଜ୍ଞା । ସଡକ ନିର୍ମାଣ ସିଧା ସଳଖ କରାଯାଏ । ତେଣୁ ଏ ଗଛ ମଧ୍ୟରୁ କିଛି ଗଛ ଆମକୁ କାଟିବାକୁ ପଡିବ ।

ସରପଞ୍ଚ –ମୋ କଥା ଆପଣ ଶୁଣନ୍ତୁ । ଯେଉଁଠାରେ ସଡକ ଚଉଡା କରିବା ପାଇଁ ବଗିଚାର ଗଛ ପଡୁଛି, ଆପଣ ତା ବିପରୀତରେ କରନ୍ତୁ । ଆଉ ତାହା ଯଦି ନକରିବେ ତାହେଲେ ଗ୍ରାମବାସୀ ମଧ୍ୟ ଏ ଗଛ ନିକଟରୁ ପାଦେ ବି ହଟିବେନି ।

ଇଞ୍ଜିନିଅର –ପ୍ଲିଜ୍, ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ସରକାରୀ ଆଦେଶକୁ ପାଳନ କରିବାକୁ ଦିଅନ୍ତୁ ।

ସରପଞ୍ଚ –ଆମେମାନେ ମଧ୍ୟ ଆମମାନଙ୍କ ପୂର୍ବଜଙ୍କ ନିକଟରେ ବନ୍ଧା ପଡିଛୁ ଆଜ୍ଞା ।

ଇଞ୍ଜିନିଅର – ତାମାନେ ଆପଣମାନେ ସରକାରୀ ଆଦେଶକୁ ଅମାନ୍ୟ କରିବେ?

ସରପଞ୍ଚ –ଆମ ବାପା, କକାମାନେ ଏସବୁ ଗଛ ଲଗାଇବା ବେଳେ କାଟିବାକୁ ବାରଣ କରି କହିଥିଲେ, ଗଛ କାଟିବା ଅଶୁଭ । ପ୍ରକୃତିର ବିନାଶ ହୁଏ ।

ଇଞ୍ଜିନିଅର – କିନ୍ତୁ ଯେଉଁଠି ସମୂହ ବିକାଶ ଆବଶ୍ୟକ ସେ ପରିସ୍ଥିତିରେ ନିର୍ଣ୍ଣୟାତ୍ମକ କଥାକୁ ଭୁଲିବାକୁ ହୁଏ । ଆପଣମାନେ ଆଦୌ ବିବ୍ରତ ହୁଅନ୍ତୁନି । ଯେତେ ଗଛ କଟା ହେବ, ତାଠାରୁ ଅଧିକ ପରିମାଣ ନୂଆ ଗଛ ଲଗା ହୋଇଯିବ ।

ବନମାଳି – ଦେଖନ୍ତୁ ବାବୁ! ଆପଣ ସେ ସରକାରୀ ବିକାଶ କଥା କହି ଆମମାନଙ୍କୁ ଠକି ଦିଅନ୍ତୁ ନାହିଁ । ଏଠାରେ ଥିବା ପ୍ରତିଟି ଗଛରେ ଆମମାନଙ୍କ ଜୀବନ ରହିଛି । ଏସବୁ ଆମମାନଙ୍କ ପାଇଁ ସବୁଜ ସୁନା ।

ଦୈତାରୀ – ହଁ ବାବୁ, ଆପଣ କୌଣସି ଗଛରେ କୁରାଢୀ ଚୋଟ ମାରିପାରିବେନି ।

ସରପଞ୍ଚ –ଦେଖୁଛନ୍ତି ତ, ଏ ଗାଁର ପିଲା-ବୁଢା-ଯୁବକମାନେ କେମିତି ଗଛଗୁଡିକୁ ପିଲାଙ୍କ ଭଳି କୁଣ୍ଢେଇ ଧରିଛନ୍ତି ।

ବନମାଳି – ଆପଣଙ୍କୁ ବୋଧେ ଜଣାନାହିଁ ଗୋଟେ ଗଛ ବଞ୍ଚି ରହିବାର ମହତ୍ୱ କେତେ? ଯେଉଁମାନଙ୍କ ପାଇଁ ଜୀବଧାରୀ ଜୀବିତ ରହିଛି, ଯଦି ଆଜି ପୃଥିବୀ ପୃଷ୍ଠରେ ଗଛ-ଲତା ନଥାନ୍ତା ତାହେଲେ ଜୀବନ ବି ନଥାନ୍ତା । ଗଛ-ଲତା ନଥିଲେ ଆମମାନଙ୍କ ପ୍ରାଣବାୟୁ ବି ମିଳୁନଥାନ୍ତା, ବର୍ଷା ହେଉନଥାନ୍ତା । ବର୍ଷା ନହେଲେ ଅନ୍ନ ଉତ୍ପନ୍ନ ହୋଇପାରିବନି । ଅନ୍ନ ଅଭାବରେ ମଣିଷ ଭୋକରେ ମରିଯିବ ।

ସରପଞ୍ଚ –ତା ହେଲେ ଆପଣ କଣ ଗ୍ରହୁଁଛନ୍ତି ଏ ଗଛ ସବୁ କାଟି ଆମମାନଙ୍କୁ ମୃତ୍ୟୁ ମୁଖରେ ପକାଇବେ?

ଇଞ୍ଜିନଅର – ନା ସରପଞ୍ଚ ବାବୁ, ମୁଁ ତାହା ହେବାକୁ ଦେବିନାହିଁ ।

ସରପଞ୍ଚ – ତାହା ହେବା ବି ଉଚତ ନୁହେଁ । ସେଥିପାଇଁ ଆମକୁ, ଆପଣଙ୍କୁ, ସମସ୍ତଙ୍କୁ ମିଳମିଶି ଏଇଭଳ ସବୁଜ ସୁନାକୁ ରକ୍ଷା କରିବାକୁ ହେବ । ତାର ବିନାଶ ବଦଳରେ ମାତ୍ରାଧିକ ସୃଷ୍ଟି କରିବାକୁ ହେବ ।

ଇଞ୍ଜିନଅର – ସତରେ ଆଜି ଆପଣମାନେ ମୋ ଆଖିରୁ ଅନ୍ଧପୁଟୁଳକୁ ଖୋଲି ଦେଇଛନ୍ତି । ଆପଣମାନଙ୍କ ପ୍ରସ୍ତାବକୁ ମୁଁ ସ୍ୱୀକାର କରୁଛି । ସଡକର ରାସ୍ତା ବଗିଚ୍ଛର ବିପରୀତ ଦିଗରେ କରାହେବ । ଏ ଗଛ ଯେମିତି ଅଛି ସେମିତି ସବୁଜ ସୁନା ହୋଇ ରହିବ ।

ଗ୍ରାମବାସୀ – ଆପଣଙ୍କୁ ବହୁତ ଧନ୍ୟବାଦ ଇଞ୍ଜିନଅର ବାବୁ ।

ଗୋପାଳ / ବାପୁନୁ – କକା, ତାହେଲେ ଏଥର କଣ ଆମେମାନେ ଏ ଗଛ ମୂଳରେ ଖେଳପାରିବା?

ସରପଞ୍ଚ – ନଶ୍ଚୟ । ଇଞ୍ଜିନଅର ବାବୁ କହିଲେ ଏବେ ଆଉ ଏ ଗଛ କଟା ହେବନ । ସବୁଜ ସୁନା ହୋଇ ସବୁଜିମା ପ୍ରସାରିତ କରିବ ।

(ମଞ୍ଚ ଅନ୍ଧାର)

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ହୋଲି ତୁ ରଙ୍ଗେଇଦେ ଥରେ



ନବକିଶୋର ଦୀପ

ହୋଲି ମୁଁ ଜାଣେ..
ତୁ ତୋ ରଙ୍ଗ ବୋଳୁ ଖାଲି
ନେତା ମନ୍ତ୍ରୀଙ୍କର କୋଠାରେ
ଯନ୍ତ୍ରୀ, ଠିକାଦାର ମୁଣାରେ
ପୁଲିସ ବାବୁଙ୍କ ଥାନାରେ
କଂସେଇ ଅସ୍ତ୍ର  ଧାରରେ
ଭ୍ରଷ୍ଟାଚାରୀ ର କାମରେ
ରାଜନେତା ଙ୍କ କଥାରେ
କଳା ବେପାରୀର ଧଳାରେ
ମନ୍ଦିର ମସଜିଦ ଗୀର୍ଜା ହୁଣ୍ଡିରେ..
ପାରିବୁ ଯଦି ତୁ
ରଙ୍ଗେଇଦେ ଥରେ....
ସେ ବିଧବା ନାରୀର ଶାଢ଼ୀରେ
ମା'ର ମମତା ଭରା ଚରା କାନରେ
ଦାଦନ ର ସବ ଦେହରେ
ଅସ୍ପୃଶ୍ୟର ଗଳ କନ୍ଦିରେ
ନଷ୍ଟୁର ମଣିଷ ହୃଦରେ
କନ୍ୟା ଭ୍ରୂଣ ଥିବା ଗର୍ଭରେ
କେତେ ସୁଖ ଲାଗେ !
ତୁ ବୋଳ ଦେଖ ଥରେ...

କୃଷକ ର ଋଣ  ଖାତାରେ
ଭୂମିହୀନ ଜମିପଟ୍ଟା ରେ
ଅଭାବୀର ଚୁଲିଶାଳ ରେ
ଦରିଦ୍ର୍ୟର ଛିଣ୍ଡା କନ୍ଥାରେ
ସହିଦର ଜୁଇ ପାଖରେ
ଆତଙ୍କବାଦୀ ଙ୍କ ମନରେ
ନବବଧୂ ଯୌତୁକ ନିଆଁରେ
ଘାଏ ଚେଷ୍ଟା କରି ଦେଖ ତୋତେ
ଝୁରୁ ଥିବେ ସର୍ବେ ସଂସାରେ......

ବୌଦ୍ଧ

# ବିପ୍ଳବର ସ୍ୱର



ଅଶ୍ୱିନୀ କୁମାର

ବହୁତ ହୋଇଗଲା
ଆଉ ପକାଅନା ତୁମ ଲୋଲୁପ ଦୃଷ୍ଟି
ଆମ ଜଙ୍ଗଲ ଜମି ଝରନ ଉପରେ ।
ଖେଳାଅନା ଧ୍ୱଂସର ତାଣ୍ଡବ ଲୀଳା
ଆମ ଶସ୍ୟଶ୍ୟାମଳା ସବୁଜିମାରେ ।।
ତୁମ ନଜରେ ଆମେ ହୋଇପାରୁ
ଦେଶିଆ ଭକୁଆ ଅପାଠୁଆ,
ହେଲେ ପଡ଼ିବୁନ ଆଉ
ତୁମ ଫନ୍ଦି ଫିକରରେ ।।
ସାକ୍ଷୀ ରହିଲା ମୋ ଧରତୀ ମାତା
ମୋ ଭୀମାଦେଓ ମୋ ପିତୃପିତା ।
ଥିବାଯାଏ ଶେଷ ରକ୍ତବିନ୍ଦୁ
ଦେବୁ ନାହିଁ କାଣିଗୁଏ ମାଟି ।।
ତା ପ୍ରତି ବଦଳେ
ଆମ ମୁଣ୍ଡ ପଛେ ଯାଉ କଟି ।।

ଆମେ ମାଟିର ମଣିଷ
ଏ ମାଟି ଆମ ଅନ୍ନଦାତା
ଏ ମାଟି ଆମ ଦେ ଦେବତା ।
ଏଠି କୁଳୁକୁଳୁ ନାଦେ
ବୋହିଯାଏ ନଦୀ ନର୍ଝରଣୀ,
ନିତି ଶୁଭେ କୋଇଲିର କୁହୁକୁହୁ ତାନ ।।
ଆମେ ପ୍ରକୃତି ରକ୍ଷକ
ଏ ପ୍ରକୃତିଠୁ ବଂଚବା ଶିଖିଛୁ ।
ପ୍ରକୃତି କୋଳରେ ବିତିଯାଏ
ଆମ ସରଳ ଜୀବନ ।।

ହେଲେ ଆମ ସରଳତାକୁ
ଭାବ ତୁମେ ଦୁର୍ବଳତା,
ସରଳତାର ସୁଯୋଗ ନେଇ
କରୁଛ ଛଳନା।।
ଲିଭେଇ ଦେବାକୁ ବସିଛ
ଆମରି ଅସ୍ତିତ୍ୱ,
ବିକାଶ ତ କେବଳ ବାହାନା ।।

ହେଲେ ମନେ ରଖ
ଆମେ ସରଳ ମାତ୍ର ଦୁର୍ବଳ ନହୁଁ ।
ଯେତେଦିନ ଗ୍ଭଲିଥିବ ପ୍ରତିଟି ସ୍ପନ୍ଦନ
ଛାଡ଼ିବୁନ କେବେ ଆମ ଭିଟାମାଟି ।।
ତା ପ୍ରତି ବଦଳେ
ଆମ ଛାତି ପଛେ ଯାଉ ଫାଟି ।।

ଆଜି ଗୃରିଦିଗେ ଚର ହାହାକାର
ଧ୍ୱଂସ ଆଜି ପ୍ରକୃତି ସୁଷମା ।
ତୁମ ସ୍ୱାର୍ଥର କୋପରେ
ଝାଉଁଳ ଯାଇଛି ଚରସବୁଜିମା ।।
ଆରେ ଟିକଏ ସ୍ୱାର୍ଥ ପାଇଁ
ଧ୍ୱଂସକର ପ୍ରକୃତିକୁ,
ଧ୍ୱଂସକର ତା ବାତାବରଣ ।
ମନେ ରଖ ସମୟ ଆସିବ
ଏ ପ୍ରକୃତି ହିଁ ନେବ ପ୍ରତିଶୋଧ
କରିଦେବ ତୁମ ଗର୍ବ ଅହଂକାରର ହନନ ।।

ତୁମ କୁଦୃଷ୍ଟି ପଡେ ଆଜି
ଆମ ତିହାର ପରବ ସାଇଲେ୍ଡି
ଆମ ଢେମସା ନାଚରେ ।
ଲୁଟି ନେଉଛ ଆମ
ଇଯତ୍ ମହତ୍ ଧନ୍ ଜୀବନ୍
ଦାଗ ଲ୍ଗାଉଛ ଆମ ସ୍ୱାଭିମାନରେ ।।

ହେଲେ ମନେ ରଖ
ବହୁତ ସହିଲୁ ଆଉ ନୁହଁ ।
ଦେବୁ ନାହିଁ ଜମି ଜଙ୍ଗଲ
ଟୋପାଏ ବି ପାଣି ।।
ତା ପ୍ରତି ବଦଳେ
ଆମ ମୁଣ୍ଡ ପଛେ ହେଉ ହାଣି ।।

# ସମ୍ପର୍କ



ସଙ୍ଗୀତା ମହାନ୍ତି

ପାରୁନ ମୁଁ ଭୁଲି ତତେ କେମିତି କହିବି ସତେ
ତୁ କ ବୁଝିବୁ ମୋ ମନର ବେଦନା
ସବୁବେଳେ କରୁ ମତେ ଆନ ମନା
କାହିଁକ କେଜାଣି ନତି ମୋ ମନେ ଆସୁ
ଆଖିରେ ମୋର ଲୁହ ହୋଇ ଖସୁ
କ ଦୋଷ କରିଥିଲି ମୁଁହି
କାହା ଆଗେ କହି ପାରେ ନାହିଁ
ବିନା ଦୋଷେ ମୁଁ ବଳ ପଡିଲି
ତୋ ଠାରୁ ବହୁ କଥା ଶୁଣିଲି
ଏତେ ଭଲ ପାଇଥିଲି
ଏମିତି ତୁ କରିବୁ ବୋଲି ଜାଣି ନଥିଲି
ଭାବିଥିଲି ଆମ ସମ୍ପର୍କ ରହିବ ଅତୁଟ
ହେଲେ ତୁ କରିଲୁ ବହୁ ଛନ୍ଦ କପଟ
ଭୁଲିଗଲୁ ବହୁ ଦିନର କଥା
ଆଜି ଅନ୍ୟ ପାଇଁ ଦେଲୁ ମୋ ମନେ ବ୍ୟଥା
ଭଗବାନଙ୍କ ପାଖରେ ମୋରେ ଏତିକ ଅଳ
ସମ୍ପର୍କ ର ସୁଅରେ ଆଉ ନପକାନ୍ତୁ ମତେ ବଳ

ତୁଳସୀପୁର, ମଠସାହି

# ବୃହନ୍ନଳାର ଅଭିସାର

ଡ. ସଂଘମିତ୍ରା ଭଞ୍ଜ

ଦୂରନ୍ତ ଆକାଶର ଚୁନାଚୁନା ତାରା ଆଖିକୁ ଭଲ ଦିଶନ୍ତି କିନ୍ତୁ କେହି କ'ଣ ଅନୁଭବ କରିପାରେ ସେମାନଙ୍କ ଚମକ ଭିତରେ କେତେଯେ ଜ୍ୱଳନ ଅଛି । ସେମାନଙ୍କ ଔଜ୍ଜ୍ୱଲ୍ୟ ହିଁ ସେମାନଙ୍କ ବାହ୍ୟରୂପ । ଆକାଶକୁ ଛୁଇଁବାକୁ କାହାର ବା ଇଚ୍ଛା ନଥାଏ କିନ୍ତୁ କ'ଣ ଛୁଇଁ ହୁଏ? ସେ କେବଳ ସୁନ୍ଦର ଦିଶେ ନୀଳନୀଳ ମେଘଖଣ୍ଡ, ଅସଂଖ୍ୟ ତାରା, ଜହ୍ନ ଆଉ ସୂର୍ଯ୍ୟଙ୍କୁ ନେଇ । ଆକାଶର ସେଇତକ ତ ଐଶ୍ୱର୍ଯ୍ୟ । ଅସରନ୍ତି ରାତିର ଅନେକ ରୂପକୁ ପିଲାବେଳୁ ଦେଖିଆସୁଛି ଦିନା! ଦୀର୍ଘ କୋଡ଼ିଏ ବର୍ଷ ଧରି ସେଇମାନଙ୍କ ଆତଯାତକୁ ଲକ୍ଷ୍ୟ କରିଛି, ନିଦ ନଆସିଲେ ସେମାନଙ୍କୁ ଗଣିଛି ଓ ସେଇମାନଙ୍କ ସହିତ ଗପିଛି । ଏଇ ଗଣିବା ଆଉ ଗପିବା ଭିତରେ କେତେବେଳେ ଶୋଇଯାଇଛି ।

କାଆଲି ପରି ତା'ର ସବୁ ଜଳଜଳ ହୋଇ ମନେ ପଡ଼ିଯାଉଛି । ସେ କେମିତି ଦିନା ଗଉଡ଼ରୁ ଧାନୀ ମାଇଚିଆ ପାଲଟିଲା । ନେତପୁର ଗାଁର ପିଲାଠୁ ବୁଢ଼ାଙ୍କ ପାଖରେ ଧାନୀ ମାଇଚିଆ ନାଁରେ ପରିଚିତ ହେବା ପଛରେ ଅଲକ୍ଷଣିଆ- ଦଇବଛଡ଼ା ଜନ୍ମ ସମୟ ଆଉ ମୋହନ ଭାଇକୁ ଦୋଷାରୋପ କରୁଥିଲା ଧାନୀ । ଜନ୍ମରୁ ସେ କିନ୍ତୁ ଏମିତି ନଥିଲା । ହେତୁ ପାଇଲା ବେଳକୁ ଆଖିଆଗରେ ହାଡ଼- ଦିଖଣ୍ଡ ଉପରେ ପତଳା ଶାଢ଼ୀ ଗୁଡ଼େଇ ହୋଇଥିବା ଯେଉଁ ନାରୀଟିଏକୁ ସେ ଦେଖିଥିଲା, ସେ ଥିଲା ତା'ବୋଉ ଧୋବୀ । ରାତି ପାହିବାକୁ ଦିଘଡ଼ି ବାକି ଥିବ କି ନାଇଁ ଗଉଡ଼ ସାଇରେ ତାଙ୍କରି ଘର ଚାଳ ଛପର ଦେଇ ମୁଢ଼ି, ଖଇ, ଖୁଦଭଜା ଗନ୍ଧ ଚାରିଆଡ଼କୁ ମହକେଇ ଦେଉଥିବ ।

ବୋଉ ପଣତରେ ସବୁବେଳେ ଲେସି ହେଇ ରହୁଥିବା ଦିନାର ଆଖିରୁ ନିଦଛାଡ଼ି ଥିବ କି ନାଇଁ ବୋଉର ସେଇ ନହକା ଦିହଟା ମୁଣ୍ଡ ଉପରେ ବୋଝେ ହେବ ମୁଢ଼ି, ଖଇ ମୁଣ୍ଡେଇ, ହାତରେ ବସା ଦହି, ଚହ୍ଲା, ଛେନା ଓ କ୍ଷୀରଡ଼ବା ସବୁ ସଜାଡ଼ି ଗାଁ ଭିତରକୁ ଯିବା ସେ ଦେଖିଛି । ବୋଉ ଯିବାପରେ ପାଖପଡ଼ୋଶୀ ପିଲାମାନଙ୍କ ସହିତ ଖେଳିଲାବେଳେ ଦିନା ବାରମ୍ବାର ବୋଉ ଯିବା ରାସ୍ତାକୁ ଚାହିଁଛି । କିଛି ନବୁଝି ପାରିବା ଭିତରେ ବି ଏତିକି ଜାଣିପାରେ ବୋଉ ଆସିବାଯାଏ ତାକୁ ଏଇମିତି ଅପେକ୍ଷା କରିବାକୁ ହେବ । ବୋଉ ଯିବାପୂର୍ବରୁ ତାଟିଆଏ ହେବ ମୁଢ଼ି ରେ ଗରମ କ୍ଷୀରକୁ ଖୁଆଇ ଥାଏ ବୋଲି ଦିନାକୁ ଭୋକ

ନଥାଏ । ଦିନା ଦେଖିଚ ବୋଉ ଗାଁ ଭିତରୁ ଫେରି ଠଣା ଉପରେ ଥିବା ଛୋଟ ବେତ ଡ଼ବାରେ ଖୁଚୁରା ଟଙ୍କା ସବୁକୁ ଗୋଟି ଗୋଟି ଗଣିକ ସାଇତି ରଖେ । ଦିନେ ତା' ମୁଣ୍ଡରେ ନଡ଼ିଆ ତେଲରୁ ଧାପେ ଲଗଉ ଲଗଉ ଗେଲକରି ବୋଉ କହିଥିଲା- 'ମୋ ପୁଅ ପାଠ ପଢ଼ିବ, ବଡ଼ ସାହିବ ହେବ' । ବୋଉ ଆତ୍ମଶକ୍ତି ଓ ସ୍ଫୁର୍ତ୍ତିକୁ ସେଇ ବାଳୁତ ବୟସରେ ବି ଅନୁଭବ କରିଚ ଦିନା । ବୋଉର ପେଟମରା ବେମାରୀ ଯେବେ ତା'ଉପରେ ଦାଉସାଧେ ତେବେ ଦିନାକୁ କ୍ଷୀର, ଦହି ନେଇ ଗାଁରେ ନାଗୁଆ ଲୋକଙ୍କୁ ଦେବାକୁ ହୁଏ । ଗଉଡ଼ ସାଇକୁ ବ୍ରାହ୍ମଣ ସାଇ ପ୍ରାୟ ଲାଗିଚ । ବାପ ଛେଉଣ୍ଡ ଦିନା ପାଇଁ ପାଖ ବ୍ରାହ୍ମଣ ସାଇର ନାରଣ ଗୋସେଇଁ ଥିଲେ ବାପତୁଲ୍ୟ । ଦୀନା ତାଙ୍କୁ ନନା ଗୋସେଇଁ ବୋଲି ଡ଼ାକେ । ମନ୍ଦିର ପୂଜାପାଇଁ ତାଙ୍କ ଘରକୁ ପ୍ରାୟ କଂସା କ୍ଷୀର ଓ ଛେନା ଦେବାକୁ ଯାଏ ଦିନା । ଗୋସେଇଁଙ୍କ ଘରକୁ ଗଲେ ତାକୁ କଦଳୀ, ଉଖୁଡ଼ା, ଲଡ଼ୁ ଭଳ ଭୋଗ ମିଳେ । ଭୋଗ ଅପେକ୍ଷା ଦିନାକୁ ଭଲଲାଗେ ଗୋସେଇଁଙ୍କ ପୁଅ ମୋହନ । ମା' ଛେଉଣ୍ଡ ମୋହନ ଦିନାଠୁ ବୟସରେ ଚାରି ବରଷ ବଡ଼ । ନାରଣ ଗୋସେଇଁଙ୍କ ପଛେ ପଛେ ଦୀନାଠୁ ବୟସରେ ଚାରି ବରଷ ବଡ଼ । ମୋହନର ନାଁ ଯେମିତି ରୂପବି ସେମିତି । ଶତ୍ରୁବି ଘଡ଼ିଏ ଚାହିଁବ । ଦିନା ମଧ୍ୟ ତା ମୋହନ ଭାଇକୁ ଚାହିଁରହେ । ଘଡ଼ିଏ ନଦେଖିଲେ ତାକୁ କିଛି ଭଲ ଲାଗେନ । ନାରଣ ଗୋସେଇଁଙ୍କ ପଛେ ପଛେ ଦିନା ପ୍ରାୟ ମନ୍ଦିରକୁ ଯାଏ । ସର୍ବେଶ୍ୱରଙ୍କ ପାଇଁ ଫୁଲ, ବେଲପତ୍ର, ଭୋଗସବୁ ସଜାଡ଼ି ନାରଣ ଗୋସେଇଁଙ୍କ ହାତକୁ ବଢ଼େଇଦିଏ । ପୂଜା ବଢ଼ିବା ବେଳକୁ ମୋହନ ମଧ୍ୟ ଆସି ପହଂଚଯାଏ । ଦିନା ଆଉ ମୋହନ ମିଶିକ ଭୋଗତକ ଖାଆନ୍ତି । ନାରଣ ଗୋସେଇଁଙ୍କ ସହିତ ଦିହେଁ ମନ୍ଦିରରୁ ଫେରି ଚାଟଶାଳୀ ସ୍କୁଲକୁ ଯାଆନ୍ତି। ଦିନା ଚାଟଶାଳୀରେ ପଢୁଥିବା ବେଳେ ମୋହନ ପଢୁଥିଲା ତୃତୀୟ ଶ୍ରେଣୀରେ ।

ସେଦିନ ଥିଲା ଯେମିତି ଏକ କାଳରାତି । ରାତି ଅଧରେ ବୋଉର ପେଟ ମାରିଲା ଆଉ ସେ ବହେ ବାନ୍ତି କଲା । ସକାଳକୁ ବୋଉ ଶେଜରେ ପଡ଼ି କୁନ୍ଥେଇ ହେଉଥାଏ । ଦିନା ତା ଛୋଟ ବୁଦ୍ଧିରେ ବି ପାଖଘର ସାବି ମାଉସୀକୁ ଦଉଡ଼ି ଯାଇ ଡ଼ାକ ଦେଇଥିଲା । ସାବି ମାଉସୀ ଆଗରେ ଖନ ଖନ ହେଇ ସେଦିନ ବୋଉ କହିଥିଲା - "ମୁଁ ଆଉ ବଂଚବିନ । ନାରଣ ଗୋସେଇଁଙ୍କୁ କହିବୁ ଦିନା ତାଙ୍କୁ ଲାଗିଲା ।" ତା'ପରେ ବୋଉ ଆଖି ବୁଜିବା ଦେଖି ଦିନା ଭାବୁଥାଏ, ବୋଉ ପେଟମରା କମିଗଲାରୁ ବୋଧେ ସେ ଶୋଇଗଲା । କନ୍ତୁ ଯେବେ ସାଇ ଲୋକ କାଠ ବାନ୍ଧି ତା' ବୋଉକୁ ନୂଆ ଲୁଗା ଗୁଡ଼େଇ ନେଇଗଲେ, ସାବି ମାଉସୀ ଆଖି ଛଳଛଳ କରି କହିଲା - ଦିନା ତୋ ବୋଉ ମରିଗଲା ରେ! ଆଉ ତୋର କେହିନାହିଁ।" ଦିନା କ'ଣ ଭାବିଲା କେଜାଣି ବହେ ସମୟ ଯାଏ ରାହାଧରି କାନ୍ଦିଥିଲା ।

କାନ୍ଦି କାନ୍ଦି କେତେବେଳେ ଶୋଇପଡ଼ିଥିଲା ସେ ଜାଣେନ । ଆଖି ଖୋଲିଲା ବେଳକୁ ସାମନାରେ ଥିଲେ ନନା ଗୋସେଇଁ । ଉଇଲଗା ଦଦରା କବାଟର କଳଣିକୁ ନାମକୁ ମାତ୍ର ତାଲା ପକେଇ ସାବି ମାଉସୀ ଚାବି, ଦିନାର ବହିପତ୍ର ଓ ଜାମାପଟା ବାକ୍ସଟିକୁ ଧରେଇ ଦେଲା ଗୋସେଇଁଙ୍କୁ । ସେଇ ଦିନଠାରୁ ଦିନା ନନା ଗୋସେଇଁଙ୍କ ପଛେ ପଛେ ଛାଇ ପରି ରହିଥାଏ । ସବୁଠୁ ବେଶୀ ଆକର୍ଷିତ ହୁଏ ସେ ମୋହନ ପ୍ରତି । ତା' ମୋହନ ଭାଇର ଆଖି, ମୁହଁ ତା'ର ସବୁଠୁ ବେଶୀ ପ୍ରିୟ । ଗଉଡ଼ ସାଇର ଝୁମ୍ପୁଡ଼ି ଛାଡ଼ି ଦିନା ବ୍ରାହ୍ମଣ ସାଇରେ ନିଜକୁ ସ୍ୱାଭାବିକ କରିନେଇଥିଲା ।

ମୋହନ ଭାଇ ପାଖରେ ବସି ବର୍ଣ୍ଣବୋଧ, ଶିଶୁ ଗଣିତ ଅଭ୍ୟାସ କରେ । ନନା ଗୋସେଇଁ ସଂଜ ବେଳକୁ ଉଭୟଙ୍କୁ ଶ୍ଲୋକ ଶୁଣାନ୍ତି । ଦିନା ତାଙ୍କରି ପାଖରେ ଧୀରେ ଧୀରେ ବଡ଼ ହୋଇଚ । ବେଳେବେଳେ ଇଚ୍ଛା ହେଲେ ସାଇଆଡ଼େ ଯାଇ ପୁରୁଣା ଘରକୁ ଟିକେ ଦେଖିଦେଇ ଆସେ । ବୋଉ ନଥିବା ସେ ଘରଟି ତାକୁ ମାରି ଗୋଡ଼ାଏ । ଦିନା ଭାବେ ଝିଅପିଲା ନଥିଲେ ଘର କ'ଣ ସଜଡ଼ା ଦିଶେ?

ଏଣିକ ଦିନା ନନା ଗୋସେଇଁଙ୍କ ପାଖରେ ବସି ସଂଞ୍ଜବେଳେ ଭଜନ ଗାଏ । ମୋହନ ଭାଇ ବଇଁଶୀ ବଜାଏ । ଦିନା ସ୍ୱରରେ ଗାଇ ଉଠେ - "ହଟିଆ ଠାକୁର ଆଉ କେତେ ନାଟ ଦେଖିବ ।" ଗାଇଲାବେଳେ ଦିନା ନିଜେ କାନ୍ଦିପକାଏ । ଦିନା ନିଜ ଭିତରେ କିଛି ନୂଆ ପରିବର୍ତନ ହେଉଥିବା ଅନଭୁବ କରୁଥାଏ । ତାକୁ ଅନୁଭବ ହେଉଥାଏ ସେ ଯେମିତି ଝିଅ ପାଲଟିଯାଇଛି । ଆଇନାରେ ମୁହଁ ଦେଖିଲେ ତାକୁ ଏଣିକ ଲାଜମାଡ଼େ । ସେ ଝିଅପରି ଦିଶୁଚ ଆଉ ତା' କଥାବାର୍ତା ଝିଅଙ୍କ ପରି ବୋଲି ସାଙ୍ଗସାଥିଙ୍କ ଚୁପ୍‌ଚାପ୍ କଥା ବି ତା' କାନରେ ପଡ଼େ ।

ସେଇ ବର୍ଷ ଦିନା ଆଇ.ଏ ପଢ଼ିବାକୁ ମନା କରିଦେଲା । ମୋହନର ବି.ଏ ପରୀକ୍ଷାରେ ପାସ୍ ହେବା ଖବର ପାଇ ନନା ଗୋସେଇଁ ବହୁତ ଖୁସିଥିଲେ । ସେଇସନ ଦୋଳମେଲଣ ଏବେବି ମନେ ଅଛି ଦିନାର । ଗାଁ ମେଲଣ ପଡ଼ିଆର ରାଧାକୃଷ୍ଣଙ୍କ ଭୋଗ ମଣ୍ଡପ ଉପରେ ମୋହନ କୃଷ୍ଣ ବେଶରେ ଏବଂ ଦିନା ଯେବେ ରାଧା ବେଶରେ ପ୍ରଥମଥର ପାଇଁ ନାଚଥିଲେ ଗାଁ ଲୋକେ ଆବାକ୍ ହୋଇ ତାଙ୍କ ନାଚକୁ ଚାହିଁ ରହିଥିଲେ । ଲୋକେ ମୋହନକୁ ତ ଚହ୍ନି ଦେଇଥିଲେ ହେଲେ ଝିଅରୂପୀ ଦିନାକୁ ଚହ୍ନି ନପାରି ପଚରା ପଚରି ହେଲେ କ ସୁନ୍ଦର ଦେବୀ ପରି ଝିଅଟିଏ କୋଉଠୁ ଆସି ଦୋଳମଣ୍ଡପରେ ନାଚୁଛି ସତେ! କୁଣ୍ଢେମୋଟ ହେଇଯାଉଥିଲେ ନାରଣ ଗୋସେଇଁ । ମୋହନ ଆଉ ଦିନାକୁ ଏକାଠି ଧରି କହିଉଠିଲେ-

"ଇଏତ ମୋହନରୂପୀ କୃଷ୍ଣ, ଆଉ ଏଇ କଏ କହିଲ? ଇଏ ପରା ଆମ ଦିନା... ।" ଲୋକଙ୍କ ପାଟି ଆଁ ହୋଇ ରହିଗଲା । ଇଏ ସେଇ ଧୋବି ଗଉଡୁଣୀ ପୁଅ ଦିନା? ଏ ମା' ପୁରା ଝିଅଟେ ତ । କ ଅପୂର୍ବ ରୂପକାନ୍ତି! ଝିଅଟେ ହେଇଥିଲେ ଚହଳ ପଡ଼ିଥାନ୍ତା ପରା । ମୋହନ ଭାଇ ତା' ଆଖିରେ ଆଖିରେ ଦିନାକୁ ସୁନ୍ଦରୀ ଦିଶୁଚ ବୋଲି ଠାରରେ କହିଥିଲା । ସେଦିନର ଲୋକଙ୍କ କଥା, ମଜା ଆଉ ପରିହାସ ସାଧାରଣ ଥିଲା ସିନା ହେଲେ କଛିଦିନ ତଳୁ ଦିନା ଭିତରେ ଯେଉଁ ସବୁ ଅଜବ ଅନୁଭବ ସୃଷ୍ଟି ହେଉଥିଲା ଏକଥାରେ ଦିନା ଆହୁରି ରୋମାଂଚତ ହୋଇଉଠିଲା । ଦିନା ବଦଳ ଯାଉଥିଲା ଦେହରେ - ମନରେ ଓ ଆତ୍ମାରେ । ସେ କାହାରିକୁ ସିନା କଛି କହିପାରୁ ନଥିଲା । ହେଲେ ସେ ଅନୁଭବ କରୁଥିଲା ସେ ଅଦ୍ଭୁତ ଭାବେ ବଦଳୁଚ.... ଦୁନଆ ଆଖିରେ ସେ ପୁଅ ସିନା କନ୍ତୁ ପ୍ରକୃତରେ ସେ ଝିଅ ।

କଛିଦିନ ହେଲା ଦିନା ଭିତରପଟୁ କବାଟ ବନ୍ଦ କରି ଶାଢ଼ୀ, ଶାୟା, ବ୍ଲାଉଜ, ଓଢ଼ଣୀ, ପାଉଁଜି, ଚୁଡ଼ି ପିନ୍ଧି ଅଳତା, କୁଙ୍କୁମ, କଜ୍ଜଳ ଲଗେଇ ସଜେଇ ହେଉଥିଲା । ନଜ ଦେହକୁ ନରେଖି ଚାହୁଁଥିଲା । ତା' ଆଖି, ଓଠ, ଦେହ, ଅଂଟା ଓ ଛାତିରେ ପରିବର୍ତନ ଆସିଥିଲା । ସେ ଅଦ୍ଭୁତ ଭାବରେ ସୁନ୍ଦର ଦିଶୁଥିଲା । ସେ ଲକ୍ଷ୍ୟ କରୁଥିଲା ଗାଁ ଝିଅମାନେ ତାକୁ କଣେଇ

କଣେଇ ଚାହିଁ ମୁହଁରେ ହାତଚାପି ହସୁଛନ୍ତି । ଗାଁ ଟୋକାଏ ହୁଇସିଲ ମାରି ତାକୁ ଲୋଭିଲା ଆଖିରେ ଚାହିଁ ଦେଇ ଯାଉଛନ୍ତି । ମୋହନ ଭାଇ କନ୍ତୁ ରାଗୁଥିଲା । ଏମିତି ବେଶ ହେବାକୁ ମନା କରୁଥିଲା । ମୋହନ ଭାଇ ଦିନେ ବୁଝାଇବାକୁ ଯାଇ କହିଥିଲା - "ଅକାଳେ ସକାଳେ ବେଶ ହେଲେ ସିନା ଭଲ ଲାଗିବ, ତୁ ଏମିତି ସବୁବେଳେ ବେଶ ହୋଇ ବୁଲିଲେ ଲୋକେ ତତେ ମାଇଚଆ କହିବେନ? ମଜା କରିବାକୁ ଯାଇ ଦିନା, ମୋହନ ପାଖରେ ଲାଗିଯାଇ ଚୁପ୍‌ଚାପ ପଚାରିଥିଲା - ମୁଁ କ'ଣ ତମକୁ ଏ ରୂପରେ ଭଲଲାଗୁ ନାହିଁ ମୋହନାଇ?" ମୋହନ ଗାଲରେ ଚିପା ମାରି କହିଥିଲା - ହଁ ଭାରି ସୁନ୍ଦରି ଦିଶୁଚୁ । ଯଦି ତୁ ଝିଅଟେ ହୋଇଥାଆନ୍ତୁ ନା ତେବେ ତତେ ବାହାହେଇ ଯାଇଥାଆନ୍ତି ଲୋ ଧାନୀ ।" ମୋହନ ପାଟିରୁ ଧାନୀ' ସମ୍ବୋଧନରେ ସେଦିନ ଉଲ୍ଲସିତ ହୋଇଥିଲା ଦିନା । ଏଇ ନାଁ ଟି ତା' ମୋହନାଇ ଦେଇଚ । ଆଜିଠୁ ସେ ମୋହନାର ଧାନୀ । ଦିନା ଅନୁଭବ କରୁଥିଲା ଧାନୀ ଡାକଲା ବେଳେ ମୋହନ ଭାଇ ଆଖିର ଚାହାଣୀ ସମ୍ପୂର୍ଣ୍ଣ ବଦଳଯାଇଥିଲା । ତା' ମୁହଁ ଗାମ୍ଭୀର୍ଯ୍ୟରେ ଥରିଯାଇଥିଲା । ବେଳକୁ ବେଳ ମୋହନର ନବିଡ଼ ଆକର୍ଷଣରେ ଦିନା ବାନ୍ଧି ହୋଇଯାଇଥିଲା ।

ଦିନେ ପୋଖରୀ ତୁଠରେ ଦିନାକୁ ହଳଦୀ ଲଗେଇ ଗାଧେଇବା ଦେଖି ଗାଁ ମାଇପେ ମାଇଚଆ ଡାକଦେଲେ । ସେଦିନ ଦିନା ମୁହଁ ଶୁଖିଯାଇଥିଲା । ତା' ମନଉଣା ଥିବା ଦେଖି ନନା ଗୋସେଇଁ ତାକୁ ପଗ୍ଭରି ଉଠିଲେ - "ଆଜି କାଇଁ ମୋ ରାଧାରାଣୀଙ୍କ ମନରେ ହରଷ ନାଇଁ? ଦିନା ସବୁକଥା କହିଲାପରେ, ନାରଣ ଗୋସେଇଁ ତାକୁ ପାଖକୁ ଡ଼ାକ ଶାସ୍ତ୍ର ବୁଝେଇବା ଢ଼ଙ୍ଗରେ କହିଲେ - 'ଆରେ କା କଥାରୁ କ'ଣ ମିଳବ କହିଲୁ? ଏ ସଂସାରରେ ଏକମାତ୍ର ପୁରୁଷପ୍ରବର ହେଉଛନ୍ତି ଯୋଗେଶ୍ୱର କୃଷ୍ଣ । ଆଉ ଏ ସଂସାରର ସବୁ ପୁରୁଷ ପରା ନାରୀ ।' ଭାଗବତକାର ଶ୍ରୀ ଜଗନ୍ନାଥ ଦାସ ପରା ପ୍ରଭୁଙ୍କ ଅଙ୍ଗସେବା ଲାଗି ସଖୀ ଭାବରେ ସତେଇଶ ଦିନ ପୁରୁଷ ଅଙ୍ଗ ଆଉ ତିନଦିନ ନାରୀ ଅଙ୍ଗରେ ରହନ୍ତି । ତୋ ଆଖି, ନାକ, ମୁହଁ ଓ ଅଙ୍ଗକାନ୍ତି ଠିକ୍ ରାଧାରାଣୀ ପରି । ସତରେ ଝିଅଟିଏ ହେଇଥିଲେ ତୁ ଭାଆରି ସୁନ୍ଦରିଆ ହେଇଥାଆନ୍ତୁ ବୁଝିଲୁ ।" ନନା ଗୋସେଇଙ୍କ କଥାରେ ଦିନା ଚୁପ୍ ରହିଥିଲା । କ'ଣ କହିବ କହିବ ହେଇ ନଜ ଭାବନାକୁ ଗୁପି ଦେଇଥିଲା । ଅନଚ୍ଛା ସତ୍ୱେ ଦିନା ପୁଅ ପିଲାଙ୍କ ପରି ଜାମାପ୍ୟାଂଟ୍ ପିନ୍ଧୁଥିଲା । ହେଲେ ଛାତି ଉପରେ ନାଲିଆ ଗାମୁଛା ଖଣ୍ଡେ ନପକେଇଲେ ତାକୁ ଆଦୌ ଭଲଲାଗୁ ନଥିଲା ।

କାର୍ତିକ ପୁନେଇ ରାତିରୁ ଉଠି ଦିନା ଆଉ ମୋହନ ମନ୍ଦିର ପାଖ ପୋଖରୀରେ ବୁଡ଼ ପକେଇଥିଲେ । ସଞ୍ଜ ବୁଡ଼କୁ ମୋହନକୁ ଭୀଷଣ ଜ୍ୱର । ପ୍ରବଳ ତାତିରେ ଖାଲି ବିଳବିଳେଇ ହେଉଥିଲା । ଦିନା ତା' ମଥାରେ ହାତରଖି ଚମକ ପଡ଼ିଲା । 'ଇଲୋମାଆ! କେତେ ଜର! ନନା ଗୋସେଇଁ ପରା ଅଷ୍ଟପ୍ରହରୀ ପାଇଁ ପାଖ ଗାଁ କୁ ଯାଇଚନ୍ତି । ସେ ଥାଆନ୍ତେ ଯଦି ବଇଦଠୁ ଯାହାଟିକେ ପଥିଆଣି ଦେଇଥାଆନ୍ତେ । ହଉ ତମେ ଶୋଇଥା, ମୁଁ ଗରମ କ୍ଷୀର ଦେଉଚ । ରୁମାଲରେ ଓଦାପଟି ପକେଇଦେଲେ ଜର ଛାଡ଼ିଯିବମ! ଧୀରେ ଧୀରେ ଆଖି ଖୋଲି ମୋହନ କହିଲା- 'ମୋ ମୁଣ୍ଡ ଭାରି ବିନ୍ଧୁଚ, ଅଇ ଉଠୁଚ । ମୁଣ୍ଡ ଟିକେ ଚପିଦେଲୁ ।" ଦିନା ଘର ଆଲୁଅ ନଭେଇ ଦେଇ ଅମୃତାଞ୍ଜନ ଟିକେ ଆଣି ମୋହନର ମୁଣ୍ଡରେ ଲଗେଇଦେଲା । ଝରକା ସେପଟୁ ପଡୁଥିବା ଦାଣ୍ଡଘର ଆଲୁଅ ଘର ଭିତରକୁ ଫର୍ଚ୍ଚା କରିଥିଲା । ମୋହନର ଅର୍ଦ୍ଧମୁଦ୍ରିତ ଆଖି ଦିନାକୁ ଭାରି ସୁନ୍ଦର ଦିଶୁଥିଲା । ଠିକ୍ ଯେମିତି କୃଷ୍ଣ । ଦିନା ଅତି ସୋହାଗରେ ମୋହନ ମଥାରେ ବୋକ ଦେଲା । ମୋହନ ଦିନାର ହାତ ଧରି କହିଲା- ତୁ ରାଧା ପରି ଦିଶୁଚୁ ଧାନୀ! ଧାନୀ ଆଉ ମୋହନ ପରସ୍ପରର ନକଟରୁ ନକଟ ହେଉଥିଲେ । ମୋହନର ପ୍ରଖର ପ୍ରଶ୍ୱାସରେ ଧାନୀ ଜଳବା ପରି ଅନୁଭବ କରୁଥିଲା । ଧାନୀ କହିଲା- ମୋତେ ଲାଜ ଲାଗୁଚ ମୋହନାଇ! ତମେ ଏକ'ଣ କରୁଚ? ସକାଳ ପାହିଲାବେଳକୁ ଦିନା ମୋହନାର ଧାନୀ ପାଲଟିଯାଇଥିଲା । ମନ ଆଉ ଆତ୍ମା

ତା'ର ଅପୂର୍ବ ପୁଲକରେ ପୁଲକତ ହେଉଥିଲା । ଅନୁରାଗର ମହକରେ ଧାନୀର ମୁହଁ ଆରକ୍ତ ଦିଶୁଥିଲା । ଧାନୀକୁ ଅନୁଭବ ହେଉଥିଲା ସେ ଯେପରି ମୋହନାର ନବବିବାହିତା ସ୍ତ୍ରୀ ପାଲଟିଚ । ଜୀବନର ଗତି ସମସ୍ତଙ୍କୁ ଅଗୋଚର । ବର୍ତମାନଟି ହିଁ ସବୁଠାରୁ ବଡ଼ ସତ୍ୟ । ମୁହୂର୍ତକର ଆନନ୍ଦ ସମଗ୍ର ଜୀବନର ଅଖଣ୍ଡ ସ୍ବପ୍ନ ତି। ଦିନା ଓରଫ ଧାନୀ ଇତି ମଧ୍ୟରେ ପୁରୁଷର ଶରୀର ନେଇ ନାରୀ ପାଲଟିଯାଇଥିଲା । ପରିବର୍ତିତ ହୋଇଥିଲା ତା'ର ପୂର୍ବ ରୂପରଙ୍ଗ । ପୂର୍ବାପେକ୍ଷା ସେ ଦିଶୁଥିଲା ଆହୁରି ସୁନ୍ଦରୀ । ମୋହନର ତା'ରୂପ ପ୍ରତି ଆକର୍ଷଣ ଥାଉ ବା ନଥାଉ ସେ କନ୍ତୁ ତାକୁ ଛାଡ଼ି ମୁହୂର୍ତେ ବି ରହି ପାରିବିନ ବୋଲି ଅନୁଭବ କରୁଥିଲା । ଗାଁ ଲୋକଙ୍କ ଟାହିଟାପରା ଓ ମାଇଚଆ ସମ୍ବୋଧନକୁ ଭ୍ରୁକ୍ଷେପ ନକରି ଦିନା- ଧାନୀରେ ରୂପାନ୍ତରିତ ହୋଇଯାଇଥିଲା । ଏଥର ସେ ପୁରୁଷ ପ୍ୟାଂଟ ନପିନ୍ଧି ପ୍ରାୟ ଶାଢ଼ୀରେ ନିଜକୁ ସଜଉଥିଲା । ନାରଣ ଗୋସେଇଁଙ୍କ ବାଡ଼ି, ବଗିଚା, ଠାକୁର ଘରର ଦାୟିତ୍ୱ ତା'ରି ମୁଣ୍ଡରେ ଉପରେ । ଘର- ଅଗଣା, ମଇଳା ଲୁଗା ସଫା କରିବା, ନାନା ଗୋସେଇଁ ଓ ମୋହନାଇ ଖାଇବା ପିଇବା କଥା ବୁଝିବା- ସବୁ ଦାୟିତ୍ୱ ତା'ରି ଉପରେ । ଏଥିନେଇ କେହି ତାକୁ ନିୟୋଜିତ କରିନ, ଦାୟିତ୍ୱ ଦେଇନ । ନିଜ ଘରକୁ ସଜାଡ଼ି ରଖିବାକୁ, ନିଜ ପ୍ରିୟ ପରିଜନକ ଯତ୍ନ ନେବାକୁ କେହି କ'ଣ କହେ? ୟାକୁ ତ ସ୍ୱତଃ ପ୍ରବୃତ ହୋଇ ଆପେ କରିବାକୁ ହୁଏ ।

ନାରଣ ଗୋସେଇ ଖୁଁ ଖୁଁ କାଶିଲେ ଧାନୀ ଦଉଡ଼ିଯାଇ ଅଦା, ଗୋଲମରିଚ, ପକେଇ କଡ଼ା ଚା' ଟିକେ କରିଦେଉଥିଲା । ଗୋସେଇଁଙ୍କ ଗୋଡ଼ ମୋଡ଼ିଦେଉଥିଲା । ଗୋସେଇଁ ଖୁସିହୋଇ କହୁଥିଲେ । - 'ପୂର୍ବଜନ୍ମରେ ତୁ ମୋରି ଝିଅ ଥିଲୁ । କ'ଣ ଟିକେ ସେବା ତୋର ବାକି ଥିଲା । ଏ ଜନ୍ମରେ ସେଇଥିପାଇଁ ମୋ ପାଖକୁ ଆସିଚୁ ।" ଧାନୀ ଲାଜେଇକି ମୁହଁ ନୁଆଁଇ ହସିଥିଲା । ତା'ର କହିବାକୁ ଇଚ୍ଛା ହେଉଥିଲା- 'ଗୋସେଇଁ ! ଏ ଜନ୍ମରେ ମୁଁ ପରା ତମ ବୋହୂ ।" ତାକୁ ଲାଜ ମାଡିଲା । କିଛି ହେଲେ କହିନପାରି ଆହୁରି ମନଦେଇ ଗୋସେଇଁଙ୍କୁ ମୋଡ଼ିଦେଲା । ସବୁ ରାତିରେ ମୋହନ କାମ ସାରି ଆସିବାକୁ ଡ଼େରି ହୁଏ । ତା'ର ଆସିବା ବାଟକୁ ଦିନା ସେମିତି ଚାହିଁ ରହୁଥିଲା । ମୋହନ ଆସିବା ଶବ୍ଦ ଶୁଣିବାମାତ୍ରେ ଦିନା ଚଂଚଳ ହୋଇଉଠୁଥିଲା । ସକାଳରୁ ସଞ୍ଜ ଯାଏ ମୋହନ ହିଁ ତା'ର ଏକମାତ୍ର ଆରାଧ୍ୟ । ବେଶି ଡ଼େରି କଲେ ଘର ଦୁଆର ମୁହଁରେ ସେମିତି ଅନ୍ଧାର ଆଡ଼କୁ ବାଟକୁ ଚାହିଁ ରହୁଥିଲା ସେ । ମୋହନ ତାକୁ ବହୁବାର ମନାକରିଚ ଅପେକ୍ଷା କରିବାକୁ । ଧାନୀର ମନ ମାନେନି । ଧାନୀ ଅପେକ୍ଷା କରିରହେ ଗଭୀର ରାତିରେ ମୋହନର ଆତ୍ମୀୟତାରେ ପରିପୂର୍ଣ୍ଣ ସେଇ

ଆଖି ଦି'ଟାକୁ ଦେଖିବାକୁ । ତା ଆଖିଦୁଇଟା ତାକୁ ନରବରେ କେତେ କଥା କହେ । କେତେ ତୀବ୍ର ଥାଏ ଧାନୀ ପାଇଁ ସେ ଆଖି ଦୁଇର ଆହ୍ୱାନ ।

ସବୁଦିନ ପରି ସେଦିନ ମୋହନ ଡ଼େରିରେ ଫେରିଥିଲା । ଧାନୀ ଆଡ଼କୁ ନଚାହିଁ, ନନା ଗୋସେଇଁଙ୍କ ପାଖକୁ ଯାଇ କହିଲା ନନା ମୁଁ କାଲିଆଡ଼କୁ କଲିକତା ଯିବି । ସେଠି ଗେଟେ ନୂଆ କରି ମାଇନସ୍ ପ୍ରୋଜେକ୍ଟ ଚାଲିବ । ଏଠି ଠାକୁର ପୂଜାରୁ, ଭାଗଜମିରୁ ଅବା କେତେ ଚଳବା? ମୋର ସବୁ ସାଙ୍ଗସାଥୀ କୋଠା କଲେଣି । ବାହାରକୁ ଗଲେ ଦି' ପଇସା ଅଧିକ ଆସିପାରିବ । ନା କ'ଣ କହୁଚ?" ମୋହନ କଥା ଶୁଣି ଗୋସେଇଁ ଚୁପ୍ ରହିଲେ । ସେ ବି ଅସୁସ୍ଥ ହେଲେଣି । ଆଜି କାଲିକା ପିଲାଙ୍କ କେତେ ପ୍ରକାରର ଇଚ୍ଛାକୁ କେତେ ଚାହିଦା । ସେ କ'ଣ ଅବା କହିଥାଆନ୍ତେ । ଖାଲି ଏତିକ କହିଲେ- 'ଦିନାଟା ଏଇଠି ମୋ ପାଖରେ ରହୁ । ସେ ପଳେଇଲେ ମୋ କଥା କଏ ବୁଝିବ? ମୋହନ ଦିନା ଆଡ଼କୁ ଚାହିଁଦେଇ ନିଜ ଶୋଇବା ଘର ଆଡ଼କୁ ପଳେଇଲା । ଗୋସେଇଁଙ୍କୁ ଘୋଡ଼େଇ ଦେଇ ଦିନା, ମୋହନ ଶୋଇବା ଘରକୁ ଗଲା । ଦେଖିଲା ମୋହନ ଚୁପଚାପ୍ ବସିଚ । ଦିନା ହଠାତ୍ ଯାଇ ମୋହନକୁ ଜାବୁଡ଼ି ଧରି ଜୋର୍‌ରେ ପାଟିଚାପି କାନ୍ଦିଉଠିଲା । ମୋହନ କହିଲା - 'ତୁ ଯଦି କହିବୁ ମୁଁ କଲିକତା ଯିବିନ । କ'ଣ କହୁଚୁ? ନା' ନା' ମୁଁ କାଇଁ ମନା କରିବି ଦି ପଇସା ଆସିବ । ହେଲେ ତମକୁ ମୋ ରାଣ ମୋତେ ଭୁଲିବ ନାଇଁଟି । ମୁଁ କଥା ଦେଉଚ ଧାନୀ । ମୁଁ ତତେ କେତେ ଭୁଲିବିନ । କେମିତି ବା ଭୁଲିବି? ମୋ ଜୀବନରେ ତୋର ସ୍ଥିତି କ'ଣ ତୁବି ଜାଣିନୁ । ଅବଶ୍ୟ ନଭୁଲିବାର ପ୍ରତିଶ୍ରୁତି ପ୍ରତିମଣିଷ ଅନ୍ୟକୁ ଦିଏ ହେଲେ ସମୟ ଅତିକ୍ରାନ୍ତ ହେଲେ ସବୁ କିଛି ଭୁଲି ହେଇଯାଏ । ସକାଳୁ ସକାଳୁ ସେଇ ଗାଁର ଆଉ ଦି- ତିନିଜଣକୁ ଧରି ମୋହନ ବାହାରିଗଲା କଲିକତା ଅଭିମୁଖେ । ଯିବାବେଳେ ଧାନୀ ଢ଼ିଲା କୁର୍ତା ଉପରେ ନାଲିଆ ଗାମୁଛାକୁ ଶାଢ଼ୀ ପରି ଗୁଡ଼େଇ ଠିଆ ହୋଇଥିଲା ତା' ପ୍ରିୟ ମୋହନାଇକୁ ଶୁଭ ମନାସି ବିଦା କରିବାକୁ । ମୋହନ ଗଲାବେଳେ କାନ୍ଦୁରା ମୁହଁରେ ଟିକେ ଧାନୀ ଆଡ଼କୁ ଚାହିଁଥିଲା । ସବୁ ଶୁନ୍‌ଶାନ । ସବୁଦିନର ସେଇ ସଞ୍ଜ ବୁଡ଼, ସନ୍ଧ୍ୟା ଘଂଟ, ଉଦାସିଆ ଆକାଶ । ମନ୍ଦିର ବେଢ଼ାରେ ଧାନୀ ଆକାଶକୁ ଘଡ଼ିଏ ଯାଏ ଚାହିଁଚାହିଁ ଘରକୁ ଫେରିଲା ।

ମୋହନ ଯିବାର ଦଶ ମାସ ହେଇଯାଇଥିଲା, ନା ଚଠି ଖଣ୍ଡେ ନା' କିଛି ଖବର । ସେଇ ଗାଁର ନତିଆ ବାରିକ ପୁଅ ଯା ଭିତରେ ଦି'ଦି' ଥର ଆସି ଗଲାଣି । ଦିନା ତା' ହାତରେ ଦେଶୀ ମୁଗଡ଼ାଲି ଭଜା, ବଡ଼ି, ଆଚାର ଆଉ ଚଠି ଖଣ୍ଡେ ଦେଇଥିଲା ଅଭିମାନରେ ଚଠି ଭିତରେ କିଛି ବି ଲେଖିଥିଲା । କାହିଁକି କିଛି ଲେଖିବ । ତା' ରୋଗିଣା ବାପକୁ ଛାଡ଼ିକି ଯାଇଚ, ଧାନୀକୁ ଛାଡ଼ିକି ଯାଇଚ, ସେ ଯଦି ଭାବୁନ ତାକୁ ବୁଝେଇବ କଏ? ନାରଣ

ଗୋସେଇଁ ଭାରି ଖୋଜି ହେଉଥିଲେ ମୋହନକୁ । ଧାନୀ ବି ତ ଝୁରୁଚ.... । ମୋହନ ଯିବାପରଠୁ ତା' ମୁହଁରେ ହସ ନାଇଁ, ଖାଇବା, ପିଇବା, ଗୀତ ବୋଲିବା, ବେଶହେବା ସବୁ ଯେମିତି ନିରସ, ନାମକୁ ମାତ୍ର । କେତେ କେତେ ରାତି ମନେମନେ ନିଜକୁ ମୋହନ ପାଖେ ସଅଁପି ଦିଏ, ପୁଣି ଛଟପଟ ହୁଏ । ଗୋସେଇଁ ଓ! ଗୋସେଇଁ- ଏଇ ଦେଖ କିଏ ଆସିଚନ୍ତି।" ନତିଆ ବାରିକ ପୁଅର ଡ଼ାକ ଶୁଣି ଦିନା ଘର ଭିତରୁ ବାହାରି ଆସିଲା । ତଉଲିଆକୁ ଛାତିରେ ଢ଼ାଙ୍କିଦେଇ ଅନେଇଲା ବେଳକୁ ମୋହନ ଭାଇ ଏବଂ ତା'ପାଖକୁ ଲାଗି ଚକମିକିଆ ଶାଢ଼ୀପିନ୍ଧି ନୂଆ ପୁଆଣି ହେଇଥିବ । ମାଇପିଟିଏ । ଇଲୋ ମା'ଇଏ କିଏ? କହି ପାଟିରେ ହାତ ଦେଇ ଧୀରେ ଧୀରେ ଦିନା ମୋହନ ପାଖକୁ ଆସିଲା । ମୋହନ ଯେମିତି ଦିନା ଆଡ଼କୁ ଗ୍ରହିଁପାରୁନଥିଲା । ମୁହଁପୋଡି କହିଲା- ଦୀପଟେ ଆଣ । ଇଏ ନୂଆଉ । ବନ୍ଦେଇକି ଘରଭିତରକୁ ନେଇଯା' । ସେତଯେମିତି ଗୋଡ଼ତଳୁ ମାଟି ଖସିଗଲା ଦିନାର! କିଏ... କିଏ ଇଏ...ନୂଆଉ... ମାନେ... ମୋହନାଇ ତମେ ... ବାହା...... ।

କିଏ ...କିଏ କହି ନାରଣ ଗୋସେଇଁ ବାଡ଼ିଟିଏ ଧରି ଭିତରୁ ଆସିଲେ । ଗୋଡ଼ ଛୁଇଁ ମୁଣ୍ଡିଆ ମାରିଲା ମୋହନ । କାନ ପାଖକୁ କୁଣ୍ଡେଇ କୁଣ୍ଡେଇ ମୋହନ କହିଲା "ନନା.. ଏଇ ତମ ବୋହୂ... ଗରିବ ଘର ଝିଅଟିଏ ... ଆମରି ଜାତିର । ଭାରି ଭଲ ଝିଅ । ସବୁକାମ କରିବ, ତମ ସେବା କରିବ । ବିଗ୍ରରି ଅନାଥିନୀଟାର କେହି ନାହାନ୍ତି ।" ନାରଣ ଗୋସେଇଁ କାଶ ଭୁଲି କହି ଉଠିଲେ – "ଦିନା ଏ ଦିନା .. ଠିଆହେଇ କ'ଣ ରହିଲୁ ବନ୍ଦାପନା କରି ଭାଉଜକୁ ଭିତରକୁ ନେଇଯା' । ଦିନାକୁ ଲାଗୁଥିଲା ସତେ ଅବା ଆକାଶଟା ତା' ହାତରେ ଛିଣ୍ଡି ପଡ଼ିଲା କି! ନୂଆଉକୁ ଭିତରକୁ ନେଇ ଖଟରେ ବସେଇ ବାହାରକୁ ଆସିଲାବେଳେ ମୋହନ ଦିନାକୁ ବାଟଘର କଣକୁ ଡ଼ାକି କହିଲା - ଧାନୀ... ମୋ କଥା ଧରିବୁନି! ବଡ଼ ଅସୁବିଧାରେ ଏସବୁ ଘଟିଗଲା ।

ଧାନୀ ନିଜ ଆଖି କ'ଣରୁ ଲୁହ ପୋଛି କହିଲା - 'କି କଥା କହୁଚୁ ମୋହନାଇ । ନନା ଗୋସେଇଁଙ୍କ ପାଇଁ ମୁଁ ଏଇଠି ଥିଲିନା ... ସେଇ ମତେ ବାନ୍ଧି ରଖିଥିଲେ । ଏଣିକି ମୁଁ ମୁକ୍ତ... ମୋ ଇଚ୍ଛା ଜୁଆଡ଼େ ଯିବି... ମୋପାଇଁ କେହି ବ୍ୟସ୍ତ ହୁଅନା! ବୋଉ ମଲାପରେ ପୁରୁଣା ଘରଟାକୁ ଛପର କରିବି ଭାବି କରିପାରୁ ନଥିଲି । ଏଥର ଆଉ ଚନ୍ତାନାଇଁ । ଏଥର ମଜବୁତିଆ କରିକି ଶେଣିକୁ ବାନ୍ଧିବି ଯେ, ଆଉ ଛପର ଉଡ଼ିବନି ।' ମୋହନ ପଗ୍ରରିଲା 'ତୁ କୁଆଡ଼େ ଯିବୁ ଧାନୀ'? ଧାନୀ କହିଲା - 'ଏ ପୃଥିବୀଟା ଧାନୀ ପରି ଅସଂଖ୍ୟ ହିଞ୍ଜଡ଼ାମାନଙ୍କର । ସମାଜର ଲୋକେ ସେମାନଙ୍କ ମଜା ଉଡ଼ାନ୍ତି । ସେମାନେ କିନ୍ତୁ କାହା ଅମଙ୍ଗଳରେ ନଥାନ୍ତି । ଅର୍ଦ୍ଧନାରୀଶ୍ୱରଙ୍କୁ ପୂଜା କରି ମଣିଷ ବହୁ ମାନସିକ କରେ, ଭୋଗ

ଗ୍ରାଗ କରେ । କନ୍ତୁ ମାଇଚଆଙ୍କୁ ପାଖ ମଡ଼େଇ ଦିଏନ । ଲୋକେ ତାଙ୍କ ଭଲ ମନ୍ଦରେ ଶୁଭ ମନାସ ପାଇଁ ହିଞ୍ଜଡ଼ାଙ୍କୁ ଡ଼ାକନ୍ତି । ମାତ୍ର କେଇଟା ପଇସା ଦେଇ ଜୀବନ ସାରା ସୁଖ ସାଉଁଟନ୍ତି । ହେଲେ ହିଞ୍ଜଡ଼ାମାନେ ସେମିତି ଆଜୀବନ ଅଭିଶପ୍ତ ବୃହନ୍ନଳା ସାଜି ଶାପମୁକ୍ତିର ଅପେକ୍ଷାରେ ଥାଆନ୍ତି । ମୁଁ ତ ମାଇଚଆଟେ । ମୋପରି ମଣିଷ ମାନଙ୍କ ସହିତ ତମଭଳ ସଭ୍ୟ ମଣିଷମାନେ ଏମିତି ଖେଳନ୍ତି । ଆମେ ବାହା ହେଇ ଘର ସଂସାର କରି ବଂଚବାର ସପନ ପ୍ରକୃତରେ ସାତ ସପନ । ହେଇ ଦେଖ ତମ ବାହାଘରରେ ମୁଁ କେମିତି ତାଳ ମାରୁଚ । ଛାତି ଉପରରେ ପଡ଼ିଥିବା ତଉଲିଆକୁ ଆଣି ଆଖିକଣକୁ ପୋଛି ଜୋରରେ ହସୁଥିଲା ଧାନୀ । ଅଦୂରରେ ମୁଣ୍ଡରେ ହାତଦେଇ ବସିଥିଲେ ନରୁପାୟ ନନା ଗୋସେଇଁ । ହୁଏତ ସେ କଛି କହି ପାରୁନଥିଲେ ବି ବୋଧେ ଗୁମୁରି ଗୁମୁରି କାନ୍ଦୁଥିବେ । ହେଇପାରେ ପୁରୁଷ ହେଇ ସେବି କଛି ଭାବୁନଥିବେ । ଧାନୀ ବଡ଼ ପାଟିରେ କହି ଉଠିଥିଲା- "ତମେ ସବୁ ଭଲରେ ରୁହ । ହସ ଖୁସିରେ ତମ ସଂସାର ପୁରିଉଠୁ । ମୁଁ ତ ମାଇଚଆ, ଯୋଉଠି ଗ୍ରହିଁବି ସେଇଠି ରହିବି । ନାଚ ନାଚ ଅନ୍ଧାର ଭିତରେ ମିଶି ଯାଉଥିଲା ଦିନା ଓରଫ୍ ଧାନୀ। ପଛରେ କଏ ଆସୁଛି କଏ ନଆସୁଛି ଦେଖିବାକୁ ତା'ର ଆଉ ସାହାସ ନଥିଲା । ସେଦିନ ଅନ୍ଧାରରେ ଦିନା ବାହାରିଆସିଥିଲା ତା'ର ସେଇ ଝାଟି ମାଟିର ଘରକୁ । ତା' ବୋଉର ହାତବୁଣା ଦଉଡ଼ିଆ ଖଟ ଉପରେ ବସି ଦିନା ନଜ ଜନ୍ମକୋଷ୍ଠୀ ଭିତରେ ବୃହନ୍ନଳା ପାଲଟିବାର ମୃହର୍ତକୁ ଦାୟୀ କରୁଥିଲା ଏବଂ ଛାତି ବାଡ଼େଇ ଖୁବ୍ ଜୋର୍‌ରେ ବାହୁନୁଥିଲା ଠିକ୍ ଯେମିତି ଦିନେ ଗ୍ରାହାଧରି କାନ୍ଦିଥିଲା ତା' ବୋଉ ମଲାବେଳେ । ହଠାତ୍ କୋଉଠୁ ଦଳେ କୁକୁର ଭୋ ଭୋ କରି ଭୁକ ଉଠିଲେ ।

ଆସିଷ୍ଟାଂଟ୍ ପ୍ରଫେସର,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ

# ଏମିତି ନଜର କଲ



ବୈଦ୍ୟନାଥ ପଣ୍ଡା

ସପନରେ ଆସି
ଗୋପନରେ ମିଶି
ତମେତ ମତେ  କଣିଲ
ପରି ଗ୍ରଇଜ କଥାକହି
ଆଖିରେ ସପନ ଦେଇ
ମନରେ ଘର କରିଲ
ସପନରେ ଆସି........ ||

ବୈଶାଖର କୃଷ୍ଣ ଚୁଡା
ପ୍ରେମର ରଙ୍ଗ ଲଗାଇ
ମନକୁ ମୋହର ତୁମେ
କ୍ଷଣକେ ଦେଲ ଭୁଲାଇ
କୁହଗୋ ପ୍ରିୟସୀ ମୋର
ଏମିତି କେମିତି କଲ
ସପନରେ ଆସି......... ||

ଭିଜା ମାଟିର ବାସ୍ନା
ମହକେ ତୁମ ଦେହରୁ
ଫଗୁଣର ଫଗୁ ଯେତେ
ତୁମରି ରଙ୍ଗ ଓଠରୁ
ଉଡି ଉଡି ଆସି ସିଏ
ଲାଗେ ମୋ ଦେହରେ ଯେବେ
ମତେ ସେ ଲାଗଇ ଭଲ
ସପନରେ ଆସି......... ||

ପଥରେ ଦେହରେ ତୁମେ
ଫୁଟାଇ ପଦୁଅଁ ଫୁଲ
ଅଲୋଡ଼ା କାଚରୁ ମତେ
ତୁମେ କାଞ୍ଚନ କରିଲ
ସପନରେ ଆସି......... ||

ଅବଦଲପୁର, ଯାଜପୁର

# ମହାଜନ



ଅଲେଖ ମେହେର

ସୁମନା ସାଧୁ ଜନ        ଉଚ୍ଚେ ଲଭି ଆସନ
ସୁମିଷ୍ଟେ ଅମିୟ ବରଷି,
ତୋଷନ୍ତି ଜନ ପ୍ରାଣ        ବରଜି ଅଭିମାନ
ବୃଜିନ ତମସା ଉତ୍ସାସୀ ।
ସେ ମହାଜନ,
ଲଭନ୍ତି ଦେବତା ଆସନ ,
କଲୁଷ କରିଣ ହରଣ।
ସେ ମହାଜନ।୧।
ମହାକାଶେ ଜୀମୂତ        କରଇ ଆତଯାତ
ବିନମ୍ରେ ରସାରେ ବରଷେ,
ଉଦକ ଦାନ ପାଇ        ସବୁଜ ପାଟ ନେଇ
ମେଦିନୀ ଫୁଲେ ଫଳେ ହସେ।
ସେ ମହାଜନ,
ବିବୁଧାଳୟେ ତା ଆସ୍ଥାନ
କେବେ ତ କରିନ ସେ ମାନ।
ସେ ମହାଜନ।୨।
ଉଚ୍ଚେ ଥାଇ ପାଦପ        ନଭେ କରେ ଆଳାପ
ନଦାଘ ଗ୍ରୀଷ୍ମେ ଦେଇ ଛାୟା,
ସର୍ବସ୍ୱ ଦେଇ ଦାନ        ଧନ୍ୟ ମଣେ ଜୀବନ
ସକଳ ଜୀବେ ରଖି ଦୟା।
ସେ ମହାଜନ,
ଜୀବ ଜଗତର ପରାଣ,
ହରଷ ଚତ୍ତେ ଦିଏ ଦାନ।
ସେ ମହାଜନ।୩।

ହିଭଗ ପାରାବାର        ବିଶ୍ୱମ୍ଭରା ଉପର
ଲଙ୍ଘନ କରେ ନାହିଁ କୂଳ,
କୋଟି ନମ୍ନଗା ଆସି        ମିଳନ୍ତି ହସି ହସି
ତୃଷାର୍ତ୍ତେ ଦାନ ଦେଇ ଜଳ ।
ସେ ମହାଜନ,
ସବୁଜ ଗ୍ରହର କାରଣ,
ଅଟଇ ଜୀବର ଜୀବନ।
ସେ ମହାଜନ ।୪।
ଅଚରାଚର ଧରା        ଯା'ରେ କରି ଆଶରା
ଇକ୍ଷଣେ ଜ୍ୟୋତିକୁ ସାଉଁଟି,
କର୍ମ ତତ୍ପର ପ୍ରାଣୀ        ସେ ଦେବ ଦିନମଣି
ଜୀବନ ରତନ ସଂପୁଟ।
ସେ ମହାଜନ,
ତମସା କରନ୍ତି ବିଲିନ,
ସକଳ ଶକତି ନଦାନ।
ସେ ମହାଜନ।୫।

ସୋହେଲା, ବରଗଡ

# ମୁକସାକ୍ଷୀ

ନିରଞ୍ଜନ ସାହୁ

ମହାଦେବ ବେଢା ବଉଳ ବେଦୀଟି
ଉପହାସ କରେ ମୋତେ
ମନ୍ଦିରକୁ ଯାଇ ବେଦୀକୁ ମୁଁ ଗ୍ଚହିଁ
ଯେବେ ଝୁରିହୁଏ ତୋତେ ।

ହାତଠାରେ ମୋତେ ଅଭୁଲା ଅତୀତ
ପଛକୁ ଯାଏ ମୁଁ ଫେରି
କେତେକେତେ ସ୍ମୃତି କେତେ ଅନୁଭୂତି
ମୋତେ ଯାଇଥାନ୍ତି ଘେରି
ଉଦ୍ଧାର ପାଏନା ତାଙ୍କରି କବଳୁ
ମନଦୁଃଖେ ମଥା ପୋତେ ।

ସେଦିନ ଯାଇଛି ଏଦିନ ଆସିଛି
ବଦଳଛି ସବୁ ଚନ୍ଦ
ବଉଳବେଦୀଟି ମୁକସାକ୍ଷୀ ଅଛି
ସାଜି ଅନୁଭବି ମିନ୍ତ
ବେଦୀକୁ ଗ୍ଚହିଁଲେ ସ୍ମୃତି ଜମିକୁ ମୁଁ
ଚଷିବାକୁ ହଳ ଯୋତେ ।

ନହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ

# ଅଶୁଭ ଘର



ସୌଭାଗ୍ୟ ଗିରି

ସେଦିନ ଥାଏ ବୈଶାଖ ମାସର ଗୋଟେ ଅପରାହ୍ନ । ଟାଇଁଟାଇଁ ଖରା ହେଉଥାଏ । ସବୁ ନୀରବ ନିଶ୍ଚଳ । ପକ୍ଷୀଟିଏ ବି ହଲୁ ନ ଥାଏ କୋଉଠି । ମୁଁ କଲେଜ ରୁ ଫେରୁଥାଏ । କଲେଜ ଟା ଘର ପାଖରୁ ପ୍ରାୟ ଦଶ କିଲୋମିଟର । ମୁଁ ଛୁଆବେଳୁ ମାମୁଁ ଘରେ ରହି ପାଠ ପଢେ । ମାମୁଁଘର ପାଖେ କଲେଜ ନ ଥିବାରୁ ଆମ ଗାଁ ପାଖ କଲେଜ ରେ ନାଁ ଲେଖେଇଥାଏ । ଖରା ପାଇଁ ଭାରି କଷ୍ଟ ହେଉଥାଏ । ସାଇକେଲ ର ଗତିଟା ଧୀର ଥାଏ ।

ହଠାତ୍ ସବୁକିଛି ପରିବର୍ତ୍ତନ ହେଇଗଲା । ଆକାଶରୁ ସୂର୍ଯ୍ୟ କୁଆଡେ ଗାୟବ ହେଇଗଲେ ଜଣା ପଡିଲାନି । କଳାହାଣ୍ଡିଆ ମେଘ ଗର୍ଜନ କରି ମାଡି ଆସିଲା । କିଛି ଭାବିବା ପୂର୍ବରୁ ବରକୋଳିଆ ଟୋପା ଆକାଶରୁ ପଡିବାକୁ ଲାଗିଲା । ତାପରେ ମୂଷଳଧାରାରେ ବର୍ଷା । ବର୍ଷା ପାଇଁ ଚାରିଆଡ ଅନ୍ଧାରୁଆ ହେଇଗଲା । ଆଉ ରାସ୍ତା ଦେଖା ଗଲାନି ।

କୋଉଠି ଟିକେ ଆଶ୍ରୟ ନେବି ମୁଣ୍ଡରେ କିଛି ବୁଦ୍ଧି ପଶୁ ନ ଥାଏ । ଓଦା ସରସର ହୋଇ ଯାଇଥାଏ ମୁଁ । ହଠାତ୍ ନଜରରେ ପଡିଲା ଏକ ସୁନ୍ଦର ତିନି ମହଲା ଘର । ଆଗରେ ଗୋଟେ ବଡ ଗେଟ । ଥରେ ଦେଖିଲେ ଆଉଥରେ ଦେଖିବାକୁ ମନ ହେବ । ଏ ରାସ୍ତାରେ ଏତେ ସୁନ୍ଦର ଘର ଅଛି ହେଲେ କେବେ ମୋ ନଜର ପଡିନି । ଏମିତି ବି ରାସ୍ତାରେ ଗଲା ବେଳେ ମୁଁ ଇଆଡେ ସିଆଡେ ଆଖି ବୁଲେଇ ବୁଲେଇ ଯାଏନି ।

ଆଗେ ଗେଟ ଉପରେ ନଜର ପକେଇଲି "କୁକୁର ପ୍ରତି ସାବଧାନ" ବୋର୍ଡ ଟା ଅଛି କି ନାହିଁ। କୁକୁର କୁ ମୋର ଭାରି ଡର । ଦେଖିଲି କିଛି ନାହିଁ । ସାଇକେଲ ଟା ରାସ୍ତା କଡରେ ରଖିଦେଇ ପୋର୍ଟିକୋ ତଳେ ଛିଡା ହୋଇଗଲି ।

ଟିକେ ଡର ବି ଲାଗୁଥାଏ । ଏତେ ବଡ ଘର । କାଳେ କିଏ ମତେ କଣ କହିଦେବ । ମୁଁ କାହାକୁ ନ ପଗ୍ଚରି ଆସି ଠିଆ ହୋଇଯାଇଛି ।

ହେଲେ ଭିତରୁ କାହା ପାଟି ବି ଶୁଭୁ ନଥିଲା । ଧିରେଧିରେ ବର୍ଷା ଥମିଗଲା । ମୁଁ ଘରକୁ ଆସିଲି ।

ବୋଉ ଘର ଭିତରୁ ଦୌଡି ଆସିଲା । ବାପାଙ୍କ ତଉଲିଆ ଟା ଆଣି ମୋ ମୁଣ୍ଡ ପୋଛି ପକେଇଲା । ଶୁଖିଲା ସାଲୱାର ଟା ଆଣି ଦେଲା । ମୁଁ ଡ୍ରେସ୍ ବଦଳେଇବା ଭିତରେ ସେ କପ୍ ଟାଏ ହାତରେ ଧରି ଆସି କହିଲା - "ନେ, ତୋ ପାଇଁ ଅଦା ମିଶା ନାଲି ଚ୍ଚା' ଟିକେ କରି ଆଣିଛି । ପିଇଦେ । ଭଲ ଲାଗିବ" ।

ବର୍ଷା ଆରମ୍ଭ ହେବା ପାଖରୁ ଛାଡିବା ପର୍ଯ୍ୟନ୍ତ ଅନୁଭୁତି କୁ କହିଇ ପାଖରେ ଗପୁଗପୁ ବୋଉ କାନରେ ବାଜିଗଲା ସେ କଥା । ଦୌଡି ଆସିଲା ବ୍ରେଷେଇ ଘରୁ । " ଆଲୋ, ତୁ ସେ ନାଲି ରଙ୍ଗର ବଡ କୋଠା ଟାରେ ଯାଇ ଠିଆ ହେଇଥିଲୁ ବର୍ଷା ବେଳେ, ଯୋଉ ଘର ପାଖରେ ଗୋଟାଏ ବଡ ବରଗଛ ଅଛି । ସେଇଟା ତ ଗୋଟାଏ ଅଶୁଭ ଘର । ହେ ମା ବୁଢୀ ଜାଗୁଳେଇ ! ହେ ମା ଖରାଖାଇ ଠାକୁରାଣୀ ! ମୋ ଛୁଆକୁ ତୁ ହି ଭରସା ଲୋ ମା " ।

ଏତକ କହିସାରି ବି ମନ ବୁଝିଲାନ ତା'ର । ସଜନା ଦି ଡେଙ୍ଗେ ଆଣି ମତେ ଝାଡି ପକେଇଲା । ଶୁଖିଲା ଲଙ୍କା କେଇଟା ଆଣି ମୋ ମୁଣ୍ଡ ଉପରେ ଦୁଇ ଚ୍ଚରି ଥର ଘୁରେଇ ନେଇ ଚୁଲିକ ପକେଇ ଦେଲା ।

ଗ୍ତି ହେଲା । ସମସ୍ତେ ଖାଇକ ଶୋଇଲେ । ଘଣ୍ଟେ ଦୁଇ ଘଣ୍ଟା ଯାଇଚ କ ନାହିଁ ମୋ ଦେହର ତାପମାତ୍ରା ଟା ଧିରେଧିରେ ବଢିବାକୁ ଲାଗିଲା । ଗ୍ତି ଗୋଟାଏ ବେଳକୁ ସାଗ୍ ଦେହଟା ତାତିରେ ଖଇ ଫୁଟୁଛି ।

ବୋଉ ଡରଟା ଏବେ ଆହୁରି କେତେ ଗୁଣ ବଢିଗଲା । "ଅଶୁଭ ଘରଟାରେ ପାଦ ପକେଇ ଦେଇଛି । ସେ ପିଶାଚୁଣୀ ର ନଜର ନଶ୍ଚୟ ପଡିଥିବ । ଏତେ ଗ୍ତିରେ ମୁଁ ଏବେ କ'ଣ ଯେ କରିବି " । ବ୍ୟସ୍ତ ହୋଇପଡୁଥାଏ ବୋଉ ।

ମୁଁ ଜାଣିଥାଏ ଏସବୁ ହେଉଛି ଅଦିନଆ ବର୍ଷା ର କଗ୍ମତି । ବ୍ୟାଗ ରୁ ମେଡିସିନ୍ ବାହାର କରି ଖାଇଦେଇ ଶୋଇବାକୁ ଚେଷ୍ଟା କଲି । ହେଲେ ବୋଉ ମନ ବୁଝୁ ନ ଥାଏ । ଲୁହାକଣ୍ଟା

ଟାଏ ଆଉ ଝାଡୁ ରୁ ଛୋଟିଆ ଖଣ୍ଡେ ଆଣି ମୋ ମୁଣ୍ଡ ଉପରେ ବିଛଣା ତଳେ ରଖିଦେଲା ବୋଉ ର ଏସବୁ କାର୍ଯ୍ୟକଳାପ ଦେଖି ସେ ଅଶୁଭଘର ଟା ବିଷୟରେ ଜାଣିବା ପାଇଁ ମୋର ଭାରି ଇଚ୍ଛା ହେଲା | କୌତୁହଳ ରେ ପଚାରିଲି "ବୋଉ, ସେ ଘରଟାକୁ ଅଶୁଭଘର କାହିଁକି କହୁଛୁ ? ସେଠିକି ଗଲେ କ'ଣ ଅଶୁଭ ହୁଏ" ?

ବୋଉ ଆରମ୍ଭ କଲା - କେତେ ବର୍ଷ ତଳେ କଏ ଜଣେ ସହରୀ ବାବୁ ବହୁତ ଟଙ୍କା ଖର୍ଚ୍ଚ କରି ସେ ଘରଟା କରିଥିଲେ | ଘରେ ଶଙ୍ଖ ମଲମଲ ପଥର ଖଞ୍ଜେଇଲେ | କେଡେ ବଢିଆ କ ଘର ତିଆରି କରେଇଲେ | ପୂଜାପାଠ ଖିଆପିଆ ସବୁ ସରିଲା | ଠିକ୍ ତା ପରଦିନ ଗୋଟେ ସଡକ ଦୁର୍ଘଟଣା ରେ ସେ ଆରପାରିକୁ ଚାଲିଗଲେ | ତାଙ୍କ ସ୍ତ୍ରୀ ପିଲାପିଲି ସବୁ ପୁଣି ସହରକୁ ଚାଲିଗଲେ | ଆମ ଗାଁ ଗୁଣିଆ ଶୁକ ପଧାନ କହିଲା ଏଡେ ସୁନ୍ଦର ଘର ଦେଖି ସେ ପିଶାଚୁଣୀ ଟା କାଳେ ସେ ବରଗଛରୁ ଯାଇ ସେଇ ଘରେ ରହିଗଲା | ସେ ହିଁ ଦୁର୍ଘଟଣା ଘଟେଇ ଦେଇଥିଲା |ଏଡେ ସୁନ୍ଦର ଘରଟାକୁ ଦେଖି ଜଣେ ବ୍ୟାଙ୍କ ଅଫିସର ସେ ଘର କଣିଲେ | ତାଙ୍କୁ ଦିନେ ଦିନେ ରାତିରେ ଘର ଭିତରେ କଏ ଜଣେ କାନ୍ଦିଲା ଭଳି ଶୁଭେ | ପତ୍ନୀଙ୍କୁ କହିଲେ ସେ କହନ୍ତି ନା ତ ସେମିତି କିଛି ମତେ ଶୁଭୁନ | ତମେ ଶୋଇପଡ | ତାଙ୍କର କ'ଣ ହେଲା କେଜାଣି ଦିନକୁ ଦିନ ସେ ଶୁଖି ଯାଉଥିଲେ | ଦିନେ ସକାଳୁ ଶୁକ ପଧାନ ଆସି ଗାଁ ସାରା କହି ଦେଇଗଲା ବ୍ୟାଙ୍କ ବାବୁ ଆଉ ନାହାନ୍ତି | କାଲି ରାତିରେ ସେ ପିଶାଚୁଣୀ ଟା କୁଟା ଲଗେଇ ତାଙ୍କର ସବୁ ରକ୍ତ ଶୋଷି ଦେଇଛି |

ସେତିକି ରେ କଥା ସରିଲାନ | ପାଖ ଗାଁ ର ଜଣେ ଆର୍ମି ଅଫିସର୍ ରିଟାୟାର୍ଡ ହେଇ ଗାଁ କୁ ଫେରିଲେ | ଏଇ ଘରଟାକୁ କଣିବାକୁ ଜିଦ୍ଧରି ନେଲେ | ଏଠି ସମସ୍ତେ କେତେ ବୁଝେଇଲେ | ଘରଟାକୁ କଣନା | ତମର ସର୍ବସ୍ୱ ଚାଲିଯିବ | ହେଲେ ସେ ବୁଝିଲେନ |କହିଲେ ଯେତେ ସବୁ ଅନ୍ଧବିଶ୍ୱାସ ତମ ଗାଁ ଲୋକଙ୍କ ମୁଣ୍ଡରେ ବସା ବାନ୍ଧିଛି | କାହା କଥା ନ ମାନ ଘରଟାକୁ କଣିଲେ | ପିଶାଚୁଣୀ ଟା ତାଙ୍କୁ ବି ଛାଡିଲାନ | ମାସ ଗୋଟାଏ ପୁରିନ ସେ ବି ରୋଗରେ ପଡିଲେ | ଡାକ୍ତର କହିଲା ବ୍ଲଡ୍ କ୍ୟାନସର | ଆଉ ଠିକ୍ ଦୁଇ ମାସ ଭିତରେ ସେ ବି ଚାଲିଗଲେ |

ତା'ପରେ ସେ ଘରକୁ ନେଇ ବହୁତ ଚର୍ଚ୍ଚା ହେଲା | ସେ ପିଶାଚୁଣୀ ର ସେ ଘର ବହୁତ ମନକୁ ଯାଇଛି | ସେ ସେଠି ନିଜେ ରହୁଛି | ଆଉ କାହାକୁ ବି ରଖେଇ ଦେଉନ | ସେଇ ଦିନ ଠାରୁ ସେ ଘର କଣିବା କଥା କେହି କହିବାର ମୁଁ କାହିଁ କେବେ ଶୁଣିନ |ବୋଉ କଥାରୁ ମୁଁ

ଜାଣି ସାରିଥିଲି ଏ ସବୁ କେବଳ ଅନ୍ଧବିଶ୍ୱାସ । କାଉ ରଡିବାକୁ ତାଳ ପଡିବା ଭଳ କଥା । କିନ୍ତୁ ବୋଉକୁ କହିଲେ ସେ କିଛି ଶୁଣିବନି । ତେଣୁ ଚୁପ୍ ରହିବା ଟା ହିଁ ଭଲ ।

ମୁଁ କିଛି ନ କହି ନିଦ ଲାଗିବା ର ବାହାନା କରି ଶୋଇଗଲି ।ଭୋର ପାଞ୍ଚଟା ରେ ଉଠିଲା ବେଳକୁ ମୋ ବୋଉ ଆମ ଗାଁ ଶୁକ ପଧାନ କୁ ଡାକି ଆଣି ଦାଣ୍ଡ ପିଣ୍ଡାରେ ବସେଇଛି । ସିଏ ଆସି କ'ଣ ଟିକେ ମନ୍ତ୍ରପାଠ କରି ପକେଇଲା । ପାଞ୍ଚ ଶହ ଟଙ୍କା ପାଉଣା ରୁ କାଟିକୁଟି ତିନିଶହ ଟଙ୍କା ନେଇ ଗ୍ଲାଗଲା ।

ସେତେବେଳକୁ ମୋ ଜ୍ୱର ଟା ବି କମି ଯାଇଥାଏ । ବୋଉ ହାତ ମାରି ଦେଖିଲା ମୋ ଦେହରେ ଆଉ ଜ୍ୱର ନାହିଁ । ଏବେ ତା' ମନ ଶାନ୍ତି । ଯାହା ହେଉ ଗୋଟାଏ ବଡ ଦଶା କଟିଗଲା । ବୋଉ ଭାବୁଥିଲା ଆମ ଗାଁ ଶୁକ ପଧାନ ଟା ସତରେ ଗୋଟେ ବଡ ଗୁଣିଆ । ମୋ ଛୁଆଟାର ଜୀବନ ବଞ୍ଚେଇ ଦେଲା । ମୁଁ ଭାବୁଥିଲି ଏଇ ଦେଖ **!** ପୁଣି ସେୟା ହେଲା । କାଉ ରଡିବାକୁ ତାଳ ପଡିବା ।

ଦି ଜଣ ଦି ଜଣଙ୍କ ମୁହଁକୁ ଗ୍ଳହିଁ ରହିଥିଲୁ ହେଲେ କେହି କାହା ମନର ଭାବ ପ୍ରକାଶ କରି ପାରୁ ନ ଥିଲୁ ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

# ଜୀବନ



ଭାରତୀ ସାହୁ

ଆମେ ସବୁ ପର୍ କଳାକାର ଅଟୁ
ଜୀବନ ଏକ ନାଟକ
ଅଭିନୟ କେତେ କରିଯିବା ଆମେ
କଏ ନାୟିକା ନାୟକ ।

ଜୀବନର ମାନେ ବୁଝିବାକୁ କେବେ
ଗୃହିଁଲେନ କେବେ ଥରେ
ପର ନନ୍ଦା ପର ଛିଦ୍ର ଗାଇ ଗାଇ
କଏ ଜିତେ କଏ ହରେ

ମଣିଷ ହୋଇବି ଅମଣିଷ ପରି
କଛି କାମ ଆମେ କଲେ
ନନ୍ଦା ଲେଖି ଦେବା ଘୃଣା ପାଇଯିବା
ଇତିହାସର ପୃଷ୍ଠାରେ

ଏ ଜୀବନ ନୁହେଁ ଚରସ୍ଥାୟୀ ଯେଣୁ
କାହିଁକି ଗୃତର ଏତେ
ନଜ କର୍ମ ପାଇଁ ନଜେ ଫଳ ପାଉ
କେହି ଯିବେନାହିଁ ସାଥେ

ଜୀବନର ଅନ୍ୟ ନାମ ଯେ ଯନ୍ତ୍ରଣା
ବୁଝିବାକୁ ହେବ ପର୍
ନଜ ପରି ଯଦି ଅନ୍ୟକୁ ବୁଝିବା
ହସିବ ଆମରି ଧର୍ ।

ମାର୍ଫତ ଦୀପ୍ତିକାନ୍ତ ସାହୁ,
ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ନଶୀଥେ ନଳନୀ



ଲକ୍ଷ୍ମଣ ମହାନ୍ତି

କ'ଣ ପାଇଁ ମୋ ଭାବନାରେ
ଗ୍ଭଲିଆସ ତୁମେ ଅଧରାତ୍ରିରେ
ନରବ ନଃଶବ୍ଦ ଗ୍ଭହାଣୀରେ
ଅଧଗଢା ସ୍ୱପ୍ନର ତାଜମହଲରେ.....||
ଅଧଗ୍ଭତିର ଶୀତଳ କାକର
ମୋତିହୋଇ ଝରୁଥାଏ,
ଜାଜ୍ୱଲ୍ୟମାନ ହୀଗ୍ଭପରି
ତୁମ କୋମଳ ଶରୀରରେ.....||
ସକାଳ କଅଁଳ ସୂର୍ଯ୍ୟ କରଣରେ
ଅଭିମାନୀ ହୃଦୟ ମୋର
ଲୋଡେ କୋମଳ ସ୍ପର୍ଶ ତୁମର
ନରବତା ଭାଙ୍ଗି ଆସ ସ୍ପନ୍ଦନରେ.....||
ତୁମବିନା ନାହିଁ ନଦ ନାହିଁ ସ୍ପନ୍ଦନ
ବଦଳଛି ତୁମପାଇଁ ମୋ ଜୀବନ
ଆସି ଗ୍ଭଲିଯାଅ କାହିଁକି ସ୍ପନ୍ଦନେ
ନରବତା ଖେଳଉଠେ ମୋ ଜୀବନେ.....||
ଆସ ଯେବେ ରୁହ କଛିକ୍ଷଣ
ତୁମ ହୃଦୟରେ ବନ୍ଧା ମୋ ସ୍ପନ୍ଦନ
ତୁମେ ମୋ ଗ୍ଭତି ତୁମେ ମୋର ଦିନ
ଆଜି ତୁମେ ମୋର ସାଜିଛ ଜୀବନ.....||

ସୌରୀପାଲି, ଖଟଖଟିଆ, ବୌଦ୍ଧ

# କରି କରାଉ ଥାଉ ତୁହି

ପୁଷ୍ପଲତା ବେହେରା

ପ୍ରଥମ କରି ଭୂତାଣୁଟିଏ
ସାରା ବିଶ୍ୱକୁ ଦୋହଲାଇ ଦେଲା,
ଆଉ ପଲକରେ
ମଣିଷର ଜୀବନଶୈଳୀଟା ବଦଳଗଲା ।
କିଏ କହେ,
ଏହା ମାନବର କୃତକର୍ମର ଫଳ
ପୁଣି କିଏ କହେ, ସମୟର ଖେଳ
କିଏ କହେ, ପ୍ରକୃତିର ପ୍ରତିବାଦ ସ୍ୱର ।
ସୃଷ୍ଟିର ସର୍ଜନା ହେଉ,
ହେଉ ଅବା ସୃଷ୍ଟିର ସଂହାର...
ଘଟଣା ଘଟିବ,
ପୁଣି ତୁମକୁ ନଥିବ ଗୋଚର !
ତୁମ ଇଚ୍ଛାବିନା ଯେବେ ପତ୍ରଟିଏ ଝଡେନା..
ତବ ଅଜାଣତେ,
କେମିତି ଆସିଲା ଏ କରୋନା...??
ଭାଙ୍ଗି ଦେଲଣି ମାନବର
ଧନ, ମାନ, ଜ୍ଞାନ, ଅହଂକାର,
ଚାରିଆଡେ ଶୁଭୁଅଛି ଖାଲି ହାହାକାର ।
ନାହିଁ ଆଉ ଅର୍ଥ ଉପାର୍ଜନର ମୋହ,
ସବୁଠି ତ ଖାଲି ମୃତ୍ୟୁର ଭୟ ।
ଗୃହବନ୍ଦୀ ମାନବ ପାଦରେ
ଅନୁଶାସନର ଶୃଙ୍ଖଳ,
ମାନବ ଜୀବନଟା ଲାଗେ ପଶୁତୁଲ୍ୟ ।
ମାନବ ଏକ ସାମାଜିକ ପ୍ରାଣୀ ହୋଇ,
ସମାଜ ଠାରୁ ଆଜି ରହିଛି ଦୂରେଇ ।
ସବୁ ସମ୍ପର୍କ ଆଜି ଲାଗେ ଫିକା ଫିକା
କିଏ ବା କାହାକୁ ହେବ ସହାୟ,
ସବୁଠି ତ ମୃତ୍ୟୁର ଭୟ ।
ଚାରିଆଡ ନିସ୍ତବ୍ଧ ଶୂନଶାନ୍
ଦୁର୍ବିସହ କରିଦେଲ ମାନବ ଜୀବନ ।
ରକ୍ତ ବି ରକ୍ତକୁ ଆଉ ଚହ୍ନୁନ,
ବପର ଶବକୁ ପୁଅ ବି ଛୁଉଁନ,
ଅଦୃଶ୍ୟ ଶତ୍ରୁ ସହିତ
ଚାଲିଛି ମାନବର ଯୁଦ୍ଧ
ସୀମିତ ପରିବେଶରେ
ସବୁ କିଛି ଆଜି ନିୟନ୍ତ୍ରିତ ।

ସାମାଜିକ ଦୂରତ୍ୱକୁ କରିଛି ଏକମାତ୍ର ଅସ୍ତ୍ର,
ଜାଣିନ ସେ କେବେ ହେବ
ଏ ଲଢେଇର ଅନ୍ତ...
ଇତିହାସ ପୃଷ୍ଠାରେ ଯୋଡା ହୋଇ ଚାଲିଛି,
ଲକ୍ ଡାଉନ୍ ସଟ୍ ଡାଉନର
ଗୋଟେ ପରେ ଗୋଟେ ଫର୍ଦ୍ଦ ।
କେତେଦିନ ଏମିତି ଚାଲିବ...?
ଆଉ କେତେଦିନ ଅପଲକ ନେତ୍ରେ
ଦେଖୁଥିବ ଏ କରୁଣ ଦୃଶ୍ୟ...
ଶୁଭୁନାହିଁ କି ଆଜି
କୋଟି କୋଟି ଭକତର ଆର୍ତ୍ତନାଦ !!
ତୁମେ ପରା ଆର୍ତ୍ତତ୍ରାଣ ଜଗତର ନାଥ
ତୁମେ ଥାଇଁ ଜଗତଟା ହେବ କି ଅନାଥ?
ପତିତପାବନ ବାନା ପରା ଉଡାଉଛ
ପତ୍ତ ଉଦ୍ଧାର ପାଇଁ,
ପତିତଜନଙ୍କ ଆକୁଳ ଚିତ୍କାର
ତୁମକୁ କି ଶୁଭୁନାହିଁ?
ଲକ୍ଷେ ଯୋଜନରୁ ଆତଙ୍କ ଡାକିଲା
କେମିତି ଶୁଣିଲ ଭାବଗ୍ରାହୀ,
ଚକ୍ରକୁ ପେଷିଣ ଗ୍ରାହାକୁ ନାଶିଲ
ସେକଥା ଯିବକି ଭୁଲି ହୋଇ ।
ବେନହସ୍ତ ତୋଳି ଡାକିଲା ପାଞ୍ଚାଳୀ
କୋଟି ବସ୍ତ୍ର ଦେଲ ସଖା ପଣେ,
ଘୋର ଅରଣ୍ୟରେ ମୃଗୁଣୀ ଡାକିଲା
ଉଦ୍ଧରିଥିଲ ତ ତତକ୍ଷଣେ ।

ଏବେ କିମ୍ପା ରହିଛ ମଉନ...
ହେ ଦର୍ପଦଳନ !
ଦର୍ପସବୁ କଲଣି ସଂହାର,
ମଙ୍ଗଳ ଗ୍ରହରେ ରହିବାର ସ୍ୱପ୍ନ
ହେଲାଣି ଚୁରମାର ।
ଖାଲି ଏତିକି ଅଳି...
ହେ ବନମାଳୀ, କୁଞ୍ଜବିହାରୀ !
ଫେରାଇ ଦିଅ ହେ ଆମକୁ
ସେ ପୁରୁଣା ଦିନ, ଆମ ବିଗତ ଜୀବନ ।
ବୁଝିଲାଣି ମାନବ ଜଗତ
ଏ ସୃଷ୍ଟିରେ ସବୁ ହିଁ ତ ତୁମରି ଦାନ,
କୀଟ ଠାରୁ ବ୍ରହ୍ମ ପରିଯନ୍ତେ
ସବୁକିଛି ତୁମରି ଭିଆଣ ।
ଶ୍ରେଷ୍ଠ ବୋଲି ମନେ ଆଉନାହିଁ ଅଭିମାନ ।
ଲୋଡାନାହିଁ ମିଛ ଅହମିକା...
ସ୍ନେହ, ପ୍ରେମ, ଭକତିରେ ଭରିଦିଅ ମନ,
ମଣିଷ ମଣିଷ ଭିତରେ ପାଉ ତୁମ
ଦିବ୍ୟସତ୍ତାର ସନ୍ଧାନ ।
ଓଡିଆ ଜାତିର ତୁମବିନା ନାହିଁ ତ ଅସ୍ତିତ୍ୱ,
ହେ ଅନାଦି, ଅନନ୍ତ, ଅରକ୍ଷର ନାଥ !
ତୁମେହିଁ ତ ଏକମାତ୍ର ସତ୍ୟ ।
ରକ୍ଷାକର ତୁମରି ଜଗତ,
କରୋନାର ହେଉ ପ୍ରଭୁ ଅନ୍ତ ।

ରାଉରକେଲା, ଓଡିଶା

# ଆମେ କେଉଁ ମାର୍ଗରେ ଯିବା?



ବାଲ୍ମୀକି ନାୟକ

ଏହି ସାଧାରଣ ପ୍ରଶ୍ନଟି ଯେଉଁ ଉଦ୍ଦେଶ୍ୟରେ ପଚରା ଯାଇଥାଏ, ସେହି ଉଦ୍ଦେଶ୍ୟର ପ୍ରାପ୍ତି ପାଇଁ ଉତ୍ତର କିନ୍ତୁ ଭିନ୍ନ ଭିନ୍ନ ହୋଇପାରେ । ଏଇଠି ଆମର ଉଦ୍ଦେଶ୍ୟ ହେଉଛି – ଭୌତିକ ମାର୍ଗରେ ଚାଲିବା ନା ଅଧିଭୌତିକ ମାର୍ଗରେ ଚାଲିବା? ଅର୍ଥାତ ପ୍ରାକୃତିକ ସାଂସାରିକ ମାର୍ଗ ନା ପରା-ପ୍ରାକୃତିକ ମାର୍ଗ? ଏହାର ଉତ୍ତର ବି ଦୁଇଟିରୁ ଏକ ନା ଏକା ସାଙ୍ଗରେ ଉଭୟ ମାର୍ଗରେ ଚାଲିବା ଉଚିତ ହେବ? ଏକ ବିଚାରଣୀୟ ବିଷୟ । ଆସନ୍ତୁ ବିଚାର କରି ଦେଖିବା କେଉଁ ମାର୍ଗରେ ଚାଲିଲେ ଆମର ବେଶୀ ଲାଭ ହେବ ।

## ପ୍ରାକୃତିକ ବା ସାଂସାରିକ ମାର୍ଗ କଅଣ?

ଆମେ ଯେଉଁ ପୃଥିବୀରେ ବାସ କରୁଛୁ, ସେହି ପୃଥିବୀ ପୃଷ୍ଠରୁ ଆମେ ଜୀବନ ଧାରଣ ପାଇଁ ସମସ୍ତ ମୌଳିକ ଉପାଦାନ ପ୍ରାପ୍ତ କରିପାରୁଛୁ । ଜଳ, ବାୟୁ, ଖାଦ୍ୟପଦାର୍ଥ, ବସ୍ତ୍ର, ବାସସ୍ଥାନ ଆଦି ସିଧାସଳଖ ଭାବେ ପ୍ରକୃତି ଠାରୁ ମଣିଷ ପାଉଛି । ସମୟାନୁକ୍ରମେ ମଣିଷର ବିକଶିତ ମସ୍ତିଷ୍କ ପ୍ରକୃତିକୁ ଅନ୍ୱେଷଣ କରି ବୁଝିପାରିଛି ଯେ, ଏକ ସୁସ୍ଥ ଶରୀର ପାଇଁ ସ୍ୱଚ୍ଛ ଜଳ, ବିଶୁଦ୍ଧ ବାୟୁ ଓ ସୁଷମ ଖାଦ୍ୟର ଆବଶ୍ୟକ ପଡୁଛି । ସେଥିପାଇଁ ସେ ଅନେକ ଗବେଷଣା କରି ନିଜପାଇଁ ଉପଯୁକ୍ତ ଜଳ, ବାୟୁ ଓ ଖାଦ୍ୟ ଉତ୍ପାଦନ କରି ପାରୁଛି । ଜୀବନଧାରଣ ପାଇଁ ଆହୁରି ଅନେକ ଭୌତିକ ସାଧନର ଆବଶ୍ୟକତା ଅନୁଭବ କରି ବାସସ୍ଥାନ, ଯାତାୟତ ପାଇଁ ଯାନବାହନ, ରୋଗ ବ୍ୟାଧିରୁ ମୁକ୍ତ ହେବାପାଇଁ ଚିକିତ୍ସା ବିଜ୍ଞାନ ଇତ୍ୟାଦି ଉଦ୍ଭାବନ କରିଛି । ଏପରିକି ପ୍ରାକୃତିକ ବିପର୍ଯ୍ୟୟ ଗୁଡିକରୁ ସୁରକ୍ଷା ପାଇବାର ବିଭିନ୍ନ ଉପାୟ ଖୋଜିବାକୁ ବୈଜ୍ଞାନିକ ମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଆଜିର ଜୀବନ ସ୍ତରକୁ ଦେଖି କେହି ବି ଅସ୍ୱୀକାର କରିପାରିବେନି ଯେ ଗତ କିଛି ଶହ ବର୍ଷ ତଳର

ଜୀବନ ସ୍ତର ଆଜି ଭଳ ଉନ୍ନତ ଏବଂ ସୁଖକର ନଥିଲା । ଆଜିର ବୁଦ୍ଧିବାଦୀ ଓ ବିଦ୍ୱାନ କୁହନ୍ତି ସାଂସାରିକ ମାର୍ଗ ହିଁ ଉଚତ ମାର୍ଗ ।

ପର୍-ପ୍ରାକୃତିକ ମାର୍ଗ କଣ**?**

ପୃଥିବୀରେ ମଣିଷ ବ୍ୟତୀତ ଆହୁରି କୋଟିକୋଟି ଜୀବଜନ୍ତୁ ସୃଷ୍ଟି ହୋଇଛନ୍ତି । ମଣିଷର କେତେକ ବିଶେଷ ଗୁଣ ଥିବାରୁ ସେ ହିଁ ଏହି ସୃଷ୍ଟିର ଶ୍ରେଷ୍ଠ ବା ପ୍ରଧାନ ପ୍ରାଣୀ ରୂପେ ବିବେଚନା କରୁଛି । ମଣିଷର ମସ୍ତିଷ୍କରେ ଚନ୍ତନ ଶକ୍ତି ଅଛି, ସେହି ଚନ୍ତନ ବା ବିଗ୍ଭରକୁ ଭ୍ଷା ମାଧମରେ ପ୍ରକାଶ କରିପାରୁଛି । ଏହି ଦୁଇଟି ବିଶେଷ ଗୁଣ ବଳରେ ମଣିଷ ପ୍ରକୃତିକୁ ଆଦିମକାଳରୁ ପରୀକ୍ଷା ନୀରିକ୍ଷା କରି ସମସ୍ତ ରହସ୍ୟ ବୁଝିବାକୁ ଚେଷ୍ଟା କରୁଛି । ଆଦିମ କାଳରେ ପ୍ରକୃତିର ରହସ୍ୟ ବୁଝିବାରେ ଅକ୍ଷମ ତଥା ସୀମିତ ଜ୍ଞାନ ଯୋଗୁଁ ଦୈବୀ ଶକ୍ତିର କଳ୍ପନା ହୋଇଛି । ଏହି ସୃଷ୍ଟି କୌଣସି ଈଶ୍ୱରଙ୍କ ଦ୍ୱାର୍ ସମ୍ଭବ ହୋଇଛି ବୋଲି ଏକ ଦୃଢ ମତବାଦକୁ ସମସ୍ତେ ସମର୍ଥନ କଲେ । ଏହି ବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିବା ତଥାକଥିତ ଈଶ୍ୱରଙ୍କ ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇଲା । ଧୀରେ ଧୀରେ ଆହୁରି ଅନେକ କାଳ୍ପନକ ମତବାଦ ସୃଷ୍ଟି ହେଲା । ପୃଥିବୀ ଠାରୁ ଅଲଗା ଶୂନ୍ୟରେ କେଉଁଠି ଏକ ଅଜଣା, ଅଣଦେଖା ଦୁନଆ ରହିଥିବା କୁହାଗଲା । ସେଇଠି ଦେବତାମାନେ ବାସ କରୁଛନ୍ତି । ସେଇଠି ସ୍ୱର୍ଗ ବି ଅଛି, ନର୍କ ବି ଅଛି । ମଣିଷ ମଲା ପରେ ସେଇଠି ଯାଇ ସ୍ୱକର୍ମ ଅନୁସାରେ ସ୍ୱର୍ଗ କମ୍ବା ନର୍କରେ ବାସ କରିଥାଏ ।

ଉପରୋକ୍ତ ଉଦ୍ଭଟ କଳ୍ପନା ସହିତ ଯୋଡି ହୋଇଗଲା ଆଉ ଏକ ବିଶ୍ୱାସ । ସାଂସାରିକ ଜୀବନରେ ଅନେକ ଜଞ୍ଜାଳ, ଅନେକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଶୂନ୍ୟରେ ବାସ କରୁଥିବା ସର୍ବଶକ୍ତିମାନ ଈଶ୍ୱରଙ୍କୁ ପ୍ରାର୍ଥନା ଦ୍ୱାର୍ ସନ୍ତୁଷ୍ଟ କରିପାରିଲେ ଜୀବନ ଧାରଣ ସହଜ ହୋଇଯିବାର ବିଶ୍ୱାସ ହେଲା । ସେହି ବିଶ୍ୱାସ ଆଜି ବି ଜନମାନସକୁ ଭ୍ରମିତ କରି ରଖିଛି । ଧର୍ମଗୁରୁମାନେ କହିଲେ ଗୃହସ୍ଥମାନଙ୍କୁ ସାଂସାରିକ କର୍ମ ସହିତ ଆଧାତ୍ମିକ ମାର୍ଗରେ ବି ଗ୍ଭଲିବାକୁ ହେବ । ଆଧାତ୍ମିକ ମାର୍ଗରେ ଧର୍ମ ଶାସ୍ତ୍ର ଅଧ୍ୟୟନ, ଚନ୍ତନ, ଧର୍ମୀୟ କର୍ମକାଣ୍ଡ ସହିତ ସମସ୍ତ ଭୌତିକ ସୁଖଭୋଗକୁ ମାୟା ଓ ମିଥ୍ୟା ଭ୍ବି ତ୍ୟାଗ କରି ଅଧିଭୌତିକ ଜଗତର ପ୍ରକୃତ ସୁଖ ଭୋଗ କରିବାପାଇଁ ନିଷ୍କାମ ମନରେ ସାଧନା କରିବା ଉଚତ । ଗୀତାରେ ବି ସେହିଭଳ କଥା କୁହାଯାଇଛି – ଫଳରେ ଆଶା ନରଖି କେବଳ କର୍ମ କରିଯାଅ । ଏଇଠି ମନରେ ପ୍ରଶ୍ନ ଉଠୁଛି କାମନା ବିହୀନ ସାଧନାର ଅର୍ଥ କଣ ଏବଂ

ଫଳର ଆଶା ନରଖି କଏ କପରି କର୍ମ ଆରମ୍ଭ କରିବ? ଆଉ ଏକ ପ୍ରଶ୍ନ ଉଠୁଛି ପୃଥିବୀରେ ଅନ୍ୟାନ୍ୟ ଜୀବଜନ୍ତୁ ଭିତରୁ କେବଳ ମଣିଷ କାହିଁକି ଭାବୁଛି ଯେ ପୃଥିବୀ ବାହାରେ ଥିବା ଦୁନିଆ ହିଁ ଭଲ? ଏଇଠି ଜନ୍ମ ହୋଇ କିଛି ବର୍ଷ ଜୀବନ ଧାରଣ କରି ସମସ୍ତ ପ୍ରାଣୀ ଏଇଠି ହିଁ ମୃତ୍ୟୁବରଣ କରୁଛନ୍ତି । ଏହା ଏକ ପ୍ରାକୃତିକ ସତ୍ୟ । ମଣିଷ କାହିଁକି ଏକ ଦ୍ୱନ୍ଦ୍ୱରେ ଘାଣ୍ଟି ହେଉଛି ଯେ ମୃତ୍ୟୁ ପରେ ବି ସ୍ୱର୍ଗୀୟ ସୁଖପ୍ରାପ୍ତ ହେବ? ପୂଣ୍ୟ ଅର୍ଜନ ପାଇଁ ଗତ ୨୦୧୩ ମସିହାରେ କେଦାରନାଥ ଯାଇଥିବା ହଜାର ହଜାର ଅନ୍ଧ ଭକ୍ତ ପ୍ରାଣ ହରାଇଲେ । ଏତେବଡ ପ୍ରାକୃତିକ ବିପର୍ଯ୍ୟୟରୁ ବି ଜନତା କିଛି ଶିଖି ପାରିଲେ ନାହିଁ । କିଛି ବର୍ଷ ତଳେ ବି ହଜାର ହଜାର ତୀର୍ଥଯାତ୍ରୀ ସେହି ଦୁର୍ଗମ ରାସ୍ତାରେ କେଦାରନାଥ ଯାତ୍ରାରେ ଯାଇ ଭୀଷଣ ବର୍ଷା ଯୋଗୁଁ ରାସ୍ତାରେ ଫସି ରହିଥିବା ଖବର ଟିଭିରେ ପ୍ରସାରିତ ହୋଇଥିଲା । ସେମାନଙ୍କୁ ଉଦ୍ଧାର କରିବା ଦାୟିତ୍ୱ ସରକାରଙ୍କର । କେଦାରନାଥଙ୍କ ଦାୟିତ୍ୱ କାହିଁକି ନୁହେଁ? ଏହି ପ୍ରଶ୍ନ ଯିଏ ପଚାରିବ ସେ ହେଉଛି ନାସ୍ତିକ ।

ଆମର ପୂର୍ବପୁରୁଷମାନେ ନିଜର ସୀମିତ ଜ୍ଞାନ ଯୋଗୁଁ ଯାହା ଉଚିତ ବୋଲି ଭାବୁଥିଲେ, ତାହା କରୁଥିଲେ । ସେମାନଙ୍କ ଉଦ୍ଦେଶ୍ୟ ବି ଥିଲା ମଣିଷ ସୁଖ ଓ ଶାନ୍ତିରେ ଜୀବନଯାପନ କରୁ । ରୋଗବ୍ୟାଧୀରୁ ମୁକ୍ତ ରହୁ । ସାମାଜିକ ଶୃଙ୍ଖଳା ବଜାୟ ରହୁ । ମଣିଷ ଭିତରେ ମାନବୀୟ ଗୁଣ, ସ୍ନେହ, ପ୍ରେମ, ଦୟା, କ୍ଷମା ଓ ତ୍ୟାଗ ବିକଶିତ ହେଉ । ସେମାନଙ୍କ ଉଦ୍ଦେଶ୍ୟ ମହତ ଥିଲେ ବି ପ୍ରକୃତିର ରହସ୍ୟକୁ ଠିକ୍ ଭାବେ ବୁଝିପାରି ନଥିବାରୁ ପ୍ରତ୍ୟେକ କଠିନ ସମୟରେ ହାତଯୋଡି ଶୂନ୍ୟ ଆଡେ ଚାହିଁ ସାହାଯ୍ୟ ପାଇଁ ଆଶା ବାନ୍ଧି ରଖୁଥିଲେ । ଈଶ୍ୱରଙ୍କୁ ପୂଜା ଓ ପ୍ରାର୍ଥନା ଦ୍ୱାରା ସନ୍ତୁଷ୍ଟ କରି ପାରିଲେ ସମସ୍ୟାର ସହଜ ସମାଧାନ ହୋଇପାରିବ ବୋଲି ଦୃଢ ବିଶ୍ୱାସ କରୁଥିଲେ ।

ଆମେ ଇତିହାସରୁ ଜାଣି ପାରିବା ଯେ ଯେଉଁ ଅଳ୍ପ ସଂଖ୍ୟକ ବୁଦ୍ଧିବାଦୀ ମୁକ୍ତ ଚିନ୍ତକ ବୈଜ୍ଞାନିକ ପ୍ରକୃତିକୁ ନୀରିକ୍ଷଣ, ଅନ୍ୱେଷଣ ଓ ଗବେଷଣା କରି ଦୁନିଆକୁ ନୂଆ ତଥ୍ୟ ଦେଇଛନ୍ତି, ସେହିମାନଙ୍କର ଅକ୍ଲାନ୍ତ ପରିଶ୍ରମର ଫଳ ହେଉଛି ଆଜିର ବିକଶିତ ବିଜ୍ଞାନ । ମଣିଷର ଜୀବନର ଅଧିକାଂଶ ସମସ୍ୟାର ସମାଧାନ ହୋଇପାରିଛି । ସେମାନେ ନୀରିଶ୍ୱରବାଦୀ ବୈଜ୍ଞାନିକ ଚିନ୍ତନର ସମର୍ଥକ ଏବଂ ସର୍ବୋପରି ମାନବାଦୀ ମହାପୁରୁଷ । ସେମାନେ ବିଶ୍ୱାସ କରିନାହାନ୍ତି ଯେ ଆଦିମ କାଳରୁ ଚାଲି ଆସିଥିବା କିମ୍ବା ଧର୍ମଶାସ୍ତ୍ରରେ ଲେଖା ଯାଇଥିବା ତଥ୍ୟ ହିଁ ଅନ୍ତିମ ସତ୍ୟ । ସେମାନେ ବିଶ୍ୱାସ କରିନାହାନ୍ତି ଯେ ଭାଗ୍ୟରେ

ଯାହା ଲେଖାଥିବ ତାହା ହିଁ ହେବ । ସେମାନେ ନିଜର ଜିଜ୍ଞାସା ଓ କଠିନ ଅଧ୍ୟବସାୟ ବଳରେ ଚମତ୍କାର ଭାବେ ଲୁଚିଥିବା ଅନେକ ରହସ୍ୟର ପ୍ରାକୃତିକ ସତ୍ୟ ଖୋଜି ପାଇଛନ୍ତି । କୌଣସି ବୈଜ୍ଞାନିକ ଦ୍ୱାରା ଉଦ୍ଭାବନ କରାଯାଇଥିବା ତଥ୍ୟ ଦୁନିଆର ପ୍ରତ୍ୟେକ ବିଦ୍ୱାନ ସମର୍ଥନ ନକଲା ପର୍ଯ୍ୟନ୍ତ ଗବେଷଣା ଲାଗି ରହିଥାଏ । ଅର୍ଥାତ ବୈଜ୍ଞାନିକ ଅନୁସନ୍ଧାନରେ କେବେ ବି ପୂର୍ଣ୍ଣଚ୍ଛେଦ ନଥାଏ ।

ଏଇଠି ପ୍ରଶ୍ନ ଉଠୁଛି ଦୁନିଆରେ ବହୁ ସଂଖ୍ୟକ ଆସ୍ତିକବାଦୀ ଯେଉଁ ସମୟରେ ବାସ କରୁଥିଲେ ସେତେବେଳେ ଆଜିର ଭଳି ସୁଖ ସୁବିଧା କାହିଁକି ନଥିଲା**?** ପରବର୍ତ୍ତୀ କାଳରେ ଅଳ୍ପ ସଂଖ୍ୟକ ବୈଜ୍ଞାନିକ ଓ ବିଦ୍ୱାନଙ୍କ ଦ୍ୱାରା ବିକାଶ ଲାଭ କରିଥିବା ବିଜ୍ଞାନ ଯୋଗୁଁ ଯଦି ଏତିକି ପ୍ରଗତି ହୋଇପାରିଛି, ତେବେ ଚିନ୍ତା କରି ଦେଖନ୍ତୁ ବହୁ ସଂଖ୍ୟାରେ ଲୋକମାନେ ଯଦି ପ୍ରାକୃତିକ ମାର୍ଗରେ ଚାଲିବାକୁ ପସନ୍ଦ କରିବେ, ତେବେ ଏହି ଦୁନିଆର ସ୍ୱରୂପ କଣ ହେବ**?**

କେ.ଆର. ପୁରମ, ବାଙ୍ଗାଲୋର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କେମିତି ବଞ୍ଚିବୁ



ମହେଶ୍ୱର ସାହୁ

ବଞ୍ଚିବାକୁ ଚାହା, ଦିଅ ସରକାର,
ଦେଢ଼ ଶ' ହେଲା ପିଆଜ ।
ଡାଲି ତେଲ ଲୁଣ, ହୋଇଲା ମହଙ୍ଗା,
ବଞ୍ଚିବୁ କ ପିଇ ପେଜ ।।
ବନ୍ୟାବାତ୍ୟା କାଳ, ହୁଏ ଆମ ପାଇଁ,
ଉଜୁଡି ଯାଏ ଫସଲ ।
ଦରଦାମ ବଢେ, ବନ୍ୟାବାତ୍ୟା ପାଇଁ,
ହେଉ ଅଛୁ କଲ ବଲ ।।
ଚାଷୀ କୁଳ ଦୁଃଖ, ବୁଝୁଅଛ ତୁମେ,
କାଳଆ ଯୋଜନା କରି ।
ଦର ଦାମ ପାଇଁ, କାତର ନ ହୋଇ,
ରୁହ ଆସନ ଆବୋରି ।।
ଯାହା ଦେଉ ଅଛ, ନିଜ ସ୍ୱାର୍ଥ ପାଇଁ,
ବୁଝୁ ନାହିଁ ଆମ କଥା ।
କୁଜି ନେତା ସାଜେ, ନାଗରିକ କଣ୍ଟା,
ଲାଞ୍ଚ ଖାଇ ଦିଏ ବ୍ୟଥା ।।
ଗରିବ ପାଏନା, ନିଜ ହକ ଦ୍ରବ୍ୟ,
ଲାଞ୍ଚ ଦେଇ ନିଏ ଧନୀ ।
କୁଜିନେତା ସାଜେ, ଶାର୍ଦ୍ଦୁଳ ମାର୍ଜାର,
କରି ଦେଇ ହୀନମାନ ।।

ଦୁର୍ବଳ ଉପରେ, ସବଳର ଚାଲେ,
ନାନା ବିଧ ଅତ୍ୟାଚାର ।
ମନ ମୁଖୀ ହୁଏ, କୁଜି ନେତା ଏଠି,
ଅଧର୍ମେ ହୁଏ ବିଚାର ।।
ଥାନା ନ୍ୟାୟାଳୟ, ହାତରେ ତାଙ୍କର,
ଦୋଷୀକୁ ମିଳେନା ଦଣ୍ଡ ।
ଅଧର୍ମର ଜୟ, ହୁଏ ନ୍ୟାୟାଳୟେ,
ସତ୍ୟ ଖୋଜେ ବଡ଼ଦାଣ୍ଡ ।।
ମତଦାନ ପାଇଁ, ହାତ ଯୋଡ଼ି ଥିଲ,
ଜନତା କରିଲେ ନେତା ।
ଜନତାର ସେବା, ତୁମରି କର୍ତ୍ତବ୍ୟ,
କର୍ତ୍ତବ୍ୟରେ ରଖ ଚେତା ।।
ଖୁସିରେ ଶ୍ରଦ୍ଧାରେ, ବଞ୍ଚିବାକୁ ଦିଅ,
ଜନତାଙ୍କୁ ଦୁନିଆରେ ।
ସମ୍ମାନ ପାଇବ, ମହାନ ହୋଇବ,
ସଦା ଥିବ ଆସନରେ ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ହୁଅ ନାହିଁ ତୁମେ ପୁସ୍ତକ କୀଟ

ଦିନବଂଧୁ ବେଜ

ଜୀବନଟା ଏକ ଖୋଲା ପୁସ୍ତକ
ଝୁଣ୍ଟି ଝୁଣ୍ଟି ପଢୁ ସଂସାର ପାଠ ।
ନାନା ଦୁର୍ଘଟଣା ବତାଏ ବାଟ
ଲୋଡା ପଡ଼ିଥାଏ ନଶୁଆ ପାଠ ।
ଆମେ ଭାବୁ ସବୁ ବହିରେ ଅଛି
ଢ଼କ ଢ଼କ କରି ପିଇ ଯାଉଛି ।
ପାଠକୁ ପିଲାଏଁ ବାଟିକ ଘୋଷି
ଜଳବତ ତରଳ ପିଇ ଦିଅନ୍ତି ।
ପ୍ରଶ୍ନ ନପଚ୍ଛରୁଣୁ ଉତ୍ତର କହେ
ସଂସାର ପାଠରେ ପଛେଇଯାଏ ।
ଭୀରୁପରି କଳ ଦାଣ୍ଡ କବାଟ
ପାଳନ କରେ ସେ ମୌନବ୍ରତ ।
ପୁସ୍ତକ ପଠନେ ଜ୍ଞାତ ଅଜ୍ଞାତ
ଘୋଷାବିଦ୍ୟା ପୋଥିଟି ସତ୍ୟ ।
ଅଡେଇ ଦିନକୁ ରଖେନ ଟାଣ
ଅପମାନ ମିଳଇ ସାଥି ଗହଣ ।
ଅଧ୍ୟବସାୟରେ ରଖେ ଯେ ମତି
କପାଳେ ନଷ୍ଟେ ପ୍ରକଟେ ଜ୍ୟୋତି ।
ବହିକୁ ଯିଏ ନତି କରେ ସ୍ୱାଧ୍ୟାୟ
ଅଜ୍ଞାନ ଆନ୍ଧାରକୁ ନଥାଏ ଭୟ ।

ସଂସାର ଯାକ ସବୁ ପୁସ୍ତକ ପଢ଼ି
ସୂରଜ ପରି ନରକୁ ନଅ ନଗାଡି ।
ବହିକୁ ପଢ଼ କରି ମସ୍ତିଷ୍କ ଯୁକ୍ତ
ନହୁଅ ବାବୁ କେବେ ପୁସ୍ତକ କୀଟ ।
ପୁସ୍ତକ ଶିଖାଉ ସୁଜ୍ଞାନ ଯେତେ
ଏତିକ ଜଗା ପାଖେ ମାଗୁଣି ସତେ ।

ବାସୁଦେବପୁର, ଭଦ୍ରକ

# ମମତା



ସୌମ୍ୟ ରଞ୍ଜନ ପାଲ

ମଥା ଆଉଁସିଲେ  ନିଦ ଆସିଯାଏ
ପଣତର ଛାୟା ତଳେ,
କାନ୍ଦ ଶୁଭିଗଲେ  ହାତ ପୋଛିଦିଏ
ସୁଖର ସନ୍ଧାନ ମିଳେ ।
ଅଝଟିଆ ହେଲେ  କଥା ନ ମାନିଲେ
ବାଡ଼ି ସାଥେ ଅଛି ଗାଳି,
ଭୋକ ନଲାଗୁଣୁ  ସମୟ ଆଗରୁ
ଆଗେ ବଢ଼ିଆସେ ଥାଳି ।
ଘରୁ ବାହାରିଲେ  ହାତ ଯୋଡ଼ିଯାଏ
ଅମରଙ୍କୁ ଡାକ ପଡ଼େ,
ମାନସିକ ରହେ  ବ୍ୟାଧି ନିବାରିଲେ
କଣ୍ଟକରେ ପାଦ ଗଡ଼େ ।
ସ୍ପୃହା ଧରିଦେଲେ  ଜଗତ ପଶ୍ଚାତ
ଆଗ ସନ୍ତାନ କତିରେ,
କପାଳେ ଚୁମ୍ବନ  ସ୍ନେହ ଆଲିଙ୍ଗନ
ଆବୋରି ଧରେ ଛାତିରେ ।
ଜୁଟେନା ସାହସ  ହୁଏନା ପ୍ରକାଶ
କହିବି କିପରି ମୁହେଁ,
ତାହାରି କୋଳରେ  ପରାଣ ଛାଡ଼ିବି
ଏତିକି ଜୀବନେ ଚାହେଁ ।

ବଡ଼ଶୋଳ, ମୟୂରଭଞ୍ଜ

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

## ବୈଜୁବାଓ୍ୱର ଓ ମୁଁ

ସବୁଦିନ ଭଳ ରାତି ସାଢ଼େ ଦଶଟାରେ ଆମେ ଆସନ୍ତା କାଲିର ଜର୍ଣ୍ଣାଲ କ୍ଲବ ପାଇଁ ଗ୍ରୁପ ଡିସ୍କସନ କରୁଥିଲୁ । ଡାଃ ଅଗରଓ୍ୱାଲ ପଶିବାରୁ ଆମେ ସମସ୍ତେ ଉଠି ଛିଡ଼ାହେଲୁ ।

ଡ଼ିସ୍କସନ୍ ଶେଷ ହୋଇନ**?** ନାଁ ସାର୍**,** ଏକ୍ସପେରିମେଣ୍ଟାଲ୍ ଅପ୍‌ଥାଲ୍‌ମୋଲୋଜୀ ଜର୍ଣ୍ଣାଲ। ଟିକଏ ଭଲ କରି କରିବାକୁ ପଡ଼ୁଛି । କହିଲେ ଡା: ରାମକୃଷ୍ଣ ।

ଠିକ୍ କରି ପ୍ରିପେୟାର କରି ନାହାନ୍ତିତ ବ୍ରେକ୍ ଦେୟାର ହେଡ଼ ଏଗେନଷ୍ଟ ଦ ଓ୍ୱାଲ୍**,** ପୁଣି ମୋ' ଆଡ଼କୁ ଚାହିଁ କହିଲେ ୯ ମାର୍ଚ୍ଚରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜନ୍ମଦିନ**,** ଦଶରେ ସେ ଆମ ମୁଖ୍ୟ ବାର୍ଷିକ ଦିବସ ପାଇଁ ଅତିଥି ଭାବେ ଆସିବେ । ତେଣୁ ଆଠ ତାରିଖ ସନ୍ଧ୍ୟାରେ ମତେ ଡାକଛନ୍ତି । ତୁ ତାଙ୍କ ଘରକୁ ଓ ପ୍ରେମୀ ମଧ ମୋ' ସଂଗେ ଯିବୁ । ତୁ କେଉଁ ହରି ଓମ୍ ଭଜନ ଗାଇବୁ ବୋଲି ଆଦେଶ ଦେଇଛନ୍ତି ।

**ମୁଁ...???** ମୋ' ପାଟି ଖନ ମାରିଗଲା । କହୁଥିଲେ କେବେ ୟୁଥ୍ ଫେଷ୍ଟିଭାଲ୍‌ରେ ଗାଇଥିଲୁ। ୟୁଥ୍ ଫେଷ୍ଟିଭାଲ୍ ପାଇଁ ଆଗଭର । ଆଉ ଆମ ସେଣ୍ଟର ଫଙ୍କସନ ପାସଙ୍ଗ ପଡୁନ ।

ମୋ' ଶୋଚନୀୟ ଅବସ୍ଥା ଦେଖି ଡାଃ ରାମକୃଷ୍ଣ କହିଲେ । ନାଁ ସାର୍ ଗତ ବର୍ଷ ଷ୍ଟ୍ରାଇକ୍ ଯୋଗୁ ସେଣ୍ଟର୍‌ସ ଡ଼େ ସେଲେବ୍ରେସନ ହୋଇ ନଥିଲା । ଏଥର ନିଶ୍ଚିତ ଭାବରେ କିଛି କିଛି କରୁଛି । ଡାଃ ଦାଦା କାହାକୁ ଛାଡ଼ିବେ**!** ଆଚ୍ଛା**...** ତୁ ମଧ କିଛି କରୁଛୁ**!**

ନା ସାର୍ ଟାଲେଣ୍ଟେଡ୍ ମାନଙ୍କୁ ।

ଓଃ... ତୁମେ ମାନେ ପାଠରେ ଟାଲେଣ୍ଟେଡ୍ । ମୋ' ଆଡ଼କୁ ଚାହିଁ କହିଲେ – ଶୁଣିଲୁ, ଏମାନେ ହେଲେ ପାଠରେ ଟାଲେଣ୍ଟେଡ୍ ଏଇମାନେ ହିଁ ଆଗକୁ ବଢ଼ିବେ, ଏ ଗାନା, ବଜାନା ଆଗକୁ ନେବନ ।

## ଶ୍ରଦ୍ଧା ଓ ଭକ୍ତିର ସମନ୍ୱୟ

୧୯୭୪ ମସିହା, ମୋ'ର ଦ୍ୱିତୀୟ ସେମିଷ୍ଟାର୍ । ଷ୍ଟ୍ରାଇକ୍ ଯୋଗୁ ଆମେ ଚାରିମାସ ନଷ୍ଟ କରିଥିଲୁ । "ନୋ ୱାର୍କ ନୋ ପେ" । ଭେଲୋରରେ ଥିବା ସମୟରେ ମତେ ମାସକୁ ୧୫୫ ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା । ଭଲରେ ଚଳାଇ ଦେଉଥିଲି ସିନା ସଞ୍ଚୟ କରି ପାରୁ ନଥିଲି। ଏ.ଆଇ.ଆଇ.ଏମ୍.ଏସ୍ ରେ ୩୦୦ ଟଙ୍କା ଷ୍ଟାଇପେଣ୍ଡ ହୋଇଥିଲେ ମଧ୍ୟ ଦିଲ୍ଲୀର ମହଙ୍ଗାଇ ଭେଲୋର ତୁଳନାରେ ବହୁତ ବେଶୀ । ତେଣୁ ମେସ୍ ବିଲ୍ ମଧ୍ୟ ପୂରା କରିବା କଷ୍ଟସାଧ୍ୟ ହୋଇ ପଡୁଥିଲା । ଷ୍ଟ୍ରାଇକ୍ ଚାରିମାସ କେମିତି କଟିଲା ଆଲୋଚନା ନ କରିବା ଶ୍ରେୟସ୍କର ।

ମଇ ୩୧ ତାରିଖ । ପ୍ରଫେସର ପ୍ରେମ ପ୍ରକାଶ ସେଦିନ ସଂଧ୍ୟାରେ ରାଉଣ୍ଡ ନେଉଥିଲେ । ପନ୍ଦର ତାରିଖରୁ ଖରା ଛୁଟି, ତେଣୁ ପଟର ଜଣେ ମହିଳା ରୋଗୀ ଜଣକୁ ତାଙ୍କ ଅନୁପସ୍ଥିତିରେ ଅନ୍ୟ କାହାଦ୍ୱାରା ସର୍ଜରୀ କରାଇବା ପାଇଁ ରାଜି କରାଉଥିଲେ । ରୋଗୀଟି ଅଣଛୁକା ଥିଲା । ପ୍ରଫେସର ପ୍ରକାଶଙ୍କୁ କାକୁତି ମିନତି କରି ତାଙ୍କ ହାତ ଧରିବାର ପ୍ରୟାସ କରିବା ସମୟରେ ଭୁଲ୍‌ରେ ମୋ' ହାତ ଧରି ପକାଇଲା । କହିବା ବାହୁଲ୍ୟ ରୋଗୀଟିର ଦୁଇ ଆଖି ଦୃଷ୍ଟିଶକ୍ତିହୀନ ।

"ତୁମକୁ ତ ଭେଉତୁ ଜର ଅଛି ଡାକ୍ତରାଣୀ ମା" । ସମସ୍ତେ ବୁଲି ମୋ' ଆଡ଼କୁ ଚାହିଁଲେ । ତହିଁ ଆରଦିନ ପ୍ରଫେସର ଅଗରୱାଲ୍‌ଙ୍କ ସାହାଯ୍ୟରେ ମତେ ପ୍ରାଇଭେଟ୍ ୱାର୍ଡ଼ରେ ଦାଖଲ କରାଯାଇଥିଲା । ପ୍ରାୟ ଦୁଇମାସ ମୁଁ ୱାର୍ଡ଼ରେ ଥିଲି । କ୍ଲାସ୍ ଯାଇ ନ ପାରୁଥିଲେ ମଧ୍ୟ ପାଠ ପଢ଼ାରେ ବିଶେଷ କଛି ବ୍ୟାଘାତ ଘଟି ନ ଥିଲା । ପ୍ରଫେସର ଅଗରୱାଲ୍‌ଙ୍କର ଆଦେଶ ଅବମାନନା କରିବାକୁ କଏ ବା ସାହସ କରିବ! ତେଣୁ ମୋ'ର ସହପାଠୀ ମାନେ ପ୍ରତିଦିନ ସନ୍ଧ୍ୟାରେ ଆସି ପଢ଼ା ବିଷୟରେ ମୋ' ସଂଗେ ଆଲୋଚନା କରୁଥିଲେ । ପ୍ରଫେସର ଅଗରୱାଲ୍ ତାଙ୍କ ସମସ୍ତ ଛାତ୍ରଛାତ୍ରୀମାନଙ୍କର ଅସୁବିଧାରେ ସାହାଯ୍ୟ କରନ୍ତି ଜଣାଥିଲେ ମଧ୍ୟ ଶ୍ରଦ୍ଧା ଓ ଭକ୍ତିରେ ମୋ'ର ଶିର ନନ୍ଦ ହୋଇଯାଇଥିଲା ।

ଅଗଷ୍ଟ ପନ୍ଦର ତାରିଖ । ମେସ୍ ବନ୍ଦ । ହଷ୍ଟେଲ୍ ପୁରା ପୁରି ଖାଲି । ଝିଅମାନେ ନଜ ନଜ ଘର କମ୍ବା ଲୋକାଲ୍ ଗାର୍ଡ଼ିଆନ୍ ମାନଙ୍କ ଘରକୁ ଚାଲିଯାଇଥିଲେ । ଏକା ଏକା

ଲାଇବ୍ରେରୀରେ ବସି "ବେକର ଯାଣ୍ଡ ସେଫର" (ଗ୍ଲୁକୋମା ବହି) ପଢୁଥିଲି । ହଠାତ୍ ସାମ୍ନାରେ ଯାହାକୁ ଦେଖିଲି ନିଜକୁ ନିଜେ ବିଶ୍ୱାସ କରି ପାରୁ ନ ଥିଲି ।

"ଶୁଣିଲି ତୁମ ଦେହ ଖୁବ୍ ବେଶୀ ଖରାପ ଥିଲା! ଏବେ ପୁରା ପୁରି ଭଲ ତ!" ପାଖ ଚେୟାର ଉପରେ ବସୁ ବସୁ ପ୍ରଶ୍ନ କଲେ ସି.ଏମ୍.ସି ଭେଲୋରର ମୁଖ୍ୟ ପ୍ରଫେସର ବି.ଏମ୍ ପୁଲିମୁଡ୍ ।

ପୁରାପୁରି ସୁସ୍ଥ ସାର୍ । ମାତ୍ର ଆପଣ...   ମୁଁ! ମୋ'ର ତ କିଛି ହୋଇ ନ ଥିଲା!

ନାଁ ସାର୍, ଆପଣ ହଠାତ ଏଠାରେ, କିଛି କାମ ପାଇଁ ଆସିଥିଲେ?

"ପିଲାର ଦେହ ଖରାପ" ଯା ଅପେକ୍ଷା ଅନ୍ୟ କେଉଁ କାମ ବେଶୀ ଜରୁରୀ ହୋଇପାରେ? କଥା ପଦକରେ କ'ଣ ଥିଲା କେଜାଣି ଶ୍ରଦ୍ଧା ଓ ଭକ୍ତିରେ ଦୁଇ ଆଖିରୁ ଗଡ଼ି, ଗଲିଲା ଗଙ୍ଗା ଯମୁନା ।

"ମୁଁ ଭାବୁଥିଲି ମୋ' ଛାତ୍ରୀର ଲାୟନ୍‌ସ ହାର୍ଟ, ମାତ୍ର ସେ ତ ନିହାତି ଗୋଟାଏ ଡରପୋକ।" କହି ଡାଃ ପୁଲିମୁଡ୍ ଚେୟାର ଟା ଆଉ ଟିକିଏ ପାଖକୁ ଟାଣି ଆଣିଲେ ବସିଲେ । ନିଜ ଅଜାଣତରେ ବର୍ଷେ ଧରି ଜମାଟ ବାନ୍ଧିଥିବା ମନସ୍ତାପ ତାଙ୍କ ଆଗରେ ଅଜାଡ଼ି ଦେଲି ।

ଦେଖ ଶୈଳବାଳା ପାଇଁ ତୁ ଥିଲୁ ଗାଉଁଲୀ ଝିଅ, ଆଉ ଏମ୍‌ସ ପାଇଁ ଏକ ଛୋଟ  ଦେଶର। ଉତ୍ତର ଭାରତୀୟ ମାନଙ୍କ ସଦୃଶ ମୁହଁ ଖୋର ହେବା ସମୟ ସାପେକ୍ଷ, ମାତ୍ର ଜ୍ଞାନ ସାମ୍ନାରେ ସମସ୍ତେ ଶିର ନୁଆଁଇବେ । କର୍ତ୍ତବ୍ୟରେ ତ୍ରୁଟି କରନା । ଦମ୍ଭ ଧରି ପରିଶ୍ରମ କର । ଦେଖିବ କେବଳ ଭାରତ କାହିଁକି ଦିନେ ନା ଦିନେ ବିଶ୍ୱରେ ନାଁ କରିବ । ଅନ୍ୟ କଥାକୁ ଭୟକରି ଯୁଦ୍ଧ ଭୂମି ପରିତ୍ୟାଗ କରିବାକୁ କା ପୁରୁଷତା କୁହା ଯାଇଥାଏ । ପରକୁ ମାନ କରି ଖପରାରେ ଖାଇବା ଭଳି କଥା । ଯାହା ତୁ ଯେ ଜୀବନରେ ଥରେ କରି ସାରିଛ। ମାନୁଛି ତୁ ଯେ କୋମଳମତି, ଭିତ୍ତିହୀନ ମନ୍ତବ୍ୟ ତୁମକୁ କଷ୍ଟ ଦିଏ । ତେଣୁ ସବୁକୁ ଏ କାନରେ ପଶାଇ ଅନ୍ୟ କାନରେ ବାହାର କରିଦେବ ।

ଆପଣଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିବି ସାର୍, ଏମିତିକି କାନରେ ପଶିବାକୁ ବି ଦେବିନି । ମୋ' ଆସିବା ସାର୍ଥକ ହେଲା । ଏବେ ମୁଁ ଆସୁଛି ।

ଡ଼ାଃ ପୁଲିମୁଡ୍‌ଙ୍କ ଯିବା ରାସ୍ତାକୁ ଅପଲକ ନେତ୍ରରେ ଚାହିଁ ରହିଥିଲି । ଦୁଃଖ କରିଥିଲି, ଅଗଷ୍ଟ ୧୫ ପାଇଁ ଦିଲ୍ଲୀରେ କ୍ୟାଫିଟେରିଆରୁ ଆରମ୍ଭ କରି ସବୁ ଦୋକାନ ବଜାର ବନ୍ଦ ।

ସାର୍‌ଙ୍କୁ ଗୃହା କପ୍‌ଟାଏ ବି ଦେଇ ପାରିଲିନ ।

## ପ୍ରଗତି ସନ୍ଧାନେ - ଅସୀମ ତୃପ୍ତି

ଆମ ବ୍ୟାଚ୍ ପାଇଁ ପି.ଜି. କୋର୍ସ ଗ୍ଭରିବର୍ଷ ଉଦ୍ଦିଷ୍ଟ ଥିଲା । ଆମ ପର ବ୍ୟାଚ୍ ଠାରୁ ତିନବର୍ଷ। ତେଣୁ ଦୁଇ ବ୍ୟାଚର ପି.ଜି., ଅର୍ଥାତ୍ ବାର ଜଣ ଏକାଠି ପରୀକ୍ଷା ଦେଇଥିଲୁ । ତେଣୁ ପ୍ରତିଯୋଗୀତାର ମାତ୍ରା ବହୁତ ବେଶୀ ଥିଲା । ସାଧାରଣତଃ ପ୍ରଥମ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପି.ଜି. ମାନଙ୍କୁ ସିନୟର ରେସିଡ଼େନ୍‌ସୀ ପାଇଁ ଗ୍ରହଣ କରାଯାଇଥାଏ । ତେଣୁ ସହପାଠୀ ତଥା ଅନ୍ୟମାନେ ମୋ' ବିଷୟରେ ଖୁବ୍ ଆଶାଶୀଳ ହୋଇଥିଲେ । ମାତ୍ର ମୁଁ ନୁହେଁ । ପୋଷ୍ଟ ଗ୍ରାଜୁଏସନ ଶେଷ ହୋଇଥିଲା । ସିନଅର ରେସିଡ଼େନ୍‌ସୀ ସିଟ୍ ପାଇଁ ପୁଣି ରୀତିମତ ଦଉଡ଼ ଧାପଡ଼ କରିବାକୁ ପଡ଼ିବନ ତ । ଅନ୍ୟ ମାନଙ୍କ ଠାରୁ ସାନ୍ତ୍ୱନା ପାଉଥିଲି ।

ପୋଷ୍ଟ ଗ୍ରାଜୁଏଟ୍ ପରୀକ୍ଷାର ପୋଜିସନ୍ (କ୍ରମ) ଅନୁସାରେ ଖାଲି ସ୍ଥାନ ପୂର୍ଣ୍ଣ କରାଯାଇଥାଏ। ବାରଜଣଙ୍କ ଭିତରେ ତ ତୋର ସ୍ଥାନ ଦ୍ୱିତୀୟ । ଅଯଥାରେ ଚିନ୍ତା କରୁଛୁ! ଏସବୁ ଶୁଣି ମୋ'ର ଚିନ୍ତା କୟତାଂଶରେ ଦୂର ହୋଇଥାଏ କ ନାହିଁ କହିପାରିବିନ, ମାତ୍ର ଗୋଟିଏ ଦେଶୀ ପ୍ରବାଦ ବାରମ୍ବାର ମନକୁ ଆସୁଥିଲା "ଯାହା ପୁଅକୁ ସାପ କାମୁଡ଼େ, ତା' ମା' କୂଆ ଦଉଡ଼ି ଦେଖିଲେ ଡରେ," ବିଗତ ଦିନର ଯେଉଁ ସବୁ ଘଟଣା ଗୁଡ଼ିକ ଘଟି ଯାଇଥିଲା ତାହା କ'ଣ ଚିନ୍ତା କରିବା ପାଇଁ ଯଥେଷ୍ଟ ନୁହେଁ!

ଇଣ୍ଟରଭିଉ ଦିନ ଆସିଥିଲା । ଛଅଜଣ ପ୍ରଫେସରଙ୍କ ସମେତ ସେଣ୍ଟର୍‌ର ମୁଖ୍ୟ ଡା. ଅଗରୱାଲ୍ ଇଣ୍ଟରଭିଉ ନେଉଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରାର୍ଥୀର ସିଲେକସନ୍ ହୋଇଗଲା । ଦ୍ୱିତୀୟ ସ୍ଥାନଟି ଯେ ନିଶ୍ଚୟ ମୋ' ପାଖକୁ ଆସିବ ଚିନ୍ତା କରି ସାମାନ୍ୟ ଉଲ୍ଲାସିତା ହୋଇ ଉଠିଲି । "ତତେ କେତେମାସ ଅପେକ୍ଷା କରିବାକୁ ହେବ । ସାହାବଙ୍କ ପ୍ରାର୍ଥୀ ଅଛି, ମାତ୍ର ମାସ କେଇଟା ପରେ ସେ ବାହାରକୁ ଗ୍ଭଲିଯିବ, ତା'ପରେ ତୁ।"

– କିଏ ଏଇ ସାହାବ, ମାତ୍ର ମାସ କେଇଟାର ଅର୍ଥ ଠିକ୍ ଭାବେ ବୁଝି ନ ପାରି କରୁଣ ଦୃଷ୍ଟିରେ ପ୍ରଫେସର ମାନଙ୍କୁ ଗ୍ଭହିଁଲି । ମୁଖ୍ୟଙ୍କ ସାମ୍ନାରେ ମୁହଁ ନ ଖୋଲି ସମସ୍ତେ ଚୁପ୍ ହୋଇ ବସିଥାନ୍ତି । ନିରୁପାୟ ହୋଇ ମୁହଁ ଶୁଖାଇ ବାହାରକୁ ଆସିଲି । ମାସ ପରେ ମାସ ମନସ୍ତାପରେ ଗଡ଼ିଗ୍ଭଲିଥିଲା । ହେଲେ ସେଣ୍ଟର୍‌ର ମୁଖ୍ୟ ବାସ୍ତବିକ ତାଙ୍କ କଥାରେ ପକ୍କା।

୧୯୭୭ ମସିହା ଜାନୁଆରୀ ଛଅ ତାରିଖ ସକାଳ ଆଠଟାରେ ମୁଖ୍ୟଙ୍କ ଅଫିସ୍‌ରୁ ଡାକରା ଆସିଲା ।

"ଏବେ ଖୁସି ତ! ଯା, କର୍ନିଆ ଇଉନଟ୍‌ରେ ପ୍ରଫେସର ମଦନ ମୋହନଙ୍କ ଅଣ୍ଡରରେ ଜଏନ୍ କର ।"    ହେଲେ ପୁଣି ସେଥିପାଇଁ ଟଣା ଓଟରା ।

କର୍ଣ୍ଣିଆ ଇଉନଟ୍‌ରେ ରହିବା ପାଇଁ ଅନୁରୋଧ କରି ମଧ ବିଫଳତା ଲାଭ କରିଥିଲି । ମୋ'ର ଅନ୍ୟ ଏକ ସହପାଠୀ ପବ୍ଲିକ୍ ରିଲେସନ୍‌ରେ ଧୁରନ୍ଧର । ଆଇ ଡ୍ରୋନେସନ୍ କାମରେ ଖୁବ୍ ବେଶୀ ସାହାଯ୍ୟ କରିପାରିବ ବୋଲି ତାକୁ ନଆଯାଇଥିଲା । ଭାଗ୍ୟକୁ ଆଦରି ଚୁପ୍ ରହିଲି । ମୋ'ର ପୋଷ୍ଟି ପ୍ରଫେସର ଦୟାଲଙ୍କ ୟୁନଟ୍‌ରେ ହେଲା । ପ୍ରଥମ କେତେଦିନ ଟିକଏ ଗେରେ ଗେରେ ହେଉଥିଲି । ମାତ୍ର ମନକୁ ଆସିଲା ଯାହା ପ୍ରାପ୍ତ ହୁଏ ସେତିକରେ ସନ୍ତୁଷ୍ଟ ରହିବା ହିଁ ବୁଦ୍ଧିମତାର ପରିଚୟ । ନଜକୁ ଖୁବ୍ ଭଲ ଭାବେ କାମ ସହିତ ମିଶାଇ ନେଲି ।

୧୯୭୭ ମସିହା ଡିସେମ୍ବର ୨୭ ତାରିଖ । ପ୍ରଫେସର ସୁଦ୍ (ଗ୍ଲୁକୋମା ଏକ୍ସପର୍ଟ) ଶୀତ ଛୁଟୀରେ ଥିଲେ । କ୍ଲିନକ୍‌ର ନୂଆରୋଗୀ ମାନଙ୍କୁ ଡାଃ ହରିଶ୍‌ଙ୍କୁ ଦେଖାଇବାକୁ ଷ୍ଟୁଡେଣ୍ଟ୍ ମାନଙ୍କୁ କହି ନଜେ ଫଲୋ ଅପ୍ କ୍ଲିନକ୍ ଗଲି । ଅସମ୍ଭବ ଧରଣର ଭିଡ଼ । ମୁଖ୍ୟତଃ ଅଫିସ୍‌ରେ ଅନୁରୋଧ କରି ବାହାର ଗେଟ୍ ପାଖେ ରୋଗୀମାନଙ୍କୁ ନୟନ୍ତ୍ରଣ କରିବା ପାଇଁ ଜଣେ ଗାର୍ଡ଼ର ବ୍ୟବସ୍ଥା କରିଥିଲି । ବାହାରୁ ପାଟିଗୋଳ ଶୁଣାଗଲା । ଦୁଆର ପାଖକୁ ଯାଇ ଦେଖିଲି ତିନଜଣ ରୋଗୀ ଏକାଠି ପଶିବାକୁ ଚାହୁଁଛନ୍ତି, ମାତ୍ର ଗାର୍ଡ଼ କେବଳ ଜଣକୁ ପଶିବାପାଇଁ ସ୍ୱୀକୃତି ପ୍ରଦାନ କରୁଛି । ତିନଜଣଙ୍କର ଉଚ୍ଚତା ଖୁବ୍ କମ । ବୟସ ୧୫ରୁ ୨୫ ଭିତରେ । ଏମାନେ କେଉଁ ପ୍ରକାର ଗ୍ଲୁକୋମାର ଶୀକାର! ନଶ୍ଚିତ ଭାବେ ଜୁଭେନାଇଲ୍ ଗ୍ଲୁକୋମା । ଭିତରକୁ ଆସିବାକୁ ଅନୁମତି ଦେଲି । ପୁରୁଣା କାଗଜପତ୍ର ଦେଖି ସେମିତି କଛି ସନ୍ତୋଷ ଜନକ ଉତ୍ତର ନ ପାଇ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ଚାଲିଲି । ଜାଣିଲି ସେମାନେ ଭାଇ ଭଉଣୀ । ବୁଲନ୍ଦସହରରୁ ଆସିଛନ୍ତି । ଝିଅଟି ସବୁଠୁ ସାନ । ତାର ନାମ ମୀନା, ବଡ଼ଭାଇ ଚନ୍ଦୁ ମଝିଆଁ ରଙ୍ଗା । ରଙ୍ଗା ନାଁଟା ଶୁଣି ଚମକ ପଡ଼ିଲି । ଚାରି ବର୍ଷ ତଳେ ବୁଦ୍ଧ ଜୟନ୍ତୀ ପାର୍କର ରଙ୍ଗା ବିଲା ନୁହନ୍ତି ତ । ବିଚାର ଭାଇ ଭଉଣୀ ଦି'ଟା । ସଞ୍ଜୟ ଏବଂ ଗୀତା ଚୋପ୍ରା, ନରହନ୍ତା ରଙ୍ଗା ବିଲା । ପୁଣି ନଜକୁ ସହଜ କଲି । ରୋଗୀମାନଙ୍କ ବିଷୟରେ ଏସବୁ ମନକୁ ଆଣିବା ସମିଚୀନ ନୁହେଁ, ଗୋଟିଏ ନାମରେ ଅନ୍ୟ ବହୁ କେହି ହୋଇ ପାରନ୍ତି । ମତେ ଚନ୍ତିତା ଦେଖି ଚନ୍ଦୁ କହିଲା "ଆମକୁ ବଡ଼ ଡାକ୍ତରବାବୁଙ୍କ ପାଖକୁ

ନେଇଗଲ । ଏତେ ମାସ ହେଲା ମୀନାକୁ ନେଇ ଆସୁଛି । ଏବେ ଭାଇର ମଧ ସେଇ ଅସୁବିଧା ଜଣା ପଡ଼ିଲାଣି । ଭାଇ ମୁଁ ତ ପିଲାଦିନରୁ ଅନ୍ଧ । ଦେଖୁନ କେମିତି ଅବାଗିଆ ଚଷମା ପିନ୍ଧିଛୁ । ଚନ୍ଦୁ, ରଙ୍ଗା ଦୁହିଙ୍କ ଆଡ଼କୁ ଗ୍ଚହିଁଲି ।

ସତରେ ଦୁହିଙ୍କର ଚଷମା ଅନ୍ୟ ଚଷମାଠାରୁ ନଆରା । ଚଷମା ଭିତରୁ ଆଖି ଗୁଡ଼ିକ ଖୁବ୍ ଛୋଟ ଛୋଟ ଦେଖା ଯାଉଥିଲା । ହାଇ ମାୟୋପ୍ ନଷ୍ଟୟ । ମୀନା ଚଷମା ପିନ୍ଧି ନ ଥିଲା, ମାତ୍ର କଛି ପଢ଼ିବାକୁ କହିଲେ ବହିଟିକୁ ପୂରା ଆଖି ପାଖକୁ ନେଇ ଯାଉଥିଲା ।

ଏଠା ଡାକ୍ତର ବାବୁ ମାନେ ଏଥିପାଇଁ କଛି ଔଷଧି ନାହିଁ କହି କଛି ଲେଖି ନ ଥିଲେ । ବାହାରେ ନେଇ ଦେଖେଇଲି, କଳା ମୋତିଆ(ଗ୍ଲୁକୋମା) କହି କ'ଣ ଗୋଟେ ଓଷଧି ଆଖିରେ ଦି'ଥର ପକେଇବାକୁ କହିଲେ । ସେଇଟା ଗୋଟେ ଅଦ୍ଭୁଆ ଓଷଧି ଥିଲା ଡାକ୍ତର୍ଣୀ । ପକେଇଲା ପରେ ଆଖି ମୁଣ୍ଡ ବିନ୍ଧି ଅସମ୍ଭାଳ ।

ଚନ୍ଦୁ କଥା କାଟି ରଙ୍ଗା କହିଲା ମୋ' ଆଖିରେ ଅଳପ ଅଳପ ଝାଇଁ ମାରିଲା ଭଳ ହୋଉଥିଲା। ଥରୁଟାଏ ପକେଇଚ ମୁଣ୍ଡ ବିନ୍ଧି ବାନ୍ତି ହେଇଗଲା । ଦୁହେଁ କୌଣସି ଡାକ୍ତରଙ୍କ ଉପରେ ଆରୋପ ଲଗାଉଛନ୍ତି ବୋଲି ମୁଁ ଟିକଏ ବିରକ୍ତ ହୋଇଗଲି । "ମନେ ରଖ, କେହି ବି ଡାକ୍ତର ଭୂଲ୍ ଔଷଧ ଦିଅନ୍ତିନ । ତୁମର ବୁଝିବାରେ ଭୂଲ୍ ଥିବ । ତା'ଛଡ଼ା ଜଣକ ଆଖିର ଔଷଧ ଅନ୍ୟ ଜଣେ ପକାଇବା ନଷେଧ ।" ଏତିକ କହି ପାଖରେ ଛିଡ଼ା ହୋଇ ବା ଜଣେ ଜୁନଅର ରେସିଡ଼େଣ୍ଟକୁ ତିନଜଣଙ୍କ ଆଖିରେ ହୋମାଟ୍ରୋପିନ୍ ଡ୍ରପ୍ ପକାଇବାକୁ କହିଲି ।

**ଗ୍ଲୁକୋମା କେସ୍ନ ଡାଇଲେଟ୍ କରିବି?**

"ଦେଖ ବିଜେନ୍ଦ୍ର, ଏମାନଙ୍କର ବୟସ ଏତେ କମ୍ ଯେ ନାରୋ ଆଙ୍ଗଲ୍ ଗ୍ଲୁକୋମା ହୋଇପାରେନା । ନଶ୍ଚିତ ଭାବେ ରେଟିନାରେ ଅସୁବିଧା ଅଛି । ସମସ୍ତେ ହାଇ ମାୟୋପ୍ । ଡିଜେନେରେସନ୍ ଥାଇପାରେ "କହି ଅନ୍ୟ ରୋଗୀମାନଙ୍କୁ ପରୀକ୍ଷା କରିବା ଆରମ୍ଭ କଲି । ପ୍ରାୟ ଅଧଘଣ୍ଟାଏ ପରେ ରଙ୍ଗା ଦଉଡ଼ି ଦଉଡ଼ି ଆସି କହିଲା "କ'ଣ ଓଷଧ ପକେଇଲ ଡାକ୍ତର୍ଣୀ । ଆମ ତିନଙ୍କୁ ଖୁବ୍ ଭଲ ଲାଗୁଛି । ଟିକଏ ଭଲ ଦେଖା ଯାଉଚ ବି ମୋଟା ମଧ, ସମସ୍ତ ପରୀକ୍ଷା କରି ମତ ଦେଇଥିଲି "ୱେଲ୍ ମାର୍ଚସିନ ସିଣ୍ଡ୍ରୋମ" । ସେ ସମୟରେ ମାରଫାନ୍ ସିଣ୍ଡ୍ରୋମ୍ ବିଷୟରେ ସମସ୍ତେ ଅବଗତ ଥିଲେ । ମାତ୍ର ମାରଚସିନ ନୁହେଁ ।

କେସ୍ ପ୍ରେଜେଣ୍ଟେସନ ସମୟରେ କେତେଜଣ ତାସ୍ଛଲ୍ୟ ମନ୍ତବ୍ୟ ଦେଇଥିଲେ, ମାତ୍ର ପ୍ରଫେସର ସୁଦ୍ ଖୁବ୍ ଖୁସି ହୋଇ ଏହାକୁ ଯଥାଶୀଘ୍ର ରିପୋର୍ଟ କରିବା ପାଇଁ ଆଦେଶ ଦେଇଥିଲେ । ପେପର୍‌ଟି ଜର୍ଣ୍ଣାଲରେ ପ୍ରକାଶ ପାଇବା ପରେ ମତେ ଅଶେଷ ତୃପ୍ତି ଲାଭ ହୋଇଥିଲା । ଏହାଦ୍ୱାରା ମୁଁ କେବଳ ରୋଗୀ ଏବଂ ଉପରିସ୍ଥ ମାନଙ୍କ ଗହଣରେ ଆଦୃତା ହୋଇ ନ ଥିଲି, ପେପର୍ ଲେଖିବାର ଉତ୍ସାହ ବହୁଗୁଣେ ବୃଦ୍ଧି ପାଇଥିଲା ।

କେବଳ ମୀନା ନୁହେଁ, ଯେଉଁ କେତେଜଣ ରୋଗୀଙ୍କର ଉପଯୁକ୍ତ ଉପଚାର ମୋ'ର ପ୍ରାରମ୍ଭ ପର୍ଯ୍ୟାୟରେ ମତେ ବହୁଲୋକ ଲୋଚନକୁ ଆଣି ଦେଇଥିଲା ସେମାନେ ହେଲେ ଦଶ, ବାର ବର୍ଷର ଦୁଇ ଭଉଣୀ ଗୁଲସନ୍, ପ୍ରୀତମ, ଦଶ ବର୍ଷୀୟ ସୀମରନ୍ ସାତବର୍ଷୀୟ ରାଜୁ, ସତାବନ ବୟସ୍କ ଗୁରୁସରନ୍ ସିଂ, ପଇଁତିରିଶ ବର୍ଷୀୟା ମୁନ୍ନୀ ଦେବୀ ଏବଂ ବାଇଶ ବର୍ଷୀୟ ସାଉଥ ଆମେରିକାବାସୀ ଯୁବକ ଦଶାନନ । ଏଇମାନେ ନିଜ ନିଜର ଆଖି ସମସ୍ୟା ନେଇ ବର୍ଷ ବର୍ଷ ଧରି ଔଷଧ ବ୍ୟବହାର କରୁଥିଲେ ମଧ୍ୟ ଉପଶମ ଲାଭ କରୁ ନ ଥିଲେ । କାରଣ ଏଇମାନଙ୍କର ଉପଚାର ଥିଲା ଏକମାତ୍ର ଶଲ୍ୟ ଚକିତ୍ସା । ଗୁଲ୍‌ସନ୍, ପ୍ରୀତମ୍ ଦୁଇଭଉଣୀ, ଦୁହିଙ୍କର ସମାନ ସମସ୍ୟା । ଆଖିରୁ ପାଣି ବହିବା, ଆଲୁଅକୁ ଚାହିଁ ନ ପାରିବା, ଆଖିରେ ଦରଜ ଇତ୍ୟାଦି ଇତ୍ୟାଦି ପ୍ରାୟ ଜନ୍ମରୁ କହିଲେ ଅତ୍ୟୁକ୍ତି ହେବନି । ପରୀକ୍ଷା କରିବା ପରେ ଦେଖାଗଲା ଦୁଇ ଆଖିର କର୍ଣ୍ଣିଆ ମଧ୍ୟ ଧଳା । ମଜା କରିବା ଭଙ୍ଗୀରେ ପ୍ରଫେସର ଦୟାଲ ତିନି ସିନିଅର ରେସିଡେଣ୍ଟଙ୍କୁ ରୋଗର ନାମ ପଚାରିଲେ । ସୁପ୍ରିୟୋ ଘୋଷ ଉତ୍ତର ଦେଲେ କନଜେନାଇଟାଲ୍ ଗ୍ଲୁକୋମା ଏବଂ ଡାଃ ସୁବୋଷ ବେଥାରିଆ ଯୋଡ଼ିଲେ ନାସୋଲାକ୍ରିମାଲ୍ ଡକ୍ଟ ଅବଷ୍ଟ୍ରକସନ ଥାଇପାରେ । ସମସ୍ତେ ମୋ' ମୁହଁକୁ ଚାହିଁଲେ । ଟିକିଏ ଅଶ୍ୱସ୍ତି ପ୍ରକାଶ କରି କହିଲି କର୍ଣ୍ଣିଆଲ ଡିଷ୍ଟ୍ରୋଫି ମଧ୍ୟ ହୋଇପାରେ । "ଯାର ରାପିସେଣ୍ଟର୍‌ରେ ଜନ୍ମ ହୋଇଛି କର୍ଣ୍ଣିଆରେ, ବଢ଼ିବ ମଧ୍ୟ କର୍ଣ୍ଣିଆରେ" କହି ଟିକିଏ ହସିଲେ ପ୍ରଫେସର୍ ଦୟାଲ ।

ତୋ'ର ପ୍ରବ୍ଲେମ୍ ହେଉଛି ତୁ ପ୍ରଚଳିତ ପ୍ରଥାକୁ ପ୍ରାଧାନ୍ୟ ଦେଇ ନଥାଉ । ଡାଃ ବେଥାରିଆ କହିଲେ । ସିନିଅର ମାନଙ୍କ ସହ ବୃଥାରେ ଯୁକ୍ତି ନକରି ନିଜ କାମରେ ଲାଗିଲି। ଦଶବର୍ଷର ଝିଅ ସୀମରନ୍ ବହୁଦିନ ଧରି ଆଇରାଇଡୋସାଇକ୍ଲାଇଟିସ୍‌ର ଔଷଧ ଆଖିରେ ବ୍ୟବହାର କରୁଥିଲା । ତା' ମା' କହୁଥିଲା ଏଇ କେତେଦିନ ହେଲା ଆଖିର ଦରଜ ଅସମ୍ଭାଳ ହେଉଛି । ମୁଜାଫାର ନଗରର ଡାକ୍ତରମାନେ ହାତ ଉପରକୁ କରିଦେଲେ । ମୋ'ର ଗୋଟିଏ ବୋଲି ଝିଅ । ଇଆଡୁ ସିଆଡୁ ଖବର ନେଇ ଏଇ ଡାକ୍ତରଖାନାକୁ ଆସିଛି।

ସେଦିନ ଡାକ୍ତର ସୁଦ୍‌ଙ୍କର ରାଉଣ୍ଡ ପାଇଁ ଆସିବାରେ ବିଳମ୍ବ ଥିଲା । ତେଣୁ ପିଲାମାନଙ୍କର ବେଡ୍‌ସାଇଡ୍ କ୍ଲାସ୍ ନେଉଥିଲି । କହିଲି ଏଇ ରୋଗଟି ବହୁ ବିରଳ । ଏହାକୁ ଏସେନ୍‌ସିଆଲ ଆଇରିସ୍ ଆଟ୍ରୋଫି କୁହାଯାଏ । ଏହା ସାଧାରଣତଃ ପିଲାମାନଙ୍କୁ ଆକ୍ରାନ୍ତ କରିଥାଏ । ପ୍ରଥମେ ପ୍ରଥମେ ଆଖି ପରୀକ୍ଷା କଲେ କେବଳ ଆଇରିସ୍‌ରେ କେତେଟା ଛିଦ୍ର ଦେଖିବାକୁ ମିଳଥାଏ, ମାତ୍ର ଦଶ ଏହାର ବର୍ଷ ହେଲା ବେଳକୁ ଆଖିର ପ୍ରେସର ବଢ଼ିଥାଏ । ଏଇ ପ୍ରେସର ନାଁ ଡ୍ରପ୍‌ରେ ହ୍ରାସ୍ ପାଇଥାଏ ନାଁ ଅପରେସନ ଦ୍ୱାରା ସୀମରନ୍ ଏଇ ରୋଗର ଶୀକାର । ୟା'ଭିତରେ ପ୍ରଫେସର ସୁଦ୍ କେତେବେଳେ ଆସି ମୋ' ପଛରେ ଛିଡ଼ା ହୋଇଥିଲେ, ଯାହା ମୋ'ର ଗୋଚରରେ ନ ଥିଲା । ଖୁବ୍ ଖୁସି ହୋଇ ସୀମରନ୍ ଯଥୋଚତ୍ ଚକସ୍ନା ସଂଗେ ସଂଗେ "କେଶ୍ ରିପୋର୍ଟ" ଛାପିବାକୁ ମଧ ଆଦେଶ ଦେଇଥିଲେ। ଆଉ ଦିନକର କଥା, ଟ୍ୟୁମର କ୍ଲିନକ୍‌ରେ ସାଧାରଣତଃ ବେଶୀ ରୋଗୀ ନ ଥାନ୍ତି ବୋଲି ସିନଆର ମାନେ ଜୁନଆର ଅର୍ଥାତ୍ ସିନଅର ରେସିଡ଼େଣ୍ଟ ମାନଙ୍କୁ ବସିବାକୁ କହିଥାନ୍ତି । ସେଦିନ ମୋ'ର ପାଳ ଥିଲା, ମାତ୍ର ଗୋଟିଏ ରୋଗୀ ସତାବନ ବୟସ୍କ ଗୁରୁସରନ ସିଂ । ଡାହାଣ ଆଖିଟା ପୁରାପୁରି ବାହାରକୁ ଝୁଲି ପଡିଥିଲା । ପରୀକ୍ଷା କରି ଅଲଟ୍ରାସାଉଣ୍ଡ ସିଟି ସ୍କାନ୍ ଅର୍ଡ଼ର କଲି । ତା'ଛଡ଼ା ଅପରେସନ୍ ଜେନେରାଲ ଆନାସ୍ଥେସିଆରେ ହେବ, ତେଣୁ ଏକ୍ସରେ ଟେଷ୍ଟ ଏବଂ ଇସିଜି ମଧ କରାଇବା ଆବଶ୍ୟକ । ଅପରେସନ୍ ନାମ ଶୁଣି ଶ୍ରୀ ସିଂ କୁଣ୍ଠିତ ହୋଇ କହିଲେ, ବାର ବର୍ଷ ତଳେ ମୋ'ର ପ୍ରଥମ ଅପରେସନ୍ ହୋଇଥିଲା । ପ୍ରାୟ

ଦଶ ବର୍ଷ ଠିକ୍ ରହିଲା । ମାତ୍ର ଏଇ ଦୁଇବର୍ଷ ଭିତରେ ବହୁବାର ସର୍ଜରୀ ହୋଇ ସାରିଲାଣି। ଅପରେସନ୍ ପରେ ସବୁ ଠିକ୍ ରହେ ମାତ୍ର କେତେଦିନ ପରେ ଯୋଉ କଥାକୁ ସେଇ କଥା । ସାରା ଦୁନଆରେ ଜଣେ ମୋ' ରୋଗକୁ ଠିକ୍‌ରେ ଧରି ପାରିବେ ବୋଲି ଖବର ନେଇ ଆସିଛି । ସେ ହେଉଛନ୍ତି ପ୍ରଫେସର ଦୟାଲ ମତେ ତୁମେ ତାଙ୍କ ପାଖକୁ ନେଇଯାଅ।

ମୁଁ ତାଙ୍କ ଅଧିନରେ କାମ କରେ । ଆଜି ତୁମକୁ ୱାର୍ଡ଼ରେ ଭର୍ତ୍ତୀ କରି ଦେଉଛି । ସକାଳ ରାଉଣ୍ଡରେ ପ୍ରଫେସର ଦୟାଲ୍ ଦେଖିବେ ।

ଆଜି ଥରେ ଦେଖା କରେଇଦିଅ । ମୁଁ ଦୁଇଦିନ ପରେ ଭର୍ତ୍ତୀ ହେବି । ମୋ' ଝିଅ କାନାଡ଼ାରୁ ଆସିଛି । ଶନବାର ରାତିରେ ଫେରିଯିବ । ତା'ର ଜିଦି ସେ ଥିବା ସମୟରେ ପ୍ରଫେସର ମତାମତ ମିଳବା ଦରକାର ।

ସାର୍ ବାହାରକୁ ଯାଇଛନ୍ତି । ଦୁଇଦିନ ପରେ ଫେରିବେ । ୟା'ଭିତରେ ତୁମର ସବୁ ପରୀକ୍ଷା ହୋଇଗଲେ ସୋମବାର ଦିନ ସେ ଅପରେସନ କରିବେ । ମୋ' କଥାରେ ଶ୍ରୀ ସିଂ ଏକମତ ହୋଇଗଲେ । ଶନବାର ଗ୍ରାଉଣ୍ଡରେ କେଶ୍‌ଟି ହେମାଞ୍ଜିଓ ପେରିସାଇଟୋମା ବୋଲି ପ୍ରଫେସର୍‌ଙ୍କ ସାମ୍ନାରେ ପ୍ରେଜେଣ୍ଟ କଲି । ଏଇ ବିରଳ ରୋଗଟିର ଅସଲ ଚେରଟିକୁ ଧରି ପାରିଛ ବୋଲି ସାର୍ ବହୁତ ଖୁସି ହୋଇ କହିଲେ । ଦୃଢ଼ତାର ସହ ମୁଁ କହିବି ଯେ ଏହା ତୁମର ଏକାଗ୍ରତାର ଫଳାଫଳ ।

ସମୟକ୍ରମେ ଗୁରୁସରନ୍ ସିଂଙ୍କର ଅପରେସନ ହୋଇଗଲା । ପରେ ପରେ ଅନ୍ୟ ଜଣଙ୍କର, ମୁନ୍ନୀ ଦେବୀ, ମଧ୍ୟ ସେଇ ରୋଗ ବୋଲି ଜଣା ପଡ଼ିଥିଲା । ମାତ୍ର ମୁନ୍ନୀ ଦେବୀ ଅପରେସନ ପାଇଁ ଅସମ୍ମତ ହୋଇ ହସ୍‌ପିଟାଲ୍ ଆସିବା ବନ୍ଦ କରି ଦେଇଥିଲା । ଦୀର୍ଘ ପନ୍ଦରବର୍ଷ ପରେ ପୁଣି ଥରେ ଶ୍ରୀ ସିଂଙ୍କ ଅବସ୍ଥା ନେଇ ଆସିଥିଲା, ମାତ୍ର ଖୁବ୍ ବିଳମ୍ବ ହୋଇଯାଇଥିଲା। ଶରୀରରେ ବିଷ ଚରି ଯାଇଥିଲା, ସେକେଣ୍ଡାରିଜ, ବ୍ରେଷ୍ଟ କାର୍‌ସିନୋମା । ପ୍ରଫେସର ଦୟାଲ୍ ଏବଂ ପ୍ରଫେସର ସୁଦ୍‌ଙ୍କ ଆଦେଶ କ୍ରମେ ଏଇ ବିରଳ ରୋଗଟିକୁ ନେଇ ବିଶେଷଜ୍ଞ ମାନଙ୍କ ଦୃଷ୍ଟି ଗୋଚରକୁ ଆଣିବା ପାଇଁ କେଶ୍ ରିପୋର୍ଟ ଆକାରରେ ଇଣ୍ଡିଆନ୍ ଜର୍ଣ୍ଣାଲ୍ ଅପ୍‌ଥାଲମୋଲୋଜିରେ ଛାପିବା ପାଇଁ ପଠାଇଥିଲି । ମାତ୍ର "କିଛି ନୂଆ ନାହିଁ" ବୋଲି ଅମନୋନୀତ ହୋଇଥିଲା । କାହାକୁ କିଛି ନ କହି ଚୁପ୍‌ଚାପ୍ ବ୍ରିଟିଶ୍ ଜର୍ଣ୍ଣାଲ ଅପ୍‌ଥାଲମୋଲୋଜିକୁ ପଠାଇ ଦେଇଥିଲି । ମାତ୍ର ଚାରିମାସ ଭିତରେ ପ୍ରକାଶ ପାଇଥିଲା । ଏଡ଼େ ଜୁନଅରର ଲେଖା ଇଣ୍ଟରନ୍ୟାସ୍‌ନାଲ ଜର୍ଣ୍ଣାଲ୍‌ରେ ଛପିବା ସଂପୂର୍ଣ୍ଣ ଏମ୍‌ସ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

ସାତ ବର୍ଷର ସ୍କୁଲ୍ ଛାତ୍ର ରାଜୁ । ଦେଖିବାକୁ ଖୁବ୍ ସୁନ୍ଦର । ମା ତା'ର ଗୋଟିଏ ପ୍ରାଇମେରୀ ସ୍କୁଲ୍‌ର ଶିକ୍ଷୟିତ୍ରୀ । ବାରଂବାର କହି ଚାଲିଥାନ୍ତି, "ଏତେ ଡାକ୍ତରଙ୍କୁ ଦେଖାଇଲିଣି । କେହି ମୋ' କଥା ଶୁଣୁ ନାହାନ୍ତି । ସମସ୍ତଙ୍କର ଏକମତ, ସବୁ ଠିକ୍ ଅଛି । ମୁଁ ମାନସିକ ରୋଗୀ, ପିଲା ମୋଠାରୁ ସ୍କୁଲ୍ ସମୟରେ ଅଲଗା ରହୁଛି ବୋଲି ଏସବୁ ମୋ ମନର ପ୍ରତିକ୍ରିୟା । ମତେ ଚାକରୀ ଛାଡ଼ିଦେବା ପାଇଁ ଉପଦେଶ ମଧ୍ୟ ଦେଇଛନ୍ତି । ମା' ମାନେ ମା' ଭାଷା ବୁଝିବେ ବୋଲି ଡାକ୍ତରାଣୀ ମାନଙ୍କୁ ମଧ୍ୟ ଦେଖାଇଛି । ହେଲେ ସେଇ ଗୋଟିଏ କଥା । ତା' ପାଖରେ ସମୟ ଅତିବାହିତ କରି ପାରୁନ ବୋଲି ତୁମକୁ ସେମିତି ଅନୁଭବ ହେଉଛି । କ'ଣ ଗୋଟାଏ ଚାକରୀ ଯେ! ଛାଡ଼ିଦିଅ ।"

ରାଜୁ ମା'ଙ୍କର କଥାଶୁଣି ମତେ ଟିକଏ ଝଟ୍‌କା ଲାଗିଲା । ସମାଜ ଉପରେ ବିରକ୍ତି ମଧ୍ୟ ଆସିଗଲା । ଆମ ସମାଜ କେବେ ଆଗକୁ ଆଗେଇବ! ନାରୀର କର୍ତ୍ତବ୍ୟ କ'ଣ କେବଳ କୂପ ମଣ୍ଡୁକ ହୋଇ ରହିବା!! ପଘାରେ ବନ୍ଧା ହୋଇ ରହିଥିବା ଗାଈଟିଏ । ଗୁଣ୍ଡଳ ଦେଲେ ଖାଇବ, ପେଜ, ତୋରାଣୀ ଦେଇ ପିଇବ ନ ହେଲେ ନାହିଁ ।

"ଡ଼ାକ୍ତର ଦୟାଲ୍‌ଙ୍କ ବିଷୟରେ ମୁଁ ବହୁ ତଥ୍ୟ ସଂଗ୍ରହ କରିଛି । ଆଲିଗଡ଼ର କୋଣେ କୋଣେ ଛାପା ମାରିଛି । ସମସ୍ତଙ୍କର ମତ ଡାଃ ଦୟାଲ୍ ହିଁ ମୋ' ରାଜୁର ଉପଯୁକ୍ତ ଚକସା କରି ପାରିବେ ।" ରାଜୁ ମା'ଙ୍କର କଥାରେ ମୁଁ ଚନ୍ତା ରାଜ୍ୟରୁ ଫେରି ଆସିଲି । ମେସିନ୍ ପାଖରେ ବସାଇ ପରୀକ୍ଷା କଲି । ଡାହାଣ ଆଖିର କଳା ଧଳା ଅଂଶ ପାଖରେ ଗୋଟିଏ ଛୋଟ କଳା ରଙ୍ଗର ଦାନା । ଭଲ ଭାବେ ପରୀକ୍ଷା କରି ପୂର୍ବର କାଗଜପତ୍ର ମାଗିଲି, "ଆଇରିସ୍ ପ୍ରୋଲାପ୍‌ସ" ।

ରାଜୁ ଆଖିରେ କେବେ କଛି ବାଜିଛି କ?

ନାଁ, ସେଇ ଦାନା ବିଷୟରେ କହି ତ ମତେ ଏତେ କଥା ଶୁଣିବାକୁ ପଡୁଛି । ଏଏମ୍‌ୟୁରେ ଦୁଇଥର ଅପରେସନ କରିବା ପରେ ଦାନାଟା ଛୋଟ ହୋଇଯାଇଛି । ଏଇଟା ତ ଜମା ଆଇରିସ୍ ପ୍ରୋଲାପ୍‌ସ ନୁହେଁ । ମେଲୁଲୋଏପିଥେଲିଓମା ନୁହେଁ ତ!!! ପ୍ରଫେସର ଦୟାଲ୍ ଅଫିସ୍ ଛାଡ଼ିଦେବେ ବୋଲି ଧଇସଇଁ ହୋଇଯାଇ ରାଜୁ ସହ ତାଙ୍କ ଅଫିସ୍‌ରେ ପହଞ୍ଚିଲି । ପ୍ରଫେସର ଦୟାଲ୍ ରାଜୁର ମୁହଁଟାକୁ ହାତରେ ଦୁଇ ତିନଥର ଏପଟ ସେପଟ କରି ତାଙ୍କର ଖୁବ୍ ପ୍ରିୟ ବାକ୍ୟଟିର ପୁନରାବୃତ୍ତି କଲେ, "ଲଗ୍‌ତା ହୈ ଡିକ୍‌ଟିଓମା ତୁମ୍‌ନେ କ୍ୟା ବନାୟା?" ସେଇଆ ସାର୍ କହି କୃତକୃତ୍ୟ ହୋଇ ଫେରିଲି ।

ରାଜୁର ଅପରେସନ ହୋଇଗଲା । ସାଧାରଣତଃ ଆଖି ବାହାର କରିବା ପରେ ମାତା, ପିତା, ପରିବାର ଭାଙ୍ଗି ପଡ଼ିଥାଆନ୍ତି । ମାତ୍ର ରାଜୁର ମା' ଖୁବ୍ ଖୁସି ହୋଇ କହିଲେ, "ମୋ' ରାଜୁର ଜୀବନ ରହିଗଲା ତ । ଆପଣ ତ କହିଛନ୍ତି ଆର ଆଖି ଉପରେ କଛି କୁପ୍ରଭାବ ଆସିବନ। ଗୋଟିଏ ଆଖି ତ ଭଲ ରହିବ । ଡାକ୍ତର ଦୟାଲ୍ କହୁଥିଲେ ଆପଣ ମୋ' ରାଜୁକୁ ଦ୍ୱିତୀୟ ଜନ୍ମ ଦେଇଛନ୍ତି । ମୁଁ ଆପଣଙ୍କ ନକଟରେ ଚର କୃତଜ୍ଞ ।"

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ବିଜେ ନନ୍ଦିଘୋଷ ରଥେ



ପ୍ରାଧାପିକା ଜ୍ୟୋସ୍ନା ରାୟ

ନନ୍ଦିଘୋଷ ରଥେ ବିଜେ ଜଗନ୍ନାଥ
ପ୍ରଫୁଲ୍ଲିତ ରଥ ପଥ
ଦରଶନ ବିନା ଭକତ ଅଧୀର
ନୟନୁ ଝରେ ଲୋତକ ।
ଲୀଳାମୟ ତୁମ ଲୀଳା ଅପୂରୁବ
କଏ ବା ବୁଝିବ ନାଟ
କାହା ପାଇଁ ଥାଟ କାହାପାଇଁ ବାଟ
କା ପାଇଁ ରଖିଛ ଛାଟ ।
ଏ ସାରାସଂସାର ତୁମରି ଭିଆଣ
କରୋନା ବଳ ସଙ୍କଟ
ଜୀବନ ମରଣ ମିଶାଣ ଫେଡ଼ାଣ
ବସାଇ ଦେଇଛ ହାଟ।
କର୍ମ ଅନୁସରି ଦିଅ ଫଳ ଭରି
ଅକର୍ମୀରେ କରି ହଟ
ତୁମେ ହିଁ ଜାଣିଛ କାଲି କସ ହେବ
କଏ ସେ ହୁଡ଼ିବ ବାଟ।
ବରଷକେ ଥରେ ଗୁଣ୍ଡିଚାଯାତରେ
ଲାଗେ ମେଳା ମଉଛବ
କ ସୁନ୍ଦର ତବ ସେ ବାମନରୂପ
ବିଚିତ୍ର ସେ ଅନୁଭବ ।
ତୁମେ ହର୍ତ୍ତା କର୍ତ୍ତା ଦଇବ ବିଧାତା
ମାୟାରେ କର ମୋହିତ
ଦର୍ଶନ ମାତ୍ରକେ ତବ କୃପାଦାନେ
ଦେଖାଅ ମୁକତି ପଥ ।
ଭକତ ବିହୁନେ ଏସନ ରଥରେ
ଦିଶ ତୁମେ ଶିରୀହୀନ

ଭକତବତ୍ସଳ ଆହେ ଭଗବାନ
ଛଳଛଳ ଆଖି ତୁମ।
ନାକାବନ୍ଦୀ ଗୃହେ ଟି.ଭି.ପରଦାରେ
ତୁମ ରୂପ ଛବି ଦେଖି
ସହି ପାରେନାହିଁ ରହି ପାରେନାହିଁ
ଉଡ଼ିଯାଏ ମନପକ୍ଷୀ।
ଗୃହିଁ ଦେଲେ ବାରେ ଯେ ନୟନବେନ
ପ୍ରାଣ ହୁଏ ଆହ୍ଲାଦିତ
କାଳଆବଦନ ଚକାଡୋଳା ତୁମ
ଭକତିରେ ଆମୋଦିତ ।
ଦେଖିନାହିଁ ତବ ଗଜାନନ ବେଶ
ନବଯୌବନ ରୂପ
ନ ପାରିବି ଦେଖି ନୀଳାଦ୍ରିବିଜେ ବା
ସୁନାବେଶ ପରିପାଟ।
ଆକଟି ଏ ସନ ଘୋଷ ଯାତରାରେ
ଭାବରେ କରିଲ ଭେଟ
ଭାବବିନୋଦିଆ ଭାବର ଠାକୁର
ଭକତପ୍ରାଣ ଆହଟ
ଜନମବେଦୀରୁ ରତନବେଦୀକୁ
ବାହୁଡ଼ ଭକତନାଥ
ହୀନ କପାଳ ମୋ କ କହିବି କୁହ
ନ ହୋଇଲା ଭେଟାଭେଟ
ଯାହା ଦେଇଅଛ ସୁଖ ଦୁଃଖ ପ୍ରଭୁ
କରିନାହିଁ ଅଭିମାନ
ଯୁଗେଯୁଗେ ପରା ଭାବଡୋରେ ବନ୍ଧା
ତୁମେ ପ୍ରଭୁ ଭଗବାନ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ପ୍ରବାସୀ



ଅନଙ୍ଗ ମଞ୍ଜରୀ

ଆଜି ପଥହରା ଦିଗହରା
ଅନେଇ ରହିଛନ୍ତି ସେ ଶୂନ୍ୟ ତାକୁ।
ଟାଣି ନେଇଥିଲା ଦିନେ ତାକୁ
ପେଟ ପିଠି ର ଇଜ୍ଜତ କୁ ବଞ୍ଚେଇବାକୁ
ଶୂନ୍ୟ ହାତରେ ଯାଇଥିଲା
ଫେରି ନାହିଁ ସେ ଶୂନ୍ୟ ହାତରେ
ମା, ବାପା ର ପେଟକୁ ପାଳିବାକୁ
ସ୍ତ୍ରୀ , ଛୁଆଙ୍କ ଜିମେଦାରି ମେଣ୍ଟେଇବାକୁ
କଣ ବା ଥିଲେ ତା ରାଜ୍ୟ
ରାଜ୍ୟ ହରା କରିଥିଲେ ତାକୁ
କଛି ସମୟ ର ସୁଅରେ ଭାସି ଯିବାକୁ
କାହର ଛନ୍ନ ଛାୟା ରେ ପଡିରହିଥାନ୍ତା
ଏହି ଯୋଉ ଶାସକ ଆଜି
ଶାସନ ର ଗାଦି ରେ ନଜର ସ୍ୱର କୁ ଉତ୍ତୋଳନ
କରୁଛନ୍ତି।
ବୃଥା ନୀତି ର ପୂଜାରୀ ।

ଅର୍ଥ ଅଭାବରୁ ଛାଡ଼ି ଯାଏ ଭିଟା ମାଟି
ମାଟି ରେ ମୋହ ତାକୁ ଜାବୁଡି ରଖିଥାଏ
ସମସ୍ତ ଙ୍କୁ ସେ ଭୁଲି ସ୍ୱାଗତ କରେ ତାର
କର୍ମ କୁ
କର୍ମ ହିଁ ଜୀବନ, ଆଣୀ ଦେଇ ଥାଏ
ତା ଘରର କାନ୍ଥରେ କାଦୁଅ ଲିପି
ଦାଣ୍ଡରେ ଭିଡ ଦେଖିବାକୁ।
ସମାଜରେ ଏକ ସୁଦୃଢ ପରିଚୟ।
ସାର୍ଥକ ହୁଏ ତାର ଜୀବନର ସ୍ୱପ୍ନ
ଭରି ଦିଏ ତା ଆଖିରେ ଲୁହ
ଖୁସି ରେ ଛାତି ପିଟି କହିପାରେ
ମୁଁ ଆତ୍ମନିର୍ଭର.....
ନଜର ସ୍ଥିତି କୁ ଏକ ମାନ୍ୟତା ଦିଏ
ସେହି ମାନଙ୍କ ପରିଶ୍ରମ ର ମୂଲ୍ୟ
ବୁଝିପାରେ ଆଜି ସାରା ଦେଶ
ସବୁଠି ପଡ଼ିଛି ଶୂନ୍ୟତାର ଖାଲି ସ୍ଥାନ।
ଭରିବାକୁ ଯାଇ ଆଜି ସାଜିଛନ୍ତି
ଦାଦନ ଶ୍ରମିକ......

ହାଇଦରାବାଦ

# ସ୍ୱାର୍ଥପର ମଣିଷ

ନିବେଦିତା ମହାପାତ୍ର

କଣ୍ଟା ଫୁଟିଗଲେ ପାଦରେ ସାମାନ୍ୟ
ଲାଗଇ କେତେ ଯେ କଷ୍ଟ
କେମିତି ବାଧୁନ ହୃଦୟକୁ କରି
ଅନ୍ୟର ଜୀବନ ନଷ୍ଟ॥
ନିଷ୍ପାପ ପଶୁଙ୍କୁ ବାସହରା କଲ
ବିଧ୍ୱଂସ କରି ଜଙ୍ଗଲ
ମୁହଁରୁ ଛଡାଇ ଆହାର ତାଙ୍କର
ଭୋକିଲା ତ ସଜାଇଲ॥
ସ୍ୱାର୍ଥ ପୂର୍ତ୍ତି ପାଇଁ ଅନ୍ୟର ସାଧନ
ନିଜେ ନାମ କରି ନେଇ
ରହୁଛ ପରା ଏ ପ୍ରକୃତି କୋଳରେ
ନିଜକୁ ଶ୍ରେଷ୍ଠ ବୋଲାଇ॥
ମାନବ ହୋଇ ବି ଅମାନବିକତା
ଭରିଛି ତୁମ କର୍ମରେ
ସେଥିଲାଗି ଅତ୍ୟାଚାର କରୁଅଛ
ନିରୀହ ପ୍ରାଣୀ ଉପରେ॥
ସ୍ତିରୀ ଗର୍ଭିଣୀ ଶିଶୁ ବଧ କରିବା
ଅନ୍ୟାୟର ଶେଷ ସୀମା
ହେ ଦିବ୍ୟ ମାନବ ଏତିକ ବି ଜ୍ଞାନ
ତୁମର ନାହିଁ କି ଜମା॥
ଛଳନା କରିଣ ନିରୀହ ହସ୍ତୀର
ଖାଦ୍ୟକୁ ଅଖାଦ୍ୟ କଲ
ମା' ସହ ନିଷ୍ପାପ ଗର୍ଭସ୍ଥ ଶିଶୁର
ହତ୍ୟାକାରୀ ବୋଲାଇଲ॥
କେତେ ବିକଳରେ ଆତ୍ମା ପକ୍ଷୀ ଦ୍ୱୟ
ଘଟ ଛାଡିଥିବେ ଭାବ
ମାଆର ହୃଦୟ ବ୍ୟଥା ବେଦନାକୁ
କର ଥରେ ଅନୁଭବ॥
ନିଜ ସନ୍ତାନର ରକ୍ଷା କରିବାକୁ
କେତେ ଚେଷ୍ଟା କରିଥିଲା
ତଥାପି ବିଚିତ୍ର ବିଧାନ ବିଧିର
ପ୍ରାଣ ତା'ର ହରିନେଲା॥
ନିଜ ଫସଲର ସୁରକ୍ଷା ପାଇଁକି
ଏ କାର୍ଯ୍ୟ ଠିକ୍ କି ହେଲା
କରିବା ଆଗରୁ ଶତ ବାର ଥରେ
ଚିନ୍ତା କରିବାର ଥିଲା॥
ଦେଇ ପାରିବନି ଜୀବନ କାହାକୁ
ନାହିଁ ତୁମ ଅଧିକାର
କି ପାଇଁ ନେଉଛ ଦୁର୍ଲଭ ପରାଣ
ସାଜି ତୁମେ ସ୍ୱାର୍ଥପର॥

ମୁକୁନ୍ଦ ମିଶ୍ର ନଗର,ପୁରୀ

# କାଳିଆ ଠାକୁର.....



କେଶରୀ ପ୍ରସାଦ ମହାନ୍ତି

ବଡ ଦେଉଳ ର ଠାକୁର ଆହେ ବଡ଼ ଛଳିଆ ।
ଯେତେ ଡାକଲେ ବି ଶୁଣୁନ ଆହେ ଜଗା କାଳିଆ ॥
ଭକତ ଦୁଃଖ କୁ ନାଶ ହେ ଆହେ ଭକ୍ତ ବତ୍ସଳ ।
ଭୋକିଲା ମୁଖରେ ଆହାର ଦିଅ ହେ ମହିପାଳ ॥
ପତିତ ଉଦ୍ଧାର ପାଇଁ ଟି ନାମ ବହିଚ ଯହିଁ ।
ଦୁଖୀ ରଙ୍କିଙ୍କ ର ଦୁଃଖ କି ଦେଖା ଯାଉକି ନାହିଁ ॥
ଭକତ ଭାବ ରେ ଯେବେ ଟି ପ୍ରଭୁ ହୋଇଛ ବନ୍ଧା ।
କାଇଁ ପାଇଁ ପ୍ରଭୁ ରଚୁଅ ଏତେ ଗୋଲକ ଧନ୍ଦା ॥
ଭକତ ଗୁହାରି ଶୁଣିବା ଲାଗି ପଲକ ପଡିଲା ନାହିଁ ।
ମୋ ଦୁଃଖ ପ୍ରଭୁ ତୁମ୍ଭଙ୍କୁ ଦେଖା ଯାଏ କି ନାହିଁ ॥
ସକଳ ତୀର୍ଥ ଟି ପ୍ରଭୁହେ ଯେବେ ତୁମ୍ଭ ଚରଣେ ।
ମନ ଜାଣି ଫଳ ଦିଅ ହେ ମହାପ୍ରଭୁ ଆପଣେ ॥
ଧନ ଜନ ଲୋଡା ନାହିଁ ହେ ଭାବ ବିନୋଦିଆ ଠାକୁର ।
ଏତିକି ଗୁହାରି ମୋହର କୁଶଳେ ରହୁ ସାରା ସଂସାର ॥

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# ନର୍ସ ଲୋପାମୁଦ୍ରା



ମନୋଜ କୁମାର ବେହେରା

ଲୋପାମୁଦ୍ରା! ଆରେ.. ଲୋପାମୁଦ୍ରା ତୁମେ କୁଆଡେ ଗଲ । ଟିକେ ୱାର୍ଡ ଭିତରକୁ ଯାଇ ଦେଖିକରି ଆସିଲ । ଲୋପାମୁଦ୍ରା ଗୋଟେ ସରକାରୀ ହସପିଟାଲ୍‌ରେ ନର୍ସର ଚାକରୀ କରୁଥିଲା । ସେ ସିଷ୍ଟରଙ୍କୁ ଦେଖି ନମସ୍କାର କଲା ଆଉ କହିଲା ହଁ ମୁଁ ଯାଉଛି ଦେଖିକ ଆସୁଛି । ଡଃ. ଜେନାଙ୍କର ତତ୍ତ୍ୱାବଧାନରେ ୨୪ ଜଣିଆ ଷ୍ଟାଫ୍‌ମାନଙ୍କର ଡ୍ୟୁଟି ଲିଷ୍ଟ ତିଆରି କରା ଯାଇଥିଲା । ୮ଜଣ ମେମ୍ବର ଗୋଟିଏ ସିଫ୍ଟରେ କାମ କରିବେ । ଯେମିତି କାହାକୁ କିଛି କଷ୍ଟ ନହେବ ସେମିତି ଡ୍ୟୁଟି ଭାଗ କରାଯାଇଥିଲା । ପ୍ରଥମ ସିଫ୍ଟ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ । ସକାଳର ଡ୍ୟୁଟିଟା ଭାରି କଷ୍ଟ । କାହିଁକନା ସକାଳେ ପେସେଣ୍ଟ ମାନଙ୍କର ଭିଡ ଲାଗି ରହେ । ଆଉ ରୁମ୍‌ର ସଫା ସୁତରା କାରାଯାଇଥାଏ । ରୋଗୀକୁ ଓଷଧ ଖାଇବାକୁ ଦେବା, ଡାକ୍ତରଙ୍କର ପରିଦର୍ଶନର ସମୟ, ବେଡ୍‌ରେ ଚାଦର ବଦଳେଇବା ଇତ୍ୟାଦି । କରୋନା ରୋଗ ପାଇଁ ତାଙ୍କ ହସପିଟାଲ୍‌ରେ ଗୋଟିଏ ନୂଆ ମଲଟିସ୍ପେଶାଲିଟ ର ୱାର୍ଡ ଖୋଲାଗଲା କେବଳ କରୋନା ରୋଗୀଙ୍କ ପାଇଁ ।

ଲୋପାମୁଦ୍ରାକୁ ମଧ୍ୟ ସେଇ ଓାର୍ଡ୍‌ରେ କାମ କରିବାକୁ ଡକା ଯାଇଥିଲା । ଲୋପାମୁଦ୍ରା ବହୁତ ଶାନ୍ତ ଶିଷ୍ଟ ପିଲାଟିଏ ଥିଲା । ତା' ବାପା ମଧ୍ୟ ଏହି ହସପିଟାଲ୍‌ରେ କାମ କରୁଥିଲେ । ତା' ବାପାଙ୍କର ଅକାଳ ମୃତ୍ୟୁ ହେବା ପରେ ସେ ତା' ବାପାଙ୍କ ଜାଗାରେ ଚାକରୀ ପାଇଥିଲା । କରୋନା ୱାର୍ଡରେ କାମ କରି ଲୋପାମୁଦ୍ରା ବହୁତ ପ୍ରଶଂସା ପାଇଥିଲା । ଏହି ସମୟରେ ତାଙ୍କ ହସପିଟାଲ୍‌ରୁ ୫୦ଜଣ କରୋନା ରୋଗୀ ସୁସ୍ଥ ହୋଇ ଘରକୁ ଫେରି ଯାଇଥିଲେ ଆଉ ୪ ଜଣଙ୍କର ମୃତ୍ୟୁ ହୋଇଥିଲା । କିନ୍ତୁ ସେ ୱାର୍ଡକୁ କେବଳ ଲୋପାମୁଦ୍ରା ହିଁ ଯାଉଥିଲା । ଅନ୍ୟ ଷ୍ଟାଫ୍‌ମାନେ କିଏ କହୁଥିଲା ମୋର ଛୋଟ ଛୁଆଟେ ଅଛି, ଆଉ କିଏ କହୁଥିଲା ମୋର ଏବେ ବାହାଘର ଅଛି । କିନ୍ତୁ ସେ କାହାକୁ କିଛି କହେନି ନିଜ କାମ ନିଜେ କରେ ।

ତା'ର ପରିବାର କହିଲେ ସେ, ତା ମା', ଭାଇ ଆଉ ୩ ଭଉଣୀ । କିନ୍ତୁ ସେ ସବୁବେଳେ ଦୁଃଖରେ ରହୁଥିଲା । ତା'ର ଭାଇର ମଦ ଅଭ୍ୟାସ ଥିଲା ତେଣୁ ତା ମା' କହିଲେ

ଲୋପାମୁଦ୍ରା ତୁ ଯାଇ କରି ଚାକରୀ କର ତୋ ବାପାଙ୍କ ଜାଗାରେ । କିନ୍ତୁ ଭାଇ ସବୁବେଳେ ତାକୁ ଅପମାନ କରୁଥାଏ । କିଛି ବର୍ଷ ଚାକରୀ କଲାପରେ ସେ ତା'ର ୩ ଭଉଣୀଙ୍କର ବିବାହ କରିଦେଲା ଏବଂ ତା' ଭାଇର ମଧ ବାହାଘର କରିଦେଲା । ଆଉ ସେ ରହିଗଲା ଖାଲି ତା' ମାଆ ପାଖରେ ।

କିନ୍ତୁ ତା'ର ଦୁଃଖ ଏଠି ସରିନାହିଁ । ତା' ଭାଇକୁ ସିନା ବାହା କରିଦେଲା କିନ୍ତୁ ତା' ଭାଇର ତିନୋଟି ଛୁଆ ହେଲା ସେମାନଙ୍କର ଦେଖା ଶୁଣା, ତାଙ୍କର ପାଠ ପଢା ଦାୟିତ୍ୱ ମଧ ଲୋପାମୁଦ୍ରା ଉପରେ ପଡିଲା ।

ଏମିତି ସେ କେତେବେଳେ ସକାଳ ତ କେତେବେଳେ ରାତି ଡ୍ୟୁଟି କରୁଥିଲା । ଘରକୁ ଆସିଲାବେଳେ ସେ ବହୁତ ଥକି ପଡୁଥିଲା କାହିଁକିନା ରୋଗୀଙ୍କର ସେବା, ଘରେ ଆସି ରୋଷେଇ କରିବା, ଭାଇର ଛୁଆଙ୍କୁ ପଢେଇବା, ରାତିରେ ଶୋଇଲା ବେଳେ ମା'ଙ୍କର ଗୋଡ ଘଷି ଦେବା, ଆଉ ତା'ପରେ ଭାଇର ଗାଳି ଶୁଣିବା । ଏମିତିରେ ରାତିରେ ତାକୁ ଯମା ନିଦ ଆସେନି ।

କରୋନା ସଂକ୍ରମଣ ଯୋଗୁଁ ଅନ୍ୟ ରୋଗୀଙ୍କ ଆସିବା ମଧ କମିଗଲା ହସପିଟାଲ୍‌ରେ । କିନ୍ତୁ ସେ ବିନା ଦ୍ୱିଧାରେ ନିଜ ସିଫ୍ଟକୁ ବଦଳେଇଲା ନାହିଁ । ସେ ସିଷ୍ଟରଙ୍କୁ ସବୁବେଳେ କହୁଥିଲା କ'ଣ ପାଇଁ ଆମେ ଡରିବା ଏହି ରୋଗ ପାଇଁ । ସେଦିନ ଆଉ ଦିଜଣ ନୂଆ କରୋନା ରୋଗୀ ଆସି ଆଡମିଟ୍ ହେଲେ କିନ୍ତୁ ତାଙ୍କ ପାଖକୁ ଯିବା ପାଇଁ କାହାର ସାହାସ ହେଉନଥିଲା । ସେ ସମୟରେ ସିଷ୍ଟର ନମ୍ରତା କହିଲେ, ମୋର ଗୋଟିଏ ଛୋଟ ଛୁଆ ଅଛି! ମୁଁ ସେଠିକି ଯାଇ ପାରିବିନି । ଲୋପାମୁଦ୍ରା କହିଲା ହଉ ଦିଦି ମୁଁ ଯାଉଛି, ସେ ଯାଇ ରୋଗୀର ଜ୍ୱର ମାପିଲା, ସାଲାଇନ୍ ଲଗେଇଦେଲା, ଖାଦ୍ୟ ଦେଲା, ଘୋଡେଇ ହେବା ପାଇଁ ଚାଦର ଦେଲା, ଔଷଧ ଦେଇ କରି ଆସି ବସିଲା । ଯେତେବେଳେ ଏହି ୱାର୍ଡରେ ପ୍ରଥମ କରୋନା ରୋଗୀର ମୃତ୍ୟୁ ହୋଇଥିଲା ସେତେବେଳେ କେହି ଡରରେ ଆସିଲେନି ଆଗକୁ । ଲୋପାମୁଦ୍ରା ନିଜେ ଆଗକୁ ଆସି ମୃତ ଶରୀରକୁ ବିଶେଷ କଭର ଜରିରେ ଘୋଡାଇ ତା'ର ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ସବୁ କାମ କରିଥିଲା ନିଜେ । ହସପିଟାଲ୍‌ରେ ସମସ୍ତେ କହୁଥିଲେ ଲୋପାମୁଦ୍ରା ଗୋଟିଏ ଦେବୀ ସଦୃଶ୍ୟ, କିନ୍ତୁ ରୋଗୀ ମାନେ କହୁଥିଲେ ସେ ଆମର ମା' । ତା'ର କାମରେ ସମସ୍ତେ ବହୁତ ଖୁସି ହେଉଥିଲେ । ଏ କରୋନା ସମୟରେ ବହୁତ କାମ କରିବାକୁ ପଡୁଥିଲା ଲୋପାମୁଦ୍ରାକୁ ।

ଆଜି ସକାଳେ ଲୋପାମୁଦ୍ରାର ଉଠିବାର ଟିକେ ଡେରି ହୋଇଗଲା । କିନ୍ତୁ ସେ ତୁରନ୍ତ ସବୁ କାମ ସାରି ଠିକ୍ ସମୟରେ ଯାଇ ପହଞ୍ଚିଲା ହସପିଟାଲ୍‌ରେ । ସେ ସମୟରେ ନମ୍ରତା ତାକୁ ଡାକ କରି କହିଲେ ଜାଣିଛୁ କାଲି ରାତିରେ ଜଣେ କରୋନା ରୋଗୀଙ୍କର ମୃତ୍ୟୁ ହୋଇଯାଇଛି। ଡଃ. ଜେନା କହିଛନ୍ତି ସମସ୍ତଙ୍କର ଟେଷ୍ଟ ହେବ । କେବଳ ଲୋପାମୁଦ୍ରାକୁ ଛାଡି ଅନ୍ୟ ମାନେ ଯାଇ ନିଜ ନିଜ ରୁମ୍‌ରେ ଥିଲେ । ସମସ୍ତଙ୍କର ରିପୋର୍ଟ ନେଗେଟିଭ୍ ଆସିଥିଲା । କିନ୍ତୁ ଡଃ. ଜେନା କହିଲେ ତୁମର ଆଉ ଥରେ ଟେଷ୍ଟ ହେବାକୁ ବ୍ଲଡ୍ ଯାଇଛି ଯେପର୍ଯ୍ୟନ୍ତ ରିପୋର୍ଟ ନ ଆସିଛି ତୁମେ ଘରକୁ ଯାଇ ପାରିବନି । ତୁମେ ଯାଇ ଗେଷ୍ଟ ହାଉସ୍‌ରେ ରେଷ୍ଟ ନିଅ । ଏପଟେ ପ୍ରଥମ ରିପୋର୍ଟରେ ଲୋପାମୁଦ୍ରାର କରୋନା ପଜିଟିଭ୍ ବାହାରିଛି ବୋଲି ପୁରା ହସପିଟାଲ୍‌ରେ ଚହଳ ପଡି ଯାଇଥିଲା । ସେଥିପାଇଁ ତାକୁ ୱାର୍ଡ ଭିତରକୁ ଯିବା ପାଇଁ ମନା କରାଗଲା ।

ରାତିରେ କରୋନା ୱାର୍ଡ ରେ ଜଣେ ୭୦ ବର୍ଷୀୟା ମହିଳା ରୋଗୀ ଆସି ପହଞ୍ଚିଲେ । ତାଙ୍କର କିଡନୀ ରୋଗ ମଧ୍ୟ ଥିଲା । ସେ ଆସିବାର ଏତେ ସମୟ ହେଇ ଗଲାଣି କିନ୍ତୁ କୌଣସି ନର୍ସ କିମ୍ବା ଡାକ୍ତରଙ୍କ ଆସୁ ନଥିଲେ ତାଙ୍କୁ ଦେଖା କରିବା ପାଇଁ । ସେ ଟିକେ ବଡ ପାଟିରେ ଡାକୁଥିଲେ କିନ୍ତୁ ଏ ଡାକ ଶୁଣି ଲୋପାମୁଦ୍ରା ଆସିଲା ଆଟେଣ୍ଡ କରିବାକୁ । ରୋଗୀଙ୍କର ଜ୍ୱର ମାପିଲା, ବ୍ଲଡ୍ ପ୍ରେସର ମାପିଲା, ରୋଗୀଙ୍କୁ ଖାଇବା ଦେଲା, ଆଉ ଔଷଧ ଦେଇ ଚୁପ୍ କରି ପଳେଇ ଆସି ଗେଷ୍ଟ ହାଉସକୁ ଆସି ଶୋଇ ପଡିଲା । କିନ୍ତୁ ସେ କିଛି ବାହାନା ଦେଖାଇ ୱାର୍ଡକୁ ଯାଇ ରୋଗୀଙ୍କର ସେବା କରି ଚୁପ୍ କରି ପଳେଇ ଆସେ ଯେପର୍ଯ୍ୟନ୍ତ ତା'ର ରିପୋର୍ଟ ନ ଆସିଛି । ଘରକୁ ତ ଯାଇ ପାରିବନି । ତେଣୁ ଏ ସବୁ କରୁଥିଲା । ଦିନେ ସକାଳେ ଡଃ. ଜେନା ଶୀଘ୍ର ପଳେଇ ଆସିଥିଲେ ତାଙ୍କୁ ଦେଖି କରି ଆଖି ମଳି କରି ଆସି ଛିଡା ହେଲା ତାଙ୍କ ପାଖରେ। ସାର୍ କ'ଣ ହେଲା, ଡକେଇଥିଲେ ପରା..ସାର୍ କହିଲେ ଲୋକମାନେ କ'ଣ ମିଛରେ ତତେ ଦେବୀ ବୋଲି କୁହନ୍ତି । ସାର୍ ମୁଁ କିଛି ବୁଝି ପାରିଲିନି ? ତୁମର କରୋନା ରିପୋର୍ଟ ନେଗେଟିଭ୍ ଆସିଛି । ଲୋପାମୁଦ୍ରା! ଭଗବାନଙ୍କୁ ପ୍ରଣାମ କଲା । ଆଉ ଖୁସି ମନରେ ଦୌଡି କରି ଗଲା ତା'ର ନିଜ ୱାର୍ଡ କୁ ରୋଗୀଙ୍କ ସେବା କରିବାପାଇଁ ।

୨୧୭, ୟୁନିଟ-୯ ଫ୍ଲାଟ,
ବାୟାବାବା ମଠ ଲେନ, ଭୁବନେଶ୍ୱର-୨୨

# ଅଧୁର୍ ପ୍ରେମ



ଶିବର୍‌ମ ଦଳେଇ

ପୁନେଇଁ ନ ଥିଲ୍     ଜହ୍ନ ଆସିଥିଲ୍
ମାଗିଲି ଜୋଛନା ଟିକେ।
ଜୋଛନା ନଦେଇ  ଭସେଇ ଦେଲ୍ ସେ
ଯନ୍ତ୍ରଣା ସ୍ରୋତରେ ମୋତେ ।୧।
କଏ ଭରିଦେବ    ଆଖିରେ ମୋ ହଦ
ସପନ ଦେଖିବା ପାଇଁ ।
ଅନେକ ଦିନରୁ    ଅନେକ ସପନ
ରହିଛି ଅଧୁର୍ ହେଇ ।୨।
ପାହାନ୍ତି ସପନ    ସତ ହୁଏ ବୋଲି
କହିଛନ୍ତି ଗୁରୁଜନ ।
ର୍‌ତି ସରିଗଲେ     ସ୍ୱପ୍ନ ଭ୍‌ଙ୍ଗିଯାଏ
ମନ ଝୁରେ ସେହି ସ୍ୱପ୍ନ ।୩।
କାହିଁ ଆସିଥିଲ୍     ଜୀବନେ ଫଗୁଣ
ପ୍ରେମର ରଙ୍ଗକୁ ଧରି ।
ଇନ୍ଦ୍ର ଧନୁର          ସାତ ରଙ୍ଗ ସବୁ
ଯାଇଛନ୍ତି ଅପସରି ।୪।

ଲେଖନପୁର, ସାଲେପୁର

# ଭିନ୍ନ ଏକ ସାବିତ୍ରୀ



ଧନଞ୍ଜୟ ପଣ୍ଡା

କେବେ ଫାଇଲିନ ତ କେବେ ଫନ
କେବେ ତିତିଲି ତ କେବେ ହୁଡହୁଡ
ଅନର୍ଗଳ ଶାଣଦିଆ ତୁଣ୍ଡରୁ ନଗିଡି ଆସୁଥିବା
ମହାବାତ୍ୟାମାନେ ଧ୍ୱଂସ କରିପକାନ୍ତି
ବିଗ୍ରହ୍ ସତ୍ୟବାନଟାର ପାରିଲାପଣିଆକୁ ‖
ଥକପଡ଼ିଥିବା ମନଟା ଉଲ୍ଲସିତ ହୋଇଉଠେ
କାଳେ ଶୁଖିଯାଇଥିବା ସମ୍ପର୍କଟା ପୁଣି ସତେଜ ହୋଇଉଠିବ ଭାବି,
ଆଶା ଆଉ ନିରାଶାର ଛକଶୂନ ଖେଳରେ
ହାରିଯାଏ ଅନ୍ଧ ସତ୍ୟବାନଟା ଏଇ ସାବିତ୍ରୀ ପର୍ବଟାରେ ବି ‖
ସଂସ୍କୃତି ଏବଂ ପରମ୍ପରାକୁ ହାଜମୋଲା ପରି ହଜମ କରିଦେଇ ଥିବା
ଆଧୁନିକା ସାବିତ୍ରୀମାନେ ମକଚି ଦିଅନ୍ତି ସ୍ୱାମୀର ଅସ୍ତିତ୍ୱ ଟିକକ,
ଠିକ ଗୋଟିଏ ସରି ଆସୁଥିବା ସିଗାରେଟ ପରି ‖
କାନ୍ଦେ.... ଖୁବ କାନ୍ଦେ ବିଗ୍ରହ୍ ସତ୍ୟବାନଟା
ହୃଦୟ ତାର କୁରୁଳିଉଠେ ଅଜଣା କୋହରେ କିନ୍ତୁ ସେ ତ ମାଲିକ ହାତର
ବୋଲକରା ଲାବ୍ରାଡର, କାନ୍ଦିବ ବା କେମିତି?
ସାବିତ୍ରୀଟା ତ ତାର ନଜର, ଅତି ନଜର କେହି ଜଣେ ।
ଅତି ସନ୍ତର୍ପଣରେ ଗୋଟେଇ ପକେଇ ଅଣ୍ଟିରେ ପୁରେଇ ଦିଏ
ଲୁହ ଗୁଡାକୁ ଆଉ ମନେ ମନେ ହସୁଥାଏ
କଳିଯୁଗର ଏଇ ଭିନ୍ନ ସାବିତ୍ରୀକୁ ଦେଖି ‖

# ଲୁହ ଆଞ୍ଜୁଳାରେ ଦେଇଦିଅ ମତେ



ତାରାପ୍ରସାଦ ଜେନା

ଲୁହ ଆଞ୍ଜୁଳାରେ ଦେଇଦିଅ ମତେ
ସବୁ ପିଇଯିବି ସଖୀ,
ଦୁଃଖ ଦରିଆରେ ତୁମେ ଭାସିଗଲେ
ନିଜେ ହେବି ଭାରି ଦୁଃଖୀ ! ।। ୦ ।।

ଦୁନିଆରୁ ହସ ଗୁଳିଯାଇପାରେ
ତୁମେ ମୋ ହସନ୍ତୀ ମିଠା
ପୁଣ୍ୟ ସଉଦାର ହିସାବରେ ସିନା
ତୁମେ ମୋ ଜୀବନ ଚଠା,
ସ୍ମୃତି ଲେଉଟାଇ ପଢ଼ିଯାଅ ମତେ
ତୁମ ପାଇଁ ଚିର ସୁଖୀ ! ।। ୧ ।।

ଲୁହ ଆଞ୍ଜୁଳାରେ ଦେଇଦିଅ ମତେ
ସବୁ ପିଇଯିବି ସଖୀ..........

ବିରହରେ ଯଦି ହତାଶକୁ ପଡ଼ି
ମନରେ ପାଉଛ ଡର
ମନ ଗାଇଜରେ ଚିର ବସନ୍ତର
କେମିତି ତୋଳିବ ଘର ?
ଭାବ ବଇଭବ ବୁଝିନିଅ ପ୍ରିୟା
ହୃଦୟରେ ନାଆଁ ଲେଖି ! ।। ୨ ।।

ଲୁହ ଆଞ୍ଜୁଳାରେ ଦେଇଦିଅ ମତେ
ସବୁ ପିଇଯିବି ସଖୀ..........

ରଣପୁର, ନୟାଗଡ, ଓଡିଶା

# କରୋନା ଓ ମାଂସାହାର

ଦୋଳଗୋବିନ୍ଦ ପଣ୍ଡା

"ତୁମେ ନିଃଶ୍ରେୟ ବିଧିକୁ ଅବମାନନା କରିପାର, ତାଚ୍ଛଲ୍ୟ କରିପାର ତାକୁ, ସେ ସ୍ୱାଧୀନତା ତୁମର ଅଛି; କିନ୍ତୁ ପ୍ରକୃତି ତା'ର ନିର୍ମମ ଆଘାତ ହାଣିବାରେ ଏତେ ଟିକିଏ ବି ରିହାତି ଦେବ ନାହିଁ, - ଏ ସ୍ୱାଧୀନତା ପ୍ରକୃତିର ବି ଅଛି-- ବୁଝ, ଯାହା ଶ୍ରେୟ ବିବେଚନା କର ତାହାହିଁ କର।" (ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର)

ମଣିଷ ପ୍ରକୃତି ଉପରେ ଦାଉ ସାଧିବାର ପରିଣାମ ହେଉଛି କରୋନା। ପ୍ରକୃତି ମଣିଷକୁ ଶାକାହାରୀ କରି ଗଢ଼ିଛି। ମାଂସାଶୀ ସିଂହ ଓ ବାଘଙ୍କ ସହ ମଣିଷର କିଛି ସାମଞ୍ଜସ୍ୟ ଅଛି କି? ମାଂସାଶୀ ପ୍ରାଣୀଙ୍କୁ ଭଗବାନ ଶ୍ୱାନ ଦାନ୍ତ ଦେଇଛନ୍ତି, ଯାହା ମଣିଷର ନାହିଁ। ମଣିଷର ଅନ୍ତ୍ର (intestine) ବାଘ ଓ ସିଂହଙ୍କ ଅନ୍ତ୍ରଠାରୁ କେତେ ଗୁଣ ଲମ୍ବା। ଫଳରେ ଶୀଘ୍ର ପଚନଶୀଳ ମାଂସ ହଜମ ହେବା ପୂର୍ବରୁ ମଣିଷ ପେଟରେ ପଚ ପ୍ରଚୁର toxin (ବିଷ) ସୃଷ୍ଟି ହୋଇ ସାରିଥାଏ। ତାହା ଆମର stimulii (ଉତ୍ତେଜନା) ଓ cell division (କୋଷ ବିଭାଜନ) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ୧୦ ବର୍ଷର ପି  ୨୦ ବର୍ଷର ଯୁବକ ପରି ଦେଖାଯାଏ। ଏହାକୁ ଦେଖି ବିଦେଶୀ ବୈଜ୍ଞାନିକମାନେ କହିଲେ ଯେ ମାଂସ ଖାଇଲେ ସ୍ୱାସ୍ଥ୍ୟର ଉନ୍ନତି ଘଟେ। କିନ୍ତୁ ପ୍ରକୃତରେ ଶରୀରର ବୃଦ୍ଧି ହେଲେ ମଧ୍ୟ ମାନସିକ ବିକାଶ ସେହି ଅନୁପାତରେ ହୁଏ ନାହିଁ। ପୁଣି ଶରୀର ବୃଦ୍ଧି ହେବାର ଗୋଟିଏ ନିର୍ଦ୍ଦିଷ୍ଟ ସୀମା ଅଛି। ତାହା ପରେ decay ବା କ୍ଷୟ ଆରମ୍ଭ ହୋଇଯାଏ। ଯେଉଁ କ୍ଷୟ ୫୦ ବର୍ଷ ପରେ ଆରମ୍ଭ ହେବା କଥା ତାହା ହୁଏତ ୩୦ ବର୍ଷ ବେଳକୁ ଆରମ୍ଭ ହୋଇଗଲା। ଫଳରେ ୧୦୦ ବର୍ଷରେ ଯାହାର ମୃତ୍ୟୁ ହେବା କଥା, ତାହାର ମୃତ୍ୟୁ ୬୦ ବର୍ଷରେ ହୋଇଗଲା। ଅର୍ଥାତ, ମାଂସାହାର କଲେ ପରମାୟୁ କମିଯାଏ। କୋଷ ବା ଶରୀରର ଅସ୍ୱାଭାବିକ ବୃଦ୍ଧି ଯୋଗୁ ଟ୍ୟୁମର ବା cancer ହୋଇଥାଏ। ପୁଣି ମାଂସାହାର ଯୋଗୁ ରୋଗ ନିରୋଧକ କ୍ଷମତା ହ୍ରାସ ପାଇଥାଏ। ସେଥିପାଇଁ ବୋଧହୁଏ ଭାରତ ପରି ଦେଶ ତୁଳନାରେ ଇଟାଲୀ, ଆମେରିକା ପ୍ରଭୃତି ଦେଶରେ କରୋନା ସଂକ୍ରମଣ ଜନିତ ମୃତ୍ୟୁ ଉଦବେଗଜନକ ଭାବେ ବୃଦ୍ଧି ପାଇବା ଦେଖାଯାଉଛି।

ଭାରତରେ ସଂଖ୍ୟାଧିକ ହେଉଛନ୍ତି ହିନ୍ଦୁ। ସେମାନଙ୍କ ମଧ୍ୟରେ ଅନେକ ନିରାମିଷାଶୀ ଥିଲାବେଳେ ଅନ୍ୟମାନେ ବାର ଓ ତିଥି ଅନୁସାରେ ଆମିଷ ବା ନିରାମିଷ ଖାନ୍ତି। ସୋମବାର ଶିବଙ୍କ ବାର, ମଙ୍ଗଳ ବାର ହନୁମାନଙ୍କ ବାର, ଶନିବାର ଶନିଙ୍କ ବାର, ଗୁରୁବାର ଲକ୍ଷ୍ମୀଙ୍କ ବାର- ଏ ସବୁ ବାରରେ ଅନେକେ ଆମିଷ ଖାନ୍ତି ନାହିଁ। ତେଣୁ ସେମାନଙ୍କ ରୋଗ ପ୍ରତିରୋଧକ କ୍ଷମତାନିଶ୍ଚୟ ଆମେରିକା ଓ ଇଟାଲୀବାସୀଙ୍କ ତୁଳନାରେ ଅଧିକ।

କେତେଜଣ ବନ୍ଧୁ କିନ୍ତୁ ଆମିଷାହାର ସହ ରୋଗ ପ୍ରତିରୋଧକ କ୍ଷମତାର କୌଣସି ସମ୍ବନ୍ଧ ନାହିଁ ବୋଲି ମତ ଦେଇଛନ୍ତି। କିନ୍ତୁ ରୋଗ ପ୍ରତିରୋଧକ କ୍ଷମତା ସହ କରୋନା ମୃତ୍ୟୁର ଯେ ସମ୍ବନ୍ଧ ଅଛି, ଏହା ସର୍ବସ୍ୱୀକୃତ। ଆମେ ଦେଖୁଛୁ ଯେଉଁ ଦେଶରେ ମାଂସାହାର କମ ସେଠାରେ କରୋନା ମୃତ୍ୟୁ ମଧ୍ୟ କମ ଏବଂ ଯେଉଁଠି ମାଂସାହାର ଅଧିକ ସେଠାରେ କରୋନା ମୃତ୍ୟୁ ଅଧିକ। ଏଣୁ ମାଂସାହାର ସହ ରୋଗ ପ୍ରତିରୋଧକ କ୍ଷମତାର ସମ୍ବନ୍ଧ ଅଛି। ବିଶିଷ୍ଟ ପରିବେଶବିତ ମାନେକା ଗାନ୍ଧୀ ତାଙ୍କର ଅନେକ ନିବନ୍ଧରେ ମାଂସାହାର ସହ ରୋଗ ପ୍ରତିରୋଧକ କ୍ଷମତାର ସମ୍ବନ୍ଧ ଥିବାର ବୈଜ୍ଞାନିକ ପ୍ରମାଣ ଦେଇଛନ୍ତି।

ଆମିଷ ଶବ୍ଦଟି ହିଁ କହିଦେଉଛି ଯେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଆମିଷ ଶବ୍ଦଟି ସୃଷ୍ଟି ହୋଇଛି ଅମ ଧାତୁରୁ, ଯାହାର ଅର୍ଥ ଆମୟ ବା ରୋଗ, ତାହାର ବିପରୀତ ନିରାମୟ ବା ନିରୋଗ। ତେଣୁ ଯେଉଁ ଖାଦ୍ୟ ଖାଇଲେ ରୋଗ ସୃଷ୍ଟି ହୁଏ ତାକୁ ପ୍ରାଚୀନ ଭାରତୀୟ ମୁନିଋଷି ବା ଭିଷା ତତ୍ତ୍ୱବିତମାନେ ଆମିଷ ବୋଲି ନାମ ଦେଇଛନ୍ତି। କେବଳ ମାଛ ବା ମାଂସ ନୁହେଁ, ପିଆଜ, ରସୁଣ, ଗୋଲ ନାଉ, ଧଳା ବାଇଗଣ, ପୋଡ଼ା ଭାତ, ଲୁଣମିଶା କ୍ଷୀର ପ୍ରଭୃତି କୁ ବି ଆମିଷ ଶ୍ରେଣୀଭୁକ୍ତ କରାଯାଇଛି। ନୈଷ୍ଠିକ ମୁସଲମାନମାନେ ପିଆଜ ଓ ରସୁଣ ଖାନ୍ତି ନାହିଁ। ପବିତ୍ର କୋରାନରେ ଅଛି, ପିଆଜ ବା ରସୁଣ ଖାଇଥିବା ବ୍ୟକ୍ତି ମସଜିଦର ସମୀପବର୍ତ୍ତୀ ବି ଯେପରି ନ ହୁଏ। ପିଆଜ ଓ ରସୁଣ ଉତ୍ତେଜକ ଓ ଚିତ୍ତ ବିକ୍ଷେପକାରୀ ହୋଇଥିବାରୁ ଉପାସନା ବା ନମାଜ ପୂର୍ବରୁ ଏହାକୁ ଖାଇବାକୁ ବାରଣ କରାଯାଇଥିବ। ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି-

"ମାଛମାଂସ ନ କର ଭୋଜନ। ଛାଡ଼ ମାଦକ ପିଆଜ ରସୁଣ"।।
(মাছ মাংস খাসনে আর। পেঁয়াজ লসুন মাদক ছাড়।।)

"ଆମିଷେ ବିଧାନ ଉତ୍ତେଜିତ। ଅଯଥା ହୁଏ ଜର୍ଜରିତ"।।
(আমিষে বিধান উত্তেজিত। অযথা হয় জর্জরিত।।) – ଅନୁଶ୍ରୁତି

ଗୋରୁଗାଇ ଘାସ ଚରିବା ସହ ଅନେକ ରୋଗଜୀବାଣୁ ପୂର୍ଣ୍ଣ ଆବର୍ଜନା ଓ ପଚାସଢ଼ା ଜିନଷ ଖାଇଯାନ୍ତି। ଘୁଷୁରି ମଳ ଖାଏ। କୁକୁଡ଼ା ପୋକଜୋକ ଖାନ୍ତି। ତାଙ୍କର କଛି ହୁଏନାହିଁ। କାରଣ ସେମାନଙ୍କ ରୋଗ ପ୍ରତିରୋଧକ କ୍ଷମତା ଅଧିକ। କନ୍ତୁ ସେମାନଙ୍କ ମାଂସ ଖାଇବା ଫଳରେ ସେମାନଙ୍କଠାରୁ ଜୀବାଣୁ ମଣିଷ ଭିତରକୁ ଆସିପାରେ। ଅବଶ୍ୟ ରନ୍ଧନ ପ୍ରକ୍ରିୟାରେ ଅନେକ ଜୀବାଣୁ ମରିଯାନ୍ତି। କନ୍ତୁ ରାନ୍ଧିବା ପୂର୍ବରୁ ତାକୁ ମାରିବା, କାଟିବା ପ୍ରଭୃତି ପ୍ରକ୍ରିୟାରେ ଜୀବାଣୁ ମଣିଷ ଦେହକୁ ସଂକ୍ରମିତ ହୋଇପାରନ୍ତି। କରୋନା ଭୂତାଣୁର ଉତ୍ପତ୍ତି ସ୍ଥଳ ଚୀନରେ ତ ବହୁ ଲୋକ କଞ୍ଚା ମାଂସ ଖାଆନ୍ତି। ମାଂସ ଭିତରେ ସବୁଠାରୁ କ୍ଷତିକାରକ ହେଉଛି ଫାର୍ମରେ ପାଳତ ପଶୁପକ୍ଷୀଙ୍କ ମାଂସ। କାରଣ ସେମାନଙ୍କୁ ଅପରିଚ୍ଛନ୍ନ ପରିବେଶରେ ରଖାଯାଉଥିବାରୁ ସେମାନେ ସହଜରେ ରୋଗଗ୍ରସ୍ତ ହୋଇପଡନ୍ତି। ରୋଗରୁ ବଞ୍ଚାଇବା ପାଇଁ ସେମାନଙ୍କୁ ପ୍ରଚୁର antibiotics ଦିଆଯାଏ ଏବଂ ଅନେକ ଜୀବାଣୁ antibiotics ପ୍ରତିରୋଧୀ ହୋଇପଡନ୍ତି। ସେହି ଜୀବାଣୁ ବା ଭୁତାଣୁ ଯେତେବେଳେ ମଣିଷ ଦେହକୁ ଆସେ ସେତେବେଳେ ସେହି antibiotics ଦେଲେ ବି ରୋଗ ଭଲ ହୁଏ ନାହିଁ। ଅଧିକ ଶକ୍ତିଶାଳୀ ନୂତନ antibiotics ର ଦରକାର ପଡ଼େ। ପୁଣି ଲାଭଖୋର ମାଂସ ଶିଳ୍ପ ଶୀଘ୍ର ବଢ଼ିବା ଓ ଅଧିକ ଓଜନ ବିଶିଷ୍ଟ କରିବା ପାଇଁ ପ୍ରାଣୀଙ୍କୁ ଅନୁପଯୁକ୍ତ ଖାଦ୍ୟ ଓ ହର୍ମୋନ ଦିଅନ୍ତି । ଯେମିତି ଗାଈ ପରି ତୃଣଭୋଜୀ ପ୍ରାଣୀଙ୍କ ଖାଦ୍ୟରେ ମାଂସ ମିଶାଇ ଖାଇବାକୁ ଦେବା। ଏଥିପାଇଁ ଇଂଲଣ୍ଡରେ mad cow disease ଭୟଙ୍କର ରୂପ ନେଇଥଲା। ଏବେ କ୍ୟାଲସିୟମ ନାଁରେ ଗୋଖାଦ୍ୟରେ କୁକୁଡ଼ା ଅଣ୍ଡା ଖୋଳ, କୁକୁଡ଼ା ପର, ହାଡ଼ ଇତ୍ୟାଦି କୁକୁଡ଼ା ଫାର୍ମର ବର୍ଜ୍ୟ ମିଶାଇ ବିକ୍ରି କରାଯାଉଛି। ଲୋକେ ତାକୁ କଣି ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି।

ଏ କୋଭିଡ ୧୯ ଭୂତାଣୁକୁ ତ ମଣିଷ ଆଜି ନ ହେଲେ କାଲି ପ୍ରତିରୋଧ କରିବାର ଉପାୟ ବାହାର କରିନେବ। କନ୍ତୁ ତା'ପରେ କଛି ଦିନ, ମାସ ବା ବର୍ଷ ବ୍ୟବଧାନରେ କରୋନା ତା'ର ରୂପ ବଦଳାଇ ନୂତନ ରୂପରେ ଆବିର୍ଭୂତ ହେବ।

ସୁତରାଂ ଏପରି ରୋଗ କବଳରୁ ରକ୍ଷା ପାଇବା ପାଇଁ ହେଲେ ଆମକୁ ମାଂସାହାର ଛାଡିବାକୁ ପଡିବ। ପ୍ରକୃତିର ବିଧି ନଷେଧ ମାନବାକୁ ପଡିବ। ପରିବେଶକୁ ରକ୍ଷା କରିବାକୁ ପଡ଼ିବ। ମାଟି, ପାଣି, ପବନକୁ ପ୍ରଦୂଷଣମୁକ୍ତ କରିବାକୁ ପଡିବ। ଆମେ ପ୍ରକୃତିର ନୟମ ମାନଲେ ପ୍ରକୃତି ଆମକୁ ରକ୍ଷା କରିବ। ଅନ୍ୟଥା ବିନାଶ ଅବଶ୍ୟମ୍ଭାବୀ।

ଶ୍ରୀରାମ ନଗର, ଭୁବନେଶ୍ୱର,
ମୋ- ୭୦୦୮୯୬୦୫୦୨

# ଆହେ ସର୍ବନାମ

ଡ. ଗୋବିନ୍ଦ ଚନ୍ଦ୍ର ଦାଶ

ଅଖିଳ ବ୍ରହ୍ମାଣ୍ଡପତି ବହିଅଛ ନାମ
ପ୍ରାଣଠାରୁ ପ୍ରିୟ ମୋର ହେ ପୁରୁଷୋତ୍ତମ (୦)

ଘାସଠୁ ନରମ ତୁମେ, ଫୁଲଠୁ କୋମଳ
ଜଳଠୁ ତରଳ ତୁମେ, ବାୟୁ ସୁଶୀତଳ
ଜ୍ଞାନଠୁ ଉଜ୍ଜ୍ୱଳ ତୁମେ, ମନଠୁ ଚଞ୍ଚଳ
ଜନ୍ମଠୁ ଜୀବନ୍ତ ତୁମେ, ମୃତ୍ୟୁ ମହାକାଳ
ସବୁ ଆତଯାତ ତୁମରି ନିର୍ଦ୍ଦେଶେ ଦୟାମୟ ଆତ୍ମାରାମ (୧)

ବୋଲାଉଛ ତୁମେ ପର ଜଗତ କରତା
ଆହେ ଆତ୍ମାଧୀଶ ଦିଅ ବିଶ୍ୱର ବାରତା
ଅଜ୍ଞାନ ତିମିରଘେରା ସସାଗରା ଧରା
ଖୋଜୁଛି ମୁକ୍ତିର ମାର୍ଗ ଆଲୋକରେ ଭରା
ଅଗତିର ଗତି ତୁମେ ଅଶେଷର ଶେଷ ଆହେ ସର୍ବନାମ (୨)

ଏନ ୩, ୧୪୭,
ଆଇଆରସି ଭିଲେଜ, ଭୁବନେଶ୍ୱର

# ଗଣପତି



ଅମରନାଥ ବାରିକ

ଆଜି ଗୁରବାର ଆଜି ଗୁରବାର
ଆମେ ସଭିଏଁ ମିଶି ପୂଜିବା ଗ୍ଲଲ ପ୍ରଭୁ ପୟର

କୃପାଳୁ ସେ କାଳଆ ହାତୀ
ତାଙ୍କପରି କେହି ନୁହଁନ୍ତି
ଭୋଗ ରୂପେ ଲଡୁ ଖାଆନ୍ତି
ମୂଷିକ ସବାରୀ ହୁଅନ୍ତି
ଥରେ କଲେ କୃପା ଦୁଃଖ ହୁଏ ଦୂର
ଆମେ ସଭିଏଁ ମିଶି ପୂଜିବା ଗ୍ଲଲ ପ୍ରଭୁ ପୟର

ମାତା ଯେ ପାର୍ବତୀ ତାଙ୍କର
ପିତା ହେଲେ ଶିବ ଶଙ୍କର
ଜଟାରେ ଗଙ୍ଗା ଝର ଝର
ତୃତୀୟ ନୟନ ତାଙ୍କର
ଖୋଲିଦେଲେ ହୋଇଯିବ ଛାରଖାର
ଆମେ ସଭିଏଁ ମିଶି ପୂଜିବା ଗ୍ଲଲ ପ୍ରଭୁ ପୟର

ଗଣପତି ସେ ଗଜାନନ
ଜାଣି ପାରେ ଭକ୍ତର ମନ
ତା ପରେ ପରୀକ୍ଷା କରନ୍ତି
ଶେଷରେ ପ୍ରସନ୍ନ ହୁଅନ୍ତି
କାହାକୁ ନ ଜଣାପଡେ ଫାନ୍ଦ ତାର
ଆମେ ସଭିଏଁ ମିଶି ପୂଜିବା ଗ୍ଲଲ
ପ୍ରଭୁ ପୟର

# ବାପା



ସତ୍ୟବ୍ରତ ନାୟକ

ବାପା ବୋଲି ଯେଉଁ ଦୁଇଟି ଅକ୍ଷର,
ସଂସାରେ ଅଟଇ ସାର ।
ବାପା ନୁହେଁ ସେ ତ ବାଇଶି ପାହାଚ,
ମଥା ନତ ବାରମ୍ବାର ॥
ପାଦ ଧୂଳ ତାଙ୍କ ଚନ୍ଦନ ସଦୃଶ,
ମଥାରେ ଦେଲେ ବୋଳ ।
ଜଗତର ନାଥ ଜଗନ୍ନାଥ ନଷ୍ଟେ,
ଶୁଣିବେ ସମସ୍ତ ଅଳ ॥
ମୁଣ୍ଡ ଝାଳ ସିଏ ତୁଣ୍ଡରେ ଲଗାଇ,
ଦେଖାନ୍ତି ଆମକୁ ପଥ ।
ସେ ଝାଳର ମୂଲ୍ୟ ସାର୍ଥକ ହୋଇବ,
ରଖିଲେ ତାଙ୍କ ମହତ ॥
ପାଦ ଧରି ଆମ ଗ୍ଭଲିବା ଶିଖାନ୍ତି,
ସଂସାରେ ଦେବାକୁ ଯଶ ।
ଆମ ସୁଖ ପାଇଁ ନିଜ ଦୁଃଖ ପିଇ,
ଯୋଗାଉ ଥାଆନ୍ତି ହସ ॥
ଯେତେ ଅଭାବ ବା ଅନାଟନ ହେଉ,
ନପାରନ୍ତି ଆମେ ଜାଣି ।
ଆବଶ୍ୟକ ହେବା ଆଗରୁ ସିଏ ତ,
ପହଞ୍ଚାନ୍ତି ସବୁ ଆଣି ॥

ଭଗବାନ ବୋଲି ଶୁଣିଛନ୍ତି ଖାଲି,
ବାପା କନ୍ତୁ ତାଙ୍କ ରୂପ ।
ତାଙ୍କ ପାଦ ସ୍ପର୍ଶ ନତି କରୁଥିଲେ,
କ୍ଷୟ ହେବ ସର୍ବ ପାପ ॥
କାଳିଆ ପାଖରେ ପ୍ରାର୍ଥନା ଏ ମୋର,
ଏତିକ ଆଶିଷ ହେଉ ।
ବାପାଙ୍କର ହାତ ମୋ ମଥା ଉପରେ,
ଚିରଦିନ ରହିଥାଉ ॥
ଯଦି ପୂନର୍ଜନ୍ମ ହୁଏ କେବେ ମୋର,
ମନୁଷ୍ୟ ଜନ୍ମଟି ପାଏ ।
ମୋ ବାପାଙ୍କ ପୁତ୍ର ହେବାର ସୌଭାଗ୍ୟ,
ଜନ୍ମେ ଜନ୍ମେ ଗାଉଥାଏ ॥

ସୁଲତାନ୍ ଆଲମ୍ ଗ୍ରେଡ,
ଟଲିଗଞ୍ଜ, କୋଲକତା

# ଅକାମୀ ବାଡି



ଅଶୋକ କୁମାର ପ୍ରଧାନ

ସକାଳୁ ସକାଳୁ ଘର କୋଣରେ ଥିବା ଅକାମୀ ବାଡିଟାକୁ ହାତରେ ଧରି ମର୍ଣ୍ଣିଙ୍ଗ ଓ୍ୱାକ୍ ପାଇଁ ବାହାରି ପଡ଼ିଲା ସୁବ୍ରତ। ବହୁଦିନରୁ ଦାଣ୍ଡଘରର ସେଇ ଘରକୋଣରେ ପଡି ରହି କେମିତି ଗୋଟେ ମଇଳା ଆସ୍ତରଣ ମାଡି ଯାଇଥିଲା ସେହି ବାଡି ଉପରେ। ସେଇଟା ଜେଜେଙ୍କର ବହୁଦିନର ପୁରୁଣା ବାଡି । ଜେଜେ ଏ ପୃଥିବୀରୁ ବିଦାୟ ନେବା ଦିନୁ ସେମିତି ଅସହାୟ ଅବସ୍ଥାରେ ସେଇ ଘର କଣରେ ପଡ଼ିରହିଛି ସେ ବାଡିଟି। ଜେଜେ ବଞ୍ଚିଥିବା ସମୟରେ ରୋଜ୍ ରୋଜ୍ ସେ ବାଡିଟାକୁ ବ୍ୟବହାର କରୁଥିଲେ। ସେଇ ବାଡିଖଣ୍ଡକ ଜେଜେଙ୍କର ବିଶ୍ୱ ବନ୍ଧୁ ଥିଲା ବୋଲି କହିଲେ ବି କିଛି ଭୁଲ ହେବନି। ସେଇ କଳାକାଠିଆ ବାଡିଟା ଜେଜେଙ୍କ ଖୁବ୍ ନଜର ଥିଲା। ଜେଜେ ଯେତେବେଳେ ଯୁଆଡେ ଯାଉଥିଲେ ସେ ବାଡି ଖଣ୍ଡକୁ ନହାତି ନେବାପାଇଁ ଭୁଲୁନଥିଲେ କେବେ। ଆମ ପଡିଶା ଘର ବାଙ୍କ ମଉସା ଗୟାରୁ ସେ ବାଡିଟିକୁ ଆଣିଦେଇଥିଲେ ଜେଜେଙ୍କ ପାଇଁ। ଜେଜେ ସେ ବାଡି ଟିକୁ ଖୁବ୍ ଭଲ ପାଉଥିଲେ। ଆଉ ଦିନେ ଜେଜେଙ୍କ ସହ ମର୍ଣ୍ଣିଙ୍ଗ ଓ୍ୱାକ୍ ରେ ଗଲାବେଳେ ଜେଜେ କହିଥିଲେ, ବୁଝିଲୁ ସୁବ୍ରତ ଏ ବାଡିଟିକୁ କେବେ ବି ଅଣଦେଖା କରିବୁ ନାହିଁ। ମୁଁ ମଲାପରେ ଏ ବାଡିଟିକୁ ମୋ ସାଥିରେ ପୋଡ଼ି ଦେବୁନାହିଁ। ୟାକୁ ଜାଗ୍ରତରେ ରଖିବୁ, ଯଦି କେତେବେଳେ କାହାର କାମରେ ଲାଗିବ ୟାକୁ ବିକା ଭଙ୍ଗା ନକରି ଖୁସି ମନରେ ସାହାଯ୍ୟ କରିବ। ଯେମିତି ସେ ସବୁବେଳେ ତାହାର କାମରେ ଲାଗିବ। ୟେ ବାଡି ଯଦି କାହାର ଭଲ କାମରେ ଲାଗେ, ତାହାହେଲେ ମୁଁ ଆଉ ଧାମରେ ଥାଇ ମଧ୍ଯ ଖୁବ୍ ଖୁସି ହେବି। ଜେଜେଙ୍କର କଥାକୁ ହଁ ଭରି ଅତି ଯତ୍ନର ସହ ଶୁଣୁଥିଲା ସୁବ୍ରତ।

ସେଦିନ ସାଙ୍ଗ ମାନଙ୍କ ସହିତ ଖୁସି ମଜା କରି ରାସ୍ତାର ବାଆଁ ପଟରେ ଚାଲି ଚାଲି ଯାଉଥିଲା ସୁବ୍ରତ ହାତରେ ଜେଜେଙ୍କ ସେହି ପୁରୁଣା ବାଡି ଖଣ୍ଡକ ଧରି। ସାଙ୍ଗ ମାନଙ୍କ ସହ କଥା ହୋଇ ହୋଇ ଗାଁ ଠାରୁ ବହୁତ ଆଗକୁ ଚାଲିଯାଇଥାଏ ସୁବ୍ରତ। ଦେଖିଲା ରାସ୍ତା କଡରେ

ଜଣେ ଦୃଷ୍ଟିହୀନ ଦିବ୍ୟାଙ୍ଗ। ବହୁତ କଷ୍ଟରେ ରାସ୍ତା ଅତିକ୍ରମ କରୁଛି ବ୍ୟକ୍ତି ଜଣକ। ତା ହାତରେ ନାହିଁ ସେ ପଥ ପ୍ରଦର୍ଶକ ବାଡି ଖଣ୍ଡକ। ବାଡିଟା ହାତରେ ନଥିବାରୁ ନିଜକୁ ଅଣ ନିଶ୍ୱାସୀ ମନେ କରୁଛି ସେ। ପ୍ରତ୍ୟେକ ରାସ୍ତା ତାକୁ କଠିନ ଅନୁଭବ ହୋଇଛି। ଠିକ୍ ଠିକ୍ ବାରି ପାରୁନି ରାସ୍ତାର ଅସଲ ପୃଷ୍ଠଭୂମି। ଭରି ନୟାନ୍ତ ହେଲାଣି କୋଉ ସମୟରୁ। ହୁଏତ ତା ହାତରେ ବାଡିଟା ଥିଲେ ସେ ଠିକ୍ ଠିକ୍ ବାରି ପାରିଥାନ୍ତା ରାସ୍ତା। କ'ଣ କରିବ ସେ। ଏତେବେଳକୁ ଭରି ଅସହାୟ ମନେ କରୁଛି ନିଜକୁ ନିଜେ। ଆଖିକୁ ଦେଖାଯାଉଥିଲେ ହୁଏତ ସେ କାହାଠାରୁ କ'ଣ କିଛି ବି ସାହାଯ୍ୟ ମାଗି ପାରିଥାନ୍ତା। କ'ଣ ଆଉ କରିବ ସେ? ତେଣୁ ଠାଏ ଠାଏ ମନ ଦୁଃଖରେ ବସି ପଡୁଛି ରାସ୍ତା ଉପରେ।

ସୁବ୍ରତ ପାଦ ଚଲା ବନ୍ଦ କରି କିଛି ସମୟ ନିରୀକ୍ଷଣ କଲା ସେହି ଦୃଷ୍ଟିହୀନ ଭଦ୍ର ବ୍ୟକ୍ତିଙ୍କୁ। ବିଳମ୍ବ ନକରି ରାସ୍ତାର ଉଭୟ ପାର୍ଶ୍ୱର ଗାଡି ଘୋଡାକୁ ଲକ୍ଷ୍ୟ କରି ଦୌଡିଗଲା ତାଙ୍କ ପାଖକୁ। ତାଙ୍କ ହାତରେ ବାଡିଟି ଧରାଇ ଦେଲା କାଳବିଳମ୍ବ ନକରି। ବାଡିଟିକୁ ହାତରେ ପାଇ ଖୁସି ହୋଇଗଲେ ସେହି ଦୃଷ୍ଟିହୀନ ଦିବ୍ୟାଙ୍ଗ ଭଦ୍ରବ୍ୟକ୍ତି ଜଣକ। ତାଙ୍କ ମୁହଁରେ ଫୁଟି ଉଠିଲା ଅସରନ୍ତି ଆଶାର ଆଲୋକ। ତାଙ୍କର ଦୁଃଖଦ ବଦନରେ ଖେଳିଗଲା ମଖମଲିଆ ହସ। କୋଟିନିଧି ପାଇଲା ପରି ଅନୁଭବ କଲେ ସେହି ଭଦ୍ରବ୍ୟକ୍ତି। ଧନ୍ୟବାଦ ଦେବାକୁ ପଛାଇବେ କ'ଣ ପାଇଁ? ହଠାତ୍ ତାଙ୍କ ପାଟିରେ ଖୁସିରେ କହିଦେଲେ ଠାକୁରେ ତୋର ମଙ୍ଗଳ କରନ୍ତୁ ବାବୁ। ଭଗବାନ ସବୁବେଳେ ତୋତେ ସହାୟ ହୁଅନ୍ତୁ। ମୋ ଭଳି ଜଣେ ଦୃଷ୍ଟିହୀନକୁ ତୁମେ ଅସହାୟ ଅବସ୍ଥାରେ ସାହାଯ୍ୟ କରିଥିବାରୁ ଆପଣଙ୍କୁ ଶତ ଧନ୍ୟବାଦ।

ଭଦ୍ରବ୍ୟକ୍ତିଙ୍କ ମୁହଁର ଏଇ କେତେଟା ପଦ ସୁବ୍ରତର ଅନ୍ତରରେ କୋଟିଏ ପ୍ରେରଣା ସୃଷ୍ଟି କରିଥିଲା ସେଦିନ। ନିଜର ସାମାନ୍ୟ ପରିଚୟ ଦେଇ କିଛି ସମୟ କଥାବାର୍ତ୍ତା ହେଲେ ସେ ଦୁହେଁ। କଥା ସ୍ଥଳରେ ପଗ୍ଭରିଲା ସୁବ୍ରତ, ଅଙ୍କଲ ଆପଣ ଆପଣଙ୍କ ବାଡିଟିକୁ ଆଣିବାକୁ ଭୁଲିଗଲେ ନା କ'ଣ? ସୁବ୍ରତ ର କଅଁଳ ପାଟିରୁ କଥାଟା ଛଡାଇ ନେଇ ଭଦ୍ରବ୍ୟକ୍ତି ଜଣକ କହିବସିଲେ, ନାହିଁ ସୁବ୍ରତ ମୁଁ ବାଡିଟିକୁ ଭୁଲିବି କେମିତି? ସେ ପରା ମୋହର ପଥ ପ୍ରଦର୍ଶକ। ବାଡି ମୋର ଜୀବନ। ବାଡି ବିନା ମୋର ସବୁରାସ୍ତା ବନ୍ଦ। ମୁଁ ଘରୁ ଆସିଲା ବେଳେ ବାଡିଟିକୁ ସାଥିରେ ଆଣିଥିଲି। କିଛି ସମୟ ପୂର୍ବରୁ ଦଳେ ଲୋକ ମୋ ବାଡିଟିକୁ ମାଗି ନେଇଥିଲେ କୌଣସି ଏକ କାମରେ। କିଛି ସମୟ ପରେ ସେମାନେ ମୋତେ ବାଡିଟାକୁ ଫେରାଇ ଦେବେ ବୋଲି କହିଥିଲେ। କିନ୍ତୁ ବହୁତ ସମୟ ଅପେକ୍ଷା କଲି ସେମାନଙ୍କୁ। ସେମାନେ ଆଉ ଆସିଲେ ନାହିଁ। ଅନ୍ୟ କିଛି ଉପାୟ ନପାଇ ବାଧ ହୋଇ ମୁଁ

ସେହି ଜାଗା ଛାଡ଼ିବାକୁ ବାଧ ହେଲି। ଖରାର ପ୍ରକୋପ ବେଳକୁ ବେଳ ବଢି ଯାଉଛି। ମନରେ ଦମ୍ଭ ଧରି ସେଠୁ ସିନା ବାହାରି ପଡ଼ିଲି ହେଲେ ବାଡି ବିନା ମୋ ପାଇଁ ସବୁ ରାସ୍ତା ବନ୍ଦ। କରିବି ବା କ'ଣ? ତେଣୁ ରାସ୍ତା ଅତିକ୍ରମ କରିବା ମୋ ପାଇଁ କେତେ ଯେ କାଠିକର ପାଠ ତାହା ଏବେ ମୁଁ ଠିକ୍ ଠିକ୍ ଅନୁଭବ କରୁଛି।

କଥାରେ ଅଛି, ଭଗବାନ ଅସମୟର ସାହା। ମୋର କୌଣସି ଭୁଲ ନଥାଇ ସାହାଯ୍ୟ କରିଥିବା ବାଡିଟିକୁ ସେମାନେ ସିନା ଫେରେଇଲେ ନାହିଁ। ହେଲେ ଭଗବାନ ଠିକ୍ ଠିକ୍ ସବୁ ଜିନଷକୁ ଦେଖୁଛନ୍ତି। ତେଣୁ ସେ ତୁମ ମାଧମରେ ମୋ ପାଇଁ ଏ ବାଡିଟିକୁ ପଠେଇଛନ୍ତି। ଭଦ୍ରବ୍ୟକ୍ତି ଙ୍କ ମୁହଁରୁ କେଇପଦ କଥା ଶୁଣି ଆଖିରେ ଲୁହ ଜକେଇ ଆସିଲା ସୁବ୍ରତର। ସୁବ୍ରତ ଛଳ ଛଳ ଆଖିରେ କହିଲା, ନାହିଁ ଅଙ୍କଲ, ଏଇଟା ମୋ ଜେଜେଙ୍କ ବାଡି। ବହୁତ ଦିନ ହେବ ଆମ ଘରର କୋଣରେ ଆଉଜା ହୋଇ ରହିଥିଲା ଏ ବାଡି। ମଲାବେଳେ ଜେଜେ କହିଥିଲେ କୌଣସି ଅସହାୟ ବ୍ୟକ୍ତିଙ୍କୁ ଏ ବାଡିଟି ସାହାଯ୍ୟ କରିବୁ। ମୋ ଚତା ସାଥିରେ ୟାକୁ ଜାଳଦେବ ନାହିଁ। ଏ ବାଡି କେତେ ଲୋକଙ୍କ ମୁହଁରେ ହସ ଖେଳାଇବ। ଏ ବାଡି ଦ୍ୱାରା ଅନ୍ୟ ଜଣେ ଉପକୃତ ହେଲେ ମୁଁ ସେ ଧାମରେ ରହି ସନ୍ତୋଷ ଲାଭ କରିବି। ତେଣୁ ମୁଁ ଆପଣଙ୍କୁ ଅସହାୟ ଅବସ୍ଥାରେ ଦେଖି ଏ ବାଡିଟିକୁ ଆପଣଙ୍କୁ ସାହାଯ୍ୟ କରିଛି। ଆଜି ମୋ ଜେଜେ ମୋ ଉପରେ କହାତି ଖୁସି ହୋଇଥିବେ ସେ ଧାମରେ ରହି। ଏତିକ କଥା କହି ସୁବ୍ରତ ତା ସାଙ୍ଗମାନଙ୍କ ସହ ଗୁଲିଗୁଲି ମାଡ଼ି ଗ୍ଲିଲା ଆଗକୁ ଆଗକୁ। କଛି ସମୟର ପାଦ ଚଲା ପରେ ନଜ ଘରେ ପହଁଚଲା ସୁବ୍ରତ। ଘରେ ପହଞ୍ଚି ଗୋଟି ଗୋଟି ବାପା ମାଆ ଆଗରେ ସବୁ କଥା କହିଲା ସୁବ୍ରତ। ସୁବ୍ରତର କଅଁଳ ମୁହଁରୁ ଏକଥା ଶୁଣି ଖୁସିରେ ଅଭିଭୂତ ହୋଇଗଲେ ସୁବ୍ରତର ବାପା ଆଉ ମାଆ। ପାଖକୁ କୋଳେଇ ନେଇ ମାଆ କହିଲେ, ବୁଝିଲୁ ସୁବ୍ରତ ତୁ ତୋ ବାପାଙ୍କର ନାଁ ରଖିବୁ ନଷ୍ଟୟ। ତୋ ବାପା ଯେମିତି ଗରିବ ଲୋକମାନଙ୍କ ସେବା କରି ଏ ଖଣ୍ଡ ମଣ୍ଡଳରେ ନାଁ କରିଛନ୍ତି, ତୁ ବି ସେମିତି ଲୋକଙ୍କର ସେବା କରି ସୁନାମ ଅର୍ଜନ କର। ଏ ନଶ୍ୱର ଦୁନଆରେ ଯଦି କଛି ଭଲ କାମ ଅଛି ତାହା ହେଉଛି ସେବା। ମା ଙ୍କ ମୁହଁରୁ ଏକଥା ଶୁଣି ହଁ କରି ମୁଣ୍ଡ ହଲାଇ ଘର ଭିତରକୁ ଗ୍ଲିଗଲା ସୁବ୍ରତ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ଗ୍ରେହିଗାଁ, ଗଞ୍ଜାମ

# ଏଇତ ଦୁନିଆଁ



ଆଶୁତୋଷ ଠାକୁର

ଖରା ବଢ଼ିଲାଣି ଧରା ତତିଲାଣି
ଗରମହେଉଛି ଭୀଷଣ ""
ଘମ୍ ଘମ୍ ଦେହୁ ଝାଲ ବହିଲାଣି
ଭୋକେ ପେଟ ରୋଦନ ""
ଶୁଖିଲା ଗାଡ଼ିଆ ଶୁଖିଲା ପୋଖରୀ
ବଢିଗଲା ତାପମାତ୍ରା ""
ହୋଲି ସରିଗଲା କୋଇଲିବି ଲୁଚଲା
ଗଳିଗଲା ଦୋଳ ଯାତ୍ରା ""
ସାଇଁ ସାଇଁ ଝାଞ୍ଜି ବଢ଼ିଲାଣି ପୁଣି
ବୁଢ଼ା ବୁଢ଼ୀ ଗଛ ମୂଳରେ ""
ଟାଇଁ ଟାଇଁ ଖରା ଆଉ ହେଉନାହିଁ ସହି
ଆସ ବସିବା ନଈଁ କୂଳରେ ""
ତରଭୁଜ ଲାଉ ତ ପାଚ ବସିଲାଣି
ବାଟେ ଘାଟେ ଜଳ ଛତର ""
ଦହି, ଲେମ୍ବୁ ସରବତ ମନନିଏ ଟାଣି
ଗଛରେ ନାହିଁ ଆଉ ପତର ""

ଆମ୍ବ ପଣସର ବାସ ଭାସିଆସେ
ପକ୍ୱହେଲା ଗଛେ ନଡ଼ିଆ ""
ସକାଳୁ ସକାଳୁ ତ ପଖାଳ ଭୋଜନ
ସ୍ୱାଦ ଲାଗେ ଭାରି ବଢ଼ିଆ ""
କଷଣ ଦେଲେବି ଗିରିଶମ ଋତୁ କେତେ
ଉପକାର କରେ ଆମର ""
ତା ଲାଗି ଧରାକୁ ଆସେ ଯେ ବରଷା
ଲାଗେ ସମସ୍ତଙ୍କ କାମରେ ""
ବାହାରକୁ ଗଲେ ପାଖେ ରଖ ସଦା
ଛତା ଜୋତା ପାଣି ଗାମୁଛା ""
ଅଂଶୁଘାତ ପ୍ରତି ସତର୍କ ରହିବାତ
ନିଜେ ନିଜକୁ ବଞ୍ଚାଇବା ""

ମଣ୍ଡଲ,ବଲାଙ୍ଗିର

# ଯନ୍ତ୍ର ଦାନବ



ଆୟୁଷ୍ମାନ ତ୍ରିପାଠୀ

ଭଗବାନ ସୃଷ୍ଟ ମନୋହର ଜଗତେ
ତୁ ଏକା ଶ୍ରେଷ୍ଠ ମରତେ,
ସୁନ୍ଦର ରଚନା ର ତୁ ପ୍ରତୀକ ଟେ
ନବ ଯୁଗର ତୁ ସତ୍ୟଟେ।
ଧର୍ମ ର ସନ୍ତାନ ତୁ ମାନବ
କର୍ମ ର ପ୍ରତିଦାନ,
ଧର୍ମପଥ ରେ ସୃଜିଲୁ ଦାନବ
ଯନ୍ତ୍ର କୁ ଦେଲୁ ପ୍ରାଣ?
କାଲିର ଦାନବ ଆଜିର ଯନ୍ତ୍ରାଶଂ
କରଇ ଧର୍ମ ର ନାଶ
ଶତବୁଦ୍ଧି ରଖିଥିବା ଏ ରୁଦ୍ରାଶଂ
ହାରଇ ଯନ୍ତ୍ର ର ପାଶ।
ମାନବ ଅଟଇ ଶୋଣିତ ସନ୍ତାନ
ସବୁଠାରୁ ବଡ ଜ୍ଞାନୀ!
ଗର୍ବ ତାକୁ ଇ କରିବ ଖର୍ବ
କରିବ ହୀନମାନ।
ଯନ୍ତ୍ର ଦାନବ ମନ୍ତ୍ର ପାଖେ ତୁ
ମାନ ନାହି ଆଜି ହାର୍
ତୁ ତ ଏଇ ମାଟି ମାଁ ର ମଣିଷ
କର ତାକୁ ନାରଖାର୍।

କୃତିମ ନର ର ବ୍ରହ୍ମାସ୍ତ୍ର ରେ
ମସ୍ତକ ନ କର ତଳ,
ଜାଗ ଆହେ ବୀର ମାନବ
ଶତ୍ରୁ କୁ କର ବିଫଳ।
ତୋ ସାମ୍ନା ରେ ଛିଡାଅଛି ଆଜି
ମାନବ ର ସଇତାନ୍
ଛିନ୍ନ କର ତା ସବୁ ଶରୀର କୁ
ହେଇଯା ଇନସାନ୍।
ଘୁରିଆଡେ ଆଜି ଶୁଭିଯାଉଅଛି
ଯନ୍ତ୍ର ର ଭୀମ ହୁଙ୍କାର
ପ୍ରଭୁଙ୍କ ର ଏଡେ ସୁନ୍ଦର ଧରା କୁ
କରିଦେଉଛି ସେ ଚୁରମାର୍।
ପୃଥିବୀ କୁ କରଇ ପ୍ରଦୁଷଣ ଯୁକ୍ତ
ବାୟୁ କୁ ଅତି ବିଷାକ୍ତ
ନଦୀ ନାଳ ଜଳ ହୁଅଇ ଦୁଷାକ୍ତ
ଅନଳ ହେଲା ରକ୍ତାକ୍ତ।
ମହାପବିତ୍ର ମନ୍ଦାକିନୀ ଧାରା
ହେଲା ଆଜି ଅତିଷ୍ଠ
ଯା ଜଳ ପିଇଲେ ଦେବତା ମଧ୍ୟ
ହେଉଥିଲେ ତିଷ୍ଠ ତିଷ୍ଠ।

ସବୁଜ ଶ୍ୟାମଳ ନକ ପରିବେଶ
ହୋଇଲା ସମୁଳେ ଧ୍ୱଂସ,
ରାମରାଜ୍ୟେ ହେଲା ସତୀ ଙ୍କ ହରଣ
ନାଶଇ ମାନବ ବଂଶ।
ଯୁଗବ୍ୟାପି ଏଇ ସଂଗ୍ରାମ କୁ
କଲ ହେ ନମନ୍ତ୍ରଣ!
ଏବେ ପୁଣି କାଇଃ ଯୁଦ୍ଧ ପାଇଁ
ସ୍ୱୀକାରୁନ ଆମନ୍ତ୍ରଣ?
ରୁଧିର ଗଡାଅ ଲୁହ ହଜାଅ
ଆସ ହେ କର୍ମ କ୍ଷେତ୍ର
ଦାସତ୍ୱ ରୁ ମୁକ୍ତି ପ୍ରାପ୍ତି ର ଏହା
ଅଟେ ସୁଯୋଗ ମିତ୍ର।
ଜାଗ ହେ ମାନବ ଜାଗିଉଠ ତୁମେ
ଯନ୍ତ୍ର କୁ କର ବିନାଶ,
ରାମରାଜ୍ୟ ସ୍ଥାପି ସ୍ୱଦେଶୀ ପାଳ ହେ
ବିଦେଶୀ କୁ କର ଶେଷ।
ଏ ତରୁଣୀ ଧରା ର କୋମଳ ଶରୀରୁ
ହଟାଅ ଏ ଲୌହ ପାଦ,
ଲୌହ ମାନବ କୁ ଧରା ପୃଷ୍ଠ ରୁ
ନାଶ କର ହେ ଦେବଦ।
ସୃଷ୍ଟି କର ନଜର ଏକ ନବ ସୃଷ୍ଟି
କର ମଧୁର ସଂସାର,
ଧର୍ମ ପଥ ରେ ପଥିକ ହୋଇ
କର ସତ୍ ଆଗ୍ରହ।

ସିନ୍ଧେକେଲା

# ଘୋଷ ଯାତ୍ରା



ଭବାନୀ ଶଙ୍କର ଗିରି

ଆଷାଢର ଶୁକ୍ଳ ପକ୍ଷ ଦ୍ୱିତୀୟାରେ
ନଆର୍ ମଜା ଆସେ ରଥ ଯାତ୍ରାରେ

ଓଡ଼ିଶାର ବଡ଼ ପର୍ବ ଅଟେ ଏହି
ଭେଦ ଭାବ ଛୁଆଁ ଅଛୁଆଁ ଯେ ନାହିଁ

ତିନ ଦିଅଁ ଯାଆନ୍ତି ମାଉସୀ ଘର
ରଥରେ ବସି ହୋଇ କେତେ ବିଭୋର

ଆଗେ ବଳଭଦ୍ର ତାଳଧ୍ୱଜ ରଥେ
ମଧ୍ୟେ ସୁଭଦ୍ରା ଦେବଦଳନ ସାଥେ

ପଛେ ପଛେ ଜଗନ୍ନାଥ ନନ୍ଦିଘୋଷେ
ରଥ ଚାଲିଥାଏ ତାଙ୍କ ସବାଶେଷେ

ରଥ ଗଡୁଥିଲେ ଶୁଭେ ହୁଳହୁଳ
ଘଣ୍ଟ ଘଣ୍ଟା ହରିବୋଲ କରତାଳ

ଡାହୁକ ଡାକ ଉଦଘୋଷକ ବାଣୀ
ଆଧାତ୍ମିକ ଦିଗେ ମନ ନଏ ଟାଣି

ଜାଣିଥିବ ଶ୍ରୀ ମନ୍ଦିର ନଅ ଦିନ
ହୋଇ ଯାଇଥାଏ ସମ୍ପୂର୍ଣ୍ଣ ଶ୍ରୀହୀନ

ପ୍ରିୟ ଠାକୁରଙ୍କୁ ନପାଇ ଭକତ
ମନ ଥାଏ ତାଙ୍କର ବହୁ ଦୁଃଖିତ

ଏହି ସମୟେ ଅଲାରନାଥ ବେଶେ
ଦେଖା ଦିଅନ୍ତି ପ୍ରଭୁ ମନ ହରସେ

ବାହୁଡା ଯାତ୍ରାରେ ପ୍ରଭୁ ଫେରି ଆସି
ରତ୍ନ ସିଂହାସନରେ ବସନ୍ତି ହସି

ଭକତ ମନ କଥା ସବୁ ଶୁଣନ୍ତି
ସବୁରି ମନବାଞ୍ଛା ପୂର୍ଣ୍ଣ କରନ୍ତି

ଆମ୍ବଡ଼ିହା, ବିଜାତଳା, ମୟୂରଭଞ୍ଜ

# ଛୁଆଟିଏ ଅନ୍ଧବିଶ୍ୱାସୀ କେମିତି ହୁଏ ?

ଶୁଭ୍ରାଂଶୁ ମହାନ୍ତି

ଶାନ୍ତ, ସରଳ, ନରୀହ ନସ୍ତରଙ୍ଗ ହୃଦୟର ପିଲାଟିଏ ବିଦ୍ୟାଳୟ କୁ ଯାଏ, କେତେ ଆଶା ଓ ଉଦ୍ଦୀପନା ନେଇ। ବାପା ବା ପିତୃବ୍ୟ ମାନେ ପଠାଇଥାନ୍ତି, ଶିକ୍ଷା ଗ୍ରହଣ କରି ମୁର୍ଖତା ଓ ଅଜ୍ଞାନ ତା କୁ ଯତ୍ପୃଶ୍ରେନାସ୍ତି ନାଶ କରିବ। କେତେ ସତ କଥା ସବୁ ଜାଣିବ, ସାଙ୍ଗ ସାଥୀଙ୍କ ସହ ମିଶିବ। ମଣିଷ ଭଳ ମଣିଷ ଟିଏ ହୋଇ ବାହାରିବ। ପିଲାଙ୍କୁ ସ୍କୁଲ୍ କଲେଜର ପୁସ୍ତକରୁ ଜ୍ଞାନ ତ ମିଳେ ତତ୍ ସଙ୍ଗେ ଶିକ୍ଷକ ଶିକ୍ଷିକା ମାନଙ୍କର ପ୍ରତ୍ୟକ୍ଷ ଦିଗ୍ ଦର୍ଶନ ମଧ୍ଯ ମିଳଥାଏ।

କେତେକ ସ୍ଥଳେ, ଠିକ ତାହାର ଓଲଟା ଜ୍ଞାନ ନଜ ପରିବାରରୁ, ଧର୍ମଗ୍ରନ୍ଥ, ଧର୍ମଗୁରୁ ମାନଙ୍କଠାରୁ ବି ମିଳଥାଏ । ଏଠାରେ ମଧ୍ଯ ଏ କଥା କୁହାଯାଇ ପାରିବ, କେତେକ ବିଶେଷ ଧାର୍ମିକ ଶିକ୍ଷକ ଶିକ୍ଷିକା ମାନେ ମଧ୍ଯ ନଜର ଅପରିପକ୍ୱତା ଓ ଅଜ୍ଞତା ବଶତଃ ଭୁଲ୍ ଠିକ୍ ବିଗ୍ଭର କରି ନ ପାରି, ନଜ ଅପରିସୀମ ଅପରି ପକ୍ୱଜ୍ଞାନ ର ପ୍ରଗଲ୍ଭତାର ପୂର୍ବାଗ୍ରହ ରୁ ଭୁଲ୍ କୁ ଠିକ୍ ରୂପେ ବୁଝି ନଜର ଅଜ୍ଞାନତା କୁ, ନରୀହ ଶିକ୍ଷାର୍ଥୀ ଙ୍କ ସରଳ ମନରେ ପୁଗ୍ଇବାର ଅପଚେଷ୍ଟା ଚଳାଇ ଥାନ୍ତି। ଯଦ୍ୱାଗ୍ ବିଦ୍ୟାଳୟ ମାନଙ୍କରେ ଶିକ୍ଷା ପ୍ରାପ୍ତି କାଳରେ ଯେତିକ ପରିମାଣରେ ସଠିକ୍ ଶିକ୍ଷା ମିଳବା କଥା ସେତିକ ନ ମିଳ ପାରି ନ ଥାଏ। ଫଳତଃ ଶିକ୍ଷାର ଅସଲ ଉଦ୍ଦେଶ୍ୟ ସୁଦୂର ପର୍ହତ ହୋଇଥାଏ।

ସୁଶାନ୍ତ ସପ୍ତମ ଶ୍ରେଣୀ ରେ ପଢ଼େ, ତାଙ୍କ ଗାଁରେ ଯଜ୍ଞ ହେଉଥିଲା । ଯଜ୍ଞ ରେ ଆସିଥିବା ଧର୍ମଗୁରୁ ତାଙ୍କ ପ୍ରବଚନରେ କହୁଥିଲେ - ଗଙ୍ଗା ଶିବଙ୍କର ଜଟା ରୁ ବାହାରିଛି ଓ ଭଗୀରଥ ତାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣିଛନ୍ତି। ପ୍ରବଚନ ସରିଲା ପରେ ସୁଶାନ୍ତ ପ୍ରବଚକ/ମହାତ୍ମାଙ୍କୁ ପଗ୍ଭରିଲା ମୁଁ ତ ମୋ ବହିରେ ପଢ଼ିଛି ଗଙ୍ଗା ନଦୀ ହିମାଳୟର ଗଂଗୋତ୍ରୀ ନାମକ ତୁଷାର ସ୍ରୋତରୁ/ଗ୍ଲେସିୟରରୁ ବାହାରିଛି ।

ଏଇଠି ମହାତ୍ମା କହିଲେ ତୁ ଏବେ ଛୋଟ ଛୁଆ, ଏ ହେଉଛି ଧର୍ମ ର କଥା। ଏବେ ତୁ ଏ କଥା ତୁ ବୁଝିପାରିବୁନ । ପାଖରେ ବସି ଥିବା ଲୋକେ ବି କହିଲେ ତୁ ବଡ଼ ହେଲେ ଆପେ ସବୁ ବୁଝିପାରିବୁ।

ତା'ପର ଦିନ ସୁଶାନ୍ତ କ୍ଲାସର ଶିକ୍ଷକଙ୍କୁ ପଚାରିଲା ସାର ଆପଣ ଯାହା ପଢେଇଥିଲେ ମହାତ୍ମା ତ ଅନ୍ୟ କଛି କହିଲେ। ଶିକ୍ଷକ କହିଲେ ଯେବେ ତୁମେ ବଡ଼ ହେଇଯିବ ସବୁ ବୁଝି ପାରିବ। ଆଜି ସୁଶାନ୍ତ ବଡ଼ ହେଇଗଲାଣି କନ୍ତୁ ଏବେ ବି ବୁଝିପାରୁନ ଯେ କୋଉଟା ସତ, କୋଉଟା ମିଛ !

ପିଙ୍କି ବିଜ୍ଞାନର ଛାତ୍ରୀ । ଦିନେ ତା ମାଆ କହିଲେ ତୁ ଗାଧେଇ ଆସି ସୂର୍ଯ୍ୟଙ୍କୁ ଜଳ ଚଢେଇବୁ, ତତେ ସବୁ କାମରେ ସଫଳତା ମିଳବ । ପିଙ୍କି କହିଲା ମାଆ ତୁମେ ଜାଣିନ ସୂର୍ଯ୍ୟ ଭଗବାନ ନୁହେଁ, ସୂର୍ଯ୍ୟ ସୌର ମଣ୍ଡଳର ଏକ ତାରା ଯାହା ପୃଥିବୀ ଠାରୁ ଅନେକ ଗୁଣରେ ବଡ଼ । ପିଙ୍କି ର ମାଆ କହିଲେ କଣ ତୁ ବେଶି ଜାଣିଛୁ, ସମସ୍ତେ ଯୋଉ ସୂର୍ଯ୍ୟଙ୍କୁ ଜଳ ଚଢ଼ଉଛନ୍ତି ସେମାନେ କଣ ସବୁ ମୂର୍ଖ ? ପିଙ୍କି ବୁଝିପାରୁନ ଯେ ବହିରେ ଲେଖା ଥିବା କଥା ସତ ନା ମାଆ ଯାହା କହିଲେ ତାହା ସତ ?

ଥରେ ଭୂମିକମ୍ପ ଆଉ ବାତ୍ୟା ଆସିଲା, ରାଜେଶର ଜେଜେବାପା କହିଲେ ପୃଥିବୀ ଶେଷ ନାଗ ର ଫଣା ଉପରେ ଅଛି । ଯେତେବେଳେ ଶେଷ ନାଗ କଡ଼ ଲେଉଟାଏ ସେତେବେଳେ ପୃଥିବୀ ହଲିଯାଏ। ରାଜେଶ କହିଲା ଜେଜେ! ମୋ ବହିରେ ତ ଲେଖାହେଇଛି ପୃଥିବୀ ଅଭ୍ୟନ୍ତର ରେ ଯେତେବେଳେ ଦିଟା ଟେକ୍ଟୋନକ୍ ପ୍ଲେଟ୍ ବା ଶୀଳା ପରସ୍ପର ମଧ୍ୟରେ ସଙ୍ଘର୍ଷ ହୋଇଥାଏ, ସେତେବେଳେ ଭୂମିକମ୍ପ ହୁଏ । ପରଷ୍ପର ଉପରେ ଚଢିଗଲେ, ହିମାଳୟ ଭଳ ପର୍ବତ ମାଳା ଭୂପୃଷ୍ଠ ଉପରକୁ ଉଠିଯାଏ। ଆମ ପୃଥିବୀରେ ଏବେ ଯେଉଁ ସାତୋଟି ମହାଦେଶ ପରଷ୍ପର ଠାରୁ ଜଳଭାଗ ଦ୍ୱାରା ପୃଥକ୍ ହୋଇରହିଛନ୍ତି। ତାହା ପ୍ରଥମରୁ ନ ଥିଲା। ସେଇମିତି ୩୩ କୋଟି ବର୍ଷ ପୂର୍ବର ଏକ ବିଶାଳ ଭୂମିକମ୍ପ ଦ୍ୱାରା ଏମିତି ଅଲଗା ହୋଇଯାଇଛି। ଜେଜେ ରାଜେଶକୁ ପାଟି କରି କହିଲେ ତୁ କଛି ଜାଣିନୁ ।

ଏଇ ଭଳ ହଜାରେ ଉଦାହରଣ ଆମ ସମାଜରେ ଦେଖିବାକୁ ମିଳେ ଯାହା ନୁଆଁ ପିଢ଼ିର ପିଲାଙ୍କୁ ଦ୍ୱନ୍ଦରେ ପକେଇ ଦିଏ ।

ଲିପ୍ସା ସ୍କୁଲ୍ ରେ ପଢ଼ିକି ଆସିଲା ଯେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ସମାନ୍ତରାଳ ରେଖା ରେ ଆସିଲେ ସୂର୍ଯ୍ୟ ଗ୍ରହଣ ବା ଚନ୍ଦ୍ର ଗ୍ରହଣ ହେଇଥାଏ। ଗ୍ରହଣ ଲାଗିଲା ଦିନ ମାଆବାପା କହିଲେ ରାହୁ କେତୁ ସୂର୍ଯ୍ୟ ବା ଚନ୍ଦ୍ର କୁ ଗିଳି ଦେଲେ ଗ୍ରହଣ ଲାଗେ । ଲିପ୍ସା ବିଜ୍ଞାନ ବହିରେ ପଢ଼ିଥିବା ବିଷୟରେ କହିଲା ଯେ ପାଟି କରି ତାକୁ ଚୁପ୍ କରେଇ ଦିଆଗଲା । ଏବେ ଲିପ୍ସା କାହା କଥା ମାନିବ ?

ବିଜ୍ଞାନ ସବୁବେଳେ ଯେ କୌଣସି ତଥ୍ୟ କୁ ତର୍କ ଓ ବାସ୍ତବ ତା ଆଧାରରେ ପ୍ରମାଣିତ କରିଥାଏ, ତାହା ଆମ ପାଠ୍ୟ ପୁସ୍ତକରେ ପ୍ରମାଣ ସହିତ ଉପଲବ୍ଧ ଅଛି । କିନ୍ତୁ ଧାର୍ମିକ ପୁସ୍ତକ ଗୁଡିକରେ ଅନେକ କାଳ୍ପନିକ କାହାଣୀ ଗୁଡିକୁ ଆକର୍ଷକ ଢଂଗରେ ଅନ୍ଧବିଶ୍ୱାସର ଶିରାରେ ବୁଡ଼େଇ କି ଜନମାନସଙ୍କ ଭିତରେ ପରଷା ଯାଉଛି । କେତେକ ଧର୍ମ ଶାସ୍ତ୍ରବିତ୍ ଶିକ୍ଷକ/ ଶିକ୍ଷିକା ମଧ୍ୟ, ଦେଖାଣିଆ ପ୍ରଗଲ୍ଭ ଭାରତୀୟତା, ଜାତୀୟତାବାଦୀ ଦେଶପ୍ରେମ କୁ ଧାର୍ମିକ ମିଥ୍ୟାଗୁରୁ/ସସ୍କୃତି କହି, ପାଗ କରି, ଶିକ୍ଷାକୁ ପରା ବିଦ୍ୟା, ଅପରା ବିଦ୍ୟା, ପରା ଜ୍ଞାନ, ଅପରା ଜ୍ଞାନ,, ଏଭଳିକ ପରା ବିଜ୍ଞାନ ଓ ଅପରା ବିଜ୍ଞାନ, ନାମରେ କେତେ କ'ଣ ଅଶାସ୍ତ୍ରୀୟ ଶବ୍ଦକୁ ବ୍ୟବହାର କରି ନିଜର ଅଜ୍ଞତା ରୂପୀ ବିଜ୍ଞତାକୁ ଶିକ୍ଷାର୍ଥୀଙ୍କ କଅଁଳ ମନରେ ପ୍ରବେଶ କରାଇ ତାଙ୍କୁ କ'ଣ ତିଆରି କରିବାକୁ ଚାହାନ୍ତି, ତାଙ୍କୁ ଜଣା। ଭାରତ କାହିଁକି, ଯେ କୌଣସି ଦେଶରେ ଜନ୍ମିତ ଯେ କୌଣସି ବ୍ୟକ୍ତିର ମାତୃଭୂମି ପ୍ରତି ସମ୍ମାନ ଥାଏ। ରହିବା ମଧ୍ୟ ସ୍ୱାଭାବିକ। ତାହା କ'ଣ ଦେଖାଇହେବା ନିହାତି ଜରୁରୀ କି? ଏଇଥିରୁ ପିଲାମାନେ ବୁଝି ପାରନ୍ତିନି ଯେ କୋଉଟାକୁ ଗ୍ରହଣ କରିବା ଓ କୋଉଟାକୁ ଗ୍ରହଣ କରିବା ନାହିଁ? ପରା ବିଦ୍ୟା, ଅପରା ବିଦ୍ୟା,, ପରା ଜ୍ଞାନ, ଅପରା ଜ୍ଞାନ,, ପରା ବିଜ୍ଞାନ ଓ ଅପରା ବିଜ୍ଞାନ,, ଭିତରୁ ପ୍ରକୃତ ବିଜ୍ଞାନ କେଉଟି? କେଉଟା ଜୀବନ କୁ ଠିକ୍ ଦିଗରେ ନେଇଯିବ?

ଶିକ୍ଷା ଦାନର ମୌଳିକ ଦିଗ ମାନଙ୍କ ଉପରେ ଆଲୋକପାତ କଲେ, ଏକଥା ଜାଣି ହୋଇଯିବ ଯେ.. ଶିକ୍ଷାର୍ଥୀଙ୍କ ମଧ୍ୟ ରେ କୌଣସି ବି ବିଷୟ ଜାଣିବାର ଉତ୍ସୁକତା/ଜିଜ୍ଞାଶା ସୃଷ୍ଟି କରିପାରିବାରେ ହିଁ ଶିକ୍ଷାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇଥାଏ। ଶିକ୍ଷାର୍ଥୀ କିଶୋର କିଶୋରୀ କୌତୁହଳୀ ହୋଇ, ଅଜଣା ଲାଗୁଥିବା, ସନ୍ଦେହ ହେଉଥିବା ଯେ କୌଣସି ବି ପ୍ରସଙ୍ଗ ରେ କ'ଣ? କେମିତି? କାହିଁକି? ଭଳି ଅତି ସାଧାରଣ ପ୍ରଶ୍ନ ଓ ତର୍କ ପୂର୍ଣ ପରିପ୍ରଶ୍ନ ରେ ମଧ୍ୟ ଶିକ୍ଷା ର ମୂଳ ଲକ୍ଷ୍ୟ ସାଧିତ ହୋଇଥାଏ। ଏ ସବୁ ତର୍କ କୁ କେତେକ ଶିକ୍ଷାବିତ୍

କଥା କଥିତ ରକ୍ଷଣଶୀଳ ଶିକ୍ଷକ ଶିକ୍ଷିକା ଶିକ୍ଷାର୍ଥୀଙ୍କର ଧୃଷ୍ଟତା ଓ ଅଗ୍ରଧର୍ଷୀତା ମନେକରିବା ପରିତାପ ଆଣିଦିଏ।

ବିଦ୍ୟାଳୟ ପରିସର କୁ ଛାଡିଦେଲେ, ସାଧାରଣ କ୍ଷେତ୍ରରେ, ଅନେକ ଲୋକ କହନ୍ତି ଆମ ପୂର୍ବଜ ଏ ସବୁକୁ ମାନି ଆସୁଥିଲେ ସେଥିପାଇଁ ଆମେ ବି ମାନବୁ । ଏସବୁ ଯାହାହେଲେ ବି ଆମର ପରମ୍ପରା, ସମ୍ପୃକ୍ତ ଗି ତାହେଲେ ତୁମ ପୂର୍ବଜ ତ ଜଙ୍ଗଲରେ ଲଙ୍ଗଳା ହେଇ ବୁଲୁଥିଲେ ତୁମେ ବି ବୁଲ, ତୁମେ କାହିଁକି କୋଟ ପେଣ୍ଟ, ଜିନ୍ସ ପିନ୍ଧୁବାକୁ ଗ୍ରହୁଁଛ ? ବିଜ୍ଞାନ ଦ୍ୱାରା ନିର୍ମିତ ବସ୍ତୁ ଗୁଡିକୁ କାହିଁକି ବ୍ୟବହାର କରୁଛ ? ମାତ୍ର ଏଠାରେ ସେ କଥା କୁହା ଯାଉନି।

ବୈଜ୍ଞାନିକ ସରଞ୍ଜାମ ବ୍ୟବହାର କରିବାରେ କାହାରିକୁ ବାଧା ନାହିଁ। ମାତ୍ର ବ୍ୟବହାର କଲାବେଳେ ଏ ସବୁରେ ମାହିର୍ ହୋଇ, ସେଇ ବୈଜ୍ଞାନିକ ସୂତ୍ର, ନିୟମାନୁଯାଇ ସାରା ଜୀବନ ବିତାଇ ମଧ୍ୟ, ଅନେକ ତାକୁ ହେୟ ମନେ କରି ଅଦେଖା ଅନନୁଭବ୍ୟ ବୃଥା ଭାବନାରେ ସମୟ ଅପଚୟ କରିଥାନ୍ତି, ସେଇଟା ହିଁ ଦୁଖ ଦାୟକ।

ସେଥିପାଇଁ -

ତର୍କଶୀଳ ହେବା, ବିଜ୍ଞାନବାଦୀ ହେବା, ଅନ୍ଧବିଶ୍ୱାସ ଦୂର କରିବା, ଆତ୍ମବିଶ୍ୱାସୀ ହେବା। ଭାରତକୁ ପ୍ରଗତିବାଦୀ ବନାଇବା । ଏହି ମହାନ ଲକ୍ଷରେ ଆମେ ଜୀବନ କୁ ଲଗାଇବା ଓ ଅନ୍ୟକୁ ଏଥି ସକାଶେ ଉତ୍ସାହିତ କରିବା ଆମର ଲକ୍ଷ ହେଉ।

ଜଗତସିଂହପୁର, ଓଡିଶା

# କଳା କାହ୍ନୁ



ପ୍ରଜ୍ଞାଲୀନ ସାହୁ

ନୟନ ପିତୁଳା ସେ ଆଖିର ତାରା
ଦଣ୍ଡେ ନ ଦେଖିଲେ ଯଶୋଦା ହୁଅଇ ବଣା,
ତା ବିନା ଯଶୋଦା କୋଳ ଲାଗୁଛି ଶୂନ୍ୟ ଶୂନ୍ୟ,
ଫେରିଆ ଧନ ଧନ ବୋଲି ଝୁରୁଛି ମନ |

ବଂଶୀର ସୁର ଯେବେ ବାଜଇ କାନେ
ରାଧା ଅଧୀର ହୋଇ ଆସେ ଯମୁନା କୂଳେ,
ଖାତିରି ନ ଥାଏ ତାର ଲୋକ ଅପବାଦ,
ଧାଇଁ ଆସେ ସେ ପ୍ରେମେ ମୋହ ହୋଇ ରାସ |

ଦେବକୀର ଦୁଃଖ ଦୁଖିକୁ ଗୋଚର
କାହ୍ନୁ ବିନେ କାଟେ ଦିନ
ତା ଚନ୍ଦ୍ରବଦନ ଦେଖିବା ପାଇଁରେ
ଅନେଇ ଥିବ ସେ ରାତି ଦିନ |

ମୀରା ଗାଉଛି କାହ୍ନୁର ବିରହେ
କେବେ ଫେରିବ ତୁମେ ମୋ ପୁରେ,
ତୁମ ବଂଶୀର ତାଳେ ତାଳେ,
ଘୁଙ୍ଗୁର ମୋ ନାଚବ ପୁଣି ଦେବଦାସୀ ମେଳେ |

ଗୋପଦାଣ୍ଡେ ଧୂଳି ଆଉ ଉଡୁନାହିଁ
କି ଗୋପ ଗୋପାଳୁଣୀର ଚହଳ ଶୁଣାନାହିଁ,
ଯମୁନା କୂଳ ଝୁରୁଛି ତା ବଂଶୀ ସ୍ୱର,
କଦମ୍ବଡାଳରେ ଧରୁନ ଆଉ ଫୁଲର କଢ଼ |

ସଭିଙ୍କ ମୁଖରେ ଗୋଟାଏ କଥା
କାହ୍ନୁ ପ୍ରେମେ ହୋଇ ବନ୍ଧା,
ଫେରିଆ ତୁ କାହ୍ନୁ ନେଇ ବଂଶୀର ବୀଣା,
କାରଣ ତୋ ବିନା ଏଠି ସମସ୍ତଙ୍କ ଜୀବନ ଅଧା |

ଜଗତସିଂହପୁର

# ଭଉଣୀ

ଚନ୍ମୟ ସାହୁ

ଭଉଣୀ,
ଖାଲି ପରିଚୟ ଟେ ନୁହେଁ କେଉଁ ତୁଚ୍ଛ ସମ୍ପର୍କର
ଏକ ଅଭିମାନ, ଏକ ଅନୁଭୂତି
ନିଜର ବୋଲି ଭାବି କାହା ଉପରେ ଗର୍ବ କରିବାର
ନିଜଠୁ ଅଧିକ କାହାକୁ ଭଲ ପାଇବାର
ଯେଉଁ ଭଲ ପାଇବାରେ ନଥାଏ
କିଛି ଲୁକ୍କାୟିତ ଲାଳସା ଅବା କିଛି ପାଇବାର ଆଶା
ଥାଏ କେବଳ ନିଃସ୍ୱାର୍ଥପର ସ୍ନେହ, ଶ୍ରଦ୍ଧା, ଆବେଗ......

ଆବେଗ,
ଭାଇ ର ଭଉଣୀ ପାଇଁ
ତାର ସୁଖ, ସମୃଦ୍ଧି ଓ ସୁରକ୍ଷା ପାଇଁ
ତା ପାଦରେ ଯେମିତି କଣ୍ଟା ଟେ ନ ଫୁଟୁ
ତା ଚଲା ପଥ ରେ କୌଣସି ବାଧା ନ ରହୁ
ଆଉ ତା ଆଖିରୁ କେବେ ଲୁହ ନ ଝରୁ
ଝରୁ କେବଳ ତା ଓଠରୁ ଦୁଇ ଧାର ହସ,
ଆଖିରୁ ସାହସ ର ବହ୍ନି ଆଉ ହୃଦୟରୁ ଅଦମ୍ୟ ବିଶ୍ୱାସ......

ବିଶ୍ୱାସ,
ନିଜକୁ ସ୍ୱତନ୍ତ୍ର ପରିଚୟ ଦବାର
ନିଜ ସ୍ୱାଭିମାନ କୁ ବଜାୟ ରଖିବାର

ନିଜକୁ ନିଜେ ମଜବୁତ କରି ଗଢି ତୋଳିବାର
ଆଉ ଏ ସ୍ୱାର୍ଥପର ଦୁନିଆ ରେ
ନିଜ ସ୍ୱାର୍ଥ ପାଇଁ ନିଜ ପରିଧି କୁ ଟିକେ ବିସ୍ତାର କରିବାର
ଯେଉଁଠି ପ୍ରତିଟି ନିଶ୍ୱାସ ରେ ଥିବ ଆତ୍ମବିଶ୍ୱାସ
ପ୍ରତିଟି ନିରବତାରେ ଥିବା ଆତ୍ମସମୀକ୍ଷା
ଆଉ ପ୍ରତିଟି ହସ ରେ ଥିବ ଆତ୍ମସନ୍ତୋଷ......

ସନ୍ତୋଷ,
ଭଉଣୀର ଖୁସି ରେ ଭାଇ ହୃଦୟରେ କୂଳ ଲଂଘୁଥିବା
ଅସୁମାରୀ ଆନନ୍ଦ, ଆଖି କୋଣରେ ଜକେଇ ଆସୁଥିବା
କେଇ ଟୋପା ଅଶ୍ରୁ ଅବା ଗର୍ବରେ ଫୁଲି ଉଠୁଥିବା
ଛାତି ଯାହା ଦିନେ ନିଜ ଖୁସିରେ ନିରବ ରହିଥିବା
କୋହ ହଉ କି ନିଜ କଷ୍ଟରେ ଯନ୍ତ୍ରଣା ଜର୍ଜରିତ ଥିବା
ଭଙ୍ଗା ମନ ର ଦରଭଙ୍ଗା ସପନ......

ସପନ,
ଭଉଣୀକୁ ରାଜକୁମାରି ପରି ଗଢି ତୋଳିବାର
ତା ପାଇଁ ଆକାଶରୁ ଚାନ୍ଦ ତୋଳି ଆଣିବାର
ତାର ସବୁ ଅଳି ଅର୍ଦଳି କୁ ସହି ତା ଅବୁଝା ମନକୁ ସାନ୍ତ୍ୱନା ଦବାର
ଆଉ ତା ଖୁସି ପାଇଁ ଦୁନିଆ ଆଗେ ଠିଆ ହୋଇ ଲଢିବାର
ତାକୁ ବୋଝ ନୁହଁ ନିଜ ଅଧିକାର ସାବ୍ୟସ୍ତ କରିବାର
ଆଉ ତାକୁ ନିଜ ସାହସ ଗର୍ବ ଆଉ ସ୍ୱାଭିମାନ ବୋଲାଇବାର
ସବୁ ସମ୍ପର୍କରୁ ଶ୍ରେଷ୍ଠ ଗୋଟେ ପରିଚୟ ଦବାର
ଆଉ ଭାଇ ଜନ୍ମ କୁ ଯଥାର୍ଥ , କୃତାର୍ଥ ଆଉ ସ୍ୱୀକୃତ କରିବାର......

# ପ୍ରବାସୀ ଶ୍ରମିକର ଦୁଃଖ



ଶ୍ରୀ ଡମ୍ବରୁଧର ବାଗ

ଦେଖିଲି ନୟନେ ଶ୍ରମିକ ଭାଇଙ୍କୁ
ଆସୁଥିଲେ ଚାଲି ନିଜ ଗାଆଁକୁ ।
ମୁଣ୍ଡରେ ବୁଟୁକା କାନ୍ଧେ ଛୋଟ ପୁଅ
ହାତେ ହାତ ଧରି ବଡ ପୁଅକୁ ।
ଥପ୍ ଥପ୍ ହୋଇ ଝାଳ ବାହାରୁଥିଲା
ଶୁଖି ଯାଇଥିଲା ପାଟିଟା ତା'ର।
ମୁହଁଟି ତାହାର କଳା ପଡିଥିଲା
ନ ଥିଲା ପେଟରେ କିଛି ଆହାର ।
ସହସ୍ର ଯୋଜନୁ ପାଦେ ଚାଲି ଚାଲି
ପଡି ଯାଇଥିଲା ସେ ଭାଇ ଥକି ।
ଭୋକ ଉପାସରେ ପେଟ ଜଳୁଥିଲା
ଚାଲୁଥିଲା ରାସ୍ତା ସେ ଟାକି ଟାକି ।
ମନେ ଭାବୁଥିଲା ନିଜ ଘର କଥା
ଝୁରି ହେଉଥିଲା ରୋଗୀ ମାଆକୁ ।
ଛାଡି ଆସିଥିଲା ବଡ ଝିଅଟାକୁ
ବାହା ଦେବ ବୋଲି ଆର ବର୍ଷକୁ ।
ଆଖିରୁ ବହଇ ଲୁହ ଧାର ଧାର
ଯେତେ ପୋଛିଲେ ବି ବାହାରୁଥାଏ।
ଗରିବ ବିଚରା ଶ୍ରମିକ ଭାଇନା
ମନେ ମନେ କାନ୍ଦି ପାଦ ବଢାଏ ।
ଛୋଟ ଛୁଆ ତା'ର ନ ଜାଣଇ କିଛି
ବାପା କାନ୍ଧେ ବସି ପଚାରୁ ଥାଏ ।

କେବେ ଆମେ ଘରେ ପହଞ୍ଚିବା ବାପା
ବଡ ପୁଅ ପୁଣି ଦୋହାରୁଥାଏ।
ସ୍ତ୍ରୀ ତା'ର ରହିଥାଏ ଟିକେ ଦୂରେ
ଭାବୁଥାଏ ମନେ ଝିଅର କଥା ।
ଛ'ମାସ ହେଲା ଦେଖିନି ଝିଅକୁ
ଭାବି ଦେଲେ ତାକୁ ଲାଗୁଛି ବ୍ୟଥା।
ଗରିବ ହେବାଟା କାଳ ହେଲା ଆଜି
ପେଟ ଦେଖାଇଲା ଦେଶ ବିଦେଶ ।
କେଉଁ ଦିନ ତାଙ୍କ ଦୁଃଖ ସରିବ
ମୁହଁରେ ଫୁଟିବ ଟିକିଏ ହସ ।
ଆଣିଥିବା ଋଣ ପାରିବନି ସୁଝି
କେମିତି କରିବ ଝିଅର ବାହା ।
ଦୁଇ ସ୍ୱାମୀ ସ୍ତ୍ରୀକୁ ଲାଗିଅଛି ଚିନ୍ତା
ହେବେ କିଏ ଆଉ ଆମକୁ ସାହା ।
ଏମିତି ଅନେକ କଥା ଭାବି ଭାବି
ଶ୍ରମିକ ଭାଇନା ଆଗକୁ ବଢେ ।
ପରିବାର ଟାକୁ ସୁଖେ ଚଳାଇବା
ପାଇଁକି ଏପରି ଗୋଡକୁ କାଢେ ।
ଗରିବ ବିଚରା ଶ୍ରମିକ ଭାଇନା
ଚାଲୁଅଛି ଧରି ନିଜ ଛୁଆଙ୍କୁ ।
ବେନି ହସ୍ତ ଯୋଡି ଗୁହାରି କରୁଛି
ରଖ ପ୍ରଭୁ ହରି ଏଇ ଦୀନକୁ ।

ଚପ୍ରିଆ, କଳାହାଣ୍ଡି

# ଆସିଛି ରଜ



ଦୀନବନ୍ଧୁ ପୋଇ

ଆସିଛି ରଜ ହୁଅରେ ସଜ
ହେ ମୋ ଓଡ଼ିଶା ବାସୀ
ପହିଲି ରଜେ ଝୁଲ୍ଇ ଦୋଳ
ସରବେ ଖେଳ ମିଶି ।୧ ।

ପଟା ଦୋଳକୁ ଡାଳେ ଝୁଲଅ
ଶକ୍ତରେ ବାନ୍ଧି ରଶି
ଝିଅ ବୋହୁଏ ଖେଳବେ ଦୋଳ
ଆସିବା ଯାଏ ନଶି ।୨।

ଚକରି ଦୋଳ ଖେଳବା ପାଇଁ
ହୁଅଇ କେତେ ଭିଡ
ଗୁଉଳ ଚୂନା ଗୁଡକୁ ନେଇ
ଗଢେ ମା ପିଠାପୋଡ଼ ।୩।

ଖୁଲି ପାନ ଓ ପୋଡ଼ପିଠାକୁ
ଖାଇ କ ହୁଅ ଖୁସି ।
ତିନ ଦିନର ପରବ ଇଏ
ନଅଇ ମନ ତୋଷି ।୪।

ବନ୍ଧୁ ସମ୍ପର୍କ ବାନ୍ଧି ରଖଇ
ବାଣ୍ଟିଲେ ରଜପାନ
ସଂସ୍କୃତି ଭର୍ ଓଡ଼ିଶା ଆମ
ଗ୍ଇଜରେ ମହାନ ।୫ ।

ଦିଅ ବିଶ୍ରାମ ନାରୀ ଜାତିକୁ
ସିଏ ଆମ ନମସ୍ୟ
ବସୁମତୀର ସ୍ନାହାନ ଶେଷେ
ଚଷା ବୁଣଇ ଶସ୍ୟ ।୬ ।

ହେଉବା ଦୋଳ ହେଉ ବା ପିଠା
ସବୁରି ମୂଳେ ଗଛ
ରୋପିବା ଆସ ଧରାପୃଷ୍ଠରେ
ବୃକ୍ଷ ରଖଇ ସ୍ୱଚ୍ଛ ।୭।

ଗୋରଡ଼ାପାଳ, ଢେଙ୍କାନାଳ

# ହରବର



ସାଇପ୍ରସାଦ ସାହୁ

ହରବର ବା ତରବର ହୋଇ କାମ କଲେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ | ସେଥିପାଇଁ ମହାପୁରୁଷମାନେ କହିଥିଲେ; "ବୁଝି ବିଚାରି କାମ କଲେ ପ୍ରମାଦେ ନ ପଡଇ ଭଲେ ।" ଅନ୍ୟମନସ୍କତା କିମ୍ବା କାର୍ଯ୍ୟବ୍ୟସ୍ତତା ହୋଇ କୌଣସି କାମ କରିବା ଦ୍ୱାରା କୁଫଳ ମିଳିବାର ସମ୍ଭାବନା ଥାଏ | ମୋ ଜୀବନରେ ଘଟିଥିବା ଏମିତି ଏକ ଘଟଣାକୁ ମୁଁ ଏଠାରେ ଉପସ୍ଥାପନା କରିଛି | ଅନେକ ଦିନ ତଳର କଥା | ସେତେବେଳେ ମୁଁ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ ପଢୁଥାଏ | ଦିନେ ହଠାତ୍ ସ୍ଥିର କଲି ଭୁବନେଶ୍ୱର ଅଭିମୁଖେ ଯାତ୍ରା ପାଇଁ | ମୁଁ ଭୁବନେଶ୍ୱର ଯିବାର ଏକ ଅଣସଂରକ୍ଷିତ ଟିକେଟ୍ ପାଇଁ ମୋର ଏଟଲାସ୍ ସାଇକେଲରେ ସମ୍ବଲପୁର ରୋଡ୍ ରେଳ ଷ୍ଟେସନକୁ ଯାଇଥିଲି | ପ୍ରଥମେ ଟିକେଟ୍ କାମ ସାରିବାକୁ ଭାବିଲି | ମୋ ସାଇକେଲରେ ଚାବି ନ ଥିଲା | ସାଇକେଲ ଚୋରି ହେବାର ଯଥେଷ୍ଟ ଅଧିକ ଥିଲା | ସେତିକିବେଳେ ବାଧ ହୋଇ ମା ସମଲେଇଙ୍କୁ ସ୍ମରଣ କରି ମୋ ସାଇକେଲଟିକୁ ଷ୍ଟେସନକଡରେ ଥିବା କାନ୍ଥରେ ଡେରି ଦେଇ ଷ୍ଟେସନ ଭିତରକୁ ଗଲି | ଅଣସଂରକ୍ଷିତ ଟିକେଟ୍ କାଉଣ୍ଟର ବେଶ୍ ଭିଡ ନ ଥିଲା | ସେଠାରେ କାମ ଶୀଘ୍ର ସରିଗଲା | ମୋର ମନ ସାଇକେଲ ପାଖରେ ଥାଏ | ହେଲେ ତରବର ରେ ଅନ୍ୟମନସ୍କ ଭାବେ ମୁଁ ମୋ ସାଇକେଲଟିକୁ ଛାଡି ଅନ୍ୟ ଜଣଙ୍କର ସାଇକେଲ ଧରି ବହି ଦୋକାନକୁ ପୁସ୍ତକ କିଣିବା ପାଇଁ ଚାଲି ଗଲି | ସେ ସାଇକେଲଟି ମଧ୍ୟ ଏଟଲାସ୍ ଥିଲା | ଆଉ ସେଥିରେ ମୋ ସାଇକେଲ ଚାବି ନ ଥିଲା | କିଛି ସମୟ ପରେ ବହି ଦୋକାନରୁ ପୁସ୍ତକ କିଣିସାରି ମୁଁ ଯେତେବେଳେ ସାଇକେଲ ନିକଟକୁ ଆସିଲି ଜାଣିବାକୁ ପାଇଲି ଯେ ଉକ୍ତ ସାଇକେଲଟି ମୋର ନୁହେଁ | ମୁଁ ଭାବିଲି ଲୋକଟି ବୋଧ ହୁଏ ମୋ ସାଇକେଲଟି ନେଇଯାଇ ସେ ତା ସାଇକେଲଟି ଛାଡି ଯାଇଛି | ଏବେ ମୁଁ କ'ଣ କରିବି

ଚନ୍ତାରେ ପଡିଗଲି | ମୁଁ କଛି କ୍ଷଣ ଭାବିଲି ; ମୋ ଛଡା ତ ସେ ବହି ଦୋକାନକୁ ଆଉ କେହି ଆସି ନ ଥିଲେ ! ଭୁଲ ବଶତଃ ସାଇକେଲଟିକୁ ଷ୍ଟେସନ ନକଟରୁ ନେଇ ଆସିଥାଇ ପାରେ ବୋଲି ମୋ ମନକୁ ସନ୍ଦେହ ହେଲା | ଆଉ ବିଳମ୍ବ ନ କରି ସଙ୍କୋଚ ମନରେ ଷ୍ଟେସନ ଅଭିମୁଖେ ପୁଣି ଥରେ ବାହାରି ଗଲି | ସେଠାରେ ପହଞ୍ଚି ମୋ ସାଇକେଲଟି ଯଥା ସ୍ଥାନରେ ରହିଥିବାର ଦେଖିବାକୁ ପାଇଲି | ଭୁଲରେ ନେଇ ଯାଇଥିବା ସାଇକେଲଟି କୁ ଯଥା ସ୍ଥାନରେ ରଖି ଦେଇ ତୁରନ୍ତ ସେଠାରୁ ବାହାରି ଆସିଲି | ମନରେ ଭୟ ହେଉଥାଏ; କେହି ମୋତେ ଏହି ସାଇକେଲ ସହ ଦେଖୁ ନାହାନ୍ତି ତ ! ମୋ ଦେହରୁ ସେତିକବେଳେ ଗମ୍ ଗମ୍ ଝାଳ ବାହାରୁଥାଏ | ଭାଗ୍ୟ ଭଲ ଯେ ସେହି ସାଇକେଲ ମାଲିକ ର କାମ ବୋଧ ହୁଏ ସରି ନ ଥିଲା | ସେଥିପାଇଁ ମୁଁ ବିପଦରୁ ବଞ୍ଚିଗଲି | ନଚେତ୍ କଏ ମୋତେ ଦେଖିଥିଲେ ସାଇକେଲ ଚୋରି କରୁଛ ବୋଲି କହିଥାନ୍ତା | ଆବଶ୍ୟକସ୍ଥଳେ ଉତ୍ତମ ମଧ୍ୟମ ମଧ୍ୟ ଖାଇଥାନ୍ତି | ସେଥିପାଇଁ କଥାରେ ଅଛି; "ଧୀର ପାଣି ପଥର କାଟେ, ହରବର ହେଲେ ଆଣ୍ଠୁ ଫାଟେ ।"

ତରବରିଆ ବା ହରବର କମ୍ବା ଅନ୍ୟମନସ୍କ ଭାବେ କୌଣସି କାମ କରିବା ଦ୍ୱାରା ବିପଦ ଯେ ପାଖେଇ ଆସେ ମୁଁ ସେ ଦିନ ଅନୁଭବ କରିଥିଲି |

ସ୍ନାତକୋତ୍ତର ବାଣିଜ୍ୟ ( ଜିଏମ୍ ୟୁ ଛାତ୍ର )
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ,ସମ୍ବଲପୁର

# ମନର ମାନଷି ବୋଲି

ନଲମ୍ବର ମହାନନ୍ଦ

ପୂର୍ଣିମା ରାତିରେ ଯାଇଥିଲି ବୁଲି
ସାହିକୁ ତୁମର କାଲି
ଦେଖିଲି ତୁମକୁ ଜହ୍ନ ଆଲୁହରେ
ହସି ଦେଇ ଗଲ ଚାଲି ।।

ହସିଦେଲ ସିନା ଅନ୍ତର ରୁ ତୁମେ
ମନମୋର ନେଲ କଣି
ରଖିଦେଲି ମନ ତୁମରି ପାଖରେ
ଆସିଲି ଘରକୁ ଫେରି ।।

ଆସିଲି ଘରକୁ ନଦ ନାହିଁ ଆଖି
ଭାବେ ଖାଲି ସେହି କଥା
ଆଖି ଆଗରେ ତୁମ ପ୍ରତିଛବି
ଭୂଲି ବି କେମିତି ଏହା ।।

ଭାବି ଅଛି ମନେ କହିବି ତୁମକୁ
ରଖିବ ମୋ ଅନୁରୋଧ
ସାତ ଜନ୍ମ ଯାଏ ତୁମେମୋର ରାଣୀ
ହୋଇବକ ନାହିଁ କୁହ ।।

ତୁମରି ପ୍ରେମରେ ଛଟପଟ ଆଜି
କହି ମୁଁ ପାରିଲି ନାହିଁ
ମଉକା ମିଳଲ୍ ଖୋଲି କହିଦେଲି
ମନର ମାନଷି ବୋଲି ।।

ଆମ୍ବଗୁଡା, ଗୋଲାମୁଣ୍ଡା, କଳାହାଣ୍ଡି

# ଉତ୍କଳ ପ୍ରଦେଶ

ଲଲାଟେନ୍ଦୁ ବାରିକ

ସୁଜଳା ସୁଫଳା ଶସ୍ୟଶ୍ୟାମଳା
ସୁ ବିମଣ୍ଡିତ ଉତ୍କଳ ର ଗଳା
ତରୁ ଲତା ବଣ ପାହାଡ଼ ନଈ
ସବୁଠୁ ସୁନ୍ଦର ମୋ ଉତ୍କଳ ଭୂଇଁ
ଜାତି ଧର୍ମ ବର୍ଣ୍ଣେ ନାହିଁ ଭିବେଦ
ରୁହନ୍ତି ଏକାଠି ଭୁଲି ବିବାଦ
ବିଭିନ୍ନତା ସତ୍ତ୍ୱେ ଐକ୍ୟଭାବ
ଉତ୍କଳ ଭୂଇଁ ର ମୂଳ ସ୍ୱଭାବ
ଆହୁରି ଯେ କେତେ ଯୋଗ୍ୟ ସନ୍ତାନ
ରଖିଛନ୍ତି ଟେକ ଦେଇ ଜୀବନ ଦାନ
ନଦୀ ନାଳ ଯାର ଗାଏ କାବ୍ୟ ଗୀତି
ଝରଣା ଶୁଣାଏ ତାର ଯଶ କୀର୍ତ୍ତି
ସଂସ୍କୃ ତି ଐତିହ୍ୟ ତା କେତେ ମହାନ
ଭୁଲି ହୁଏ ନାହିଁ ପର୍ବାଣୀ ମାନ
କାରୁକାର୍ଯ୍ୟ ମଧ୍ୟେ ଲାଗଇ ଭିନ୍ନ
ଆଶ୍ଚର୍ଯ୍ୟ ରେ ଭରେ ଦୁଇ ନୟନ
ସବୁ ଠାରୁ ଭିନ୍ନ ମୋ ଉତ୍କଳ ପ୍ରଦେଶ
ଦେବାଦେବୀ ଙ୍କ ର ଅଟେ ଆବାସ
ଯାର ପରଶ ରେ ଧନ୍ୟ ଏ ମାଟି
ମରଣ କାଳରେ ନଏ ସାଉଁଟି
ସରଗ ଠୁ ବଡ଼ ଅଟେ ପ୍ରଦେଶ
ସୁନ୍ଦର ତା ଲାଗେ ଓଡ଼ିଆ ଭାଷା
ଯେଉଁ ଦେଶେ ଯାଇ ରହିଲେ ଭାଇ
ଝୁରଇ ମନ ତା ମାଟି ପାଣି ପାଇଁ

ଭଦ୍ରକ, ବାସୁଦେବପୁର

# ମା ତାରିଣୀ

ପ୍ରଭାତ ନଳିନୀ ସାହୁ

ଘଟ ଗାଆଁ ବାସିନୀ ମା
ସଙ୍କଟ ତାରିଣୀ,
ଦୁଃଖ ଦୂର କରୁ ବୋଲି
ତୁ ଦୁଃଖ ହାରିଣୀ।
ଯୁଗେଯୁଗେ ତୋ ସନ୍ତାନେ
ହୋଇଅଛୁ ସାହା,
ଆଜି ସଂସାରେ ବିସ୍ତାରେ
ଅପଶକ୍ତି କାୟା।
ଅକାଳରେ ବୁଡିଯାଏ
ଜୀବନ ତରଣୀ
ଘଟ ଗାଆଁ,,,,,,,,
ଅନ୍ଧକାର ଘୋଟିଛି ମା
ଏ ସାରା ବିଶ୍ୱରେ,
ଅଦୃଶ୍ୟ ଶତ୍ରୁ ପାଖରେ
ଜ୍ଞାନ, ବୁଦ୍ଧି ହାରେ।
ନିଦ୍ରା, ତନ୍ଦ୍ରା ଦୂରେ ଆଜି
ମିଳେନି ସରଣୀ।

ଘଟ ଗାଆଁ,,,,,,,,,,,,,,
ଜୀବନଟା ଟଳି ପଡେ
ଝଡ଼ ପତ୍ର ସମ,
ଅଶାନ୍ତ, ଦୁଃସମୟ ଏ
ବ୍ୟଥିତ ମରମ।
ଦୟାକର ମହାମାୟୀ
ଜଗତ ଜନନୀ
ଘଟ ଗାଆଁ,,,,,,,,,
ଲୁହରେ ତର୍ପଣ ଆଜି
କରୁଛି ମାନବ,
ଦ୍ରୌପଦୀ ପରିୟେ ହାତ
ଟେକିଲେଣି ସର୍ବ।
ତୋ ଆଶିଷ ଝରିଆସୁ
ଅଭୟଦାୟିନୀ
ଘଟ ଗାଆଁ,,,,,,,,,,,

ଛେଣ୍ଡ, ରାଉରକେଲା

# ଦୀନ ବାନ୍ଧବ ହେ



ଅଜୟ କୁମାର ବେହେରା

ତୁ ଏକା ହସୁଛୁ
ବିପଦେ ମୋହର କେତେ
କତି ମୁଁ କାନ୍ଦୁଛି
କେମିତି ରହିଛୁ ସତେ।୧।

ତୁ ସାହା ଭରଷା
ଭାବି ଥିଲି ମନେ ମୁହିଁ
ମୋ କଥା ଭୁଲିଲୁ
ଟିକଏ ଭାବିଲୁ ନାହିଁ।୨।

ଅନ୍ଧାରେ ଜୀବନ
ବିତୁଛି କାଙ୍ଗାଳ ହୋଇ
ଦୀନ ବାନ୍ଧବ ହେ
କେମିତି ବଞ୍ଚିବି ମୁହିଁ।୩।

ହୋଇ ଥିଲୁ ସାହା
ବିପଦେ ମୋହର ତୁହି
ତୋ ବିନୁ ଜଗତେ
ଏକା ମୁଁ ଯାଇଛି ହୋଇ।୪।

କେତେ ଆଶା ମୋର
ଶୂନ୍ୟରେ ମିଶିଛି ଯାଇ
ଯେତେ ଗୁହିଁଲେ ବି
ଅଭାବ ଛାଡୁ ତ ନାହିଁ।୫।

ଏତିକି ବିନତୀ
ଶୁଣିବୁଟି ତୁହି ମୋର
ମୋ ପରି ଦୁଃଖୀ ର
କତି ସାହା ହେବୁ ତାର।୬।

ମୋରଡ଼ା,ମୟୂରଭଞ୍ଜ

# ମା ପାଇଁ ପଦେ...



କୃଷ୍ଣଚନ୍ଦ୍ର ମହାପାତ୍ର

ସେ ବାତ୍ସଲ୍ୟ-ମମତାର ଜୀବନ୍ତ ପ୍ରତିମୂର୍ତ୍ତିଟିଏ । ସଂସାର ରଙ୍ଗମଞ୍ଚରେ ମାତୃତ୍ୱର ନଖୁଣ ଅଭିନୟରେ ସେ ପ୍ରଦର୍ଶନ କରେ ନାରୀ ଜୀବନର ସାର୍ଥକତା । ସନ୍ତାନକୁ ସଂସ୍କାର, ପ୍ରତିଷ୍ଠା ଓ ପରମ୍ପରାର ଡୋରିରେ ବାନ୍ଧି କରେ ଅନୁଶାସନ । ସର୍ବତ୍ର ଆନନ୍ଦ ଓ ପ୍ରଶାନ୍ତିର ପ୍ରବାହ ବିସ୍ତାର କରି ପାରିବାରିକ ଜୀବନରେ ମଧୁ ମଦିରାର ଅମୃତ ଧାରା ପ୍ରବାହିତ କରେ । ବର୍ଷ-ବର୍ଷର ସଞ୍ଚିତ ସ୍ୱପ୍ନ, ଅଭୀପସା ଓ ମନ-ମନ୍ଦିରର ଅସରନ୍ତି କଳ୍ପନାକୁ ଦିଏ ବାସ୍ତବ ରୂପାୟନ । ସେ ତ୍ୟାଗ, କରୁଣା ଓ ସେବାର ଉଜ୍ଜ୍ୱଳ ଆଲୋକ ଶିଖାଟିଏ । ସନ୍ତାନର ଦୋଷ-ଦୁର୍ବଳତା ଓ ଆଗତ ଭବିଷ୍ୟତକୁ ସଜାଡି ସରସ ସୁନ୍ଦର କରି ଗଢି ତୋଳିବା ପାଇଁ ସେ ଯାହା ଲେଖେ, ତାହା ହୁଏ ସ୍ନିଗ୍ଧ, ଶୋଭନୀୟ ଓ ଆକର୍ଷଣୀୟ । ତା ପାଖେ ନଥାଏ ସନ୍ତାନମାନଙ୍କ ପ୍ରତି ଭେଦଭାବ । ସତରେ, ଅନନ୍ୟ, ଅନୁପମତା ପ୍ରେମ । ସେ ହିଁ ମା, ସେ ହିଁ ଜନନୀ । ଯେ ଆମକୁ ହାତଧରି ଚାଲିବା ଶିଖାଏ ଜୀବନର ଅଙ୍କାବଙ୍କା ରାସ୍ତାରେ ଆମକୁ ନିଜ ହାତରେ ଖୁଆଇଦିଏ, ଗପ କହି ଶୁଆଇଦିଏ ସେ ହିଁ ଦୁନିଆର ସବୁଠାରୁ ମଧୁର ଶବ୍ଦ "ମା" ।

ନିସ୍ତବ୍ଧ ରାତିରେ ଆଜି ବି ଭାବୁଛି
ଅତୀତର ସେଇ କଥା
ଲୁହଠୁ ଅଧିକ କୋହ ଯେ ରହିଛି
ମନରେ ଦେଉଛି ବ୍ୟଥା
ଅଳି-ଅଝଟକୁ ସହି ନିଏ ସିଏ
ପଣତକାନିରେ ଘୋଡାଇ ବି ଦିଏ

ଅକୁହା କଥାକୁ ସିଏ ବୁଝିପାରେ
ଢ଼େଙ୍କରେ ଥିଲେବି ସିଏ ଜାଣିପାରେ
କହିବା ଶିଖାଏ, ଚାଲିବା ଶିଖାଏ
ଝୁଣ୍ଟି ପଡିଗଲେ ଉଠାଇ ବି ଦିଏ
ଥାଉ ରାଗରୁଷା ମାନ-ଅଭିମାନ
ତଥାପି କରିବା ମା ଙ୍କୁ ସମ୍ମାନ ।"

ପୁରୀ

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ - vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ମିଳନ



ସିଦ୍ଧେଶ୍ୱର ତ୍ରିପାଠୀ

ଚକମିକ ତୋର ଚମକ ଚେହେରା
ଯଉବନ ମଖା ଅଙ୍ଗ
ମିଠା ମିଠା ତୋର ପୀରତିର ଭାଷା
ବୋଳଦେଲା ପ୍ରେମ ରଙ୍ଗ ।

ଘାରିଲା ଯେବେଠୁ ଏଦୁଇ ମନକୁ
ଭଲପାଇବାର ନିଶା
ଦୁଇ ଓଠ ମିଶି ନୀରବେ କହିଲେ
ସେ ନୂଆ ଋତୁର ଭାଷା ।

ବହୁ ଦିନର ଏ ନିସଙ୍ଗ ଜୀବନ
ପାଇଗଲା ଗୋଟେ ସାଙ୍ଗ
ଚକମିକ ତୋର ଚମକ ଚେହେରା
ଯଉବନ ମଖା ଅଙ୍ଗ ।

ଯେତେ ଥିଲା ଏଇ ଦେହର ଦହନ
ନିମିଶରେ ଦେଲୁ ଧୋଇ
ମନ ଅଗଣାର ଚଉ ପାଖ ଶାରା
ଫୁଲରେ ଦେଲୁ ସଜେଇ ।

ସେଇ ତୋ ଠିକଣା ହେଲା ମନ ଜିଣା
ସୀମାନ୍ତ କଳଙ୍କ ବଙ୍ଗ
ବହୁ ଦିନର ଏ ନିସଙ୍ଗ ଜୀବନ
ପାଇଗଲା ଗୋଟେ ସାଙ୍ଗ ।

କୁଣ୍ଡିଲୋ, ଖୋର୍ଦ୍ଧା

# କୁତ୍ସିତ ହେଲ୍ଣି ସମାଜ ସ୍ଥିତି



ସନ୍ତୋଷ ପଟ୍ଟନାୟକ

ସଂସ୍କାର ବିହୀନ ଶିକ୍ଷାକୁ ଆଦରି
କୁତ୍ସିତ ହେଲ୍ଣି ସମାଜ ସ୍ଥିତି
ନୀରବି ଯାଇଛି ବୁଦ୍ଧିଜିବୀ ଜ୍ଞାନ
ଯନ୍ତ୍ରଣାରେ ଭର୍ ସବୁରି ଛାତି
ସଂସ୍କୃତି ରଆଭ୍ ଜେଜି ଗୋଁସିବାପା
ଜର୍ନବାସରେ ତାଙ୍କ ଜୀବନ
କ୍ଷଣିକ ସୁଖକୁ ଆଦରି ମଣିଷ
ପ୍ରତିଯୋଗିତାରେ ବାଣ୍ଟୁଛି ଜ୍ଞାନ
ଯୌଥ ପରିବାର ପୁରୁଣା ଜମାନା
ଘରେ ହାତଗଣା ଗୃରି ଛ ଜଣ
କର୍ମଜିବୀ ହେଲେ ବାପା ମାଆ ଦୁଇ
ନିଃସଙ୍ଗତା ଭର୍ ଶିଶୁର ମନ
ଟିଭି ସିରିୟଲ ୟୁଟ୍ୟୁବ୍ ଚ୍ୟାନେଲ
ପ୍ରସାରଣ ପାଇଁ ଲଗାମ ନାହିଁ
ନବଦମ୍ପତ୍ତିଏ କଥାଚନ୍ଦ ଦେଖି
ରତୀରେ ମାତନ୍ତି ଉନ୍ମାଦ ହୋଇ

ସେମାନଙ୍କୁ ଜାତ ସନ୍ତାନ ସନ୍ତତି
ଭାରି ପରମାଦ ସମାଜ ପାଇଁ
କଏବା ବୁଝିବ ହିତବାଣୀ ଆଉ
ସେ'କାଳ ପଖାଳ ଗଲ୍ ପଳେଇ
ଭଗବତ ଗୀତା ଜ୍ଞାନର ସଳତା
କେତେଘରେ ଖଣ୍ଡେ ଅଛିକ କାଇଁ
ମୋବାଇଲ ପର୍ ଘରକେ ଛଅଟା
ସିଂହଭାଗ ଦୁଷ୍କର୍ମ ତାହାରି ପାଇଁ
ଦୁଷ୍କର୍ମର ପରେ ମହମ କ'ହେବ
ସଂସ୍କାର ଆଦର ମୂଳରୁ ନାଇଁ
ହାତେ ହାତ ଛନ୍ଦି ଶପଥଟେ ନଅ
ପାଶ୍ଚାତ୍ୟ ସଂସ୍କୃତି ଛାଡିବା ପାଇଁ.

ବେଗୁନିଆପଡା, ଗଞ୍ଜାମ

# ନଶଘ



ଡିସମ୍ବର ମେହେର

ରିମା ଛଅ ବର୍ଷର ଝିଅ  ସାହୁ ବାବୁଙ୍କ ଅଳଅଳ  । ବାପା ମାଆ ଛଡା  ଆଉ ଗୋଟିଏ ସାଥି ତାର ଟିକ କଣ୍ଢେଇ ।  ରିମା ଟିକ କଣ୍ଢେଇକୁ ଗେଲ କରେ ଯେମିତି ତାକୁ ବୋଉ ଗେଲ କରନ୍ତି । ବୋଉ ରିମାକୁ ଖୁଇବା ସମୟରେ ସେ ବି କଣ୍ଢେଇକୁ ଖୁଆଇ ଦିଏ , ଗୋଧେଇ ଦିଏ । ସେଇ ଟିକ କଣ୍ଢେଇର ନାଁ ପୁଚ ରଖିଥିଲା । ଶୋଇବା ସମୟରେ ବି ସେ ପୁଚ ସହ ସାଙ୍ଗରେ ଶୋଇ ପଡୁଥିଲା ।

ରିମା ଏ ବର୍ଷ ପ୍ରଥମ ଶ୍ରେଣୀରେ ନାଁ ଲେଖେଇଛି । ସ୍କୁଲ ଯିବା କେଇଟା ଦିନପରେ ଖରାଛୁଟି ହୋଇଗଲା । ଖରାଛୁଟିରେ ରିମା ମାଆ ବାପା ସହ ମିଶି ନୂଆପଡା ଆସିଲା ମାମୁଁ ବାହାଘର ପାଇଁ । ବାହା ଘର ପରେ ରିମା ମାଆ ବାପା ଘରରୁ ଯିବାପାଇଁ କହିଲେ ସେତେବେଳେ ରିମା ଜିଦ୍ କଲା ସେ ଖରାଛୁଟିରେ ମାମୁଁ ଘରେ ରହିବ, ଛୁଟିପରେ ଯାଇଁ ସେ ଘରକୁ ଯିବ । ଝିଅର ଜିଦ୍ ରେ ଅଟଳ, ରିମାକୁ ମାଆ ବାପା କଛି କହିଲେ ନାହିଁ ଓ ଦୁଇ ଜଣ ସଂଧ୍ୟା ଟ୍ରେନରେ ପୁରୀ ବାହାରିଲେ ।

କଛି ଦିନ ପରେ ଏକ ପ୍ରଳୟକାରୀ ବାତ୍ୟା ଆସିଲା । ପୁରୀର ଅଧିକ ଅଞ୍ଚଳ ଏଥିରେ ପ୍ରଭାବିତ ହେଲା । ରିମାର ମାଆ ବାପା ଯେତେବେଳେ ରାତିରେ ଶୋଇଥିଲେ ଘରର ଛାତ ଭୁସୁଡି ପଡିଲା । ସେହି ପ୍ରଳୟକାରୀ ବାତ୍ୟାର କୋପ ଦୃଷ୍ଟି ପରିବାର ଉପରେ ପଡିଲା । ସକାଳ ପାଇଲା ସାହି ପଡିଶା ଲୋକ ଆସି ସାହୁ ବାବୁ ଘର ଆଗରେ ଛିଡା ହେଲେ । ଘର ଭାଙ୍ଗି ଛିନ୍ ଭିନ୍ ହୋଇ ଯାଇଛି ।ସାହି ଲୋକ ମିଶି ଦୁଇଟି ଶବ ସତକାର କଲେ ଓ ରିମା ମାମୁଁ ଘରକୁ ଖବର ଦେଲେ ।

ସକାଳ ହେଲାରୁ ଟ୍ରେନରୁ ଆସି ପହଞ୍ଚିଲେ ରିମା ଓ ତା ମାମୁଁ । ରିମା ତାଙ୍କ ଘର ସମ୍ନାରେ ଛିଡା ହୋଇ କାନ୍ଦିକାନ୍ଦି କହି -ଏଇଟା ଆମ ଘର ନୁହେଁ ! ଭେ ଭେ ହୋଇ କାନ୍ଦି ଡାକଲା ବୋଉ.. ବୋଉ ଲେ । କଛି ଶବ୍ଦ ଆସିଲା ନ, ପୁଣି ବାବା ବାବା ବୋଲି ଡାକଲା । ସମସ୍ତେ ଚୁପ୍ ନଶବ୍ଦ ରହିଲେ । ଏହି ସମୟରେ ରିମା ମାମୁଁ ରିମାକୁ କୋଳେଇ ନେଇ କହିଲେ ବାବା ବୋଉକୁ କଳାଠାକୁର ତାଙ୍କ ପାଖକୁ ନେଇଗଲେ । ରିମା ଜୋର୍ ରେ କାନ୍ଦି ପକାଇଲା ଆଖିରୁ ଝରଣା ବୋହି ଯାଉଥାଏ । ଏହି ସମୟରେ ତାର୍ ନଜର ପଡିଲା ଟିକ କଣ୍ଢେଇ ପିଚ ଉପରେ । ପଥରତଳେ କଣ୍ଢେଇ ଘୃପି ହୋଇଛି । ତରବର ହୋଇ ରିମା କଣ୍ଢେଇକୁ ପଥରତଳୁ କାଢିଲା ଓ ତା ଦେହରେ ଲାଗିଥିବା ଧୂଳମଳକୁ ସଫାକଲା । କାନ୍ଦିକାନ୍ଦି ପୁଣି କଣ୍ଢେଇକୁ ପ୍ରଶ୍ନକଲା ତୁ ତ ମୋର ଭଲ ସାଙ୍ଗ, ତୁ ତ ମୋ ବାବା ବୋଉ ପାଖରେ ଥିଲୁ । କହ ମୋ ବାବା ବୋଉକୁ କଳାଠାକୁର କାହିଁକି ନେଲା । ତୁ କଣ କରୁଥିଲୁ ତାକୁ ମନା କଲୁନ । ଏମିତି ଅନେକ ପ୍ରଶ୍ନ ରିମା କାନ୍ଦିକାନ୍ଦି କଣ୍ଢେଇକୁ ପଘୃରୁଥିଲା । ହେଲେ ସେ କଛି ଉତ୍ତର ପାଇଲା ନାହିଁ ଘୃଗି କଣ୍ଢେଇକୁ ଫିଙ୍ଗି ଦେଲା ଓ କାନ୍ଦିକାନ୍ଦି ମାମୁ ମାଇଁ କୋଳକୁ ଘୃଲିଗଲା ।

ଗଣ୍ଡାବାହାଲି ଜିଲ୍ଲା- ନୂଆପଡା

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ମା

ନେପାଳ କୁମାର ବେହେରା

ଏମିତିକା କେହି ନାହିଁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ,
ନଜେ ଲୁହ ଘୃପି ଧରି ଅନ୍ୟକୁ ହସେଇ ପାରେ।।
ସନ୍ତାନର ଦୁଃଖ ଦେଖି ତା ହୃଦୟ ସହେନାହିଁ,
ଯେତେ ବଡ ହେଲେବି ମୁଁ ତା ପଣତ ମୋ ଛାଇ।।
ଚେତନାରେ, ବେଦନାରେ ଥାଏ ମୋର ପ୍ରାର୍ଥନାରେ,
ହସ, ଲୁହ ପ୍ରତିକ୍ଷଣେ ଥାଏ ମୋ ହୃଦ ଅନ୍ତରେ ।।
ମୋ ଚଗଲା ପଣକୁ ବି ସିଏ ହିଁ ଆକଟ କର,,
ମାଆ ବୋଲି ଡାକଦେଲେ ପ୍ରାଣେମୋର ପ୍ରୀତ ଭରେ।।
ମା ଅକ୍ଷରେ ମାଟି ପୁଣି ଆ ରେ ଆକାଶ ଅଛି,,
ମାଟି ଓ ଆକାଶ ଠାରୁ ନାହିଁ ବଡ ଆଉ କଛି।।
ମାତୃ ଋଣ ସୁଝିବାକୁ ଶକତି ନାହିଁଟି ମୋର,,
ତା ପାଇଁ ମୁଁ ପର୍ ସବୁବେଳେ ଗଳାହାର।।

ଜାମୁଖୋଲ, କଣ୍ଟାମାଳ, ବୌଦ୍ଧ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ
ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ହେଲୁକ ପଥର

ସୁନନ୍ଦ ତ୍ରିପାଠୀ

ପଥର ଦେଉଳେ ରହି ରହି ତୁହି
ସତେ କ ହେଲୁ ପଥର
ପାରୁନୁ କ ଦେଖି ମାନବ ନୟନୁ
ଅଶ୍ରୁ ବହେ ଧାର ଧାର ।।
ସଭିଏଁ କହନ୍ତି ଯେଉଁଠି ଥିଲେବି
ସବୁକଛି ପାରୁ ଦେଖି
ନୀରବ ରେ ଆଜି ବସିଛୁ କାହିଁକ
ଆହେ ପ୍ରଭୁ ଚକାଆଖି ।।
ନ ଥିଲେ ବି କାନ ଶୁଣିଥାଉ ପର୍‌
ସଭିଙ୍କ ଆର୍ତ୍ତ ଚତ୍କାର
ବଧିର ହେଲୁକ ଶୁଭୁନାହିଁ ତତେ
ବିଶ୍ୱବାସୀ ହାହାକାର ।।
ବିଭିନ୍ନ ଯୁଗରେ ନେଇ ଅବତାର
ପ୍ରାଣୀଙ୍କୁ କରୁ ଉଦ୍ଧାର
କେଉଁ ଅପର୍‌ଧେ ଶୁଣୁନାହୁଁ ଡାକ
ହୋଇଛୁ ଏତେ ନଷ୍ଠୁର ।।
ଧୂଳଠାରୁ ସୂକ୍ଷ୍ମ କର୍‌ୋନା ଭୂତାଣୁ
ସାଜିଅଛି କାଳଯମ
ନାହିଁ ତା ହୃଦୟେ ଦୟାମାୟା କଛି
ହରିନେଉ ଅଛି ପ୍ରାଣ ।।
ସାର୍‌ ବିଶ୍ୱବାସୀ ହୋଇ ଭୟଭୀତ
ଲୁଚଛନ୍ତି ଆଜି ଘରେ
ହେ କଳାବଦନ ଫେଡ଼ି ତୋ ନୟନ
ଦେଖି ଯାଆ ଦୁଃଖ ଥରେ ।।
ମାନୁ ନାହିଁ ସିଏ ବାଳୁତ କ ବୃଦ୍ଧ
କରୁଅଛି ଆକ୍ରମଣ
ଏକମାତ୍ର ତୁହି ଆଶା ଓ ଭରସା
ଫେଡ଼ିବା ପାଇଁ କଷଣ
ଫେଡ଼ିବା ପାଇଁ କଷଣ ।।

ଯୋଗୀସର୍ଡ଼ା

# ଅପେକ୍ଷା



ସମ୍ୟଜିତ ପାତ୍ର

ତୁମେ ଆସିବ ବୋଲି,
ଶୁଣିକ ଯେ ମୁଁ ଆନନ୍ଦ ହୋଇଗଲି।
ଗୃହିଁ ରହିଛି ତୁମ ପଥକୁ
ଆଖିରେ ଭରି ଶ୍ରାବଣ ବାରି।

ଅପେକ୍ଷାର ପ୍ରଦୀପ ଜଳ ଜଳ ଲିଭେ ଆଜି,
ମନ ବଗିଗ୍ଚର କୁସୁମ ମୋହର ଯାଇଛି ଆଜି ହଜି।
ଝରେ ଲୁହ ଦୁଇଧାର ପୁଣି ଶୁଖିଯାଏ,
ହେଲେ ତୁମକୁ ପାଏନା ମୁଁ ଖୋଜି।

ତୁମରି ସ୍ମୃତି ମୋ ପାଇଁ ଲାଗେ ସେ ଗୋଲାପର ଫୁଲ,
ଏବେବି ମନେ ଉତ୍ତାଳ ଖେଳେ ତୁମ ମୁଖର ହସ ଝଲମଲ।
ସ୍ୱପ୍ନ ବିଭୋରରେ ହୋଇ ଖୋଜିବୁଲେ,
ତୁମର କ ମୋ ଅବସ୍ଥା ପ୍ରତି କଛି ଆଶଂକା ଥାଏ।

ମନେ ଆଉ ନାହିଁ ଆଶା ତୁମେ ଫେରି ଆସିବ ବୋଲି,
ତୁମ ଫେରିବା ବାଟକୁ ଆଉ ଲାଭ ନାହିଁ ବୋଲି ଆଜି ମୁଁ ଜାଣିଗଲି।

ସମୟ ଡାକୁଛି ହାତଠାରି ମୋତେ,
ତଥାପି ଅପେକ୍ଷା କାଳେ କ ତୁମେ ଫେରିବ ସତେ।

ଗଡିଆ, ମୟୂରଭଂଜ

# ଏ କେମିତିକା ସମ୍ପର୍କ



ରାଜୁ କୁମାର ପାତ୍ର

ଫୋନ୍ ର ବାରମ୍ବାର ରିଙ୍ଗ୍ ହେବା ଶୁଣି" ରାଜ୍" ର ନିଦ ଭାଙ୍ଗିଯାଇଥିଲା। ଗତ ରାତିରେ ଅଫିସର କାର୍ଯ୍ୟ ସମାପ୍ତ କରୁକରୁ ଅନେକ ସମୟ ଅତିବାହିତ ହୋଇଯାଇଥିଲା । ଯାହାର ପରିମାଣ ସ୍ୱରୂପ ସେ ବିଳମ୍ବ ରେ ଶୋଇଥିଲା । ଅନିଚ୍ଛା ସତ୍ତ୍ୱେ ରାଜ୍ ମୋବାଇଲ ଫୋନ ର  ଶବ୍ଦ ଆସୁଥିବା ଦିଗରେ ଅଗ୍ରସର ହେଉଥିଲା, କିନ୍ତୁ ପହଞ୍ଚିବା ପୂର୍ବରୁ କଲ୍ ଟି କଟି ସାରିଥିଲା। ଅନିଦ୍ରା ବଶତଃ ରାଗରେ ଥିବା ବେଳେ ଉକ୍ତ ଘଟଣା ଟି ତା ରାଗକୁ ଦ୍ୱିଗୁଣିତ କରିଥିଲା ।  ଅର୍ଦ୍ଧ ନିଦ୍ରିତ  ଅବସ୍ଥାରେ ଆଖି ଘସୁ ଘସୁ ମୋବାଇଲ୍ ଉପରେ ନଜର ପଡିବା କ୍ଷଣି ରାଜ୍ ର ମୁହଁଟା  ମଳିନ ପଡ଼ିଗଲା । ମନେ ହେଲା ଯେମିତି ପାଦ ତଳୁ ମାଟି ଖସିଗଲା। କାହିଁକିନା ମୋବାଇଲ୍ ରେ  "ପ୍ରୀତି"ର ତିନୋଟି ଯାକ ମିସ୍ କଲ୍। ଅଜାଣତରେ ରାଜ୍ କେତବେଳେ  ତଳେ ଚିନ୍ତାଗ୍ରସ୍ତ ଭାବେ  ବସି ପଡ଼ିଛି, ନିଜେ ମଧ୍ୟ ଜାଣିନି ।

"ପ୍ରୀତି" ହେଉଛି ସେହି ଝିଅ ଯାହାର  ନା ରେ ରାଜ୍ ର ଦେହରେ ଜୀବନ ପ୍ରବାହିତ ହେଉଥିଲା। ଉଭୟେ  ଏକ ପ୍ରାଣ  ହୋଇ ଜୀବନ ର ଅବଶିଷ୍ଟ ସମୟ ବିତାଇବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ଅତୀତରେ ପ୍ରୀତି  ସହିତ ବିତାଇଥିବା ପ୍ରତ୍ୟେକ ମୂହୁର୍ତ୍ତ ରାଜ୍ କୁ ନିତିଦିନ ଆଘାତ ଓ ଯନ୍ତ୍ରଣା ରେ ଜର୍ଜରିତ କରୁଥିଲା।

ଭାବନା ରାଜ୍ୟରେ ବୁଡ଼ି ରହିଥିବା ବେଳେ ପୁଣି ଥରେ ପ୍ରୀତି ର କଲ୍ ରେ ମୋବାଇଲ୍  ବାଜି ଉଠିଲା । ଅପ୍ରସ୍ତୁତ ଭାବେ ସେ  କଲ୍  ଉଠାଇଲା ମାତ୍ର ପ୍ରୀତି  ସହିତ କଥା ହେବାର ସାହସ  ନଥିଲା ରାଜ୍ ର । କେମିତି ବା ସାହାସ  କରିଥାନ୍ତା ?  ଯାହାକୁ ନିଜର ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଥିଲା, ସେ ଦୁଇ ବର୍ଷ ତଳେ ବିବାହ କରି ଅନ୍ୟ କାହାର ଅର୍ଦ୍ଧାଙ୍ଗୀନି ର ପରିଚୟ ପ୍ରଦାନ କରିଦେଇଛି ।

ଅଜାଣତରେ ନିର୍ଗତ ଅଶ୍ରୁ କୁ ପୋଛି ଦେଇ ବାଷ୍ପରୁଦ୍ଧ କଣ୍ଠରେ ରାଜ୍ ପଚାରିଲା -"ଭଲ ଅଛ କି ପ୍ରୀତି " ? କିନ୍ତୁ ସେ ପଟରୁ ପ୍ରୀତି ଓଲଟା ପ୍ରଶ୍ନ କଲା -"ରାଜ୍ ତୁମେ କଣ ପାଇଁ ଏତେ ବଡ ତ୍ୟାଗ କଲ ରାଜ୍ କାହିଁକି "?

ବୋଧହୁଏ ସେ ଆଜି ସେ ଅତୀତରେ ଘଟିଥିବା ଘଟଣା ସମ୍ପର୍କରେ ଅବଗତ ହୋଇ ଯାଇଥିଲା । ଦୁଇ ବର୍ଷ ତଳେ ନିଜର ବାପା ହିଁ ରାଜ୍ କୁ ଅନୁରୋଧ କରିଥିଲେ ଯେ ନିଜ ଝିଅ ଜୀବନରୁ ସବୁଦିନ ପାଇଁ ଦୂରେଇ ଯିବାକୁ ଏବଂ ସତର୍କ କରାଇ ଥିଲେ କି ପ୍ରୀତି କୁ ଉକ୍ତ ଘଟଣା ସମ୍ପର୍କରେ ଅଜ୍ଞାତ ରଖିବାକୁ ।

ପରିଶେଷରେ ଉଭୟେ ନିଜ ମୋବାଇଲ୍ କୁ ଜାବୁଡ଼ି ଧରି ଛୋଟ ପିଲାଙ୍କ ପରି କାନ୍ଦି ଯାଉଥିଲେ..........................

ଭରସୁଜା, ବଲାଙ୍ଗିର

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ

ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ଚନ୍ଦ୍ରାଲୋକ ର ସାଥୀ



ବିଶ୍ୱଜିତ ଆର୍ଯ୍ୟ

ଗୋ' ପ୍ରିୟେ, ଚନ୍ଦ୍ରାଲୋକର ତନ୍ଦ୍ରା ଗତି ର
ସାଥିମୋର,
ଏ ମଧୁର ପ୍ରେମ ଆସ୍ଫାଳନ, ପ୍ରତୀକ
ସ୍ୱରୂପ,
ତବ ଅଧରେ ଧାରଣ କରିଛ,
ବିଧୁରମୃତ ର ଶ୍ୱେତ-ଲୋହିତ ମିଶା,
ସେଇ ଟିପ୍ ଟିପ୍ ମୁକ୍ତା।
ମୁଁ ସେ ଅଧରମୃତ କୁ ପାନକରିବାକୁ,
ବ୍ୟାକୁଳ ଭ୍ରମର ପରି।
ନା ମନରେ ଅଛି କୌଣସି ଖେଦ,
ନା ଅଛି ଆଗତ ବିପଦ କୁ ଭୟେ।
ବାସ୍, ଖାଲି-ପ୍ରିୟା ସଂଗର କାମନା,
ଏକ ଅରେକ ସ୍କନ୍ଧେ ହସ୍ତରଖି
ଚନ୍ଦ୍ରଦେଶେ ରହିବାକୁ ଦେଖିଯାଏ
ଅଜସ୍ର ସ୍ୱପ୍ନ।
ମନ୍ଦ-ମନ୍ଦ ମଧୁମାଳତୀର ସୁଗନ୍ଧ, ରୁଦ୍ର
ମାସର ରଜନୀ କୁ କରେ, ଆହୁରି
ପ୍ରେମମୟ।
ଡରଥାଏ କେବଳ ସେଇ, ଅଦିନ
କାଳବୈଶାଖୀ କୁ,

ଭୟଥାଏ କି ସେ ନିଷ୍ଠୁର ଚକ୍ରାନ୍ତ
ମୋର ସମସ୍ତ ସ୍ୱପ୍ନ କୁ ଉଜାଡ଼ିଦେବା,
ଡାଳୁଅକ୍ଷେତ ଭଳି ।
କିନ୍ତୁ ମୁଁ ପଛଘୁଞ୍ଚା ଦେଇନାହିଁ,
ମନେ ପଡ଼ିଯାଏ ମୋର ସେ ପଦ୍ୟ--
'ପଳାୟନ ନାହିଁ,ବୀରର ଜାତକେ
ନମରେ ସେ କେବେ,ପରାଣ ଆତଙ୍କେ' ।
କେବଳ ମୁଁ ଖୋଜିଚାଲେ
ମୋର ସେଇ ନିସ୍ତବ୍ଧ ରାତିର ସାଥି, କୁ
ଅପେକ୍ଷା ର ଅନ୍ତ କେବେ ହେବ
କେବେ ସେ ରଂଗ ମଞ୍ଚର,
ପରଦା ଟେକି
ଉଭାହେବ ମୋ ହୃଦୟ ର ପେଣ୍ଡାଲ ରେ ।
ସର୍ପ ଦଂଶନ ର ପୀଡାକେତେ, ମୁଁ ଜାଣେ,
କିନ୍ତୁ
ପ୍ରିୟା ବିରହର ଦଂଶନ,ଏକ ଅଉପଶମ ଦାୟକ ପୀଡା,
ହୃଦ ମଧ୍ୟରେ ଯେପରି, ଉତ୍ତପ୍ତ ଲାର୍ଭାର ବିସ୍ଫୋରଣ
ନା କହିହୁଏ,
ନା ସହିହୁଏ
ଖୋଜୁଥାଏ ବାସ୍, ତାନସେନ ଙ୍କ
ସେଇ,
' ମେଘମହ୍ଲାର ରାଗକୁ' ॥

ମଂଗଳପୁର, ଯାଜପୁର

# ମାଲକାନଗିରି



ବିଶ୍ୱନାଥ ଭୁଏ

ଆସିଲେ ଥରେ ମାଲକାନଗିରି
ଇଚ୍ଛା ହେବ ନାହିଁ ଯିବାକୁ ଫେରି
ସୌନ୍ଦର୍ଯ୍ୟ ଭରା ଏ ପ୍ରକୃତି ଡୋରି
ବାନ୍ଧି ନଏ ସତେ ମନକୁ ଘେରି ।
ପ୍ରକୃତି ଦେଇଛି ଏଠି ସ୍ୱାଧୀନତା
ନଇନାଳେ ପୁଣି ଦୃଶ୍ୟ ନରବତା
ପଶୁପକ୍ଷୀଙ୍କ ଦେଖି ସରଳତା
ବନ ବି ଗାଉଛି ଗୀତ ସଚ୍ଚୋଟତା ।
ହାତ ଧରାଧରି ପାହାଡ଼ ସତେକ
ଠିଆ ହୋଇଛନ୍ତି ମସ୍ତକ ଟେକ
ସୁନେଲୀ ସୂରୁଜ ଲୁଚକାଳି ଖେଳେ
ପାହାଡ଼ ଆଉ ଆକାଶର କୋଳେ ।
ଆହା ସତେ ଏଠି କେଡ଼େ ମନଲୋଭା
ସୌନ୍ଦର୍ଯ୍ୟଭରା ଏ ପ୍ରକୃତିର ଶୋଭା
ଭାବନା ଦୋଳରେ ଥିରିଥିରି କରି
ଦୋଳବାକୁ ମନ ହେଉଥାଏ ଝୁରି ।
ଆସିଲେ ଥରେ ମାଲକାନଗିରି
ଇଚ୍ଛା ହେବ ନାହିଁ ଯିବାକୁ ଫେରି.....!

କେଶାଇପାଲି, ଭଟଲି, ବରଗଡ଼

# ହେ ପୁସ୍ତକ



ଗୀତା ରୋହିଦାସ

ପ୍ରିୟ ଅର୍ଜିତ ଗୁଣ ମୋହର
ଅନୁଶୀଳନ ଚଳଣି ଦିବସ,
ତବ ନମନ୍ତେ ବ୍ୟକ୍ତି ଶିକ୍ଷା ପ୍ରାପ୍ତ
କବା ଭୁଲିବି ମୁଁ ଗୁଣ ଗ୍ରନ୍ଥ,
ଶିକ୍ଷା ପ୍ରାପ୍ତ ହେଇ ମୁହିଁ
ଜୀବନେ ହେଲି ଉତ୍ତମ ନାରୀ
ଅବିରତ ପାଇଁ ମୋ ଆକାଂକ୍ଷା
ତୁମେ ମୋ ସାହା ଭରଷା,
ଧରଣୀ ସମୂହ ଅଟ ମହା ବିତ୍ତ
ସତେ ଗୁଣ ଲଭ କରି ମହା ପୁଣ୍ୟ,
ପ୍ରସବଣ ପରି ଯାଉଛି ଯେ ବହି
ଅମିୟ ଭଳ ଜଗତେ ପିଉଛନ୍ତି ଭଳ,
ଭୁଲିନ କେବେ ଭୁଲିବିନ ସତେ
ଥିବା ଯାଏ ମୋ ଜୀବନ
ତୁମକୁ ପଢି ସରିଯାଉ ପଛେ
ମୋର ଏ ଶେଷ ନଃଶ୍ୱାସ,
ସବୁବେଳେ ଆସୁଥାଅ ମୋ ସମ୍ମୁଖରେ

ହଜି ଯାଇଥିବି ତୁମ୍ଭ ମାୟା ଜାଲେ
ମୁଁ ଜନ୍ମ ନେଇବି ମା ର କୋଳରେ
ସେତିକ ଶିକ୍ଷା ପ୍ରଦାନ ତାହା ଯେ ତମେ,
ଭବେ ମୁଁହି ତମ କଥା
ଆମ୍ଭର କ ହୁଅନ୍ତା ଦେଖା
ଦୁଃଖ ସୁଖ ବାଣ୍ଟିବି କେତେ
ଏମିତି ରହିବି ମୁଁ ପୁସ୍ତକ ସାଥେ ।।।

ବ୍ରଜରାଜନଗର
ଝାରସୁଗୁଡ଼ା

# ସଂପର୍କ



ଦୁଷ୍ମନ୍ତ ବେହେରା

**ଗାଁ-ରାଧାଗୋପାଳପୁର, ବାପା-କୃପାସିନ୍ଧୁ ଦଳେଇ, ସ୍ତ୍ରୀ-ରୂପସି ଦଳେଇ**
**ପୁଅ-ହରିଆ ଦଳେଇ, ଝିଅ-ପୁଚ ଦଳେଇ, ସାଙ୍ଗ-୧-ବୁଲୁ, ୨-ଗେଲି**

ରାଧାଗୋପାଳପୁର ଗାଁ ରେ ଗୁରିଶହ ପରିବାର ଲୋକ ବାସ କରନ୍ତି। ରାଧାଗୋପାଳପୁର ଗାଁ ରେ ବାସ କରନ୍ତି କୃପାସିନ୍ଧୁ ଦଳେଇ ଙ୍କ ପରିବାର ବାସ କରନ୍ତି। ପରିବାର କହିଲେ ସ୍ତ୍ରୀ-ରୂପସି ଦଳେଇ ପୁଅ-ହରିଆ ଦଳେଇ ଝିଅ-ପୁଚ ଦଳେଇ ହରିଆ କୁ ୧୧ ବର୍ଷ ପୁଚ କୁ ୧୦ ବର୍ଷ ହୋଇଥାଏ। ବେଶ ହସ ଖୁସିରେ ଚଳନ୍ତି। ସୋମବାର ରୁ ଶନିବାର ପର୍ଯ୍ୟନ୍ତ ଅଫିସ କାମରେ ବ୍ୟସ୍ତ ରହନ୍ତି। ଗୋଟିଏ ଦିନ ଛୁଟି ରବିବାର ମିଳିଲେ କିଛି କିଛି ଜିନିଷ କିଣିବା ପାଇଁ ବଜାରକୁ ବାହାରନ୍ତି।।

କୃପାସିନ୍ଧୁ ଓ ତାଙ୍କ ସ୍ତ୍ରୀ ରୂପସି ବଜାରକୁ ଯିବା ପାଇଁ ସମୟ ସ୍ଥିର କଲେ। ପୁଅ ଝିଅ ହରିଆ ପୁଚି କୁ ଡାକ କହିଲେ ତମେ ବଜାର ଯିବ ହରିଆ ମାଙ୍କ ପାଖକୁ ଦୌଡିଯାଇ ଗେଲ ହୋଇ କହିଲା ମା ଆମେ ବଜାର ଯିବୁ ନାହିଁ। ତା ହେଲେ ଘରେ କଣ କରିବ। ଆମେ ଏଇ ଛୋଟ ମୋଟ ଟିକେ ଖେଳ ଖେଳିବୁ। ମା କହିଲେ କୌଣସି ଜିନିଷ ରେ ଲାଗିବ ନାହିଁ କି ବ୍ୟାଟ୍ ବଲ୍ ଖେଳିବ ନାହିଁ।ହରିଆ କହିଲା ଆମେ ତମ କଥା ରେ ରାଜି।

କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ବାହାରି ପଡିଲେ ବଜାରକୁ ଏହାର ସୁବିଧା ନେଇ ହରିଆ ଓ ପୁଚ ନିଜ ବନ୍ଧୁ କୁ ଡାକି ବା ପାଇଁ ତାଙ୍କ ଘରକୁ ଗଲେ। ବନ୍ଧୁ ବୁଲୁ ଓ ଗେଲି ହରିଆ ଙ୍କ ଘରକୁ ଆସିଲେ। କିନ୍ତୁ ହରିଆ ଗ୍ଚେର ପୋଲିସ ଖେଳ ଖେଳିବାକୁ କହିଲା ସମସ୍ତେ ତା କଥାରେ ହଁ ମାରିଲେ । ଖେଳ ଆରମ୍ଭ ହେଲା। କିଛି ସମୟ ପରେ କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ଘରକୁ

ଫେରିଲେ ଘର ଭିତରକୁ ପସିବା ବେଳେ ସମସ୍ତେ ନିରବ ଓ ଚୁପ୍ ଚାପ ଦେଖି ବାପା ପଚାରିଲେ କଣ ସୁନସାନ ହୋଇଛି ଘରଟା। ସ୍ତ୍ରୀ କୁ କହିଲେ ଗଲ ଦେଖିବ କଣ ହୋଇଛି।

ମା ପଚାରିଲେ କଣ ହୋଇଛି ହରିଆ ମାଙ୍କ ଗାଳି ଏମିତି ବେଳେ ବେଳେ ସହିବାକୁ ପଡେ। ମାଙ୍କୁ ଟିକେ ଟିକେ ରାଗଲାଗେ କିନ୍ତୁ ଭଲଲାଗେ। ରୂପସି ଧୀର କଣ୍ଠ ରେ ପଚାରିଲେ କଣ ହୋଇଛି ନୀରବ କାହିଁକି କିଛି ସମୟ ପରେ ଉତ୍ତର ଆସିଲା ଭାଙ୍ଗି ଯାଇଛି।

କଣ ଭାଙ୍ଗିଛି କୃପାସିନ୍ଧୁ ରୂପସି ଯାଇ ଦେଖିଲେ ଫୋଟ ଫ୍ରେମ୍ ଟି ତଳେ ପଡି ଭାଙ୍ଗିଯାଇଛି।ମା ପଚାରିଲେ କିଏ ଭାଙ୍ଗିଲା ହରିଆ କହିଲା ମା ମୁଁ ଭାଙ୍ଗିଛି । ମା ପୁଣି ପଚାରିଲେ ସତ କହ କିଏ ଭାଙ୍ଗିଛି । ପୁଚ କହିଲା ମୁଁ ଭାଙ୍ଗିଛି । ମା କୃପାସିନ୍ଧୁ ତଳେ ପଡିଥିବା ଫୋଟ ଫ୍ରେମ୍ କୁ ଖଣ୍ଡ ଖଣ୍ଡ ହୋଇଥିବା କାଚ ହାତରେ ମୁଠା କରି ଆଖିରୁ ବୋହି ଆସୁଥିଲା ଧାର ଧାର ଲୁହ। ହାତରୁ ଠୋପା ଠୋପା ହୋଇ ବାହାରୁଥିଲା ରକ୍ତ। ଛବି ଟିକୁ ଛାତିରେ ଜାବୁଡ଼ି ଧରି ଭେ ଭେ ହୋଇ କାନ୍ଦି ମା ମା ଡାକିଲେ।

ଜନ୍ମ ଜନ୍ମ ର ସଂପର୍କ ଆଜି ତଳେ ପଡି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଛି। ଭାଙ୍ଗି ଯାଇଥିବା କାଚ କଣ ଯୋଡିହବ। ଚିରି ଯାଇଥିବା ଛବି କଣ ସେପରି ଆଉ ହୋଇପାରିବ ଧାର ଧାର ଲୁହ ଠୋପା ମା କାଇଁ କେତେ ବରଷ ଏ ଦୁନିଆ ରେ ମୋ ପାଖରେ ଆଉ ନାହୁଁ। ଆଜି ଯେଉଁ ଫୋଟ ଗୋଟିକ ଥିଲା ସେ ଆଜି ଖଣ୍ଡ ଖଣ୍ଡ ହୋଇ ଯାଇଛି। ମାର ସ୍ମୃତି ଗୋଟି ଗୋଟି ହୋଇ ମନେ ପଡିଯାଉଛି। ଏଇ ଯେଉଁ ଜନ୍ମ ଜନ୍ମ ର ସଂପର୍କ ଆଖିରେ ଲୁହ ଠୋପା ମା ଙ୍କ ଫୋଟ ଉପରେ ବୋହି ଯାଉଛି।

ରୂପସି ପଚାରିଲେ ସତ କଥା କୁହ କିଏ ଭାଙ୍ଗିଛି । ପୁଚ କହିଲା ସତ କଥା ହେଉଛି ଭାଇ ଗ୍ଲେର ପୋଲିସ ଖେଳୁଥିଲା। କିନ୍ତୁ ବୁଲୁ ଆଗରେ ଭାଇ ପଛରେ ବୁଲୁର ହାତ ବାଜି ଫୋଟ ଟି ତଳେ ପଡିଗଲା। ଭାଇ ମିଛ ଏଇଥିପାଇଁ କହିଲା ତା ସାଙ୍ଗ ସଂପର୍କ ଭାଙ୍ଗି ଯିବ ବୋଲି କହିଲା ସାଙ୍ଗ ଦୋଷ ପାଇବା ଆଗରୁ ନିଜ ମୁଣ୍ଡକୁ ଦୋଷ ନେଇଗଲା।

ହରିଆ ଦୌଡ଼ିଆସି କହିଲା ମା ମୋ ସାଙ୍ଗ କୁ କଛି କହିବୁନ । ମୋତେ ଯେତେ ଗାଳ ଦଉଛୁ ଦେ ମୁଁ କଛି କହିବିନ ବନ୍ଧୁତା ଦେଖି କୃପାସିନ୍ଧୁ କହିଲେ ତୁମ ବନ୍ଧୁତା ଜନ୍ମ ଜନ୍ମାନ୍ତର ରହୁ। ଯେମିତି ମୁଁ ମୋ ମା ସହିତ ଜନ୍ମ ଜନ୍ମାନ୍ତର ରହିଛି।

ରୂପସି କହିଲେ ସେ ଫୋଟ ଟା କୃପାସିନ୍ଧୁ କହିଲେ ଭାଙ୍ଗି ଯାଇଥିବା ଜିନଷ ଯୋଡିହୁଏନା। କନ୍ତୁ ବନ୍ଧୁ ର ସଂପର୍କ ଭାଙ୍ଗି ଯାଇଥିଲେ ଯୋଡିହୁଏ। ଏଇ ଯେମିତି ଭାଙ୍ଗି ଯାଇଥିବା କାଚ ଯୋଡି ହୁଏନ। ଭାଙ୍ଗି ଯାଇଥିବା ମନ ଯୋଡି ହୋଇ ଯାଏ। ଇଏ ହେଉଛି ସଂପର୍କ।।।।।

ସୁଧୀର ଗୋଲ (ମୁଣ୍ଡିଆପଷି)
ଢେଙ୍କାନାଳ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କରୋନାଠୁ ମୁକ୍ତିଦିଅ

ଗୀତାଞ୍ଜଳି ମହାରଣା

ଆସ ଜଗନ୍ନାଥ ଛାଡି ଶୀରୀକ୍ଷେତ୍ର
ବଡ ଦାଣ୍ଡେ ହୁଅ ଠିଆ
ରତନବେଦିରେ ଶୁଣିପାର ନାହିଁ
ଆର୍ତ୍ତଚତ୍କାର କଆଁ
ତୁମେ ଖାଉଅଛ ଷାଠିଏ ପଉଟି
ତା ସାଥେ ଛପନ ଭୋଗ
ଭକତ ପାଉନ ପେଟକୁ ମୁଠାଏ
ଖାଇଯାଏ ତାକୁ ରୋଗ
ତୁମେ ଶୋଉଅଛ ରତନ ପଲଙ୍କେ
ପିନ୍ଧୁଅଛ ପୁଣି ପାଟ
ତୁମ ଭକ୍ତ ଶୁଏ ଛିଣ୍ଡା କତରାରେ
ସହି ଖରା ବର୍ଷା ଶୀତ
କୋଉଁଠୁ ଆସିଲା ଅଜଣା ବେମାରୀ
କରୋନା ନାଁ ଟି ତାର
ତା କବଳେ ସାରା ବିଶ୍ୱ କବଳିତ
ଘରିଆଡେ ହାହାକାର
କୋଉଁଠି ଅନାଥ ହେଉଛି ସନ୍ତାନ
ବାପା ମାଙ୍କୁ ହରାଇ
କୋଉଁଠି ତରୁଣୀ କାନ୍ଦୁଛି ବାହୁନ
ସିନ୍ଦୂର ପୋଛିଦେଇ
ବୃଦ୍ଧ ବାପାମା ପୁଅକୁ ଅନେଇ
ଆଖିରୁ ମଲାଣି ପାଣି
ବଡ ଦେଉଳରେ ଲୁଚ ବସିଅଛ
ତୁମେ କ ପାରୁନ ଜାଣି?
ପଲକ ବିହୀନ କରିଛ ନୟନ
ଜଗତ ଦେଖିବା ପାଇଁ
ଜଗତ କରୁଛି ତୁମକୁ ଗୁହାରୀ
ତୁମେ ପଡିଛ କ ଶୋଇ
ଉଠ ମହାବାହୁ ନଦ୍ରାଭଙ୍ଗ ହେଉ
ବଡଦାଣ୍ଡେ ଠିଆ ହୁଅ
ପତିତପାବନ କର ଉଦ୍ଧାରଣ
କରୋନାଠୁ ମୁକ୍ତିଦିଅ

ଗୁଣ୍ଡିଚା ବିହାର,ପୁରୀ

# ମନେପଡେ ପିଲାଦିନ

ପ୍ରିୟବ୍ରତ କର

ଟାୟାର ପଛରେ ବାଡିଟେ ଧରି ଦୌଡ଼ିବା
କନ୍ଦାକଟା କରି ଗୁଡିଟିଏ କଣି
ଉଡେଇବା
କଥାକୁ ନମାନ ନଦୀରେ ଯାଇକ
ପହଁରିବା
ଗ୍ରେକଲେଟ ପାଇଁ ଖରାବେଳେ ଡ଼ଙ୍ଗା
ବାହିବା
ସତେ କେଡେ ଭଲଥିଲା ସେଇଦିନ
ଆଜି ମୋର ମନେପଡେ ପିଲାଦିନ ।

ବୋହୂଗ୍ରେରି ସହ ବାଡ଼ିଡିଆଁ ଖେଳ
ଲୁଚକାଳ ସାଥେ କାଚଆଲି ଖେଳ
ପନ୍ଦଲୁଗା ସହ କତିକତି ଖେଳ
କଉଡ଼ି ସାଙ୍ଗକୁ ଥିଲା ଢପା ଖେଳ
ସତେ କେଡେ ଭଲଥିଲା ସେଇଦିନ
ଆଜି ମୋର ମନେପଡେ ପିଲାଦିନ

ରାକ୍ଷୀ ପୂର୍ଣ୍ଣମୀରେ ଚକୁଳ ପିଠା
ଚତଉ ଉଆଁସେ ଚତଉ ପିଠା
ମାଣବସା ବେଳେ ମଣ୍ଡାପୁର ପିଠା
କୁମାର ଉତ୍ସବେ ଗେଣ୍ଡୁଳ ପିଠା
ସତେ କେଡେ ଭଲଥିଲା ସେଇଦିନ
ଆଜି ମୋର ମନେପଡେ ପିଲାଦିନ ।

ଏବେ ହାତରେ ରହୁଛି ସ୍ମାର୍ଟଫୋନ
ଗ୍ରହିଦା ଅନେକକୁ ମିଳେ ଅଳ୍ପଧନ
ରାତିରେ ଆସୁନ ଆଖିକୁ ଭଲସ୍ୱପ୍ନ
ବିନା କାରଣେ ମୁଣ୍ଡ ହୁଏ ଟେନେସନ
ସତେ କେଡେ ଭଲଥିଲା ସେଇଦିନ
ଆଜି ମୋର ମନେପଡେ ପିଲାଦିନ ।

ସୋରିଷକୋଠା, ମୟୁରଭଞ୍ଜ

# ନାରୀ

ମମିତା ଦେହୁରୀ

ନାରୀ ଅଟେ କେତେ ଜଗତରେ ସତେ
ଅଟଇ ଭରି ମହାନ
ନଜେ ସହି କଷ୍ଟ ହୁଏ ନାହିଁ ଭ୍ରଷ୍ଟ
କରଇ ସବୁ ସହନ,
ନାରୀ ର ମନ କୁ ବୁଝି ପାରିବାକୁ
ଗୃହାନ୍ତିନ ଥରେ କେହି
ବିପଦେ ଆପଦେ କର୍ମ କରି ଗୃଲେ
ଭେଦ ଭାବ ଜାଣେ ନାହିଁ,
ନାରୀର ହୃଦୟେ ରହିଛି ଅନେକ
କେତେବେଳେ କେଉଁ ରୂପ
ପ୍ରଥମେ ଦୁହିତା ଜଗତରେ ଜିତା
ଅନ୍ୟାୟେ କାଳୀ ର ରୂପ,
ଜାଣନ୍ତି ସମସ୍ତେ ନାରୀ ଅସ୍ତିତିରେ
ଦୁନଆ ଯା ଆ ନ୍ତା ଭସି
ପର ଦୁଃଖେ ଦୁଃଖୀ ହୁଏ ସୁଖେ ସୁଖୀ
ଖୁସି ହୁଏ ହସି ହସି,
ନାରୀ ର ଜନମ କଣି ନଏ ମନ
ସଭିଙ୍କୁ ଆଦର କରେ
ନାରୀ ସହ କେହି ହେବେ ନାହିଁ ସରି
ତା ବିନୁ ଜୀବନ ସରେ,
ଜନ ହିତ ଲାଗି ନଜ ଜୀବନକୁ
ନାରୀ ଦିଏ ଆତ୍ମବଳ
ମାଆ ହୋଇ ପୁଣି ନତି ହୁଏ ଟାଣି
ଦିଏ ମନ ପ୍ରାଣ ଢାଳ ।।।।।

ସାତକମା, କୁଚଣ୍ଡା, ସମ୍ବଲପୁର

# ଅଜଣା ମଣିଷ



ରାଜେଶ କୁମାର ବାରିକ

ଲକଡାଉନ ର ସମୟ ରାସ୍ତା ଘାଟ ଶୂନ ଶାନ୍ ଆଉ ୟାରି ଭିତରେ ଆକାଶ ର ବାଇକ୍ ପଛରେ ବସିଥାଏ ଲିପ୍ସା। ଏଇ ଲକଡାଉନ ରେ ଭୁବନେଶ୍ୱର ରୁ କଟକ ଯିବାର ଅନୁଭୂତି ବେସ୍ ନଆରା । ନା ଏଠି କେହି ଅଛି ରୋକିବାକୁ ନା କେହିଅଛି କହିବାକୁ ସତେଯେମିତି ପ୍ରକୃତିର ନୀରବତା ଭିତରେ ଆମେ ଦୁହେଁ ରାଜା ଆଉ ରାଣୀ । ବିସ୍ତୃ ତ ମହାନଦୀ ର ଶୁଖିଲା ବାଲିପଠା ଅଗାଧ ଜଳରାଶି ଆଉ ଆକାଶଙ୍କ ସହ ଲମ୍ବା ରାସ୍ତା ଅତିକ୍ରାନ୍ତ କରିବା କୋଣସି ଏକ ଚମତ୍କାର ରୁ କମ ନଥାଏ। କାହିଁକି ନା ଏସବୁ ଜୀବନ ରେ ପ୍ରଥମ ଥର ପାଇଁ ଘଟୁଥିଲା। ନହେଲେ ଭିଡ-ଭାଡ ଜୀବନ ଭିତରେ ନିଜ ପାଇଁ ସମୟ କାହିଁ । ରାସ୍ତା ର ଷ୍ଟିକ୍ ଲାଇଟ୍ ଆଲୁଅ ସାଙ୍ଗକୁ ହାଲକା ହାଲକା ଶିତଳ ପବନ ସତେଯେମିତି ବୈଶାଖ ରେ ମଳୟ ର ସ୍ପର୍ଶ । ଏଇ ଶୀତଳ ପବନରେ ଦେହ ଶିତେଇ ଉଠୁଥାଏ ଠିକ୍ ଏତିକ ବେଳେ ଆକାଶ କୁ ଭିଡିକ ଧରିଲା ଲିପ୍ସା। ଆଉ ଆକାଶ ବି ଲିପ୍ସାର ହାତକୁ ଭିଡିକରି ବାଇକ୍ କୁ ଧିରେ ଧିରେ ଚଲାଉଥାଏ ନୀରବରେ। ରାସ୍ତାର ଗଡାଣି ଉଠାଣି ଭିତରେ ଲାଗୁଥିଲା ସ୍ୱପ୍ନ ଗୁଡାକ ଧିରେ ଧିରେ ସତ ହେବାରେ ଲାଗିଛି ।

ଆଗରେ ଟ୍ରାଫିକ୍ ପୋଲିସ୍ ର ଭ୍ୟାନ୍ ଦେଖି ଡରିଯାଇଥିଲେ ଦୁହେଁ। ଆକାଶ ମୁଣ୍ଡରେ ହ୍ୟାଲମେଣ୍ଟ ଆଉ ଲିପ୍ସା ମୁହଁ ରେ ଓଢଣୀ ଟାକୁ ଢାଙ୍କି ଦେଇ ଗାଡିଟାକୁ ଧିରେ କରି ଆଗକୁ ବଢାଉଥିଲେ । ଠିକ୍ ଏତିକ ବେଳେ ଟ୍ରାଫିକ୍ ଫୋଲିସ୍ ବାଟ ଉଗାଳିଲା। ଆଉ ତାପରେ ମେଞ୍ଚାଏ ପ୍ରଶ୍ନ ର ପାହାଡ । ବହୁ ରିକ୍ୟୁଏଷ୍ଟ କଲା ପରେ ଲିପ୍ସା ର ମ୍ୟାଡିକାଲ୍ ରିପୋର୍ଟ ଦେଖାଇ ଛାଡ ମିଳିଲା । ନହେଲେ ଆଜି ଆମେ ଭଲ ରେ ଫସିଥାନ୍ତୁ । ଏବେ ଖାଲି ଗୋଟିଏ କାମ। ଲିପ୍ସା ପ୍ରଥମେ ତୁମକୁ ତୁମ ଘରେ ଛାଡ଼ିବି ତାପରେ ମୁଁ ମୋ ରୁମ୍ କୁ ଯିବି ॥

ଲିପ୍ସା-- କଟକ ରୁ ଭଦ୍ରକ ଏ ଗତିରେ କଣ ଯିବା ଠିକ୍ ହେବ ? ଏମିତିରେବି ମୋ ଦେହଟା ଠିକ୍ ନାହିଁ। ଏବେ ଏବେ ଗୋଟିଏ ପ୍ରବ୍ଲେମ୍ ରୁ ସିନା ମୁକ୍ତି ମିଳଲା, ଯଦି ଆଗକୁ ଆଉ କଛି ( ଲିପ୍ସା ମୁହଁରେ ହାତ ରଖିଲା ଆକାଶ )

ଆକାଶ-- କେବେ ବି ସେମିତି କହିବ ନାହିଁ । ହେଲେ ....... ଠିକ୍ ଅଛି ତୁମରି କଥା ହେଲା । ଭାବିଥିଲି ଦିନେ ତୁମକୁ ଶୋଭାଯାତ୍ରା କରି ବେଦିରେ ବସି ତୁମଘରୁ ଆମ ଘରକୁ ଆଣିବି ବୋଲି ହେଲେ ଆଜି ମୁଁ ମୋ ବାଇକ୍ ପଛ ରେ ମୋ ଭଡାଘରକୁ ତୁମକୁ ନେଉଛି।

ଲିପ୍ସା--( ହସିକରି) ଆରେ ଦେଖିବ ତୁମ ସ୍ୱପ୍ନ ଦିନେ ସତ ହେବ ପ୍ରଥମେ ତୁମେତ ଆଗ ତୁମ ବାପା ମାଁଙ୍କୁ କୁହ .....ଡରୁଆ କେଉଁଠିକାର ।

ଆକାଶ ଟିକେ ହସିଦେଇ ଆଗକୁ ବଢିଲା।

କ୍ଳାନ୍ତ ଭରା ରୋଗୀଣା ଦେହରେ ରୁମ୍ ଭିତରେ ପହଞ୍ଚିବା ନିଜକୁ କଣ୍ଟ୍ରୋଲ୍ କରିପାରିଲା ନାହିଁ ଲିପ୍ସା ଆଉ ତଳେ ପଡିଗଲା । ବ୍ୟସ୍ତ ବିବ୍ରତ ହୋଇ ଆକାଶ ଉଠାଇ ନେଲା ଲିପ୍ସା କୁ ଦୁଇ ବାହୁରେ...............ଲିପ୍ସା କଛି କହି ପାରୁନଥାଏ ଖାଲି ଚାହିଁରହିଥାଏ ଆକାଶକୁ ଛଳ ଛଳ ନିରିହ ଆଖିରେ । ଆକାଶ ନେଇ ସୁଆଇ ଦେଲା ବେଡ୍ ଉପରେ। ଲିପ୍ସା କଛି କହିବାକୁ ଚାହୁଁଥିଲା କିନ୍ତୁ ଆକାଶ ମଥାରେ ଆଉଁସି ଦେଇ ବ୍ଲାଙ୍କେଟ୍ ଟା ଘୋଡାଇ ଦେଇ ଭାବିବାକୁ ଲାଗିଲା .... ଏବେ ଲକଡାଉନ ର ସମୟ ପୁଣି କରୋନା ର ଭୟ ଆଉ ରାତିରି ଭିତରେ ଲିପ୍ସା ର ଏ ଅବସ୍ଥାରେ ରିକ୍ସି ନେବାଟା ଠିକ୍ ହେବନି । ଠିକ୍ ଏଇ ସମୟରେ ମନେପଡିଗଲା ଲିପ୍ସା ବ୍ୟାଗ୍ ରେ ଥିବା ମେଡିସିନ୍ ଆଉ ପ୍ରେସକ୍ରିପସନ୍ କଥା । ଦୌଡିଉଡି ଯାଇ ମେଡିସିନ୍ କୁ ବ୍ୟାଗ୍ ରେ ଦେଖି ବହୁତ ଖୁସି ହେଲା । ଫୋନ୍‌ରେ ଡକ୍ଟର ଙ୍କ ପରାମର୍ଶ ନେବା, ଲିପ୍ସା କୁ ଖୁଆଇବା ମଥା କୁଣ୍ଢେଇ ଦେବା ଠିକ୍ ଟାଇମ ରେ ମେଡିସିନ୍ ଖୁଆଇବା ଭିତରେ ଅନେକ ଦିନ ବିତିଯାଇଥାଏ।

ଏବେ...... ଲିପ୍ସା ଠିକ୍ ଅଛି କିନ୍ତୁ ଆକାଶ ର ବାପା ପରି ଆଦର କରିବା ମାଁଙ୍କ ଭଳି ସେବା କରିବା ଆଉ ଭଲ ସାଙ୍ଗ ପରି ମସ୍ତି କରିବା ଭଳି ପ୍ରେମୀ କାହାକୁ ବା ମିଳିବ । ଖୁସି ରେ ଆଖିରୁ ଲୁହ ବାହାରି ଆସିଲା ।

ଦେବେନ୍ଦ୍ର ପୁର, ଆଭଣା, ବାଲେଶ୍ୱର

# ସାଜିଲ ଗୋ କଳଙ୍କିନୀ



ପ୍ରଶାନ୍ତ କୁମାର ପଧାନ

କଳଙ୍କିତ ନାୟକଟେ ସାଜିଲି ମୁଁ
ତୁମ ପ୍ରତ୍ୟାଖ୍ୟାନ ପରେ
ଛାତିରେ ତୁମର ଆଉକା ସ୍ପନ୍ଦନ
ଆନ୍ଦୋଳିତ ହୁଏ ଧୀରେ ।।
ନିମିଷକେ ମୋଠୁ ହୋଇଗଲ ଦୂର
ସତୀତ୍ୱକୁ ସାଥେ ନେଇ
ହୃଦୟ ଦୀପରେ ପ୍ରେମର ସଳିତା
ଜାଳିଲ ଆଉକା ପାଇଁ ।।
ପ୍ରେମ ସଙ୍ଗୀତର ସୁରିଲା ବଂଶୀକୁ
ଭାଙ୍ଗିଦେଲ ଅକାରଣେ
ଆଉକା ପ୍ରେମର କାମନା ନିଆଁରେ
ପତଙ୍ଗ ସାଜିଲ ତୁମେ ।।
ନିରୁପାୟ ଅଟେ ନୀରବ ଦ୍ରଷ୍ଟା ମୁଁ
ତୁମେ ଏବେ ବାଟବଣା
ହଜେଇ ସାରିଛ ଠିକଣାକୁ ତୁମ
ଡେଇଁଅଛ ଶେଷ ସୀମା ।।
ଶେଷହେଲା ଏବେ ପ୍ରେମ ଖେଳ ତୁମ
ସାଜିଲ ଗୋ କଳଙ୍କିନୀ
ହାରିଗଲ ପ୍ରିୟା ପ୍ରେମର ବାଜିରେ
ନିଜେ ତୁମେ ଜାଣିଶୁଣି ।।

ବୁଢ଼େମୁଣ୍ଡା, ବରଗଡ଼

# ପ୍ରୀତିର ସୌଦାଗର



ପ୍ରମୋଦ କୁମାର ସାହୁ

ହେ ପ୍ରୀତିର ସୌଦାଗର!
କଛି ମଧୁର ସ୍ମୃତି ବିନିମୟେ,
ତୁମେ କଣିନେଲ ଅଂଶ ସବୁ
ମୋ ସୂକ୍ଷ୍ମ ହୃଦୟର।
ନା ଥିଲା ତହିଁ ଇନ୍ଦ୍ରିୟର କ୍ଷୁଧା,
ନା ଥିଲା ପ୍ରଣୟର ତୃଷ୍ଣା।
ଖାଲି ଇଚ୍ଛା ଥିଲା ଯହିଁ ମୋ ମନକୁ
ତୁମ ପାଖେ ସମର୍ପି ଦେବାର। (୧)

ତୁମର ସେ ସ୍ମିତହସ
ରଜନୀଗନ୍ଧାର ବାସ,
ତୁମ ନୟନ ଯୁଗଳ
ନୀଳ ସରସୀ କମଳ,
ଅଙ୍ଗଭଙ୍ଗୀ ଯେ ତୁମର
ଗୁରୁ କଳା କୋଣାର୍କର,
ତୁମ ମଧୁ ନରବତା
ମଳୟେ ତନ୍ଦ୍ରାଚ୍ଛନ୍ନତା,
ତୁମ ମନର ବିଷାଦ,
ଗଗନେ କଳା ବଉଦ। (୨)

ହେ ମୋର ସ୍ୱପ୍ନ ନାୟିକା
ମୋ ସଂଗୀତର ଗାୟିକା,
ଛନ୍ଦ ମୋର କବିତାର
କାହାଣୀ ମୋ ଜୀବନର,
ଫେରେଇ ଦିଅ ଯେ ମୋର
ଅଧା ଭଙ୍ଗା ସ୍ୱପ୍ନସବୁ,
ଲିଭେଇ ଦିଅ ମୋ ହୃଦୟୁ
ତୁମର ସେ ସ୍ମୃତି ସବୁ,
ଦିଅ ଥରେ ବଞ୍ଚିବାକୁ
ଉପଭୋଗ କରିବାକୁ,
ଜୀବନ ଯୌବନ ଭରା
ସୁନ୍ଦର ଏ ବିଶାଳ ସଂସାର। (୩)

ଜଳେଶ୍ୱର ବ୍ରହ୍ମପୁର,
ଉଦୟ ପୁର, ଯାଜପୁର

# ସେ ଦିନ୍ ଆସତା କେଁ ଫିରି



ଜ୍ୟୋତିର୍ବିଦିତ୍ୟ ପୁଝାରୀ

ଠିନ୍ ଠିନ୍ ଠିନ୍ ଘଣ୍ଟି ବଜ
ଶୁନଲେ ଯେନ୍ତା ଲାଗସି ମଜା
ଇସ୍କୁଲେ ଭାତ ଥାଲି ଧରି
କୁଟିକରି ଦେଲ୍ ତରକାରି

ଖେଲୁଥିତୁଁ ନରଦି କନ୍ଦରି
ସେ ଦିନ୍ ଆସତା କେଁ ଫେରି ।୧।

ଡାଲତା ସେ ବସ୍ ଟରକ୍
ଘୁଁ ଘାଁ ସୁର୍ କରତା ସଡକ୍
ପେନ୍ ପିକରି ବାଟୁଆ ଭାଇ
ଆଗ୍ କେ ବଢତା ଗୁନଗୁନେଇ

ଲାଖ୍ ବିନ୍ଧତା ଝଟକରି
ସେ ଦିନ୍ ଆସତା କେଁ ଫିରି ।୨।

ଗୁପ୍ ଚୁପ୍ ଗୁଟ୍ ଖେତେ ଭେଁଟେ
ମନମନଛା ଘିନତେ ହାଟେ
ବଞ୍ଜିଆ ଠାନେ ଟୁଟା ଫିଟା
ଦରବ୍, ଦୁଃଖ୍, ସୁଖ୍ ବେଁଟା

ଭାବ୍ ସଙ୍ଗେ ଭାବ୍ ଯେତା ଭିରି
ସେ ଦିନ୍ ଆସତା କେଁ ଫିରି ।୩।

ଦିହିଁର୍ କାଜେ ଖଣେ ପିନ୍ଧନ୍
ପେଟକେ ଦୁଇ ମୁଠା ଅରନ୍
ମିଲତା କଲେଭୁତୁ କୁଡିଆ
ରାତି ଝୁମୁର୍ ହେତା ଗଡିଆ

ସପନେ ମାରୁଥିତେ ଲହରୀ
ସେ ଦିନ୍ ଆସତା କେଁ ଫିରି ।୪।

ଗୁଟେଠାନେ ଲୋକ୍ ହେତେ କୁରା
ପାଲନ୍ ହେଲେ ଯାନ ଯାତରା
ରଙ୍ଗ୍ ଗହକ୍ ମହକ୍ ବିଛି
ସଂସାର୍ ହଁସତା ନାଚ ନାଚ
ଇ କୋରୋନା ଯେତା କେଁ ମରି
ସେ ଦିନ୍ ଆସତା କେଁ ଫିରି ।୫।

କୁଲିଗାଁ, ବଡମହେଶ୍ୱର,
ଖଡିଆଳ, ନୂଆପଡା

# ନିର୍ଲଜ

ଗୁପ୍ତେଶ୍ୱର ନନ୍ଦ

ଖାଲି ମାଠିଆର ଶବଦ ବେଶୀକୁ
ଗ୍ବେର ମୁହଁ ବଡ ଟାଣ
ନିର୍ଲଜ ଲୋକଟା ବହପ ନମାରି
ଆଉ ବା କରିବ କଣ?
ତାହାରି ଭିତରେ ଟିକଏ ବି ହେଲେ
ନାହିଁ ବୋଲି ତ କ୍ୱାଲିଟି
ଭୂଷଣ ବାଜିରେ ନିତି ବଢାଉଛି ଖାଲି
ଗଦାଗଦା କ୍ୱାନଟିଟି ।
ଦେଖେଇ ହେବାରେ ତାକୁକେ ପାରିବ
କଥାରେ ସେ ହରିଶ୍ଚନ୍ଦ୍ର
ନେଇନେଇ କରି ଘର କରିଲାଣି
ଯେପରି ତୋଳଛି ଇନ୍ଦ୍ର ।
ସଂପର୍କୀୟ ଘରେ କୁଣିଆ ହୋଇକ
ରହିଲେ ବି ଗୋଟା ମାସେ
ଭାବିଲେ ଏକଥା ଘର ଯିବାପାଇଁ
ତାକୁ ଅନ୍ଧକାର ଦିଶେ ।
ହୋଟ ଘରେ ସର୍ବେ ହୋଇଯାନ୍ତି ବ୍ୟସ୍ତ
ଆସିଲେ ନିର୍ଲଜ ଗେଷ୍ଟ
ବାବୁ ଆମ ଏଠୁ କେବେ ଯିବେ ବୋଲି
ସର୍ବେ ଭାବିଥାନ୍ତି ମଷ୍ଟ

ଶଙ୍କର୍, ବିନକା, ସୋନପୁର

# ନାରୀ ଏକ ପ୍ରଶ୍ନ



ଅଜିତ କୁମାର ଭୋଇ

ନାରୀର ଅନ୍ୟ ନାମ
ପରୀକ୍ଷା କାହିଁକ **?**

କେବେ ଅଗ୍ନିରେ
କେବେ ଭଙ୍ଗି ରୂପରେ
ନାରୀ ତ ନଜେ ସ୍ୱୟଂ ଉତ୍ତର
ଏତେ ପ୍ରଶ୍ନ କାହିଁକ **?**

ପୁରୁଷ ପାଇଁ ନାରୀ ଯୁଗେ ଯୁଗେ
ପରୀକ୍ଷା ହିଁ ତ ଦେଇ ଗ୍ଲେ
ସାଜି କେବେ କଣ
କେବେ ବାରଙ୍ଗନା
ତଥାପି ଫେଲ କାହିଁକ**...??**

ପୁରୁଷ ପାଇଁ ଏକା
ଆଜି ସେ ଚରିତ୍ର ହୀନା
ଦରକାର ନାହିଁ
ତାକୁ ସତୀତ୍ୱର ଆଖ୍ୟା
ତୁମେ ହିଁ ତ କହିବ
ତାକୁ ଅପବିତ୍ର ବିଧବା**...!**

ଭୁଲରେ ନାରୀ ଯଦି
କେବେ ପ୍ରଶ୍ନ କରେ**!**

ତୁମ ଉତ୍ତର**;**
ପୃଥିବୀର ଜ୍ୱାଳାମୁଖୀ
କେବେ ସୂର୍ଯ୍ୟର ଜର୍ଜରିତ ଅନଳ
କାହିଁକ**....?**

ନାରୀ**-**ପୁରୁଷ ସମାନତାର
ପ୍ରଶ୍ନ ତ ଅନେକ
ହେଲେ ଉତ୍ତର କାହିଁ **?**

ଆଜିବି ନାରୀ ଏକ ପ୍ରଶ୍ନ **!!**

ଶିକ୍ଷକ, କୁଳଆପଡା, କଳାହାଣ୍ଡି

# ଶ୍ରୀମଦ୍ ଭଗବତ୍ ଗୀତାର ଏକାଦଶ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଭଗବତ ଭକ୍ତି ତୁଳନାରେ ବ୍ରହ୍ମଜ୍ଞାନ, କର୍ମଯୋଗ, ଧ୍ୟାନଯୋଗ ଆଦି ତୁଚ୍ଛ- ଏହାହିଁ ଏ ଅଧ୍ୟାୟର ପ୍ରତିପାଦ୍ୟ ବିଷୟ । ଏକନଷ୍ଠ ଭକ୍ତର ପ୍ରାର୍ଥନାରେ ପରମେଶ୍ୱର ତାଙ୍କର ପରମ ଐଶ୍ୱର୍ଯ୍ୟ ତଥା ଭୂତ ବର୍ତ୍ତମାନ ଭବିଷ୍ୟତର ସମସ୍ତ ଦୃଶ୍ୟ ଭକ୍ତକୁ ଦେଖାଇ ପାରନ୍ତି । ଅର୍ଜୁନ ସେହିପରି ପରମ ଭକ୍ତ ହୋଇଥିବାରୁ ତାଙ୍କ ପ୍ରାର୍ଥନାରେ ଭଗବାନ୍ ତାଙ୍କୁ ତାଙ୍କର ବିଶ୍ୱରୂପ ଦେଖାଇଲେ । ସେହି ବିଶ୍ୱରୂପ ସଂବନ୍ଧୀୟ ସମସ୍ତ ବର୍ଣ୍ଣନା ଏ ଅଧ୍ୟାୟରେ ଦିଆଯାଇଥିବାରୁ ଏହାର ନାମ ବିଶ୍ୱରୂପ ଦର୍ଶନଯୋଗ ରଖାଯାଇଅଛି । ପୂର୍ବ ଅଧ୍ୟାୟରେ ଭଗବାନ୍ ତାଙ୍କର ବିଭୂତି ବର୍ଣ୍ଣନା କରୁକରୁ କହିଲେ-ଏ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ମୋର ଏକାଂଶରେ ଅବସ୍ଥିତ । ଏହା ଶୁଣି ସଦା ଆଶ୍ରିତ ଅର୍ଜୁନ କୌତୁହଳବଶତଃ ସେହି ବିଶ୍ୱରୂପ ଦେଖାଇବାକୁ ପ୍ରାର୍ଥନା କଲେ । ସାଧାରଣ ଚର୍ମଚକ୍ଷୁରେ ସେହି ରୂପ ଦେଖି ହେବ ନାହିଁ କହି ଅର୍ଜୁନଙ୍କୁ ଦିବ୍ୟ ଚକ୍ଷୁ ପ୍ରଦାନ କଲେ । ଆହୁରି କହିଲେ-ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ଦୃଶ୍ୟ ଦେଖିବା ସହିତ ତୁମେ ଆଉ ଯାହାକଛି ଦେଖିବାକୁ ଇଚ୍ଛା କରିବ ତାହା ବି ଦେଖିପାରିବ ।

ସେହି ବିଶ୍ୱରୂପ ଅନେକ ମୁଖ, ଅନେକ ଉଦର, ଅସଂଖ୍ୟ ହସ୍ତ ଓ ପାଦ, ଅନେକ ଦିବ୍ୟ ଅଳଙ୍କାର, ମାଲ୍ୟ, ଗନ୍ଧ ଓ ବସ୍ତ୍ରଯୁକ୍ତ ଥିଲା । ଏକ ସମୟରେ ଆକାଶରେ ସହସ୍ରସୂର୍ଯ୍ୟ ଆବିର୍ଭୂତ ହେଲେ ଯେପରି ଆଲୋକ ହେବ ସେହି ବିଶ୍ୱରୂପ ସେହିପରି ଉଜ୍ଜ୍ୱଳ ଥିଲା । ବିଶ୍ୱରୂପଙ୍କର ଆଦି, ଅନ୍ତ ଓ ମଧ୍ୟ କେଉଁଠି କଛି ଜଣା ଯାଉନଥିଲା । ତାଙ୍କର ଆଖି ସୂର୍ଯ୍ୟ ଚନ୍ଦ୍ର ସଦୃଶ ଉଜ୍ଜ୍ୱଳ ଥିଲା । ତାଙ୍କର ପାଟିରେ ବଡ଼ ବଡ଼ ଭୟଙ୍କର ଦାନ୍ତମାନ ଥିଲା । ତାଙ୍କ ଦେହରେ ସ୍ଥାବର ଜଙ୍ଗମାଦି ସମସ୍ତ ଜୀବ, ସମସ୍ତ ଦେବାଦେବୀ, କମଳାସନସ୍ଥ ବ୍ରହ୍ମା, ସମସ୍ତ ଋଷି, ପିତୃଗଣ ତଥା ସମସ୍ତ ସର୍ପଙ୍କୁ ଅର୍ଜୁନ ଦେଖି ପାରିଲେ । ସେହି ଉଗ୍ର, ସମୁଜ୍ୱଳ ବିଶ୍ୱରୂପକୁ ଦେଖି ଅର୍ଜୁନ ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହେବା ସଙ୍ଗେ ସଙ୍ଗେ ଅତି ଭୟଭୀତ ମଧ୍ୟ ହୋଇପଡିଲେ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ-ତିନ ଲୋକର ଅଧିବାସୀଗଣ

ଭୟରେ ସେହି ବିଶ୍ୱରୂପକୁ ପ୍ରାର୍ଥନା କରୁଥିବାର ସେ ଦେଖି ପାରିଲେ । ମହାଭାରତ ଯୁଦ୍ଧରେ କ'ଣ କ'ଣ ଘଟିବାକୁ ଯାଉଛି ତାହା ମଧ୍ୟ ସେ ଦେଖି ପାରିଲେ । ଅନଳ ଦେଖି ପତଙ୍ଗ ଧାଇଁଲା ପରି ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଓ ଅନ୍ୟ ସମସ୍ତ ଯୋଦ୍ଧାଗଣ ଅତି ବେଗରେ ଦଉଡି ଦଉଡି ବିଶ୍ୱରୂପଙ୍କର ଭୟଙ୍କର ମୁଖଗହ୍ୱରରେ ପ୍ରବେଶ କରୁଥିଲେ । କେତେକଙ୍କର ମୁଣ୍ଡ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ସେହି କରାଳ ଦାନ୍ତସନ୍ଧିରେ ଲାଗିଯାଉଥିଲା । ଭୟଭୀତ ହୋଇ ଅର୍ଜୁନ ପ୍ରାର୍ଥନା କଲେ-ଆପଣ କଏ ଓ ଆପଣଙ୍କର ପ୍ରବୃତ୍ତି କ'ଣ ?

ଶ୍ରୀ ଭଗବାନ କହିଲେ-ମୁଁ ମହାକାଳ, ଏ ସମସ୍ତ ଲୋକ ସଂହାର କରିବାକୁ ମୁଁ ପ୍ରବୃତ୍ତ ହୋଇଛି । ତୁମେ ଯୁଦ୍ଧ ନ କଲେ ମଧ୍ୟ ଏଠାରେ ଉପସ୍ଥିତ ଥିବା କୌଣସି ବୀର ବଞ୍ଚି ରହିବେ ନାହିଁ । ସେମାନେ ସମସ୍ତେ ମୋଦ୍ୱାରା ମରି ସାରିଛନ୍ତି-ତୁମେ ନିମିତ୍ତ ମାତ୍ର ହୁଅ । ତୁମେ ଉଠ, ଯୁଦ୍ଧକର, ଶତ୍ରୁମାନଙ୍କୁ ଜୟକରି ସମୃଦ୍ଧ ରାଜ୍ୟ ଭୋଗ କର । ତା'ପରେ ଅର୍ଜୁନ ଭଗବାନଙ୍କୁ ନାନାପ୍ରକାର ସ୍ତୁତି କରିବାକୁ ଲାଗିଲେ । ପୁନଃ ପୁନଃ ଗୁରିଆଡେ ନମସ୍କାର କରିବାକୁ ଲାଗିଲେ । ଅଜ୍ଞାନତା ବଶତଃ ନିଜ ସଖା ବୋଲି ରହସ୍ୟରେ ଆହାର, ବିହାର ଆଦି ସମୟରେ ସେ ହେ କୃଷ୍ଣ , ଯାଦବ ପ୍ରଭୃତି ସାଧାରଣ ସମ୍ବୋଧନ କରିଥିବାରୁ କ୍ଷାମା ପ୍ରାର୍ଥନା କଲେ । ଭୟରେ ତାଙ୍କ ମନ ବିଚଳିତ ହେଉଅଛି, ସେ ଦିଗବିଦିଗ ଜାଣି ପାରୁନାହିଁନ୍ତି କହି ଭଗବାନଙ୍କୁ ସୌମ୍ୟ ସୁନ୍ଦର ଚତୁର୍ଭୁଜ ରୂପରେ ଦେଖିବାକୁ ପୁନଶ୍ଚ ପ୍ରାର୍ଥନା କଲେ ।

ବେଦାଧ୍ୟୟନ, ଶାସ୍ତ୍ରାନୁଶୀଳନ, ଯଜ୍ଞାନୁଷ୍ଠାନ ଆଦି କରି ପୂର୍ବରୁ କେହି ଏହି ବିଶ୍ୱରୂପ ଦେଖି ପାରିନାହାନ୍ତି ଓ ଦେବତାମାନେ ସର୍ବଦା ଏ ରୂପ ଦେଖିବାକୁ ଅଭିଳାଷୀ ବୋଲି ଭଗବାନ୍ କହିଲେ । ଅର୍ଜୁନଙ୍କୁ ଆଶ୍ୱାସନା ଦେଇ ପ୍ରଥମେ ଚତୁର୍ଭୁଜ ରୂପ ଓ ପରେ ଦ୍ୱିଭୁଜ ଶ୍ରୀକୃଷ୍ଣ ରୂପ ଦେଖାଇଲେ । କେବଳ ଅନନ୍ୟା ଭକ୍ତିବଳରେ ଅର୍ଜୁନ ଭଗବାନଙ୍କୁ ବିଶ୍ୱରୂପରେ ଦେଖିପାରିଲେ । ଯେ କେହି ଭଗବତ୍ କର୍ମପରାୟଣ, ଭଗବଦାଶ୍ରିତ, ସଙ୍ଗବର୍ଜିତ ଓ ସମସ୍ତ ପ୍ରାଣୀଙ୍କଠାରେ ବୈରତାଶୂନ୍ୟ ହେଲେ ତାଙ୍କୁ ପାଇପାରିବେ ବୋଲି ଭଗବାନ୍ ଉପଦେଶ ଦେଲେ । ଅତଏବ ଅକର୍ମା ହୋଇ ବସି ରହି କେବଳ ଭଗବାନଙ୍କ ନାମ ଜପକଲେ ଭକ୍ତି ହୁଏନା । ସମସ୍ତ କର୍ମ ନିଷ୍କାମ ବୁଦ୍ଧିରେ ଓ କୃଷ୍ଣାର୍ପଣ କରି ସଂପାଦନ କଲେ ତାହାହିଁ ପ୍ରକୃତ ଭକ୍ତି ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର

# ଲାଗୁଥିବୁ ତୁଇ ନୁଆ



ଯୁବରାଜ କୁଦେଇ

ଘିନ ଆନଛେଁ ବଜାରୁ ତୋର୍ ଲାଗି
ରୂପାର୍ ଫରୁଆ ଗୁଟେ,
ତାର୍ ଭିତ୍ ରେ ଜତ୍ ନେ ଭରିଛେଁ
ଲାଲିଆ ସେନ୍ଦୁର୍ ଥିପେ ॥
କେଭେ ହେଲେ ତ କହେବୁ ତୁଇ ଲୋ
ମୁଇଁ ଆଏଁ ବଲି ତମର୍,
ସେଦିନ ମୁଇଁ ତୋର୍ ଲାଗି ଗୁରି
ହେଇଯିମି କଲା ଭମର୍ ॥
ପାଖର୍ ବଜାରୁ ଘିନ ଆନଛେଁ
ଲାଲ୍ ଜର୍ ଜର୍ ଚୁରି,
ଧାଜ୍ ଗୁରା ତୋର୍ କଅଁଲି ହାତ୍ କେ
ଭବ୍ ବା ବଲି ଲୋ ଗୁରି ॥
କଲା ମିସ୍ ମିସ୍ ତୋର୍ କଜ୍ ଲି ଆଁଏଖ୍ କେ
ରଖିଛେଁ କଜଲ୍ ଡବେ,
ମାଖି ଦେଇ ଆଏଁଖ୍ ମିଟ୍ କା ମାର୍ ଲେ ତୁଇ
ବେଲ୍ ବୁଡିଯିବା ଘଡେ ॥
ରୂପ୍ ସୁନ୍ଦ୍ ରି କଜ୍ ଲି ଆଖିଁ
ଗୁହାନ ଚଉଦ ଭରି,
ତୋର୍ ଲାଗି କେତେ ଜୁବା ଧଙ୍ଗ୍ ରା
ଗଲେନ ସତେ ଲୋ ସରି ॥

ଗଢେଇ ବଲିଛେଁ ରେଡି ଝଲ୍ କା
ପଏଁରି ପାଏଝଲ୍ ସାରେ ,
ଗୁଲି ଯାଉଥିଲେ ଛୁମୁକ୍ ଛୁମୁକ୍
ସର୍ ଗର୍ ମେନ୍ କା ହାରେ ॥
ମଙ୍ଗଲ୍ ସୁନ୍ଦ୍ରକେ ଗାଁର୍ ସୁନାରି
ବନେଇଛେ ଜତନ୍ କରି,
ପିନ୍ଧିଥିଲେ ତୁଇ ବେଁକ୍ ପୁର୍ ତୁନୁ
କଏ ହେବା ତୋର୍ ସରି ॥
କତ୍ ରିଆ ବନ୍ଧ୍ ରିଆ ଟାଉ୍ ବାହାଁସୂତା
ପଡିଛେ ଆମର୍ ଘରେ,
ତୁଇ ପିନ୍ଧିଥିଲେ ପରାର୍ ମାହେଜି
ବୁଲୁଥିବେ ତୋର୍ ତରେ ॥
ତତେ ନେଇକରି ଦେଖିଛେଁ ମୁଇଁ ଲୋ
କେତ୍ ନ କେତେ ସପନ୍ ,
ନାଇଁ ଭାଙ୍ଗେ କେଭେ ଦେଖ୍ ଲା ସପନ୍
କରି ଜାନ୍ ଲେ ଜତନ୍ ॥
କଏ ଜାନେ ସତେ ମୋର୍ ସପନ୍ ଧନ
ହେବା କ ନାଇଁ ଯେ ପୁରା,
ଭଲ୍ ପାଉଛେଁ ମୁଇଁ ଭଲ୍ ପାଉଥିମି
ଲାଗୁଥିବୁ ତୁଇ ନୁଆ
ଲାଗୁଥିବୁ ତୁଇ ନୁଆ ॥

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ଅଗଲା ଚଟୁ



ଶ୍ରୀ ସହଦେବ ଧରୁଆ

ଗୁଲଠୁ ମୁଁଡ଼ିଆ ଅନମୁନସିଆ
ଚେତା ନାଇଁ ପସେ ମୁଁଡେ,
ଜଂଗଲେ ଭରତି ଗଛଖୁଟ୍ ପାତି
ହାନେକାଟେ ବଢ଼ା ତୁଡ଼େ ।୧ ।

ସୁଆରଥେ ମାତି ଡାଂଗ୍ ଝଟା ଅତି
ପରଘେ ଟଂଗିଆ ଚୁଟେ,
ମୁଁଡର୍ ଉପରେଁ ଖର୍ ତାତି ଖରେ
ଛଏଁର୍ ନାଇଁନ ମୁଟେ ।୨ ।

ଅକଲ୍-ବାଡିଟା ହଜେଇ ଉଲଟା
ଦୁଖ୍ ଘିନେ ମାହାଘୋର୍,
ନଜର୍ ଗୋଡକେ ନଜେ କାଟି ପକେ
ଟିଖେ ନାଇଁ ତାର୍ ସୋର୍ ।୩ ।

କାଲ୍ ବଏଶାଖି ପରମାନ୍ ସାଖି
ଉଜର୍ସି ଧୁକା ଘର୍,
ନୁକସାନ ହାନ ଅଦିନଆ ପାନ
ବରଷି କର୍ ପଥର୍ ।୪ ।

ଫୁଲ୍ ଫଲମୁଲ୍ ଆମ୍ ଗ୍ୱର୍ ଟୋଲ୍
ଝାରିନେସି ଗଛୁଁଖୁଟୁ,
ଥୁତନା ଉପର୍ କରି ଦୁଖେଁ ସର୍
ମୁନୁଷ୍ ଅଗଲା ଚଟୁ ।୫ ।

ଯତନ୍ କରଲେ ହିର୍ମୋତି ମାଲେ
ଭରତା ଭଁଣାର୍-ଘର୍,
ଫୁଲ୍ ଫଲମୁଲ୍ ଦରବ୍ ଅମୁଲ୍
ବଲତା ଜଂଗଲ୍ ଧର୍ ।୬ ।

ବେଲ୍ ଥାଉଁ ଥାଉଁ ସୁଧରି ଯା ଆଉ
ଗଛ୍ ଗୁଟେ ଗୁଟେ ଲଗା,
ଜଂଗଲ୍ ବଢଲେ ମଧୁର୍ ମଂଗଲେ
ନାଇଁ ରହେ ଦୁଖ୍ ଦଶା ।୭ ।

ଆଂଚଳକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

# ବର୍ଷା ରାନୀ



ହେମକାନ୍ତ ସାହୁ

ଋତୁ ବଦଲଲା ପାଗ୍ ବଦଲଲା
ମାସ୍ ତ ଗଲାନ ବଦଲ,
ଖରା ଯାଇକରି ବର୍ଷା ଆଏଲା
ଆକାଶେ ମାରୁଛେ ବିଜିଲି ॥
ଝରି ବର୍ଷା ଝର୍ ଝରା ନୁ
ବର୍ଷି ଦଉଛେ ପାନ,
ଆକାଶ୍ ପଥେ ବର୍ଷା ରଅନ
ମାରୁଛେ ଘୁଷି ଘୁହାନ ॥
ମେଘ୍ କେ ଦେଖି ଚଷା ଭାଇର୍
ମନ ହେଉଛେ ସାଜି,
ବର୍ଷା ହେଲେ ଚଷା ଭାଇ
ମାରିନେବା ସବୁ ବାଜି ॥
ଧର୍ତ୍ତି ରାନୀ ଦିସବା ସୁନ୍ଦର
ବର୍ଷା ହେଲେ ଆଜି,
ଫୁଲ ଫଳ ଗଛ ଦିସବେ ସୁନ୍ଦର
ସବେ ହେଇ ଯିବେ ସାଜି ॥
ବର୍ଷା ଦିନେ ଆକାଶ ପଥେ
ଟାନଛେ ଇନ୍ଦ୍ର ଧନୁ
ତାହାକେ ଦେଖି ପାସରୀ ହେସୀ
ସବୁ ଦୁଃଖ ତ ମନୁ ॥

ସରସରା ନୁ ଗୀତ ଗାଉଛେ
ସୁରସୁରିଆ ପବନ
ମନ୍ ଖୁସି ଥି ନାଚ ଉଠୁଛେ
ଦେଖି ଚଷାର ଜୀବନ ॥
ବର୍ଷା ଦିନେ ଘୁରିଆଡେ
ଶୁଭୁଥିସୀ ହାଲିଆ ଗୀତ,
ଚଷା ଭାଇ ତ କାମ୍ କରସି
ତାର ଖେଦେ ଗାଇ ଗୀତ ॥

ଆଇଟି ସଂଯୋଜକ,
ବିଜୁ ଜନତା ଦଳ, ଲୋଇସିଂଘା

# ଆସାଢ୍



ଭରତ ଧରୁଆ

ଘିଡ୍ ଘିଡ୍
ବଏଶାଖ୍
ହରମଲ୍ କରେ ଜେଠ୍,
ଦୁଇ ମାସ୍
ଆଏ ପରେ
ଖରାର୍ ତପତି ମେଠ୍ ।
ପାନି ବିନା
ତନାବନା
ଜୀବେ ହୁଅନ୍ ଆକୁଲ୍,
ଆସିଯିବା
ଅସାଢ୍ ତ
ଦରଲିବା ଝୋଲ୍ ଖୁଲ୍ ।

ପୁଡାପଦର, ଘାଜ୍ ଘାଜ୍ ଆଗଲପୁର୍, ବଲାଙ୍ଗିର

# ଜୀବନ ର୍ ଚଲା ବାଟ

ରମଣ ଦୁରିଆ

ଜୀବନ୍ ମରନ୍ ପାଏନ୍ ଫଟକ
ଆଏଜ ଅଛେ କେଲ ନାଇଁ,,
ଦୁଃଖ ବି ନଜର୍ ସୁଖ ବି ନଜର୍
ଇ କଥା ଜାନଥ ଭାଇ !!

ଜୀବନ ର୍ ଚଲା ବାଟ ଥି କେଭେ
ଗୁଲି ଗୁଲି ଥକ୍ ବ ନାଇଁ,,
ଦୁଃଖ ସମିହାଁ ଥି ବଲ କର୍ ବ ଛାତି
କେଭେ ତମେ ହାରବ ନାଇଁ !!

ଜୀବନ ର୍ ଚଲା ବାଟ ଥି ସତେ
ଫୁଲ ଏନ୍ତା କଁଟା ଫୁଟସି,,
ସେ କଁଟା କେ ତମେ ନଜର୍ ଭାବବ
ସହି ଦେବ ହଁସି ହଁସି !!

ଗାଏବ ନାଚବ ଜିବନ୍ କେ ଜିବ
ଦୁନଆଁ ଥି ବଚବାର ତକ୍,,
ଜୀବନ୍ ଥି ଯେବେ ଝରିଆ(ଝଡ଼
ଝଞ୍ଜା)ଆସଲେ
ଲଢବ ମରବାର୍ ତକ୍ !!

ଆଁଏଖ ଭିତରେ ଝୁମୁର୍ ରହିଛେ
ଝୁମୁର୍ ଭିତରେ ସପନ୍,,
ସପନ୍ ଭାଙ୍ଗଲେ ହାର୍ ବ ନାଇଁ
ବିଶ୍ୱାସ କେ କରବ ଟାନ୍ !!

ଇ ଜୀବନ୍ ସତେ ଉଡ଼ନଆ ଚେରେ
ଇଛନ୍ ଅଛେ କେଲ ନାଇଁ,,
ଉଡ଼ି ପଲାଲେ ଯେତେ ନୁର୍ଲେ
ତାର୍ ଠିକନା ପାଏବ କାହିଁ !!

ଆମେ ସବୁ ଯେତେ ଦୁନଆଁ ଯାକର୍
ଅଢ଼େ ଦିନର୍ ତ କୁନୁଆଁ,,
ମିଳମିଶି କରି ସବ୍ କର୍ ସଙ୍ଗେ
ହଁସି ଦେଖୁଥିମା ଦୁନଆଁ !!

# ମାଁ କେ ଦାଦନ ର ଚଠି



ହିମାଂଶୁ ଶେଖର କୁମ୍ଭାର

କେତେ ଆଶା ନେଇ ଆସିଥିନ ଧାଇଁ
ମୋର ଘର ଦୁଆର କୁଟୁମ ଛାଡି
ସୁଜମି ବଲି ଲକ ଉଧାର
କରନା ଆଏଲା ମାଡି !!

ଜମି ବାଡ଼ି କେନତା ମୁକଲମି ମାଁ
କନତର ନେଇ ପାରବାର ଦେଇ
ଗ୍ଏତ ଦିନ ଯେତେ କମେଇ ଥିନ
ଲକଡାଉନେ ଦେନ ଖାଇ !!

ବୁଆ ମୋର ସୁଗର ବେମାରୀ
କେନତା ଆନୁଛୁ ଉସୋ କସା
ପୁଅ ଝି ମୋର ଗାଳଲ୍‌ଗୁଥିବେ
ମାହେଜି କହୁଥିବା ଲୋକ ହଁସା!!

ଜୁହାର ଗୋ ମାଁ ପାଟନେସରି
କରୁଛେ ତତେ ମୁଇଁ ଗୁହାରି
ତୋର ଛତର ତଲେ ଡାପିରଖିଥିବୁ
ମୋର କୁଟୁମ ଛୁଆ ଘର ଦୁଆରୀ !!

କୁତମୁଣ୍ଡା-ପାଟଣାଗଡ-ବଲଙ୍ଗୀର

# ଶିଶୁ ବିଭାଗ



# ବେଙ୍ଗର ଛତା ବେଙ୍ଗୁଲିର ଛତା



ଡ଼ଃ ରଞ୍ଜିତ କୁମାର ସାହୁ

"ବୋଉ ଦେଖେ ମୁଁ ମଧ୍ୟ ବେଙ୍ଗୁଲିର ଛତା ଧରିକି ଆସିଛି । ଆଜି ଏଇଟାକୁ ତରକାରୀ କରିବା," ମିତା କହିଲା ବାଡ଼ିଆଡୁ ଘରକୁ ପଶୁ ପଶୁ । ବୋଉ ଦେଖିଲେ ମିତା ଗୋଟିଏ ବଡ ନାଲି ରଙ୍ଗର ଛତୁଟିଏ ଧରିକି ଆସିଛି ବାଡ଼ି ପଟରୁ ।

"ଇସ୍ ଶୀଘ୍ର ଫୋପାଡ଼େ ତାକୁ ଆଉ ସାବୁନରେ ହାତ ଧୁଅ । ସେଇଟା ସାପ ଛତୁ ମାନେ ବିଷାକ୍ତ ଛତୁ," ବୋଉ ପାଟି କଲା ରୋଷେଇ ଘରୁ ବାହାରି ।

"କିନ୍ତୁ ଏଇଟା ତ କାଲି ବାପା ବଜାରରୁ ଯେଉଁ ଛତା ସବୁ ଆଣିଥିଲେ ତାହା ଠାରୁ ମଧ୍ୟ ସୁନ୍ଦର ଦେଖା ଯାଉଛି," ମିତା କହିଲା ।

"ଆଗେ ତାକୁ ଫୋପାଡ଼େ ତା ପରେ କଥାବାର୍ତ୍ତା, ନ ହେଲେ କଷିଦେବି ଦୁଇ ଚଟକଣୀ," ବୋଉ ପୁଣି କହିଲା ଆଉ ଚାଲିଗଲା ରୋଷେଇ ଘରକୁ ।

ମନ ଦୁଃଖ ହୋଇଗଲା ମିତାର । ବାଡ଼ିରେ ବର୍ଷାରେ ଓଦା ହୋଇ ଗୋଟିଏ ଜାଗାରେ କେତେ ସୁନ୍ଦର ଛତାଟିଏ ଫୁଟିଥିଲା । ଭାବିଥିଲା ବୋଉ ଖୁସି ହୋଇଯିବ ଏବଂ ସାବାସ ବୋଲି କହିବ । କିନ୍ତୁ ବୋଉ ତ ଓଲଟା ରାଗିକି ଶୋଧିଦେଲା ! କିଏ ଜାଣିଥିଲା ଏତେ ସୁନ୍ଦର ଦିଶୁଥିବା 'ବେଙ୍ଗୁଲିର ଛତା' ପୁଣି 'ସାପ ଛତୁ' ହେଇଯିବ ! ଦୁଇ ଦିନ ପୂର୍ବରୁ ବାପା ଛତା ଭଳି ଦିଶୁଥିବା ଜିନିଷ ଗୁଡ଼ାଏ ଆଣିଥିଲେ ବଜାରରୁ । ମିତା ପଚାରିଲାରୁ କହିଲେ ଏଇ ସବୁ ପରା ମୋ ଗେଲା ଝିଅର 'ବେଙ୍ଗୁଲି ଛତା' । ବର୍ଷା ଦିନରେ ଭୂଇଁ ଭିତରୁ ବାହାରେ । ମିତା ଆରବର୍ଷ ସ୍କୁଲରେ ପ୍ରବେଶ କରିବ । ବାପା କହିଲେ ସିଏ ସ୍କୁଲ ଗଲେ ବହୁତ କିଛି ଶିଖିବ ସେହି ଛତା ବିଷୟରେ । ଏବେ ଏତିକି ଜାଣିଲେ ଯଥେଷ୍ଟ । ଏହା ଏକ ପ୍ରକାର ରୋଷେଇ କରିବା ସାମଗ୍ରୀ । କିନ୍ତୁ ମିତା ମନରେ ଭାରି କୌତୁହଳ ଜାତ

ହେଲା । ରାତି ବେଶୀ ହୋଇ ଯାଇଥିବାରୁ ଆଉ ବେଶୀ କିଛି ପଚାରିନଥିଲା ଆଉ ଶୋଇ ପଡିଥିଲା ।

ଆଜି କନ୍ତୁ ବଗିଚାରେ ବୁଲିଲା ବେଳକୁ ଦେଖିଲା ଖତଗଦା ପାଖରେ ସୁନ୍ଦର ଛତା ଆକାରର ଜିନଷଟିଏ ବାଡ଼ିଆଡେ ଉଠିଛି, ଠିକ ଯେମିତି ବାପା ଧରିକି ଆସିଥିଲେ । ଖୁସିରେ ମିତା ତାକୁ ଉଠେଇ ଆଣିଥିଲା ଆଉ ବୋଉକୁ ଦେଇଥିଲା । ବୋଉର ପ୍ରତିକ୍ରିୟା ଦେଖିକି ମିତା ଦୁଃଖୀ ହୋଇଯାଇଥିଲା । "

ସାପ ଛତୁ, ବେଙ୍ଗୁଲି ଛତା, ପ୍ରକୃତରେ ଏହି ଜିନଷଟି କଣ?" ମିତା ଭାବିବାକୁ ଲାଗିଲା ।



ବାପା ଦୁଇ ଦିନ ଲାଗି ଅଫିସ କାମରେ ଅନ୍ୟ ସହରକୁ ଯାଇଛନ୍ତି । କାହାକୁ ନିଜ ଦୁଃଖ ଜଣେଇବ ମିତା? ପିଣ୍ଟୁ ଭାଇ ଷଷ୍ଠ ଶ୍ରେଣୀରେ ପଢୁଛି କିନ୍ତୁ ଏ ଯାଏଁ ସ୍କୁଲରୁ ଫେରିନି । ତେଣୁ ଚୁପଚାପ ଗୋଟିଏ କୋଣରେ ବସି ରହିଲା ବହିରେ ମୁଣ୍ଡ ପୋତି ଦେଇ ।

ପିଣ୍ଟୁ ସ୍କୁଲରୁ ଫେରି ଦେଖିଲା ମିତା ମୁହଁ ଶୁଖେଇ ବସିଛି । ପିଣ୍ଟୁ ନିଜ ସାନ ଭଉଣୀକୁ ବହୁତ ଭଲ ପାଏ । ତାହାର ଶୁଖିଲା ମୁହଁ ଦେଖି ପଚାରି ବୁଝିଲା ସବୁ କଥା ।

"ତୁ ଛୋଟ ଏବେ, ସ୍କୁଲ ଗଲେ ଆହୁରି ଶିଖିବୁ ଏହି ଛତା ବିଷୟରେ," ପିଣ୍ଟୁ କହିଲା ।

"କିନ୍ତୁ ମୁଁ ଏବେ ଜାଣିଲେ ଅସୁବିଧା କଣ? ଆଉ ଭୁଲ ତ କରିବିନି ନା? ମୁଁ ତ ଜାଣି ପାରୁନି ଏଇଟା ଛତା ନା ଛତୁ, ନା ଗଛ ନା ପଶୁ ?" ମିତା କହିଲା ।

"ସେଇଟା ବି ଠିକ କଥା । ଏହି ଯେଉଁ ଛତା ଭଳି ଦେଖା ଯାଏ ତାହା ଉଦ୍ଭିଦ ନୁହେଁ କି ପ୍ରାଣୀ ନୁହେଁ, ଏକ ଅନ୍ୟ ପ୍ରକାର ଜୈବିକ ପଦାର୍ଥ ଯାହାକୁ 'ଛତ୍ରାକ' କିମ୍ବା 'ଛତୁ' କିମ୍ବା 'କବକ' କୁହା ଯାଏ । ଯେମିତି ଗଛରେ ଫଳ ହୁଏ ଆଉ ମଞ୍ଜି ହୁଏ, ସେମିତି ଏହି କବକ ଜାତିରେ ଛତା ଆକାରଟିଏ ସୃଷ୍ଟି ହୁଏ ଯେଉଁଥିରେ ଛୋଟ ଛୋଟ ମଞ୍ଜି ହୁଏ ଯାହାକୁ 'ସ୍ପୋର' କୁହନ୍ତି ଯାହା ଦ୍ୱାରା ଏହା ଦୂର ସ୍ଥାନକୁ ବିସ୍ତାର କରି ପାରେ," ପିଣ୍ଟୁ କହିଲା ।



"କିନ୍ତୁ ବାପା ଏହାକୁ ବେଙ୍ଗୁଲିର ଛତା କାହିଁକି କହିଲେ?" ମିତା ପଚାରିଲା ।

"ତୋତେ ସରଳ ଭାଷାରେ ବୁଝେଇବା ଲାଗି," ପିଣ୍ଟୁ କହିଲା," ଏମିତିରେ ବି ତୁ ଭୁଲି ଯାଉ ବେଶୀ କଠିନ ଭାଷାରେ କହିଲେ ।"

"ବୋଉ ମୁଁ ଆଣିଥିବା ଛତାକୁ ଫୋପାଡ଼ିଦେବାକୁ କହିଲ୍ କିନ୍ତୁ ବାପା ଆଣିଥିବା ଛତାକୁ କାହିଁକି ରୋଷେଇ କରିକି ଦେଲ୍**?**" ମିତା ପଗ୍ଗରିଲା **।**

"ସ୍କୁଲ ରେ ସାର କହୁଥିଲେ**,** ଅଧିକାଂଶ ଛତୁ ସବୁରେ ବିଷାକ୍ତ ଦ୍ରବ୍ୟ ସବୁ ଥାଏ ଯାହା ଆମକୁ ଅସୁସ୍ଥ କରିଦିଏ କିମ୍ବା କିଛି କ୍ଷେତ୍ରରେ ମୃତ୍ୟୁ ମଧ୍ୟ ହୋଇ ପାରେ **।** ତେଣୁ କେବେଳ ଭଲ ଭାବରେ ଚିହ୍ନଟ ହୋଇଥିବା ଛତୁ କିମ୍ବା ଚାଷ ହୋଇଥିବା ଛତୁହିଁ ଖାଇବା ଉଚିତ **।** ଅନେକ ସମୟରେ ଛତୁରେ ମଧ୍ୟ ରୋଗ ହୁଏ ଯେମିତି ଅନ୍ୟ ପ୍ରକାରର ଫସଲରେ ତେଣୁ**,** ରୋଗାକ୍ରାନ୍ତ ଛତୁକୁ ଖାଇବା ନିଷେଧ**,**" ପିଣ୍ଟୁ କହିଲା **।**

"ଓଃ ତାହା ହେଲେ କଣ ଆମେ ଏ ସବୁ ଛତାକୁ ବାଡିରୁ ଦୂରକୁ ଫୋପାଡି ଦେବା କି**?** ଏ ସବୁ ଏତେ ଭୟଙ୍କର ଯଦି**,**" ମିତା ପଗ୍ଗରିଲା **।**

"ନା **,** ଏହି ସବୁ ଛତୁ ଗୁଡିକ ପ୍ରକୃତରେ ମାଟିର ବହୁତ ଉପକାର କରି ଥାଆନ୍ତି**,** ବିଭିନ୍ନ ପ୍ରକାର ର ଜୈବିକ ଦ୍ରବ୍ୟକୁ ମାଟିରେ ମିଶେଇବାରେ ସାହାଯ୍ୟ କରନ୍ତି **।** ତେଣୁ ଯଦି ଏହା ଆମର କୌଣସି ଉପକାରୀ ଜିନିଷକୁ ନଷ୍ଟ କରୁ ନାହିଁ**,** ତାକୁ ସେମିତି ଛାଡି ଦେବା ଉଚିତ **।** ସାର କହୁଥିଲେ**,** ଭଙ୍ଗା ଗଛ ଆଉ କାଠ ଇତ୍ୟାଦିକୁ ପୁଣି ଥରେ ମାଟିରେ ମିଶିବାକୁ ଏହି ଛତୁ ହିଁ ସାହାଯ୍ୟ କରେ**,**" ପିଣ୍ଟୁ କହିଲା **।**

"କିନ୍ତୁ ଆମେ କେମିତି ଜାଣିବା କେଉଟା ଖାଇବା ଆଉ କେଉଟା ନ ଖାଇବା**?**" ମିତା ପଗ୍ଗରିଲା ।



"ଖାଦ୍ୟ ରୂପରେ ବ୍ୟବହାର ହେଉଥିବା କଛି କସମର ଛତୁ ଆଜି କାଲି ଗ୍ଭଷ ମଧ ହେଲ୍ଣି, ତେଣୁ ଯେଉଁ ମାନେ ଛତୁ ଖାଇବାକୁ ଭଲ ପାଆନ୍ତି, ସେମାନେ ତାହା ଖାଇ ପାରିବେ I ଯେଉଁମାନେ ନୟମିତ ଛତୁ ସଂଗ୍ରହ କରନ୍ତି ସେମାନେ ପ୍ରାୟ ଠିକ ଚହ୍ନି ପାରନ୍ତି କୋଉ ଛତୁ ଖାଦ୍ୟ ଉପଯୋଗୀ," ପିଣ୍ଟୁ କହିଲ୍ I

"ଓଃ ଏ ଛତା ସବୁ ଏତେ ଉପକାରି?" ମିତା ପଗ୍ଭରି I

"ହଁ, ସାର ମଧ କହୁଥିଲେ କଛି ପ୍ରକାର ଛତାକୁ ଔଷଧରେ ବ୍ୟବହାର କର୍‌ଯାଏ I ସାର ଆଉ ଯଦି କଛି ପଢାନ୍ତି ଏହା ବିଷୟରେ, ମୁଁ ତୋତେ କହିବି, ଏବେ ଯାଉଛି, ଭେ‌କ ଲ୍‌ଗିଲ୍‌ଣି ମୋତେ," ପିଣ୍ଟୁ ଗ୍ଭଲିଗଲ୍ ତାହାର ରୁମକୁ I

ଗୋଟିଏ ବେଙ୍ଗର ଡାକ ଶୁଣିଲ୍ ଭଳ ଲ୍‌ଗିଲ୍ ମିତାକୁ I ବାହାରେ ଝିପି ଝିପି ବର୍ଷ ହେଉଥାଏ I ବାଡ଼ିକୁ ଦୌଡ଼ି ଯାଇ ଦେଖିଲ୍, ଛୋଟିଆ ବେଙ୍ଗଟିଏ ଖତ ଗଦା ଉପରେ ବସିକ ରଡୁଛି ଯେଉଁଠାରୁ ମିତା ସେ ଛତାକୁ ଉଠେଇ ଆଣି ଥିଲ୍ I ଅଳ୍ପ ଦୂରରେ ଆଉ ଗୋଟିଏ ବଡ ବେଙ୍ଗ ଅଛି I ବାପା କହିଥିଲେ, ବେଙ୍ଗୁଲିଟି ଆକାରରେ ବଡ I ତେଣୁ ସେଇଟା ନଶ୍ଚୟ ବେଙ୍ଗୁଲି I ବେଙ୍ଗୁଲିର ପାଖରେ ଆଉ ଗୋଟିଏ ଛତା ମୁଣ୍ଡ ଉଠେଇଥିଲ୍ I

"ଓଃ ମୁଁ ତାହା ହେଲେ ବେଙ୍ଗର ଛତାଟିକୁ ଉଠେଇ ନେଇଥିଲି," ମିତା ମନେ ମନେ ଭ୍‌ବିଲ୍ I

ବର୍ଷା ପୁଣିଥରେ ମାଡି ଆସିଥଲ୍ I ମିତା ବାଡ଼ି ଦୁଆର ଦେଇକ ଗ୍ଭଲି ଆସିଲ୍ ଘର ଭିତରକୁ ନ ହେଲେ ବୋଉ ପୁଣି ଗାଳ ଦେବ ଘର କାଦୁଅ କଲ୍ ବୋଲି I ରୋ୍‌ଷେଇ ଘରୁ ବୋଉର ଡାକ ଶୁଣା ଗଲ୍," ମିତା, ପିଣ୍ଟୁ ଭ୍‌ଇ ଯଦି ହାତ ମୁଁହ ହାତ ଧୋଇ ସାରିଛି, ସାଥିରେ ଆସ, ତୁମ ପାଇଁ ଛତୁ ପକୋଡା ତିଆରି କରିଛି, ଖାଇବ I"

ମିତା ଭ୍‌ବିବାକୁ ଲ୍‌ଗିଲ୍ 'ବୋଉ ଯାହା ରୋ୍‌ଷେଇ କରୁଛି, ତାହା ବେଙ୍ଗର ଛତା ନା ବେଙ୍ଗୁଲିର ଛତା ନା ଗ୍ଭଷ ହୋଇଛି ? ବାପାଙ୍କୁ ଆସିଲେ ପଗ୍ଭରିବ ନଶ୍ଚୟ ଏହି କଥା I'

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଭରଲ୍ଲେଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ଭାରି ଲୋଭି



ଅଙ୍କିତା ପାଢ଼ୀ

ନଟିଆ ବୋଲି ପିଲାଟିଏ । ଦିନ ରାତି ଯା ଘର ତା'ଘର ହୋଇ ବୁଲିବା ଛଡା କୌଣସି କାମ କରେ ନାହିଁ । ବାପା ଯେତେ ଗାଳି କଲେ ବି ସୁଧୁରିବାର ନାହିଁ । ସବୁବେଳେ ଚାଲି ଯାଉଥିବା ଲୋକ ସାଥିରେ ମଜାକ କରିବାର ଲକ୍ଷଣ ଲୋକ ମାନଙ୍କୁ ବହୁତ ବିରକ୍ତି ଦେଇ ଥାଏ ହେଲେ ଉପକାରୀ ପିଲାଟିଏ । ନଟିଆର ବାପା ଧତାଲି ଦାସ ଓ ମାଆ ଦୁଖୁଲି ଦାସ ଏକ ଅଜବ ପ୍ରକାରର ଲୋକ । ଭାରି ଲୋଭ ତାଙ୍କର । କେମିତି ଲୋକଙ୍କୁ ଠକେଇ ଦୁଇ ପଇସା ଆଦାୟ କରିବା ସୁଧ ଆକାରରେ ଆଦାୟ କରିବା, ସେଇ ଚକର ରେ ରହିଥାନ୍ତି ।

ପୁଅ ନଟିଆ ପାଠ ପଢିଲେ ପଇସା ଖର୍ଚ୍ଚ ହେବ ଭାବି ସେମାନେ ତୃତୀୟ ଶ୍ରେଣୀରୁ ନଟିଆକୁ ପଢ଼ା ବନ୍ଦ କରିଦେଲେ । କହିଲେ ନଟିଆ ବୁଝିଲୁ ପାଠ ପଢିଲେ ମାଷ୍ଟର ପଇସା ଖାଇବ । ବହିଦୋକାନ ପଇସା ଖାଇବ । ହେଲେ ଦିନେ ନଟିଆ କହିଲା ବାପା, "ତୁ ଟିକେ ଦେଖ ଆମ ସାହିରେ ସେଇ ଜଉ ଗୁଡୁ ଦୈନିକ ସ୍କୁଲ ବ୍ୟାଗ ଧରି ସକାଳେ ବାହାରି ଯାଉଛି ଯେ ଯାଇଛି ପୁଣି ଫେରିଲା ବେଳକୁ ସଞ୍ଜ ! କେତେ ପଇସା ତା ବାପା ମାଆ ତା ପାଇଁ ଖର୍ଚ୍ଚ କରୁଛନ୍ତି ଦେଖୁନୁ ! ହେଲେ ମୋର କୌଣସି ଖର୍ଚ୍ଚ ନାହିଁ, ଆମ ଗାଁ ରେ ତ ଯଉଁଠି ମାଇକ ବାଜୁଛି ତୁ କହୁଛୁ ହଇରେ ନଟିଆ ତାଙ୍କର ଆଜି ବାହାଘର, ତାଙ୍କର ଆଜି ଶନ ମେଳା ଯା ସେଇଠି ବୁଲିବୁ ଆଉ ତାଙ୍କୁ ଟିକେ କାମରେ ସହଯୋଗ କରିବୁ, ପୁଣି ଖାଇବା ସମୟ ହେଲେ ବୋହେ ଖାଇବୁ ଓ କିଛି ମାଗିକ ନେଇ ଆସିବୁ, ଆମ ଦୁଇ ଜଣ ଖାଇବୁ ଓ ରାତି ପାଇଁ ବି କିଛି ରଖିଦେବୁ । ବାପା ତୋ କହିବା ଅନୁସାରେ ମୁଁ ଆମ ଗାଁ ଆଉ ପାଖ ଗାଁ ରେ ପ୍ରସିଦ୍ଧ ହେଇଗଲିଣି । ଯାହାର ଯେଉଁଠି କିଛି କାମ ହେଉଛି ସବୁ ପରା ଡାକୁଛନ୍ତି । ମୁଁ ଏବେ ଆଉ ଗାମୁଛା ନେଇକ ଯାଉନ ଏବେ ଗୋଟେ ଝୁଲା ନେଇକ ଯାଉଛି ଆଉ ପୁରା ଦୁଇ ତିନ ଦିନ ପାଇଁ ଖାଇବା ନେଇ ଆସୁଛି ।"

ବାପା ଟିକେ ଖୁସିରେ, "ହଁ ସେଇ କଥା ଭାବିଲୁ ଗୁଡୁ ପାଠ ପଢୁଛି ନା ।"

ନଟିଆ ହସିକି କହି ପକାଇଲା," ହଁ ବାପା ଜାଣିଛୁ ତା ମାଆ ତାକୁ ଦୈନିକ ଗୋଟେ ବଡ଼ ପାତ୍ରରେ ଖାଇବା ଭରି ଦେଉଛି । ମାଷ୍ଟର କୁ ଟିଉସନ ପଇସା ଦେଉଛି ଆଉ ବହି କଣୁଛି, ଖାତା କଣୁଛି ଓ ସ୍କୁଲ ବାଲାଙ୍କୁ ବି ପଇସା ଦେଉଛି । ହା ହା ହା.."

ବାପା ଧଡାଲି ଟିକେ ଗର୍ବରେ, "ମୋ ପୁଅ ମୋର ନାଁ ରଖିବ । ଏବେ ଠାରୁ ଗାଁ ଗହଳରେ ଫିମସ ହେଇ ଗଲା ।" ନଟିଆ ହସି ହସି," ବାପା ଫିମସ ନୁହେଁ ଲୋ ଫେମସ ।" ବାପା, "ହଁ ହଁ ସେଇ ଫେମସ ! ତୋତେ ଏହି ଖଣ୍ଡ ମଣ୍ଡଳରେ କିଏ ନ ଜାଣେ କହିଲୁ । ଯା ମୁହଁରେ ଦେଖ ନଟିଆ ନଟିଆ..କିଏ ଉପକାରୀ କହୁଛି ତ କିଏ ବଦମାସ କହୁଛି । ଆଉ କାହାର କିଛି କରମ କାଯ୍ୟ ହେଲେ ମୋ ଘରକୁ ଧାଇଁ ଆଉଛନ୍ତି । ଆଉ ନଟିଆ ଟିକେ ବଡୀ ଭୋରୁ ପଳେଇ ଆଇବୁ କହୁଛନ୍ତି । ବାଃ ବାଃ ତୋ ଭଳି ପୁଅ ଜନ୍ମ କରି ମୁଁ ଧନ୍ୟ ହେଇଗଲି ରେ ।"

ନଟିଆ ଟିକେ ମନ ଦୁଃଖରେ କହିଲା, "ବାପା ଜାଣିଛୁ କାଲି ଜଉ ଯାଇଥିଲି ସେଇ ବ୍ରତଘରରେ ।" ବାପା ଟିକେ ମୁହଁ ସୁକେଇ," କଣ ହେଲା କରେ?? ସେମାନେ ତ ଝୁଲା ଭରି ଖାଇବା ପଠେଇ ଥିଲେ ।" ନଟିଆ ରୁଦ୍ଧ ଗଳାରେ," ହଁ ଯେ ! ହେଲେ ଜାଣିଛୁ ଲୋ ବାପା ସେମାନେ ସକାଳୁ ପହରୁ ପତ୍ର କଟିବା ଠାରୁ କାମ କରେଇ କରେଇ ଶେଷରେ ମୋତେ ସବୁ ଖାଇକି ଗଲା ପରେ ଖାଇବାକୁ ଦେଲେ । ଆଉ ଗୋଟେ କଥା ଜାଣିଛୁ ଲୋ ମାଆ ତାଙ୍କର ଗୋଟେ ବୁଢା ଅଛି, ଦେଖିଲେ ହାଡ଼ ଜଳ ଯାଉଛି ।" ମାଆ,"କଣ ହେଲାକରେ ଧନ ।"

ନଟିଆ କାନ୍ଦି ପକେଇଲା, " ମାଆ ସେ ବୁଢା ସବୁ କାମ କରେଇଲା ଆଉ ଜଉ ଲୋକ ମାନେ ଆସନ୍ତି ଜାଣିଛୁ ତାଙ୍କୁ ଗେଷ୍ଟ କୁହାଯାଏ । ତାଙ୍କ ପାଇଁ ସରବତ ହୋଇଥିଲା, ମୋତେ ବହୁତ ଭୋକ ଲାଗିଲାଣି ତେଣୁ ସରବତ ମୁନ୍ଦେ ପିଇଦେଲି । ସେଇଠୁ ବୁଢାଟା ଆସିକି ଗୋଟେ ବାଡ଼ି ରେ ଦୁଇ ପାହାର ମୋ ପିଠିରେ ଦେଇ ଦେଲା । ମୁଁ ପାଞ୍ଚ ମିନଟ ସିଧା ହେଇ ପାରିଲି ନାହିଁ । ମାଆ ଲୋ ତାଙ୍କ ଘରକୁ ଜଣେ ବାବୁ ଲୋକ ଆସିଥିଲେ । ସେ ମୋ କାମ ଦେଖିକି କହିଲେ ବହୁତ କାମ କଲୁଣି ଗଣ୍ଡେ ଖାଇଦେ । ମୁଁ ଯାଇକି ଖାଇଲି ଆଉ କହିଲି

ମୋତେ କଛି ତରକାରୀ ଆଉ ଖାଇବା ଦିଅ ମୁଁ ମୋ ବାପା ଓ ମାଆଙ୍କ ପାଇଁ ନେବି କହିବାରୁ ସେ ଲୁଚେଇକ ଏତିକ ଦେଇଥିଲେ ।"

ନଟିଆର ବାପା ବୁଝେଇଲା ଭଳ, "ଆରେ ନଟିଆ ହାତରେ କଣ ପାଞ୍ଚ ଆଙ୍ଗୁଳ ସମାନ ଥାଏ। ଦୁନଆରେ କଣ ସବୁ ଏକା ପ୍ରକାର ଥାଆନ୍ତି । ତେଣୁ ଜଣେ ଜଣେ ଟିକେ ଟାଣୁଆ ମିଳବେ ତୁ ଅଡୁଜଷ୍ଟ କରିବୁ ନା ।"

ନଟିଆ ହସିଦେଇ, "ପୁଣି ଅଡୁଜଷ୍ଟ ହା ହା ଆଡ୍‌ଜଷ୍ଟ କହୁନୁ । ମୁଁ ଲୋକଙ୍କ ଘରେ ବୁଲି ବୁଲି ପୁରା ଖଣ୍ଡି ଇଂଲିଶ ଶିଖି ସାରିଲିଣି ।" ନଟିଆ ବାପା ଟିକେ ହସି ଦେଇ,"ଦେଖ ତୁ ମାଗଣାରେ ଏତେ କଥା ଶିଖି ଗଲୁଣି । ହଉ ମୁଁ ଆଜି ଯାଉଛି ଗୋଟେ ବଡ଼ ଝୁଲା ଆଣିବି।" ନଟିଆ ଟିକେ ଆଷ୍ଚଯ୍ୟ ହୋଇ,"କାହିଁକ ଲୋ?" ନଟିଆ ବାପା, "ଏବେ ତୁ ଫେମସ ହେଇ ଯାଇଛୁ ଆଉ ଯୁଆଡେ ଯିବୁ ବଡ଼ ଝୁଲା ଭରିକ ଆଣିବୁ ଓ ରାତି ପାହିଲେ କଉଁଠି ମାଇକ ବାଜୁଛି ଲକ୍ଷ କରିବୁ ହେଲା ! ଯାହା ଛୁଆ ପଢୁଛି ପଢୁ । ପଢିଲେ ତ ସରଗକୁ ଗ୍ଲିଯିବେ। ଆମର ଜଉ ପଇସା ଅଛି ସବୁ ସୁଧ ଆସିକ ବଢୁଛି ଆଉ ବଢିବ । ମୁଁ କାମ କରୁଛି ଆଉ ସୁଧ ଲାଗେଇଛି । ତୋ ମାଆ ଦେଖ ଛେଳ, ଗୋରୁଗାଇ ଓ କୁକୁଡ଼ା ବତକ ପାଳ ବହୁତ ରୋଜଗାର କରୁଛି । ଆମର ଧନ ବଢିବ କେବଳ ବଢିବ । ଆମ ଘର ପାଖରେ ଜଉ ପଣ୍ଡା ଘର ଅଛି ତାଙ୍କ ବିଜୁଳ ବଲର ଆଲୁଅରେ ଆମ ଦାଣ୍ଡ ଆଉ ଆମ ଘର ପୁରା ଆଲୋକତ ହେଇ ଯାଉଛି ଆମେ ଆଉ, ବିଜୁଳ ଘରକୁ ଆଣିବା ନାହିଁ । ବୁଝିଲୁ?"

ନଟିଆ ହସି ଦେଲା ଫେଁ କନା," ହଁ ବାପା, ମୋ ବାପା ଭଳ ଆଉ କଏ ଅଛି ଯେ ଦୁନଆରେ କହିଲୁ ! ହଉ ମାଆ ମୋ କପଡା ଧୋଇ ଦେଇଛୁ କ ନାହିଁ ? ବହୁତ ଗନ୍ଧ ଆଉଥିଲା !" ମାଆ, "ହଁ କାଲି ଠାରୁ ବତୁରେଇ ରଖିଛି । ବତୁରେଇ ଗୋଟେ ଦିନ ରଖିଲେ ଆଉ ସାବୁନ ଦରକାର ହେବନ ଏବେ ଧୋଇ ସୁଖେଇ ଦେବୀ ।"

ବାପା ମାଆ ଓ ପୁଅ କଥା ହେଉଥିବା ସମୟରେ ଗୋଟେ ସାହିରୁ ମାଇକ ବାଜିବା ଶବ୍ଦ ଆସିଲା ଓ ବାପା ପୁଅ ଦୁଇଜଣ ହସିଦେଲେ । ବାପା କହିଲେ ନଟିଆ ବାଜିଲାଣି....ବାଜିଲାଣି.... ନଟିଆ, "ହା...ହା....ହଁ ହଁ ଆସିଯିବେ କେହି ଏଇନେ ଆଉ ତୁ ଯାଉନୁ ଗୋଟେ ବଡ଼ ଝୁଲା ନେଇ ଆସିବୁ ।" ବାପା, "ହଁ ଝୁଲା ଆଣିବି କଣ ଯେ, ସେଇ

ଜଉ ସାହୁ ଘର ବାଡିରୁ ଗୋଟେ ସିମେଣ୍ଟ ବ୍ୟାଗ ଆଣିଛି । ତାକୁ ତ ମାଆ ସିଲେଇ କରିଦେବ ଓ ତୁ ନେଇଯିବୁ, ବୁଝିଲୁ?"

ଏଇ ସମୟରେ ହରିଆ ଭାଇ ଧାଇଁ ଧାଇଁ ଆସି ପହଞ୍ଚି ଗଲେ ଆଉ କହିଲେ, ନଟିଆ ଏଇଠି ଠିଆ ହେଇଛୁ । ତୁ ଏଇନେ ମୋ ସହିତ ପଳେଇ ଚାଲ ।" ନଟିଆ, "ଦେଖ ହରିଆ କକା ମୁଁ ଦାନ୍ତ ସଫା କରିନ ତେଣୁ ଦୋକାନକୁ କୋଲଗେଟ ଆଣିବାକୁ ଯିବି ଆଉ ସାବୁନ ଆଣିବି, ଆଉ ସାମ୍ପୁ ଆଣିବି ତା ପରେ ଗାଧୋଇ ପାଧୋଇ ଯିବି ନା !" ହରିଆ ଭାଇ, "ଆରେ ତୁ ଚାଲ ମୁଁ ସବୁ ଦେବି ଆମ ଘରେ ତୁ ସଫା ହେଇଯିବୁ ।" ନଟିଆ, "ଏଂ ୟେ କ କଥା ମ, ତମେ ସିନା ଆଜି ପାଇଁ ଦେଇ ଦେବ ହେଲେ କାଲି ପହର ଦିନ କଉଠୁ ଆଣିବି ଯେ?" ହରିଆ, "ହଉ ସାବୁନ, ସେମ୍ପୁ ଆଉ କୋଲଗେଟ ବ୍ରସ ଜିଭ ଛାଲି ସବୁ କଣିକ ଦେଇଦେବି ଏଇନେ ଚାଲ ମୋ ସହିତ।" କହି ହରିଆ କକା ନେଇଗଲେ ନଟିଆକୁ ତାଙ୍କ ସହିତ । ବାପା ଧତାଲି ଦାସ ମାଆ ଦୁଖୁଲିକୁ ଅନାଇ କହିଲେ ଦେଖିଲ ମୋ ପୁଅର ବୁଦ୍ଧି । ବାପା ମାଆଙ୍କୁ ଗୋଟେ ସାବୁନ ବି କଣିବାକୁ ଦେଲାନ । ଏମିତି ପୁଅ ଭାଗ୍ୟରେ ଥିଲେ ମିଳେ । ହଉ ଚାଲ କାଲି ଜଉ ତରକାରୀ ଥିଲା ଓ ପଖାଳ ଭାତ ଥିଲା ଖାଇଦେବା ।

ନଟିଆ ଯାଇ ହରିଆ କକାଙ୍କ ସହିତ ସବୁ କଛି କଣି ପକେଇଲା ତା ପରେ କାମ କରିବା ଆରମ୍ଭ କଲା । ଆଜି ବହୁତ ଖୁସି ଥିଲା ସେ । ସେଥିପାଇଁ ଗଧ ଭଳ ଖଟିବାରେ ଲାଗିଲା । କୌଣସି କାମରେ ସହଯୋଗ ନ କରିବାର ଦେଖିନଥିବ କଏ । ଲୋକେ କୁହନ୍ତି ଦେଖ ବାପା ସୁଧ ଲଗେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛି ହେଲେ ଛୋଟିଆ ପୁଅଟା ତାର କେମିତି ୟା ଘର ତା ଘର ହୋଇ ପନ୍ଦଉଠା କାମ କରୁଛି । ଗୋଟିଏ ଝିଅ ହୋଇଥିଲା ଯେ, ବଢ଼ିଲେ ବାହାଘର କରିବାକୁ ପଡିବ ବୋଲି ତାକୁ ଚାହିଁଲେ ନାହିଁ । ଜ୍ୱରରେ ପଡି ପଡି ମରିଗଲା । ଆଉ ଏହି ପୁଅଟା ବି ବାରବୁଲା କୁକୁର ଭଳ ହେଉଛି । ଏମିତି ଗାଁ ଲୋକ ବହୁତ କୁହାକୁହି ହୁଅନ୍ତି । ବାପା ଧତାଲି ବି ଶୁଣନ୍ତି ଲୋକଙ୍କ କଥା ହେଲେ ସେ କୁହନ୍ତି ମୋତେ କେହି ଦେଇ ଦେବେନ କନ୍ତୁ କହିବେ ।

ଆଜି ନଟିଆ ଟିକେ ଅଧିକ କାମ କରି ବହୁତ ଥକ ପଡିଥାଏ । ଗାଧୋଇବା ତ ଦୂରର କଥା ପାଣି ପିଇବା ବି ଭୁଲି ଯାଇଥାଏ । ଖାଇବା ସମୟ ହେଲା ପନ୍ଦ ଉଠା କାମ କରୁଥାଏ ହଠାତ ତା ପେଟରେ ଦରଦ ଆରମ୍ଭ ହେଲା । ପେଟରେ କଛି ନଥିବାରୁ ପିତବାନ୍ତି ହେବାକୁ ଲାଗିଲା । କାହାରିକୁ କଛି ନ କହି ଗୋଟିଏ ପୋଖରୀ ନକଟକୁ ଯାଇ ସେଠାରେ ମୁହଁ

ଧୋଇଲା ଆଉ ବହୁତ ଥକ ଯାଇଥିବାରୁ ଟିକେ ଶୋଇଗଲା । ହରିଆ କକା ଖୋଜି ଖୋଜି ଯାଇ ଦେଖିଲେ ନଟିଆ ପୋଖରୀ କୂଳରେ ସୋଇଛି । ଡାକଲେ ନଟିଆ ନଟିଆ ....! ଶୋଇଛୁ କାହିଁକି । ନଟିଆ ଉଁ କଣା କହି ଆଖି ବୁଜିଦେଲା । ହରିଆ କକା ତା ଦେହରେ ହାତ ଲଗେଇ ଜାଣିପାରିଲେ ଭୀଷଣ ଜ୍ୱର । ପିଲାଟାକୁ ନେଇ ଆସି ତା ଆଡ଼କୁ ଆଉ ଧ୍ୟାନ ଦେଲିନାହିଁ । କଛି ସକାଳ ଠାରୁ ଖାଇନାହିଁ ବୋଧେ ତେଣୁ ତାକୁ ବାନ୍ତି ହୋଇଛି ଓ କମଜୋରି ପାଇଁ ଜ୍ୱର ଆସିଯାଇଛି । ହରିଆ କକା ଉଠେଇ ନେଇଥିଲେ ଘରକୁ । ମୁଣ୍ଡରେ ପାଣି ଦେଇ ଭଲିକି ଧୁଆଧୋଇ କରିଦେବାରୁ ଟିକେ ଜ୍ୱର କମିଥିଲା । ଖାଇବାକୁ ଯାଚବାରୁ ଖାଇଲା ନାହିଁ । ହରିଆ କକା କଛି ଖାଦ୍ୟ ସହ ତା ପାଇଁ କଣିଥିବା ସାବୁନ ଆଉ ସେମ୍ପୁ ନେଇ ତାଙ୍କ ଘରେ ଛାଡ଼ି ଦେଇ ଆସିଲେ ।

ବାପା ଧତାଲି ପୁଅର ଅବସ୍ଥା ଦେଖି କହିଲେ ବ୍ୟସ୍ତ ହଅନା ବାପା ତୋର ଜ୍ୱର ହେଇଛି ଛାଡିଯିବ । ଟିକେ ଶୋଇପଡ଼ । ଆଉ ଜଣେ ଆଇଥିଲା କହି ଯାଇଛି କାଲି ଯିବା ପାଇଁ । ଏମିତି କହି ସ୍ୱାଦିଷ୍ଟ ଖାଦ୍ୟରୁ ବୋହେ ବୋହେ ଗିଳ ପକେଇଲେ ବାପା ଆଉ ମାଆ । ପୁଅ ସେମିତି ରାତି ଯାଏ ଶୋଇଥାଏ । ମାଆ ଯେତେ ଲୋଭି ହେଲେ ବି ମାଆ ! ମାଆ କନ୍ତୁ ପୁଅର ଜ୍ୱର ହୋଇଛି ଜାଣି ଦେହରେ ବାରମ୍ବାର ତେଲ ମାଲିସି କରୁଥିଲେ । ଗୋଡ଼ ହାତ ଦବେଇ ଦେଉଥିଲେ । ପୁଅକୁ ଡାକ୍ତର ପାଖକୁ ନେବାକୁ ବାପାଙ୍କୁ କହୁଥିଲେ, ହେଲେ ବାପା କହୁଥିଲେ "ଜ୍ୱର ଆସିଛି କଣ ସେମିତି ରହିଥିବ ଛାଡି ଯିବନ "।

ରାତି ଦଶଟା ହେଲା ଜ୍ୱର ବଢି ବଢି ଚାଲିଥାଏ । ଜ୍ୱର ବଢି ବଢି ମୁଣ୍ଡ ଧରିନେଇଥାଏ । ମୁଣ୍ଡ ବିଚଳତ ହେବାରେ ଲାଗିଲା । ପିଟି ଛାଟି ହୋଇ କହୁଥାଏ ମାଆ ମାଆ... ହେଲେ ମାଆ ବା କଣ କରିପାରିବ । ବାଡିରୁ ଯାଇ ଗଙ୍ଗଶିଉଳ ପତ୍ର କଛି ଆଣି, ଛେଚ ତା ରସକୁ ପିଆଇଲା । ହେଲେ ଆଜି କାଲି ପାରାସିଟାମୋଲ ନ ମାନୁଥିବା ଜ୍ୱର କଣ ପତ୍ର ରସରେ କମିବ । ଏମିତି ଉଁ ଉଁ ହେଉଥାଏ ପୁଅ । ବାପା ଶୋଇଯାଇଥିଲେ ସ୍ୱାଦିଷ୍ଟ ବଳକା ଖାଦ୍ୟ ଖାଇ । ହେଲେ ମାଆ ପୁଅ ପାଖରେ ବସି ମୁଣ୍ଡ ଦବେଇ ଦେଉଥାନ୍ତି । ମୁଣ୍ଡରେ ଓଦା କପଡା ପକେଇ ପୋଛି ଦେଉଥାନ୍ତି । ଜ୍ୱର ଏବେ ପ୍ରବଳ ରୂପ ଧାରଣ କଲା ଓ ଦେହ ବିଚଳତ ହେବାକୁ ଲାଗିଲା । ପେଟରେ ଟିକେ ଦାନା ନ ଥାଏ ତା ସହିତ ଯାହା ବି ପତ୍ର ରସ ପାଣି ପିଆଇଲେ ସବୁ କଛି ବାନ୍ତି ହୋଇ ବାହାରି ଯାଉଥାଏ ।

ଗ୍ରତି ପାହିଲା, ଗାଁ ଲୋକ ନଟିଆକୁ ବହୁତ ଭଲ ପାଆନ୍ତି କାରଣ ଉପକାରୀ ପିଲାଟା । ନଟିଆର ଜ୍ୱର କମିନ ଡାକ୍ତର ଖାନା ନେବାକୁ କହିବାରୁ ବାପା ଧତାଲି କହିଲା ହରିଆକୁ ଡାକ ସେ ନେଇକ ମୋ ପୁଅକୁ ଜ୍ୱର ଦେଇଛି । ସେ ଭଲ କରିବ । ଯେତେ ଯିଏ ନେହୁଗ୍ର ହେଲେ ବି ଧତାଲି ଦାସ ଶୁଣିବାର ନାହିଁ । ଗାଁ ଲୋକ ହରିଆକୁ ଖବର ଦେଲେ ଓ ହରିଆ ଆସିଲା । ହରିଆକୁ ଧତାଲି କହିଲା ତୁ ନେଇ ମୋ ପୁଅକୁ ଜ୍ୱର ଦେଇଛୁ । ତୁ ଭଲ କରିବୁ ନ ହେଲେ ମୁଁ ଥାନାକୁ ଯିବି । ହରିଆ ବାଧ ହେଇ ନଟିଆକୁ ଡାକ୍ତର ପାଖକୁ ନେଇକ ଗଲା । ଡାକ୍ତର ସମ୍ପୂର୍ଣ୍ଣ ପରୀକ୍ଷା ନରୀକ୍ଷା କରି କହିଲେ ଯେ ନଟିଆକୁ ଟାଇଫୋଏଡ଼ ହୋଇ ମୁଣ୍ଡକୁ ଜ୍ୱର ଉଠି ଯାଇଛି ତେଣୁ ଜ୍ୱରରୁ ନଟିଆକୁ ବଞ୍ଚେଇବା ବହୁତ କଷ୍ଟ । ଗାଁ ଲୋକ ମାନେ ଡାକ୍ତରଙ୍କୁ ବହୁତ ନେହୁରା ହୋଇଥିଲେ କ ନଟିଆକୁ ଭଲ କରିଦିଅନ୍ତୁ । ହେଲେ ପରିସ୍ଥିତି ଏମିତି ଥିଲା ତିନଦିନ ଡାକ୍ତର ଖାନାରେ ରହି ନଟିଆର ମୃତ୍ୟୁ ହୋଇ ଯାଇଥିଲା ।

ପିଲାଟିଏ ଯେତିକ ଶ୍ରମ ଓ ଯେତିକ ସଂସ୍କାର ମଧରେ ରହି ନଜକୁ ବିକଶିତ କରି ପାରିବ ସେତିକ ବାତାବରଣ ତା ପାଇଁ ଯୋଗେଇ ଦେବା ଆବଶ୍ୟକ । ନ ହେଲେ କଢ଼ିଟିଏ ପ୍ରସ୍ଫୁଟିତ ହେବା ପୁର୍ବରୁ ନଷ୍ଟ ହୋଇଯିବ । ଏଣୁ ଅର୍ଥଲୋଭ ମଣିଷକୁ ଦିଗହରା କରିଥାଏ ।

ଜେନଥ ଇଂଗ୍ରଜୀ ମାଧମିକ ବିଦ୍ୟାଳୟ,
ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# କୁନ ମହୁମାଛିର କାହାଣୀ



ନୀଳମାଧବ ସାହୁ

ପାଗ ପରିବର୍ତ୍ତନ ହେଉ ହେଉ ପିଲାମାନଙ୍କ ପାଖରେ ବିଭିନ୍ନ ପ୍ରକାର ଆଲର୍ଜି ଦେଖାଦିଏ | ଗତ ରାତିରେ ବର୍ଷା ହେବାପରେ ଟୁନା ସକାଳୁ ଶେଯରୁ ଉଠି ଛିଙ୍କିବା ଆରମ୍ଭ କରିଦିଏ | ତାହାର ଛିଙ୍କ ଦେଖି ଜେଜେମା ପାଟି ବନ୍ଦ ନ କରି ରହିପାରିଲେଣି | ସେ କହିଲେ କ ଆଜି କାଲିର ପିଲାଗୁଡ଼କୁ କଣ ହେଇଯାଉଛି କେଜାଣି, ଟିକେ ପାଗ ପରିବର୍ତ୍ତନ ହେଇଚ କ ନାଇଁ| ଏହିଠାରୁ ଜେଜେମା ର ଭାଷଣ ଆରମ୍ଭ ହୋଇଗଲା ଜାଣ | ସେ ତାର ଛୋଟବେଳର କଥା ନ କହିଲା ଯାଏ ଚୁପ ହେବନ ଯେପରି |

ଜେଜେମା ତା' ବୋହୁକୁ କହିଲା, "ଝିଅଲୋ ତୋ ପୁଅକୁ ଗରମ ପାଣିରେ ଟିକେ ମହୁ ମିସେଇକ ପିଆଇଦେ ତା'କୁ ଭଲ ଲାଗିବ |" ଜେଜେମା'କୁ ଛୋଟବେଳେ ଏପରି ଛିଙ୍କ ହେଉନଥିଲା | କାରଣ ଜେଜେମା ନିଜ ବାଡ଼ିରେ ଥିବା ମହୁଫେଣାରୁ ସଂଗୃହୀତ ମହୁ ସେବନ କରିଥିଲା | ସେ ତା' ନାତିକୁ କହିଲା ଯେ ସିଏ ଛୋଟଥିବା ସମୟରେ ଗାଁରେ ବିଭିନ୍ନ ପ୍ରକାରର ସ୍ଥାନୀୟ ଗଛ, ଲତା, ଗୁଳ୍ମ, ଘାସ ଥିଲା | ଯାହା ଫଳରେ ମହୁମାଛିମାନଙ୍କୁ ପରାଗ ସଙ୍ଗମ ଓ ମହୁ ସଂଗ୍ରହରେ ବହୁତ ଲାଭ ହେଉଥିଲା | ମହୁମାଛିମାନଙ୍କୁ ବେଶୀ ଦୂର ଯିବାକୁ ପଡୁନଥିଲା | କୌଣସି ଏକ ବଡ ଗଛରେ ମହୁ ଫେଣା ତିଆରି କରି ସେଥିରେ ସେ ମହୁ ସଂଗ୍ରହ କରେ | ବହୁତ ପରିଶ୍ରମ କରି ସାଇତିଥିବା ମହୁକୁ ମଣିଷମାନେ ନିଜ ବ୍ୟବହାର ପାଇଁ ଆଣିଦିଅନ୍ତି | ପୁଣି ସେହି ମହୁମାଛିମାନେ ନୂଆ ଜାଗା ଦେଖି ପୁଣି ତାଙ୍କ ମହୁ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରନ୍ତି | ତାପରେ ଟୁନା ଜେଜେମାଙ୍କୁ ପଚାରିଲା ଯେ ମହୁଗୁଡାକ ଆମ ପାଇଁ କପରି ଉପଯୋଗୀ ଅଟେ ? ପୁଣି ସେ ଉତ୍ତର ଦେଲେ ଯେ ମହୁମାଛି ଯେଉଁ ସ୍ଥାନୀୟ ଗଛଲତାରୁ ମହୁ ସଂଗ୍ରହ କରେ ତାହା ଖାଇବା ଦ୍ୱାରା ଏହି ପାଗ ପରିବର୍ତ୍ତନରେ ଆଲର୍ଜି ଦେଖାଯାଏ ନାହିଁ ଓ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢିଥାଏ |



ବର୍ତ୍ତମାନ ସମୟରେ ରାସ୍ତା ପ୍ରଶସ୍ତିକରଣ, ବଡ଼ବଡ଼ କୋଠା ନିର୍ମାଣ, କଳକାରଖାନା ନିର୍ମାଣ, ସହରୀକରଣ ଓ ବିଭିନ୍ନ ବିକାଶ ପ୍ରକ୍ରିୟା ଦ୍ୱାରା ବଡ଼ବଡ଼ ଗଛ, ସ୍ଥାନୀୟ ଘାସ, ଲତା ସବୁ ଲୋପ ପାଇବାରେ ବସିଲାଣି | ଯାହା ଫଳରେ ମହୁମାଛିକୁ ଫୁଲହିଁ ମିଳୁନି, ପରାଗ ସଙ୍ଗମ ବି ସମ୍ଭବ ହେଉନି ଓ ମହୁ ମଧ ସଂଗ୍ରହ କରିପାରୁନାହିଁ | ଲୋକମାନେ ତ ପରିବେଶ ଓ ଜୈବ ବିବିଧତା ଉପରେ ଟିକେ ଚିନ୍ତା ବି କଲେନି | ସମସ୍ତେ ତାଙ୍କ ରୋଜଗାର ଓ ବିକାଶରେ ଧ୍ୟାନ ଦେଲେ କିନ୍ତୁ ପରିବେଶକୁ କ୍ଷତି ନ କରି କିପରି ବିକାଶ ହେବ ସେ ଉପରେ ଧ୍ୟାନ ଦେଲେ ନାହିଁ | ଏବେ ଟୁନା ପରି ପିଲା ଓ ଯୁବକମାନଙ୍କ ସମୟ ଆସିଛି ପୁଣିଥରେ ସେହି ପରିବେଶ, ସବୁଜିମା, ସ୍ଥାନୀୟ ଗଛଲତା ଓ ମହୁମାଛି କୁ ଫେରାଇ ଆଣିବା ପାଇଁ | ଏତିକି କହି ଜେଜେମା ଟୁନାକୁ ବୁଝେଇଲେ |

ତା'ପରେ ଟୁନା ଜେଜେମାଙ୍କୁ ପଚାରିଲା, କଣ କଲେ ମହୁମାଛି ଫେରିବେ ଓ ପ୍ରକୃତି ସବୁଜିମାରେ ଝଲକି ଉଠିବ | ଜେଜେମା ବହୁତ ସରଳରେ ତା' ନାତିକୁ ବୁଝାଇଲେ | ମହୁମାଛିର ବଂଶ ବିସ୍ତାର ଓ ସଂରକ୍ଷଣ ପାଇଁ ପ୍ରଥମେ ନିଜ ଘରୁ ସରଳ ବ୍ୟବସ୍ଥା ଆରମ୍ଭ କରିବାକୁ ପଡିବ | ପ୍ରଥମେ ଘର ତିଆରି କରିବା ଆଗରୁ ସବୁଜିମା ଓ ଗଛଲତା ପାଇଁ ଘର ଆଗରେ କିମ୍ବା ବାରିପଟରେ କିଛି ଜାଗା ଛାଡିବାକୁ ପଡିବ | ଛାତ ଉପରେ କୁଣ୍ଡରେ ବିଭିନ୍ନ ପ୍ରଜାତିର ଫୁଲଗଛ, ଗୁଳ୍ମ, ଘାସ ଇତ୍ୟାଦି ଲଗାଇ ହବ, ଯାହାଦ୍ୱାରା ମହୁମାଛି ପରାଗ ସଙ୍ଗମ ପାଇଁ ଆସିବେ ଓ ମହୁ ସଂଗ୍ରହ କରିବେ | ସହର ଓ ଗ୍ରାମ ଗୁଡ଼ାକରେ ଖାଲି ସ୍ଥାନରେ ସ୍ଥାନୀୟ ଗଛଲତା ଲଗାଇ ସବୁଜିମା ସୃଷ୍ଟି କରାଯାଇପାରିବ | ଟୁନା ମହୁମାଛି ବିଷୟରେ ତା' ଜେଜେମାଙ୍କଠୁ ବହୁତ କିଛି ଜାଣିଲା ଓ ଆଉ କ'ଣ ମହୁମାଛିର ଉପକାର ଅଛି ଜାଣିବାକୁ ଚାହିଁଲା | ଏତିକିରେ ଜେଜେମାଙ୍କ ଭାଷଣ ବନ୍ଦ ହେଲା |



ସେପଟୁ ଟୁନାର ବାପା ବଜ଼ାରରୁ ପରିବା ନେଇ ଘରକୁ ଆସିଲେ । ତାପରେ ଟୁନା ବାପାଙ୍କୁ କହିଲା ଯେ ଜେଜେମା ତ ମହୁମାଛି ଉପରେ ବହୁତ କଛି ଜଣାଇଲେ ତମେ ବି କଛି କୁହ। ଟୁନାର ବାପା ବହୁତ ସୁନ୍ଦର ଭ୍‌ବେ ବୁଝାଇଲେ । ଆମେ ଯେଉଁ ଖାଦ୍ୟ, ଶସ୍ୟ, ପନପରିବା ଓ ଫଳ ଖାଉ, ତାହା ସବୁ ମହୁମାଛିଙ୍କ ପର୍‌ଗ ସଙ୍ଗମ ଦ୍ୱାର୍ ସମ୍ଭବ ହୋଇଥାଏ । କହିବାକୁ ଗଲେ ଆମେ ମନୁଷ୍ୟମାନେ ମହୁମାଛିଙ୍କ ଯୋଗୁ ଖାଦ୍ୟ ପାଉଛେ । ଗଛଲତା ମାନଙ୍କ ବଂଶ ବିସ୍ତାର ମଧ ଏହି ମହୁମାଛିଙ୍କ ଯୋଗୁ ହୁଏ । ଗଛରେ ଫୁଲରୁ ଫଳ ବି ପର୍‌ଗ ସଙ୍ଗମ ଯୋଗୁ  ହୁଏ, ଯେଉଁଥିରେ କ ମହୁମାଛିର ବିଶେଷ ଭୂମିକା ଥାଏ । ମହୁମାଛି ଆକାରରେ ଛୋଟ ସିନା ତା'ର କାର୍ଯ୍ୟ ସତରେ ପ୍ରଶଂସନୀୟ । ତାଠାରୁ ଆମେ ପକୃତି ପାଇଁ ଦାନ, କର୍ମଠ ହେବା, ପରିଶ୍ରମୀ ହେବା ଓ କାମ କରିଗ୍ଲିବା କନ୍ତୁ ଫଳର ଆଶା ରଖିବାନ ଇତ୍ୟାଦି ଶିଖିବାକୁ ପଡିବ ।



ବର୍ତ୍ତମାନ ସମୟରେ ମହୁମାଛିଙ୍କ ବଂଶବିସ୍ତାର କମିବାରେ ଲାଗିଛି । ଏହାର ମୁଖ୍ୟ କାରଣ ହେଲା ବିଭିନ୍ନ ପ୍ରଜାତିର ଗଛଲତା ଲୋପପାଇବା ଓ କଂକ୍ରିଟ ଜଙ୍ଗଲ ସୃଷ୍ଟି ହେବା । ଗୃଷଜମିରେ କୀଟନାଶକ ଔଷଧର ବ୍ୟବହାର ମଧ୍ୟ ଏହାର ମୁଖ୍ୟ କାରଣ ଅଟେ । ମହୁମାଛିର ଲୋପ ପାଇଲେ ଆଗକୁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ, ଯେପରିକି ଖାଦ୍ୟ ଶସ୍ୟର ଅଭାବ, ପରିବେଶର ସନ୍ତୁଳନ କ୍ଷୟ ଓ ପରୋକ୍ଷରେ ଜଳବାୟୁ ପରିବର୍ତ୍ତନ  ଇତ୍ୟାଦି । ଏବେ ଆମମାନଙ୍କୁ ଏହି ବିଷୟରେ ସଚେତନ ହୋଇ ସମାଧାନ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି ।

ଟୁନା ବାପାଙ୍କଠୁ ବି ମହୁମାଛି ବିଷୟରେ ଅବଗତ ହୋଇ ନିଜ ସାଙ୍ଗସାଥିମାନଙ୍କୁ ଜଣାଇଲା। ନିଜ ଛାତ ଉପରେ ଗୋଟିଏ ସୁନ୍ଦର ଫୁଲବଗିଚା ତିଆରି କଲା । ବଗିଚାରେ ଫୁଲ ଫୁଟିବା ପରେ ସେଠାରେ ପ୍ରଜାପତି, କଙ୍କି ଓ ମହୁମାଛି ଦେଖି ବହୁତ ବହୁତ ଖୁସି ହେଲା । ଆମେ ମଧ୍ୟ ଏହିପରି ଛୋଟ ବଗିଚା ସୃଷ୍ଟିକରି ପରିବେଶ ପାଇଁ ଗୋଟେ ଛୋଟ ଯୋଗଦାନ କରିପାରିବା ।

ସମରଝୋଳ, ଗଂଜାମ, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଗଛ ଲଗାଇବା ଆସରେ



ଶରତ ଚନ୍ଦ୍ର ଜାଲି

କୁନା, ମୁନା, ରୀନା, ସୁନା ଆସ ସବୁ ଆସରେ
ଗଛଟିଏ ଲଗାଇବା ଆମ ପରିବେଶରେ।
ଖାଲିସ୍ଥାନ ଦେଖି ଆମେ ପୋତିଦେବା ଗଛଟି
ସବୁଜ ସୁନ୍ଦର ହୋଇ ହସିବ ଏ ଧରଣି ।
ଯତନ ନେବା ତାହାର ସଂଜ ଆଉ ସକାଳେ
ଫୁଲ, ଫଳ ଭରିଦେବ ଆମକୁ ସେ ଅକାଳେ ।
ଦେବ ସେ ଶୀତଳ ଛାଇ, ନିର୍ମଳ ପବନ
ବର୍ଷା, ବୈଶାଖ, ବସନ୍ତେ ମହକିବ ଜୀବନ ।
ବଞ୍ଚିବାକୁ ଅମ୍ଳଜାନ ଦେବ ସିଏ ପରଶି
ଗ୍ରୀଷ୍ମବାସ କରିବାକୁ ଜଳ ଦେବ ବରଷି ।
ଗଛ ଥିଲେ ଏମଣିଷ ଆନନ୍ଦରେ ବଞ୍ଚିବ
ଏ ପ୍ରକୃତି ବୃକ୍ଷବିନା ଧ୍ୱଂସଲୀଳା ରଚିବ ।
ତେଣୁ ଗଛ କାଟିବାନି ଭାଙ୍ଗିବାନି ତା ଡାଳ
ଜଙ୍ଗଲ ସଂପଦେ ହୁଏ ପ୍ରାଣୀଙ୍କର ମଙ୍ଗଳ ।
ଗଛ ଲଗାଇବା ପାଇଁ ହେଳା କର ନାହିଁଟି
ସେ ଆମ ପରମବନ୍ଧୁ ସବୁଜନ୍ମ ପାଇଁଟି ।

ଗଛ ଲଗାଇବା ଅଟେ ମହାପୁଣ୍ୟ ମରତେ
ବୃକ୍ଷ ହିଁ ପୂଜ୍ୟନମସ୍ୟ ଏଇ ପୁଣ୍ୟ ଭାରତେ ।
ଆଳସ୍ୟ ପଛକୁ ଥୋଇ ଆସ ସନା, ନିତେଇ
ସବୁଜିମା କୋଳେ ଖେଳ ଦିନ ଦେବା ବିତେଇ।



ପଥର, ଖଲିକୋଟ, ଗଂଜାମ

# ପରଜାପତି



ସରୋଜ ସାହୁ

ଫୁଲେଫୁଲେ ବସେ ପରଜାପତି
ଗଛରୁ ଗଛ ସେ ଉଡିଯାଉଛି ।
ରଙ୍ଗରେ ସଜେଇ ହେଇଛି ଡେଣା
କେବେ ହୁଏନାହିଁ ସେ ବାଟବଣା ।
ଫୁଲରୁ ଯେତକ ଶୋଷଇ ରସ
ଘୂରିବୁଲେ ନିତି ହୋଇ ହରଷ ।
ଫୁଲ ସୁଗନ୍ଧରେ ସେ ମଜ୍ଜିଯାଇ
ବଗିଚ୍ଚକୁ ନିତି ଆସଇ ଧାଇଁ ।
ଡେଣାରେ ଭରିଛି ଏତେ ସେ ରଙ୍ଗ
ଅତର କୁକୁମ ନୁହେଁ ତା ସଙ୍ଗ ।
ରାଗ ଅଭିମାନ ନଥାଏ ତାର
ଫୁଲମାନେ ପର୍ ବେଶି ନଜର
ଘୃଣ୍ୟଜାତି ହୋଇ ଜନମ ନିଏ
ବଡ ହେଲେଭ୍ରି ଆଦର ପାଏ ।
ରଙ୍ଗବେରଙ୍ଗର ଜାତି ଅନେକ
ରୂପ ଦେଖି ଥକ୍କା ହାରେ ପଥିକ ।
ଛୋଟ ପିଲାଙ୍କର ସେ ସରଗଶଶୀ
କାନ୍ଦ ଭୁଲିଯାଇ ହୁଅନ୍ତି ଖୁସି ।
ରଙ୍ଗତୂଳୀ ଧରି ଆଙ୍କନ୍ତି ଛବି
ଫୁଲ ସୁଗନ୍ଧରେ ସାଜଇ କବି ।



ଆଠଗଡ, କଟକ

# ଚଳନ୍ତି ପ୍ରତିମା



ନୂତନ କୁମାର ବେହେରା

ପିତାମାତା ଅଟନ୍ତି
ଦେବାଦେବୀ ଚଳନ୍ତି ପ୍ରତିମା,
ତୁଳନୀୟ ନୁହେଁ ତ
କାହାସାଥେ ତାଙ୍କର ମହିମା।
ସେନେହ ମମତାର
ଅମୀୟ ଦିଅନ୍ତି ମୁଣ୍ଡେ ଢାଳ,
ଅଭୟ ଆଶ୍ରୟର
କୋଳେ ତାଙ୍କର ନଅନ୍ତି ତୋଳ।
ଆମର ହସଖୁସି
ପାଇଁ ସଦା କରନ୍ତି ପ୍ରାର୍ଥନା,
ଆଖି କୋଣେ ତାଙ୍କର
ଲୁଚଥାଏ କେତେ ସମ୍ଭାବନା।
ଦୁନଆଁଟା ଅନ୍ଧାର
ଲାଗେ ଆମକୁ ତାଙ୍କର ବିନା,
ତାଙ୍କରି ଲାଗି ଆମ
ପ୍ରତିଭା ବିକାଶ ହୁଏ ସିନା।
ବିପଦ ଆପଦରେ
ହୁଅନ୍ତି ଆମ ସହା ଭରସା,
ନ ଥାଏ କିଛି ସେଠି
କପଟତା କି ଛଳନା ମିଶା।

ପିତା ସ୍ୱର୍ଗଠୁ ବଡ
ମାଆ ସର୍ବଂସହା ଏ ଧରିତ୍ରୀ,
ସେବାରେ ଯେ ତାଙ୍କର
ଥିବା ଏ ଜୀବନ ଯାକ ବ୍ରତୀ।
କଲେ ତାଙ୍କୁ ଉପେକ୍ଷା
ଆମ ପାଇଁ ହୁଏ ମହାପାପ,
ଅଦୃଷ୍ଟରେ ଆମର
ପାଲଟି ଯାଏ ସେ ଅଭିଶାପ।
ତାଙ୍କ ଆଶିଷ ବିନା
ନାହିଁ କାହିଁ ଆମ ଗତି ମୁକ୍ତି,
ତାଙ୍କ ଶୁଭକାମନା
ଶରୀରେ ଦିଏ ଅମାପ ଶକ୍ତି।
ସନ୍ତୁଷ୍ଟ କଲେ ତାଙ୍କୁ
ସନ୍ତୁଷ୍ଟ ହୁଅନ୍ତି ଦେବାଦେବୀ,
ସେ ପୁଣ୍ୟ ଫଳେ ଆମ
ଆନନ୍ଦେ ନାଚ ଯାଏ ପୃଥିବୀ।
ତାଙ୍କ ଶ୍ରୀଚରଣରେ
ସଦା ଅବନତ କରି ମଥା,
ଆମେ ଜୀବନ ଯାକ
ମାନୁଥିବା ତାଙ୍କ ସତ୍ୟ କଥା।

କୋହି, ଗଡ଼ିଆ, ମୟୂରଭଞ୍ଜ

# ଅଭ୍ୟାସ ଓ ବିଶ୍ୱାସ



ତପନ କୁମାର ଦାଶ

ଗୋଟିଏ ଗଛରେ ଦୁଇଟି ପକ୍ଷୀ ବସା ବାନ୍ଧିଥିଲେ | କାଉ ଓ ବଗ | ଦୁହେଁ ଘନିଷ୍ଠ ବନ୍ଧୁ | ଦୁହେଁ ଦୁହିଁଙ୍କୁ ଅସୁବିଧା ବେଳେ ସାହାଯ୍ୟ ସହଯୋଗ କରନ୍ତି | ଯାହା ଆଣନ୍ତି ମିଳମିଶି ବାଣ୍ଟିକୁଣ୍ଟି ଖାଆନ୍ତି | କିନ୍ତୁ ଦୁଇଟି ଭିନ୍ନ ଶାଖାରେ ଦୁହିଁଙ୍କର ଅଲଗା ନୀଡ ଥାଏ | ଦୁହେଁ ଖୁସିରେ ଜୀବନ ଜାପନ କରୁଥାନ୍ତି |

କେତେ ଦିନ ଗଲା ପରେ ଦୁହେଁ ନିଜ ନିଜ ନୀଡ଼ରେ କେତୋଟି ଅଣ୍ଡା ଦେଲେ | କାଉ ଗ୍ଚରିଟି ଓ ବଗ ପାଞ୍ଚଟି | ବହୁତ ଖୁସିରେ ସେମାନେ ସ୍ନେହ ଶ୍ରଦ୍ଧାରେ ଅଣ୍ଡା ଗୁଡିକୁ ଯତ୍ନ କରି ଆଦର ରେ ରଖିଥାନ୍ତି | ସେମାନେ ଯେତେବେଳ ଖାଇବା ପାଇଁ କିମ୍ବା ଖାଦ୍ୟ ସଂଗ୍ରହ ପାଇଁ ଯାନ୍ତି ପାଳି କରି ଯାନ୍ତି | କାଉ ଗଲେ ବଗ ଜଗେ, ବଗ ଗଲେ କାଉ ଜଗେ |

ଏମିତି କେତେ ଦିନ ଗଲା ପରେ କାଉ ର ଗ୍ଚରିଟି ସୁନ୍ଦର ଛୁଆ ହେଲେ | କାଉ ପୁରା ଖୁସି| ବଗ ବି ଖୁସି | ଏଥର କାଉ ଖାଇବାକୁ ଗଲେ ବଗ ଜଗେ | ଭାରି ଯତ୍ନ କରେ ଛୁଆଗୁଡ଼ିକୁ| କିଛି ଖାଇବାକୁ ବି ଦିଏ | କାଉ ଆସିବା ପର୍ଯ୍ୟନ୍ତ ଜଗିରହେ | ନିଜ ଛୁଆ ଭାବି ପାଳେ |

ଏମିତି ବହୁତ ଦିନ ଗଡ଼ିଗଲା କିନ୍ତୁ ବଗର ଛୁଆପିଲା କିଛି ହେଲା ନାହିଁ | ବଗ ମନ ଭାରି ଦୁଃଖ | ଅଣ୍ଡା ଗୁଡିକ ଧିରେ ଧିରେ ନଷ୍ଟ ହେଇଗଲା | ବହୁତ ଆଶା ରଖିଥିଲା ଛୁଆ ହବ ସେ ମା ଡାକ ଶୁଣିବ | କିନ୍ତୁ ଭଗବାନ ବଡ଼ ନିଷ୍ଠୁର | କାହାକୁ ସୁଖ ତ କାହାକୁ ଦୁଃଖ ବାଣ୍ଟି କି ଦେଇଥାନ୍ତି |

ଏହା ମଧ୍ୟରେ କାଉର ଗର୍ବ ଅହଂକାର ବଢ଼ିଯାଇଥାଏ | ସେ ନିଜକୁ ବହୁତ ଭାଗ୍ୟବାନ ମନେକରେ | ବଗକୁ ଆଉ ଆଗଭଳି ଭଲ ପାଇଲା ନାହିଁ କି ଆଦର କଲା ନାହିଁ | ସବୁବେଳେ ଖାଦ୍ୟ ଆଣି ଏକୁଟିଆ ଛୁଆଙ୍କ ସାଥିରେ ଖାଇଦିଏ | ବିଚରା ବଗ ଖାଲି କାଉ ଛୁଆଙ୍କୁ ଜଗି ରହେ |

"ବଡ଼ ଦୁଖୀ ଅଭାଗୀ ଟା ବିଚାରି |"

କିନ୍ତୁ କାଉ ଛୁଆଙ୍କୁ ବହୁତ ସ୍ନେହ ଆଦର କରେ | ନିଜ ଛୁଆଙ୍କ ଭଳି ଭଲ ପାଏ | ଯତ୍ନ ନିଏ | ଅଳି ଅର୍ଦ୍ଦଳି ବୁଝେ | ସତେ ଯେମିତି ବଗ ତାଙ୍କ ମା | କାଉ ଠାରୁ ବି ଅଧିକ ସ୍ନେହ ଶ୍ରଦ୍ଧା କରେ ଛୁଆଗୁଡ଼ିକୁ |

ଛୁଆ ଗୁଡିକ ଧିରେ ଧିରେ ବଡ ହେବାରେ ଲାଗନ୍ତି | କାଉ ନଥିଲା ବେଳେ ବଗ ଛୁଆଙ୍କୁ ତଳେ ପକାଇ ଦେଉଥାଏ | ସେମାନେ ଉଡିବାକୁ ଚେଷ୍ଟା କରନ୍ତି କିନ୍ତୁ ଉଡିପାରନ୍ତି ନାହିଁ | ଏମିତି ସବୁବେଳେ ଅଭ୍ୟାସ କରାଉଥାଏ | କାଉ ଏସବୁ କିଛି ଜାଣୁ ନଥାଏ |

ଛୁଆଙ୍କୁ ତାଗିତ କରୁ ଥାଏ କୁଆଡେ ନଯିବାକୁ | ବସାରେ ଚୁପଚାପ ରହିବାକୁ | ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା ପାଇଁ | ଚିଲ ଶାଗୁଣା ପରି ହିଂସ୍ର ମାଂସାସୀ ପକ୍ଷୀ ଙ୍କ ଦାଉରୁ ରକ୍ଷା ପାଇଁ ସେ ପିଲାଙ୍କୁ ସର୍ବଦା ବୁଝାଏ |

ବଗ କିନ୍ତୁ ତାର ଅଭ୍ୟାସ ଜାରି ରଖିଥାଏ | କାଉ ଅନୁପସ୍ଥିତ ଥିବା ବେଳେ ଛୁଆଙ୍କୁ ତଳେ ପକାଇ ଲୁଚ ଲୁଚ ଅନୁଧ୍ୟାନ କରେ | ଏଥର ଛୁଆ ଗୁଡିକ ଟିକେ ବଡ ହେଲେଣି |ଟିକେ ଟିକେ ପର ହେଲାଣି | ଖଣ୍ଡି ଉଡା ବି ଦେଲେଣି | ବଗ ଦେଖି ବହୁତ ଆନନ୍ଦ ପାଏ |

ଏଇମିତି ନୀତିଦିନ ଚାଲେ | ଦିନେ ବଗ ଛୁଆଙ୍କୁ ଅଭ୍ୟାସ କରୁଥିବା ସମୟରେ କାଉ ହଠାତ ଆସି ସବୁ ଦେଖିଦିଏ | କାଉ ଆଉ ରାଗ ସମ୍ଭାଳି ନ ପାରି ବଗ କୁ ବହୁତ ଗାଳି ଦିଏ | ଆଉ ସେ ସ୍ଥାନ ଛାଡି ପଳେଇବାକୁ କୁହେ | ବିଚାର ବଗ ବହୁତ ନେହୁରା ହୁଏ,

ବୁଝାଏ କାନ୍ଦେ ଓ ଶେଷରେ ମନଦୁଃଖରେ ଛୁଆଙ୍କୁ ଶେଷଥର ପାଇଁ ଦେଖି ଟିକେ ଗେଲ କରି ଅନ୍ୟତ୍ର ପଳାଏ |

ଛୁଆମାନେ ଟିକେ ବଡ ହେଇଗଲେଣି | କାଉ ବି ସେମାନଙ୍କୁ ଛାଡି ଖାଦ୍ୟ ପାଇଁ ପାଖକୁ ଜାଏ ଓ ଶୀଘ୍ର ଗ୍ଭଲିଆସେ | ଦିନେ ଖାଦ୍ୟ ଅନ୍ୱେଷଣରେ କାଉ ବହୁତ ଦୁରକୁ ଗ୍ଭଲିଯାଏ | ହଠାତ କାଳବୈଶାଖୀ ମାଡି ଆସିଲା | କାଉ କରିବ କଣ ? ବୁଦ୍ଧିବାଟ ଦିଶୁନଥାଏ |

"ନୀଡ଼ରେ ଛୁଆଗୁଡା ଏକୁଟିଆ | ପ୍ରବଳ ବର୍ଷା ପବନ ଝଡ଼ ବାତ୍ୟା |" କାଉ ଯିବା ବି ଅସମ୍ଭବ ଏହି ବାତ୍ୟା କୁ ଭେଦି |

ଝଡ କମି ଅସିଲାରୁ କାଳବିଳମ୍ବ ନକରି କାଉ ଗ୍ଭଲିଲା ତା ବସା ଆଡକୁ | ଧଇଁ ସଇଁ ହୋଇ ଆସିଲା ବେଳକୁ ବସାଟିର ଅବସ୍ଥା ସଂଘାତିକ | ଆଉ ଗଛରେ ନାହିଁ | ବର୍ଷା ପବନ ର ତାଣ୍ଡବ ରେ ଛିନ୍ନ ହୋଇ ତଳେ ପଡି ଯାଇଛି | ଛୁଆଙ୍କର ଦେଖା ନାଇଁ | କଏ କୁଆଡେ ଦିଶୁନାହାନ୍ତି | ଗଛରେ ଅଖ ପାଖରେ ସମସ୍ତଙ୍କୁ ପଗ୍ଭରିଲା କିନ୍ତୁ କୌଣସି ଉତର ପାଇଲା ନାହିଁ | ଭାଗ୍ୟକୁ ଆଦରି ବହୁତ ଡାକିଲା ଛୁଆଙ୍କୁ | କାନ୍ଦିଲା ବହୁତ | ଅସହାୟ ଅବସ୍ଥାରେ ବଗ କଥା ମନେ ପକାଇଲା | ଯଦି ବଗ ଥାନ୍ତା ଆଜି ମୋ ଛୁଆ ମାନେ ସୁରକ୍ଷିତ ନିଶ୍ଚୟ | ନିଜକୁ ବହୁତ ଧିକାରିଲା |

କିଛି ସମୟ ପରେ ଚଂ ଚଂ ଶବ୍ଦ କିଛି ଶୁଣାଗଲା | ସେଇ ଦିଗକୁ କାଉ ଯାଇ ଦେଖେତ ଛୁଆ ଗୁଡାକ ଗୋଟିଏ ଛୋଟ ଗଛ ଡାଳରେ ବସି କାନ୍ଦୁଥିଲେ | କାଉର ଆନନ୍ଦ ର ସୀମା କହିଲେ ନସରେ | ସଂଗେ ସଂଗେ ଯାଇ ସେମାଙ୍କୁ କୁଣ୍ଢେଇ ପକେଇଲା | ଛୁଆଗୁଡ଼ିକ ମଧ୍ୟ ମାଙ୍କୁ ଦେଖି ବହୁତ ଖୁସି | କିନ୍ତୁ କାଉ ବୁଝି ପାରୁନାଥାଏ ଏ ଚମତ୍କାର ସମ୍ଭବ କିପରି ? ଛୁଆ ଗୁଡିକ ଡାଳରେ କିପରି |

ପଗ୍ଭରିଲାରୁ ଛୁଆଗୁଡ଼ିକ କହିଲେ, "ବଗ ମାଉସୀ ଆମକୁ ଉଡେଇବା ଶିଖେଇଥିଲେ | ପବନରେ ଆମେ ତଳେ ପଡ଼ିଗଲୁ | କିନ୍ତୁ ବହୁତ ଚେଷ୍ଟା କରି ଏହି ଗଛକୁ ଉଡି

ଆସିପାରିଲୁ | ସତରେ ମା ଆମେ ବଗମାଉସି ପାଇଁ ଆଜି ବଂଚଗଲୁ | ତାଙ୍କ ଅଭ୍ୟାସ ଆଜି ଆମକୁ ସାହସ ଓ ସହଯୋଗ ପ୍ରଦାନ କଲା |"

କାଉଟିର ଲାଜରେ ମୁହଁ ତଳକୁ ହେଇଯାଉଥାଏ | ବହୁତ ପଶ୍ଚାତାପ, ଅନୁତାପ କଲା | ବଗକୁ ବହୁତ ଖୋଜିଲା | କନ୍ତୁ ଆଉ ପାଇଲା ନାହିଁ | ବହୁତ ଦୁଃଖରେ ବଗ କଥା ମନେ ପକେଇ ରହିଲା | ମନେ ମନେ ଭାବୁଥାଏ,"ସମସ୍ତଙ୍କୁ ଭଗବାନ ବଗ ଭଳ ଉପକାରୀ ସାଂଗ ଦିଅନ୍ତୁ | ବଗର ଋଣ କେବେ ସୁଜି ପାରିବିନ |"

ସତରେ ବଗ ପ୍ରମାଣ କରି ଦେଖେଇଦେଲା:

"ଅଭ୍ୟାସ ବଳେ ଶିଶୁ ଯଥା
କହଇ କ୍ରମେ କହି କଥା |"

"ଆଉ କଛି ସତ୍ୟତା ନ ପରଖି ନଜାଣି ଅନ୍ୟକୁ ଅବିଶ୍ୱାସ କରିବା ବି ଏକ ଅପରାଧ ହୋଇଥାଏ |"

ଶିକ୍ଷକ, ଥୁ ରାମପୁର, କଳାହାଣ୍ଡି

ବେଦାନ୍ତୀ ର ୱେବସାଇଟ୍ ରେ ଆପଣମାନଙ୍କ ପୁସ୍ତକ କିମ୍ବା ଅନ୍ୟ
କୌଣସି ବିଷୟରେ ବିଜ୍ଞାପନ ଦେବାପାଇଁ ସଂପର୍କ କରନ୍ତୁ
ଦୂରଭାଷ – ୯୫୯୪୯୯୩୭୩୩ / 9594993733

# ଶିଶୁ ସଙ୍ଗୀତ





ଅମରନାଥ ବାରିକ

ମାଙ୍କଡ଼ କହିଲା ଗଧିଆ ଭାଇ ହୋ
କୁଆଡ଼େ ଯାଉଛ ଶୁଣ,
ସମସ୍ତେ କୁହନ୍ତି ତମ ପାଖେ ଗୋଟେ
ଅଛି କାଳେ ଭଲ ଗୁଣ ।

ଯେତେ ଯାହା ଦେଲେ ଲଦି ତମପରେ
ନେଇ ଯାଅ ହସି ହସି,
କଳି ଦ୍ୱନ୍ଦ କିଛି କର ନାହିଁ ତମେ
ବସ ନାହିଁ କେବେ ରୁଷି ।

ଆଜି ମୋର ମନ ବଳିଅଛି କିଆଁ
ମାମୁଁ ଘର ଯିବା ପାଇଁ,
ବାଘ ମାମୁଁ ମତେ ଚାହିଁ ବସିଛନ୍ତି
ସାଙ୍ଗରେ ବାଘୁଣି ମାଇଁ ।

ତମ ପିଠିପରେ ବସେଇ ମତେ ଗୋ
ନେଇ ଟିକେ ଛାଡ଼ି ଦିଅ,
ବଦଳରେ ତୁମେ କଅଣ ଚାହୁଁଛ
ଦେବି ମତେ ଟିକେ କୁହ ।
ଗଧିଆ କହିଲା ମାଙ୍କଡ଼ ନନା ହୋ
ଶୁଣ ଟିକେ ଦେଇ ମନ,

ଗଧ ଜନମଟା ପାଇଥାଇ ପାରେ
କିନ୍ତୁ ଅଛି ଅଳ୍ପ ଜ୍ଞାନ ।

ତୁମେ କି ଭାବୁଛ ନିଜକୁ ଚାଲାଖ
ମୋର ଟିକେ ବୁଦ୍ଧି ନାହିଁ,
କୁମ୍ଭୀର ଭଳିଆ ଠକିଦେଇ ମତେ
ବାଘ ମୁହେଁ ଦେବ ନେଇ।

କହୁଥିଲେ ମତେ ବିଲୁଆ ମଇନେ
ଯାଇଥିଲ ତମେ ବୁଲି,
ବାଘ ମାମୁଁ ସଙ୍ଗେ ଭେଟ ହେଇ ଗଲା
ଜଙ୍ଗଲରେ ପୁଣି କାଲି ।

ବାଘୁଣି କହିଲା ଖାଇବ ତମକୁ
ନରମ ଶରୀର ଦେଖି,
ଆସିଅଛ ଦେଇ କଥା ସେମାନଙ୍କୁ
ମତେ ନେବ ବୋଲି ଡ଼ାକି ।

ଛକି ଶୁଣୁଥିଲେ ବିଲୁଆ ମଇନେ
ଆସି କହିଦେଲେ ମତେ,
ଆଜି ମୁଁ ଦେଖୁଛି ମାଙ୍କଡ଼ ନନା ହେ
ତମେ ଧୋକାବାଜ କେତେ ?

# ଉଡ଼ିବ ବିଜୟବାନା



ରାମ ଚନ୍ଦ୍ର ପ୍ରଧାନ

କାଶିଆ କପିଳା ରଘୁଆ ସନା,
ମିଛଟାରେ କାହିଁ କର ବାହାନା ।
ବାହାରେ ଏବେ ତ ବୁଲିବା ମନା,
ବୁଲାବୁଲି କଲେ ହେବ କରୋନା ।
ଅମାନିଆ ହୋଇ ଦୁଷ୍ଟ ହୁଅନା,
ଅଯଥା ସମୟ ନଷ୍ଟ କରନା ।
କରୋନା ରୋଗକୁ ଜମା ଡରନା,
ଘରେ ରହିଲେ ସେ ପାଖ ମାଡ଼େନା ।
ସାଙ୍ଗସାଥି ସହ ବେଶି ମିଶନା,
ଅଜଣା ଲୋକଙ୍କୁ ଜମା ଛୁଅଁନା ।
ସଫାରେ ରୁହ ନ କରି ଅସନା,
ବଦଳାଇ ଦିଅ ନିଜ ଭାବନା ।
ବଡ଼ ସାଙ୍ଘାତିକ ରୋଗ କରୋନା,
ଯାହାର ଉତ୍ପତ୍ତି ସ୍ଥାନ ଚାଇନା ।
ନିୟମ ମାନୁଛି ଆମ ଗାଁ କୁନା,
ତୁମେ ବି ମାନ ହୋଇ ସବୁ ସୁନା ।
ଦୃଢ଼ମନା ପିଲା କେବେ ହାରେନା,
ଏକଥା କୁହନ୍ତି ମୁନା ଭାଇନା ।
ତୁମକୁ ମୁଁ କେବେ ମିଛ କୁହେନା,
ମାନିଲେ ଉଡ଼ିବ ବିଜୟବାନା ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ବାଲ୍ୟକାଳ

ଗୁପ୍ତେଶ୍ୱର ନନ୍ଦ

ବାଲ୍ୟକାଳ ପର୍ ଅଟେ
କୁଣ୍ଡ ମଧୁ ଭର୍
ଥରେ ଗଲେ ଏ ସମୟ
ନ ଦିଅଇ ଧର୍ ।
ମୁକ୍ତ ହୋଇ ସଦାବେଳେ
ବଞ୍ଚିବାକୁ ଗ୍ଭହେଁ ।
ପଞ୍ଜୁରୀ ଶୁଆକୁ ଦେଖି
ଭ୍ୱରି କଷ୍ଟ ପାଏ ।
ହିଂସା, ଲୋଭ, ଅହଂକାର
ମୋତେ ଛୁଏଁ ନାହିଁ
ଲାଜ, ଡର ଆଦି କଛି
ମୋର ପାଖେ ନାହିଁ ।
ଯେତେ ବେଳେ ଯାହା ମୁହିଁ
କରିବାକୁ ଗ୍ଭହେଁ
ସେତେବେଳେ ତାହାକରି
ଖୁସି ସଦା ଥାଏଁ ।
ସାଙ୍ଗସାଥି ମେଳେ ପୁଣି
ବାଇଘର ତୋଳେ
ସ୍ୱର୍ଗ ସୁଖ ମୋତେ ପର୍
ମିଳେମାଆ କୋଳେ ।

ଥଟ୍ଟା, ମଜା, କରି ମୁହିଁ
କେତେ ଖେଳଥାଏ
ବାପା, ମାଆ ବାଧା ଦେଲେ
ମୁହିଁ ରଷି ଯାଏ ।
କେତେବେଳେ ଅଳ କରେ
ହୁଏ ପୁଣି ସୁନା
ନ ଜାଣଇ କାହିଁ ପାଇଁ
ଅଟେ ଆନ ମନା ।
ଭଲ କଣ ମନ୍ଦ କଣ
ମୋତେ ଜଣା ନାହିଁ
ମନ୍ଦ ଛାଡି ଭଲ ଗୁଣ
ଦିଅ ଆହେ ସାଇଁ ।

ଶଙ୍କର୍, ବିନକା, ସୋନପୁର

# କରୋନାକୁ କର- ନା



ପୁଷ୍ପଲତା ବେହେରା

କରୋନା ରାକ୍ଷସ ନୁହେଁ ସାମାନ୍ୟ,
କାୟା ବିସ୍ତାରୁଛି ଦିନକୁ ଦିନ ।
ନଡରି ଲଢିବା ଏହି ଲଢେଇ,
ଡରିଲେ ଅଧିକ ଦେବ ଡରାଇ ।
ତ୍ୟାଗ ବିନା ଜିତି ହେବନ ଯୁଦ୍ଧ,
ସଂଜମ ସହ ଲୋଡା ସଂଘରୋଧ ।
ଘରେ ରହିବାକୁ ପଣ କରିବା,
ତେବେ ଯାଇ ଆମେ ସୁସ୍ଥ ରହିବା ।
ଜରୁରୀ କାମରେ ବାହାର ଗଲେ,
ମାସ୍କ ନଶ୍ଚୟ ପିନ୍ଧିବା ଭଲେ ।
ବାହାରୁ ଫେରିଣ ଧୋଇବା ହାତ,
ସ୍ୱଚ୍ଛତା ଉପରେ ଦେବା ଗୁରୁତ୍ୱ ।
ସରକାରୀ ନୟମକୁ ମାନବା,
କରୋନା ଯୋଦ୍ଧାଙ୍କୁ ସମ୍ମାନ ଦେବା ।
ରୋଗ ନଲୁଗାଇ ହେଲେ ସଚେତନ,
ରୋକ ପାରିବା ଗୋଷ୍ଠୀ ସଂକ୍ରମଣ ।
ରଖିବା ଯେବେ ସାମାଜିକ ଦୂରତ୍ୱ,
କରୋନାର ନଶ୍ଚେ ହୋଇବ ଅନ୍ତ ।



ରାଉରକେଲା, ଓଡିଶା

# ବରଷା କଥା



ସତ୍ୟବ୍ରତ ସାହୁ

ବରଷା ଋତୁ ଆସିଛି ବୋଲି
ଟୁପୁରୁଟୁପୁ ବରଷା ପଡି କାଦୁଅ ରାସ୍ତା ଘାଟ,
ସ୍କୁଲ୍ କେବେଠୁ ଗଲାଣି ଖୋଲି
ବରଷା ନିତି ହେଉଛି ବୋଲି ସ୍କୁଲ୍ ଯିବାଟା କଷ୍ଟ ।୧।
ବିରକ୍ତ ହୋଇ କହେ ସପନା ଜେଜେ ଗୋ
ଜେଜେ କହିଦିଅନା ବର୍ଷା କାହିଁକି ହୁଏ?
ନଇତି ନିତି ହୁଅଇ ବର୍ଷା ଆକାଶରେ
କ ପାଣିର ବସା ପାଣି କେମିତି ରହେ ? ।୨।
ପାଣିର ଧର୍ମ ତଳକୁ ଧାଏଁ ଆକାଶେ ପାଣି
କେମିତି ଥାଏ ବୁଝାଇ କୁହ ମୋତେ,
ଏମିତି କହୁଛି ଶୁଣିନ କାହିଁ ଏବେ
ଯା ସବୁ ଦେଖୁଛି ମୁହିଁ ବିଚିତ୍ର ଲାଗେ ସତେ ।୩।
କହିଲେ ଜେଜେ କଥାଟି ମଜା ଆରେ ନାତିଆ
ମନେ ରଖିଥା କହୁଛି ବର୍ଷା କଥା,
ଗ୍ରୀଷ୍ମ ଋତୁର ଖର ଉତ୍ତାପ ଜାଣିଥିବୁଟି
କେତେ ଅଧିକ ସେହିଟି ବର୍ଷା ପିତା ।୪।
ସୂର୍ଯ୍ୟ ଆଲୋକ ପଡିଲେ ଜଳେ ଜଳ ଉଠଇ ବାଷ୍ପ
ଆକାରେ ଆକାଶେ ଉଡିବୁଲେ,
ସେ ବାଷ୍ପ ସବୁ ହୋଇ ଏକାଠି ଘନୀଭୁତ ବି ଯାଆନ୍ତି
ହୋଇ ବାୟୁ ଶୀତଳ ହେଲେ ।୫।
ବାଷ୍ପ ହୋଇଲେ ଘନୀଭୁତ ବଦଳ ଯାଏ ତାହାର
ରୂପ ହୋଇଯାଏ ସେ ପାଣି,
ଆକାଶେ ଆଉ ପାରେନା ରହି ତଳକୁ ତାହା
ଆସଇ ବହି ତା ନାମ ବର୍ଷା ଜାଣି ।୬।
ଏମିତି ଆସେ ବରଷା ମାସ ବଡ ଶ୍ରେଣୀରେ
ପଢିଲେ ପାଠ ଜାଣିବୁ ଆଉକେତେ,
କହ ସପନା ଜେଜେ ଗୋ ଜେଜେ କଥାଟି ସିନା
ନହାତି ମଜା ଭୁଲିବି ନାହିଁ ମୋଟେ ।୭।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ଚିତ୍ର



ରିୟାନ୍ସ ପଣ୍ଡା



ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ, ବାଙ୍ଗାଲୋର

# ବିଦେଶ ଖବର

## କରୋନା କଟକଣା ଭିତରେ ବାହାରିନରେ ରଥଯାତ୍ରା ପାଳିତ !

ଚଳିତବର୍ଷ କରୋନା କଟକଣା ମଧ୍ୟରେ ବାହାରିନରେ ଓଡ଼ିଆ ସମାଜ ପକ୍ଷରୁ ରଥଯାତ୍ରା ପାଳିତ ହୋଇଛି। ପ୍ରତିବର୍ଷ ମାନାମାସ୍ଥିତ ଶ୍ରୀକୃଷ୍ଣ ମନ୍ଦିର ପରିସରରେ ୫୦୦୦ରୁ ଅଧିକ ଭକ୍ତ ପବିତ୍ର ରଥ ଦଉଡ଼ି ଟାଣି ଏହି ଯାତ୍ରା ପାଳନ କରିଥାନ୍ତି। ଏ ବର୍ଷ କରୋନା ମହାମାରୀ ପାଇଁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଯୋଗୁଁ ବାହାରିନ ଓଡିଆ ସମାଜର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ଅରୁଣ କୁମାର ପ୍ରହରାଜଙ୍କ ବାସଭବନରେ ସମସ୍ତ ପାରମ୍ପରିକ ରୀତିନୀତିରେ ରଥଯାତ୍ରା ପାଳିତ ହୋଇଥିଲା।

ଏହି ପବିତ୍ର ଉତ୍ସବରେ ଡକ୍ଟର ପ୍ରହରାଜଙ୍କ ପରିବାର ସଦସ୍ୟଙ୍କ ସମେତ ସୀମିତ ଭକ୍ତ ସାମିଲ ହୋଇଥିଲେ। ଏହି ଉତ୍ସବରେ ସାମିଲ ହୋଇଥିବା ସମସ୍ତଙ୍କ ଭକ୍ତଙ୍କର କରୋନା ସ୍କ୍ରିନିଂ ମଧ୍ଯ କରାଯାଇଥିଲା।

ଗତ ୨୩ ବର୍ଷ ଧରି ବାହାରିନ ଇସ୍କନ ମନ୍ଦିର ସହ ମିଶି ଓଡ଼ିଆ ସମାଜ ରଥଯାତ୍ରା ପାଳନ କରିଆସୁଛି। ଏହି ବର୍ଷ କନ୍ତୁ ମାରାତ୍ମକ କରୋନା ମହାମାରୀ ମୋଗଲ ଆକ୍ରମଣ ସମୟରେ ଆମେ ଯାହା ସାମ୍ନା କରିଥିଲୁ ସେହିପରି ପରିସ୍ଥିତି ସୃଷ୍ଟି କରିଥିଲା। ସେଥିପାଇଁ ଆମକୁ ଏ ବର୍ଷ ସମସ୍ତ ରୀତିନୀତିକୁ ଅତି ସତର୍କତାର ସହିତ ଏବଂ ସୀମିତ ଭକ୍ତଙ୍କ ଉପସ୍ଥିତିରେ କରିବାକୁ ପଡିଲା। ତଥାପି ଏ ବର୍ଷ ରଥଯାତ୍ରା ପାଳନ ପାଇଁ ସୁଯୋଗ ଦେଇଥିବାରୁ ମୁଁ ବାହାରିନ ଇସ୍କନ ମନ୍ଦିର ଓ ସରକାରଙ୍କୁ ଧନ୍ୟବାଦ ଜଣାଉଛି" କହିଛନ୍ତି ଡକ୍ଟର ଅରୁଣ କୁମାର ପ୍ରହରାଜ।

ସେହିପରି ସାଢେ ୪ କୋଟି ଓଡ଼ିଆଙ୍କ ଭାବାନାକୁ ସମ୍ମାନ ଜଣାଇ କୋଭିଡ କଟକଣା ଭିତରେ ପୁରୀରେ ରଥଯାତ୍ରା ପାଳନ ପାଇଁ ଅନୁମତି ଦେଇଥିବାରୁ ଡକ୍ଟର ପ୍ରହରାଜ ମୋଦୀ ସରକାର ଏବଂ ସୁପ୍ରିମ କୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପରମ୍ପରାକୁ ବଜାୟ ରଖିବା ପାଇଁ ଓଡ଼ିଶା ସରକାର ଓ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପ୍ରୟାସ ଯୋଗୁଁ ସେ ତାଙ୍କ ନିକଟରେ ମଧ୍ଯ କୃତଜ୍ଞତା ଜଣାଇଛନ୍ତି।

ଇସ୍କନ ବାହାରିନ ନିଜ ନେଟୱାର୍କ ମାଧ୍ୟମରେ ଏହି ଇଭେଣ୍ଟର ବିଶ୍ୱବ୍ୟାପୀ ଅନଲାଇନ୍ ଟେଲିକାଷ୍ଟର ବ୍ୟବସ୍ଥା କରିଥିଲା ଏବଂ ଏହା ସମସ୍ତ ଭକ୍ତଙ୍କ ପାଇଁ ଏକ ଆନନ୍ଦଦାୟକ ମୁହୂର୍ତ୍ତ ଥିଲା।

ଭଜନ, କୀର୍ତ୍ତନ, ଛପନ ଭୋଗ, ମହାପ୍ରସାଦରେ ଏହି ପବିତ୍ର କାର୍ଯ୍ୟକ୍ରମ ଦିନସାରା ଜାରି ରହିଥିଲା। ପୂଜା ପରେ ପ୍ରଭୁ ଜଗନ୍ନାଥ ଭାଇ ଭଉଣୀଙ୍କୁ ଧରି ଇସ୍କନ ମନ୍ଦିରକୁ ଫେରିଥିଲେ। ଡକ୍ଟର ପ୍ରହରାଜ ଓ ତାଙ୍କ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସୁବାସ ସାହୁ, ରମେଶ ପାଣିଗ୍ରାହି, ହିମାଂଶୁ ତାଲଡି ବିଶ୍ୱକୁ କରୋନା ମୁକ୍ତ କରିବାକୁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।









# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୭/୨୦୨୦ | ବାହୁଡା ଯାତ୍ରା |
| ୦୨/୦୭/୨୦୨୦ | ରଥ ଉପରେ ସୁନାବେଶ |
| ୦୩/୦୭/୨୦୨୦ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୦୫/୦୭/୨୦୨୦ | ବ୍ୟାସ ପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା |
| ୦୯/୦୭/୨୦୨୦ | ମନସା ପଞ୍ଚମୀ |
| ୧୬/୦୭/୨୦୨୦ | ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, କାମଦା ଏକାଦଶୀ ଉପବାସ |
| ୧୯/୦୭/୨୦୨୦ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୨୦/୦୭/୨୦୨୦ | ଚିତାଲାଗି ଅମାବାସ୍ୟା, ଗୃହିଣୀ, ଶ୍ରୀମନ୍ଦିରରେ ଚନ୍ଦ୍ରକ ପର୍ବ |
| ୨୨/୦୭/୨୦୨୦ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ |
| ୨୪/୦୭/୨୦୨୦ | ଜାଗ୍ରଦଗୌରୀ ପଞ୍ଚମୀ |
| ୨୯/୦୭/୨୦୨୦ | ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରାରମ୍ଭ |
| ୩୦/୦୭/୨୦୨୦ | ହରିଶୟନ ଏକାଦଶୀ ଉପବାସ, ଲକ୍ଷ୍ମୀନାରାୟଣ ବ୍ରତ |
| ୩୧/୦୭/୨୦୨୦ | ବିଷ୍ଣୁ ପବିତ୍ରାରୋପଣ ଓ ଗରୁଡ ଶୟନ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ଜେଜେ କରିଥିଲେ ଶଗଡ ଗାଡି
ରଜ ଛୁଟି ହେଲେ, ବୋଉ ସଂଗେ ମିଶି
ମାମୁଁଘର ଯାଉ ସେ ଗାଡି ଚଢି
ହେଲେ ବି ପୁରୁଣା ଗାଡି,
ଆଜି ବି ପୁରୀ ରେ ଠାକୁରଙ୍କ କାଠ
ଆସୁଛି ଶଗଡ ଚଢି ॥

**ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର**

ଖରା, ବର୍ଷା, ଶୀତ ଅବା ନୀଶିଥ ର ପ୍ରହର,
ମୁକ ପଶୁ ସେଦିନ ବୋହୁଥିଲା ବୋଝ ମଣିଷର।
ଆଜିର ଯାନ୍ତ୍ରିକ ଯାନ ସିନା ବିଜ୍ଞାନ ର କୁହୁକ,
ହେଲେ, ଶାନ୍ତି ହୀନ ଜୀବନରେ ଭରିଦେଲା ଖାଲି ଧାଁ-ଧଉଡ଼ ।
'ସେଦିନ' ଆଉ 'ଆଜି' ର ଲମ୍ବା ରାସ୍ତା ରେ
ଗୁଲୁ ଗୁଲୁ ମନେପଡେ 'ମାଗୁଣି ର ଶଗଡ'।

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

କାହା ଘରେ ଜଳେ ଗ୍ୟାସ୍ ରେ ଚୁଲି
ଆଉ କାହା ଘରେ କାଠ
ଲକଡାଉନ୍ ପାଇଁ ଗାଁ ଶୁନଶାନ୍
କେହି ନାହିଁ ବାଟେ ଘାଟେ
ଏ ଶୁଖିଲା କାଠ ଘରେ ପହଞ୍ଚିଲେ
ଘରଣୀ ରାନ୍ଧିବ ମୁଠେ

ଯୁଗରାଜ କୁଦେଇ, ଇଚ୍ଛାପୁର, ଡୁଙ୍ଗୁରିପାଲି, ସୋନପୁର

ଶଗଡ଼ଗାଡ଼ି ଅଲୋଡ଼ା ହରି । ଯାନବାହାନ ଗଲାଣି ଭରି ।।
ବଳଦ-ବଳ ପ୍ରବଳ ସିନା । ମାନବ ବୁଦ୍ଧି ଦଶମଗୁଣା ।।
ବୁଦ୍ଧି ଆଗେ ବଳ ଅକର୍ମଣ୍ୟ । ନର କାହିଁକି ବିବେକ ଶୂନ୍ୟ ।।
ଧନ୍ୟରେ ଧନ୍ୟ ଧିକ୍ ଜୀବନ । ପଶୁଠୁ ହୀନ ଜୀବନ ମାନ ।।

ଚନ୍ଦ୍ର ଶେଖର ଗୋ, କର୍ଲାଖମାର, ନୂଆପଡ଼ା ଓଡ଼ିଶା

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**